[illegible]

౧౦

Digitized by srujanika@gmail.com

౧౦

Digitized by srujanika@gmail.com

ସୂଚୀପତ୍ର

୧.	ସଂପାଦକୀୟ	*ବାଉରୀ ବଂଧୁ କର*	୧
୨.	60 to 70 : Only a Short Run	*Sashibhusan Rath*	୪
୩.	ଆତ୍ମକଥନ - ୨		୯

ନିବନ୍ଧର ଲାଳିତ୍ୟ

୪.	ଅଶ୍ରୁତ ସ୍ୱର		୨୧
୫.	କ୍ରୀତଦାସର ସ୍ୱପ୍ନ	*ଚିତ୍ତରଂଜନ ଦାସ*	୨୭
୬.	ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥଙ୍କ ରଚନା ଶୈଳୀ	*ଡକ୍‌ଟର ସୁରେଶ ଚନ୍ଦ୍ର ଦାଶ*	୩୩

ରସୋତ୍ତୀର୍ଣ୍ଣ ରଚନା

୭.	ହୋ ଭଗତେ		୪୧
୮.	ଗଦ୍ୟନୁହେଁ - ଖାଣ୍ଟି କବିତା !	*ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା*	୪୯
୯.	'ଅଭିନବ ଗୀତଗୋବିନ୍ଦ'	*ରାଜକୃଷ୍ଣ ମହାନ୍ତି*	୫୦
୧୦.	ଭାଷାଭାବର ଏ ଚାରୁ ମନ୍ଦିର	*ଜାନକୀ ବଲ୍ଲଭ ମହାନ୍ତି*	୫୧

ଜୀବନର ଉଜ୍ଜ୍ୱଳ ଗ୍ରନ୍ଥ

୧୧.	ସାହିତ୍ୟ ଶିକ୍ଷୀ ଚନ୍ଦ୍ରଶେଖର ସ୍ମୃତି-ସତ୍ତା-ଭବିଷ୍ୟତ	*ଦାଶରଥି ଦାସ*	୫୨
୧୨.	ଚନ୍ଦ୍ରଶେଖର - ଏକ ଅନନ୍ୟ ପ୍ରତିଭା	*ଡ଼ଃ ରେଖା ମହାନ୍ତି*	୫୭
୧୩.	ଔପନ୍ୟାସିକ ଚନ୍ଦ୍ରଶେଖର ରଥ	*ଡଃ ଅଶୋକ କୁମାର ଦାସବାବୁ*	୬୫

Digitized by srujanika@gmail.com

ଗଳ୍ପ ପରିସୀମା

୧୪. ଅଶ୍ୱାରୋହୀ ୬୯
୧୫. ସବୁଠାରୁ ଦୀର୍ଘ ରାତିରେ ଚନ୍ଦ୍ରଶେଖରଙ୍କ ଗଳ୍ପମାନସ — *ଡ଼ଃ କୃଷଚନ୍ଦ୍ର ପ୍ରଧାନ* ୭୯
୧୬. ବିକ୍ରି ପାଇଁ ଫୁଲମାନ ଓ ସ୍ରଷ୍ଟା ଚନ୍ଦ୍ରଶେଖର ରଥ — *ଡ଼ଃ ପ୍ରସନ୍ନ କୁମାର ସ୍ୱାଇଁ* ୯୩

ଚାରୁ ବାର୍ତ୍ତା

୧୭. ଓଡ଼ିଆ ସଂସ୍କୃତିର ଅତୀତ ଓ ବର୍ତ୍ତମାନ ୧୧୧
୧୮ Swami Vivekananda's Concept of Harmony Prospects and Problems ୧୩୫
୧୯. ପଣ୍ଡିତ ନୀଳକଣ୍ଠ ସ୍ମୃତି ସଭା ଭାଷଣ ୧୩୯
୨୦. ବକ୍ତା ଚନ୍ଦ୍ରଶେଖର ରଥ — *ଡ଼ଃ ପୁଷ୍ପାଞ୍ଜଳି ସାମନ୍ତରାୟ* ୧୪୪

ସାକ୍ଷାତ୍କାର

୨୧. ଗଳ୍ପ ଧର୍ମ ଓ ଗାଳ୍ପିକ — *'ନବଲିପି'* ୧୪୮
୨୨. ଆତ୍ମପ୍ରକାଶ : ଏକ ସୃଜ୍ଯ ଧର୍ମ — *ବାଉରୀବନ୍ଧୁ କର ଓ ନବକିଶୋର ମିଶ୍ର* ୧୫୩
୨୩. Serving the Flow — *Andhra Pradesh Times* ୧୬୧

ଅନ୍ତରଂଗ ସ୍ୱର

୨୪. A Discreet Enquiry — *Gopinath Mohanty* ୧୬୫
୨୫. ଅଭିନନ୍ଦନ — *ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ* ୧୬୬
୨୬. ମୁଁ ମୁଗ୍ଧ ପାଠକ କହୁଛି — *ସଦାନନ୍ଦ ନାୟକ* ୧୬୮

Digitized by srujanika@gmail.com

୨୭. ପୌରୁଷ ଓ ପ୍ରତିଭା — *ପ୍ରଫେସର ଖଗେଶ୍ୱର ମହାପାତ୍ର* — ୧୭୬
୨୮. ଉତ୍ତୀର୍ଣ୍ଣ ସଂଧିକାଳ — *ତାରାକାନ୍ତ ନାୟକ* — ୧୭୮
୨୯. ସାରଙ୍କ ସହିତ ମୋର ପରିଚୟ — *ବିଜୟ ମହାପାତ୍ର* — ୧୮୦
୩୦. ଚନ୍ଦ୍ରଶେଖର ରଥ ଏକ ଅନନ୍ୟ ପ୍ରତିଭା — *ଡ଼ଃ ଗୌରାଙ୍ଗ ଚରଣ ନାୟକ* — ୧୮୪
୩୧. ଅମରତ୍ୱର ଅଭିଶାପ — *ଅଶ୍ୱିନୀ କୁମାର ମିଶ୍ର* — ୧୮୬
୩୨. ଦୁଃଖୀଧନ ବନାମ ସତ୍ୟକାମ — *ବିଶ୍ୱରଂଜନ* — ୧୮୯
୩୩. ଭାବକୁ ଭଣତି — *ଶ୍ରୀନିବାସ ବେହେରା* — ୧୯୦
୩୪. ମୁଁ ହଜିଯାଇଛି — *କ୍ଷୀରୋଦ ଦାସ* — ୧୯୧

ପ୍ରଶସ୍ତି

୩୫. National Academy of Letters Award 1997 — ୧୯୨
୩୬. ଓଡ଼ିଶା ସାହିତ୍ୟ ଏକାଡେମୀ — ୧୯୩
୩୭. ବିଷୁବ ମିଳନ — ୧୯୪
୩୮. ପ୍ରଶଂସା ପତ୍ର - ପ୍ରଜାତନ୍ତ୍ର ରଜତ ଜୟନ୍ତୀ — ୧୯୪
୩୯. ଶାରଳା ପୁରସ୍କାର - ୧୯୮୧ — ୧୯୫
୪୦. ମାନପତ୍ର - ସମ୍ବଲପୁର ବିଶ୍ୱବିଦ୍ୟାଳୟ — ୧୯୬
୪୧. ମାନପତ୍ର - ରାଜଧାନୀ ନୀଳଶୈଳ — ୧୯୯
୪୨. ମାନପତ୍ର - ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ — ୨୦୦
୪୩. ମାନପତ୍ର - ଧରିତ୍ରୀ — ୨୦୧

❑ ❑ ❑

Digitized by srujanika@gmail.com

Publisher :
Smt. Charubala Rath
A/32, N - 1, (1st Floor)
IRC Village, Nayapalli,
Bhubaneswar - 751015

Digitized by srujanika@gmail.com

ସଂପାଦକୀୟ

ବାଉରୀ ବଂଧୁ କର

ଆଜି ପବିତ୍ର କୁମାର ପୂର୍ଣ୍ଣିମା । ଘରେ ଘରେ ନୂଆ ଲୁଗା ପିନ୍ଧି ସମସ୍ତେ ଆନନ୍ଦ ମୁଖରିତ । ଏଭଳି ଏକ ପୁଣ୍ୟଦିନକୁ ଭିନ୍ନ ଭାବରେ କିଛି ଲେଖକ ଏବର୍ଷ ଭୁବନେଶ୍ୱରରେ ପାଳନ କରୁଛନ୍ତି । ତାହା ହେଉଛି ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଚନ୍ଦ୍ରଶେଖର ରଥଙ୍କ ଜନ୍ମଦିନ । ଆଜି ତାଙ୍କର ସତୁରୀ ବର୍ଷ ପୂର୍ତ୍ତି ଉତ୍ସବ । ଆଜିର ଏହି ଦିବସକୁ ସ୍ମରଣୀୟ କରିବା ସକାଶେ ତାଙ୍କର ସାରସ୍ୱତ ସାଧନା ସଂପର୍କରେ 'ଚନ୍ଦ୍ରଶେଖର-୭୦' ଶୀର୍ଷକ ଅଭିନନ୍ଦନ ଗ୍ରନ୍ଥଟିଏ ସଂକଳନ କରାଯାଇଛି । ପୁଣି କିଛି ଲେଖକ ଏହି ଶୁଭ ଦିନରେ ତାଙ୍କ ସହିତ ଏକାଠି ହୋଇ ସାରସ୍ୱତ ଆଳାପ ଆଲୋଚନାରେ କିଛି ସମୟ ଅତିବାହିତ କରିବାକୁ ସ୍ଥିର କରିଛନ୍ତି । ଏହି ଅବସରରେ ଏଠାରେ ଚନ୍ଦ୍ରଶେଖର ରଥଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଓ କୃତିତ୍ୱ ସଂପର୍କରେ କିଛି କୁହାଯାଉଛି ।

ସମକାଳୀନ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରଥିତ ଯଶା ଲେଖକ ଭାବରେ ଚନ୍ଦ୍ରଶେଖର ରଥ ଆମ ଗହଣରେ ସୁପରିଚିତ । ସେ ପ୍ରାୟ ଦୀର୍ଘ ଚାଳିଶ ବର୍ଷ ଧରି ସାହିତ୍ୟ ସାଧନାରେ ମନୋନିବେଶ କରିଛନ୍ତି । ଏକାଧାରରେ ସେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଚିତ୍ରଶିଳ୍ପୀ, ଫିଚର ଲେଖକ ଓ ସୁବକ୍ତା । ସେ ଓଡ଼ିଆ ଓ ଇଂରେଜୀ ଉଭୟ ଭାଷାରେ ଲେଖିବାରେ କୃତିତ୍ୱ ଅର୍ଜିଛନ୍ତି । ସେ ସାଧାରଣ ମଣିଷର ସମସ୍ୟାମାନଙ୍କୁ ନେଇ ଶତାଧିକ ସଂପାଦକୀୟ ଖବରକାଗଜ ପୃଷ୍ଠାରେ ଲେଖିଛନ୍ତି । ୧୯୨୯ ମସିହାରେ ଜନ୍ମ ଏଇ ସାହିତ୍ୟ ସାଧକ ସତୁରୀ ବର୍ଷ ଅତିକ୍ରମ କରିଥିଲେ ମଧ ଏଯାବତ୍ ତାଙ୍କ ସାହିତ୍ୟ ସାଧନା ରହିଛି ଅକ୍ଷୁଣ୍ଣ । ବରଂ ସେ କର୍ମ ଜୀବନ ଅପେକ୍ଷା ଅଧିକ ସମୟ ବୃତ୍ତିରୁ ଅବସର ଜୀବନକୁ ସାହିତ୍ୟ ସାଧନାରେ ବିନିଯୋଗ କରୁଛନ୍ତି । ତାଙ୍କର ଏକନିଷ୍ଠ ସାହିତ୍ୟ ସେବା ଦେଖିଲେ ଯେ କେହି ତାଙ୍କୁ ଆମ ସାହିତ୍ୟ ଜଗତର ବିଶିଷ୍ଟ ବରପୁତ୍ର ରୂପେ ସ୍ୱୀକାର କରିବ । ମାତୃଭାଷା ଓ ମାତୃଭୂମି ଉଭୟର ସମ୍ମାନ ରକ୍ଷା ସକାଶେ ସେ ସାହିତ୍ୟ ଓ ସଂସ୍କୃତିକୁ ଜୀବନର ଶାନ୍ତ ସନ୍ତୁଷ୍ଟ ବ୍ରତ ଭାବେ ଗ୍ରହଣ କରି ନେଇଛନ୍ତି । ତାଙ୍କ ସାଧନାର ମହକ ଓଡ଼ିଶା କାହିଁକି ସୁଦୂର ଦିଲ୍ଲୀ, କଲିକତା, ହାଇଦ୍ରାବାଦ, ପଣ୍ଡିଚେରୀ ତଥା ଭାରତ ବାହାରେ ଆମେରିକା, କାନାଡ଼ା ପ୍ରଭୃତି

Digitized by srujanika@gmail.com

ମହାନଗରୀରେ ଅନୁଭୂତ ହେଉଛି । କେବଳ ସେତିକି ନୁହେଁ ଜଣେ ଆଦର୍ଶ ଶିକ୍ଷକ ଓ ନୀତିନିଷ୍ଠ ମଣିଷ ଭାବରେ ମଧ୍ୟ ସେ ଅଗଣିତ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି ।

ଚନ୍ଦ୍ରଶେଖର ରଥଙ୍କ ବ୍ୟକ୍ତିତ୍ୱରେ ତିନୋଟି ବିଶେଷତ୍ୱ ଦେଖିବାକୁ ମିଳେ । ମୂଳତଃ ସେ ଜଣେ ଶିକ୍ଷକ । ନିଜେ କିଛି ଶିଖିବା ଓ ଅନ୍ୟକୁ କିଛି ଶିକ୍ଷା ଦେବାରେ ତାଙ୍କର ଆନନ୍ଦ । ତାପରେ ସେ ଜଣେ ଲେଖକ । ସେ ବୃତ୍ତିରେ ଅଧ୍ୟାପକ ଥିଲେ ସୁଦ୍ଧା ଲେଖିବା ହେଉଛି ତାଙ୍କର ଧର୍ମ । ସେ ଲେଖନ୍ତି କାରଣ ନ ଲେଖି ବଞ୍ଚିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ମଣିଷର ଶ୍ୱାସ କ୍ରିୟା ପରି ଲେଖିବା ତାଙ୍କର ସ୍ୱାଭାବିକ ଧର୍ମ । ଲେଖିବା, ବଞ୍ଚିବା ତାଙ୍କ ପାଇଁ ସବୁ ଏକାକାର ଓ ଏକାର୍ଥବାଚୀ । ଏପରିକି ତାଙ୍କର ସ୍ୱାଭାବିକ ଜୀବନ ଧର୍ମ ସହିତ ତାହାଙ୍କ ଲେଖା ଏକୀଭୂତ ହୋଇଯାଇଛି । ସେ ଲେଖାରୁ ଆନନ୍ଦ ପାଆନ୍ତି । ଅନ୍ୟକୁ ଆନନ୍ଦ ମଧ୍ୟ ଦାନ କରନ୍ତି । ଶେଷରେ ତାଙ୍କୁ ଆମେ ଦେଖୁ ଜଣେ ନୀତିନିଷ୍ଠ ମଣିଷ ଭାବରେ । ଜୀବନରେ ବଞ୍ଚିବା ପାଇଁ କଠୋର ଅନୁଶାସନ, କିଛି ଶୃଙ୍ଖଳା, ଆଦର୍ଶ ଓ ନୀତି-ନିୟମ ଯେ ଅପରିହାର୍ଯ୍ୟ; ଏହା ରଥ ମହାଶୟଙ୍କୁ ଦେଖିଲେ ଜାଣିହେବ । ସ୍ୱାସ୍ଥ୍ୟରକ୍ଷାର ସମସ୍ତ ନିୟମ ଠାରୁ ଆରମ୍ଭ କରି ଆଚରଣରେ ତାଙ୍କର ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ବିଧି ବିଧାନ ମାନ ବେଶ୍ ଭଲ ଭବରେ ଅନୁସୃତ । ଆର୍ଯ୍ୟଋଷିମାନେ ମଣିଷକୁ ଦୀର୍ଘଜୀବୀ ହେବା ପାଇଁ ଯେଉଁ ସୂତ୍ରମାନ ଓ ଦିଗ୍ ଦର୍ଶନ ଆମକୁ ଦେଇଛନ୍ତି, ତା'ର ସଫଳ ଅଭ୍ୟାସ କରିବାରେ ସାଂପ୍ରତିକ କାଳରେ ସେ ଜଣେ ଅଗ୍ରଗଣ୍ୟ ସାଧକ । ସେ ଯେମିତି ଐତିହ୍ୟ ସଚେତନ, ସେମିତି ସଂସ୍କୃତି ପ୍ରେମୀ । ଏଥି ସହିତ ସୂର୍ଯ୍ୟ ଧର୍ମରେ ତାଙ୍କର ପ୍ରଗାଢ଼ ବିଶ୍ୱାସ । ଅବଶ୍ୟ ରୁଚିରେ, ବ୍ୟବହାରରେ, ବକ୍ତୃତାରେ, ଲେଖାରେ ସେ ଢେର ଆଧୁନିକ । ହୁଏତ ଖାଦ୍ୟ-ପାନୀୟରେ ସେ ତଥାକଥିତ ଆଧୁନିକ ମଣିଷମାନଙ୍କ ସମକକ୍ଷ ହୋଇ ପାରିନାହାନ୍ତି । ମଣିଷ ପଣିଆର ସବୁକିଛି ଦୀପ୍ତି ତାଙ୍କଠାରେ ଦୀପ୍ତିମାନ । ସଂକ୍ଷେପରେ କହିଲେ ତାଙ୍କ ବ୍ୟକ୍ତିତ୍ୱରେ ଶିକ୍ଷକର ନୀତିବୋଧ ଓ ଆଦର୍ଶ; ଲେଖକର ଆତ୍ମା ଆବିଷ୍କାର ବାସନା ଓ ତ୍ରିକାଳ ଦୃଷ୍ଟି ଏବଂ ମଣିଷର ମୂଲ୍ୟବୋଧ ପ୍ରତି ଶ୍ରଦ୍ଧା ଓ ମଣିଷ ପଣିଆ ଏକାଠି ମିଶି ଯାଇଛି । ଏ ସବୁର ସମନ୍ୱୟରେ ଚନ୍ଦ୍ରଶେଖର ରଥ ହୋଇଯାଇଛନ୍ତି ନିଜେ ନିଜର ଏକ ସ୍ୱୟଂ ସମୃଦ୍ଧ ସଂସ୍ଥା ।

ସେ ଓଡ଼ିଶାରେ ଜଣେ ସାହିତ୍ୟିକ ଭାବେ ଯେତିକି ପରିଚିତ, ଓଡ଼ିଶା ବାହାରେ ସେ ତା'ଠାରୁ ଅଧିକ ସମ୍ମାନଜନକ ଭାବରେ ଜନସାଧାରଣଙ୍କ ଠାରେ ଆଦୃତ । ସେ କଲିକତା, ଦିଲ୍ଲୀ ଭଳି ମହାନଗରୀରେ ସାହିତ୍ୟ ଓ ସଂସ୍କୃତି ସଂପର୍କରେ ବକ୍ତୃତା ଦେଇ ଯେଉଁଭଳି ଅଜସ୍ର ସମ୍ମାନର ଅଧିକାରୀ ହୋଇଛନ୍ତି, ତାହା କ୍ୱଚିତ୍ ଓଡ଼ିଆଙ୍କ ଭାଗ୍ୟରେ

Digitized by srujanika@gmail.com

ଜୁଟିଛି । ସତକହିବାକୁ ଗଲେ ସେ ବାହାରେ ହେଉଛନ୍ତି ଓଡ଼ିଆ ବୌଦ୍ଧିକତାର ସାଂପ୍ରତିକ କାଳରେ ସାର୍ଥକ ପ୍ରତିନିଧି । ଏଠାରେ ତାଙ୍କର ଏ ପ୍ରସଙ୍ଗରେ ଦୁଇଟି ବକ୍ତୃତା ଉଲ୍ଲେଖଯୋଗ୍ୟ । ସେ ୧୯୯୩ ମସିହା ସେପ୍ଟେମ୍ବର ୧୨ ତାରିଖ ଦିନ କଲିକତାର ନେତାଜୀ ଇନ୍‌ଡ଼ୋର ଷ୍ଟାଡ଼ିୟମ ଠାରେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋବକ୍ତୃତା ଶତବାର୍ଷିକୀ ସମାରୋହାରେ "Swami Vivekananda's Concept of Harmony; Prospects and Problems' ଶୀର୍ଷକ ଯେଉଁସାରଗର୍ଭକ ବକ୍ତୃତା ଦେଇଥିଲେ ତାହା ଓଡ଼ିଶାର ବୌଦ୍ଧିକତାର ସ୍ପଷ୍ଟ ପ୍ରମାଣ ଥିଲା । ସେଦିନ ଦେଶ-ବିଦେଶର ବହୁ ଶ୍ରୋତା ତାହାଙ୍କୁ ଯେପରି ଅଭିନନ୍ଦନ ଜଣାଇଥିଲେ, ତାହା ବାସ୍ତବରେ ପ୍ରତ୍ୟେକ ଓଡ଼ିଆ ପାଇଁ ଗୌରବର ବିଷୟ । ପୁଣି ୧୯୯୮ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ ପରେ ଯେଉଁ ଅଭିଭାଷଣଟି ଦେଇଥିଲେ ତାହା ସମଗ୍ର ଭାରତର ବିଭିନ୍ନ ଅଞ୍ଚଳରୁ ସମାଗତ ଲେଖକଙ୍କୁ ଚମକୃତ କରିଥିଲା । ସେ ଏମିତି ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣଟିଏ ଦେଇଥିଲେ, ଯାହା ଶୁଣି ତାଙ୍କୁ ଭିନ୍ନ ଭିନ୍ନ ଶ୍ରୋତା ଭିନ୍ନ ଭିନ୍ନ ବିଷୟର ଅଧ୍ୟାପକ ବୋଲି ଗ୍ରହଣ କରିଥିଲେ । କାରଣ ଭାଷଣରେ ସେ ସଂସ୍କୃତ, ଦର୍ଶନ, ମନସ୍ତତ୍ତ୍ୱ, ସାହିତ୍ୟ, ଧର୍ମଶାସ୍ତ୍ର ପ୍ରଭୃତିକୁ ଏପରି ଭାବରେ ଆପଣାର ସୃଜନୀଶକ୍ତିରେ ଏକୀଭୂତ କରି ସାହିତ୍ୟରେ ପ୍ରକାଶ କରିଥିଲେ, ଯାହା ପ୍ରକୃତରେ ଏକ ବିରଳ ଘଟଣା । ସେ ସଭାରେ ସେଦିନ ଯେଉଁ ଅଳ୍ପ କେତେଜଣ ଓଡ଼ିଆ ଥିଲେ ବାସ୍ତବରେ ତାଙ୍କ ପାଇଁ ଗର୍ବ ଅନୁଭବ କରିଥିଲେ । ଅଳ୍ପ କେଇମାସ ତଳେ ସେ ଆମ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସଂପର୍କରେ ଆମେରିକା ଓ କାନାଡ଼ାର ଏକାଧିକ ଅନୁଷ୍ଠାନରେ ବକ୍ତୃତା ଦେଇ ଓଡ଼ିଆ ମନୀଷାର ପ୍ରମାଣ ବିଦେଶରେ ମଧ ଦେଇ ଆସିଛନ୍ତି । ସେ ଯେଉଁଠି ଯାହା କହନ୍ତି, ପ୍ରାୟ ଅମୃତ ଭଳି କହନ୍ତି, ଯୁକ୍ତି ନିଷ୍ଠ ଭାବରେ କହନ୍ତି, ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ଗ୍ରହଣଶୀଳ ହେବାପରି କହନ୍ତି । ତାଙ୍କ କହିବାର ଢଙ୍ଗ ଏଡ଼େ ମାର୍ଜିତ; ସେ କହିବା ମାତ୍ରେ ସ୍ଥାନଟିରେ ନୈମିଷାରଣ୍ୟର ଋଷିସଭାର ପରିବେଶ ଆପେ ଆପେ ସୃଷ୍ଟି ହୁଏ ଏବଂ ସଭାରେ ବସିଥିବା ସବୁ ଶ୍ରୋତା ତାଙ୍କୁ ବେଶ୍ ମନ୍ତ୍ର ମୁଗ୍ଧ ହୋଇ ଶୁଣନ୍ତି ।

ଚନ୍ଦ୍ରଶେଖର ରଥଙ୍କ ବ୍ୟକ୍ତିତ୍ୱର ଏକ ବିଶିଷ୍ଟ ଦିଗ ହେଉଛି ସେ ଜଣେ ଚିତ୍ର-ଶିଳ୍ପୀ । ତୂଳୀ ଧରି ଛବି ଆଙ୍କି ପାରନ୍ତି । ସେ ନିହାଣ ମୁଗୁର ଧରି ପଥର ପ୍ରତିମା ଗଢ଼ି ପାରନ୍ତି । ବେଳେ ବେଳେ ମାଟିର ଅଦ୍ଭୁତ ମୂର୍ତ୍ତି ଓ ତୈଳ ଚିତ୍ର ଆଙ୍କିବାରେ ତାହାଙ୍କ ନିଷ୍ଠା ମଧ ଦେଖିବାକୁ ପାଉଁ । ସେ ପେଷାଦାର ଶିଳ୍ପୀ ନହେଲେ ବି ଜଣେ ସୌଖୀନ ଶିଳ୍ପୀଭାବରେ ଯାହା ଗଢ଼ିଛନ୍ତି, ତାହା ଦେଖିଲେ ସାଧାରଣ ଦର୍ଶକଟିଏ ମଧ ବିସ୍ମୟାଭିଭୂତ ହୋଇପଡ଼େ ।

Digitized by srujanika@gmail.com

ଚନ୍ଦ୍ରଶେଖର ରଥ ମୁଖ୍ୟତଃ ଗଦ୍ୟ ଶିଳ୍ପୀ । ତାଙ୍କ ଗଦ୍ୟ ହେଉଛି ଚିତ୍ରଧର୍ମୀ । ଏପରି ଗଦ୍ୟ ପାଠକକୁ କବିତା ପାଠର ଆନନ୍ଦ ଦିଏ । ସେ ଯେ କବିତା ନ ଲେଖିଛନ୍ତି, ତାହା ନୁହେଁ । ପ୍ରାୟ ଇଂରେଜୀ ଓ ଓଡ଼ିଆରେ ତାଙ୍କର ଶତାଧିକ କବିତା ରହିଛି । ତାଙ୍କର କବିତ୍ୱ ପୂର୍ଣ୍ଣ ଗଦ୍ୟ ପଢ଼ିଦେଲେ ପାଠକର ପ୍ରାଣ ପୁଲକିତ ହୁଏ, ପାଠକର ଅନ୍ତରେ ଅନ୍ତରେ ତାହା ସଞ୍ଚରି ଯାଏ । ସେ ତାଙ୍କ ଲେଖାରେ ମୁଖ୍ୟତଃ ଏକ ବୃହତ୍ତର ଦୃଷ୍ଟିକୋଣ ନେଇ ଜୀବନ ଓ ଜଗତକୁ ଦେଖିଛନ୍ତି ।

କୌଣସି ମଣିଷ ଜୀବନରେ ସତୁରୀ ବର୍ଷ ପୂରିଯିବା ହୁଏତ ସେମିତି କିଛି ବିଶିଷ୍ଟ ଘଟଣା ନ ହୋଇ ପାରେ । କାରଣ ଲେଖକଙ୍କ ମତରେ ଜଣେ ଗଛ ପରି ବଞ୍ଚି ଶିଖିଲେ ସେ ସହଜରେ ଅଶୀ, ନବେ, ଶହେ ପର୍ଯ୍ୟନ୍ତ ଗଡେଇ ନେଇ ନେବ । ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ; ସେ ଶହେ କାହିଁକି ଆହୁରି ଅଧିକ ବର୍ଷ ଏମିତି ସୁସ୍ଥ ସୁନ୍ଦର କଳେବର ନେଇ କର୍ମଠ ରହନ୍ତୁ ଏବଂ ଦେଶ-ବିଦେଶରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରସାରରେ ସହାୟତା କରନ୍ତୁ । ସତ୍ ଲେଖକର ଆୟୁଷ ତ ଅକଳନୀୟ । ସେ ଯଶୋଦେହେ ଚିର ଆୟୁଷ୍ମାନ ।

'ଚନ୍ଦ୍ରଶେଖର-୭୦' ଗ୍ରନ୍ଥରେ ତାଙ୍କର ବିଭିନ୍ନ ସମୟର ଓ ବିବିଧ ରକମର ଲେଖାରୁ କେତେକ ସନ୍ନିବେଶିତ କରାଯାଇଛି । ପୁଣି ତାଙ୍କୁ ସାହିତ୍ୟ-ସମୀକ୍ଷକ, ସଚେତନ ପାଠକ, ତାଙ୍କର ଶ୍ରଦ୍ଧେୟ ଛାତ୍ର, ବନ୍ଧୁଗଣ କିଭଳି ଦେଖିଛନ୍ତି; ସେ ସଂପର୍କରେ କେତେଗୁଡ଼ିଏ ଉପାଦେୟ ଲେଖା ଏଥିରେ ସଂଯୋଜିତ ହୋଇଅଛି । ଏହି ଲେଖାଗୁଡ଼ିକ ଚନ୍ଦ୍ରଶେଖରଙ୍କ ସୃଷ୍ଟି ରହସ୍ୟ ଆକଳନରେ ସହାୟତା କରିବା ସହିତ ତାହାଙ୍କ ସୃଷ୍ଟି କୁ ବୁଝିବାରେ ସାଧାରଣ ପାଠକକୁ ସାହାଯ୍ୟ କରିବ ।

ଚନ୍ଦ୍ରଶେଖର ରଥଙ୍କ ସତୁରୀ ବର୍ଷ ପୂର୍ତ୍ତି ଉତ୍ସବକୁ ଓ ଅଭିନନ୍ଦନ ଗ୍ରନ୍ଥକୁ ସାକାର କରିବାରେ ତାହାଙ୍କ ସୁଯୋଗ୍ୟ ପୁତ୍ର ତଥା ଲେଖକ ଶଶିଭୂଷଣ ରଥଙ୍କ ଆନ୍ତରିକତାକୁ ପ୍ରଶଂସା ନ କରି ରହିହୁଏ ନାହିଁ । ଏହି ଗ୍ରନ୍ଥଟି ସକାଶେ ଓଡ଼ିଶାର ଯେଉଁ କୃତବିଦ୍ୟ ଲେଖକଗଣ ଲେଖିଛନ୍ତି, ସେମାନଙ୍କୁ ଆଜିର ଶୁଭ ଦିନରେ ଧନ୍ୟବାଦ ଜଣାଉଛି । 'ଚନ୍ଦ୍ରଶେଖର-୭୦' ଗ୍ରନ୍ଥର ସଫଳତା ପାଇଁ ସମସ୍ତଙ୍କୁ ସାଧୁବାଦ ଜଣାଇବା ସହିତ ଭାବିଷ୍ୟତରେ ଏଇ ସଂପାଦକ ତାଙ୍କର ଅଶୀ ବର୍ଷ ପୂର୍ତ୍ତି ଉପଲକ୍ଷେ ଭବିଷ୍ୟତରେ ଏଭଳି ଆଉ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶର ବାସନା ରଖି ବିଦାୟ ନେଉଛି ।

ଗ୍ରନ୍ଥଟିକୁ ଚନ୍ଦ୍ରଶେଖର ପ୍ରେମୀ ସୁଧୀ ପାଠକ ବର୍ଗ ସାଦରରେ ଗ୍ରହଣ କଲେ ଆମର ଶ୍ରମ ସାର୍ଥକ ହେବ ।

Digitized by srujanika@gmail.com

60 to 70 : Only a Short Run

Sashibhusan Rath

When Charcha was humbly placed in your hands in 1989, Chandrasekhar Rath, my father, was 60. After sixty he is now poised for seventy. This short run reveals only a part of the athlete in him. The run is short but intensely eventful. While humanity stagnates relatively early in life he has been learning and reinventing himself, updating with the times. That is why his life has been marked with lots of movements and peaks of creativity.

The Golden Bridge, an oil painting was drawn by him on 1 January 1999 morning signifying the terrestrial and the transcendental. Same afternoon both of us went to Kalinga stadium at Bhubaneswar and he started warming up before preparing for a few throws of discuss. He asked me whether I had learnt any new limbering up so that he can try those ! And, I didn't have any.

During the sprint between 60 to 70 the books which appeared were Pathachakra Diary Vol. I & II, Kramashah Gabheera Nayee, both in Oriya., These are in addition to numerous discourses he delivered within Orissa and outside. There was a long seven days discussion on Sri Aorobindo's Philosophy in English delivered at Nainital camp recorded in ten audio-Cassettes: a rich recipe for the spiritual seekers.

His Saturday talks in our drawing room were attended by select people from different streams of life having curiosity to know and understand. These talks are World Union talks, centering around one world without borders, Humanism, spiritualism & global government, etc. His thoughts are recorded in audio-cassettes and a portion in video.

Digitized by srujanika@gmail.com

During this short run he expressed his desire to relook at his English writings of early days. In my initial efforts I found them to be a mammoth in volume which requires time for retrieval. On this austere occasion I would like to keep a note that these will be published in volumes as Selected Works, selection will be the author's, printing & editing will be mine.

He is simple, humble and committed. His lucid explanation and commentaries on scriptures are unique and one can hear him to believe. A Chinese proverb says, "A simple conversation across the table with a wise man is worth a month's study of books !" One feels so when one converses with Sri Rath. Any meeting with him leaves one inwardly enriched and exalted. His is a consecrated life, a life crowned with distinction. He speaks with inimitable clarity, conviction, equipoise, mellowness and with total faith on a better future.

I am proud to have been destined to be the son of a father who has strong determination and pursues a punishing schedule in his personal life. Here is a man who stands for honesty, good heath, Indian values, Western scienticism, clean & simple living and high thinking. Straight-talk, face-to-face approach to matter of culture and literature have been his practice. I know his friends still invite him to stay in Delhi and abroad with more comfort and care but he simply smiles and declines, saying he would prefer to work in his own humble way standing on the soil of Orissa. I feel ashamed that my worklife had kept me far away from him. I wish I were there close to him always to learn, to under stand and to assimilate his thoughts.

Painting, writing, sculpting and speaking at intellectual platforms are very close to his heart. Apart from literature he is always interested in science, modern physics and marvels of latest thoughts, inventions and discoveries; the use science for solution to problems. In India, he says science and spirituality move together unlike in the West.

Digitized by srujanika@gmail.com

His preoccupation with creativity never made him addicted to any habits like tea, betel, tobacco, alcohol etc. Long morning walks and light vegetarian food are his liking.

He has been a teacher with a difference - he never considered teaching as a profession only, it was a sacerdocy. Never despaired, only stood firmly against negativity. A memory he is endowed with - sharp, equally efficient in retaining and retrieving.

I remember that day when on his way back home from Delhi when the aeroplane had a technical problem all passengers returned back to Delhi in the mid-air itself, he was non-chalant and took the whole matter lightly ! He was away from home for ten days at Nainital and was flying back. On reaching Bhubaneswar he had quick wash and immediately went to Soochana Bhawan to be in a programme. No sign of tiredness, neither on his body nor on his mind !

At home we talk about all writers, their works, their expectations, their lobbies, their devotion, publicity etc. also figure in. He never puts any aspersion on anybody who so ever he may be and prays the Almighty to show them the right path to the creative writers of Orissa to shine well above other Indian languages. He feels pity for those who get various awards and accolades as a matter of staying in literature never to enrich it.

At mellowing age he has been agile enough to hop over international airports and tirelessly spoke at different fora and universities in the USA and Canada. He spoke on World Union among nations, Indian Philosophy, Humanism, Science & Mysticism etc. He strongly believes that still there are takers of all these. Intellectuals world over look to India, for giving integral solution to crises. Globe trotting has been his passion but during this short run he could touch the affluent countries. He desires to see the other values too.

Digitized by srujanika@gmail.com

His sadhana during these ten years, from sasthipurthy to seventy has been remarkable. He looks younger and more vibrant. There is flow of literature but the travel time takes a lot of his creative moments.

His actions in life have been:

*very simple but powerful

*far away from comforts

*to care for others

*to listen with humble heart

*to view life with an open mind

*growth inducing habits

*grand scope in setting goals

*humanistic focus

*principled and spiritual leadership

*beliefs and aspirations backed by logic & clarity of expression

*based on humility and openness

I am thankful to all who contributed for such Charcha. It has been an authoritative, useful, reliable and definitived account of the persona of Sri Chandrasekhar Rath. Present volume is also a reference tool for analysts, architects of literataure and criticism, and our evolving literary arena in Orissa against the backdrop of multilingual literary scene of India. I am truly inspired and sanguine about the future of the efforts put by the litterateur of Orissa. It is a labour of love. It has been a fascinating task.

The autobiographical sketch which my father started in the 'charcha' continues here in this volume. These two falicitation volumes when read toghther give a wholesome picture of what others say about a living author and what the author says about himself. I hope this attempt of charcha or discussion on a single man of his life and work will go a long way in setting a tradition.

◆ ◆ ◆

Digitized by srujanika@gmail.com

ଆତ୍ମକଥନ - ୨

ଦଶବର୍ଷ ହେଇ ଦେଖୁ ଦେଖୁ ବିତିଗଲା ।

ଜୀବନରେ ସୁଖ ଅଛି ବୋଲି ବୋଧହୁଏ ଏମିତି ହୁ' ହୁ' ଚାଲିଗଲା ସମୟ । ନହେଲେ ତ' ମୁହାଣ ପାଖେଇ ଆସିଲେ ସୁଖ ଧିମେଇ ଯିବା କଥା ।

ଦଶବର୍ଷ ଏମିତି କିଛି ବେଶି ସମୟ ବି ନୁହେଁ ।

ଆଉ ବାଗେ ଦେଖିଲେ କମ୍ ବି ନୁହେଁ । ବେଳ ପଡ଼ିଲେ ଗୋଟାଏ ମିନିଟ୍ ବି ସୁନାଫଳ ପରି ଉଚ୍ଚ ଡ଼ାଳରେ ଓହଳି ଥିବ । ଆତୁର ଆତ୍ମା ଯେତେ ଓହଟି ହେଲେ ବି ହାତରେ ପଡୁ ନଥିବ । ଆଖିରୁ ଆଲୁଅ ଲିଭିଯିବ ।

ଏମିତି ତ' ଦଶବର୍ଷ ସାରା ଅସୁମାରି ଘଟନାରେ ଜଳଘଟ ପରି ନିରନ୍ଧ୍ର ଭରି ହୋଇ ରହିଛି । ସବୁ ଅଙ୍ଗେ ନିଭେଇବା କଥା । ତା' ଭିତରେ ସମ୍ମାନ, ଶ୍ରଦ୍ଧା, ଆପଣାପଣ, ସାଫଲ୍ୟ, ସାର୍ଥକତା । ତା' ଭିତରେ ପୁଣି ନିନ୍ଦା, ଅପବାଦ, ଅପମାନ । ବିଚିତ୍ର ଏ ଜିବନବୃକ୍ଷ । ଯାର ଡ଼ାଳ ଡ଼ାଳକେ ଫଳ ଅଲଗା । ମିଠା, ଖଟା, କଷା ଫଳରେ ନଇଁ ରହିଛି ଡ଼ାଳମାନ ।

କିନ୍ତୁ ସବୁ ଫଳ ପାଚିଲା, ଟଳମଳ, ସୁନ୍ଦର । ଏପରି କି ମହାକାଳ ଫଳ ବି ରଙ୍ଗ ଟହଟହ । ମନେ ହୁଏ ପାକଳ ବୟସରେ ସବୁ ଏମିତି ନିଜ ନିଜ ରସରେ ଭରପୁର ହୋଇଯାନ୍ତି । ସୁନ୍ଦର ଦେଖାଯାଏ ଚଉଦ ଭୁବନ । ପୁରୁଣା ଅଭିଯୋଗର ଦାଢ଼ ମରିଯାଏ, ବୁଡ଼ିଯାଏ ପରିପୂର୍ଣତାର ଶୀତଳ ଜଳଧାରରେ । ସତକଥା । 'ଜୀବନ ପାତ୍ର ମୋ ଭରିଛ କେତେମତେ, ନଦେଲ ବୋଲି କିଏ କହିବି ସତେ ଆଉ !'

ଏତିକି ବେଳେ ବୋଧହୁଏ ଅମୃତ ସଂଚରି ଯାଏ ଡ଼ୋଳା ଉପରକୁ । ସେଥିପାଇଁ "ମିତ୍ରସ୍ୟ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ / ମିତ୍ରସ୍ୟ ଚକ୍ଷୁଷା ସମିକ୍ଷାମହେ ।" ପ୍ରଥମଥର ପାଇଁ ଜୀବନରେ ପୃଥିବୀ ବର୍ତ୍ତୁଳ ଦିଶେ ଅମୃତ ଫଳ ପରି । କେହି ଜଣେ ବୁକୁରେ ପଦାଘାତ କଲେ ବି ତାକୁ ଶ୍ରୀବତ୍ସଲାଞ୍ଛନ ରୂପେ ସ୍ୱୀକାରି ନେବାକୁ ପ୍ରବଣତା ଓ ପ୍ରସ୍ତୁତି ଆସିଯାଏ ।

କ'ଣ ଆଉ କହିବି ? ମୋର ପାଠକକୁଳ ତ'ମୋର କୁଟୁମ୍ବ । ଭଣା ଅଧିକେ ଏ ଦଶବର୍ଷରେ ଘଟିଥିବା ଉଚ୍ଚ ଉଚ୍ଚ ଘଟନା କଥା ଜାଣନ୍ତି । କିନ୍ତୁ ଜାଣନ୍ତି ନାହିଁ ଅନେକ କଥା,

Digitized by srujanika@gmail.com

ଯାହା ତାଙ୍କ ଆଖିରେ ପଡି ନାହିଁ । ଅଥଚ ମୋ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତି ନାହିଁ, ସେ ଘଟଣାମାନଙ୍କୁ ଘେରି ରହିଥିବା ମୋର ଘନିଷ୍ଠ ଅନୁଭବ । ମୁଁ ତ' କହି ନାହିଁ କେମିତି ବା କହିବି । କହିପାରିଲେ ତ' ବ୍ୟାସ ହେଇ ଥାନ୍ତି । ତାଙ୍କ ନିଜ ରକ୍ତର ଗାଥା ତ' ମହାଭାରତ ।

ତେବେ ଶୁଣନ୍ତୁ କିଛି କିଛି ।

୧୯୮୯ ଅକ୍ଟୋବର କୁମାର ପୂର୍ଣ୍ଣିମା - ମୋର ଷଷ୍ଠି ପୂର୍ତ୍ତିପାଇଁ ଆୟୋଜନ । ଆପଣାର ଲୋକ ସବୁ ଆସି ଏକାଠି ହେଲେ । ଉତ୍ସବ ଭଳି ଲାଗିଲା । କିନ୍ତୁ ମୋତେ ସମସ୍ତଙ୍କ ସାଙ୍ଗରେ ମିଶିଯିବାର ସୁଯୋଗ ନ ଥିଲା । ସମସ୍ତଙ୍କ କଥାରେ ଇଙ୍ଗିତରେ, ହାବଭାବରେ ଶୁଭୁଥିଲା, 'ତମେ ବାରି ହେଇ ଠିଆ ହୁଅ । ତମକୁ ପରା ଷାଠିଏ ପୂରିଗଲା । ସେଥିପାଇଁ ପରା ଏ ଆୟୋଜନ ।'

ସେମାନେ ମୋତେ ସ୍ୱାଗତ ଜଣେଇଥିଲେ, କି ସତର୍କ କରିଦେଉଥିଲେ, ଅଭିନନ୍ଦନ ଜଣାଉଥିଲେ କି ସମ୍ବେଦନା ଜଣାଉଥିଲେ ମୁଁ ଠିକ୍ ଧରି ପାରୁ ନଥିଲି । ବୋଧହୁଏ ଉଭୟରୁ କିଛି କିଛି ଘଟୁଥିଲା । ସେମାନଙ୍କ ପୁଷ୍ପ ଗୁଚ୍ଛ ସତ୍ତ୍ୱେ କରମର୍ଦ୍ଦନ ଓ ପିଠି ଥାପୁଡ଼ା ସତ୍ତ୍ୱେ ମୋତେ କେମିତି ଏକୁଟିଆ ଏକୁଟିଆ ଲାଗୁଥିଲା । କିଛି ମାତ୍ରାରେ ଡ଼ର ମାଡୁଥିଲା ।

ଡ଼ର ଏଇଥି ପାଇଁ ଯେ ଏମାନେ ଆଉକିଛି ସମୟପରେ ଯେ ଯାହା ଘରକୁ ଚାଲିଯିବେ, ଆମ ପରିବାର ପୁଅବୋହୂ ଝିଅ ଜ୍ୱାଇଁ ବି ଏକାଠି ଫେରିବେ । ସେମାନେ ସବୁ ନିଜନିଜ ଛାତାକୁ ବାହୁଡିବାର ଯୋଜନା ପାଞ୍ଚୁଥିବେ । କିଏ ବ୍ରହ୍ମପୁର ଯିବ; କିଏ ଯିବ ବଲାଙ୍ଗୀ ।

ମୋ ମୁଣ୍ଡରେ ଯେଉଁ ଷଷ୍ଠିପୂର୍ତ୍ତିର ମୁକୁଟ ପିନ୍ଧାଇ ଦିଆଗଲା ସେ ଆଉ ଓହ୍ଲାଇ ହେବ ନାହିଁ । କିନ୍ତୁ ହୁଏ ତ' ମୋତେ ଶୁଣେଇଲା ପରି ଅଂଧାରରୁ କହୁଥାଏ କଳିଷଠା ଷାଠିଏ ପୂରିଗଲା ଭାଇ ! ଏଣିକି କାଳଠୁ କିଛି ସମୟ କରଜ ମାଗି ବଞ୍ଚିବ, ତା' ମର୍ଜିସେ ଦେଇପାରେ ନ ଦେଇପାରେ ।

ଷଷ୍ଠିପୂର୍ତ୍ତି ପାଳନର ପରବର୍ତ୍ତୀ ଦଶପନ୍ଦର ଦିନ ମୁଁ ଆଚ୍ଛନ୍ନ ହୋଇ ରହିଲି ଗୋଟାଏ ପ୍ରକାର ଆକାଶିଆ ଅନୁଭବରେ । ସତ କଥା ତ ! ଏଣିକି କିଏ କହିବ କ'ଣ କେତେବେଳେ ହୋଇ ଯାଇପାରେ ।

ହଉ ! ହେଲେ ହବ । ଡେମ ଶୁଖିଗଲା ଉତାରୁ ପାଚିଲା ପତ୍ରକୁ ଝଡ଼ିଯିବାକୁ କେତେ ଘଡ଼ି । ଖାଲି ଟିକିଏ ପବନ ପତର ମୁଣ୍ଡରେ ବାଜିଲେ ହେଲା । ବାକି ସେ ଅଭିନନ୍ଦନ ଗ୍ରନ୍ଥ କଥା - ଚର୍ଚ୍ଚା ସମସ୍ତଙ୍କ ମନକୁ ପାଇଗଲା । ଜଣେ ମରମୀ ବନ୍ଧୁ କହିଲେ 'ଏଭଳି ଚର୍ଚ୍ଚିତ ହେବାକୁ କାହାର ଭଲ ମନ ନହେବ ! ଷାଠିଏ ପୂରୁ କି ସତୁରୀ ପୂରୁ !'

Digitized by srujanika@gmail.com

'ଚର୍ଚ୍ଚାକୁ ଆଲୋଚନା ବିଚିତ୍ରାର ଏକ ନମୁନା ରୂପେ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରରେ ରଖାଗଲା । କିଏ କେତେବେଳେ ଦେଖିବାକୁ ।

କିନ୍ତୁ ସେଥିରେ କିଛି ଲୋକ ଅହନ୍ତା କଲେ । ୟାଡୁ ସିଆଡୁ କେତେ କଥା କହିଲେ । ମୁଁ ଆଦୌ ବିସ୍ମିତ ହେଲି ନାହିଁ । କାରଣ ଅବି ମିଶ୍ର ସୁଖ ଟିକିଏ ମୁଁ କେବେ ପାଇନାହିଁ । କେଜାଣି କାହିଁକି ମୋର ବିପକ୍ଷଟିଏ ସବୁବେଳେ ପ୍ରତିବାଦ କରୁଛି, କୋଳାହଳ କରୁଛି, ମୋର ଯୋଗ୍ୟତାକୁ ସବୁବେଳେ ପ୍ରଶ୍ନ କରିଛି ମୋର ପାରିଲା ପଣିଆ ସାଙ୍ଗରେ ମୋର ସଚ୍ଚୋଟ ପଣିଆ ମୋର ମଣିଷ ପଣିଆକୁ ବି ପ୍ରଶ୍ନ କରିଛି । ମନ ଛିଃ ହୋଇଯାଇଛି । କାନ୍ଧରୁ ସମ୍ମାନର ଚାଦରଖଣ୍ଡ କାଢ଼ି ପକେଇ ଦେବାକୁ ଇଛା କରିଛି । କିନ୍ତୁ ସେଭଳି କିଛି କାର୍ଯ୍ୟକରି ମୁଁ ବିପକ୍ଷର ମନୋବାଂଛା ପୂର୍ଣ୍ଣ କରି ନାହିଁ ସତ କେତେ ସବୁ ମାନ ଆପମାନକୁ ଗୋଟିଏ ଦୀର୍ଘଶ୍ୱାସରେ ଦୂରକୁ ଆଡ଼େଇ ଦେଇଛି ।

ଛାଡ଼, ଷଷ୍ଠିପୂର୍ତ୍ତି ହେଲା ନ ହେଲା, 'ଚର୍ଚ୍ଚା' ଛପା ହେଲା ନ ହେଲା, କ'ଣ ଥାଏ ସେଥିରେ ? ମୋର ଆଛନ୍ନ ଭାବ କଟିଗଲା, ଭୟ ବିଷାଦ ଦୁଃଖ ଅପସରିଗଲା । ସହଜ ସ୍ୱାଭାବିକ ନିଃଶ୍ୱାସ ପ୍ରଶ୍ୱାସ ଚଳିଲା । ଦିନ ରାତି ହେଲା, ସରଳ ହେଇଗଲା ଜୀବନପ୍ରବାହ ।

କେଜାଣି କାହିଁକି ଅନୁଷ୍ଠାନ ଅପେକ୍ଷା ବ୍ୟକ୍ତିକୁ ମୁଁ ବେଶି ଗୁରୁତ୍ୱ ଦେଇ ଆସିଛି । ଲୋକେ ଅନୁଷ୍ଠାନକୁ ଆଦରି ନେଇଛନ୍ତି, ତାକୁ ବ୍ୟବହାର କରି ଲାଭବାନ ହେଇଛନ୍ତି । ମୁଁ କିନ୍ତୁ ମଣିଷଟିକୁ ସ୍ୱୀକାର କରିଛି । ଥରେ କାହାକୁ ନିଜ ବେଢ଼ା ଭିତରେ ପାଇଲେ, ତା ମୁଲାହିଜାରେ ମୁଁ ନିର୍ବିଚାର ଆଗେଇ ଯାଇଛି । ବ୍ୟକ୍ତିଗତ ପରିଚୟ ଆଡୁଆଳରେ ସେମାନେ ମୋତେ ବ୍ୟବହାର କରିଛନ୍ତି । ଅଜଣା ମଞ୍ଚମାନଙ୍କରେ ଠିଆ କରେଇଛନ୍ତି । ତଥାପି ମୁଁ ମୋର ଏ ଦୁର୍ବଳ ବିନ୍ଦୁଟିକୁ ମୋ ଚରିତ୍ରରୁ ପୋଛି ପାରିନାହିଁ । ଫଳରେ ଦଦରା ଜିପ୍‌ରେ ବସି ବହୁକଷ୍ଟରେ ଅଗମ୍ୟ ଅଂଚଳକୁ ଭାଷଣ ଦେବାକୁ ଯାଇଛି । ବାଟରେ ଗାଡି ଅଚଳ ହେବାରୁ ଆଣ୍ଠୁଯାଏ ଲୁଗା ଟେକି କାଦୁଆ ନାଳ ପାରି ହେଇଚି । ପୂର୍ବ ଦିନ ରାତିରେ ଝଡ଼ ବର୍ଷାରେ ମଞ୍ଚ ସାଜସଜ୍ଜା ଉଜୁଡି ଯାଇଛି । ଆୟୋଜକ ଗୋଟାଏ କ୍ଲାସ ରୁମ୍‌ରେ ଲଣ୍ଠନ ଜାଳି ତିନିଜଣ ଲୋକ ଯୋଗାଡ଼ କରିଛନ୍ତି । କହିଛନ୍ତି ଆଲୋଚନା କରିବାକୁ । ମୁଁ ହସିବି କି କାନ୍ଦିବି ଜାଣି ପାରି ନାହିଁ । ସେ ବୋଧହୁଏ ମୋ ପାଇଁ ରାସ୍ତାଖର୍ଚ୍ଚ କରିଥିବା ହେତୁ ସେତକ କୌଣସି ପ୍ରକାରେ ଆଦାୟ କରିବାକୁ ଚାହିଁଛନ୍ତି । ବନ୍ଧୁ ଜଣକ ଅଧ୍ୟାପକ । ଖୁବ୍ ସମ୍ମାନ କଲାଭଳି କଥାକହି ମତେ ଭଳେଇ ନେଇଥାନ୍ତି । ମୁଁ ସେଇଠି ଖୁବ୍ ରାଗି ଯାଇ ସମସ୍ତଙ୍କ ଚୌଦପୁରୁଷକୁ ସୋଧିଲି । ସେମାନେ କହିଲେ ଭାଷଣ ଖୁବ୍ ଭଲ ହେଲା । ରାଜଧାନୀରେ ହେଇଥିଲେ ଚହଳ ପଡିଯାଇଥାନ୍ତା -

Digitized by srujanika@gmail.com

ରାଜଧାନୀରେ ଢ଼େର ଭାଷଣ ଦେଇଛି । କେବେ ଚହଳ ପଡିନାହିଁ । ହଁ ଏମିତି କିଛି ଶ୍ରୋତା, ଭାଷଣପରେ ପାଖେଇ ଆସିଛନ୍ତି । କ'ଣ କହିବେ କହିବେ ହୋଇ କହିନାହାନ୍ତି । ମୁଁ ତାଙ୍କ ଆଖିକୁ ଚାହିଁ ଅନୁମାନ କରିଛି ଯେ ସେମାନେ ପ୍ରଶଂସା କରିବାକୁ ଚାହୁଁଛନ୍ତି । ଭାବଗଦ୍‌ଗଦ ହୋଇଛନ୍ତି । ଚହଳ ପଡିଛି ବାହାରେ । କଲିକତାରେ, ଋଷିକେଶରେ । ସେଇଠି ବିଶେଷ ଘଟଣା ଘଟିଲେ ଚହଳ ପଡେ । ଓଡିଶାରେ ଲୋକେ ଭାରି ତରକା । ମୁହଁ ଫିଟାନ୍ତି ନାହିଁ । କାଳେ ପ୍ରଶଂସା କରି ଦେଲେ ସେ ଲୋକଟା ବିଖ୍ୟାତ ହୋଇଯିବ । ସବୁ ଢୋକି ଦିଅନ୍ତି । ହସ, କାନ୍ଦ, ଅନୁଭବ, ଉଲ୍ଲାସ । ମୁଦା ମାଠିଆ ପରି ଟଳମଳ ହେଉଥାନ୍ତି, କିନ୍ତୁ ପାଟି ଫିଟାନ୍ତି ନାହିଁ । ଭାରି ଭାବପ୍ରବଣ ଲୋକ ଗୁଡିଏ । ଡ଼ରକୁଳା ଧକପଡ଼ିଆ, କୁତୁପିଆ ଲୋକ । ତାଂକୁ ମୁଁ ଜାଣେ, ବୁଝେ । ତାଙ୍କ ପାଇଁ ଦୁଃଖ କରେ, ପ୍ରାର୍ଥନା କରେ । ଏଇ ଗୁଣ ହେତୁ ବିଶ୍ୱନାଥ କବିରାଜଙ୍କୁ ଜୟଦେବଙ୍କୁ, ଶ୍ରୀଧର ସ୍ୱାମୀ, ବଳଦେବଙ୍କୁ ଓଡ଼ିଆ କହିଦେବାକୁ ଏମାନଙ୍କ ଜିଭ ଲେଉଟେ ନାହିଁ । ପଠାଣିସମାନ୍ତଙ୍କୁ, ଉପେନ୍ଦ୍ର ଭଞ୍ଜଙ୍କୁ ବୁକୁବାଢ଼େଇ ନିଜର ବୋଲି ଓଡ଼ିଶା ଭିତରେ କିମ୍ବା ବାହାରେ ଜାହିର କରିପାରନ୍ତି ନାହିଁ । ଛାଡ଼ ଏ ଦୁଃଖ ନକହିଲେ ଭଲ । ମୁଁ ତ ନିଜେ ଗୋଟିଏ ମୁଦାମୁହଁ ଦୁର୍ବଳ ଓଡ଼ିଆଟାଏ । ମୁଁ କ'ଣ କରିଛି ଯେ ଆଉ କାହାକୁ ଦୋଷ ଦେବି । କେବେ ଓଡ଼ିଆଙ୍କ ପାଟି ଫିଟିବ, ଡ଼େଣା ମେଲିବ, ଦାରିଦ୍ର୍ୟ ଦୋଷ, କାର୍ପଣ୍ୟ ଦୋଷ କଟିବ କେଜାଣି । ଶହେ ବର୍ଷ ପରେ ବି ବୀଣାପାଣିଙ୍କ କୃପା ଏ ଉତ୍କଳ ଭୂମିରେ ଝଣା ଝଣା ପଡୁଛି ।

କିନ୍ତୁ ମାନିବାକୁ ମୋର କୁଣ୍ଠା ନାହିଁ ଯେ ବଙ୍ଗାଳୀ ଯେମିତି ଅବଜ୍ଞା କରି ଜାଣନ୍ତି ସେମିତି ଆଦର ବି କରି ଜାଣନ୍ତି । ୧୯୯୩ ମସିହା କଥା । ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣର ଶତ ବାର୍ଷିକୀ ପାଳନ ହେଉଥାଏ କଲିକତାରେ । ପୃଥିବୀର ବହୁ ବିଶିଷ୍ଟ ବିଦ୍ୱାନ୍ ମାନଙ୍କର ସମାବେଶ ହୋଇଥାଏ । ଚାରି ଦିନର ଉତ୍ସବ । ସେପ୍ଟେମ୍ବର ୧୧, ୧୨, ୧୮, ୧୯ ତାରିଖ । ଭାରତର ଯେଉଁ କେତେଜଣ ବକ୍ତାଙ୍କୁ ଡକା ଯାଇଥିଲା, ସେ ଭିତରେ ମୁଁ ଥିଲି । ଭୁବନେଶ୍ୱର ରାମକୃଷ୍ଣ ମିଶନ ପରିସରରେ ବହୁବାର କହିବାର ଅବକାଶରେ ମୁଁ ବୋଧହୁଏ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲି ।

କଲିକତା ବିମାନବନ୍ଦରରୁ ମୋତେ ନେଇ ରାମକୃଷ୍ଣ ଇନଷ୍ଟିଚ୍ୟୁଟ୍ ଅଫ କଲଚର୍ ର ଅତିଥିଶାଳାରେ ମର୍ଯାଦା ସହକାରେ ରଖାଗଲା । ରାତି ପାହିଲେ ୧୧ ତାରିଖ ସେଦିନ ରାମକୃଷ୍ଣ ମିଶନର ସଭାପତି ସ୍ୱାମୀ ଭୂତେଶାନନ୍ଦ, ଉପସଭାପତି ରଙ୍ଗନାଥା ନନ୍ଦ ଭାରତର ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସିଂ, ପଶ୍ଚିମବଙ୍ଗ ରାଜ୍ୟପାଳ କେ.ଭି. ରଘୁନାଥ ରେଡି ଆଦିଙ୍କ ଗହଣରେ ନେତାଜୀ ଷ୍ଟାଡିଅମର ୧୨୦୦୦ ଶ୍ରୋତାଙ୍କ ସମକ୍ଷରେ ମହାସଭାର ଉଦ୍‌ଘାଟନ ଉତ୍ସବ ଦେଖି ଏବଂ ସାରା ପୃଥିବୀରୁ ଅଷ୍ଟ୍ରେଲିଆ, କାନାଡା,

Digitized by srujanika@gmail.com

ଚାଇନା, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ହଲାଣ୍ଡ, ଇସ୍ରାଏଲ, ଜାପାନ୍, ମାଲେସିଆ, ନେଦରଲ୍ୟାଣ୍ଡ, ନିଉଜିଲାଣ୍ଡ ରୋମାନିଆ ରୁଷିଆ, ଶ୍ରୀଲଙ୍କା, ତୁର୍କି, ଆମେରିକା, ଇଂଲଣ୍ଡ, ଭିଏତ୍‌ନାମ, ବାଂଲାଦେଶ ଆଦିରୁ ସମାଗତ ଶତାଧିକ ବିଦ୍ୱାନ୍ ଓ ପ୍ରାୟ ସମସ୍ତ ଧର୍ମବିଶ୍ୱାସର ପ୍ରତିନିଧିଙ୍କୁ ଦେଖି ମୋର ଅସ୍ମିତା ବିଷୟରେ ଗ୍ଲାନିବୋଧ ଦେଖା ଦେଲା । ରହି ରହି ଭୟ ସଂଚ୍ଚାର ହେଲା ।

ତା' ଆରଦିନ ପ୍ରଥମ ଅଧିବେଶନରେ ମୋର କହିବାର ପାଳି । ସେତେବେଳକୁ ସିରାକ୍ୟୁଜ୍ ୟୁନିଭର୍ସିଟିର ହୁଷ୍ଟନ ସ୍ମିଥ୍, ବିଶ୍ୱ ଭାରତୀର ପ୍ରାକ୍ତନ କୁଳପତି ପ୍ରଫେସର ଅଶିନ୍ ଦାସଗୁପ୍ତ କାମ୍ବ୍ରିଜର ଡ଼କ୍ଟର ଜୁଲିୟସ ଲପ୍‌ନର, ପ୍ରଫେସର ଅମର୍ତ୍ୟ ସେନ୍ ହାମ୍ବୋଲ୍ଟ ବିଶ୍ୱ ବିଦ୍ୟାଳୟ ଜର୍ମାନୀର ହିଲବ୍ରଡ୍ ରଷ୍ଟୋ ଫିନ୍‌ଲାଣ୍ଡର କୟା ବ୍ରାଣ୍ଟ୍ ଆଦିକୁ ମୁଁ ଶୁଣି ସାରିଥାଏ । ସେମାନେ ଥାକ ଥାକ ନିବନ୍ଧ ପ୍ରସ୍ତୁତ କରି ଆଣିଥାନ୍ତି ।

୧୧ ରାତିରେ ମୋର ଘୋର ମନସ୍ତାପ ହେଲା । ମନେହେଲା ମୋ ଭଳି ବେକୁବ୍ ପୃଥିବୀରେ ନ ଥିବେ । ଓଡ଼ିଶାରେ ଆପଣା ଲୋକଙ୍କ ଗହଣରେ ମୁଁ କେବେ ଲିଖିତ ଭାଷଣ ପଢିନାହିଁ । ଆଗରୁ ବିଷୟ ଉପରେ ଚିନ୍ତା ଗୁଡିକୁ ମନେ ମନେ ସଂହତ, ବିନ୍ୟସ୍ତ କରି ନେଇ ଥାଏ । ଏମିତି ଠିଆ ହୋଇ ବାଗ୍‌ଦେବୀଙ୍କୁ ସ୍ମରଣ କରି କହିଥାଏ । କେବେ ଲୋକହସା ହେବାକୁ ପଡିନାହିଁ । ବକ୍ତା ବୋଲି କିଛି ସୁଖ୍ୟାତି ନମିଳିଛି ତା'ବି ନୁହେଁ । ହେଲେ କଲିକତାର ସେ ଭବ୍ୟ ପରିବେଶରେ ଶେଷକୁ ମୋତେ ଧୂଳିସାତ୍ ହେବାର ବୋଧେ ଯୋଗ ଥିଲା । ମୋତେ ରାତି ସାରା ନିଦ ହେଲା ନାହିଁ । ବହୁବାର ଚେଷ୍ଟା କରିଛି ଦଶମିନିଟିଆ ଭାଷଣଟିଏ ଲେଖିଦେଲେ ପଢ଼ି ଦିଅନ୍ତି । ହେଲା ନାହିଁ ।

୧୨ ତାରିଖ । ସକାଳ ଅଧିବେଶନ । ସେଦିନ ପ୍ରାୟ ୧୪୦୦୦ ଶ୍ରୋତା । ବାହାରେ ବର୍ଷା । ମୁଁ ମଞ୍ଚ ଉପରକୁ ଚଢିଲା ବେଳେ ମୋ ମୁଣ୍ଡ ଫାଙ୍କା ହୋଇଗଲା । ମୋ ନାଁ ବୋଧେ ପଚ୍ଚାରିଲେ କହି ପାରି ନଥାନ୍ତି । ଆଖି ବୁଜି ସ୍ଥିର ହେବାକୁ ଚେଷ୍ଟା କଲି । ଯାହା କହିବାକୁ ଭାବିଥିଲି ମନେ ପକାଇଲି । ସ୍ୱାମୀଜୀଙ୍କ ଭବ୍ୟ ରୂପ ମନେ ପକେଇଲି । ବାକ୍‌ଦେବୀଙ୍କୁ ସ୍ମରଣ କଲି । ମୋ ନା' ଡକା ହେଲା । ଧଳା ଧୋତି ପଞ୍ଜାବୀ ପିନ୍ଧି ଭାଷଣ ପୀଢ଼ ଉପରେ ଠିଆ ହେଇ ଭୁଲିଗଲି ମୁଁ କେଉଁଠି ଅଛି, କ'ଣ କହୁଛି - କିନ୍ତୁ ଇଂରାଜୀରେ କହିଗଲି, ବିଷୟ ଥିଲା ''ସ୍ୱାମୀଜିଙ୍କ ମତରେ ବିଶ୍ୱସଂହତି, ସମସ୍ୟା ଓ ସମ୍ଭାବନା''

ସେ ସମଗ୍ର ଭାଷଣଟି ଗୋଟିଏ ଟେପ୍‌ରେକର୍ଡରୁ ଉଦ୍ଧାର କରି, ଏ ପୁସ୍ତିକାରେ ଛପା ଯାଇଛି । ଦଶ ବାର ମିନିଟ୍‌ର ଭାଷଣ, ମଝିରେ ମଝିରେ କରତାଳି ମୋ କାନରେ ବାଜିଛି । ତା'ପରେ ପରେ ସଭାର ସ୍ତବ୍ଧତା ବି ମୋତେ ଘେରି ଯାଇଛି । ଯେତେବେଳେ ଗୋଟିଏ

Digitized by srujanika@gmail.com

ବେଦମନ୍ତ୍ର ସହିତ ମୁଁ ଉପସଂହାର କଲି, ମୁଁ ଦେଖିଲି ସମସ୍ତେ ଠିଆ ହୋଇ କରତାଳିରେ ଏ ବକ୍ତାଟିକୁ ସମ୍ବର୍ଦ୍ଧିତ କରୁଛନ୍ତି ! ସେ ସମୟର କୃତକୃତ୍ୟତା, ଜୀବନର ଏକ ଅବିସ୍ମରଣୀୟ ସାଫଲ୍ୟ ଓ ସାର୍ଥକତା ମୋର କିଛି ମନେ ନାହିଁ । ସେ ସବୁ ବୋଧେ ମୋର ଅନୁଭବକୁ ଆସିନଥିଲା । ପରେ ଆସିଲା ବେଳେ ବାରଂବାର ମନେ ପଡୁଥିଲା । ଏବେ ବି ମନେ ପଡିଲେ ରୋମ ଟାଂକୁରି ଉଠୁଛି "ତୋମାର ମତନ୍ ଦୟାଲ୍ ବନ୍ଧୁ ଆର୍ ପାବ ନା !" କିଏ ମୋତେ ସେ ପ୍ରଳୟ ଜଳରେ ପିଠି ପତେଇ ଧରିନେଲା ସମସ୍ତଙ୍କ ଅଳକ୍ଷ୍ୟରେ । ଶୁଣିଥିଲି କିନ୍ତୁ ସେଦିନ ଜାଣିଲି, ଅନୁଭବ କଲି ଆଉକି ଜାଣିଲେ ସେ ସଂଭାଳି ଜାଣେ ।

ମୂଳ କଥାକୁ ଫେରି ଆସୁଛି । ସଭାପରେ ସମଗ୍ର ସଭାର କେନ୍ଦ୍ରରେ ମୋତେ ବହୁ ଶ୍ରଦ୍ଧା, ସମ୍ମାନ, ଅଭିନନ୍ଦନ ମିଳିଲା । ବହୁ ଅଟୋଗ୍ରାଫ ଦେବାକୁ ପଡିଲା । ବେଲୁର୍ ମଠର ମାନନୀୟ ସ୍ୱାମୀଜିଗଣଙ୍କ ଶ୍ରଦ୍ଧାଶ୍ଳେଷ ଲାଭ କରି ନିଜକୁ ଧନ୍ୟ ମଣିଲି । ଲୋକେଶ୍ୱରାନନ୍ଦଜି ମହାରାଜ ମୋ କାନ୍ଧରେ ହାତ ରଖି ମୋତେ ସମସ୍ତଙ୍କ ସହିତ ପରିଚୟ କରି ଦେଉଥାନ୍ତି । ଏତେ ଗହ ଗହ ପ୍ରଶଂସା, ସମାଦର, ସେତେବେଳେ ରଖିବାକୁ ମୋ ଭିତରେ ଥାନ ନଥିଲା, ଏବେ ବି ନାହିଁ । ବେଲୁର୍ ମଠ ଗଲୁ । ସେଇଠି ତା' ଆରଦିନ ମଧ୍ୟ ଗୁଞ୍ଜରୁଥାଏ ସେ କ୍ଷୁଦ୍ର ଭାଷଣଟିର ପ୍ରଶଂସା । - ଏ ଅନୁଭବଟି ନିଟୋଳ ମୁକ୍ତାଫଳ ପରି ଟଳମଳ - ଏହାର ତୁଳନା ନାହିଁ ।

ୟାପୂର୍ବରୁ ଋଷିକେଶ ଯାଇଛି, ସ୍ୱାମୀ ଶିବାନନ୍ଦଙ୍କ ୧୨୫ ତମ ଜନ୍ମ ଦିବସ ଉପଲକ୍ଷେ । ସ୍ୱାମୀ ଚିଦାନନ୍ଦଙ୍କର ଅନେକ ଶ୍ରଦ୍ଧା ଓ ଆଶୀର୍ବାଦ ଲାଭ କରିଛି । ସ୍ୱାମୀ ଆତ୍ମାନନ୍ଦଜୀ ମହାରାଜ, ପଣ୍ଡିଚେରୀର ମାଧବ ପଣ୍ଡିତଙ୍କ ଗ୍ରହଣରେ ଭାଷଣ ଦେଇଛି । ସେଇଠି ମୋର ଅଧ୍ୟାପକୀୟ ସ୍ଥିତିରେ ମୁଁ ଆତ୍ମସ୍ଥ ଓ ଆତ୍ମସଚେତନ ରହିଛି । ଢେର ପ୍ରଶଂସା ପାଇଛି ।

ୟା'ପରେ ଲକ୍ଷ୍ନୌ, ପାଟନା(୧୯୯୪) ରାମକ୍ରିଷ୍ଣ ମିଶନ୍‌କୁ ଯାଇ ଭାଷଣ ଦେଇଛି । ରାମକ୍ରିଷ୍ଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଲଚରରେ ବାର୍ଷିକ ୧୯୯୪ ଉତ୍ସବରେ ଭାଷଣ ଦେଇଛି । ବହୁ ସାଫଲ୍ୟ ଓ ସମ୍ମାନ ମିଳିଛି । ହାଇଦ୍ରାବାଦ ୧୯୯୬ରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ଭେଲ୍ୟୁଜ୍ ରେ ଶ୍ରୀ ଅରବିନ୍ଦଙ୍କ ବିଷୟରେ ଦୀର୍ଘ ଦୁଇଟି ଭାଷଣ ପ୍ରଦାନ କରିଛି । ଏ ସବୁ ଠିକ୍ । ଭାଷଣ ଭଲ । ଶ୍ରୋତା ଭଲ । ଉତ୍ତମ ସମାଦର, ସମ୍ମାନ୍, ଶ୍ରଦ୍ଧା ।

କିନ୍ତୁ ୧୯୯୩ ସେପ୍ଟେମ୍ବର ୧୨ ତାରିଖ ପୂର୍ବାହ୍ନରେ ଯାହା ଘଟିଲା ଓ ତା'ପରେ ଯାହା ମିଳିଲା ତାର ତୁଳନା ନାହିଁ ।

ଅବଶ୍ୟ କହିବା ଓ ଲେଖିବା ଅଲଗା ଅଲଗା ଅନୁଭବ, ଯେପରି ଶୁଣିବା ଓ ପଢ଼ିବା ମଧ୍ୟ ସ୍ୱତନ୍ତ୍ର ଅନୁଭବ । ପଠିତ ନିବନ୍ଧକୁ ମୁଁ କହିବାର ମର୍ଯ୍ୟାଦା ଦେଉ ନାହିଁ । କହିବା ବେଳେ

Digitized by srujanika@gmail.com

ଏକତ୍ର ତିନିଟା ଶାଖାରେ ଫଳ ଫଳେ । ବକ୍ତା ନିମଗ୍ନ ରହିଥିଲାବେଳେ ଚିନ୍ତା କରୁଥାଏ ବଛା ବଛା ଶବ୍ଦରେ ପ୍ରକାଶ କରୁଥାଏ, ଯାହା କହିଲା ତାକୁ ମନେ ରଖିଥାଏ ଆଗରେ ଶ୍ରୋତାଙ୍କୁ ଅନେଇଥାଏ । କଥା ଲାଖରେ ବାଜୁଛି ନା ନାହିଁ ଲକ୍ଷ୍ୟ କରୁଥାଏ ନିଜକୁ ନିଜେ ପ୍ରଶ୍ନ କରୁଥାଏ, ଠିକଣା କଥା ଠିକଣା ବାଗରେ କହିଲା ନା ନାହିଁ । କଥା ଅଯଥା ଫେଣେଇଲା, ନା ଯେତିକି ଯେମିତି କହିବା କଥା କହି ପାରିଲା । ତାର ସ୍ୱର, ତାର ଶବ୍ଦ ଯୋଜନା ତାର ବକ୍ତବ୍ୟ, ତାର ମୌଳିକତା ତାର ରସବୋଧ ଓ ରସିକତା ଏବଂ ଏ ସମସ୍ତ ଓ ଆହୁରି ଅନେକ କିଛିର ତାତ୍‌କାଳିକତା ହିଁ ତାକୁ ବାଗ୍ମୀ କରିପାରେ । ମିଠଂ ଚ ସାରଂ କହିବାରେ ସାହାଯ୍ୟ କରିପାରେ ।

କିନ୍ତୁ ସତକୁ ସତ କ'ଣ ଏ ସବୁ ସେ ସଚେତନ ରହି କରେ । ଯଦି କରେ ସେ ଏକରକମ ଘୋଷାପାଠ ଆବୃତ୍ତି କରୁଥିବା ଅଭିନେତା ବା ନେତା । ବକ୍ତା ଏକ ଉପସ୍ଥିତ ବୁଦ୍ଧିସଂପନ୍ନ ତତ୍କାଳ କବି । ସେ creative writer ଭଳି ଜଣେ creative speaker. ସେ କଶ୍ମିନ୍ କାଳେ ପୁନରାବୃତ୍ତି କରିପାରେ ନାହିଁ । ନୂଆ ଡାଳରେ ନୂଆ ପତ୍ର ମେଲି ଚାଲିଥାଏ । ଏଠି ସେଠି ପୁରୁଣା ପ୍ରସଙ୍ଗ କିଛି ଆସିଯାଇପାରେ । କିନ୍ତୁ ସଫଳ ଭାଷଣଟିଏ, ନୂଆ ଗଳ୍ପ ବା ନୂଆ କବିତାଟିଏ ଭଳି ଏକ ସ୍ୱତନ୍ତ୍ର ସୃଷ୍ଟି ।

କବିତା ଲେଖିବା ବେଳେ କବି ହୃଦୟ ସମାନଧର୍ମୀ ପାଠକଟିଏ କଳ୍ପନା କରେ । ସେ ନିରବଧି କାଳ ଓ ବିପୁଳା ପୃଥିବୀରେ କେବେ କୋଉଠି ସମ୍ଭବିବ ବୋଲି ବିଶ୍ୱାସ ରଖି ରଚନା କରେ ।

ବକ୍ତା କେବେ ଶ୍ରୋତାକୁ କଳ୍ପନା କରେ ନାହିଁ । ତା ଆଗରେ ଉତ୍କର୍ଣ୍ଣ, ଉତ୍କଣ୍ଠିତ ଶ୍ରୋତାଙ୍କ ସମାବେଶ । ସେ ଭିତରେ କିଏ ସହୃଦୟ କିଏ ଅହୃଦୟ, କିଏ ସମାନଧର୍ମୀ କିଏ ଅସମାନଧର୍ମୀ ଜାଣିବା କଷ୍ଟ । ନିରବଧିକାଳ ଓ ବିପୁଳା ପୃଥ୍ୱୀ ହଠାତ୍ ସଘନ ସଂକୁଚିତ ସାନ୍ଦ୍ର ହୋଇ ସଭାଗୃହରେ ବିବିଧ ଶ୍ରୋତା ରୂପରେ ସାକାର ହୋଇଯାଏ ।

ସେଥିପାଇଁ ବକ୍ତାର ପରିସ୍ଥିତି ଭାରି ଜରୁରୀ । କବି ନିଜ ଇଚ୍ଛାର ମାଲିକ । ମର୍ଜି ହେଲା ଲେଖିଲା, ନହେଲା କଲମ ଥୋଇ ଦେଇ ଫୁଲ ବଗିଚାକୁ ଚାଲିଗଲା । କିନ୍ତୁ ବକ୍ତାର ସେ ସମ୍ଭାବନା ନାହିଁ । ଥରେ ଉଭା ହୋଇଗଲେ ସେଇଠୁ ଓହରିଯିବାର ବାଟ ନାହିଁ ।

ଶବ୍ଦ ଯଦି ଊଣା ପଡିଗଲା କବିତାକୁ ତେର ଘଣ୍ଟା ପରେ ତେରଥର ସଂଶୋଧନ କରି ମାଜି ଦେଇପାରେ । ବିଚାରା ବକ୍ତାର ଶବ୍ଦ ବାଟୁଳି ଭଳି ଥରେ ମୁହଁରୁ ବାହାରିଗଲେ ତା' ଉପରେ ଆଉ ଆୟତ୍ତ ନଥାଏ । ତାକୁ ସହସ୍ର କର୍ଣ୍ଣ ଶ୍ରୋତା ଧରିନେଇଥାଏ । ତେଣିକି ସେଇ ଶବ୍ଦକୁ ଖଞ୍ଜିଲା ଭଳି ଆଉ ଶବ୍ଦ ଜାଲ ବୁଣି ଅବାଟରେ ଗୋଡ ଖସୁଥିଲା ବେଳେ ସମ୍ଭାଳିବାକୁ ପଡେ ବକ୍ତାକୁ ।

ବକ୍ତାକୁ ବେଳ ନାହିଁ । ଅତିବେଶି ଘଣ୍ଟାଏ । ଏଣେ ବିଶେଷଜ୍ଞ କହନ୍ତି ଯେ କୋଡିଏ ମିନଟ୍‌ରୁ ଊର୍ଦ୍ଧ୍ୱ ସମୟ କୌଣସି ଶ୍ରୋତା ଗୋଟିଏ ବିଷୟ ଉପରେ ମନୋନିବେଶ କରି ପାରେ

Digitized by srujanika@gmail.com

ନାହିଁ । ଏଣୁ ଯଦି ସମଗ୍ର ବକ୍ତବ୍ୟରେ ମୌଳିକତା, ଚମତ୍କାରିତା, ନିର୍ଭୁଲ ଶବ୍ଦ ଯୋଜନା, ସହିତ ଉଚ୍ଚାରଣର ସ୍ପଷ୍ଟତା ମଧୁରତା,ତୀକ୍ଷ୍ଣତା ଯଥାସ୍ଥାନରେ ନ ରହିଲା ଶ୍ରୋତା ସମୁଦ୍ର କମ୍ପିତ ହୁଏ, ଅସ୍ଥିର ହୁଏ ଆଉ ତେଣିକି ବକ୍ତା ଗୃହୀତ ହୁଏ ନାହିଁ ।

କହିବା ତ ଦୈନନ୍ଦିନ ନିତ୍ୟବ୍ୟବହାର୍ଯ୍ୟ କ୍ରିୟା । ଜଣେ ଜଣକ ସାଙ୍ଗରେ କଥା ହେବା ସଂଳାପ । ପର୍ଯ୍ୟାୟ କ୍ରମେ ସେଇଟା ଆଳାପରୁ ଉପନିଷଦ ଯାଏ ବ୍ୟାପି ଯାଇପାରେ । କିନ୍ତୁ ଜଣେ ବକ୍ତା ଆଗରେ ଅନେକ ଶ୍ରୋତା ଉପସ୍ଥିତ ଥିଲେ ପରିସ୍ଥିତି ଅଲଗା । ସମସ୍ତଙ୍କ ରୁଚି ମନୋଭାବ ଆଶା, ଆକାଂକ୍ଷାର ମୋଟାମୋଟି ଗ.ସା.ଗୁ ବାହାର କରିବା ସହଜ ନୁହେଁ । ଏଣୁ ଗୋଟାଏ ବିଷୟ ସ୍ଥିର କରାଯାଇଥାଏ, ସମସ୍ତେ ମୋଟାମୋଟି ତାହାରି ଉପରେ ଚେତନାରେ କେନ୍ଦ୍ରୀଭୂତ ହୁଅନ୍ତି ବକ୍ତା ମଧ ତାକୁ ଆଶ୍ରା କରି ତାର କଥା କହିବା ଆରମ୍ଭକରେ । କିଛି ଜଣା କିଛି ଅଜଣା କିଛି ଅନୁଭବ କଥା ଶ୍ରୋତାଂକୁ ଶୁଣାଏ । ସେଥିରେ କିଛି ଆମୋଦିତ କଲାଭଳି କିଛି ଚମକୃତ କଲାଭଳି କିଛି ଅଭିଭୂତ, ଦ୍ରବୀଭୂତ କଲାଭଳି କଥା ମଧ ଥାଏ । ଘଣ୍ଟାଏ ସମୟ ଭିତରେ ବକ୍ତା ତାଙ୍କୁ କୁହୁକ ମନ୍ତ୍ରରେ ଅନ୍ୟ ଏକ ରାଜ୍ୟକୁ ନେଇଯିବା ଭଳି ସାମର୍ଥ୍ୟ ନ ରଖିଲେ ଶହଶହ ମନକୁ ଏକାଠି ବାନ୍ଧି ରଖିବା ସହଜ ନୁହେଁ । କେବଳ ପାଣ୍ଡିତ୍ୟ ବହୁଶାସ୍ତ୍ରଦର୍ଶିତା ବହୁଳ ଉଦ୍ଧୃତି ଯଥେଷ୍ଟ ନୁହେଁ । କିଏ କ'ଣ କହିଛି ଜାଣିବା ଅପେକ୍ଷା ଶ୍ରୋତା ଚାହାନ୍ତି ବକ୍ତା କ'ଣ କହୁଛି ଶୁଣିବାକୁ । ଏଣୁ ମୌଳିକତା ଚିନ୍ତାରେ, ଅନୁଭବରେ, ବକ୍ତବ୍ୟରେ, ଭାଷାରେ, ଶବ୍ଦରେ, ନରହିଲେ ବକ୍ତା ସଫଳ, ସାର୍ଥକ ହୋଇପାରିବ ନାହିଁ । ନିମଗ୍ନ ରହି ନିଜକୁ କହି ଜାଣିଲେ ଅନ୍ୟକୁ କହିବା ସହଜ ।

ବେଳେବେଳେ ସଭାସ୍ଥଳରେ ଏକ ଅତ୍ୟନ୍ତ ନିବିଡ଼ ଘନିଷ୍ଠତା, ଗୋଟାଏ ପ୍ରକାର ଅସାଧାରଣ ଆପଣାପଣ ଅନୁଭବ ହୁଏ । ସେଇଠି ବକ୍ତା ଅତ୍ୟନ୍ତ ସ୍ୱଚ୍ଛନ୍ଦ, ମୁକ୍ତ ସହଜ ହୋଇଯାଏ । ସାଧାରଣତଃ କେହି ଜଣେ କଣ୍ଠେ ବସି ପଦ କହି ନଦେଲେ ତ' ବକ୍ତାହେବା ଅସମ୍ଭବ । କିନ୍ତୁ ଏଭଳି ପରିବେଶରେ ସତକୁ ସତ, ଗଛଡ଼ାଳକୁ ଉଡ଼ନ୍ତା ପକ୍ଷୀ ଓହ୍ଲେଇ ଆସିଲା ପରି ଅଦ୍ଭୂତ କଥାସବୁ ସ୍ୱଚ୍ଛ ଶବ୍ଦମାନଙ୍କୁ ନେଇ ଓହ୍ଲେଇ ଆସନ୍ତି । ଏଭଳି ଅନୁଭବ ମୋର ବାରଂବାର ଆସିଛି । ବକ୍ତୃତାଟିଏ କବିତାଟିଏ ବା ଚିତ୍ରଟିଏ ପରି ଅନାୟାସ ଓହ୍ଲେଇ ଆସିଛି । କଟକ ମାତୃଭବନରେ ଅନେକ ଥର, କେନ୍ଦୁଝରରେ ପ୍ରପତ୍ତି ସ୍ମାରକୀ ବେଳେ, ଚାନ୍ଦବାଲିରେ, ରାଉରକେଲା ଯୋଗମନ୍ଦିରରେ ୧୯୯୮ରେ ଏଭଳି ସ୍ପଷ୍ଟ ଅନୁଭବ ଆସିଛି । ନିଜେ ନିଜ ଉପରେ ବିସ୍ମିତ ହେବାର, ନିଜ ଉଚ୍ଚାରଣରେ ଅଜ୍ଞାତ ନୂତନ ସତ୍ୟ ଆବିଷ୍କାର କରିବାର ବିରଳ ଅନୁଭବ କୌଣସି ନିୟନ୍ତ୍ରୀ ମଙ୍ଗଳକାରିଣୀ ଶକ୍ତି ହାତରେ ନିଜେ ଏକ ଉପଚାର ଯନ୍ତ୍ର ହୋଇଯିବାର, ମାଧ୍ୟମ ହୋଇଯିବାର ଅଦ୍ଭୂତ ଅନୁଭବ ଆସିଛି ।

ଏ ପ୍ରସଙ୍ଗରେ ଆମେରିକା ଗସ୍ତବେଳେ ଦୁଇ ତିନୋଟି ଭାଷଣ ଉଲ୍ଲେଖଯୋଗ୍ୟ, ଗୋଟିଏ ଟରଣ୍ଟୋ ସହରରେ, ଗୋଟିଏ ୱାଶିଂଟନରେ ଏବଂ ଆଉ ଗୋଟିଏ ଆଲାବାମାରେ

Digitized by srujanika@gmail.com

ଏ ବର୍ଷ ରଥଯାତ୍ରା ପୂର୍ବଦିନ । ଜଗନ୍ନାଥ ତତ୍ତ୍ୱ, ଆଗାମୀ ଶତାବ୍ଦୀରେ ଉପନିଷଦର ପ୍ରାସଙ୍ଗିକତା ଏବଂ ବେଦର ବାର୍ତା ଥିଲା ବିଷୟ । ମାଧ୍ୟମ ପ୍ରଥମଟିରେ ଓଡ଼ିଆ ଅନ୍ୟ ଦୁଇଟିରେ ଇଂରାଜୀ, ସେ ଭାଷଣ ଗୁଡ଼ିକ ଅନ୍ୟମାନଙ୍କୁ ମୁଗ୍ଧ କଲା ନିଶ୍ଚୟ, କିନ୍ତୁ ମୋତେ ତଦପେକ୍ଷା ଅଧିକ ବିସ୍ମିତ କଲା ଓ ଆମୋଦିତ କଲା । ମନେହେଲା ସତେବା ମୁଁ ଗୋଟିଏ ମାଧ୍ୟମ ମାତ୍ର । ମୋ ଜରିଆରେ ଆଉ କିଏ ହୁଏତ କହୁଚି ।

ଶ୍ରୀ ଅରବିନ୍ଦ ପାଠଚକ୍ର ଓଡ଼ିଶାରେ ଅନେକ । ବହୁ ସ୍ଥାନରେ ବହୁବାର ପହଞ୍ଚିଛି । ଏବଂ ଗୋଟିଏ ମିନିଟରେ ମାଇକ୍ ଆଗରେ ଠିଆ ହୋଇ କହିବାକୁ ପଡ଼ିଛି । ଯଥା ବଡ଼ବିଲ୍ ପାଖରେ ମାଟ୍‌କାମ୍‌ବେଡ଼ା । ଗାଡ଼ିରୁ ଓହ୍ଲେଇଲା ମାତ୍ରେ ଉତ୍କଣ୍ଠିତ ଅପେକ୍ଷମାଣ ଶ୍ରୋତାଙ୍କ ଆଗରେ ଠିଆ ହେଲି । ଯାତ୍ରାର ଯାବତୀୟ ଦୁଃଖ ମନେପକାଇବାକୁ ବେଳ ନାହିଁ । କ'ଣ କହିବାକୁ ହେବ ଜଣା ନାହିଁ । ଜଣେ ପଦେକହି ଆଡ଼େଇ ହୋଇ ଯାଉଛନ୍ତି .... "ଅମୁକ ବିଷୟରେ ଏବେ ସାର୍ କହିବେ !" - ବାଃ ଏ କ'ଣ କଳଗାଉଣା ହେଉଛି । କିନ୍ତୁ ସତକୁ ସତ ଘଣ୍ଟାଏ କାଳ କୋଉଠୁ କୋଉଠୁ କ'ଣ ସବୁ ଆସି ଅଜାଡ଼ି ହେଇଗଲା । ଉଭୟ ଶ୍ରୋତା ଓ ବକ୍ତା ସ୍ତବ୍ଧ ହୋଇ ଶୁଣୁଥାନ୍ତି ।

ଠିକ୍ କହିଲେ ଭାଷଣ ଦେବା ବୋଧହୁଏ ଆରମ୍ଭ ହେଲା ୧୯୫୩ ମସିହାରେ । ପୁରୁଷୋତ୍ତମପୁର ହାଇସ୍କୁଲର ବାର୍ଷିକ ଉତ୍ସବ । ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସହିତ ନଈ ପାର ହୋଇ ପହଞ୍ଚିଥିଲି । ସେତେବେଳେ ଖଲ୍ଲିକୋଟ କଲେଜରେ ଇଂରାଜୀ ଅଧ୍ୟାପନା ଆରମ୍ଭ ହୋଇଥାଏ । ମୂଳରୁ ହିଁ ବାକ୍‌ପଟୁତା ବା ଇଂରାଜୀରେ ଯାହାକୁ କୁହାଯାଏ gift of the gab ପାଇଁ ଖ୍ୟାତି । ଅଦ୍ୟାବଧି ସମସ୍ରାଧିକ ସଭାରେ ବହୁବିଧ ବିଷୟମାନଙ୍କରେ କହିବାକୁ ପଡ଼ିଛି । ଭାଷା, ସାହିତ୍ୟ, ସଂସ୍କୃତି, ଧର୍ମ, ଦର୍ଶନ କଳା, ଉପନିଷଦ ଗୀତା, ରାମକୃଷ୍ଣ, ବିବେକାନନ୍ଦ, ନିଗମାନନ୍ଦ, ଶ୍ରୀଅରବିନ୍ଦ । ମୋ ଜୀବନଧାରାରେ ଏହା ଏକ ସମାନ୍ତର ସ୍ରୋତ । ବେଳେବେଳେ ବେକୁବ୍ ଭଳି କିଛି କହି ପାରିଲି ନାହିଁ ବୋଲି ଆତ୍ମଗ୍ଲାନିରେ ଭାଂଗି ପଡିଛି, ଯଥା- ଡ: ହରେକୃଷ୍ଣ ମହତାବଙ୍କ ଉପସ୍ଥିତିରେ କଟକ ଉପରେ ବର୍ଷାଝଡ଼ ଚାଲିଥିଲା ବେଳେ ବିଷୁବ ମିଳନ ସାଂଘ ଅଧିବେଶନରେ ବକ୍ତା ଭାବରେ ଯାହା କହିଲି ବା କହି ପାରିଲିନାହିଁ ବୋଲି ହା ହତୋଽସ୍ମି କହି ଆଉଟୁ ପାଉଟୁ ହୋଇଥିଲି ବହୁଦିନ ପର୍ଯନ୍ତ । ହଠାତ୍ ଜଣେ ସେହି ସଭାରେ ଉପସ୍ଥିତ ଶ୍ରୋତା ବହୁ ବର୍ଷପରେ ମନେ ପକାଇ କହିଲେ, ଯେ ସେଇଟା କୁଆଡେ ତାଙ୍କ ପାଇଁ ଏକ ଅବିସ୍ମରଣୀୟ ବକ୍ତବ୍ୟ ।

କେବଳ ଲେଖକ ହୋଇ ରହିବାରେ ମୋର ଆପତ୍ତି ନଥିଲା । ସେଥିରେ ବି ପୁଣି ଖାଲି ନିବନ୍ଧ ଲେଖିଥିଲେ ବହୁ ଶତ୍ରୁତାରୁ ବଞ୍ଚିଯାଇଥାନ୍ତି । କିନ୍ତୁ ଗଳ୍ପ ଉପନ୍ୟାସ ବି ସ୍ୱାଭାବିକ ଢଙ୍ଗରେ ଆସିଲେ ଅରଣ୍ୟକୁ ଚ଼ଢେଇ ପରି । ଫଳରେ ମୁଁ ସବୁପ୍ରକାର ଲେଖିଲି କବିତା ବି ଲେଖିଛି । ଭୟରେ ଛପେଇ ନାହିଁ । କାଳେ ପୁଣି ଶତ୍ରୁ ହୋଇଯିବେ । କାହାର ଏକଚାଟିଆ ପୈତୃକ ଇଲାକାରେ ଅନଧିକାର ପଶିଗଲି ବୋଲି ତ ସେମାନେ ଭାବନ୍ତି । ମୁଁ ଜାଣେ

Digitized by srujanika@gmail.com

ସାହିତ୍ୟରେ ସେମିତି କିଛି ରାଜ୍ୟ ନାହିଁ କି ରାଜା ନାହାନ୍ତି । ତେବେ କାହିଁକି କାହା ସାଙ୍ଗରେ ବାଦ କଲି ବୋଲି କିଏ ଭାବିବ - ସେମିତି ଗଳ୍ପରେ ହେଲା - । ସେଥିପାଇଁ କବିତା ଛାଡ଼ି ନାହିଁ, ନାଟକ ଏମିତି ଲତାଗୁଳ୍ମ ଉହାଡ଼ରୁ ଉଙ୍କି ମାରିଛି । କିନ୍ତୁ ମୁଁ ସେ ଆଡ଼କୁ ଦୃଷ୍ଟି ଦେଇନାହିଁ । କହି ପାରୁ ନାହିଁ ଯଦି ସେ ବି ସାମ୍ନାରେ ଆସି କେବେ ଦାବି କରିବସେ ତାକୁ ମଧ୍ୟ ଆପଣେଇବାକୁ ମୁଁ ବାଧ୍ୟ ହୁଏ, ସୁଧୀଜନେ ଦୋଷ ଘେନିବେ ନାହିଁ ।

କେବଳ ବକ୍ତାଟିଏ ହୋଇଥିଲେ ମଧ୍ୟ ମୋର ଆପତ୍ତି ନଥିଲା । ବୃତ୍ତି ଅଧ୍ୟାପନା ଏଣୁ ବକ୍ତା ହେବାରେ ଆପତ୍ତି ବା କେଉଁଠି ? ସେ ଭୂମିରେ ମୋର ଏକାଧିକ ପ୍ରଥିତଯଶା ବନ୍ଧୁ ଅଛନ୍ତି । ପାଟି ଫିଟେଇଲେ ଗଂଗାପ୍ରବାହ ପରି ଅନର୍ଗଳ ଭାଷଣ ବାହାରେ । ବାକ୍‌ଦେବୀଙ୍କ କୃପା ଲାଭ କରିଛନ୍ତି । ଯଶସ୍ୱୀ ବକ୍ତାଭାବରେ । ଲେଖିବା ତାଙ୍କ ପାଇଁ ଏକ ଗୌଣ କ୍ରିୟା ବା ପ୍ରାୟ ନିଷ୍ପ୍ରୟୋଜନ । ମୁଁ ବି ସେପରି ହୋଇ ପାରିଥିଲେ ଚଳିଥାନ୍ତା ।

କିନ୍ତୁ ବିଧିର ବିଚିତ୍ର ବିଧାନ - ମୋତେ ଉଭୟ ମାର୍ଗରେ ବିନିଯୋଗ କଲେ ମାଲିକେ । ସେହିପରି ତୁଳୀ ବଟାଳି ଧରାଇ ଦେଇଥିବାରୁ ରଂଗ ରୂପର ଛନ୍ଦ ସୃଷ୍ଟି କରିବାକୁ ପ୍ରବୃତ୍ତ ହେଲି । ଜୀବନରେ ଏ ମୋଡ଼ ଉପରେ ଛିଡ଼ା ହୋଇ ଭାବୁଛି ଯେ କୌଣସି ଗୋଟିଏ ମାଧ୍ୟମରେ ନିଜକୁ ପ୍ରକାଶ କରିବାର ପର୍ଯ୍ୟାପ୍ତ ସାମର୍ଥ୍ୟ ନ ଦେଇ ମାଲିକ ଚାହିଁଲେ ଏପରି ବିବିଧ ମାର୍ଗରେ ନଚେଇବାକୁ । ଫଳରେ ସବୁକ୍ଷେତ୍ରରେ ଦଶଆଙ୍ଗୁଳ ନ୍ୟୁନ ହୋଇ ଠିଆ ହେଲି । ଶୀର୍ଷଭେଦ କରି ପାରିଲି ନାହିଁ । ହଉ, ସେଥିପାଇଁ କୌଣସି ଦୁଃଖ ନାହିଁ । ସେ ଯେମିତି ଚାହିଁଲେ ସେପରି ହେଲି । ଯଦି ସେପରି ହୋଇ ପାରିଲି ତାହାହିଁ ତ ମୋର ସାର୍ଥକତା । ମାଲିକ ଆଗରେ ହେଠମାଥ ତ' ଠିଆ ହେବାକୁ ପଡ଼ିବ ନାହିଁ ।

ମୋର ବନ୍ଧୁ, ସୁଜନ, ସୁଜାଣ ପଣ୍ଡିତ ସୁଧୀଜନେ, ଯଦି କୌଣସି କ୍ଷେତ୍ରରେ ମୁଁ ଆପଣଙ୍କୁ ନିରାଶ କରିଥାଏ ଦୋଷ ଘେନିବେ ନହିଁ । ମୋର ମାନିବାରେ ତିଳାର୍ଦ୍ଧେ ବି ଦ୍ୱିଧା ନାହିଁ ଯେ ଏ ସବୁ ମୋ ଗୋଚରରେହୋଇନାହିଁ, ଆଉ ଜଣକ ମର୍ଜି ଉପରେ ହୋଇଛି । ଅତିରଞ୍ଜିତ କରିବାରେ ସାରଳା ତ୍ରେତାଯୁଗ ମଲ୍ଲ । କିନ୍ତୁ ବିଶ୍ୱାସ କରନ୍ତୁ ସେ ଯେତେବେଳେ କହନ୍ତି, 'ରାତିରେ ସେ ପଦମାନ କହିଦିଏ, ଦିନ ଆଲୁଅରେ କବି ତାକୁ ପ୍ରବନ୍ଧ କରେ ସେଥିରେ ଆଦୌ ଅତିରଂଜନ ନାହିଁ । ନ୍ୟାୟାଳୟର ଶପଥପାଠ ପରି ଏହା ସତ୍ୟ । ସଭାମଞ୍ଚରେ ଭାଷଣ ଦେବାବେଳେ, ନିଭୃତରେ ବସି କବିତା ଲେଖିଲା ବେଳେ ସେ ହିଁ ଅଦୃଶ୍ୟ ଭୂମିରୁ ପଦ କହି ଦିଏ । ଏହା ସତ୍ୟ ସତ୍ୟ ।

'ବକ୍ତା ଚନ୍ଦ୍ରଶେଖର' ବୋଲି ଗୋଟିଏ ନିବନ୍ଧ ଯଦି ଏ ସଂକଳନରେ ପ୍ରକାଶ ପାଇ ନଥାନ୍ତା, ମୋ ବ୍ୟକ୍ତିତ୍ୱର ବକ୍ତାଭାବ ଉପରେ ମୁଁ ଆଦୌ ପାଟି ଫିଟେଇ ନଥାନ୍ତି । - କିନ୍ତୁ କଥା ପଡିବାରୁ କୈଫିୟତ ଦେବା ଅନିବାର୍ଯ୍ୟ ହୋଇ ପଡିଲା ।

Digitized by srujanika@gmail.com

ଏ ଦଶ ବର୍ଷରେ ମୁଁ ଦିଗଦିଗରେ ବିସ୍ତୃତ ହୋଇ ଯିବାର ଅନୁଭବ କରିଛି । ପରିବାର ଶାଖା ପ୍ରଶାଖାୟିତ ହୋଇ ଯାଇଛି । ଆଚମ୍ବିତ କରି ମୋର ଦୁଇଝିଅ ଏକା ଦିନକେ ବିବାହ ହୋଇ ଚାଲିଯାଇଛନ୍ତି ହାଇଦ୍ରାବାଦ ଓ ବାଙ୍ଗଲୋର । ଆଚମ୍ବିତ କରି ମୁଁ ଓଡ଼ିଶା ସୀମା ଟପି କଲିକତା, ଦିଲ୍ଲୀ, ହାଇଦ୍ରାବାଦ, ଲକ୍ଷ୍ନୌ, ପାଟନା, ଋଷିକେଶରେ ପହଞ୍ଚିଛି । ଶେଷ ବେଳକୁ ଏବର୍ଷ ଯାଇଛି ଆମେରିକା । ପଚାଶଦିନ ରହଣି କାଳରେ ସାରା ମହାଦେଶ ଭ୍ରମିଛି । ବହୁ କଥା ଦେଖିଛି ବହୁକଥା ଶୁଣିଛି । ବହୁକଥା କହିଛି । ଦେଇଛି, ପାଇଛି ଅନେକ । ଏହାରି ଭିତରେ ତିରିଶ ବର୍ଷପରେ ଯନ୍ତ୍ରାରୂଢ ଉପନ୍ୟାସ ହିନ୍ଦିଭାଷୀ ପାଠକ ଜଗତକୁ ପ୍ରବେଶ କରିଛି । ମାକ୍‌ମିଲାନ୍ ତାର ଇଂରାଜୀ ଅନୁବାଦ କରାଉଛନ୍ତି ଭାଷା ସରହଦ ଡେଇଁ । ଏ ଉପନ୍ୟାସ ବିସ୍ତୃତ ଭୂମିରେ ପହଞ୍ଚୁଛି ।

୧୯୯୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀରେ "ସବୁଠାରୁ ଦୀର୍ଘ ରାତ୍ରୀ"ର ଅବସାନ ଘଟିଛି । ତନ୍ନାମ ବିଶିଷ୍ଟ ଗଳ୍ପ ସଂକଳନ ପାଇଁ ଏକାଡେମି ପୁରସ୍କାର ଆସିଛି । ଅଭିନନ୍ଦନ ଅପେକ୍ଷା କାହିଁକି ଏତେ ବିଳମ୍ବ ହେଲା ବୋଲି ଏକ ଆହତ ଶ୍ରଦ୍ଧାର ପ୍ରତିବାଦ ଗୁଞ୍ଜରିତ ହୋଇଛି ଚାରିଆଡେ ।

ସେହି ଏକାଡେମୀର କାର୍ଯ୍ୟକାରୀ ସମିତିର ସଭ୍ୟ ରୂପେ ଦିଲ୍ଲୀ ଯିବା ଆସିବା ଭିତରେ ଶ୍ରୀଅରବିନ୍ଦ ଆଶ୍ରମ ଦିଲ୍ଲୀ ଶାଖା ସହିତ ସଂପର୍କ ଘନିଷ୍ଠତର ହୋଇଛି ସେମାନେ ତ' ଓଡ଼ିଆ ଜାଣନ୍ତି ନାହିଁ । ଅନୁବାଦ ତ' ନାହିଁ । ସେମାନେ ହଠାତ୍ ବନ୍ଧାଟିକୁ ଆବିଷ୍କାର କରିଛନ୍ତି । ତାକୁ ଶ୍ରଦ୍ଧା କରିଛନ୍ତି । ନୈନିତାଲରେ ଅନୁଷ୍ଠିତ ହେଉଥିବା ଶିବିରକୁ ପ୍ରତିବର୍ଷ ନିମନ୍ତ୍ରଣ କରି ନେଉଛନ୍ତି । ଶ୍ରୀଅରବିନ୍ଦଙ୍କ ପ୍ରଶ୍ନ ଆଲୋଚନା କରିବା ଦାୟିତ୍ୱ କେବଳ ନୁହେଁ, ତାହା ଏକ ସୌଭାଗ୍ୟ । ପାହାଡ ଚୂଳରେ ଘନ ନିରବତା ଭିତରେ ଶ୍ରୀଅରବିନ୍ଦଙ୍କ ଜିଜ୍ଞାସୁ ଭକ୍ତଙ୍କ ଗହଣରେ ଦିବ୍ୟଜୀବନ ଗ୍ରନ୍ଥ ଆଲୋଚନା କରିବା ଏକ ଦିବ୍ୟ ଅନୁଭବ । ଏହା ମହୋଦଧି ତଟଦେଶରୁ ହିମାଳୟ ପାଦଦେଶ ପର୍ଯ୍ୟନ୍ତ ବିସ୍ତାର ଭଳି ଅଭିଭୂତ କରିଛି । ଏହା ମୋ ଜୀବନରେ ଏକ ଭବ୍ୟ ବିସ୍ତାର । ଫୁଲ ପାଖୁଡ଼ା ମେଲିଲା ପରି ବିସ୍ତୃତ ହୋଇଗଲେ ସମ୍ଭାବନା ସରିଯାଏ ନା କ'ଣ । ସତୁରୀ ପୂରି ଗଲା । ଏଇଠୁ କ'ଣ ଆଉ ଏକ ଆରୋହଣର ଆରମ୍ଭ ହେଲା ବୋଲି କହିହେବ ନା ଘଟ ପରିପୂର୍ଣ୍ଣ କରିଦେଇ ମାଲିକ ଇସାରା ଦଉଛନ୍ତି ଘଟାନ୍ତର ପାଇଁ ?

ଉଭୟ ପାଇଁ ମୁଁ ପ୍ରସ୍ତୁତ ।

୨୦୦୦ ମସିହା ପରେ ନୂତନ ଶତାବ୍ଦୀ । ହଠାତ୍ ରାତି ପାହିଲେ ସୃଷ୍ଟି ଆନ ଆନ ହୋଇଯିବାର ସମ୍ଭାବନା ନାହିଁ । କାଳ ପ୍ରବାହରେ ମୋଡ଼, ଭାଙ୍ଗ ବା ଲେଉଟାଣି କିଛି ନାହିଁ । କିନ୍ତୁ କ'ଣ ନୂଆଟାଏ ହେଲା ବା ହେବାକୁ ଯାଉଛି, ଏଭଳି ଏକ ପ୍ରତ୍ୟୟ ପଛରେ ଯେଉଁ ମାନସିକତା ଅଛି, ତାହାହିଁ ପ୍ରକୃତ ପରିବର୍ତ୍ତନ ।

Digitized by srujanika@gmail.com

ଏଥିରେ ପୃଥିବୀର ଭାଗ୍ୟ, ମଣିଷ ଜାତିର ଭାଗ୍ୟ ନିୟନ୍ତ୍ରିତ ହେଉଛି ଆଉ ଗୋଟିଏ ଦିଗରେ ଆଉ ଗୋଟିଏ ବିବର୍ତ୍ତିତ ମଣିଷ ପାଇଁ ବୋଧହୁଏ ଭୂମି ପ୍ରସ୍ତୁତ ହେଉଛି । ମନେ ହେଉଛି ଅଦ୍ଭୂତ ଶକ୍ତି କେନ୍ଦ୍ରମାନ ସୃଷ୍ଟି ହେଉଛନ୍ତି । ଆଣବିକ ପରମାଣବିକ ଶକ୍ତି ତ' କାଲିକା କଥା, ସେଇଟା ପୁରୁଣା । ତାକୁ ଅତିକ୍ରମ କରି ଆଉ ଗୋଟାଏ ଶକ୍ତିର ଆବିଷ୍କାର ହେବାକୁ ଯାଉଛି । ପରିବର୍ତ୍ତନର ଅର୍ଥ ବିବର୍ତ୍ତନ, ବ୍ୟୁତ୍ଥାନ । ଏହାର ଅର୍ଥ ଉଲ୍ଲଙ୍ଘନ, ବିସ୍ଫୋରଣ ମଧ୍ୟ । ଏଥର ବିସ୍ଫୋରଣ ଘଟିବ ମଣିଷ ଭିତରେ । ତାର ମାନସ କ୍ଷେତ୍ରରେ ତାର ପ୍ରାଣ କେନ୍ଦ୍ରରେ ତାର ଚେତନା କେନ୍ଦ୍ରରେ ।

ମନେହୁଏ ଯେଉଁ ଦେଶରେ ଅଦ୍ଭୂତକର୍ମା ବିଜ୍ଞାନୀ ମାନେ ଜନ୍ମିଛନ୍ତି ସେହି ଦେଶରେ ହିଁ ତ୍ରିକାଳଦର୍ଶୀ ଋଷିମାନେ ଜନ୍ମିବେ । ପୃଥିବୀରେ ଭୌଗୋଳିକ ସୀମାରେଖା ଅପ୍ରାସଙ୍ଗିକ ହୋଇଯିବ । କରାମଳକବତ୍ ପୃଥିବୀକୁ ପାପୁଲି ଉପରେ ଧରି ମହାପୁରୁଷମାନେ ତାର ସଂସ୍କାର କରିବେ । ଆୟାରର୍ଲାଣ୍ଡର ଉବ୍‌ଲିନ୍ ସହରରେ ରାସ୍ତା ମୁଣ୍ଡରେ ଛିଡା ହୋଇ ସ୍କୁଲଛାତ୍ରମାନେ ଗାୟତ୍ରୀ ମନ୍ତ୍ର ଜପ କଲାପରି ସାରା ପୃଥିବୀରେ ଏକ ନୂଆ Renaissance ଆସିବ । ଭାରତୀୟ ବୈଦିକ ଚେତନାର ଅଭ୍ୟୁତ୍ଥାନ ହେବ । କିନ୍ତୁ ଭାରତ ବାହାରେ ସବାଶେଷରେ ସେ ପ୍ରବାହ ଫେରି ଆସିବ ଭାରତକୁ ଏବଂ ଏଇଠି ଉଠିବ ଆଉ ଏକ ଦିବ୍ୟଜ୍ୟୋତି ।

ଏହା କଳ୍ପନା ନୁହେଁ । ଏହା ଦ୍ରଷ୍ଟା ପୁରୁଷଙ୍କର ଉପଲବ୍ଧି । ତାର କିଛି କିଛି ଚାକ୍ଷୁଷପ୍ରମାଣ ମଧ୍ୟ ଦେଖାଗଲାଣି ।

ଏଭଳି ଏକ ଅଭିନବ ଜାଗରଣ ବେଳେ ଯେଉଁମାନେ ଜୀବିତ ଓ ଜାଗ୍ରତ ଥିବେ ସେମାନେ ଧନ୍ୟ । ମୁଁ ରହିବି କି ନା ଜାଣେ ନା ।

ରହିଲେ କିନ୍ତୁ ଅଶୀପୂର୍ତ୍ତି ପାଳନ ହେବ ନାହିଁ । ସେତେବେଳେ ବୋଧେ ନୀରବ ରହିବା ଅଧିକ ଅର୍ଥପୂର୍ଣ୍ଣ ହେବ । ପରସ୍ପରକୁ ଚାହିଁ ରହିବା, ଚାହିଁ ରହି ଅଳ୍ପ ହସିଦେବା ହିଁ ବୋଧହୁଏ ଯଥେଷ୍ଟ ହେବ ।

ପ୍ରକୃତରେ ସତେ ଏତେ କଥା କହିବାର ଏତେ ଲେଖିବାର କ'ଣ ଅର୍ଥ ଅଛି ? ଶତାବ୍ଦୀ ସରିଆସୁଛି ସେ କ'ଣ କୋଳାହଳ କରୁଛି ? ଆକାଶ କୋଳାହଳ କରୁଛି ନା ପୃଥିବୀ ?

ଏଣିକି ପୁରାତନ ପକ୍ଷୀପରି ପାଖେଇ ଆସନ୍ତୁ । ନିରବି ଯିବା । କ'ଣ ଟାଏ ଅପୂର୍ବ ହେବାକୁ ଯାଉଛି । ତାକୁ ସମ୍ଭ୍ରମର ସହିତ ଅପେକ୍ଷା କରିବା !

ଚନ୍ଦ୍ରଶେଖର ରଥ

◆ ◆ ◆

Digitized by srujanika@gmail.com

ନିବନ୍ଧରେ ଲାଳିତ୍ୟ

ଅଶ୍ରୁତ ସ୍ୱର

ରାମଗିରି ଆଶ୍ରମର ଯକ୍ଷ ଆଦ୍ୟ ଆଷାଢ଼ରେ ମେଘଖଣ୍ଡକୁ ଦେଖି ଦୂତରୂପେ ଅଳକାପୁରକୁ ପଠାଇଦେଲା ବୋଲି ପଂଝାଏ ଅଦ୍ୟାବଧି ନାକରେ ହାତ ଦେଇ ହସୁଛନ୍ତି । ସେମାନେ ହସନ୍ତି ଏବଂ ହସନ୍ତି ବୋଲି ସେମାନଙ୍କ ଡରରେ କାଳିଦାସ ମଧ ତାଙ୍କ ପକ୍ଷଟିର ଏଭଳି ଅସ୍ୱାଭାବିକତା ପାଇଁ ଗୋଟାଏ ପ୍ରକାର ଓକିଲାତି କରିଛନ୍ତି । ପାଗଳ କିମ୍ବା ମଦ୍ୟପ ଯେପରି ସ୍ୱାଭାବିକ ବ୍ୟବହାର ପାଇଁ ବାଧ୍ୟ ନୁହନ୍ତି, କାମାର୍ତ୍ତ ମଧ ଜଡ଼ଚେତନ ବାରି ନ ପାରିବା କୁଆଡ଼େ ସେହିପରି ଯୁକ୍ତିସଙ୍ଗତ । ଯେଉଁ ବିଚାର-ବୁଦ୍ଧି ବଳରେ ତର୍କ କରାଯାଏ, ସେଇଟା ଯଦି ସବୁବେଳେ କ୍ଷୁରଧାର ପରି ଚାଇଁ ଚାଇଁ ହେଉଥିବ, ତେବେ ତ' କଥା ସେଇଠି ସରିଗଲା; କାରଣ କଳ୍ପନା ରହିବ ନାହିଁ, ଏଣୁ ଭୂତ ଭବିଷ୍ୟତ ମଧ ରହିବନାହିଁ । ସାହିତ୍ୟ, ଦର୍ଶନ ଏକେବାରେ ନାକଚ ଏବଂ ଧର୍ମଧାରଣା ସଂପୂର୍ଣ୍ଣ ଅସଂଭବ । ସେଇ ନାକଟେକା ନୀତି-ବାଗୀଶଦଳ ଚଷମା ପିନ୍ଧି କାବ୍ୟରୂପୀ କବିଟିକୁ ଓଲଟ ପାଲଟ କରି ଗଡ଼େଇଲାବେଳେ ଓଠ ଲେଉଟେଇ ଭ୍ରୂକୁଞ୍ଚେଇ ଟାକରା ମାରନ୍ତି ଏବଂ ବିଚରା ଯଦି କୌଣସି ଗୋଟିଏ ମୁହଁରେ କେବେ ଚତୁର୍ଦ୍ଦଶୀର ଜହ୍ନ ଦେଖିଦେଇଛି, ତେବେ ତାକୁ ନିର୍ବିକାର, ଶୂଳରେ ଚଢ଼େଇ ଦିଅନ୍ତି । ତାଙ୍କ ପାଇଁ ମେଘ ସଂପୂର୍ଣ୍ଣ ଜଡ଼; ହଂସ ବା ଭ୍ରମର କାଶୀରେ ସଂସ୍କୃତ ପଢ଼ି ନାହାନ୍ତି, ଏଣୁ ସେମାନଙ୍କୁ ଦୂତ କରିବା ଭଲା କିପରି ସମ୍ଭବ ? ଆହା ବିଚରା ! ଶୁଖିଲା କାଠଢେଲା ପରି ଏମାନଙ୍କ ଜୀବନରେ କେବେ ହେଲେ ଫୁଲ ଫୁଟେନାହିଁ । କେବଳ ଓଉ ଫଳିଲା ପରି ଗୁଡ଼ାଏ ଗୋଟାଳିଆ ଓଜନ ଓହଳି ଥାଏ । ସେଇଥିରେ ତାଙ୍କ ଡାଳ ଲଇଁ ରହେ ଏବଂ ତାକୁ ବଣିଜ କରି ସେମାନେ ବଞ୍ଚନ୍ତି ଓ ମରନ୍ତି । ଅଭୁତର ସଂଘାତରେ ଆଚମ୍ବିତ ହେବାର ନମନୀୟତା ତ ତାଙ୍କର ନାହିଁ । ଏ ଶୁଷ୍କଂ କାଷ୍ଠଂ ମହାଶୟମାନେ ଗୋଟିଏ ଗୋଟିଏ ଦୁଷ୍କଗ୍ରହ । ସେମାନଙ୍କୁ କିଛି ବଳିଭୋଜ୍ୟ ଦେଇ ଆଡ଼େଇ ଆସନ୍ତୁ । ସେମାନଙ୍କ ପାଇଁ ନିଷିଦ୍ଧ ଅଞ୍ଚଳର ବଣଭୋଜି ଭିତରକୁ ଆପଣଙ୍କୁ ନିମନ୍ତ୍ରଣ ରହିଲା । ଆପଣଙ୍କୁ ହାତଧରି ଯେ ପାଛୋଟି ନେଇଯିବେ, ସେ ହୁଏତ ସଦାଚଞ୍ଚଳ ତରୁଣ ପିପ୍ପଳଟିଏ । ଯେ ଆପଣଙ୍କ ଆଗରେ ନାଚି ନାଚି ରୁପାର ଝରଣାପରି ଝରିଯିବ

Digitized by srujanika@gmail.com

ସେ ହୁଏତ ପୂର୍ଣ୍ଣମ୍ୀର ପାହାଡ଼ । ଆପଣ ସମସ୍ତଙ୍କୁ ଜାଣନ୍ତି; କିନ୍ତୁ ଚିହ୍ନନ୍ତି ନାହିଁ । ଦୋଷ ଆପଣଙ୍କର ନୁହେଁ । ଯାହାର ଦୋଷ ଆପଣ ତାଙ୍କୁ ଫାଟକ ପାଖରେ ଛାଡ଼ିଦେଇ ଆସିଛନ୍ତି ।

ଜହ୍ନକୁ ମାମୁଁ ବୋଲି ଡାକିବା ବୟସରେ ଆପଣ ବେଳେବେଳେ ଧରିଥିବା ପ୍ରଜାପତିଟିକୁ ଛାଡ଼ି ଦେଇଛନ୍ତି, ନ ହେଲେ ତା' ମା' କୁଆଡ଼େ କାନ୍ଦିଥାନ୍ତା । ଚାଟଶାଳୀକୁ ଗଳାବାଟରେ ବସ୍ତାନୀ ତଳେ ଥୋଇ ଦେଇ ବଟ ଓହଳରେ ଘଡ଼ିଏ ଦୋଳି ଖେଳିଛନ୍ତି, ନ ହେଲେ ବଟଗଛ ମନ ଊଣା କରିଦେଇଥାନ୍ତା । ଖୁବ୍ ନରମ ସେ ରାଜ୍ୟର ସ୍ୱପ୍ନ । ସରଳ ସ୍ନିଗ୍ଧ ଗୋଟିଏ ଚନ୍ଦ୍ରବିମ୍ବିତ ଜୁଆର ସୃଷ୍ଟିସାରା ଛଳ ଛଳ ହେଉଥାଏ ସେ ରାଜ୍ୟରେ; କିନ୍ତୁ ବୟସ ବଢ଼ି ଆସିଲେ ଜୁଆର ଘୁଞ୍ଚିଯାଏ ଏବଂ କାଦୁଅ ହୁଡ଼ା ଭିତରେ ବେଢ଼େଇ ହୋଇ କିଆରୀ କିଆରୀ ହୋଇଯାନ୍ତି, ଜଡ଼, ଚେତନ, ଉଦ୍ଭିଦ, ପଶୁ ପକ୍ଷୀ ଓ ମଣିଷ । ସେ ବୟସଟାରେ ବୋଧହୁଏ ଖୁବ୍ ସହଜରେ ନିଜକଥା ଅନ୍ୟ ଉପରେ ଆରୋପ କରିଦେଇ ହୁଏ; ସେ ବଟଗଛ ହେଉ ବା ପ୍ରଜାପତି ହେଉ କିନ୍ତୁ କଥାଟାକୁ ଆଉ ଟିକିଏ ତଳେଇ ଦେଖିଲେ ଜଣାଯାଉଛି ଯେ ଆମେ ମୁଣ୍ଡବାଳ ପାଚିଲା ପର୍ଯ୍ୟନ୍ତ ଏ ବାଲ୍ୟାବସ୍ଥାରେହିଁ ରହିଥାଉ । ନହେଲେ କ'ଣ କାଠ ପଥରକୁ ଚନ୍ଦନ ସିନ୍ଦୂର ଦେଇ ଦୋଳିରେ ଝୁଲାଉ ଥାଆନ୍ତେ ? ଆମେ ସୁଖ ପାଉଥିବା ବିବିଧ ପିଠାପଣା ଭୋଗ ଲଗାଇ ଉନ୍ମତ୍ତପରି କୀର୍ତ୍ତନ କରୁଥାନ୍ତେ ? ଆଜୀବନ ଆମେ ବାଳୁତ ହୋଇ ରହିଯାଉ । ଆମ ସ୍ୱପ୍ନଭୂମି ବଦଳିଯାଏ; କିନ୍ତୁ ନିଶା କଟେନାହିଁ ।

ଭାଗ୍ୟକୁ ନିଶା କଟେନାହିଁ ବୋଲି ମେଘଦୂତ ରଚନା ହୁଏ, ବାରମ୍ବାର ଜଡ଼ଚେତନର ବ୍ୟବଧାନ ଡେଇଁ ଏକାକାର କରିବାର ଉତ୍ସୁକତା ଜାରି ରହେ । ବୟସ ବୃଦ୍ଧିକୁ ଅସ୍ୱୀକାର କରୁଥିବା, ତା'ର ମୋଟା ଚଷମାକୁ ଭାଡ଼ିତଳେ ଲୁଚାଇ ଦେଉଥିବା ଚପଳମତି ବାଳକର ଅଜସ୍ର ଜୟ ହେଉ ! ମୋଟ ଉପରେ ମାନବ କଳ୍ପନାର ଜୟହେଉ । ଯାହା କେବେ କୌଣସି ଶୃଙ୍ଖଳାକୁ ସ୍ୱୀକାର କରିନାହିଁ, ପୁରୁଣାରେ ନୂଆକୁ ସୃଷ୍ଟି କରିଛି; ନୂଆରେ ପୁରୁଣାକୁ ପୁନର୍ଜୀବିତ କରିଛି; ତା'ର ଚିର ପ୍ରବହମାନ ଧାରାରେ ଅହରହ ଇନ୍ଦ୍ରଧନୁର ରଙ୍ଗ ଫୁଟେଇ ଚାଲିଛି । ସେ ଜଡ଼ରେ ଜୀବନ୍ୟାସ କରେ, ଅଚଳକୁ ସ୍ପନ୍ଦିତକରେ; ମ୍ରିୟମାଣ, ନିର୍ବାକ୍ ଚେତନାରେ ନୂତନ ସ୍ଫୁରଣ ଯୋଗାଇ ଦିଏ । କଳ୍ପନାର ଇନ୍ଦ୍ରଜାଲରେ ସର୍ଜନା କରିଚାଲିଥିବା ସ୍ରଷ୍ଟା ସ୍ୱପ୍ନ-ବିଭୋର ନୁହେଁ, ସେ ଆଉ ଏକ ଘନିଷ୍ଠ ପର୍ଯ୍ୟାୟରେ ସତ୍ୟ-ବିଭୋର । କୌଣସି ନୀରବ ନିଶାର୍ଦ୍ଧ ଭିତରେ ଭିସୁଭିୟସ୍‌ର

Digitized by srujanika@gmail.com

ବିସ୍ଫୋରଣ ଘଟିଲେ ସେ ହିଁ ସାଗର ଗର୍ଭରେ ନିଜର ଅଦ୍ଭୁତ ଅସ୍ଥି-ସ୍ତବ ଦେଖିପାରିବ । ହୁଏତ ସେଇଟା ତା'ନିଜର ପ୍ରତିବିମ୍ବ; କିନ୍ତୁ ତା'ବୋଲି ଆଗ୍ନେୟଗିରି କିମ୍ବା ସାଗର ପରି ବସ୍ତୁ ତୁଳନାରେ ତାହା ଯେ କମ୍ ସତ, ଏକଥା କଣ କହିହେବ ? ବରଂ ଉଭୟର ସଂଘାତରେ ଏ ଆଚମ୍ବିତ ସୃଷ୍ଟି ଅନ୍ୟ ଯେ କୌଣସି ବସ୍ତୁ ପ୍ରବାହପରି ସତ । ସ୍ଥୂଳ ଇନ୍ଦ୍ରିୟର ବଳୟଭିତରେ ମୋଟା ମୋଟି ଭାବରେ ଆମେ ରହିଯାଉ । ବତିଖୁଣ୍ଟକୁ ବେଢ଼ିଥିବା ଆଲୋକ ବିତ୍ତର ପରପାରରେ ଅଦ୍ଭୁତ ରାତ୍ରି ଆମର ଅଗୋଚର ରହିଯାଏ । ଅତୀନ୍ଦ୍ରିୟ ଜଗତ ଅପରିଚିତ ରହିଯାଏ । ପରିଚିତ ପରିଧିକୁ ସ୍ପର୍ଶକରି ତା' ଉପରକୁ ଅଦୃଶ୍ୟ ଶୀତଳ ସ୍ୱପ୍ନପରି ସଂଚରି ଆସୁଥିବା 'ଅପରିଚିତ' ହିଁ ନିତ୍ୟ-ପ୍ରବୃତ୍ତ-ବର୍ତ୍ତମାନ । ସାମାନ୍ୟ ମାତ୍ର ଦୃଷ୍ଟିର ଅଦଳ ବଦଳ ହୋଇଗଲେ ଏ ରାଜ୍ୟରୁ ସେ ରାଜ୍ୟକୁ ପହଁରି ଯାଇହୁଏ ।

କୌଣସି ଆର୍ଦ୍ର ନିର୍ଜନ ଅପରାହ୍ନରେ ନୀରବ ଡାକବଙ୍ଗଳାରେ ବସି ଆପଣ ସେ ଗଛଗୁଡ଼ିକୁ ନିଶ୍ଚୟ ଦେଖିଥିବେ । ପ୍ରତ୍ୟେକଟିର ଠାଣି ଅଲଗା, ଶାଖା ପତ୍ର ଡାଳ ସବୁ ଅଲଗା । ପବନ ବାଜିଲେ ଚହଲିଯିବା ଭଙ୍ଗୀ, ନ ବାଜିଲେ ଗୁମ୍ ମାରି ଠିଆ ରହିବାର ଢଙ୍ଗ, ଜଣକଠାରୁ ଆର ଜଣକର ସଂପୂର୍ଣ୍ଣ ସ୍ୱତନ୍ତ୍ର । ପ୍ରତ୍ୟେକର ଗୋଟିଏ ଲେଖାଁ ବ୍ୟକ୍ତିତ୍ୱ, କାହା ସାଙ୍ଗରେ ନ ମିଶିଲା ଭଳି, ସମସ୍ତଙ୍କଠାରୁ ବାରି ହୋଇଗଲା ଭଳି । କିଏ ଦିଶେ, ହେଇ ବୋଧହୁଏ ନିଦରୁ ଉଠି ବହୁତୋଳି ଅଳସ ଭାଙ୍ଗୁଛି; ଗୁଡାଏ ନରମ ହାଲୁକା ବାଳ ମୁହଁରେ ବୁକୁରେ ବିଛେଇ ହୋଇଯାଇଛି ! କିଏ ଦିଶେ ଲାଜରେ ଜଡ଼ସଡ଼ ହୋଇ ଠିଆହେଲାଭଳି । ଦୁଇଟି 'କଞ୍ଚା ଲଇ ପରି ସଙ୍କୁଚିତ ବାହୁ ତା'ର ସଦ୍ୟସ୍ନାତ ଲାବଣ୍ୟକୁ ଘୋଡ଼େଇ ପାରୁନାହିଁ; ଆଖି ତୋଳି ସେ ଅନେଇ ପାରୁନାହିଁ ମେଘବଳୟିତ ଶ୍ରାବଣର କଦମ୍ବକୁ;- ନୂପୁର-ରେଖା ଉପର ଦେଇ ଯମୁନା ବୋହିଯାଉଛି- । ନେଳି ଜର ଜର ବଳିଷ୍ଠ ସ୍ତମ୍ଭ ପରି ଆଉ କାହାକୁ ଦେଖି ମନେହୁଏ କହିବାକୁ 'ପୁରୁଷପୁଙ୍ଗବ ଦେହି ଦାସ୍ୟଂ' । ତା'ଭିତରୁ କିଏ ହୁଏତ ପାଚିଲା ଭୂରୁ ତଳୁ ମିଟିମିଟି ଅନାଇଁ ମୁଚୁକି ମାରେ; ତା'ଚନ୍ଦାମୁଣ୍ଡରେ ଦୁଇ ତିନି କେରା ଝୋଟ ପରି ଅଇରା ବାଳ । ତା'ର ଶାଖାଗୁଡ଼ିକ କେବଠୁଁ ଝଡ଼ିଗଲେଣି, ଶୁଖିଗଲାଣି ପତ୍ରର ସଂଭାର । ଗଣ୍ଡି ମାଟି ଖାଇ ବିବର ଫିଟିଗଲାଣି । ଦାନ୍ତ ନ ଥିବା ପାକୁଆ ପାଟି ମେଲେଇ ତଥାପି ସେ ମଇତ୍ରପଣିଆଁ ପ୍ରକାଶ କରେ । କିଏ ଦିଶେ ପୁଛା ଛାଟି ଦେଇ ଚହଟି ଆସୁଥିବା ମୟୂର ପରି, ଫଣା ତୋଳି ପଦ୍ମତୋଳାରେ ଝୁଲୁଥିବା ଚମ୍ପାନାଗ ପରି ।

ଚିନ୍ତାରାଜ୍ୟରେ ଏଗୁଡ଼ିକ ଉଦ୍ଭଟ ! ଅଳଂକାରରେ ରୂପକ ବା ଉତ୍ପ୍ରେକ୍ଷା । କେବଳ ବାର୍‌ବିଳାସ-ଦାୟିତ୍ୱହୀନ ଲଗାମ ଛଡ଼ା କଳ୍ପନାର ମିଥ୍ୟାଚାର । ଗଛଗୁଡ଼ାକ କାହିଁକି ମଣିଷ ଭଳି ବା ପଶୁପକ୍ଷୀ ଭଳି ଦିଶିବେ ? ଦିଶିବାରେ ସେମାନଙ୍କର ଆୟର

Digitized by srujanika@gmail.com

ନାହିଁ । କେବଳ ଦେଖୁଥିବା ଆଖିରେ କେମିତି କାଚ ଲାଗିଛି ତା'ଉପରେ ସେମାନଙ୍କର ରୂପ ଓ ରଙ୍ଗ ବଦଳି ଯାଏ । ଏଥିରେ ସତ୍ୟତା ନାହିଁ; ଅଛି କେବଳ ଦର୍ଶକର ପ୍ରତି ମୁହୂର୍ତ୍ତରେ ବଦଳୁଥିବା ଖିଆଲି ରୁଚି । ସେ ଗଛ ହୁଏତ' ଦାନ୍ତ କଡ଼ମଡ଼ କରି ଆଖି ତରାଟି ମାଡ଼ିଆସିଲା ପରି ଦିଶିପାରେ । ବାହୁ ଟୋକି ଗର୍ଜି ଉଠିଲାପରି ବୋଧ ହୋଇପାରେ । ଅତି ବିକଟାଳ ଓ ଭୟଙ୍କର ଦିଶିପାରେ । ଅତଏବ ଦିଶିବା ଗୋଟାଏ ବ୍ୟଭିଚାରୀ ବିମ୍ବରେଖା । ସେଥିରେ କି ପ୍ରକାର ବା ସତ୍ୟ ଥାଇପାରେ ? କୌଣସି ଗୋଟିଏ ମୁହୂର୍ତ୍ତରେ ମଣିଷ ଏବଂ ଗଛ ପରସ୍ପରକୁ ସ୍ପର୍ଶକରୁଥିବା ହେତୁ ହୁଏତ ଦର୍ଶକଉଦ୍ଭିଦାୟିତ ହୋଇଯାଏ ଏବଂ ଗଛ ହୋଇଯାଏ ମାନବାୟିତ । ଗୋଟିକରେ ଆରଟିର ନିବିଡ଼ ପ୍ରତିଫଳନ ହୁଏ ବୋଲି ଏଭଳି ଭ୍ରମ ହେବା ସ୍ୱାଭାବିକ । ଖୁବ୍ ସଂଭବ ଏହା ହିଁ ହୁଏ; କିନ୍ତୁ ସବୁବେଳେ କ'ଣ ତାହା ହୁଏ ନା ସମସ୍ତଙ୍କ ପାଇଁ ହୁଏ ? କୌଣସି ବିଶିଷ୍ଟ ପରିବେଶ ଭିତରେ ଅନେକ ଆବରଣ ତଳେ ଖୁବ୍ ଗହୀରରେ ଏ ପ୍ରକାର ନିବିଡ଼ ଅନୁଭବଟିଏ ଆସେ ଏବଂ ଏଇଟା ଗୋଟାଏ ପ୍ରକାର ସ୍ନିଗ୍ଧ ଶୀତଳ ଆପଣାପଣର ଅନୁଭବ; ଭଲ ପାଇବାର ଅଦ୍ଭୁତ ଅନୁଭବ ।

ଗଛଟିଏ ଆଉ କାହାଭଳି ନ ଦିଶି କେବଳ ଗଛପରି ଦିଶିଲେ ମଧ୍ୟ ଭାରି ଚମତ୍କାର ଦିଶିପାରେ । ଖାଲି ତାକୁ ଠିକ୍‌ରୂପେ ନିଘା ଜମେଇ ଦେଖି ଜାଣିଲେ ହେଲା । କିଛି ସମୟ ଧରି ଆମେ କେବଳ ନିଜକୁ ହିଁ ସର୍ବତ୍ର ଦେଖିଥାଉ । ଆମ ରୁଚି, ଆମ ସାଙ୍ଗେ ମେଳ ଖାଉଥିବା, ବାରପଣରୁ ଷୋଳପଣ ମିଶି ଯାଉଥିବା ରଙ୍ଗ ରୂପରେ ଆତ୍ମୀୟତା ଅନୁଭବ କରିଥାଉ । ଗଛଟିକୁ ବାରମ୍ବାର ଯେତେବାଗେ ଅନାଇଲେ ମଧ୍ୟ ତା'ର ନୂଆ ରୂପ, ନୂଆ ଛନ୍ଦ ଆମକୁ ମୁଗ୍ଧ କରେ । ଘନିଷ୍ଠବ୍ୟକ୍ତି ଯେପରି ବହୁ ସହସ୍ର କମନୀୟତାର ପାଖୁଡ଼ା ମେଲି ଜୀବନକୁ ମଧୁସ୍ନାତ କରୁଥାଏ ତଥାପି ତାର ଅସଲ କେନ୍ଦ୍ରଟିକୁ ଛୁଇଁ ହୁଏନାହିଁ, ଚିହ୍ନି ହୁଏନାହିଁ ସେ ଅତି ପରିଚିତ ବନ୍ଧୁଟିକୁ ସେପରି ଏ ଗଛଟି । ଶାଖା, ପ୍ରଶାଖା, ପତ୍ରପୁଷ୍ପର ଗୋଟିଏ ମୁହୂର୍ତ୍ତରୁ ଆର ମୁହୂର୍ତ୍ତକୁ ସେ ବଦଳି ଚାଲିଥାଏ । ଦଶ ଦିଗରୁ ବଦଳି ଚାଲିଥାଏ । କୌଣସି ଗୋଟିଏ ମୁହୂର୍ତ୍ତରେ ସମଗ୍ର ଗଛଟିକୁ ଦେଖିବା ସମ୍ଭବ ନୁହେଁ । ଏଣୁ ଫାଳେ ସୋରାଏ ନେଇ ଯାହା କିଛି ସଂପର୍କ ହୋଇଗଲା, କେବଳ ସେତିକି । ଏ ଅଫୁରନ୍ତ ପ୍ରୟାସରେ ହଠାତ୍ କ୍ଳାନ୍ତ ଲାଗେ ଏବଂ ଯେଉଁ ରୂପ, ରଙ୍ଗ ଓ ଛନ୍ଦରେ ସେ ଜଡ଼େଇ ରଖିଥିଲା ହଠାତ୍ ସେ ସବୁ ଜଣାପଡ଼େ-ସେଇ ପରିମାଣରେ ନିଜର ଆଖି, ନାକ, କାନର ଧରାବନ୍ଧା ବସ୍ତୁ-କ୍ରିୟା ଜଣାପଡ଼େ ଅତି ବାହାରିଆ, ଅତି ସାଧାରଣ, ଉପରେ ଉପରେ କେବଳ ଗୋଟିଏ ପ୍ରକାର

Digitized by srujanika@gmail.com

ଭାବଦୋଷ୍ଟିପରି । ସବୁ ରୂପ ରଙ୍ଗ ଛନ୍ଦ ଆଡ଼େଇ ଦେଲାପରେ ଯେଉଁ ଅବଶେଷଟି ରହିଯାଏ ଏବଂ ଦେଖି ଶୁଣି ଛୁଇଁବାର ବାହ୍ୟ ଆଚରଣ ପାଣ୍ଟାତ୍‌ରେ ଦର୍ଶକର ଯେଉଁ ଅବଶେଷାଂଶ ଲୁଚିଥାଏ, ସେ ଦୁହେଁ ହଠାତ୍ ଦିନେ ମୁହାଁମୁହିଁ ହୋଇଯାନ୍ତି । ଘନ ଅନ୍ଧାର ଏବଂ ନୀରବତା ଭିତରେ ବିଜୁଳି ଚମକିଲାପରି ଗୋଟାଏ ଆଚମ୍ବିତ ସମ୍ପର୍କ ହୋଇଯାଏ, ନିର୍ବାକ୍ ବନସ୍ପତି ସେଠି କଥା କହେ । ସମସ୍ୱରରେ ଦୁହେଁ ଗୋଟିଏ ଛନ୍ଦରେ ଗୋଟିଏ ମାତ୍ର ସଙ୍ଗୀତ ଗାଇଉଠନ୍ତି । ତେଣିକି ଗଛରୁ ପୁରୁଣା ବକଳା ଝାଡ଼ିଦେଇ ତାକୁ କୁଣ୍ଢେଇବା ସହଜ, ତା'ପତ୍ରରେ ପତ୍ରରେ ଲହଡ଼ି ମାରୁଥିବା ଆତ୍ମୀୟତାକୁ ଅନୁଭବ କରିବା ସହଜ, ତା'ମୂଳରେ ପାଣିଢ଼ାଳି ନିଜର ତୃଷା ମେଣ୍ଟେଇବା କିମ୍ବା ତା'ର ସବୁଜ ଚୂଡ଼ା ଉପରେ ହିମବର୍ଷା କରି ନିଜେ ଆର୍ଦ୍ରଶୀତଳ ହେବା ସହଜ । ଏଣୁ ଜଣେ ମୟୂର ପରି ନାଚି ଉଠିଲେ ଆଉ ଜଣକ ନବଜୀମୂତ ରୂପରେ ପ୍ରେମ ରକ୍ଷା କରିବାକୁ ବାଧ । ଏଭଳି ନୂଆ ନୂଆ ରୂପ ସବୁ ସେଇ ମୌଳିକ ସଂପର୍କ ଓ ଛନ୍ଦର ହିଁ ବିଭିନ୍ନ ସ୍ୱର ।

ଥରେ ଏପରି ନିବିଡ଼ ସଂପର୍କ ବସ୍ତୁ ବା ବ୍ୟକ୍ତି ସହିତ ସ୍ଥାପିତ ହୋଇଗଲେ, ସମଗ୍ର ଜଗତରେ ସେଇ ଗୋଟିଏ ମାତ୍ର ଛନ୍ଦ ଅନୁଭବ ହୋଇପାରେ । ଜଡ଼ ଚେତନ ଏକାକାର ହୋଇଯାଇ ପାରେ । ଚେତନାର କେନ୍ଦ୍ରବିନ୍ଦୁରେ ସଂବିତ୍ ସଂବେଦନଶୀଳତାରେ ସର୍ବଭୂତରେ ପ୍ରସାରିତ ହୋଇ ଅଦ୍ଭୂତ ପ୍ରେମାନନ୍ଦର ଆସ୍ୱାଦନ କରିପାରେ । ତେଣିକି ସେ ଯଦି ଆବର୍ତକ ବା ପୁଷ୍କର ମେଘକୁ ଭାଇ ବୋଲି ସଂବୋଧନ କଲା, ତାହା ଖୁବ୍ ସ୍ୱାଭାବିକ୍ ଏବଂ ଯଦି ପାହାଡ଼ ବା ପାଦପକୁ ଚଳନ୍ତା ପ୍ରବାହ ରୂପେ ଦେଖିଲା, ସେଥିରେ ମଧ୍ୟ ଅସୁବିଧା କିଛି ନାହିଁ । ପ୍ରେମର ପୃଷ୍ଠଭୂମିରେ ସମଗ୍ର ବସ୍ତୁସଂଘ ମୁକୁରବତ୍ କେବଳ ଗୋଟିଏ ସତ୍ୟ ରୂପକୁ ବିମ୍ବିତ କରିବା ସ୍ୱାଭାବିକ ।

ଏ ସ୍ୱରର ଭାଷାନାହିଁ, ଶବ୍ଦସ୍ପର୍ଶାଦି ଅନନ୍ତ କୋଳାହଳର ବହୁଳତା ନାହିଁ । ଆପଣ ଏ ସ୍ୱରଟିକୁ ସମ୍ପୂର୍ଣ୍ଣ କଳ୍ପନାର ଅଳୀକ ରଚନା ବୋଲି ହସି ଉଡ଼େଇ ଦେବାର ଅଭ୍ୟାସ କରିଛନ୍ତି । ପଥର ସାଙ୍ଗରେ କେହି ଭାବଦୋସ୍ତି କଲେ ଆପଣ ପଣ୍ଡିତପଣିଆରେ ସେଇ ନିର୍ବୋଧ ଆଦିମ ଶିଶୁଗୁଡ଼ିକୁ ପରିହାସ କରନ୍ତି । ପ୍ରଚଣ୍ଡ ଖରାରେ ଶିଖ ମଉଳାଇ ଝାଉଁଳି ପଡ଼ିଥିବା ବୁଦାଟିର ବ୍ୟାଥାରେ ଆତୁର ହେଲେ ଆପଣ ବୁଝିପାରନ୍ତି ନାହିଁ । କଳାଧଳାର ଦୁରନ୍ତ ବ୍ୟବଧାନକୁ ବେଖାତିର କରି, ବିଭିନ୍ନ ମାନବୀ ଭାଷାର ଗିରିକାନ୍ତାର ଉଲଂଘନ କରି, ମଣିଷ ଛୁଆର ଅପରିମେୟ ଯାତନାକୁ ଏଇ ସାର୍ବଜାନୀନ ସ୍ୱରରେ ତର୍ଜମା କରିଦେଲେ, ଆପଣ ଅସନ୍ତୁଷ୍ଟ ହୁଅନ୍ତି ! ଏଥିରେ କୋରାଣ୍ ବା ବାଇବେଲ୍‌ର ପବିତ୍ର

Digitized by srujanika@gmail.com

ଶବ୍ଦ ନ ଥିବାରୁ ଆପଣ ହତାଶ ହୁଅନ୍ତି ! ଆପଣ ଏତେ ସବୁ ନ କରି ବରଂ କେବଳ ଥରେ ନିଜର ବୃତ୍ତି ନିରୋଧ କରି କାନେଇବାକୁ ଚେଷ୍ଟା କରନ୍ତୁ । ତା'ପରେ ଆପଣଙ୍କର ଅନୁଭବକୁ ସ୍ୱର୍ଗର ଅଗ୍ନିକଣା ପରି ଆପଣ ନିଜେ ବିତରଣ କରିବେ ! ଆମ ଭିତରୁ ଜଣେ ଶରବିଦ୍ଧ କ୍ରୌଞ୍ଚର ବେଦନା ପାଇଁ ଶୋକ କରିଅଛି । ଆଉ ଅନେକ ହୁଏତ ଭାଷାହୀନ ମୂର୍ଚ୍ଛନାରେ ସମଗ୍ର ପ୍ରାଣିଜଗତକୁ ବେଣୁବୀଣାର ମଧୁର ସ୍ୱରରୂପରେ ମୁଗ୍ଧ କରିଛନ୍ତି । ଏ କଳ୍ପନାପାୟୀ ଗୋଷ୍ଠୀ କିନ୍ତୁ ସେ ମୌଳିକ ସ୍ୱର ଶୁଣି ନାହାନ୍ତି । କାରଣ ତା'ର ପ୍ରଥମ ଲକ୍ଷଣ ସ୍ତବ୍ଧତା, ଘନ-ପ୍ରଶାନ୍ତ ନୀରବତା । ତାକୁ ଥରେ ଶୁଣିଲେ ତଲ୍ଲୀନ ହୋଇଯିବା କଥା । ସେଠି ପହଞ୍ଚିଗଲେ ଏ ରାଜ୍ୟରୁ ଫେରିବାର ପ୍ରଶ୍ନନାହିଁ, ବିଭିନ୍ନ ମାଧ୍ୟମରେ ତାକୁ ପ୍ରକାଶ କରିବାର ଅବକାଶ ନାହିଁ ।

ଏଣୁ ଆପଣ ବାଛନ୍ତୁ । ଆଗକୁ କିନ୍ତୁ କହି ରଖୁଛି ଯେ ଏ ପନ୍ଥା ସହଜ ନୁହେଁ 'ଦୁର୍ଗଂ ପଥଂ ତତ୍ କବୟୋ ବଦନ୍ତି ।' ଆପଣ ଏ ଅଦ୍ଭୁତ ରାଜ୍ୟକୁ ଆସିଲେ ଜଗତର ଉପର ଆବରଣ ଖସିପଡ଼ିବ; ଯାହା ଉପରେ ସାଧାରଣତଃ ଆପଣଙ୍କର ସମସ୍ତ ମୂଲ୍ୟାବୋଧ ଖଞ୍ଜିହୋଇ ରହିଛି । ସେ ତୀବ୍ର ଅନୁଭବ ସହି ପାରିବେ ତ ? ନ ହେଲେ ଏବେମଧ୍ୟ ସମୟ ଅଛି । ଦୁଆରେ ଅପେକ୍ଷା କରି ରହିଛନ୍ତି ଆପଣଙ୍କର ମୋଟା ଚଷମା ପରିହିତ ପଣ୍ଡିତ ବନ୍ଧୁ । ଆପଣ ଫେରିଯାଆନ୍ତୁ ଛାପାକାଗଜ ଏବଂ ତାଳପତ୍ରର ବହୁ ଭାଷା ଓ ଭାବର ପରିଚିତ ରାଜ୍ୟକୁ । ସେଠି ଚନ୍ଦ୍ର ଏକ ପରାଜିତ ଜଡ଼ପିଣ୍ଡ; ଉଦ୍ଭିଦ ପଶୁପକ୍ଷୀ ତାଙ୍କର ଗାଣିତିକ ସୀମାରେଖା ଭିତରେ ପରସ୍ପରଠାରୁ ବିଚ୍ଛିନ୍ନ । ଏକାକାର ହୋଇଯିବାର ଗୋଳମାଳ ସେଠି ଆଦୌ ନାହିଁ । ଅଶ୍ରୁତ ସ୍ୱରର ସଂଘାତ ଆପଣଙ୍କୁ କକ୍ଷଚ୍ୟୁତ କରିବାର ଆଶଙ୍କା ନାହିଁ । ସେଠି କିନ୍ତୁ ଦିନେ ନା ଦିନେ କ୍ଳାନ୍ତ ବୋଧ କରି ଆପଣ ଫିଟି ଆସିବାକୁ ଚାହିଁବେ । ଏ ଦ୍ୱାର ସବୁବେଳେ ଉନ୍ମୁକ୍ତ ରହିଲା ଏବଂ ଆପଣଙ୍କୁ ନିମନ୍ତ୍ରଣ ରହିଲା, ନିଶ୍ଚୟ ଆସିବେ ।

ଚନ୍ଦ୍ରଶେଖର ରଥ

◆ ◆ ◆

Digitized by srujanika@gmail.com

କ୍ରୀତଦାସର ସ୍ୱପ୍ନ

ଚିତ୍ତରଂଜନ ଦାସ

ଲେଖିବାକୁ ମନ କରିବାର ପ୍ରଥମ କାଳରେ ନୂଆ ଲେଖକ ଶବ୍ଦଗୁଡ଼ିକୁ ଖୋଜେ, ନିଜପାଇଁ, ଆହୁରି ଅଧିକ ନିର୍ଭୁଲ ଭାବରେ କହିଲେ ନିଜଲାଗି ଗୋଟିଏ ଶୈଳୀ ଖୋଜେ । ଏମିତି ଖୋଜି ଖୋଜି ଅନେକ ବାଟ ଗଲାପରେ ସିଏ ନିଜର ଶବ୍ଦଗୁଡ଼ିକୁ ପାଏ, ନିଜର ଶୈଳୀଟିକୁ ପାଏ । ତା'ପରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଶବ୍ଦଗୁଡ଼ିକ ଚାଲି ଆସନ୍ତି, ଭାବର ଯେତେ ଗହନ ଭିତରେ ପ୍ରବେଶ କରିଥିଲେ ମଧ୍ୟ ଆହରଣ ତଥା ଅଭିବ୍ୟକ୍ତିର ନିଜସ୍ୱ ଶୈଳୀଟି ମଧ୍ୟ ମିଳିଯାଏ । ଆପଣାର ନିଜସ୍ୱ ଆଖିରେ ସଂସାରକୁ ଦେଖିଶିଖିଲେ ସମ୍ଭବତଃ ଏପରି ଏକ ଅନ୍ତରଙ୍ଗତା ଆସିଯାଏ, ଯାହାଫଳରେ କି ଏକ ନିଜସ୍ୱ ଶୈଳୀ ମଧ୍ୟ ଉପଲବ୍ଧ ହୋଇଯାଏ ।

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ଯାହାକିଛି ଲେଖନ୍ତି, ସେଥିଲାଗି ସତେଅବା ତାଙ୍କୁ କେବେହେଲେ ଶବ୍ଦଗୁଡ଼ିକୁ ଖୋଜିଯିବାକୁ ପଡ଼େନାହିଁ । ଆପଣାର ଶୈଳୀଟିକୁ ପାଇବାଲାଗି ହୁଏତ ତାଙ୍କୁ କେବେହେଲେ ଶୈଳୀ ଖୋଜିବାକୁ ପଡ଼ିନାହିଁ । ନିଜର ଲେଖକ-ଜୀବନର ଆରମ୍ଭରୁ ହିଁ ସିଏ ଯାହାକିଛି ଲେଖିଛନ୍ତି, ତାହାର ଉତ୍କୃଷ୍ଟତମ ଗୁଣ ହେଉଛି ଏକ ସ୍ୱକୀୟତା । ସେହି ସ୍ୱକୀୟତାଟିକୁ ସ୍ପର୍ଶ କରିପାରିଲେ ଏକ ଅତ୍ୟନ୍ତ ବ୍ୟକ୍ତିଗତ ଅଥଚ ସ୍ୱଭାବିକ ଶବ୍ଦଚୟନ ଏବଂ ଶୈଳୀ ମଧ୍ୟଦେଇ ଚନ୍ଦ୍ରଶେଖର ବାବୁଙ୍କୁ ମଧ୍ୟ ସ୍ପର୍ଶକରି ଆସିବାପରି ମନେ ହୁଏ । ସେହି ସ୍ପର୍ଶ ଏକାଧାରରେ ସୂକ୍ଷ୍ମ ଓ ସ୍ଥୂଳ, ଏକାଧାରରେ ଭାବାନୁସିକ୍ତ ଅଥଚ ମାଂସଳ; ଏକାଧାରରେ ସ୍ୱଗତ, ଅନ୍ତରଙ୍ଗ ଅଥଚ ସାର୍ବଜନିକ ଭୋଜନପାଇଁ ନିବେଦିତ, ସତେଅବା କୌଣସି ଦରବାର ପାଇଁ ଉଦ୍ଦିଷ୍ଟ । ଲେଖକର ଲେଖା ଭିତରେ ଲେଖକକୁ ସତକୁ ସତ ପାଇବା, ସାହିତ୍ୟରେ ତାହାର ଦୃଷ୍ଟାନ୍ତ ସଚରାଚର ଅତ୍ୟନ୍ତ ବିରଳ । ଅନେକ ମନଲୋଭା ଲେଖାରେ ସତେଅବା ଅସଲ ଶିକାରୀଟି କୋଉଠି ଲୁଚିକରି ବସିଥାଏ, ବାଣ ମାରୁଥାଏ, ଫାଶ ପକାଇ ବାନ୍ଧି ପକାଉଥାଏ, ତଥାପି ଅଢୁଆଳରେ ଥାଏ, ଚିତା କାଟିଦିଏ । ଚନ୍ଦ୍ରଶେଖର ବାବୁ ସେହି କାଟର ଲେଖକ ନୁହନ୍ତି । ସଫଳତାର ଅନ୍ୟ ଏକ ଆୟାମକୁ ସାହସ କରିପାରିଲେ ଯାଇ ଲେଖକ ଆପଣାର ଲେଖାର ଖିଅ ମାଧ୍ୟମରେ ଆପଣାକୁ ଧରାପକାଇ ଦେବାକୁ ସମର୍ଥ ହୋଇଥାଏ ।

Digitized by srujanika@gmail.com

ଓଡ଼ିଆ ଭାଷାରେ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ଗଳ୍ପ ଲେଖିଛନ୍ତି, ଉପନ୍ୟାସ ଲେଖିଛନ୍ତି ଓ ଆମେ ଅନେକେ ଯାହାକୁ ଆଦୌ କୌଣସି ଛାଞ୍ଚରେ ପକାଇ ନ ପାରି ରମ୍ୟରଚନା ବୋଲି କହୁ, ସିଏ ସେହି ରମ୍ୟରଚନା ମଧ୍ୟ ଲେଖିଛନ୍ତି, ଲେଖୁଛନ୍ତି । ମାତ୍ର ସିଏ ଯାହା କିଛି ଲେଖିଛନ୍ତି, ପ୍ରଧାନତଃ ରମ୍ୟରଚନାର ଏକ ଶୈଳୀଗତ ଆବେଶ ମଧ୍ୟରେ ହିଁ ତାହାକୁ ଲେଖିଛନ୍ତି । ରମ୍ୟରଚନାର କୌଣସି ରୀତି ନାହିଁ, କୌଣସି ବ୍ୟାକରଣ ନାହିଁ । ଜୀବନରେ ଅନେକ ବାଡ଼କୁ ଡେଇଁଲେ ସାହିତ୍ୟସୃଜନ ରମ୍ୟରଚନାର ଗାରକୁ ସ୍ପର୍ଶ କରେ । ଦେଖିବା ବିଷୟରେ ଲେଖା ହୋଇଥିବା ଅନେକ ଶାସ୍ତ୍ରର ଆକଟକୁ ଡେଇଁଯାଇ ପାରିଲେ ଯାଇ ମଣିଷ ଆପଣାକୁ ଗୋଟାସୁଦ୍ଧା ଦେଖିପାରେ ଓ ଶବ୍ଦଗୁଡାକ ଦେଇ ଆପଣାକୁ ଅଭିବ୍ୟକ୍ତ କରିବାକୁ ବାଧ୍ୟ ହେଉଥିଲେ ମଧ୍ୟ ତଥାପି ଆପଣାକୁ ଯଥାସମ୍ଭବ ଅଧିକ ସମଗ୍ର ଭାବରେ ଦେଇପାରେ । ସାହିତ୍ୟରେ ଆଧୁନିକ ଯୁଗର ଏହା ଏକ ବିଶେଷ ଗୌରବ ହେଉଛି ଯେ, ବିଶ୍ୱର କବିତା, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ଓ ନାଟକ ସବୁକିଛି କ୍ରମବିବର୍ତ୍ତିତ ହୋଇ ରମ୍ୟରଚନା ଆଭରଣ ଓ ଆବେଦନକୁ ଆପଣାର ଅସଲ ବ୍ୟଞ୍ଜନାରୂପେ ଗ୍ରହଣକରି ନେଉଛନ୍ତି । ରମ୍ୟରଚନାରେ ବ୍ୟକ୍ତିଗତ ରହୁଛି, ନୈର୍ବ୍ୟକ୍ତିକ ରହୁଛି, ଦୂରତା ରହୁଛି, ଅନ୍ତରଙ୍ଗତା ରହୁଛି, ସ୍ରଷ୍ଟାସ୍ୱୟଂ ଶ୍ରୋତା ହୋଇ ଶୁଣିପାରୁଛି, ଶ୍ରୋତା ଅବାଧରେ ପାଖକୁ ଆସି ସ୍ରଷ୍ଟାର ସୃଷ୍ଟିକ୍ରମରେ ଅଂଶଗ୍ରହଣ କରିପାରୁଛି । ଅନୁଭୂତି ଯେତିକି ଅକୃତ୍ରିମ ଅର୍ଥାତ୍ ଅପରୋକ୍ଷ ହୁଏ, ଜଣେ ଲେଖକ ସେତିକି ଅଧିକ ପରିମାଣରେ ରମ୍ୟରଚନାର ଯୋଗ୍ୟ ହୁଏ,-ଅତିରଞ୍ଜନ ନକରି ଏ ଭଳି ଅନୁମାନଟିଏ କରାଯାଇ ପାରିବ କି ?

କ୍ରୀତଦାସର ସ୍ୱପ୍ନ ସେହି ଶୀର୍ଷକରେ ପ୍ରକାଶିତ ହୋଇଥିବା ପ୍ରସ୍ତୁତ ସମଗ୍ର ପୁସ୍ତକଟିର ନାମ । କ୍ରୀତଦାସ ଏଠି ଗ୍ରୀକ୍ ପୁରାଣ କାହାଣୀର ସିସିଫସ୍ । ସିସିଫସ୍‌ର ଆଦୌ କୌଣସି ସ୍ୱପ୍ନ ଥିଲା କି ନାହିଁ, ଗ୍ରୀକ୍ ପୁରାଣକାର ତାହାର କୌଣସି ସୂଚନା ଦେଇନାହାନ୍ତି କିମ୍ବା ସେହି ପ୍ରତୀକଟିର ଜଣେ ସାଂପ୍ରତିକ ଅନୁକୃତିକାର ଆଲ୍‌ବେୟାର କାମ୍ୟୁ ତାହାର କୌଣସି ଉଲ୍ଲେଖ ବି କରିନାହାନ୍ତି । ଆଧୁନିକ ସ୍ଥିତିବାଦ ଯେ ମୂଳତଃ ଏକ ଅସ୍ତିବାଦ ଲାଗି ସେ ସ୍ପର୍ଦ୍ଧା କରିବାକୁ ଆରମ୍ଭ କଲାଣି, ସିସିଫସ୍‌ର ସ୍ୱପ୍ନ ଦେଖିବାରୁ ହୁଏତ ତାହାରି ଏକ ଆଶାନ୍ୱିତ ଅନୁମାନ କରାଯାଇ ପାରିବ । ଚନ୍ଦ୍ରଶେଖର ବାବୁଙ୍କର କଥା ଅନୁସାରେ, ଜଣେ କ୍ରୀତଦାସର ''ସବୁଠାରୁ ବିଶେଷ ଲକ୍ଷଣ ହେଲା ଯେ, ସେ ନିଜେ କ୍ରୀତଦାସ ବୋଲି ବୁଝିବାର ଅସମର୍ଥତା ।'' (ପୃ-୨ । କ୍ରୀତଦାସ ସ୍ୱପ୍ନ ଦେଖିବାକୁ ସମର୍ଥ ହେଲେ ସିଏ ଆଉ କ୍ରୀତଦାସ ହୋଇ ରହେନାହିଁ । ତେଣିକି ଦାସତ୍ୱ ହଟିଯାଏ, କାର୍ଲ୍ ମାର୍କ୍‌ସଙ୍କ ଭାଷାରେ ମନୁଷ୍ୟ ଇତିହାସର ଯୋଗ୍ୟ ହୁଏ, ଇତିହାସ ରଚନା କରେ, ଆହୁରି ଆଗକୁ ଯାଇ ସିଏ ସ୍ୱପ୍ନକୁ ସମ୍ଭବସମର୍ଥ କରାଏ, ପ୍ରଭାବସମର୍ଥ କରାଏ । "Poverty conscious of its moral and physical poverty, degradation conscious of its degradation."-କୁ ମାର୍କ୍‌ସ୍ ଏକଦା ପ୍ରୋଲେଟାରିଆଟ୍ ବା ମୁକ୍ତିକାମୀ ମଣିଷ ବୋଲି ବ୍ୟାଖ୍ୟା କରିଥିଲେ । (Die heilige Familie, 1845). ଚନ୍ଦ୍ରଶେଖର ବାବୁଙ୍କ କ୍ରୀତଦାସ ସ୍ୱପ୍ନ ଦେଖୁଛି, ସଚେତନ ଭାବରେ

Digitized by srujanika@gmail.com

ସ୍ୱପ୍ନ ଦେଖୁଛି । ଯଦି ସେହି କ୍ରୀତଦାସ ହୋଇ ରହିବାକୁ ହିଁ ସିଏ ନିତାନ୍ତ ଭଲ ନ ପାଉଥାଏ, ତେବେ ତା'ଭିତରେ ରହିଥିବା ବ୍ୟଥିତ ମଣିଷଟିକୁ ତାହାର ସକଳ ବ୍ୟଥା ସତ୍ତ୍ୱେ ଆମେ ଅବଶ୍ୟ ଜଣେ ମୁକ୍ତିକାମୀ ମଣିଷ ବୋଲି ହିଁ କହିବା ।

Belles Lettres କଥାଟିର ଆକ୍ଷରିକ ଅନୁବାଦ ହୋଇ ଖୁବ୍‌ସମ୍ଭବ ଆମ ହାତକୁ 'ରମ୍ୟରଚନା' କଥାଟି ଆସିଛି । ମାତ୍ର ଏହି କାଟର ରଚନାମାନେ ସର୍ବଦା ଯେ 'ରମ୍ୟ' ହେବାକୁ ବାଧ, ସେକଥା ଆଦୌ ନୁହେଁ । ବର୍ଣ୍ଣାର୍ଡ୍ 'ଶ' କେତେ ଦଶକ ପୂର୍ବେ Plays pleasant ବା Plays Unpleasant, ଏହିପରି ଦୁଇ ଗୋଷ୍ଠୀ ନାଟକର ଭିଆଣ କରିଥିଲେ । ସେହି ଭାଗନ୍ୟାୟରେ ପ୍ରବନ୍ଧଧର୍ମୀ ରମ୍ୟରଚନକୁ ଆମେ ଯଦି pleasant ଓ unpleasant ଏହିପରି ଦୁଇଟି ସ୍ଥୂଳ ଶ୍ରେଣୀରେ ବାଣ୍ଟିଦେଇ ପାରିବା, ତେବେ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥଙ୍କ ଆଲୋଚିତ ପୁସ୍ତକଟି ମଧ୍ୟରେ ରହିଥିବା ରମ୍ୟରଚନାଗୁଡ଼ିକୁ ହୁଏତ pleasant ବୋଲି କୁହାଯାଇ ପାରିବ । ଅର୍ଥାତ୍, ଏହା ବିନୋଦ ସୃଷ୍ଟି କରୁଥିବ, ଆଲୋଚ୍ୟ ବସ୍ତୁଗୁଡ଼ିକର ଗଭୀରକୁ ନ ଯିବାଲାଗି ଭାରି ଅଲିଅଳ ଭାବରେ ଏକ ପ୍ରରୋଚନା ଦେଉଥିବ, ରଚନାଗୁଡ଼ିକରେ ଉପସ୍ଥାପିତ ସମସ୍ୟାପ୍ରସ୍ଥଟିର ଦର୍ପଣ ଉପରେ ଆପଣାକୁ ଦେଖିବାଲାଗି ମନ କଲାବେଳକୁ ତାହା ନିରୁତ୍ସାହିତ କରି ରଖୁଥିବ । ତଥାପି ଯଥେଷ୍ଟ ପରିମାଣରେ ଅର୍ଥାତ୍ ଯଥେଷ୍ଟ ସାହସିକ ଭାବରେ skeptic ମଧ୍ୟ ହୋଇ ନଥିବ । ଅନେକ ଆତ୍ମବିହ୍ୱଳତାକୁ ଅତିକ୍ରମି ପାରିଲେ ଯାଇ skeptic ହେବା ସମ୍ଭବ ହୁଏ, ଯଥାର୍ଥ skepsis ଭିତରେ ବି ଅତ୍ୟନ୍ତ ସ୍ୱଚ୍ଛଭାବରେ ବାରିହୋଇ ପଡୁଥିବା ଏକ ଅନ୍ତଃଫଲ୍‌ଗୁରୂପେ ଆପଣାର କେତେ ନା କେତେ ବିଶ୍ୱାସ ପ୍ରଚ୍ଛନ୍ନ ହୋଇ ରହିଥାଏ । ଅନେକ ସହଜ ସମାଧାନ ଓ ଅନେକ ସହଜ ବ୍ୟଥାବୋଧକୁ କାଟି ଆହୁରି ସେପାଖକୁ ଯାଇପାରିଲେ ଯାଇ ସାହିତ୍ୟରେ ତଥା ଜୀବନରେ critical ହେବାର ଅଧିକାରିତ୍ୱ ପ୍ରାପ୍ତ ହୋଇଥାଏ ।

ସାହିତ୍ୟର ଯାବତୀୟ କ୍ଷେତ୍ର ପରି ରମ୍ୟରଚନାରେ ମଧ୍ୟ ଉଚ୍ଚତାବୋଲି ଏକ ଆୟାମ ବା dimension ରହିଛି । ଲେଖକର ଅନୁଭବ ଯେତିକି ଆନ୍ତରିକ ହୁଏ, ତା'ର ଲେଖା ଉକ୍ତ ଆୟାମଟି ଲାଗି ଆପଣାକୁ ସେତିକି ଅଧିକ ପରିମାଣରେ ଉନ୍ମୋଚିତ କରି ରଖିବା ସମ୍ଭବ ହୋଇପାରେ । ଶୈଳୀକୁ ଏକ ଅତିରେକ କରି ଯାବୁଡ଼ି ଧରିଥିବା ପର୍ଯ୍ୟନ୍ତ ଲେଖକ ଆପଣାକୁ ସେହି ଉନ୍ମୋଚନରୁ ବଞ୍ଚିତକରି ରଖିଥାଏ । ବିଶେଷତଃ ଏକ ଅନ୍ତଃଶୈଳୀର ସନ୍ତକପରି ହୋଇ ରହିଥିବା ରମ୍ୟରଚନାରେ କୌଣସି ଏକ ବହିଃଶୈଳୀ ପ୍ରତି ବିଶେଷ ଅନୁରକ୍ତି ଅଥବା ତାରଲ୍ୟ ରହିଥିଲେ ଲେଖକ ସତେଅବା ସେହିଠାରେ ହିଁ ଲାଖି ରହିଯାଏ, ସୋପାନଗୁଡ଼ିକୁ ଆଦୌ ଉଠିପାରେ ନାହିଁ । କ୍ରୀତଦାସର ସ୍ୱପ୍ନରେ ମଧ୍ୟ ଏକ ଶୈଳୀ ରହିଛି ଓ ରଚନାଗୁଡ଼ିକର ରମ୍ୟତା ଏବଂ ସାବଲୀଳତାକୁ ଭାରି ଭାଙ୍ଗୀପକାଉଥିବା ପରି ମନେହେଉଛି । ବହିଟି ଭିତରେ କେତେ ପୁନାରାବୃତ୍ତିର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି । ଉପମାଗୁଡ଼ିକର ପୁନରାବୃତ୍ତି, ଶବ୍ଦାଚାରରେ ପୁନରାବୃତ୍ତି, ବାକ୍ୟଗୁଡିକର ପୁନରାବୃତ୍ତି ଇତ୍ୟାଦି । ଅଳପ କଥାକୁ

Digitized by srujanika@gmail.com

ଫେଣେଇ ଅଧିକ କରି କହିବା ଅନେକ ସମୟରେ ସାହିତ୍ୟକାରିତାରେ ଏକ ବିଶେଷ ପାରଙ୍ଗମତା ରୂପେ ବ୍ୟବହୃତ ହୋଇଛି ସତ, ମାତ୍ର ତାହା ରମ୍ୟରଚନାର ଅସଲ ଉଚ୍ଚତାକୁ ବେଳେବେଳେ ଭାରି କ୍ଷୁନ୍ନ କରି ରଖିବାରେ ସାହାଯ୍ୟ କରେ । ଅଧିକା ଭାବପରିଚିତି ଅଥବା ବିଷୟ-ପରିଚିତି ସମ୍ଭବ କରିବାର ଉଦ୍ଦେଶ୍ୟରେ କଥାଗୁଡ଼ାକୁ ଖିନ୍‌ଭିନ୍ କରି କହିବା, -ଏହା ମଧ୍ୟ ଏକ ଶୈଳୀ ହୋଇପାରେ । ଇଉରୋପୀୟ ସାହିତ୍ୟରେ ଏହି ପର୍ଯ୍ୟାୟରେ ଡ଼ଷ୍ଟୋୟେଭ୍‌ସ୍କି ଏବଂ ଏମିଲ୍ ଜୋଲାଙ୍କୁ ନଜିର ଭାବରେ ଗ୍ରହଣ କରାଯାଇପାରେ । ଓଡ଼ିଶାରେ ଶ୍ରୀ ଗୋପୀନାଥ ମହାନ୍ତି ଏହି ଶବ୍ଦମୟତାର ପ୍ରତିନିଧି । ଏଥିରେ ଲାଭ ଅଛି, କ୍ଷତି ବି ଅଛି । ରମ୍ୟରଚନାରେ ସମ୍ଭବତଃ ଲାଭ ଅପେକ୍ଷା କ୍ଷତି ଅଧିକ ରହିଛି । ଶବ୍ଦଗୁଡ଼ିକ ହେଉଛନ୍ତି ଅଭିବ୍ୟକ୍ତିର ମାଧ୍ୟମ । ଅନୁଭୂତି ଭାବର ଅସଲ ହୃଦୟ ଓ ଅସଲ ସୂତ୍ରଗୁଡ଼ିକୁ ଠାବ କରି ପାରିଥିଲେ ଅଭିବ୍ୟକ୍ତି ଲାଗି ଆବଶ୍ୟକ ଶବ୍ଦଗୁଡ଼ିକ ସତେଅବା ଛାଏଁ ଛାଏଁ ମିଳିଯାଆନ୍ତି । ଶବ୍ଦମାନେ ସେତେବେଳେ ଭାବଶବ୍ଦର ସୋପାନକୁ ଉନ୍ନୀତ ହୋଇ ଯାଆନ୍ତି । ଶବ୍ଦଗୁଡ଼ିକୁ ଅଧିକାଂଶତଃ ସତେଅବା ଏକ ଆଭରଣ ପରି ବ୍ୟବହାର କରାଗଲେ ଏହି ଉପଲବ୍ଧି ହୋଇ ପାରେ ନାହିଁ ।

କ୍ରୀତଦାସର ସ୍ୱପ୍ନରେ ସର୍ବପ୍ରଥମ ପ୍ରବନ୍ଧଟି ବିଷୟ ସହିତ ସଂଗତି ରକ୍ଷା କରି କ୍ରୀତଦାସର ସ୍ୱପ୍ନ ପରି ଲେଖାହୋଇଛି । ଅବଶିଷ୍ଟ ପ୍ରବନ୍ଧଗୁଡ଼ିକ ଭିନ୍ନଭିନ୍ନ ବିଷୟରେ ଲେଖା ହୋଇଥିଲେ ମଧ୍ୟ ପ୍ରାୟ କୌଣସି ଏକ ଅବଚେତନ ସଂଗତି ରକ୍ଷା କରି ଅବିକଳ କ୍ରୀତଦାସର ହିଁ ସ୍ୱପ୍ନ ପରି ଏକ ଅବତାରଣାର ଅତିକ୍ରମ କରିଛି । ଅନ୍ତତଃ ଆବେଦନର ଶୈଳୀ-ପରିସର ଦୃଷ୍ଟିରୁ ବିଚାର କରି ଦେଖିଲେ ଭାରି ସେହିପରି ମନେହେଉଛି । 'ନୀତିପ୍ରୟୋଗ', 'ଆପଣାକଲା କର୍ମମାନ' ଏବଂ 'ଶାସନଚିନ୍ତା' -ଏହି ପ୍ରବନ୍ଧ ତିନୋଟିର ଅନ୍ୟ ରଚନାଗୁଡ଼ିକ ସହିତ ଆଦୌ ମେଳ ଖାଉନାହିଁ । 'ଗୁରୁ' ରଚନାଟିକୁ ମଧ୍ୟ ସମଗ୍ର ପଂକ୍ତିଟି ମଧ୍ୟରେ ଆଦୌ ଅନ୍ତର୍ଭୁକ୍ତ କରି ହେଉନାହିଁ । ତାହାର ବିଚରଣ ଏକାବେଳେକେ ଏକ ଅନ୍ୟ ଭୂମିରେ । ଅନ୍ୟ ରଚନାଗୁଡ଼ିକ ସେହି ଭୂମିକୁ ହାତ ବଢ଼ାଇବାକୁ ମଧ୍ୟ ସାହସ କରିନାହାନ୍ତି । ଏହିପରି ଭାବରେ ବହିଟିର ବିଭିନ୍ନ ରଚନାଗୁଡ଼ିକ ପାଖରେ ନିଜର ଚିହ୍ନାଦେବାକୁ ଗଲାବେଳେ କେତେବେଳେ ପାହାଚ ଉଠିବାକୁ ପଡୁଛି ତ ଆଉ କେତେବେଳେ ପାହାଚ ଖସିବାକୁ ପଡୁଛି । ଏହିପରି ଉଠାଣିଗଡାଣି ହେବା ହୁଏତ ପ୍ରୀତିକର ହେଉନାହିଁ ।

କ୍ରୀତଦାସର ସ୍ୱପ୍ନରେ ରଚନାଗୁଡ଼ିକର ନିର୍ବାଚିତ ବିଷୟଗୁଡ଼ିକ ଅତ୍ୟନ୍ତ ଶକ୍ତିସମ୍ପନ୍ନ । ତେଣୁ ସେଗୁଡିକର ଆଲୋଚନାରେ ଶବ୍ଦପ୍ରୟୋଗ ତଥା ଶବ୍ଦବ୍ୟଞ୍ଜନା ମଧ୍ୟ ସେହିପରି ଶକ୍ତିସମ୍ପନ୍ନ ହୋଇପାରିଥାନ୍ତା ବୋଲି ପ୍ରତ୍ୟାଶା କରିବା ଅତ୍ୟନ୍ତ ସ୍ୱାଭାବିକ । ଆଲୋଚନାଗୁଡ଼ିକରେ ସେହି ଯୋଜନା ଏବଂ ବ୍ୟଞ୍ଜନା ଅନେକ ସ୍ଥଳରେ ବ୍ୟାହତ ହୋଇ ପଡ଼ିଲାପରି ମନେ ହେଉଛି । ଲେଖକ ଭିତରେ ଏକ ଯଥାର୍ଥ ସଂପ୍ରତ୍ୟୟ ରହିଥିଲେ ହୁଏତ ଅନ୍ତରର କଥାଗୁଡ଼ିକ ନିର୍ବାଧ ହୋଇ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ସିଧା ବାହାରି ଆସିପାରନ୍ତି । ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ଅନ୍ତରଙ୍ଗତା ମଧ୍ୟ ସୃଷ୍ଟି

Digitized by srujanika@gmail.com

କରିପାରନ୍ତି । ଶବ୍ଦଗତ ଓ ଭାବମୟ ଉଭୟ ଅନ୍ତରଙ୍ଗତା ସୃଷ୍ଟି କରିପାରନ୍ତି । ରମ୍ୟରଚନା ପ୍ରଧାନତଃ ଏକ ଆତ୍ମୀୟତା ରଚନା । ଆତ୍ମୀୟତା ଦ୍ୱାରା ହିଁ ତାହା ଶକ୍ତିର ସଞ୍ଚାରଣ କରାଏ, ଉଦ୍‌ବୋଧନ ଦିଏ, ସଂକ୍ରମଣ କରାଏ । ଏହି ଦୃଷ୍ଟିରୁ ବିଚାରକଲେ ରମ୍ୟରଚନା ଭିତରେ ସାହିତ୍ୟର ଅନ୍ୟାନ୍ୟ ଆଙ୍ଗିକର ତୁଳନାରେ ଅଧିକ ନିବିଡ଼ ଭାବରେ ଏକ ଅଙ୍ଗୀକାରବୋଧ ରହିଥାଏ । କୌଣସି ରମ୍ୟରଚନାରେ ଯେତେଯେତେ ଆକାଶର ପ୍ରସ୍ତାବନା ରହିଥାଏ, ସ୍ୱୟଂ ଲେଖକ ହିଁ ତାହାର ନିଜର ହୋଇ ରହିଥାଏ ।

ମାତ୍ର, ଆପଣାକୁ କ୍ରୀତଦାସ ମନେକରି ସ୍ୱପ୍ନ ଦେଖିବାରେ ସମ୍ଭବତଃ ଏକ ଅନ୍ୟ ପ୍ରକାରର ଆନନ୍ଦ ବି ରହିଛି, ଗୋଟିଏ ମିଛ ପରିମଳବୋଧ ରହିଛି । ଏକ ଅନ୍ୟ କିସମର ମଣିଷ ହେବାକୁ ମନ କରି, ବେଡ଼ି ଛିଣ୍ଡାଇ ବାହାରି ଆସିବା ସକାଶେ ସଂକଳ୍ପ କରି ସ୍ୱପ୍ନ ଦେଖିବା, ତାହା ହେଉଛି ଏକ ଅନ୍ୟ ଧର୍ମ, ଏକ ଅନ୍ୟ ପ୍ରୀତି; ଏବଂ ତେଣୁ ଏକ ଅନ୍ୟ ପ୍ରକାର ସ୍ୱପ୍ନ । ଅନେକ ସମୟରେ କେତେ ସାହିତ୍ୟିକ ତାହାକୁ ସାହିତ୍ୟ ବାହାରର ଏକ ବେଭାର ବୋଲି ବୁଝନ୍ତି । ତେଣୁ ସାହିତ୍ୟ ଭିତରେ ତାହାକୁ ଏକ ବିଶୃଙ୍ଖଳା ବୋଲି କହନ୍ତି, ରସହୀନତା ବୋଲି ବିଚାରନ୍ତି । ସେଥିଲାଗି ଗାର ପକାଇ, ବାଡ଼ ବସାଇ ରସକୁ ଏକ ନିର୍ଦ୍ଦିଷ୍ଟ ହାଣ୍ଡି ଭିତରେ ସମ୍ଭାଳି ରଖିବାକୁ ଚାହୁଁଥାନ୍ତି । ସାହିତ୍ୟର ଔଚିତ୍ୟକୁ ଜୀବନର ଔଚିତ୍ୟଠାରୁ ଅଲଗା ବୋଲି କହନ୍ତି ।

ପୁସ୍ତକଟିର ସର୍ବଶେଷ ରଚନାର ନାମ 'ସର୍ପ ଯଜ୍ଞ', କ୍ରୀତଦାସର ସର୍ପଯଜ୍ଞ, କ୍ରୀତଦାସ ହୋଇ ରହିବାରୁ ଅନନ୍ଦ ପାଉଥିବା ଓ ତେଣେ ବେଡି ଛିଣ୍ଡୁ ବୋଲି ଯେତେ କାରୁଣ୍ୟ କରୁଥିବା ଜଣେ କ୍ରୀତଦାସର ସ୍ୱପ୍ନ ଯେମିତି, ତାର ସର୍ପ ଯଜ୍ଞ ମଧ ସେମିତି । ସବାଶେଷରେ ତକ୍ଷକକୁ ଡ଼ାକି 'ସ୍ୱାହା' ବୋଲି କହିବ ବୋଲି ସେ ପୃଷ୍ଠା ପୃଷ୍ଠା ବ୍ୟାପି କେତେ ସାପଙ୍କୁ ଡ଼ାକେ ଓ କେତେ ସାପଙ୍କୁ ମାରେ । ତକ୍ଷକ ଇନ୍ଦ୍ରଙ୍କର ଖଟୁଲିଗୋଡରେ ଯାଇ ଶରଣାଗତ ହୋଇ ରହିଛି ବୋଲି ସମ୍ବାଦ ମଧ ପାଏ । ମାତ୍ର, ଦଉଡି ଯାଇ ଏକ ମର୍ମନ୍ତୁଦ ଆବିଷ୍କାର କଲାପରି, ତକ୍ଷକ ଯେ ସିଏ ନିଜେ, ସିଏ ସେହି କଥାଟିକୁ ଜାଣେ । ଫେରିଆସେ, କ୍ରୀତଦାସ ହୋଇ ରହେ, ଯଜ୍ଞ ସେତିକିରେ ରହିଯାଏ । ସ୍ୱପ୍ନଗୁଡ଼ାକ ପରାହତ ହୁଅନ୍ତି, ତେଣୁ ଅଧିକ ବର୍ଣ୍ଣାଢ଼୍ୟ ଭାଷାବରଣରେ କିଞ୍ଚିତ ଉତ୍ତେଜିତ ମଧ ହୁଅନ୍ତି । ପୁସ୍ତକର ଶେଷ ପୃଷ୍ଠାରେ ଆମକୁ ସେହିପରି ଏକ ବର୍ଣ୍ଣାଢ଼୍ୟତା ଦେଖିବାକୁ ମିଳିବ, ଏକ ଉତ୍ତେଜନା ମଧ ଦେଖିବାକୁ ମିଳିବ । ସେଠାରେ ଉଭୟେ କାରଣ, ଉଭୟେ କାର୍ଯ୍ୟ । ଏକ ଅନ୍ତର୍ଗତ ଅବିଶ୍ୱାସ, - ହୁଏତ ତାହାହିଁ ସକଳ ପରାଭବର କାରଣ ।

କେଡେ ଚମତ୍କାର ଭାବରେ ଚନ୍ଦ୍ରଶେଖର ବାବୁଙ୍କର ଭାଷାରେ କୁହାଯାଇଛି । "...ଏ ଅପରିମେୟ ସର୍ପଥାଟକୁ ଅହୋରାତ୍ର ଯଜ୍ଞକୁଣ୍ଡରେ ହବନ କରିବାକୁ ହେବ । ନ ହେଲେ କୌଣସି ଫୁଲ ଅକ୍ଷତ ଫୁଟି ପାରିବ ନାହିଁ; କୌଣସି ବାକ୍ୟ ନିରୁଦ୍‌ବିଘ୍ନ ଉଚ୍ଚାରିତ ହେବନାହିଁ; କୌଣସି ବ୍ୟକ୍ତିର ସହଜ ପ୍ରତିଭା ଅମ୍ଳାନ ପ୍ରକଟିତ ହେବନାହିଁ ।" (ପୃଷ୍ଠା-୭୦) ଅମିତ ସମ୍ଭାବନାର ଏହି ସାଗରଧର୍ମୀ ଆକୃତିଗୁଡ଼ିକୁ କେବଳ ଚନ୍ଦ୍ରଶେଖର ବାବୁ ହିଁ ଏଭଳି ସୌହାର୍ଦ୍ଦ୍ୟର ସହିତ ଭାଷାରେ ଫୁଟାଇ ଦେଇ ପାରନ୍ତି,

Digitized by srujanika@gmail.com

ଭବିଷ୍ୟସ୍ୱପ୍ନର ଗଭୀରଗୁଡ଼ିକୁ ଆମକୁ ଉଦ୍ଭୋଳିତ କରି ନେଇଯାଇ ପାରନ୍ତି । ମାତ୍ର, ଏହି ଉକ୍ତିର ଠିକ୍ ଆଠଧାଡ଼ୀ ପରେ, ବହିର ସବାଶେଷ ପୃଷ୍ଠାରେ କୁହାଯାଉଛି: "ମନେ ହେଉଛି ଏ ପୃଥିବୀରେ ସର୍ପଶାସନ ହିଁ ଚିରନ୍ତନ ବିଧାନ ହୋଇ ରହିଯିବ । ଏମାନଙ୍କ କବଳରୁ ମୁକ୍ତ ହେବାପାଇଁ ସୁରଭି ପରି ନୀରବ ଅଶ୍ରୁପାତ କରୁଥିବା ଅସହାୟ ପୃଥିବୀର ଅନ୍ୟ ଉପାୟ ନାହିଁ ।" ଏବଂ ତା'ପରେ ପ୍ରାୟ ଏକ ସ୍ୱୀକାରୋକ୍ତି : "ମୁଁ ମଧ୍ୟ ଅସହାୟ । ମୋ' ଭିତରେ ଯାତନା କେବଳ ମୃତ୍ୟୁର । ମୁଁ କ୍ରୋଧ ପ୍ରକାଶ କରିପାରୁଥିବା କୌଣସି ଅପରାଜେୟ ବ୍ୟକ୍ତିବିଶେଷ ନୁହେଁ ।ମୁଁ ସର୍ପଯଜ୍ଞ ଆବାହନ କରିପାରିବି ନାହିଁ ।" ମୂଳତଃ ଆପଣାକୁ ଅସହାୟ ହୋଇ ଦେଖୁଥିବାରୁ ମଣିଷ ସଂସାରକୁ ମଧ୍ୟ ଅସହାୟ ବୋଲି ଦେଖେ ଅଥବା ସଂସାର ଭିତରେ କେବଳ ଅସହାୟତାକୁ ଦେଖି ସିଏ ଆପେ ବି ନିଜ ଭିତରେ ସେହି ଅସହାୟତାର ଏକ ସାନ୍ତ୍ୱନାମୟ ପ୍ରକ୍ଷେପଣ ମଧ୍ୟରେ ଶରଣ ନିଏ ଓ ତତ୍ତ୍ୱ ଦାର୍ଶନିକତାରେ ଏକ ଅଭିଭୂତିମୟ ସମାଧାନ ଆବିଷ୍କାର କରି ଦାୟିତ୍ୱମୁକ୍ତ ହୁଏ, ତାହା ଏବେ ମଧ୍ୟ ଏକ ବିବାଦାସ୍ପଦ ପ୍ରଶ୍ନ ହୋଇ ରହିଛି । ଅମେ ପ୍ରତ୍ୟେକେ ହିଁ ନିଜ ଭିତରେ ଇଚ୍ଛା କଲେ ସେହି ବିବାଦର ଏକ ସମାଧାନ କରିପାରିବା । ଅନ୍ତତଃ ନିଜଲାଗି ଅବଶ୍ୟ କରିପାରିବା ।

ଏକ ଅତିସଚେତନ ଅହଂ ରୂପେ ସାହିତ୍ୟିକର ନିଜ ବିଚରଣର ଗୋଡ ଗୁଡ଼ାକ ଯେତେବେଳେ ସତେଅବା ରଜ୍ଜୁହୋଇ ତା'ର ଗୋଡକୁ କାବୁ କରି ବାନ୍ଧି ଦେଇଥାନ୍ତି, ସେତେବେଳେ ସାହିତ୍ୟ ଆଉ ସବୁକିଛି ହେଉ ପଛକେ, ମାତ୍ର ମନ୍ତ୍ର ହୋଇ ପାରେ ନାହିଁ । ସାହିତ୍ୟ ସେତେବେଳେ ସତେଅବା ବାଡ଼ ପରି କାର୍ଯ୍ୟ କରେ, ଗାର କାଟି ଦେଇ ତାହାରି ଭିତରେ କଳି ରଖେ । ଆମକୁ ଆମର ଅସଲ ମୀମାଂସା ଏବଂ ସମ୍ମତିର ବିନ୍ଦୁ ଠାରୁ ଭୁଲାଇ ରଖିବା ଲାଗି କେତେ ଅଟ୍ଟାଳିକା ଗଢ଼ି ଥୋଇଦିଏ, କେତେ ଭଳି ବ୍ୟବଚ୍ଛେଦ ଦ୍ୱାରା କେତେ ଅଜ୍ଞତା ଏବଂ ବିହ୍ୱଳତାକୁ ସମଗ୍ର ଆକାଶ ବୋଲି ପ୍ରତିପାଦିତ କରିବାର ଉଲ୍ଲାସ ଭିତରେ ମାତିଥାଏ । ସେତେବେଳେ ତାହା ଆମର ସଂଜ୍ଞାଗୁଡ଼ିକୁ ମାନି କେବଳ ସାହିତ୍ୟ ହୋଇ ରହେ, ଆମରି ମାପକାଠିରେ ଏକ ନିର୍ଦ୍ଦିଷ୍ଟ ଆୟତନ ହୋଇ ରହିଯାଏ । ମାତ୍ର ହିରଣ୍ମୟ ପାତ୍ରଗୁଡ଼ିକୁ ଆଦୌ ବିଦୀର୍ଣ୍ଣ କରିପାରେ ନାହିଁ । ସୂର୍ଯ୍ୟର ଦର୍ଶନ ସ୍ୱପ୍ନ ହେଇ ରହିଯାଏ । ମଣିଷ କ୍ରୀତଦାସ ହୋଇ ରହିଯାଏ ।

ଆମର ସାହିତ୍ୟ ଯାବତୀୟ ଅସହାୟତାକୁ କୌଣସି ପ୍ରକାର ଆଳରେ ଯାବୁଡି ନଧରି ତାହାକୁ ଅସ୍ୱୀକାର କରୁ । ସତ୍ୟଧର୍ମ ସତ୍ୟ ଓ ଧର୍ମ ପରି ଭୟମୁକ୍ତ ହେଉ; ଖାଲି ଆକୃଷ୍ଟ ହେଉ, ଗତିଶୀଳ ହେଉ । କ୍ରୀତଦାସର ସ୍ୱପ୍ନ ଆମକୁ କ୍ରୀତଦାସ ହୋଇ ରହିବାର ନାନା ସୂକ୍ଷ୍ମ ସ୍ତରଗୁଡ଼ିକୁ ଉଦ୍‌ଘାଟନ କରିବାରେ ଅନେକ ସାହାଯ୍ୟ କରିବ । ଆମକୁ ଅମେ ପ୍ରୀତି ବୋଲି ମଣୁଥିବା ଅନେକ ଅପ୍ରୀତିର ମୁହାଁ ମୁହିଁ କରି ଛିଡା କରାଇ ଦେବ । ଆମ ଭିତରେ ଅସଲ ଅନୁରାଗଟି ରହିଥିଲେ ଆମେ ସେହିସବୁ ପରସ୍ତକୁ ବି ପାର ହୋଇଯାଇ ପାରିବା ।

◆ ◆ ◆

Digitized by srujanika@gmail.com

ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥଙ୍କ ରଚନା ଶୈଳୀ

ଡକ୍ଟର ସୁରେଶ ଚନ୍ଦ୍ର ଦାଶ

ରଚନାଶୈଳୀ ହେଉଛି ପ୍ରାବନ୍ଧିକର ବ୍ୟକ୍ତିତ୍ୱର ପରିମାପକ । ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ସେ ତା'ର ବକ୍ତବ୍ୟ ପ୍ରକାଶ କରି ନିଜ ଲେଖା ପ୍ରତି ପାଠକକୁ ଆକର୍ଷଣ କରେ । ଏହି ଲେଖିବାର ମାର୍ଗ ହେଉଛି ରଚନା ଶୈଳୀ । ଏଥିରୁ ଲେଖକର ମାନସିକତାକୁ ବୁଝିହୁଏ ଏବଂ କୃତିତ୍ୱ ଆକଳନ କରିହୁଏ । ଲେଖକର ଭାବଗତ ସତ୍ତାକୁ ଉପଲବ୍ଧି କରିବାରେ ଶୈଳୀ ଅନେକାଂଶରେ ସହାୟତା କରେ । ଶୈଳୀ ସାଧାରଣତଃ ଲେଖକର ନିଜସ୍ୱ ବ୍ୟାପାର । ଏକ ଶୀଳ ଉପରେ ସେ ଏହାକୁ ପ୍ରକାଶ କରେ । ସହଜରେ କେହି କାହାର ଶୈଳୀକୁ ଅନୁକରଣ କରିପାରନ୍ତି ନାହିଁ । ଏକ ଗଭୀର ମନନଶୀଳତାରୁ ଲେଖକର ବ୍ୟକ୍ତିଗତ ଅନୁଭୂତି,ଅନ୍ତଃଦୃଷ୍ଟି ଓ କଳ୍ପନା ଦ୍ୱାରା ଏହା ବିକାଶ ଲାଭ କରେ । ଶୈଳୀକୁ ଲେଖକର ସ୍ୱତଃସ୍ଫୂର୍ତ୍ତ ପ୍ରବଣତା ଓ ଈଶ୍ୱରଦତ୍ତ ଗୁଣ କହିଲେ ଅସମୀଚୀନ ହେବ ନାହିଁ ।

ଲେଖକଟିଏ ଦାୟିତ୍ୱ ବୋଧରୁ ତା ଲେଖାଟିକୁ ପ୍ରକାଶ କରିଥାଏ । ନିଜର ଜ୍ଞାପନ ଯୋଗ୍ୟ ଚିନ୍ତା, ବିଚାର ବୁଦ୍ଧିକୁ ନେଇ ଲେଖକଟିଏ ଲେଖିଥାଏ । ଲେଖକଟି ସାଧାରଣତଃ ଏକକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଯୁକ୍ତି, ଆପଣାର ଅନୁଭବ ଓ ତଥ୍ୟକୁ ପ୍ରକାଶ କରେ । ସେ ଲେଖିବା ବେଳେ ତା ଲେଖାରେ କଳାତ୍ମକ ସୌନ୍ଦର୍ଯ୍ୟ ଫୁଟି ଉଠେ । ଏହା ଅବଶ୍ୟ ଲେଖକର ଅଲକ୍ଷ୍ୟରେ ଆପଣା ଛାଏଁ ପ୍ରକାଶିତ ହୁଏ । ଆଉ କେତେକ ଲେଖକ ଅଛନ୍ତି, ଯେଉଁମାନେ କିଛିନା କିଛି ଲେଖିବା ଦାୟରେ ଲେଖନ୍ତି । ଏ ଧରଣର ଲେଖାରେ କୌଣସି ଶୃଙ୍ଖଳା ନ ଥାଏ । କେବଳ ଅର୍ଥ ଉଦ୍ଦେଶ୍ୟରେ ଏପରି ଲେଖକମାନେ ଲେଖନ୍ତି । ଫଳରେ ଏଭଳି ଲେଖା ଦ୍ୱାରା ସାହିତ୍ୟିକ ଗାମ୍ଭୀର୍ଯ୍ୟ ରକ୍ଷା ହୋଇ ପାରେ ନାହିଁ । ଏଥିରେ ଲେଖକର ବ୍ୟକ୍ତିତ୍ୱର ସ୍ପନ୍ଦନ ଅନୁଭୂତ ହୁଏ ନାହିଁ । ମଣିଷ ତା'ର ସୁଗଭୀର ଭାବ ବ୍ୟକ୍ତ ପୂର୍ବକ ଯେଉଁ ଲେଖା ଲେଖେ, ସେ ଧରଣର ଲେଖା ହେଉଛି ଉଚ୍ଚକୋଟୀର । ଯେକୌଣସି ପ୍ରସଙ୍ଗକୁ ଆପଣାର ଭାବବଳୟକୁ ନେଇ ଯିଏ ନିଜ ଢଙ୍ଗରେ ପ୍ରକାଶ କରିପାରେ, ସେଇ ଲେଖକ ହେଉଛି ବିଶିଷ୍ଟ ଲେଖକ । ଏପରି ଲେଖକମାନେ ପାଠକ ପାଖରେ କାଳକାଳକୁ ବଞ୍ଚନ୍ତି । ସାଂପ୍ରତିକ କାଳରେ ଓଡ଼ିଆ ସାହିତ୍ୟରେ ଏପରି ଲେଖକ ଭାବରେ ଚନ୍ଦ୍ରଶେଖର ରଥଙ୍କୁ ଗ୍ରହଣ କରାଯାଇ ପାରେ ।

Digitized by srujanika@gmail.com

ଚନ୍ଦ୍ରଶେଖର ରଥ ଜଣେ ସୁଧୀ ପ୍ରାବନ୍ଧିକ ଭାବରେ ତାଙ୍କର ଶୁଭ୍ରଯଶ ଓଡ଼ିଆ ସାହିତ୍ୟରେ ଚିହ୍ନିତ କରିଛନ୍ତି । ତାଙ୍କ ପ୍ରବନ୍ଧର ସଂଜ୍ଞା ସ୍ୱତନ୍ତ୍ର । ସେ ତାଙ୍କର ପ୍ରବନ୍ଧଗୁଡ଼ିକୁ 'ରଚନା' କହିଛନ୍ତି । ତାଙ୍କ ମତରେ ରଚନା କରିବା ହେଉଛି କବି ଧର୍ମ । ସେଥିରେ ସେ ଅବାଧ ସୃଷ୍ଟି କରିବାକୁ ଚାହେଁ । ସାଧାରଣ ଭାବରେ ପ୍ରବନ୍ଧ କହିଲେ ବୁଝାଏ 'ଜ୍ଞାନଗର୍ଭ ରଚନା' । ସେ ସ୍ୱପ୍ରବନ୍ଧ ସଂପର୍କରେ ଅଭିମତ ପ୍ରକାଶ ପୂର୍ବକ କହନ୍ତି; "ମନ ରଞ୍ଜେଇବା ଏହାର ଉଦ୍ଦେଶ୍ୟ ନୁହେଁ । ଆଉ ମଧ୍ୟ ଉଦ୍ଦେଶ୍ୟ ନୁହେଁ ଭାରି ଗମ୍ଭୀର ମୁଦ୍ରାରେ ନାକ ଆଖି ଚିପି କେବଳ ପ୍ରଣବ ମାଧ୍ୟମରେ ନିଛକ ଜ୍ଞାନ ପିଆଇବା । ରସେଲ ଭଳି ବହୁ ଜ୍ଞାନୀ ଲୋକଙ୍କୁ ଆଖି ମିଟିକା ମାରି ବଡ଼ ବଡ଼ କଥା କହିବାର ଯେ ଶୁଣିଛି ତା'ର ବଳେ ବିଶ୍ୱାସ ଜମିଯିବଯେ ଜ୍ଞାନ ପାଇଁ ଏତେ ଗମ୍ଭୀର ମୁଦ୍ରାର ପ୍ରୟୋଜନ ନାହିଁ । ଅତଏବ ନିଷ୍ଠାର ସହିତ ଜୀବନର ବିଭିନ୍ନ ବିଭାବକୁ ମିଞ୍ଜେଇ ଅନୁଭବ କଲାବେଳେ ଯଦି କେତେବେଳେ କିଛି ଦିଶିଗଲା ତାକୁ ନେଇ ନିଜ ଭଙ୍ଗୀରେ ଖଣ୍ଡିଏ ରଚନା ଗ୍ରାହକ ପାଠକ ପାଖରେ ପହଞ୍ଚେଇ ଦେଲେ କ୍ଷତି କ'ଣ ?" (ମନ ଅରଣ୍ୟ ମୋ ତରଫରୁ ... (୧୯୭୧-ପୃଷ୍ଠା-/-୯) ଏଥିରୁ ସେ ପ୍ରବନ୍ଧ କହିଲେ କ'ଣ ବୁଝନ୍ତି, ସହଜରେ ଅନୁମାନ କରାଯାଇ ପାରେ ।

ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧର ରଚନାଶୈଳୀର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ମୌଳିକତା । ସ୍ୱାଭାବିକ ଭାବରେ ତାଙ୍କ ଲେଖା ସ୍ୱତଃ ବିକାଶ ଲାଭ କରିଛି । ସେ ସାମାନ୍ୟ ବିଷୟ ବସ୍ତୁକୁ ନେଇ ତା ଉପରେ ସ୍ୱକୀୟ ଚିନ୍ତାର ତୋରଣ ନିର୍ମାଣ କରିଛନ୍ତି । ସେ ଯେକୌଣସି ପ୍ରସଙ୍ଗକୁ ଆପଣାର ଅନୁଭୂତିରେ ରସାଣିତ କରି ଏକା ବେଳେକେ ଆତ୍ମୀୟ କରି ଦିଅନ୍ତି । ଭାବର ସାବଲୀଳ ପରିପ୍ରକାଶ ସହିତ ଜୀବନାନୁଭୂତିର ଅପୂର୍ବ ସମନ୍ୱୟ ତାହାଙ୍କ ରଚନାକୁ ଉଚ୍ଚକୋଟୀର କରିଛି । ଅତି ସାଧାରଣ ଭଙ୍ଗୀରେ ତାଙ୍କର ରଚନାମାନ ଆରମ୍ଭ ହୋଇଥିଲେ ହେଁ ପରିଣତି ଅତି ଗମ୍ଭୀର ପ୍ରତୀତ ହୁଏ । ପୁଣି ସେ ସାଧାରଣ ଭଙ୍ଗୀ ଭିତରେ କେତେ କ'ଣ ଦର୍ଶନ, ତତ୍ତ୍ୱ ଓ ବାସ୍ତବ ଜୀବନର କଥା ରହିଥାଏ । ଏଠାରେ ଏ ପ୍ରସଙ୍ଗରେ ତାହାଙ୍କ 'ଅପଯଶ' ପ୍ରବନ୍ଧରୁ ଏକ ଉଦାହରଣ ଦିଆଯାଇ ପାରେ । "ବହୁବାର ମନା କରିଛି ସେ, କଥା କହିବାକୁ । ମୁଁ ବି ବାରମ୍ବାର ଶପଥ କରିଛି କହିବି ନାହିଁ ବୋଲି । କିନ୍ତୁ ଗୋଟାଏ ଝଲକରେ ତୁମେ ତାହା ଭଳି ଦିଶିଯାଅ; ଏଣୁ ଭାବେ ଲୁଚେଇ ଲାଭ କ'ଣ; ଏଣୁ ନକହି କହିଦିଏ ଏବଂ କହି ମଧ୍ୟ କହେ ନାହିଁ । ଏତେ ଗଭୀର କଥା କହିହୁଏ ନା ନକହି ସେ ଅଣନିଶ୍ୱାସୀ ଗହୀରରେ ରହି ହୁଏନା"ଏଇ କେତେ ଧାଡ଼ି ଅତି ସାଧାରଣ ପରି ମନେ ହେଉଥିଲେ ମଧ୍ୟ ଏସବୁର ତାତ୍ତ୍ୱିକ ତର୍ଜମା କଲେ ଏହା ଭିତରେ ରସେଲ,ଉଇଟ୍‌ଗେନ୍‌ଷ୍ଟାଇନ୍,ଏ.ଜେ. ଆୟାରଙ୍କ ପରି ଦାର୍ଶନିକଙ୍କ ମତବାଦର

Digitized by srujanika@gmail.com

କିଛିତ ରୂପ ଦେଖିହେବ । ସୂଚନାଧର୍ମୀ ଭାବରେ ତତ୍ତ୍ୱକୁ ସରଳ ରୂପରେ ପାଠକଠାରେ ପ୍ରକାଶ କରିବାରେ ସେ ପାରଙ୍ଗମ ମନେ ହୁଅନ୍ତି ।

. ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧର ଶୈଳିକ ସୁଷମାକୁ ପ୍ରଶଂସା ନ କରି ରହି ହୁଏ ନାହିଁ । ପୁରାଣ,ଉପନିଷଦର ଜଟିଳ ତତ୍ତ୍ୱ ଓ ଆଧ୍ୟାତ୍ମିକ ଜଗତର ଚିର ରହସ୍ୟକୁ ସରଳୀକରଣ କରି ଅତି ସ୍ୱାଭାବିକ ଭାବରେ ପ୍ରକାଶ କରିବାରେ ତାଙ୍କର ଅଦ୍ଭୁତ ଶକ୍ତି ପରିଲକ୍ଷିତ । ବିଶେଷ କରି ତାଙ୍କର 'ରଥ ସପ୍ତକ'ର ସମସ୍ତ ରଚନା ଅପୂର୍ବ ଶିଳ୍ପଶ୍ରୀ ନେଇ ପାଠକ ନିକଟରେ ଉଭା ହୋଇଛି । ସୁନିର୍ବାଚିତ ଶବ୍ଦାବଳୀ, ସରଳ ବାକ୍ୟ ଓ ଭାବ ସଂହତି ତାଙ୍କର ଏ ଧରଣର ପ୍ରବନ୍ଧର ବୈଶିଷ୍ଟ୍ୟ । ଏଠାରେ 'ମୁଁ କ୍ଷେତ୍ର ଯିବି' ପ୍ରବନ୍ଧରୁ କିଛି ଦୃଷ୍ଟାନ୍ତ ଦେଖନ୍ତୁ; ''ମୁଁ କ୍ଷେତ୍ର ଯିବି ସୁଧୀ ଜନେ, ମୋତେ ବାଟ କାଢ଼ି ନେଇ ଯାଅ । ସଂସାର ହୁଗୁଳି ଯାଅ ମୋ ପାଦରୁ, ମେତେ ମୁକ୍ତ କର ! କର୍ମ ଜଞ୍ଜାଳ ଖସିପଡୁ ମୋ ହାତ ଯୋଡ଼ିକରୁ, ମୋତେ ସ୍ୱଚ୍ଛନ୍ଦ କର, ସହଜ କର ! ମୋ ଆଖି ଯୋଡ଼ିକରୁ ପୋଛି ହୋଇ ଯାଉ ମୋହାଞ୍ଜନ । ମୋତେ ଦୃଷ୍ଟି ଦିଅ । ହେ ଦଶ ଦିଗପାଳ, ମୋତେ ଧରି ରଖ ! ଦେବତା, ଗନ୍ଧର୍ବ, ଯକ୍ଷ ରକ୍ଷାଦି ମୋତେ ବେଢ଼ି ରହ । ହେ ମୋର ଅଗଣିତ ପିତୃ ପୁରୁଷ ମୋ ପଛରେ ଠିଆ ହୁଅ । ମୁଁ କ୍ଷେତ୍ର ଯିବି । ମୁଁ କ୍ଷେତ୍ର ଯିବି !!'' ସରଳ ଭାଷାରେ ଏମିତି ଅନ୍ତର ଛୁଆଁ ଶବ୍ଦ ପ୍ରୟୋଗ କରି ଏ ରଚନାଟି ରଚିତ, ଯାହାକୁ ପାଠକଲା ମାତ୍ରେ ପାଠକ ଏକ ଅଲୌକିକ ଭାବଜଗତରେ ଓହ୍ଲାଇ ପଡ଼େ ।

ପ୍ରାବନ୍ଧିକ ବିଷୟ ପରିବେଷଣରେ ଯେଉଁଳି କୃତିତ୍ୱ ଦେଖାଇଛନ୍ତି, ସେହିପରି ବିଷୟମାନଙ୍କର ନାମ କରଣରେ ତାଙ୍କର ନିଷ୍ଠା ଦେଖିବାକୁ ମିଳେ । ସେ ଛୋଟ ଛୋଟ ନାମ ଦେଇ ବେଶ୍ ପାଣ୍ଡିତ୍ୟ ପୂର୍ଣ୍ଣ ପ୍ରବନ୍ଧମାନ ଲେଖିଛନ୍ତି । 'ମଧୁ ସନ୍ଧାନ', 'ଅଶ୍ରୁତ ସ୍ୱର', 'କାନ୍ଦୁରା', 'ଅନନ୍ୟ', 'ଶୁଣନ୍ତୁ', 'ସର୍ପଯଜ୍ଞ', 'ଅପହଞ୍ଚ', ପ୍ରଭୃତି ନାମକରଣରୁ ତାଙ୍କର ଧୀଶକ୍ତି ଓ ବିଚାର ବୋଧର ପରିଚୟ ମିଳେ । ସେ ତାଙ୍କ ପ୍ରବନ୍ଧର ନିଷ୍କର୍ଷକୁ ବେଳେବେଳେ ପ୍ରଥମରୁ କହି ଦେଇଥାନ୍ତି । ଯେପରି ସେକସ୍‌ପିୟରଙ୍କ ନାଟକର ପ୍ରଥମ ଅଙ୍କ,ପ୍ରଥମ ଦୃଶ୍ୟରୁ ନାଟକଟିର ସ୍ୱରୂପ କଳନା କରିହୁଏ, ସେମିତି ପ୍ରାବନ୍ଧିକଙ୍କ ପ୍ରଥମ ବାକ୍ୟରୁ ପ୍ରବନ୍ଧର ଭାବବସ୍ତୁ ସଂପର୍କରେ ପାଠକ ଏକ ଧାରଣା କରି ନିଏ । ଏଠାରେ 'ଖର୍ବ ପୁରୁଷ' ପ୍ରବନ୍ଧରୁ ଦୃଷ୍ଟାନ୍ତଟିଏ ଦେଖନ୍ତୁ, ''ଏ ବାମନ ରାଜ୍ୟରେ ଜହ୍ନ ଏକ ଅପହଞ୍ଚ ସ୍ୱପ୍ନ । ବାଇଗଣ ଗଛକୁ ଆଙ୍କୁଡ଼ି ଲଗାଇବା ଖର୍ବ ମଣିଷଙ୍କପାଇଁ ଉଚ୍ଚ ଉଚ୍ଚ ଆକାଶର ସମ୍ଭାବନା ନାହିଁ । ଛୋଟ ମନ, ଛୋଟ ପ୍ରାଣ, ଛୋଟ ଛୋଟ ହାତ ଗୋଡ଼ ନେଇ ସେମାନେ ଗୋଟିଏ ଅପ୍ରସାରିତ ଜଗତରେ ବଞ୍ଚିଥାନ୍ତି । ଏପରିକି ଦୁରାସଦ କାମ, କ୍ରୋଧମାନେ ମଧ୍ୟ ସେମାନଙ୍କର

Digitized by srujanika@gmail.com

କୃପଣ ଜୀବନରେ ଅତି ଦୀନ ହୀନ ଭାବରେ ପ୍ରକଟିତ ହୁଅନ୍ତି । ଲୁଣ୍ଠିତ,ସଂକୁଚିତ, ଭୟାର୍ତ୍ତ ଜୀବଗୁଡ଼ିକ ଏମାନେ । ସ୍ପର୍ଦ୍ଧା ନାହିଁ, ସ୍ୱାଭିମାନ ନାହିଁ, ବିଭବ, ବିଭୂତି କିମ୍ବା ଐଶ୍ୱର୍ଯ୍ୟ କିଛି ନାହିଁ ।'' ତାଙ୍କର ଏ ପ୍ରବନ୍ଧ ଆରମ୍ଭରୁ ତାଙ୍କ ବକ୍ତବ୍ୟର ପରିଚ୍ଛନ୍ନତା ଅନୁଭବ କରିହୁଏ । ପାଠକକୁ ଭାବବସ୍ତୁ ସମ୍ବନ୍ଧରେ ମଧ୍ୟ ସେ ସୁନ୍ଦର ଧାରଣା ଆରମ୍ଭରୁ ଏଥିରେ ଦେଇଛନ୍ତି ।

ପ୍ରାବନ୍ଧିକ ତାଙ୍କ ପ୍ରବନ୍ଧରେ ମିଥ୍‌ର ସଫଳ ପ୍ରୟୋଗ କରିଛନ୍ତି । ସେ ପୁରାଣ,ଲୋକକଥା, କିମ୍ବଦନ୍ତୀ ପ୍ରଭୃତିକୁ ମିଥ୍ ଆକାରରେ ତାଙ୍କ ପ୍ରବନ୍ଧରେ ଖଞ୍ଜି ଦେଇଛନ୍ତି । ନିର୍ଦ୍ଦିଷ୍ଟ ସାମାଜିକ ଚିନ୍ତାଧାରାକୁ ଓ ମଣିଷର ଆଚରଣକୁ ପ୍ରତିପାଦିତ କଲାବେଳେ ମିଥ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ସଂପର୍କରେ "William Righter" ଙ୍କ ମନ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ସେ କହଛନ୍ତି, "All societies rest on myths. To justify a particular view of a particular society one needs to identify its basic myths and reflect upon their impact on the current generation." (Myth & Litsature-1975 page-9) ସାଧାରଣତଃ ଉଚ୍ଚକୋଟୀର ଲେଖକ ମିଥ୍‌ର ବିଷୟବସ୍ତୁ ଓ ପ୍ରକରଣକୁ ଅବଲମ୍ବନ କରି ନିଜସ୍ୱ ବକ୍ତବ୍ୟକୁ ବଳିଷ୍ଠ ଭାବେ ପ୍ରକାଶ କରିଥାନ୍ତି । ଚନ୍ଦ୍ରଶେଖର ରଥଙ୍କର 'ମଥୁରା ନଗରୀ', 'ଅଜ୍ଞାତ ବାସ', 'ସର୍ପ ଯଜ୍ଞ', 'ଅଜାତ ଶତ୍ରୁ', 'ମଧୁ ସନ୍ଧାନ', 'କଣିକ ଉବାଚ', ପ୍ରଭୃତି ତାଙ୍କର ମିଥ୍ ଚେତନା ଧର୍ମୀ ପ୍ରବନ୍ଧ । 'ମଧୁ ସନ୍ଧାନ' ପ୍ରବନ୍ଧକୁ ବିଚାର କଲେ ଦେଖିବାଯେ ପ୍ରାବନ୍ଧିକ ଗ୍ରୀକ୍ ମାଇଥୋଲଜିରୁ ପ୍ରେରଣା ନେଇ ଏ ପ୍ରବନ୍ଧ ଲେଖିଛନ୍ତି । ସେ ଯେଉଁ ସୁନାପକ୍ଷୀକୁ ବୃହଦାରଣ୍ୟକ ଉପନିଷଦରୁ ଗ୍ରହଣ କରିଛନ୍ତି, ତାହା ହେଉଛି ପରିବର୍ତ୍ତିତ ମୂଲ୍ୟବୋଧର ପ୍ରତୀକ । ମଣିଷର ଚିରନ୍ତନ ସୁଖ ଅନ୍ୱେଷା ସବୁ ଯୁଗରେ ସତ୍ୟ । ଗ୍ରୀକ୍ ମାଇଥୋଲଜିରେ 'ପ୍ରମିଥସ୍'ପ୍ରସଙ୍ଗରେ ଏହା ମଧ୍ୟ କୁହାଯାଇଚି । ସେହିପରି 'ମଥୁରା ନଗରୀ' ପ୍ରବନ୍ଧଟି ଏକ ସାର୍ଥକ ମିଥ୍‌ଧର୍ମୀ ପ୍ରବନ୍ଧ । ନିଜର ଜନ୍ମଭୂମି ଛାଡ଼ି କୋଳାହଳ ପୂର୍ଣ୍ଣ ରାଜଧାନିରେ ରହିବା ପାଇଁ ମଣିଷ ଯେଉଁ ଆନନ୍ଦ ତାକୁ ଚମତ୍କାର ଭାବରେ ପ୍ରାବନ୍ଧିକ 'ମଥୁରା ନଗରୀ' ପ୍ରବନ୍ଧରେ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଜନ୍ମ ହେଲେ ଗୋପରେ- ଆପଣାର କରିନେଲେ ମଥୁରାକୁ । ସେହିପରି ସବୁ ମଣିଷ ପଲ୍ଲୀରେ ଜନ୍ମହୁଏ- ମାତ୍ର ସହରୀ ସଭ୍ୟତା ତାକୁ ଏପରି ଗ୍ରାସ କରେ ଯେ ସେ ତା'ର ଅତୀତକୁ ଭୁଲି କୋଳାହଳ ପୂର୍ଣ୍ଣ ରାଜଧାନୀକୁ ହିଁ ଆପଣାର କରିନିଏ । ଅର୍ଥାତ୍ ଗୋପ ହେଉଛି ଅତୀତର ଶୀର୍ଷବିନ୍ଦୁ ଓ ମଥୁରା ହେଉଛି ଅପରିମେୟ ଭବିଷ୍ୟତର ପ୍ରଥମ ମୁହୂର୍ତ୍ତ । କାଳର ପ୍ରବାହ କିପରି ମଣିଷକୁ ତା'ର ବ୍ୟକ୍ତିତ୍ୱର ବିକାଶ ପାଇଁ ପଲ୍ଲୀରୁ ସହରାଭିମୁଖୀ କରେ, 'ମଥୁରା ନଗରୀ' ପ୍ରବନ୍ଧ

Digitized by srujanika@gmail.com

ହେଉଛି ତା'ର ଚୂଡ଼ାନ୍ତ ନିଦର୍ଶନ । ସାଧାରଣତଃ ଲେଖକ ମିଥ୍‌କୁ ଏକ ଶାଶ୍ୱତ-ଦର୍ପଣ ଭାବରେ ଆମ ସମ୍ମୁଖରେ ରଖି ଆଧୁନିକ ଜୀବନର ଚିତ୍ର ଆଙ୍କିଛନ୍ତି ।

ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧରେ ଚିତ୍ରକଳ୍ପର ପ୍ରବଳ ପ୍ରୟୋଗ ଦେଖିବାକୁ ମିଳେ । ତାଙ୍କ ଗଦ୍ୟ ହେଉଛି କବିତ୍ୱ ପୂର୍ଣ୍ଣ । ଚିତ୍ରଧର୍ମୀ ପ୍ରକାଶଭଂଗୀ ତାଙ୍କ ଗଦ୍ୟର ବିଶେଷତ୍ୱ । ସେ ଯଥା ତଥା କୌଣସି ପ୍ରସଙ୍ଗ ପ୍ରକାଶ ନ କରି ତାକୁ ହୃଦୟଗ୍ରାହୀ ଚିତ୍ର ଦ୍ୱାରା ପାଠକ ଠାରେ ଉପସ୍ଥାପନ କରନ୍ତି । ତାଙ୍କ ଚିତ୍ରକଳ୍ପକୁ ସାଧାରଣତଃ ତିନି ପର୍ଯ୍ୟାରେ ବିଭକ୍ତ କରାଯାଇପାରେ ।

(କ) ପ୍ରାକୃତିକ ଜଗତରୁ ସଂଗୃହୀତ ଚିତ୍ରକଳ୍ପ: ପ୍ରକୃତିର ବିଭିନ୍ନ କ୍ରିୟା ପ୍ରତିକ୍ରିୟା । ଏବଂ ମାନବ ସହିତ ପ୍ରକୃତିର ସମ୍ବନ୍ଧକୁ ନେଇ ସେ କେତେଗୁଡ଼ିଏ ଚମତ୍କାର ଚିତ୍ରକଳ୍ପ ତାଙ୍କ ପ୍ରବନ୍ଧରେ ପ୍ରୟୋଗ କରିଛନ୍ତି । ଯେପରି:-

- ସେ ଭାରି ଭାରି ଜଟା ଭିତରୁ ରୋଟାଏ ଜୀଅନ୍ତା ଜହ୍ନ ଜୁଳୁ ଜୁଳିଆ ପୋକ ପରି ଜଳୁଚି, ନିଭୁଚି ଓ ସେ ସାଇଁ ସାଇଁ ପବନରେ ଶୁଭୁଛି ଅର୍ଯମାର ଫାସୁ ଫାସୁ ।''(ଅପହଞ୍ଚ)*
- ଆବାକ୍ ପୃଥିବୀ ବିଷକ୍ବାଳାରେ କାତର ଗାଈଟିଏ ପରି ମୋତେ ଚାହିଁ ରହିବାର ଅର୍ଥ କିଛି ନାହିଁ ''(ସର୍ପଯଜ୍ଞ)*
- ରୋଟିଏ ଡେମ୍ଫର ଦୁଇଟି ଫୁଲ ଫୁଟିଲା ପରି ଯୌବନ ମୁକୁଳି ଆସିଲା ବେଳକୁ ଜୀବନର ଖୁବ୍ ଗହୀରରୁ ଗଜେଇ ଆସନ୍ତି କବିତା ଓ ପ୍ରେମ । ସେ ଦୁହେଁ ଜାଆଁଳା । ଗୋଟିକୁ ଛୁଇଁଲେ ଆରଟି ଝର ଝର କାନ୍ଦି ପକାଏ । ରୋଟିଏ ଦୋହଲିଲେ ଆରଟି ସୁର ତୋଳି ଗୀତ ଗାଏ । (କବି ପତ୍ନୀ)*

(ଖ) ସାମାଜିକ ଚିତ୍ରକଳ୍ପ: ସେ ଆମ ସମାଜ ଓ ସାମାଜିକ ଜୀବନରୁ ନାନା ଚିତ୍ରକଳ୍ପ ସଂଗ୍ରହ କରି ତାଙ୍କ ପ୍ରବନ୍ଧରେ ପ୍ରୟୋଗ କରିବାରୁ ବିରତ ହୋଇନାହାନ୍ତି । ସେ ଜଟିଳ ସାମାଜିକ ସମସ୍ୟାମାନ ଉପସ୍ଥାପନା କଲାବେଳେ ଏଭଳି ଚିତ୍ରକଳ୍ପର ସାହାଯ୍ୟ ନେଇଛନ୍ତି । ଏଠାରେ କେତେକ ଦୃଷ୍ଟାନ୍ତ ଦେଖନ୍ତୁ;

- ମା କୋଡ଼ ଖୋଜିଲା ପରି ତା'ର ଚେତନା କେନ୍ଦ୍ର ଅନ୍ଧାରରେ ହୁଏ ତ ଦରାଣ୍ଡି ହେବ ପରିଚିତ ଗୁଡାଏ ଶବ୍ଦ ପାଇଁ । ପରିବେଶର ନିରବତାରେ ନିରାଶ୍ରୟ ଆକାଶ ଭିତରକୁ ଗଳି ପଡ଼ିଲା ପରି ସେ ଆକତା ହୋଇ ଉଠିବ ।'' (ଶୁଣନ୍ତୁ)*

Digitized by srujanika@gmail.com

- ପରିପୁଷ୍ଟ ବ୍ୟାଙ୍କ ଖାତାଟି ବୁଢ଼ୀ ଅସୁରୁଣୀ ପାଚିଲା ବାଳ ପରି ସମଗ୍ର ଜୀବନର ସାରତତ୍ତ୍ୱ ରୂପେ ପ୍ରତିଫଳିତ ହୁଏ । (ସଞ୍ଚୟର ପ୍ରତିପକ୍ଷ)*
- ନାକ ଗଣ ଗଣେଇଲା ପରି ଫିସ୍ ଫିସ୍ ଝିଂ ଝିଂ ସ୍ୱରରେ ଆଉ ଏକ ପୃଥିବୀର ଭାଷାରେ କହେ - ମୁଁ କାମୁଡ଼ିଲି ନୁହେଁ - ମୁଁ ଏମିତି କାମୁଡ଼େ ।(କଥା ସରିଯାଏ)*

ଅତ୍ୟାଧୁନିକ ଜୀବନରୁ ସଂଗୃହୀତ ଚିତ୍ରକଳ୍ପ : ପ୍ରାବନ୍ଧିକଙ୍କ ପ୍ରବନ୍ଧମାନଙ୍କରେ କେତେଗୁଡ଼ିଏ ଅତ୍ୟାଧୁନିକ ଜୀବନରୁ ସଂଗୃହୀତ ଚିତ୍ରକଳ୍ପ ବ୍ୟବହୃତ । ଆଧୁନିକ ସହରୀ ସଭ୍ୟତାର ସ୍ପଷ୍ଟ ମୁଦ୍ରାଙ୍କ ତାଙ୍କର ଚିତ୍ରକଳ୍ପରେ ଦେଖିବାକୁ ମିଳେ ଯେମିତି;

- ନଳୀରୁ ଗୁଳି ବାହାରିଲା ପରି ପୁରୁଣାରୁ ନୂଆ ବାହାରି ଯାଏ ନାହିଁ; ଗଛରୁ ମଞ୍ଜି ପରି ହୁଏତ ତାହା ବାହାରି ଆସେ । (ନୂଆ ପୁରୁଣା)*
- ମିଶର ସାମ୍ରାଜ୍ୟ ଭାଙ୍ଗି ପଡ଼େ କୁଢ଼ କୁଢ଼ ବାଲିର ପାହାଡ଼ ପରି । ସମଗ୍ର ଅତୀତ ହୋଇଯାଏ ଗୋଟାଏ ପ୍ରକାଣ୍ଡ ଡିନସର୍‌ର କଙ୍କାଳ ।(ମଥୁରା ନଗରୀ)*

ବର୍ଣ୍ଣନା ବିଳାସ ଓ ସ୍ତରେ ସ୍ତରେ ଗଦ୍ୟରେ ଆଳଙ୍କାରିକ ବର୍ଣ୍ଣନା ତାହାଙ୍କ ଶୈଳୀର ବିଶେଷତ୍ୱ । ସେ ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଯେକୌଣସି ବିଷୟରେ ଅବତାରଣା କରି ପାରନ୍ତି । ପୁଣି ପରିବେଶ ବର୍ଣ୍ଣନା କରିବାରେ ଓ ପ୍ରତୀକଧର୍ମୀ ଅର୍ଥ ପୂର୍ଣ୍ଣ ଶବ୍ଦ ପ୍ରୟୋଗ କରିବାରେ ସେ ଜଣେ ଅଦ୍ୱିତୀୟ ଶିଳ୍ପୀ । ଏଠାରେ 'ମଥୁରା ନଗରୀ'ର ଅନ୍ଧକାର ପରିବେଶର ବର୍ଣ୍ଣନା ଦେଖନ୍ତୁ; ''ମଥୁରା ଗୋଟିଏ ଅନ୍ଧକାର କାରାକକ୍ଷ । ତାର ପ୍ରସ୍ତ ପ୍ରସ୍ତ ପାଷାଣ ପାଚେରୀ ନିରବରେ ତାରା ରାତିରେ ଘୁମଉଥାନ୍ତି । ସମଗ୍ର ଦ୍ୱାପର ଯୁଗର ଘନୀଭୂତ ତମିସ୍ରା ଯମୁନା କୂଳରେ କୁଢ଼େଇ ହୋଇଥାଏ । ତା'ର ରାଜ ନବର, କୋଠାବାଡ଼ି,ପ୍ରଶସ୍ତ ରାଜଦାଣ୍ଡ ସବୁ ଗୁଡ଼ିକ ଅଚିହ୍ନା, ଅପରିଚିତ ପରି ଅନାନ୍ତି । କୌଣସିଠାରେ ମମତାର ସ୍ପନ୍ଦନ ନାହିଁ । ଆପଣାପଣର ଉଷ୍ମତା ନାହିଁ । ସବୁ ଶୀତଳ,ହିମ-ଜର୍ଜର,ନିର୍ମମ, ଲୁହାର ଶିକୁଳି ପରି, ପଥରର କାନ୍ଥ ପରି, ନୀରବ ଅନ୍ଧାର ପରି । ସେଇଠି ପ୍ରହରୀର କୁହାଟ, ତା'ର ଅସ୍ତ୍ରର ଝଣତ୍‌କାର ହିଁ ଏକମାତ୍ର ଶବ୍ଦ ।''

ପ୍ରାବନ୍ଧିକଙ୍କ ପ୍ରବନ୍ଧରେ ଅଦ୍ଭୁତ ବିଶେଷଣମାନଙ୍କର ବ୍ୟବହାର ଦେଖିବାକୁ ମିଳେ । ସେ ନୂତନ ବିଶେଷଣମାନ ପ୍ରୟୋଗ କରିବାରେ ବେଶ୍ ଧୁରୀଣ । ସେ

Digitized by srujanika@gmail.com

କ୍ରିୟାଶୀଳ ଶବ୍ଦମାନଙ୍କୁ ବିଶେଷଣ ପ୍ରୟୋଗ ବେଳେ ବ୍ୟବହାର କରିଛନ୍ତି । ଯେମିତି; 'ଅପମିଶ୍ରିତ ବେଳ', 'ନିର୍ମଳ ମର୍ଯ୍ୟାଦବନ୍ତ କ୍ରୋଧ', 'ଶାନ୍ତ ସନ୍ତୁଷ୍ଟ ସକାଳ', 'ଅପରିଚ୍ଛନ୍ନ ଲୁଣିଆ ଝାଳୁଆ ମଜୁରିଆ ମଣିଷ', 'ଲମ୍ବା ଲହରିଆ ଡାକ', 'ଜଞ୍ଜାଳର ଅତର୍କିତ କଣ୍ଟାବାଡ଼', 'କଳା କାଇଁଚ ପରି ଆଖି', 'ଆରକ୍ତ ସନ୍ଧ୍ୟା', 'ଷଣ୍ଢୁଆ ହୁକାପିଟା ପୁରୁଷ', 'ଚୁଲ୍‌ଚୁଲିଆ ଟୋକା','ତପସ୍ୱୀ ଗଛଟିଏ' - ଇତ୍ୟାଦି ।

ନାଟକୀୟତା ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧର ଅନ୍ୟତମ ବୈଶିଷ୍ଟ୍ୟ । ତାଙ୍କ ପ୍ରବନ୍ଧର ଆରମ୍ଭ ଯେମିତି ନାଟକୀୟ, ଉପସଂହାର ମଧ୍ୟ ଅନୁରୂପ ନାଟକୀୟ । ସେ ନାଟକୀୟ ଭାବରେ ବିଷୟ ଆରମ୍ଭ କରନ୍ତି । ଏଠାରେ 'ନୀତି ପ୍ରୟୋଗ' ପ୍ରବନ୍ଧରୁ ଏକ ଉଦାହରଣ ଦେଖନ୍ତୁ; ''କୌଣସି କ୍ରୁଦ୍ଧକବି ଆମକୁ ଏକଦା ତରଳ ଅଗ୍ନିରେ ନିକ୍ଷେପ କରା ହୋଇଥିବା କଥା ପ୍ରଚାର କରିଥିଲେ । ସେ କେବଳ ଆମ ଦ୍ୱାରା ଅନୁପ୍ରାଣିତ ହୋଇ ଆମରି ଭଳି ଆଚରଣ କରିଥିଲେ ମାତ୍ର । ଆମେ ସବୁବେଳେ ଏଠାରେ ନିରପଦ୍ରୁତ ରହି ଆସିଚୁ ଏବଂ ରହିବୁ । ସେ ତରଳ ଅଗ୍ନି ଅଥବା ସେ ତପ୍ତ କଟାହ କସ୍ମିନ୍ କାଳେ ନଥିଲା କିମ୍ବା ନାହିଁ । ନଥିଲାକୁ ଥିଲା ବୋଲି, ନହେଲାକୁ ହେଲା ବୋଲି ପ୍ରଚାର କରିବା ଆମର ଅତି ବିସ୍ମୃତ ଆଚରଣ ପଦ୍ଧତିର ଏକ ଅଂଶ ବିଶେଷ ।''

ଏଠାରେ ତାଙ୍କର ନାଟକୀୟ ଉପସଂହାରର ସ୍ୱରୂପ ଜାଣିବା ପାଇଁ 'ପରିଚୟ' ପ୍ରବନ୍ଧର ଶେଷ ଅଂଶ ଦେଖନ୍ତୁ; ''ଯଦି ଏ ତତ୍ତ୍ୱ ସବୁ ଆପଣଙ୍କୁ ପରିହାସ ପରି ଶୁଭିଲା ତେବେ ଗୋଟିଏ କାମ କରନ୍ତୁ । ଏ ପ୍ରଶ୍ନଟି ଆପଣ ନିଜକୁ ପଚାରି ଯାଆନ୍ତୁ । ତାର ରୂପ ହେବ 'ମୁଁ କିଏ ?' ସାବଧାନ କିନ୍ତୁ ଆମ ବୟାନ ବ୍ୟବହାର କରିବେ ନାହିଁ, ସେ ପରିହାସ ହୋଇଯିବ .... ଆପଣ ସେ ପଶ୍ନ ଉପରେ ଧ୍ୟାନମଗ୍ନ ହୁଅନ୍ତୁ । ଅପଣଙ୍କ ଚାରିପଟେ ହୁକା ଉଠିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କଲୁ ।''

ପ୍ରାବନ୍ଧିକ ରଥ ତାଙ୍କ ପ୍ରବନ୍ଧରେ ଅନେକତ୍ର ପ୍ରଚଳିତ ସଂସ୍କୃତ ଶ୍ଳୋକ, ଆଞ୍ଚଳିକ ଶବ୍ଦକୁ ବ୍ୟବହାର କରିଛନ୍ତି । ଯେମିତି; ''ଦୁର୍ଗଂ ପଥଂ ତତ୍ କବୟୋ ର୍ବଦନ୍ତି'' - (ଅଶ୍ରୁତ ସ୍ୱର), ''ଦେହି ବୁଦ୍ଧିମ୍ ପ୍ରଶସ୍ତାମ୍ । ଦେହି ଚିତ୍ତମ୍ ପ୍ରଶସ୍ତମ୍'' (ଦାରୁଦର୍ଶନ), ''ଶୁକ୍ରମ ଆକାୟମ, ଅବ୍ରଣମ୍ ଅସ୍ନାବରମ୍, ଶୁଦ୍ଧମ୍, ଅପାପବିଦ୍ଧମ୍'' (ପ୍ରଭୁବିଜେ) ସେ ସଂସ୍କୃତ ଦେଶଜ,ବୈଦେଶିକ ଶବ୍ଦକୁ ଯଥାର୍ଥ ରୂପେ ତାଙ୍କ ଲେଖାରେ ପ୍ରୟୋଗ କରିଛନ୍ତି ।

Digitized by srujanika@gmail.com

ପ୍ରାବନ୍ଧିକ ରଥଙ୍କ ପ୍ରବନ୍ଧର ଗୁରୁତ୍ୱ ତାଙ୍କ ଶୈଳୀରେ ରହିଛି । ସେ ଅତି ପରିଚିତ ପ୍ରସଙ୍ଗକୁ ତାଙ୍କର ଆକର୍ଷଣୀୟ ଶୈଳୀରେ ଅନନ୍ୟ ରୂପ ପ୍ରଦାନ କରିଛନ୍ତି । ସେ ନିଷ୍ଠାପର ଭାବରେ ଜୀବନର ଓ ଜଗତର ସତ୍ୟକୁ ତାଙ୍କ ପ୍ରବନ୍ଧରେ ପ୍ରକାଶ କରିଛନ୍ତି । ତାଙ୍କ ପ୍ରବନ୍ଧଗୁଡ଼ିକ ଯେପରି ଶିକ୍ଷାପ୍ରଦ, ସେହିପରି ସାହିତ୍ୟିକ ସୌନ୍ଦର୍ଯ୍ୟର ଆଧାର । ପରିବେଷଣରେ ପ୍ରାଚୁର୍ଯ୍ୟ, ବିଶ୍ଳେଷଣରେ ବୁଦ୍ଧିମତ୍ତା, ଶବ୍ଦ ପ୍ରୟୋଗରେ ଶିଷ୍ଟତା, ବକ୍ତବ୍ୟର ପରିଚ୍ଛନ୍ନତା ଏବଂ ନାଟକୀୟତା ତାଙ୍କ ରଚନା ଗୁଡ଼ିକୁ ପାଠକର ନିକଟବର୍ତ୍ତି କରିଛି । ପୁଣି ସବୁଠି କବିସୁଲଭ ବର୍ଣ୍ଣନା, ଚିତ୍ରଧର୍ମିତା ଓ ଭାବାବେଗ ତାହାଙ୍କ ରଚନାକୁ ପଦ୍ୟାତ୍ମକ ଗଦ୍ୟ(Poetic Prose) ର ଗୌରବ ଦେଇଛି । ସେ ଗଦ୍ୟ ରଚନା କରି ବି ହୋଇ ଯାଇଛନ୍ତି ସାଂପ୍ରତିକ କାଳର ଅନ୍ୟତମ କବି ।

◆ ◆ ◆

Digitized by srujanika@gmail.com

ରସୋତ୍ତୀର୍ଣ୍ଣ ରଚନା

ହେ। ଭଗତେ

ଆସିବା ହେଉ । ପାଦ ପଖାଳି ବିଜେ ହେବା ହେଉ । ଏ, ସେଇ ବଡ଼ଦାଣ୍ଡ, ଭଗତେ, ଏଇଠି ଆଖି ଟେକି ଚାହିଁବା ହେଉ ।

ବିଶୁଦ୍ଧ ଶ୍ରୀଫଳ ପରି ଘନରସରେ ପରିପୂର୍ଣ୍ଣ ସେ ଯେଉଁ ଖର୍ବକାୟ ଝାଳସରସର ମଣିଷଟି, ଅରୁଣ ଖମ୍ବ ତଳକୁ ଗଳବସ୍ତ୍ର ହୋଇ ବାହୁ ପ୍ରସାରି ଠିଆ ହୋଇଛନ୍ତି, ଯାହାଙ୍କ ଆଖିରୁ ଛଳଛଳ ଅଶ୍ରୁ ଅନବରତ ଝରି ଯାଉଛି, ସେ ହେଉଛନ୍ତି ଦାସ ପ୍ରଧାନ ଦାସିଆ ବାଉରି । ଭାବ ଗଦ୍‌ଗଦ ବିହ୍ୱଳ ଅବସ୍ଥାରେ ସେ ଫେରି ଚାରିଆଡ଼କୁ ଚାହୁଁଛନ୍ତି । ତାଙ୍କ ଓଠ ଥରଥର, ହାତ ଥରଥର ପାଦ ଥରଥର । ଫୁଟିଲା କଦମ୍ବ ପରି ଦେହସାରା କଣ୍ଟକିତ । ''ଏଡ଼େ ବଡ଼ ଦେଉଳର ଏଡ଼େ ବଡ଼ ଠାକୁର ! ତୁମ ବାଇଶି ପାହାଚ ଚଢ଼ି ଯିବାକୁ ତ' ବଳ ନାହିଁ ପ୍ରଭୁ ! ଅଯୋଗ୍ୟ ଅଛବର ହୁବ କାହିଁ, ସେ ପବିତ୍ର ପଥରକୁ ମାରା କରିଦେବ ? ଏ ବଡ଼ଦାଣ୍ଡ ମୋ ସ୍ୱର୍ଗ । ସୁଦାମାର ଖୁଦଖିଆ ଠାକୁର ! ଶବରୀର କୋଳିଖିଆ ଠାକୁର ! ଏ ନଡ଼ିଆଟି କ'ଣ ତୁମ ମନ ଲାଖି ନଜିର ହେବ କି ? ଏ ଅଛବ ହାତରୁ କ'ଣ ଘେନାହେବ ଏ ଶ୍ରୀଫଳ ?''

ଅଶ୍ରୁ, ଅଭିମାନ, ସମର୍ପଣର ତରଳ ଅମୃତାୟିତ ନୈବେଦ୍ୟରୂପୀ ସେ ମହାପୁରୁଷ ବିହ୍ୱଳ ହୋଇ ଦଶ ଦିଗକୁ ଚାହୁଁଛନ୍ତି । ଖୋଜୁଛନ୍ତି ସେ ମହାଶୂନ୍ୟକୁ, କେଉଁଠୁ ଅବା ସୁବିଶାଳ ଭୂଜ ନଇଁ ଆସୁଥିବ ପରା ! ସେ ଭାବଭୂମିରେ କାଳ ନାହିଁ, ବସ୍ତୁ ନାହିଁ । ଆଖିକୁ ଅଦୃଶ୍ୟ ସେ ରାଜ୍ୟ, ହୋ ଭଗତେ, ମାତ୍ର ସେ ଭାବକୁ ପ୍ରକଟ !!

ସାତଲହଡ଼ା ମଠରୁ ସୁସଜ୍ଜ ତୁଳସୀ ମଞ୍ଜରୀଗୁଡ଼ିଏ ଆଞ୍ଜୁଳାରେ ଧରି ସେ ଯେଉଁ ସରଳ, ପ୍ରଶାନ୍ତ ଶୁଚିମନ୍ତ ପୁରୁଷ ଆସୁଛନ୍ତି, ଯାହାଙ୍କର ଆଖିଗୁଡ଼ିକ ପଦ୍ମ ପାଖୁଡ଼ା ପରି ଢଳଢଳ, ଯେହୁ ପିନ୍ଧିଛନ୍ତି ଶୁକଳ ଅମ୍ଳାନ, ତୁଳସୀ ଚନ୍ଦନରେ ଯେହୁ ମହମହ ବାସୁଛନ୍ତି, ନବାକ୍ଷରୀ ଛନ୍ଦ ପରି ଯାହାଙ୍କ ବିଗ୍ରହ ମନୋରମ, ସେ ମହାତମା ହେଉଛନ୍ତି ଭାଗବତ-ପୁରୁଷ ଜଗନ୍ନାଥ ଦାସ । ଜ୍ଞାନଭକ୍ତିର ଗଙ୍ଗା-ସାଗର ସଙ୍ଗମ ହେଉଛନ୍ତି ଏ ତୀର୍ଥରାଜ । ଏହାଙ୍କୁ ନମସ୍କାର ! ହୋ ଭଗତେ, ତମକୁ ନମସ୍କାର । ଦାସେ ଭେଟୁଛନ୍ତି ଦାସିଆଙ୍କୁ । ଚମକି ପଡ଼ୁଛନ୍ତି । ଗମ୍ଭୀରାରୁ କେବେ ବିଜେ ହେଲେ ପ୍ରଭୁ ? କାହିଁ ଛତିଶା ନିଯୋଗ, କାହିଁ ମର୍ଦ୍ଦଳ କାହାଳୀ ? ଏଇତ' ସେ ଅନାଦି ପରମକାରଣ । ଦାସିଆଙ୍କ ଆଖିରେ ତୁଳସୀମଣ୍ଡିତ ଠାକୁର ଉଭା ହୋଇ ଯାଉଛନ୍ତି । ଦେଉଳରୁ ଓହ୍ଲେଇ ଆସିଛନ୍ତି

Digitized by srujanika@gmail.com

ଅଛବଙ୍କ ଦିଅଁ । ଚମକିଯାଉଛି ନୀଳାଚଳ ସେ ଆଚମ୍ବିତ ଦେବମୂହୂର୍ତ୍ତରେ । କୋଳାକୋଳି ହୋଇ ଏକାକାର ହୋଇଯାଉଛନ୍ତି ଦୁଇଜଣ । "ତୁ ମାୟାପୁରୁଷ ଶ୍ରୀହରି, ମୋତେ ମୋହିଲୁ ଛଦ୍ମକରି । ହେ ପତିତପାବନ, ହେ ଦରିଦ୍ର ଦାମୋଦର ମିତ, ହେ ଅନନ୍ତ ବାସୁଦେବ ।"ଦାସଙ୍କ ଭାଗବତ କଣ୍ଠରେ ଅଖଣ୍ଡ କୀର୍ତ୍ତନ ଝରି ପଡୁଛି । ଝରିପଡୁଛି ଅଛତା ତୁଳସୀମଞ୍ଜରୀ ଦାସିଆଙ୍କ ପଦଯୁଗଳରେ ! "ମୋତେ ଛୁଅଁନା, ଛୁଅଁନା ଠାକୁର ! ମୁଁ ଅଛବ ! ଛୁଇଁଲେ ତୁମର ମହାସ୍ନାହାନ ହେବ । ତୁମେ ମୋତେ ଆଉ ଭଣ୍ଡୁଛ କାହିଁକି ? ତୁମେ ହିଁ ତ ଜଗନ୍ନାଥ । ଦାସ ବୋଲି ଛଦ୍ମ କରୁଛ ସିନା । ମୁଁ ସିନା ଦାସାନୁଦାସ ଦାସିଆ ବାଉରି ! ଏ ଶ୍ରୀଫଳଟି ମୋର ସର୍ବସ୍ୱ ଠାକୁର ! ଏ ନଡିଆଟି ମୋ ପଞ୍ଚପ୍ରାଣ ! ଘେନା ହେଉ ଏ ଦରିଦ୍ରର ନୈବେଦ୍ୟ ! ମୁଁ କି ଜାଣେ ଭୋଗରାଗ, ପୂଜା ଆରାଧାନ ! ମୁଁ ଅଜ୍ଞାନ, ଅଛବ ! ମୋତେ ଛୁଅଁନା ବଡଦେଉଳିଆ ଦିଅଁ । ଛୁଇଁଲ ଯଦି, ଆଉ ଛାଡି ଯାଅନାହିଁ, କହୁଛି ! ଛାଡିଗଲେ ମୁଁ ମରିଯିବିଟି ।" ଭାବରସରେ କୋଳାକୋଳି, ଭାବଭୂମିରେ ମିଳାମିଳି; ଅପୂର୍ବ, ଅଦ୍ଭୁତ ଏ ମିଳନ, ହୋ, ଭଗତେ !

ତେଣେ, ଚାହଁ ଭଗତେ ! କାଶୀ ମିଶ୍ରଙ୍କ ଉଆସ ଆଡୁ ଗୋଳଚହଳ ପାଖେଇ ଆସୁଛି । ଦୁଇବାହୁ ଉର୍ଦ୍ଧ୍ୱକୁ ତୋଳି ସାତ୍ତ୍ୱିକ ବିକାରରେ ଉନ୍ମତ୍ତ-ପ୍ରାୟ କେଶବାସ ଅସମ୍ଭାଳ ହୋଇ, ଶ୍ୱେତ କଳଭ ପରି ଲୀଳାୟିତ ଭଙ୍ଗୀରେ ଝୁଲିଝୁଲି ଯେ ଅବତରଣ କରୁଛନ୍ତି, ଯାହାଙ୍କ ଶ୍ରୀଅଙ୍ଗରୁ ପଦ୍ମକେଶରର ଗନ୍ଧ ବାହାରୁଛି, ସେ ହେଉଛନ୍ତି ଯୁଗପୁରୁଷ ଗୌରାଙ୍ଗ । ଧରଣୀ ମଣ୍ଡିଳା ପ୍ରାୟେ ଆସି ଉଭା ହେଉଛନ୍ତି ଅରୁଣ ଖମ୍ବ ପାରୁଶରେ । ଆଶ୍ରୁ, ପୁଲକ, ସ୍ୱେଦରେ ଦେବବିଗ୍ରହ ଶୋଭାବନ୍ତ ଦିଶୁଛନ୍ତି । କୃଷ୍ଣ ନାମ କେହି ଉଚ୍ଚାରଣ କରନାହିଁ ଭଗତେ, ଶୁଣିଲେ ପ୍ରଭୁ ମୂର୍ଚ୍ଛାଯିବେ ! ପ୍ରେମର ରସଘନ ବିଗ୍ରହ ଛୁଇଁଦେଲେ, ପାଷାଣ ତରଳିଯିବ । ଦ୍ରବୀଭୂତ ହେବ ନୀଳାଚଳ । ବାହୁ ପ୍ରସାରି ସେ ଖୋଜୁଛନ୍ତି ଆନ ଏକ ପ୍ରେମର ପ୍ରତିମାକୁ; କୋଳାଗ୍ରତ କରୁଛନ୍ତି 'ଅତିବଡି' । ତାଙ୍କୁ ଘେରି ବିହ୍ୱଳ ହୋଇ ନାଚୁଛନ୍ତି ଭକ୍ତଗଣ । ଗଜମୋତିର ହାର ପିନ୍ଧି ପାଟମୁକୁଟଭୂଷିତ ସେ ଦିବ୍ୟପୁରୁଷ ହେଉଛନ୍ତ ରାୟ ରାମାନନ୍ଦ । ତାଙ୍କ ପାଖକୁ ଲାଗି ନୃତ୍ୟ କରୁଛନ୍ତି ନିତ୍ୟାନନ୍ଦ । ତାଙ୍କର ଝୀନ ଉତ୍ତରୀ ମସୃଣ ଭୁଜଦଣ୍ଡରୁ ଖସିପଡୁଛି । ଚହଟିଯାଉଛି ମୃଗମଦର ଗନ୍ଧ ।

ସାତଶ' ପଞ୍ଚାଶ କୋଶ ଦୂରରେ ଥିଲା ପ୍ରାୟ, ନିଜକୁ ହୀନ ଯବନ ବୋଲି ମଣିଲା ପ୍ରାୟ, ଗଙ୍ଗାଜଳପରି ବଡଦାଣ୍ଡ ରେଣୁ ମୁଣ୍ଡରେ ସିଞ୍ଚି ସିଞ୍ଚି, ସରୁଗାମୁଛାଟିଏ ବେକରେ ପକାଇ ଶୀର୍ଣ୍ଣକାୟ ସେ ଯେଉଁ ଜଣକ କାନ୍ଦ କାନ୍ଦ ହୋଇ କରଛଡା ଦେଇ ଠିଆହେଇଛନ୍ତି, ସେ ତେମନ୍ତ ନୁହନ୍ତି ହୋ ଭଗତେ ! ସେ ହେଉଛନ୍ତି ପ୍ରଭୁଙ୍କ ଅଙ୍ଗଲାଗୀ ଭକ୍ତଶିରୋମଣି ମହାତ୍ମା ସାଲବେଗ । କର୍ପୂରମାଳଟିଏ ପ୍ରଭୁଙ୍କ ଭୁଜଦଣ୍ଡରେ

Digitized by srujanika@gmail.com

ମଣ୍ଡିଦେବାକୁ ଇଚ୍ଛା । ଅକ୍ଷିଭିତରୁ କାଢୁଛନ୍ତି ମାଣିକ୍ୟର ଝରାଝୁମା, କାଢୁଛନ୍ତି ସରୁ ସରୁ ସୁସଜ୍ଞ ଦୟଣାର ମାଳ । ଆରୁଣ ଖମ୍ବ ପାଖରେ ଆଡଘସା ଦେଇ ଠିଆହେଉଛନ୍ତି । ଲୁହରେ ଝରିଯାଉଛି ପ୍ରାଣର ନିବେଦନ । ସନ୍ତାପିତ ଜୀବନର ବହୁ ଆର୍ତ୍ତ ବିକଳ ମୁହୂର୍ତ୍ତର ପଦ୍ମଗୁଡ଼ିକ ତାଙ୍କୁ ଘେରି ରହିଛନ୍ତି । ସେ ଆତୁର ହୋଇ ଅପେକ୍ଷା କରିଛନ୍ତି ଏ ନୀଳ ପର୍ବତର ମତୁଆଲା ହାତୀକୁ । ପଦ୍ମବନର ବ୍ୟୁହ ଭେଦିବାକୁ ସେ କେମିତି ଅବଲୀଳାକ୍ରମେ ମାଡ଼ି ଆସିବ, ସେ ବିପୁଳ ବିକ୍ରମ ଦେଖିବାକୁ ଅପେକ୍ଷା କରିଛନ୍ତି । ସେ କୁଆଡେ ଜାତିରେ ଯବନ ହୋ ଭଗତ ! ଏ ବିମଳ ମୁକ୍ତାଫଳ ପରି ଝଟକୁଥିବା ବିଶୁଦ୍ଧ ଆତ୍ମା କୁଆଡେ ଯବନ ! ଭକ୍ତଙ୍କ ଭାବଭୂମିରେ ତାଙ୍କୁ ସାଉଁଟି ନେଉଛନ୍ତି ଗୌରାଙ୍ଗ-କୋଳେଇ ନେଉଛନ୍ତି ଜଗନ୍ନାଥ । ଆମେ ସମସ୍ତେ ଜାତିରେ ଯବନ, ହୋ ଭକ୍ତ ଚୂଡାମଣି, ଆମ୍ଭକୁ ଶ୍ରୀରଙ୍ଗାଚରଣ ଦେଖାଅ ।

ଗେରୁଆ ଠେକା ଭିଡି, ଗେରୁଆ ଗାମୁଛାଟିଏ ବେହରଣ ପକେଇ ଜଳା ମଚ୍‌ମଚ୍ ବୁକୁ ଉପରକୁ ଦରପାଚିଲା ଦାଡି ଲମ୍ବେଇଦେଇ ଯଷ୍ଟି ଖଣ୍ଡିଏ ହାତରେ ଧରି ସେ ଯେଉଁ ବାଙ୍ଗରା ମଣିଷଟି ଥଙ୍ଗେଇଲା ପରି ବାଟ ବାରିବାରି ଆସୁଛନ୍ତି, ତାଙ୍କୁ ଛାମୁଛାଡ୍ କରି ଦଣ୍ଡବତ ହୁଅ ଭଗତେ । ପ୍ରାଣିଙ୍କ ଅପ୍ରମିତ ଆରତ ସହି ନପାରି, ନିଜକୁ ନର୍କରେ ବିସର୍ଜି ଦେବାକୁ ଏ କାରୁଣିକ ସନ୍ଥକବି ଭୀମା ଭୋଇ ବାହୁ ଟେକି ବ୍ରହ୍ମ ନିରଞ୍ଜନଙ୍କୁ ଡାକୁଛନ୍ତି । ଡାକୁଛନ୍ତି ଠାକୁରଙ୍କ ଆଖି ଟେକି ଚାହିଁଦେବାକୁ, କେମିତି ଏ ଅକଳନୀୟ ଯାତନାର ସମୁଦ୍ର ନୀଳାଚଳ ଦେହରେ ଲହଡି ଭାଙ୍ଗୁଛି । ଭକ୍ତ ଡାକୁଛନ୍ତି ନିରଞ୍ଜନ ପୁରୁଷଙ୍କୁ ଏ ଯନ୍ତ୍ରଣାରୁ ଉଦ୍ଧାର କରିବାକୁ । ସେ ଅନ୍ଧ ନୁହନ୍ତି ଭଗତେ, ସେ ହିଁ ଏ ଅନ୍ଧ ଜଗତର ଅନ୍ୟତମ ଚକ୍ଷୁଷ୍ମାନ୍ ମହାପୁରୁଷ ! ସେ ଦେଖୁଛନ୍ତି ଅସୁମାରି ସୂର୍ଯ୍ୟଙ୍କ ସମାହାର ସତ୍ୟକୁ । ସେ କନ୍ଧ ବୋଲାନ୍ତି ସତ, ହେଲେ ଏ କବିକୁଳଚାନ୍ଦଙ୍କୁ ସେ କାଳିଆ ଠାକୁରଙ୍କ ଜ୍ଞାତି କହିଲେ ଊଣାକଥା ହେବ କି ? ସାରୂପ୍ୟ ଦେଖି ବୁଝିବା ହେଉ ଭଗତେ ! ୟାଙ୍କୁ କୁଆଡେ ଶ୍ରୀମନ୍ଦିର ବାରଣ ହୋଇଥିଲା । ତାଙ୍କ ଠାକୁରଙ୍କ ସିଂହଦ୍ୱାର ଉପରେ କୁଆଡେ ତାଙ୍କୁ ନିର୍ଯାତନା ମିଳିଥିଲା । ଛାମୁଛାଡ ହୋଇଯାଅ ଭଗତେ, ଏ ନିତ୍ୟନୀଳାଚଳବିହାରୀ ଜ୍ଞାତି ପରିବାରଙ୍କ ଆଗରେ ଠିଆହେବାକୁ ଆମେ ଅବା କିଏ ?

ସେ ଯେଉଁ ମହିମାନ୍ୱିତ ଯୋଗସିଦ୍ଧି ପୁରୁଷମାନେ ଗମ୍ଭୀର ମୁଦ୍ରାରେ ଏ ଆଡକୁ ପାଖେଇ ଆସୁଛନ୍ତି ସେମାନେ ହେଉଛନ୍ତି ଜ୍ଞାନଗୁରୁ ଅଚ୍ୟୁତ, ଯଶୋବନ୍ତ ଏବଂ ଅନନ୍ତ । ତାଙ୍କୁ ଘେରିରହିଛନ୍ତି ଅଗଣିତ ଭକ୍ତ । ପିଣ୍ଡବ୍ରହ୍ମାଣ୍ଡର ରହସ୍ୟ ତାଙ୍କୁ ଜଣା । ଶୂନ୍ୟପୁରୁଷ ନିରଞ୍ଜନଙ୍କୁ ସେ ପ୍ରତ୍ୟକ୍ଷ କରିଛନ୍ତି, ଭଗତେ ! ଆଡ ହୋଇଯାଅ, ସେ ବିଜେ ହେବେ !

Digitized by srujanika@gmail.com

ହାତରେ ଚମ୍ପାମାଳଟିଏ ଧରି ଶୁକ୍ଳ ଉତ୍ତରୀରେ ଆବୃତ, ଚନ୍ଦନଚର୍ଚ୍ଚିତ ହୋଇ ରସରାଜଙ୍କ ଦର୍ଶନରେ ବିହ୍ୱଳ-ଅନ୍ତର ସେ ରସିକ-କବି ହେଉଛନ୍ତି କବିସୂର୍ଯ୍ୟ । ଭାବଛଳଛଳ ଆଖିରେ ତାଙ୍କର ପରିହାସର ଛଟା । ମଧୁର ଭର୍ତ୍ସନା କଲାବେଳେ ସେ ଆମକୁ ଛଳିଦିଅନ୍ତି ଭଗତେ ! ମାତ୍ର ସିଂହାସନ ଉପରେ ତାଙ୍କ ଆରାଧ୍ୟ ବସି ଟହଟହ ହସୁଥିବା ସେ ଦେଖୁଥାନ୍ତି । ମଜ୍ଜି ଥାନ୍ତି ଅପୂର୍ବ ରସରେ । ସଂଗୀତର ମଧୁର ଛନ୍ଦରେ ଯେତେ ଗାଳି ଦେଲେ ମଧ୍ୟ ବଡଲୋକଙ୍କୁ ସୁହାଉଥିବ ପରା ! ତୁଣ୍ଡରେ ସିନା ଛଳ ବାକ୍ୟ, ଆଖିରେ କିନ୍ତୁ ଲୁହ, ପ୍ରାଣରେ ଆବେଗ - ଇଚ୍ଛା, ସେ ଚମ୍ପାମାଳଟିକୁ ଠାକୁରଙ୍କ ମାଜଣା ବଢ଼ିବା ଉତ୍ତାରେ ଚୂଳ ଉପରେ ଖଞ୍ଜି ଦିଅନ୍ତେ । କରଯୋଡ ହୋଇ ଶ୍ରୀଛାମୁରେ କହନ୍ତେ, "ଭଲ ମନ୍ଦକୁ ମୋର ଅବା କିବା ଆୟତ୍ତ, ସାଆନ୍ତେ, ସବୁ ତୁମ ଇଚ୍ଛା ସିନା ! ଏଣିକି ରଖ ଅଥବା ନରଖ, ମୋର ଏକମାତ୍ର ଗତି ସେଇ ପତିତପାବନବାନା !"

ସେ ଯିଏ ଆସୁଛନ୍ତି, ତାଙ୍କ ଦେହରେ ଖଣ୍ଡିଏ ବୋଲି ଧୋବ ବେହରଣ, ବେକରେ ତୁଳସୀର କଣ୍ଠି, କପାଳରେ ବୈଷ୍ଣବର ଚିତା, ତାଙ୍କ ଦେହସାରା କଦମ୍ବ ପରି ଟାଙ୍କୁରି ଉଠୁଛି, ଯମୁନା ପରି ଉଲୁସି, ଉଚ୍ଛୁଳି ଉଠୁଛନ୍ତି ମଞ୍ଜରୀ-ଭାବରେ-ସେ ତଦ୍‌ଗତ କବି ଗୋପାଳକୃଷ୍ଣ । ହାତରେ ଲୁଚେଇ ଧରିଛନ୍ତି ଖଣ୍ଡିଏ ମଲ୍ଲୀମାଳ । ଫୁଟିଆସୁଥିବା ଫୁଲ ଦାଉ ଦାଉ ହୀରା ପଗଡ ପରି ଶୋଭାପାଉଛନ୍ତି । ବାସ ଚହଟିଯାଉଛି ବଡଦାଣ୍ଡରୁ ବୈକୁଣ୍ଠଯାଏ । ତାଙ୍କର ଥରିଲା ଥରିଲା ଓଠ ଉପରକୁ ଲୁହର ଧାର ନଇଁଆସୁଛି । ସେଥିରେ ପଖାଳି ହୋଇ ଅସ୍ଫୁଟ ସ୍ୱର ଶୁଭୁଛି, "ମଲ୍ଲୀମାଳ ଶ୍ୟାମକୁ ଦେବି, ମନ ତୋଷିବି ।" ଏ ଘନିଷ୍ଠ ବ୍ୟାପାରରେ ସେ କାନେଇଲା ପରି ଚମକିଲା ପରି, ଛାନିଆ ହେଲାପରି ଚାରିଆଡକୁ ଚାହୁଁଛନ୍ତି, କାଳେ କିଶୋରୀ କଣ୍ଠରେ ତାଙ୍କୁ କେହି 'ଦାସୀ' ବୋଲି ଡାକିଦେବେ ପରା ।

କମ୍ଭୁ, କଟକରେ ନୀଳାଦ୍ରି ସିଂହଙ୍କୁ ନିଉଛାଳି ହେବାପାଇଁ ମଣିମାଣିକ୍ୟଖଚିତ ବିଚିତ୍ର କିରୀଟ କୁଣ୍ଡଳ, ଗଜମୁକ୍ତାର ଚାପସରି ଧରି ସମ୍ରାଟ ଭଳି, ସେ ଯେ ବିଜେ ହେଉଛନ୍ତି ସେ ହେଲେ ଅପୂର୍ବ ପଣ୍ଡିତ-କବି ରାଜର୍ଷି ଉପେନ୍ଦ୍ର । ଚନ୍ଦନ ଲାଗି ବେଳେ ଯୁଥିପୁଷ୍ପର ଧଣ୍ଡାମାଳ ଭେଟିଦେବେ କୋଟି-ବ୍ରହ୍ମାଣ୍ଡ ସୁନ୍ଦରଙ୍କୁ । ତାଙ୍କ ପାଖକୁ ଅଭିମନ୍ୟୁ ! ଭକ୍ତ-ଚିନ୍ତାମଣି ତାଙ୍କ ପାଇଁ ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରିଦିଅନ୍ତି । ତାଙ୍କ ଆଖି ଉପରେ ଖେଳା କରନ୍ତି ରାଧାମାଧବ । ହୋ; ବିଦଗ୍ଧ ଭଗତେ, ନିଉଛାଳି ହୁଅ ଏ ବୈଷ୍ଣବ ମହାପୁରୁଷଙ୍କୁ । ତାଙ୍କ ପାଖକୁ ରସଘନ ବିଗ୍ରହଙ୍କ ଚରିତ ସୁରଧୁନୀ ଯାହାଙ୍କ ପାଇଁ କଲ୍ଲୋଳିତ ହେଉଛନ୍ତି, ଯାହାଙ୍କ ରୂପ ସ୍ନିଗ୍ଧ, ଶୀତଳ କହ୍ଲାର ଫୁଲଟିଏ ପରି ସଦ୍ୟସ୍ନାତ-ସେ ହେଉଛନ୍ତି ଭାବସଂପଦର ଅଧୀଶ୍ୱର କବି ଦୀନକୃଷ୍ଣ । ଅସଂଖ୍ୟ ଭାବାଳୁ ଭକ୍ତଙ୍କୁ ଅଶ୍ରୁ ଅଭିଷେକରେ ରାଜତିଳକ ଦେଇ ଦୈନନ୍ଦି ଯେ ରାଜା କରୁଛନ୍ତି, ସେ

Digitized by srujanika@gmail.com

ନିଜେ କୁଆଡେ ଦୀନ ଦରିଦ୍ର, ହୋ ଭଗତେ ! ଏ ବିଚିତ୍ର ଲୀଳାକୁ ପ୍ରଣିପାତ ହୁଅ । ଏ ଭାବବିନୋଦିଆ କବିକୁଳଙ୍କୁ ପ୍ରଣିପାତ ଦିଅ ।

ବଳିଷ୍ଠ ଯୋଦ୍ଧାପରି ତ୍ରିକଚ୍ଛ ପିନ୍ଧି ପ୍ରକାଣ୍ଡ ଜୋତା ପକାଇ ଯେ ଅପ୍ରତିହତ ପଲାସି ଆସୁଛନ୍ତି, ଯାହାଙ୍କ ନିର୍ଭୀକ କପାଳ ଉପରେ ଗୋଳା ସିନ୍ଦୁର ଟୋପା ଦାଉଦାଉ ଜଳୁଛି, ଝଙ୍କଡରୁ ପୁରଷୋତ୍ତମ ଯେ ସ୍ୱଚ୍ଛନ୍ଦ ଗତି କରିପାରନ୍ତି, ସେ ହେଉଛନ୍ତି ଶୂଦ୍ରମୁନି ସାରୋଳା । ତାଙ୍କ କାବ୍ୟପ୍ରବାହର ଗଙ୍ଗା ଅବାଧ ଅବତରଣ କଲାବେଳେ ଶିଳ ଶାଳ ଛିଣ୍ଡିଯିବେ । କାହାର ଶକ୍ତି ଅଛି ତାଙ୍କୁ ଅବରୋଧ କରିବ ? ଭାଷା, ଭାବ, ଇତିହାସ, ପୁରାଣ, କାହାରି ଶକ୍ତି ନାହିଁ ଏହାକୁ ଆୟତ୍ତ କରି ରଖିବାକୁ । ସେ ଆସିଛନ୍ତି ନୀଳେନ୍ଦ୍ରି ଦର୍ଶନ ପାଇଁ । ନମସ୍କାର ହୋଇ ଆଡହୋଇଯାଅ ଭଗତେ ! ନହେଲେ ଏ ମରମାତଙ୍ଗ ଚକଟି ଚାଲିଯିବା କିଛି ବିଚିତ୍ର ନୁହେଁ ।

ବଡ଼ଦାଣ୍ଡଟିକୁ ଅକସ୍ମାତ ମଳୟ ସଂଚାରରେ ସୁରଭିତ କରି, ଲବଙ୍ଗଲତିକାର କୁଞ୍ଜଗୁଡ଼ିକୁ କୋକିଳକୂଜିତ କରି ସେ ଯେଉଁ ସ୍ନିଗ୍ଧ-ମଧୁର ରସସ୍ନାତ ଲଳିତ କବି ସ୍ଥିରତଡ଼ାଗର ହଂସପରି ଭାସି ଆସୁଛନ୍ତି, ସେ ହେଲେ ଗୋସ୍ୱାମୀ ଜୟଦେବ । ରସରାଜଙ୍କୁ ସ୍ୱରସରେ ମୁଗ୍ଧ ବିଭୋର କରିପାରିଲା ଭଳି ଆଉ କେହି ନାହାନ୍ତି ଭଗତେ ! ସମସ୍ତେ ଆଡ଼ହୋଇଯାଅ ! ଥମିଯାଅ ! ଓଳିଗି ହୋଇ ତୁନି ପଡିଯାଅ; ନହେଲେ ମଧୁର ଛନ୍ଦରେ ବିଭଙ୍ଗ ଆସିଯିବ । ପହୁଡ ବେଳେ ଲକ୍ଷ୍ମୀଙ୍କ ପ୍ରିୟ ଛଡାମାଳ ମାଳତୀ ପଡି ଏ ଗୋବିନ୍ଦ-ଗୀତରୁ ଛନ୍ଦରସ ଆସ୍ୱାଦନ ନ କଲେ ଯୋଗେଶ୍ୱରଙ୍କୁ ପହୁଡ ଲାଗିହେବ ନାହିଁ ।

ଉତ୍ତର ଆକାଶ ସାରା ହାଲୋଳମୟ । ସେଇ ଦିଗରୁ ମହାତ୍ମାମାନେ ଅବତରଣ କରୁଛନ୍ତି, ଦେଖିବା ହେଉ, ଭଗତେ ! ପିଙ୍ଗଳ ଜଟାମଣ୍ଡିତ ଆୟତ-ନେତ୍ରଧାରୀ, ବିଶାଳ-ବୋଦ୍ଧା ବ୍ୟାସଦେବ ଆସୁଛନ୍ତି, ପ୍ରଣିପାତ ହୁଅ । ଆସୁଛନ୍ତି ଶୁଶ୍ରୁକ, ଅଶ୍ୱଳ, ପରମ କାରୁଣିକ ଋଷି ବାଲମିକ, ପ୍ରଣିପାତ ହୁଅ । ଆସୁଛନ୍ତି ଅତ୍ରି, ଅଙ୍ଗିରସ, ବଶିଷ୍ଠ ଏବଂ ଭୃଗୁ; ଶୁକ, ପରାଶର ଓ ସନତ୍କୁମାର, ଯାଜ୍ଞବଲ୍କ୍ୟ ଏବଂ ଦୀର୍ଘତମା-ସାଷ୍ଟାଙ୍ଗ ଦଣ୍ଡବତ ହୋଇଯାଅ । ହିମାଳୟ ଶୁଭ୍ରଚୂଡା ଉପରୁ ଅଗଣିତ ଭାସ୍ୱର ପୁରୁଷମାନେ ଓହ୍ଲେଇ ଆସୁଛନ୍ତି !! 'ଆସ ହେ ପିତୃଲୋକେ । ଥାଲୁଏ ଆସି ଥଲୁଏ ଯାଅ' । ଆଲୋକିତ କରି ଏ ପୃଥିବୀକୁ ! ଏମାନଙ୍କ ଆଲୁଅରେ ସ୍ନାହାନ କରିପକାଅ ହୋ ଭଗତେ, ଧୋଇହୋଇଯାଅ ।

ନିକଟତମ ପିତୃପୁରୁଷ ଛାଇ ଭଳି ଆମ ଗହଣରେ ପଶିଆସିଛନ୍ତି । ହେଇ ସେ ଜଣକ ଯାହାଙ୍କର ଆଖିଯୋଡିକ ଗ୍ରହ ନକ୍ଷତ୍ର ରାଜ୍ୟରେ ବିଚରଣ କରି କରି କ୍ଳାନ୍ତ;

Digitized by srujanika@gmail.com

ରୋଗାକ୍ରାନ୍ତ ଶରୀରଟି ତପଃକ୍ଲିଷ୍ଟ, ଶୀର୍ଣ, ଯାହାଙ୍କର ଏକମାତ୍ର ଧେୟ ନୀଳାଚଳନିବାସୀ, ଜଗଦାନନ୍ଦକନ୍ଦ; ସେ ହେଉଛନ୍ତି ପଠାଣି ସାଆନ୍ତେ । ହାତେ ଉଞ୍ଚ ବେକ ଉପରକୁ ଆମ୍ବଟାକୁଆ ପରି ଥୋଡି, ଠାପୁଆ ଗାଲ, ଆଉ ସେ ଟାହୁଲିଆ ଆମୋଦିଆ ଆଖିଯୋଡିକୁ ଚିହ୍ନିବା ହେଉ ଭଗତେ ! ସେ ହେଲେ ବ୍ୟାସକବି ଫକୀରମୋହନ । ଆଉ ଜଣକ ଚିଲିକା ଚନ୍ଦ୍ରଭାଗା ପରିକ୍ରମା କରି ଫେରିଛନ୍ତି । ଶୀର୍ଣ ବପୁ ତାଙ୍କର ପାଷାଣ ପିହିତ ହୋଇ ସୁଦ୍ଧ ଭିନ୍ନ ଉପାଦାନରେ ଗଢ଼ା ହୋଇଥିବାରୁ ସେ କବିବର ଯୁଗନ୍ଧର ଅଟନ୍ତି । ତାଙ୍କ ପାଖକୁ ଫୁଟିଲା ପଦ୍ମପରି ବିକଶୁଛନ୍ତି ଦରିଦ୍ରତାପଙ୍କ ଭିତରୁ ସ୍ୱଭାବ କବି ଗଙ୍ଗାଧର । ସେ ଯେଉଁ ଖର୍ବ ମଣିଷଟି ଲୁହରେ ବୁକୁ ତିନ୍ତାଇ ଛଳଛଳ ଆଖିରେ ବଡଦାଣ୍ଡସାରା ଖୋଜି ଯାଉଛନ୍ତି, ବ୍ରାହ୍ମଣୀର ଆଷାଢ଼ ବନ୍ୟାରେ ପୁତ୍ରଦାରା ହରାଇଥିବା କୌଣସି ମୂକ ଅନାଥଟିକୁ, ଯେ ଆନ ଦୁଃଖରେ ଅଶ୍ରୁବନ୍ୟାରେ ଗାଧୋଉଛନ୍ତି, ନାରାୟଣଙ୍କୁ ନେତାରୂପେ ମାନିଥିବା ସେ କାନ୍ଦୁରା ମଣିଷଟି ହେଉଛନ୍ତି ପୁଣ୍ୟଶ୍ଳୋକ ଉତ୍କଳମଣି । ଶୁଭ୍ରପଗଡିମଣ୍ଡିତ ହୋଇ ସେ ଯେଉଁ ଶାଣିତ ଚରିତ୍ରଟି ଝଟକୁଛନ୍ତି, ଦୁଃଖରେ-ଅଭିମାନରେ, ଖୋଳୁଛନ୍ତି ମାଆକୁ, ଡାକୁଛନ୍ତି ଭାଇକୁ-ପାଇଲେ ଟୋକିନେଇଯାଆନ୍ତେ ପରା-ସେ ହେଉଛନ୍ତି ମଧୁସୂଦନ ଦାସ । ଏମାନଙ୍କ ଆଖିରେ ଥରେ ଏ ବଡଦାଣ୍ଡର ଏମୁଣ୍ଡରୁ ସେ ମୁଣ୍ଡଯାଏଁ ଚାହିଁଯାଅ ଭଗତେ ! ଝାଳ, ଧୂଳି ଏବଂ ଲୁତବୁଡୁ ଏ ସହସ୍ର ସହସ୍ର ଲବଣାକ୍ତ ଭକ୍ତ ପରିବାରକୁ ଚାହିଁଯାଅ । ଯୁଗଯୁଗ ଧରି ଏଇମାନେ ହିଁ ଆସିଥିଲେ-ଏବେ ଏଇମାନେ ଆସିଛନ୍ତି । ଏହା ଉତ୍ତାରୁ ଯୁଗଯୁଗ ଧରି ଏଇମାନେ ହିଁ ଆସୁଥିବେ । ଏଇମାନଙ୍କୁ ସେ ଉଠାଉଥାଏ ଏବଂ ପକାଉଥାଏ । ଏଇମାନଙ୍କ ପାଇଁ ପହଣ୍ଡି ବିଜୟ ଏମାନଙ୍କ ପାଇଁ ଘୋଷଯାତ୍ରା । ଏମାନଙ୍କ ପଦରଜ ଆମ୍ଭକୁ ଦିଅ ଭଗତେ, ଜୀବନ କୃତାର୍ଥ କରିବୁ ।

ଦକ୍ଷିଣ ଦିଶାକୁ ଏବେ ଚାହିଁବା ହୁଅନ୍ତୁ ଭଗତେ ! ହୋମାଗ୍ନି ପରି ପୀତାଭ ଦୀପ୍ତି ଭିତରେ ଆସୁଛନ୍ତି ଯୁଗପୁରୁଷ ଆଚାର୍ଯ୍ୟମାନେ । ପ୍ରସନ୍ନ ଗମ୍ଭୀର ମୁଦ୍ରାରେ ଦଣ୍ଡ ଧାରଣ କରି ଅରୁଣବର୍ଣ୍ଣର ଉତ୍ତରୀ ଭିତରେ ବିଶୁଦ୍ଧ କାଞ୍ଚନ ପରି ଯେ ଝଟକୁଛନ୍ତି, ସେ ହେଉଛନ୍ତି ଷଣ୍ମତ-ସଂସ୍ଥାପକ ମହାମତି ଆଚାର୍ଯ୍ୟ ଶଙ୍କର । ତାଙ୍କ ପାଖକୁ ନିର୍ଧୂମ ଅଗ୍ନି ପରି ରାମାନୁଜ, ନିମ୍ବାର୍କ, ମାଧ୍ୱ ବଲ୍ଲଭ । ଜ୍ଞାନ-ସୁରଧୁନୀର ଶାଖାୟିତ ଅସଂଖ୍ୟ ସ୍ରୋତ । ଆସୁଛନ୍ତି ଦୀପ୍ତିମନ୍ତ ଦୟାନନ୍ଦ ସରସ୍ୱତୀ ଏବଂ ଶାୟଣାଚାର୍ଯ୍ୟଙ୍କ ଗହଣରେ ଯାସ୍କ, ମମ୍ମଟ ଓ ପାଣିନୀ । ଆସୁଛନ୍ତି ପ୍ରଭାବନ୍ତ କବିକୁଳ କବିର, ସୁରଦାସ ଏବଂ ଜ୍ଞାନେଶ୍ୱର । ଆସୁଛନ୍ତି ବିଶୁଦ୍ଧାଭକ୍ତିରୂପିଣୀ ମୀରା ଏବଂ ମାନସହଂସ କବି ଗୋସ୍ୱାମୀ ତୁଳସୀ ଦାସ । ଏମାନେ ସମସ୍ତେ ଏକେ ଏକେ ତୀର୍ଥ-ସମୁଦ୍ର ହୋ ଭଗତେ, ତାଙ୍କୁ ପ୍ରଣିପାତ ହୁଅ । ଆସୁଛନ୍ତି ଯୁଗାବତାରୀ ଜ୍ଞାନଗୁରୁମାନେ । ଦୃପ୍ତସିଂହପରି ସେ ଅଖଣ୍ଡ ସନ୍ୟାସୀ ହେଉଛନ୍ତି ସ୍ୱାମୀଜୀ । ତାଙ୍କ ପାଖକୁ ସହଜ ସାମାଧି-ସିଦ୍ଧ ମହାପୁରୁଷ ଭଗବାନ୍

Digitized by srujanika@gmail.com

ରାମକୃଷ୍ଣ । କନକକାନ୍ତ ସେ ଯୁଗପୁରୁଷ ହେଉଛନ୍ତି ମହାଯୋଗୀ ଶ୍ରୀଅରବିନ୍ଦ । ଏମାନଙ୍କ ଶରଣ ପଶିଯାଅ ଭଗତେ ! ଏମାନେ ଶରଣ-ପଞ୍ଜର ପରମାଶ୍ରୟ ଗୁରୁକୁଳ । ଏମାନଙ୍କ କୃପାବିନା ଭାସିଯିବା ହୋ ଭଗତେ ! ଏଇମାନେ ମନକଲେ କୂଳରେ ଲଗାଇ ଦେଇ ପାରନ୍ତି ।

ହେଇ, ପୂର୍ବଦିଗରେ ସମସ୍ତ ଦେବତା ସୂର୍ଯ୍ୟଙ୍କୁ ଆଡକରି ଉଠି ଆସୁଛନ୍ତି । ସେ ହିରଣ୍ମୟ ଜ୍ୟୋତିପୁରୁଷ ହେଉଛନ୍ତି ଇନ୍ଦ୍ରଦେବ । ତାଙ୍କ ଗହଣରେ ଅଗ୍ନି, ବରୁଣ, କୁବେର ଏବଂ ମରୁତ୍‌ଗଣ ଶୋଭମାନ ଦିଶୁଛନ୍ତି । ଦୂରରୁ ଦୁନ୍ଦୁଭିର ଗୁରୁ ନିନାଦରେ ମାଙ୍ଗଳିକ ଶୁଭିଯାଉଛି । ଏକଦା ଯକ୍ଷ ରୂପରେ ଯେ ସେମାନଙ୍କୁ ଧର୍ମଶାସିତ କରିଥିଲେ ସେଇ ଅବ୍ୟକ୍ତଙ୍କ ଦର୍ଶନ ପାଇଁ ଏମାନେ ଆସିଛନ୍ତି । ଶହ ଶହ ସୂର୍ଯ୍ୟ ଏକାଠି ଉଦିତହେବାର ଏ ଅପରୂପ ଶୋଭାକୁ ନମସ୍କାର ହୁଅ ଭଗତେ ! ହିମାଦ୍ରି ପରି ବିପୁଳ ବିଶଦ ଶୋଭାମୟ ପରମ ପବିତ୍ର ଦେବାଧିଦେବ ଆସିଛନ୍ତି ଶିବଗଣଙ୍କ ଗହଣରେ । ବିଶୁଦ୍ଧ ଅରୁଣାଭା ବିକୀର୍ଣ୍ଣ କରି ବେଦମାତାଙ୍କୁ ବକ୍ଷରେ ଧାରଣ କରି ଉଦିତ ହୋଇଛନ୍ତି ବ୍ରହ୍ମା । ସାମଗାନର କମ୍ପନରେ ସୃଷ୍ଟି ହୋଇଯାଉଛି ଅସଂଖ୍ୟ ତାରକା, କୁସୁମିତ ହୋଇଉଠୁଛି ସ୍ୱର୍ଗଭୂମି । ଉଜ୍ଜ୍ୱଳ ତାମଳ ଶୋଭାରେ ଯେଉଁଠି ସୁବର୍ଣ୍ଣ କେୟୂର କିରୀଟର ଦୀପ୍ତି ସଂଯୁକ୍ତ ହୋଇ ଦଶଦିଗ ଭାସ୍ୱର ହୋଇଉଠୁଛି ସେ ହେଉଛନ୍ତି ପ୍ରଥମ ଆଦିତ୍ୟ ବିଷ୍ଣୁ । ଉଦ୍ଭାସିତ ହୋଇଛନ୍ତି ହଂସବାହିନୀ ସରସ୍ୱତୀ, କଳକବର୍ଣ୍ଣା ଜଗଜ୍ଜନନୀ ଉମା ଏବଂ ସ୍ନିଗ୍ଧ ସୁଷମାମୟୀ ମହାଲକ୍ଷ୍ମୀ । ଏ ଅପୂର୍ବ ଦେବସମାଗମରେ ବିହ୍ୱଳ, ବିମୁଗ୍ଧ ଚିତ୍ତବୃତ୍ତିକୁ ଧାରଣ କରିବାକୁ ଗୁରୁସ୍ମରଣ କର ଭଗତେ, ନ ହେଲେ ଏଠି ଅସ୍ମିତା ହଜିଯିବ । ବିଲୁପ୍ତ ହୋଇଯିବ ସତ୍ତାବିନ୍ଦୁ । ଗୁରୁଙ୍କୁ ପ୍ରଣିପାତ ହୁଅ ଭଗତେ, ଏ ମହନୀୟ, ଅକଳ୍ପନୀୟ, ଦୃଶ୍ୟକୁ ସସମ୍ଭ୍ରମେ ପ୍ରଣିପାତ ହୁଅ ।

ବୁଲିଚାହଁ ଭଗତେ ! ଏ ହେଉଛି ପଶ୍ଚିମଦିଶା । ବୀଣା ତୁମ୍ବୁରୁ ଛନ୍ଦରେ ନାଚି ନାଚି ଆସୁଛନ୍ତି ଗନ୍ଧର୍ବକୁଳ, ସିଦ୍ଧ ସାଧକ, ଯକ୍ଷ, ରକ୍ଷ ଓ କିନ୍ନର । ଉନ୍ନତ ମଣିଚୂଡ ଫଣା ଟେକି ଇନ୍ଦ୍ରନୀଳ ମଣିହାର କଣ୍ଠରେ ଧାରଣ କରି ଆସୁଛନ୍ତି ବଳଶାଳୀ ପନ୍ନଗରାଜାମାନେ । ବରଦମୁଦ୍ରାରେ ଜଗତ୍‌କଲ୍ୟାଣକାରୀ ମହୌଷଧିମାନେ ଆସୁଛନ୍ତି । ତାଙ୍କ ପଶ୍ଚାତ୍‌ରେ ମହେନ୍ଦ୍ର, ବିନ୍ଧ୍ୟାଚଳ, ହିମାଦ୍ରି ଆଦି ମହା ମହା ପର୍ବତରାଜମାନେ ତୁଷାର କିରୀଟ ଶୋଭା ଧାରଣ କରି ମନ୍ଥର ବିନମ୍ର ଗତିରେ ଆସୁଛନ୍ତି । ଆସୁଛନ୍ତି ସିନ୍ଧୁ ଆଦି ସରିତ୍‌ପତିମାନେ । ଆସୁଛନ୍ତି ମହୋଦଧିଙ୍କ ଗହଣରେ ଲବଣ ସାଗର, କ୍ଷୀରସାଗର ଏବଂ ପ୍ରଶାନ୍ତ ଗମ୍ଭୀର ମହାସାଗରମାନେ । ଦୂର ଦୂରାନ୍ତର ଶୂନ୍ୟାନ୍ତରରୁ ଆସୁଛନ୍ତି ଜ୍ୟୋତିଷ୍କକ୍ରର ଗ୍ରହଗଣ, ତାରକା, ନକ୍ଷତ୍ରପୁଞ୍ଜ, ଧୂମିଳ ନିହାରିକାମଣ୍ଡଳ । ସମସ୍ତଙ୍କ ପଶ୍ଚାଦ୍‌ରେ ସେ ଯେଉଁ ଘନନୀଳ ବିପୁଳ ମହାବ୍ୟାପ୍ତି ବିରାଜମାନ କରିଛନ୍ତି ସେ ହେଉଛନ୍ତି ଅନନ୍ତ । ସମସ୍ତ ଦିଗଚକ୍ରକୁ ବେଢିରହିଛି ତାଙ୍କର

Digitized by srujanika@gmail.com

ଅପରିମେୟ କୁଣ୍ଡଳୀ । ତାଙ୍କର ନିଃଶ୍ୱାସ- ପ୍ରଶ୍ୱାସରେ ଏ ଦୃଶ୍ୟମାନ ଜଗତ ଆସେ ଏବଂ ଯାଏ । ଏଠି କାହାକୁ ପ୍ରାଣିପାତ ହେବ ଭଗତେ; କେଉଁଠି ପ୍ରଣିପାତ ହେବ ? କରିଯୋଡ଼ିବାକୁ ବେଳ କାହିଁ, ବଳ କାହିଁ ? ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ, ନମସ୍ତୁତେ ସର୍ବତ ଏବ ସର୍ବ ।

ବଡଦାଣ୍ଡ ଉପରେ ବିମୂଢ ହେଇ ଉତାନ ପଡିଯିବାପରେ ଯାହା ଦିଶୁଚି ତାହା ମହାକାଳଙ୍କର ଭବିତବ୍ୟ ବିନ୍ଦୁ । ସେ ଯେ ପ୍ରଭାମୟ ମେଘଖଣ୍ଡ ପୁଞ୍ଜିଭୂତ ନକ୍ଷତ୍ରପରି ବିରାଜମାନ କରିଛନ୍ତି ସେମାନେ ହେଉଛନ୍ତି ଆମ୍ଭମାନଙ୍କର ଉତ୍ତରପୁରୁଷ; ନୂତନ ଯୁଗର ଅପ୍ରକଟ ବିଭବ । ତାଙ୍କ ଉପରକୁ ଆହୁରି ଜ୍ୟୋତିଷ୍ମାନ ରାଜ୍ୟ ଏବଂ ତଦୁର୍ଦ୍ଧ୍ୱରେ କେବଳ ଏକ ଅଖଣ୍ଡ ଅବର୍ଣ୍ଣନୀୟ ଜ୍ୟୋତି । ଆମର ଅପସାରଣ ପରେ ଏ ଜ୍ୟୋତି ବିନ୍ଦୁଗୁଡିକ ବଡଦାଣ୍ଡକୁ ଓହ୍ଲେଇ ଆସବେ । ଜ୍ୟୋତିର୍ମୟ ହେବ ଏ ପୃଥିବୀ । ଅବତରଣ କରିବ ଊର୍ଦ୍ଧ୍ୱ ଭୂମିରୁ ଆଲୋକର ଅଳକାନନ୍ଦା ! ହେ ମୋର ପରାଭୂତ ସ୍ନାୟୁମଣ୍ଡଳ । ଆଉ କିଛି ସମୟ ଏ ବେସ୍ତ ତୋରଣକୁ ଟେକିଧର । ଶିଥିଳ ଅଙ୍ଗଗୁଡିକରେ ମନ୍ଦୀଭୂତ ରକ୍ତପ୍ରବାହ, ଆଉ କିଛି କାଳ ପ୍ରବାହିତ ହୁଅ । ନଇଁଆସୁଥିବା ଘନ ତମିସ୍ରାର ପଲକଯୋଡିକୁ ଟେକିଧର ଭଗତେ, ଏ ଚକ୍ଷୁଗୋଲକକୁ କିଛି ଜ୍ୟୋତି ଦାନକର । ମୁଁ ଦେଖେ ସେ କଲ୍ୟାଣତମ ପୁରୁଷଙ୍କର ରୂପ । ମୁଁ ଦେଖିପାରୁଛି ଦାସ ପ୍ରଧାନକୁ, ହାତରେ ପାଟ ଡୋର ଧରି ଠିଆ ହୋଇଛନ୍ତି । ଭୀମ, ସାଇବେଗ ଟେକି ଧରିଛନ୍ତି ବାହୁଯୁଗଳ । ମଲ୍ଲୀମାଳ ମଣ୍ଡି ଦେଉଛନ୍ତି ଗୋପାଳକୃଷ୍ଣ । ବେଢ଼ି ରହିଛନ୍ତି ଚିହ୍ନା ଚିହ୍ନା ଅନେକ ଭକ୍ତ । ଦେଶଦେଶାନ୍ତରରୁ ଆଗତ, କାଳ- କାଳାନ୍ତରରୁ ସମାଗତ ଅକଳନୀୟ ଭକ୍ତସମୁଦ୍ର ଆନ୍ଦୋଳିତ ହେଉଛି । ଆନ୍ଦୋଳିତ ହେଉଛି ଅନ୍ତରୀକ୍ଷ, ଦ୍ୟାବା ଏବଂ ପୃଥିବୀ ।

ମୁହୂର୍ତ୍ତକରେ ମୋତେ କହିଦିଅ, ଭଗତେ, ଏ ବିଶାଳ ମନ୍ଥନର କେନ୍ଦ୍ରରେ ସେ କିଏ ? ସେ କ'ଣ ସେଇ ? ସେଇ ବିସ୍ମୟ ? ଦୟାକର ଭଗତେ, 'ହଁ' ବୋଲି କହ ନାହିଁ ସମୁଦ୍ରରେ ବୁଡିଯିବି । 'ନା' ବୋଲି କହନାହିଁ ଭଗତେ, ନିର୍ବାତ ଶୂନ୍ୟରେ ଛାତି ଫାଟିଯିବ । ତୁନିପଡିଯାଅ ଭଗତେ-ତୁନିପଡିଯାଅ-ତୁନିପଡିଯାଅ !!

ଚନ୍ଦ୍ରଶେଖର ରଥ

◆ ◆ ◆

Digitized by srujanika@gmail.com

ଗଦ୍ୟନୁହେଁ - ଖାଣ୍ଟି କବିତା !

ଶ୍ରୀ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

ତୁମ ଜନ୍ମଦିନର ସ୍ନେହସମ୍ଭାର ସାତୋଟି ରଥରେ ଆସି ପହଞ୍ଚିଲା ଏ କୂଳରେ । ରଥପରେ ରଥ, ପ୍ରସ୍ତ ପରେ ପ୍ରସ୍ତ, ସେ ବିପୁଳ ସ୍ନେହର ପ୍ରଲେପରେ ସ୍ନିଗ୍ଧଶୀତଳ ହୋଇଗଲା ମନ-ପ୍ରାଣ-ଚୈତନ୍ୟ । "ମୁଁ କ୍ଷେତ୍ର ଯିବି" ଠାରୁ ପଶ୍ୟତି ଦିଶି ଦିଶି ପର୍ଯ୍ୟନ୍ତ ଏକ ସୁଗୁମ୍ଫିତ ପ୍ରବନ୍ଧରେ ଜଗନ୍ନାଥେ ନୀଳାଚଳର ହୋଇ ରହି ନାହାନ୍ତି, ରହିନାହାନ୍ତି ବଡ଼ଦାଣ୍ଡରେ କି ମହାବେଦୀରେ, ବନ୍ଧାପଡ଼ଛନ୍ତି ତୁମ ହୃଦୟ-କମଳରେ, ଯାହାର ସୌରଭ ଜଗନ୍ନାଥଙ୍କ ତୁଳସୀ-ଚନ୍ଦନ ସୁରଭିତ ହୋଇ ବାଣ୍ଟି ହୋଇଯାଇଚି ଓଡ଼ିଶା ସାରା । 'ହେ ଭଗତେ'ରେ ତୁମେ ଜଗନ୍ନାଥ-ରସପାୟୀ ଭଗତଙ୍କର ରସଧାରାର ଯେଉଁ ଅବବୋଧର ସ୍ୱୀକୃତି ଜଣାଇଛ ସବୁ ଏକାଠି ହୋଇ ରଥସପ୍ତକର ବୟାଳିଶି ଚକର ଅର ଗଢିଛି । କିଭାଷା, କି ଭାବ, କି ପ୍ରକାଶଭଙ୍ଗୀ-ଇଏ ତ ଗଦ୍ୟ ନୁହେ ବାବୁ, ଖାଣ୍ଟି କବିତା । ତରଳ ମାଧୁର୍ଯ୍ୟର ରସାଳ ଭଣ୍ଡାର । ଶହ ଶହ ବର୍ଷର ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ଭାରତୀର ଏ ନବକଳେବର ଯେପରି ଅନବଦ୍ୟ ସେହିପରି ଅନନ୍ୟ । ବୈଷ୍ଣବ ପରଂପରାର ଚିନ୍ତାମଣି-କାର, ଚମ୍ପୂକବି, ପଦାବଳୀ-କୀର୍ତ୍ତନିଆଙ୍କ ମଧ ଦେଇ ଆମ କାଳର ରମାକାନ୍ତଙ୍କ ମୁହଁ କେତେଠେଇଁ ଦିଶିଗଲା । ହେଲେ ଇଏ ସେ ସବୁର ଚିପୁଡ଼ା ରସକୁ ଅଙ୍ଗୀଭୂତ କରି ଚନ୍ଦ୍ରଶେଖରଙ୍କ ମଧୁର ନବାତ ପଣା; ଯାହାର ମୂଳ ଧାର୍ ଝରିଥିଲା ଆର୍ଯ୍ୟାବର୍ତ୍ତର ଗଙ୍ଗୋତ୍ରୀରୁ, ବହି ଆସିଲା ମହାନଦୀ ବାଟ ଦେଇ କଣ୍ଟିଲୋର କୂଳ ଛୁଇଁ, ଯାଇ ଯାଇ ପହଞ୍ଚିଲା ଅଠରନଳା ବାଟେ ନୀଳାଚଳରେ । ଖୁବ୍ ପାଇଲି, ଖୁବ୍ ପିଇଲି । ଶାନ୍ତ ହୋଇଗଲା ଆତ୍ମା ।

କଣ କହି, କଅଣବା ନ କହି ଆଶୀର୍ବାଦ ଦେବି । ବରଷ ବରଷ ଧରି ଅଶିଣ ପୁନେଇଁ ଆସୁଥାଉ ତୁମ ଜୀବନରେ- ଆସୁଥାଉ ଓଡ଼ିଆ ସାହିତ୍ୟର ଧାରାରେ । ତୁମ ଲେଖନୀରୁ କେତେ ଝରିଛି କାଳିକା ସହିତ ମହାସରସ୍ୱତୀର ଓଡ଼ିଆ ଚିତା ସ୍ତରେ ସ୍ତରେ ତୁମ ରସାଳ ଚିନ୍ତା - କରିଛି ତୁମକୁ ବହୁଯଶା ସାହିତ୍ୟକାର ତୁମ ପ୍ରକାଶକଙ୍କ ଯଥାର୍ଥ ଭାଷାରେ । ସରସ୍ୱତୀର କ୍ଳାନ୍ତ ନାହିଁ । ଲେଖନୀ ତେଣୁ କ୍ଳାନ୍ତି ନହେଉ ଯଶ ତ ଗୋଟାଏ ସ୍ୱୟଂ ସଂପନ୍ନ ପରିଣାମ ! କର୍ମଣ୍ୟେବାଧିକାରସ୍ତେ ବାଣୀ ସ୍ମରଣରେ ରଖି ଲେଖିଯାଅ, ଦେଇଯାଅ ଓଡ଼ିଆକୁ - ମଣିଷ ଜାତିକୁ ।

ରହୁଛି । ସ୍ନେହ ନବ, ପିଲାଙ୍କ ଭିତରେ ବି ବାଣ୍ଟିଦବ । ମୋ ବେଳକାଳକୁ ଭାବିଲେ ଅସ୍ୱାଭାବିକ କିଛି ନାହିଁ ଜଣେଇବାକୁ ।

ତୁମରସୁଖ ସୌଭାଗ୍ୟ କାମନା କରି ରହିଲି

Digitized by srujanika@gmail.com

‘ଅଭିନବ ଗୀତଗୋବିନ୍ଦ’

ରାଜକୃଷ୍ଣ ମହାନ୍ତି

ମା ଶ୍ରୀ ଅରବିନ୍ଦ

ପୂଜ୍ୟ ସାର,

ଆମର ସାଦର ପ୍ରଣାମ ଗ୍ରହଣ କରିବେ । ଆପଣ ଡାକରେ ପଠାଇଥିବା ମହାପ୍ରସାଦ "ରଥ ସପ୍ତକ" କୃତାଞ୍ଜଳି ପୁଟରେ ଗ୍ରହଣ କରି ନିଜକୁ କୃତାର୍ଥ ମଣିଲି । ଅହୋଭାଗ୍ୟ । ସେଥିରେ ସ୍ରଷ୍ଟାଙ୍କର ହସ୍ତାଙ୍କିତ ରହିଛି । ଆମ୍ଭଭଳି ଅକିଞ୍ଚନ ପାଠକ ନିମନ୍ତେ ଏହାଠାରୁ ବଳି ଆଉ କଣ ବା ପରମ ସୌଭାଗ୍ୟ ହୋଇପାରେ ।

ସେ ସୃଷ୍ଟିର ମହିମା ବର୍ଣ୍ଣନା କରିବା ମୋ ପକ୍ଷରେ କେବଳ ଧୃଷ୍ଟତା ହେବ । ଓଡ଼ିଆ ସାହିତ୍ୟରେ ଏ ଏକ ଅପୂର୍ବ ଭକ୍ତି ରସାଣିତ କାବ୍ୟ । ଅଭିନବ ଗୀତ ଗୋବିନ୍ଦ, କୈବଲ୍ୟଭାଗବତ ! ଆପଣଙ୍କ ନିକଟରୁ ଏହାର ସପ୍ତବାର୍ଷିକ ଜନ୍ମ ବୃତ୍ତାନ୍ତ ଶୁଣି ନଥିଲେ ଏହା ଯେ ଏକ ଦୀର୍ଘ ଦିନର ସପ୍ତବାର୍ଷିକିୟ ସଂକଳନ ତାହା ମୁଁ ବିଶ୍ୱାସ କରିପାରି ନଥାନ୍ତି । କାରଣ ଗଦ୍ୟ ବୃତ୍ତାଶ୍ରୟୀ ମୁକ୍ତ ଛନ୍ଦରେ ସମବେଗରେ ପ୍ରବହମାନା ଏହା ଏକ ଚଳ ଚଞ୍ଚଳା ସୁରଧୁନୀ, କୌଣସିଠାରେ ଭଟ୍ଟା ପଡିବାର ସାମାନ୍ୟତମ ବିଡମ୍ବିତ ଲକ୍ଷଣ ପ୍ରକାଶ ପାଇ ନାହିଁ - ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଗୋଟିଏ ସୁରରେ ଧ୍ୱନିତ । ଆଙ୍ଗିକରେ ଏହା ଲଳିତ ଲବଙ୍ଗ ଲତିକାର ସୌକୁମାର୍ଯ୍ୟ ବହନ କରିଥିଲେ ହେଁ ଭାବରାଜ୍ୟରେ ଉଦାତ୍ତ କଣ୍ଠର ଅପୂର୍ବ ସମନ୍ୱୟ, ଗ୍ରାମ୍ୟ ଲୋକଗୀତ ତଥା ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗର କବିତାଠାରୁ ଯେ ବେଦ ଉପନିଷଦର ମନ୍ଥିତ ଶ୍ଳୋକମାନଙ୍କର ଯତ୍ ପ୍ରୟୋଜନୀୟ ଅଂଶବିଶେଷର ଅପୂର୍ବ ସମାହାର ଏହାକୁ ମର୍ଯ୍ୟାଦାବନ୍ତ କରି ତୋଳିଛି । ଚେତନାର ଯେଉଁ ଉଚ୍ଚ ଭୂମିରୁ ଏ ସାହିତ୍ୟର ସୃଷ୍ଟି ସେହି ଭାବରାଜ୍ୟରେ ସମାଧିସ୍ଥ ହୋଇ ଏ ସାହିତ୍ୟ ପାଠ କଲେ ହିଁ କେବଳ ତାର ରସାସ୍ୱାଦନ ସଂଭବ ।

◆ ◆ ◆

Digitized by srujanika@gmail.com

ଭାଷାଭାବର ଏ ଚାରୁ ମନ୍ଦିର

ଜାନକୀ ବଲ୍ଲଭ ମହାନ୍ତି

ଶ୍ରଦ୍ଧେୟ ଚନ୍ଦ୍ରଶେଖର ବାବୁ,

ଜନ୍ମଦିନ ସ୍ମାରକୀ ସ୍ୱରୂପ 'ରଥସପ୍ତକ' ବହିଟି ପାଇ ଆନନ୍ଦିତ; ଉପକୃତ ଓ କୃତକୃତ୍ୟ ବୋଧ କରି ପାଠକଲି । କି ଭାଷାରେ କୃତଜ୍ଞତା ଜଣାଇବି ! ଜନ୍ମଦିନରେ ଉପହାର ଦେବା କଥା, ଆଉ ଜଣେ ଉପହାର ପାଇବା ଅହୋଭାଗ୍ୟ !! ପୁଣି ଏପରି ଗ୍ରନ୍ଥ ! ମନେହେଲା, ଗଦ୍ୟରେ ରଚନା ଏକ କବିତା ଗ୍ରନ୍ଥ ପଢୁଛି । ଜୀବନ ଦ୍ରଷ୍ଟା ଓ ତତ୍ତ୍ୱ ଦ୍ରଷ୍ଟାର ସମନ୍ୱୟ, ବାସ୍ତବତା ସହ କବିକଳ୍ପନାର ସମନ୍ୱୟ ଘଟିଛି ଏହାର ପ୍ରତ୍ୟେକଟି ରଚନାରେ । ସେଥିରେ ପୁଣି ଯଥା ସ୍ଥାନରେ ଖଞ୍ଜା ଯାଇଛି ଗୀତା, ଉପନିଷଦର ଶବ୍ଦାବଳୀ ଓ ପ୍ରାଚୀନ ଓଡ଼ିଆ କବିତାର ପଙ୍‌କ୍ତି ସବୁ ଭାବ ବିଭୋର ହୃଦୟରୁ ଯେପରି ଝରି ଆସିଛି ଏକ ମଧୁର ପ୍ରବାହ ଏଇ ପ୍ରବାହ ଆହୁରି ବର୍ଦ୍ଧିଷ୍ଣୁ ହେଉ ଓ ଅନେକଙ୍କୁ ରସସିକ୍ତ କରୁଥାଉ ଏହାହିଁ କାମନା କରୁଛି ।

ପରିଶେଷରେ ।

ବନ୍ଧୁ !

କିବା ବଖାଣିବି ବହିକୁ ।
ସେ ତ' ଟାଣିନେଇ ମନ ଆଖିକୁ ।।
ନାହିଁ ତୁଳନା ଏପରି ଲେଖାର ।
ଭାଷା ଭାବର ଏ ଚାରୁ ମନ୍ଦିର ।।

Digitized by srujanika@gmail.com

ଜୀବନର ଉଜ୍ଜ୍ୱଳ ଗ୍ରନ୍ଥ

ସାହିତ୍ୟ ଶିଳ୍ପୀ ଚନ୍ଦ୍ରଶେଖର ସ୍ମୃତି-ସତ୍ତା-ଭବିଷ୍ୟତ

ଦାଶରଥି ଦାସ

ଇତିହାସର ଏକ ନିର୍ଦ୍ଦିଷ୍ଟ ଦେଶକାଳରେ ଲେଖକ ଲେଖନ୍ତି । ଇତିହାସର ମାତ୍ରା ଦୁଇଟି: ଦେଶ (Space) ଓ କାଳ (Time) । ଦେଶ କହିଲେ ଅବଶ୍ୟ ଯେ କେହି ଚାହିଁଲେ ଓଡ଼ିଶା କି ଭାରତକୁ ନ ବୁଝି ସମଗ୍ର ବିଶ୍ୱକୁ ବୁଝି ପାରନ୍ତି । ଇତିହାସ ଦୃଷ୍ଟିରୁ ତେଣୁ ଶିଳ୍ପୀ ଚନ୍ଦ୍ରଶେଖର ବିଂଶ ଶତାବ୍ଦୀର ଅନ୍ୟତମ ଲେଖକ - ବିଶ୍ୱଅଧିବାସୀ । କିନ୍ତୁ ଯେଉଁମାନେ ଚନ୍ଦ୍ରଶେଖର ରଥଙ୍କ ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ପଢ଼ିଛନ୍ତି ଓ ବୁଝିଛନ୍ତି, ସେମାନେ ତାଙ୍କୁ ଏହି ନିର୍ଦ୍ଦିଷ୍ଟ ଦେଶକାଳରେ ସ୍ଥାପନ କରି ପାରିବେ ନାହିଁ । ମହତ୍ ଶିଳ୍ପୀମାତ୍ରେ ଦେଶକାଳୋତ୍ତୀର୍ଣ୍ଣ । ଦେଶକାଳୋତ୍ତୀର୍ଣ୍ଣ କଥାଟିର ଆକ୍ଷରିକ ଅର୍ଥଟି ସୀମାବଦ୍ଧ ଅର୍ଥ କିନ୍ତୁ ଯଥେଷ୍ଟ ନୁହେଁ । ଭଲ ସାହିତ୍ୟିକଙ୍କୁ ବୁଝିବାକୁ ହେଲେ କଥାଟିର ବିସ୍ତୃତ ବ୍ୟାଖ୍ୟା ପ୍ରତ୍ୟାଶିତ କର୍ତ୍ତବ୍ୟ । ମହତ୍ ଶିଳ୍ପୀ ମାତ୍ରେ ଏକ ପକ୍ଷରେ ଯେପରି କେବଳ ଆଧୁନିକ ନୁହନ୍ତି କି ପ୍ରାଚୀନ ନୁହନ୍ତି ସେମିତି ଅନ୍ୟପକ୍ଷରେ କେବଳ ମର୍ତ୍ତ୍ୟଭୂମିର ନୁହନ୍ତି କି କୌଣସି ଅସାମାନ୍ୟ ଭୂମିର ଅଧିବାସୀ ନୁହନ୍ତି ଯେ କାଳର ହୋଇ ବି ଯେପରି କାଳର ନୁହନ୍ତି, ଠିକ୍ ସେମିତି ଭୂମିର ହୋଇ ବି କୌଣସି ନିର୍ଦ୍ଦିଷ୍ଟ ଭୂମିର ନୁହନ୍ତି । ତାଙ୍କ ପାଇଁ ଦେଶକାଳର ପ୍ରଶ୍ନ ଉଠିଲେ ପ୍ରଚଳିତ ଅର୍ଥରେ କି ଶବ୍ଦରେ କିଛି ଠିକ୍ ଭାବରେ କହିହେବ ନାହିଁ । ସ୍ରଷ୍ଟା ସନାତନ - ତାଙ୍କ ଚରିତ୍ର ଅଲକ୍ଷ୍ୟ ଦେଶକାଳ ଭିନ୍ନ ।

ଚନ୍ଦ୍ରଶେଖର ରଥଙ୍କ ଜନ୍ମ ସ୍ଥାନ ଓଡ଼ିଶା । ସେ ଜାତିରେ ଓଡ଼ିଆ ନିଶ୍ଚୟ । କିନ୍ତୁ ମନେ ରଖିବାକୁ ହୁଏଯେ ଷୋଡ଼ଶ ଶତାବ୍ଦୀର ବିପ୍ର ଜଗନ୍ନାଥ ଦାସ ଓଡ଼ିଶାକୁ ବୃହତ୍ତର ଭାରତ ବର୍ଷ ସହିତ ସଂଯୁକ୍ତ କରି ଦେଇଛନ୍ତି, ବେଦାନ୍ତ ସହିତ ଓଡ଼ିଆଙ୍କର ଆନ୍ତରିକ ସଂଯୋଗ ଘଟିଛି । କବି ସାରଳା ଦାସ ମହାଭାରତର କଥାବସ୍ତୁକୁ ଆଣିଥିଲେ, କିନ୍ତୁ ଭାରତୀୟ ଧର୍ମଦର୍ଶନ ଭାବନାକୁ ଯଥାସମ୍ଭବ ବାଦ ଦେଇଥିଲେ । ବଳରାମ ଦାସ ଓ ଜଗନ୍ନାଥ ଦାସ ଯଥାକ୍ରମେ ଗୀତା ଓ ଭାଗବତକୁ ଅକ୍ଷୁର୍ଣ୍ଣ ଭାବରେ ଓଡ଼ିଶାକୁ ଆଣିଲେ । ସେହିଦିନଠାରୁ ଭାରତ ବର୍ଷର ହିନ୍ଦୁମାନେ ଓ ବ୍ରାହ୍ମଣ୍ୟ ଭାବଧାରା ସହିତ ଓଡ଼ିଶାର

Digitized by srujanika@gmail.com

ସଂପର୍କ ଘନିଷ୍ଠ ହୋଇ ଉଠିଛି । ପରବର୍ତ୍ତୀ କାଳର ଓଡ଼ିଆ ଲେଖକଙ୍କ ଦୃଷ୍ଟି ସବୁଦିନେ ଭାରତମୁଖୀ । ଚନ୍ଦ୍ରଶେଖର ରଥ ବ୍ୟତିକ୍ରମ ହେବେ କିପରି ? ସେ ବି ଭାରତ ପଥିକ । ଏଣେ ଗତ ଶତାବ୍ଦୀରୁ ୟୁରୋପ ସହିତ ସଂପର୍କ ବଢ଼ୁଛି, ଶ୍ରୀ ରଥ ବି ଇଂରାଜୀ ସାହିତ୍ୟର ଛାତ୍ର ଓ ଅଧ୍ୟାପକ । ଯଥାସହିତ ବିଶ୍ୱସହିତ ତାଙ୍କର ସଂପର୍କ ଅଛି । ତେଣୁ ଗୋଟିଏ ଦିଗରୁ ଦେଖିଲେ ସେ ପ୍ରଥମେ ଓଡ଼ିଆ, ତାପରେ ଭାରତୀୟ ଓ ଶେଷକୁ ବିଶ୍ୱବାସୀ, ଅନ୍ୟଦିଗରୁ ଦେଖିଲେ ସେ ପ୍ରଥମେ ବିଶ୍ୱନାଗରିକ, ତାପରେ ଭାରତୀୟ ଓ ଶେଷକୁ ଓଡ଼ିଆ । କେଉଁ ଦିଗରୁ ଦେଖିବା ? ସାହିତ୍ୟିକ ଶ୍ରୀ ରଥଙ୍କୁ ମଣିଷ କହିଲେ ବରଂ ସବୁ ଦିଗ ରକ୍ଷା କରି ହେବ । ତାଙ୍କର ବ୍ୟକ୍ତିସତ୍ତା ସଂପର୍କରେ ଯାହାର ଯାହା ଧାରଣା ଥାଉ ନା କାହିଁକି ତାଙ୍କ କବିସତ୍ତାଟିକୁ (ମୂଳତଃ କବି ନ ହୋଇ କେହି ସାହିତ୍ୟିକ ହୋଇ ନ ପାରନ୍ତି, ଅଧିକନ୍ତୁ ଗଦ୍ୟଶିଳ୍ପୀ ଚନ୍ଦ୍ର ଶେଖରଙ୍କ କବିତ୍ୱ ଅବିସମ୍ବାଦିତ ।) ନିଷ୍କଳୁଷ ଓ ଅପାପବିଦ୍ଧ ମୁକ୍ତ ମଣିଷ କହିଲେ କେହି ଆପତ୍ତି କରିବେ ନାହିଁ । କବିସତ୍ତାଟି ସନାତନ - ଯନ୍ତାରୂଢ଼ର ନାୟକ କି 'ନବଜାତକ'ର "ନାହିଁ ନଥିବା ମଣିଷ" - ତାଙ୍କରି ଭାଷାରେ କହିଲେ କହି ହେବ - "ସେ ସୁନ୍ଦର, ସେ ସ୍ୱଚ୍ଛ, ସେ ଦିବ୍ୟ:- ନାନା ସେ ଆଦିମ, ସେ ଅସଭ୍ୟ, ସେ ଉଲଗ୍ନ, ସେ ନିର୍ବାକ ।" ପୁଣି ସେହି ଦ୍ୱନ୍ଦ ! କେଉଁ ଦିଗରୁ ଦ୍ରଷ୍ଟବ୍ୟ ? ଦେଖିବା ? ବୋଧହୁଏ ସ୍ରଷ୍ଟାଙ୍କ ସମ୍ବନ୍ଧରେ କଥାଟିର ସଠିକ ଉତ୍ତର ଅଛି କବି କୀଟ୍‌ସଙ୍କ Nagative Capability ତତ୍ତ୍ୱରେ । ସମାଲୋଚକମାନେ ତତ୍ତ୍ୱଟିକୁ ନାନା ଭାବରେ ବ୍ୟାଖ୍ୟା କରିଛନ୍ତି, ଏତେଂଗହନ ବ୍ୟାପାରରେ ମୁଣ୍ଡ ନ ପୂରାଇ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ଚନ୍ଦ୍ରଶେଖରଙ୍କ ବ୍ୟକ୍ତିସତ୍ତା ଓ କବିସତ୍ତା ମଧ୍ୟରେ ଥିବା ଏହି ବ୍ୟବଧାନ ତାଙ୍କ ନୈର୍ବ୍ୟକ୍ତିକ ସୃଜନପ୍ରତିଭାର ବୈଶିଷ୍ଟ୍ୟ । ଅବଶ୍ୟ ଏହି ନୈର୍ବ୍ୟକ୍ତିକତାର ତତ୍ତ୍ୱକୁ ଆକ୍ଷରିକ ଅର୍ଥରେ ବୁଝିଲେ ଭୁଲ ହେବ । ସବୁ ସତ୍ ସାହିତ୍ୟିକଙ୍କର କେଉଁଠି ନା କେଉଁଠି ନୈତିକ ମୂଲ୍ୟବୋଧ ସଜାଗ ଥାଏ, ତାଙ୍କର ବ୍ୟକ୍ତିସତ୍ତା ଓ କବିସତ୍ତାର ବ୍ୟବଧାନ କେଉଁ ସ୍ତରରେ ନା କେଉଁସ୍ତରରେ ଘୁଂଚିଯାଏ, ଶିଳ୍ପୀ ହୋଇ ଉଠେ ସାହିତ୍ୟଶିଳ୍ପୀଙ୍କ ଆତ୍ମାର ମର୍ମବାଣୀ । ସେ ଏକାବେଳକେ, ଏକା ସାଙ୍ଗରେ, ଏକା ଘଟରେ ଜୀବନ ପ୍ରବାହର ଟିକେ ଦୂରରେ ଠିଆ ହୋଇ ଦୂରତ୍ୱକୁ ଯେପରି ଉପଭୋଗ କରନ୍ତି ଠିକ୍ ସେମିତି ପ୍ରବଳ ଭାବରେ ମଗ୍ନ ହୋଇ ପଡ଼ନ୍ତି ସେଥିରେ । ସେ ମଣିଷର ଆତଂକ ବେଦନାରେ ଅଂଶ ଗ୍ରହଣ କରନ୍ତି, ମଣିଷର ସୁଖ ଦୁଃଖକୁ ରୂପ ଦିଅନ୍ତି, ଯଦିଓ ନିରାପଦ ଦୂରତ୍ୱରେ ଠିଆ ହୋଇ ତାକୁ ଉପଭୋଗ କରିବାର ସାମର୍ଥ୍ୟକେବେ ହରାନ୍ତି ନାହିଁ । ଏମଧ୍ୟରେ ଆମେ ଅବଶ୍ୟ ପ୍ରତିପାଦ୍ୟ ବକ୍ତବ୍ୟଠାରୁ ବହୁଦୂରକୁ ଘୁଂଚି

Digitized by srujanika@gmail.com

ଆସିଲେଣି, ଆସନ୍ତୁ ପୁଣି ସେହି ସନାତନ ମଣିଷଟି ପାଖକୁ ଫେରିବା । କବି ରବୀନ୍ଦ୍ର ନାଥ''ମାନୁଷେର ଧର୍ମ'' କହିଲେ ଏହି ମଣିଷର ଜନ୍ମସ୍ଥାନ ସଂଧାନ କରିଛନ୍ତି ଓ କହନ୍ତି, 'ଏହି ମଣିଷଟିର ପ୍ରଥମ ବାସସ୍ଥାନ ପୃଥିବୀଲୋକ (Space), ଦ୍ୱିତୀୟ ଭୂମି ସ୍ମୃତିଜଗତ (Time) ଓ ତୃତୀୟ ଜନ୍ମଭୂମି ଆତ୍ମିକ ନିଖିଳ । ଏହି ତିନିଜଗତ କିନ୍ତୁ ଏକତ୍ର ଜଡ଼ିତ । ଏହି ତ୍ରିଜାଗତିକ ସମନ୍ୱୟରେ ହିଁ ମଣିଷର ମୁକ୍ତି ନିହିତ ଓ ସୃଷ୍ଟି ସମ୍ଭବ । ଚନ୍ଦ୍ରଶେଖର ରଥଙ୍କ ଗଳ୍ପ, ପ୍ରବଂଧ ଓ ଉପନ୍ୟାସର ଜନ୍ମ ଏହି ତ୍ରିଲୋକରେ । ଏକ ଅନତିନିର୍ଦ୍ଧେଶିତ ସ୍ଥାନ କାଳରେ ଘଟଣା ଜଗତ ସୁବିନ୍ୟସ୍ତ, କିନ୍ତୁ ତାହା ସବୁବେଳେ ଉନ୍ମୁଖ ପହଞ୍ଚାଇ ଦେବାକୁ ଏକ ଆତ୍ମିକ ଚେତନାରେ । ବସ୍ତୁଭୂମି ଓ ଆତ୍ମାଭୂମିକୁ ଯୋଡ଼ିଥାଏ ସ୍ମୃତି - ବ୍ୟକ୍ତିଗତ ଜୀବନର ସ୍ମୃତି, ଲୋକସ୍ମୃତି ଓ ଶତକୋଟି ଜନ୍ମର ସ୍ମୃତି ବା ବାସନା ସଂସ୍କାର । ସେଇଥିପାଇଁ ଶ୍ରୀ ରଥଙ୍କ ଲେଖା ଏକ ପ୍ରକାର ନିଜସ୍ୱତା ଅର୍ଜିଛି, ଅନନ୍ୟତା ପ୍ରତିଷ୍ଠା କରିଛି, ଯେଉଁଠି ସବୁ ପ୍ରକାର ପ୍ରଥାନୁଗତ୍ୟର ଦୟ ଦାୟୀତ୍ୱ ଅତିକ୍ରମକରି ସେ ଅନେକତ୍ର ଆତ୍ମସ୍ଥ ହୋଇ ଉଠିଛନ୍ତି - ଅନ୍ତର୍ବିଷୟ ଓ ବହିର୍ବିନ୍ୟାସରେ ସ୍ମୃତିର ସୁଠାମ ବ୍ୟବହାର କରି ତିନି ଦେଶ ଓ ତିନି କାଳକୁ ସେ ଗୋଟିଏ ବିଂଦୁରେ ନିତ୍ୟ ଯୁକ୍ତ ହେବାର ଦେଖିଛନ୍ତି । ମହାକାଳ ନୂତନକୁ/ଭବିଷ୍ୟତକୁ ସମ୍ମୁଖରେ ପ୍ରକାଶ କରି ଚାଲିଛି । ଏହି ବିଶ୍ୱାସ ଘେନି ଦେଖିଲେ ବର୍ତ୍ତମାନ ବି ଆଉ ଏକାକୀ ସ୍ୱୟଂତନ୍ତ୍ର ହୋଇ ରହିପାରେ ନାହିଁ, ତାହାର ସଫଳତା ଗଢ଼ି ଉଠେ ବ୍ୟବଧାନହୀନ କାଳସ୍ରୋତର ଅବିଚ୍ଛେଦ୍ୟ ଅଙ୍ଗ ହିସାବରେ । ସମୟ ଏଠି ଯେପରି ଗୋଟିଏ ଏକକ ଅସ୍ତିତ୍ୱ, କ୍ରମଶଃ ଯାହା ଖୋଲି ଯାଉଛି ଅନ୍ତହୀନ ଭାବରେ । ଏହି ସୂତ୍ରରେ ପ୍ରତି ମୁହୂର୍ତ୍ତରେ ବର୍ତ୍ତମାନ ତାହା ସ୍ୱଭାବ ମଧରେ ଆତ୍ମଗତ କରି ନେଇଛି ଅତୀତର ନିର୍ଯାସକୁ - ଅତୀତ ଆଉ ଜୀର୍ଣ୍ଣ ଭାର ହୋଇ ଉଠୁନାହିଁ, ହୋଇ ଉଠୁଛି ଏକ ସଂଜୀବିତ ପ୍ରବାହ । ସ୍ମୃତିସତ୍ତା ଭବିଷ୍ୟତ ସମନ୍ୱିତ । ପ୍ରସଙ୍ଗତଃ ଏଠାରେ କବି ସମାଲୋଚକ ଟି.ଏସ୍. ଏଲିୟଟଙ୍କ ଐତିହ୍ୟ କଥାଟିକୁ ସ୍ମରଣ କରିବା ଲୋଭ ସମ୍ବରଣ କରିବା କଠିନ । ଏଲିୟଟଙ୍କ ଐତିହ୍ୟକୁ ଉତ୍ତରାଧିକାରୀ ସୂତ୍ରରେ ପାଇ ହୁଏ ନାହିଁ, ତାହାକୁ ଅର୍ଜ୍ଜନ କରିବାକୁ ପଡ଼େ - କଠିନ ପରିଶ୍ରମ ବଳରେ ' ଏଥିପାଇଁ ଲୋଡ଼ା ଐତିହାସିକ ବୋଧ - କ'ଣ ଏହି ଐତିହାସିକ ବୋଧର ବିଶେଷତ୍ୱ ? ଏହି ଐତିହାସିକ ବୋଧ ଏକ ଧାରଣାକୁ ବୁଝାଏ ଯାହା ଅତୀତର ଅତୀତତ୍ୱକୁ ଅନୁଭବ କରିବାରେ ଶେଷହୁଏ ନାହିଁ, ଅନୁଭବ କରିବାକୁ ହୁଏ ତାର ଉପସ୍ଥିତିକୁ ମଧ । ଅର୍ଥାତ ଏହି ଐତିହାସିକ ବୋଧ ଜାତୀୟ ଐତିହ୍ୟର ନିବିଡ଼ ପରିଚୟ ଗ୍ରହଣ କରି କ୍ଷାନ୍ତ ହୁଏ ନାହିଁ, ତାହାକୁ ବୃହତ୍ତର ଐତିହ୍ୟ ସହିତ ସଂଯୁକ୍ତ

Digitized by srujanika@gmail.com

କରି ଦେବା଼ର ପ୍ରେରଣା ପାଏ । ଚିରନ୍ତନ ଓ ଅବ୍ୟବହିତ କାଳର ଧାରଣା - ଏହି ଦୁଇଟିର ସମ୍ମିଳିତ ରୂପ ହେଉଛି ଐତିହାସିକ ବୋଧ - ତେଣୁ ଲେଖକଙ୍କୁ ଏହା ଟ୍ରାଡିସନାଲ୍ କରେ ବା ଐତିହ୍ୟ ସହିତ ତାଙ୍କ ସମ୍ବନ୍ଧକୁ ଘନିଷ୍ଠ କରିଥାଏ । ଏହି ଐତିହାସିକ ବୋଧ କବି/ସାହିତ୍ୟିକଙ୍କ କେବଳ ତାଙ୍କ ସମକାଳୀନ ସମାଜର କଥା ଲେଖିବାକୁ ପ୍ରେରଣାଦିଏ ନାହିଁ, ବରଂ ଏପରି ଅବବୋଧ ଜାଗ୍ରତ କରିଥାଏ ଯାହା ସହିତ ନିଜର ପ୍ରାଦେଶିକ ସାହିତ୍ୟଠାରୁ ଆରମ୍ଭକରି ସମଗ୍ର ବିଶ୍ୱ ସାହିତ୍ୟ ଜଡ଼ିତ । ଚନ୍ଦ୍ର ଶେଖର ରଥଙ୍କ ଐତିହାସିକ ବୋଧର ଗଭୀରତା ଓ ବ୍ୟାପକତା ତାଙ୍କ ମାନ ଓ ରଚନାର ପ୍ରଧାନ ଲକ୍ଷଣ - ତେଣୁ ସେଠାରେ ସ୍ମୃତି, ସତ୍ତା ଓ ଜୀବନର ତ୍ରିବେଣୀ ସଙ୍ଗମ ଅନାୟସ ଲକ୍ଷଣ । ସେ ବିଶ୍ୱବାସୀ ନିଶ୍ଚୟ କିନ୍ତୁ ଭାରତ ତାଙ୍କ ଚିରଲୋକର ବିରାଟ ସ୍ଥାନ ଅଧିକାର କରି ବସିଛି । ସେ ବିଶ୍ୱଐତିହ୍ୟର ଉତ୍ତରାଧିକାରରୁ ବଂଚିତ ହେବାକୁ ଚାହାନ୍ତି ନାହିଁ ଅବଶ୍ୟ, କିନ୍ତୁ ଓଡ଼ିଆ ଭାରତୀୟ ଭାବରେ ପରିଚିତ ହେବାକୁ ପରାଙ୍ମୁଖ ନୁହନ୍ତି କେବେ । ବରଂ ଓଡ଼ିଶାର ଶ୍ରୀଜଗନ୍ନାଥ ଓ ଭାରତର ବେଦଉପନିଷଦ ଠାରୁ ଆରମ୍ଭ କରି ବ୍ରହ୍ମ ସୂତ୍ରର ଦର୍ଶନ ପର୍ଯ୍ୟନ୍ତ ସବୁକିଛିକୁ ଆତ୍ମସାତ୍ କରିବାକୁ ସେ ବ୍ୟଗ୍ର ଓ ପ୍ରାସରିତ ବାହୁ । ସେ ମାତୃଭାଷାର ସାରସ୍ୱତ ସାଧକ ଓ ମାତୃଭୂମି ଭାରତୋନ୍ମୁଖ ତାଙ୍କ ଶିଳ୍ପୀମନ ।

ସମ୍ମିଳିତ ତିନିଜଗତ ଓ ସମନ୍ୱିତ ତିନିକାଳ ଯେଉଁ ବିନ୍ଦୁରେ ପରସ୍ପରକୁ ଛେଦ କରିଛନ୍ତି ସେଇଠି ଠିଆ ହୋଇଛନ୍ତି ସାହିତ୍ୟଶିଳ୍ପୀ ଚନ୍ଦ୍ରଶେଖର ରଥ । ବଡ଼ ଆତ୍ମ ସଚେତନ ଅଥଚ ତତୋଃଧିକ ଅନୁଦ୍‌ବେଳ । ଚାରିପାଖର ଅଧିକାଂଶ ଆଧୁନିକ କବି ଓ ସାହିତ୍ୟିକ ଡ଼ାଇନୋସିଆନ୍ (Dionysian) ହୋଇଥିବା ବେଳେ ଶ୍ରୀରଥ ଆପୋଲୋନିଆନ୍ (Apollonian) । - ଆଲୋକଉଦ୍‌ଗାତା । ଉଜ୍ଜ୍ୱଳ ବିଦ୍ୟା ଓ ବପୁରେ ବ୍ୟକ୍ତିଟି ବି ସୁଠାମ ! ତେଣୁ ତାଙ୍କୁ ସୂର୍ଯ୍ୟ ଉପମାନଟି ସାଜେ । ଶ୍ରୀରଥ ସପ୍ତଅଶ୍ୱର ବଲ୍ଗାଧରି ରଥ ଚଳାଇଛନ୍ତି ନିୟନ୍ତ୍ରିତ ଗତିରେ ପୂର୍ବରୁ ପଶ୍ଚିମକୁ - ଧୀରେ ଧୀରେ ମୁଦ୍ରିତ ପଦ୍ମର ଗୋଟି, ଗୋଟି, ପାଖୁଡ଼ା ପରି ବିକଶିତ ହୋଇ ଉଠିଛି ତାଙ୍କ ଗଳ୍ପ, ପ୍ରବଂଧ ଓ ଉପନ୍ୟାସ । ଅବଶ୍ୟ କୌଣସି ଗୋଟିଏ ପାଖୁଡ଼ାରେ ତାଙ୍କର ସମସ୍ତ ପରିଚୟ ମୁଦ୍ରିତ ହୋଇ ନାହିଁ - ପ୍ରତ୍ୟେକଟି ପାଖୁଡ଼ା ତାଙ୍କ ଉନ୍ମୋଚିତ ଶିଳ୍ପୀସତ୍ତାର ଏକ ଏକ ପରିଚୟ । ସବୁ ମିଶି ତାଙ୍କର ପୂର୍ଣ୍ଣତା ବରଂ । ଗୀତା ଓ ଉପନିଷଦ୍ ତାଙ୍କୁ ଶାନ୍ତି ଓ ସାନ୍ତ୍ୱନା ଦେଉଛି, ଶ୍ରୀଜଗନ୍ନାଥ ଦେଇଛନ୍ତି ପବିତ୍ର ଉତ୍ସାହ ଓ ଆବେଗ । ତେଣୁ ଅନେକ ସମୟରେ ସେ ଦ୍ୱନ୍ଦ୍ୱାତୀତ ଭୂମିର ସଂଧାନ ପାଆନ୍ତି । ଦୁଃଖ ମଧରେ ଦୁଃଖାତୀତକୁ ସେ ଭେଟନ୍ତି -

Digitized by srujanika@gmail.com

ହତାଶା ମଧ୍ୟରେ ଆଶାର ପଦଧ୍ୱନି ଶୁଣନ୍ତି - ପରାଜୟ ଭିତରେ ବିଜୟର ସୂତ୍ର ପାଆନ୍ତି - ସବୁଠାରୁ ଦୀର୍ଘ ରାତି ମଧ୍ୟରେ ପାହାନ୍ତି ଦେଖନ୍ତି - ଦୁଃଖ ପ୍ରକୃତରେ ଅପୂର୍ଣ୍ଣ ସୁଖ - ହତାଶା ଅପୂର୍ଣ୍ଣ ଆଶା । ସବୁ ଯେମିତି ଅସ୍ତିବାଚକ - ଏ ବି ପୂର୍ଣ୍ଣ ସେବି ପୂର୍ଣ୍ଣ । କେବଳ ଶ୍ରୀରଥ 'ଅସୂର୍ଯ୍ୟ ଉପନିବେଶ'ରେ କାହିଁକି ଦାର୍ଶନିକ ଆସ୍ତିକ୍ୟବାଦଟିକୁ ଅକ୍ଷୁଣ୍ଣ ରଖି ପାରି ନାହାନ୍ତି । ସେଥିରେ ହାହାକାର ସ୍ପଷ୍ଟ, ଚିର-ଚାଞ୍ଚଲ୍ୟ ସ୍ପଷ୍ଟ । ବିକ୍ଷୁବ୍ଧ ସମାଜ ତରଙ୍ଗରେ ମନ ଆନ୍ଦୋଳିତ ହୋଇଛି ବୋଧହୁଏ । କାରଣ ଥିବ ।

ସାହିତ୍ୟଶିଳ୍ପୀ ଶ୍ରୀରଥ ଭାବିଛନ୍ତି ଦେଶକୁ ଘେନି, ଜାତିକୁ ଘେନି, ଭାବିଛନ୍ତି ବିଶ୍ୱର କଲ୍ୟାଣକୁ ଘେନି ବି । ତେବେ ମଣିଷ ତାଙ୍କର ପ୍ରଧାନ ଧ୍ୟେୟ; ଦେଶଜାତି ଓ ବିଶ୍ୱ ଉପଲକ୍ଷ ମାତ୍ର । ମଣିଷ ପାଇଁ ତାଙ୍କର ସାନ୍ତ୍ୱନା ଅଛି ତୀର୍ଥରେ; ସେହି ତୀର୍ଥ ସାହିତ୍ୟତୀର୍ଥ ହେଉ କି ଶ୍ରୀକ୍ଷେତ୍ର ହେଉ । ସେ ତାଙ୍କ ଗଳ୍ପ, ପ୍ରବଂଧ ଓ ଉପନ୍ୟାସରେ ତଥା ଭାଷଣରେ ପାଠକ ଓ ଶ୍ରୋତାକୁ ତିର୍ଥକୁ ନେଇ ଯିବାର ସାମର୍ଥ୍ୟ ରଖନ୍ତି ପ୍ରଭାବଶାଳୀ ମାନନ ଓ ଆବେଗରେ, ପ୍ରତିପାଦ୍ୟ ବିଷୟ ବସ୍ତୁର ବିଶ୍ଳେଷଣରେ ଓ ପ୍ରଯୁକ୍ତ ଭାଷାର ସନ୍ତର୍ପଣ ଉଭାସନରେ । ସର୍ବତ୍ର ଶିଷ୍ଟତା ଓ ବିଶିଷ୍ଟତା ସାଙ୍ଗକୁ ଅଛି ଚେତନାର ଉରୀର୍ଣ୍ଣତା ଆଡ଼କୁ କାନ୍ତାସମ୍ମିତ ଆହ୍ୱାନଟିଏ, ଯାହାକୁ ପ୍ରତିହତ କରିବା ସହଜସାଧ୍ୟ ନୁହେଁ । ତେଣୁ ଯେଉଁମାନେ ଏବେ ଏତେ ଉପଦ୍ରବ ଭିତରେ ବି ତୀର୍ଥ ଯିବାକୁ ଚାହାନ୍ତି, ଆସନ୍ତୁ ନିଶ୍ଚିନ୍ତରେ - ତାଙ୍କପାଇଁ ଅଛନ୍ତି ଶ୍ରୀରଥ, ମହୋଦୟ, ସାଙ୍ଗରେ ଘେନି ଯିବେ ।

◆ ◆ ◆

Digitized by srujanika@gmail.com

ଚନ୍ଦ୍ର ଶେଖର - ଏକ ଅନନ୍ୟ ପ୍ରତିଭା

ଡ: ରେଖା ମାହାନ୍ତି

ସୃଜନଶୀଳ ପ୍ରତିଭା ସବୁବେଳେ ପଲ୍ଲବିତ ହୁଏ ନାହିଁ; ସବୁ ଡାଳରେ ଫୁଲ ଫୁଟେ ନାହିଁ; ସବୁ ଫୁଲରେ ଫଳ ଧରେ ନାହିଁ; ସବୁ ଫଳ ପରିପକ୍ୱ ହୁଏ ନାହିଁ । କିନ୍ତୁ ଅନ୍ତର୍ଦୃଷ୍ଟି ସଂପନ୍ନ ସ୍ରଷ୍ଟା ସବୁ ଅନୁଭବକୁ ସିଦ୍ଧିର ଅନବଦ୍ୟ ସୌଭାଗ୍ୟ ଦାନ କରିପାରେ । ଅନୁଭୂତିର ଗଭୀରତା ଓ ପ୍ରସାରତା ଥିଲେ ସାହିତ୍ୟର ଯେ କୌଣସି ବିଭାବକୁ ସାଉଁଟି ନେଇ ସେଥିରେ ଶିଳ୍ପୀ-କରଣୀର ମୁଦ୍ରା ଆଙ୍କି ଦେଇପାରେ । ଓଡ଼ିଆ ସାହିତ୍ୟରେ ଚନ୍ଦ୍ରଶେଖର ଏମିତି ଏକ ଅନନ୍ୟ ପ୍ରତିଭା । ଜୀବନକୁ ନିରୋଳ ଆଖିରେ ଦେଖି ତାର ସତ୍ୟ ଓ ନିଷ୍ଠୁରତାକୁ ଯଥାଯଥ ଭାବରେ ଦେଖାଇବାରେ ଜଣେ ଦକ୍ଷ ଶିଳ୍ପୀ । ସେ ଗଳ୍ପ ହେଉ ଉପନ୍ୟାସ ହେଉ ବା ଲଳିତ ନିବନ୍ଧ ହେଉ ସବୁଥିରେ ତାଙ୍କ ଶିଳ୍ପୀସତ୍ତାଟି ବଡ଼ ବିଶ୍ୱସ୍ତ ଭାବରେ ରୂପାୟିତ । ତାଙ୍କ ନିବନ୍ଧଗୁଡ଼ିକ ଦାର୍ଶନିକ ଚିନ୍ତାଧାରା ସମନ୍ୱିତ, କିନ୍ତୁ ପ୍ରକାଶ ଭଂଗୀ କାବ୍ୟିକ । ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି, ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି, ଉଦାର ମତବାଦ, ପରଂପରା ପ୍ରତି ଶ୍ରଦ୍ଧା, ବିଶ୍ଳେଷଣର ଅଭିନବ ଭଂଗୀ, ସହଜ ଓ ପ୍ରତ୍ୟକ୍ଷ ଆବେଦନ ତତ୍‌କ୍ଷଣାତ୍ ପାଠକକୁ ଅଭିଭୂତ ଓ ପରିତୃପ୍ତ କରେ । ପ୍ରବନ୍ଧଗୁଡ଼ିକୁ ସେ ସ୍ୱତନ୍ତ୍ର ମୂର୍ତ୍ତିରେ ସଜ୍ଜିତ କରି ଦେଇଛନ୍ତି - ଉପାଦାନ ଓ ଶୈଳୀ ଉଭୟରେ ସ୍ୱତନ୍ତ୍ରତା । କ୍ଷୁଦ୍ରଗଳ୍ପର ଆନନ୍ଦବୋଧ, କବିତାର ସୂକ୍ଷ୍ମ ଚାତୁରୀ ଓ ପ୍ରବନ୍ଧର ମୌଳିକ ତଥା ବୌଦ୍ଧିକ ଚିନ୍ତାଧାରାର ,ଏକତ୍ର ସମ୍ମିଳିତ ରୂପ ଅତ୍ୟନ୍ତ ହୃଦ୍ୟ ଓ ରୁଚିଶୀଳ । ପୁଣି ତାଙ୍କ ଛୋଟ ଗଳ୍ପର ଐଶ୍ୱର୍ଯ୍ୟ ବିସ୍ମୟକର । କ୍ଷୁଦ୍ରଗଳ୍ପର ସୀମିତ ପରିସର ଭିତରେ ଜୀବନର ଆଶ୍ଚର୍ଯ୍ୟ ବିସ୍ତୃତ ରୂପକୁ ସଂହତ ଶିଳ୍ପ କୁଶଳତାରେ ଫୁଟାଇବାରେ ତାଙ୍କର ସାମର୍ଥ୍ୟ ଅତି ଅନ୍ତରଙ୍ଗ । 'ସମ୍ରାଟ' ଚନ୍ଦ୍ରଶେଖରଙ୍କ ଶିଳ୍ପକୁଶଳତାର ଶ୍ରେଷ୍ଠ ନିଦର୍ଶନ । ନିଚୋଳ ଭାବବିନ୍ଦୁ ମଧ୍ୟରେ ପ୍ରତିଫଳିତ ହୋଇଛି ଯନ୍ତ୍ରଣା ଜର୍ଜରିତ ହୃଦୟର ସବୁଠୁ ବଡ଼ ସତ୍ୟ, ସବୁଠୁ ବଡ଼ ଗଭୀର ଅନୁଭବ । ଅନୁଭୂତିର ତୀକ୍ଷ୍ଣତା, ବାସ୍ତବ ଦୃଷ୍ଟିଭଂଗୀ, ସ୍ୱଗତ ସଂଳାପ, ତୀର୍ଯ୍ୟକ ଦୃଷ୍ଟି, ଆଭାସ ଓ ବ୍ୟଞ୍ଜନା, ମନସ୍ତାତ୍ତ୍ୱିକ ବିଶ୍ଳେଷଣ ସର୍ବୋପରି କବିତ୍ୱପୂର୍ଣ୍ଣ ସମ୍ଭ୍ରାନ୍ତ ଶୈଳୀରେ ତାଙ୍କର ଗଳ୍ପଗୁଡ଼ିକ କ୍ଲାସିକ୍ ପର୍ଯ୍ୟାୟଭୁକ୍ତ । ଲେଖକଙ୍କର ସାମାଜିକ ସଚେତନତା ଓ ମଣିଷର ସମସ୍ୟା ପ୍ରତି ଗଭୀର ସଂବେଦନା ଗଳ୍ପଗୁଡ଼ିକୁ ଶକ୍ତିଶାଳୀ କରି ପାରିଛି । ସବୁଠୁ ବଡ଼ କଥା ମଣିଷ ପ୍ରତି ବିଶ୍ୱାସ କେଉଁଠି ହଜି ଯାଇନି !

ନିଃସନ୍ଦେହରେ ସେ ଜଣେ ସଫଳ ଔପନ୍ୟାସିକା ତିନୋଟି ଉପନ୍ୟାସର ସ୍ରଷ୍ଟା । ପ୍ରଥମ ଉପନ୍ୟାସ ଯନ୍ତ୍ରାରୂଢ଼'ର କଥାବସ୍ତୁ ଓ ଚରିତ୍ର ଗ୍ରାମ୍ୟଜୀବନର ସାଧାରଣ ପରିବେଶରୁ ଉତ୍ତୋଳିତ । କିନ୍ତୁ ସାଧାରଣ କଥା ବି ମଣିଷ ଭିତରେ ଏତେ

Digitized by srujanika@gmail.com

ଉତ୍ତେଜନା,କୌତୂହଳ, କୌତୁକ ସୃଷ୍ଟି କରିପାରେ ବର୍ଣ୍ଣନାର ଚମ୍‌ତ୍କାର ସତ୍ୟ ସ୍ପର୍ଶରେ,ଉପନ୍ୟାସର ଅନ୍ତଃଭୂମିରେ ପ୍ରବେଶ ନ କଲେ ସହଜରେ ବାରି ହୁଏ ନାହିଁ । ମଣିଷ ସଂସାର ଯନ୍ତ୍ରରେ ଆରୂଢ଼ । ଭଗବତ୍ ଗୀତାର ବାଣୀ-

ଈଶ୍ୱରଃ ସର୍ବ ଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି,
ଭ୍ରାମୟନ ସର୍ବଭୂତାନି ଯନ୍ତ୍ରା ରୂଢାନି ମାୟୟା ।

ଈଶ୍ୱର ସବୁ ପ୍ରାଣୀର ହୃଦୟରେ ଅଧିଷ୍ଠିତ । ନିଜ ମାୟାଦ୍ୱାରା ଯନ୍ତ୍ରାରୂଢ଼ ପୁତ୍ତଳିକା ପରି ସକଳ ଜୀବକୁ ସଂସାର ଚକ୍ରରେ ଘୂରାଉଛନ୍ତି । ସେ ଯନ୍ତ୍ର ପରି ଆସକ୍ତିକୁ ବର୍ଜନ କରି ସଂସାର ଧର୍ମ ପାଳନ କରିବ । ତାର ସତ୍ତା ଦୁଇଟି ଭାବରେ ବିଭକ୍ତ । ଗୋଟିଏ ଆଖି ସଂସାରରେ ଆସକ୍ତିର ବନ୍ଧନରେ - ସେଇଟି ବାହ୍ୟଦୃଷ୍ଟି - ଆଉ ଗୋଟିଏ ଆତ୍ମାର ଅନ୍ୱେଷଣରେ, ଉତ୍ତରଣର ପଥ ଖୋଜି । ସେ ଦୃଷ୍ଟି ଆତ୍ମନିବଦ୍ଧ,ଅନ୍ତର୍ମୁଖୀ । ଜୀବନର ସାମଞ୍ଜସ୍ୟ ଏମିତି ହୁଏ ସୁସମାହିତ । ନାୟକ ସନାତନ ମନରେ ଯେଉଁ ଧର୍ମ ସଂକଟ ଦ୍ୱିଧା ଦ୍ୱନ୍ଦ ଦେଖା ଦେଇଛି, ତାର ଚିତ୍ରଣରେ ଏହାର ଆବେଦନ ନିହିତ । ନାୟକ ଏଇ ପୃଥିବୀର ମଣିଷ । କିନ୍ତୁ ତାର ଧାର୍ମିକ, ଆଧ୍ୟାତ୍ମିକ ସତ୍ତା ପାର୍ଥିବ ଆସକ୍ତି ସତ୍ତ୍ୱେ ନିର୍ବିକାର । ସ୍ତ୍ରୀର ମୃତ୍ୟୁରେ ଶୂନ୍ୟତାର ନିଃସଙ୍ଗତାର ଅନୁଭୂତି ତାକୁ ଏକାକୀ ଓ ଅସହାୟ କରି ଦେଇଛି । ଏଇ ନିସଙ୍ଗତାରୁ ଯେଉଁ ସଂକଟ ଓ ଅସ୍ଥିରତା ସୃଷ୍ଟି ହେଇଛି, ତାରି ଭିତରୁ ଜନ୍ମ ନେଇଛି ଆଧ୍ୟାତ୍ମିକ ଅଭିବିକାଶ । 'ନାରୀକୁ ସଂସାରଟା ଛୋଡ଼ା । ଦିଅ ତାକୁ ଶରୀରଟା ଦେଇଦିଅ, ମାତ୍ର ସୂକ୍ଷ୍ମ ରୂପରେ ଆତ୍ମାଟିକୁ ଖସାଇ ନେବାକୁ ହେବ ।''(ପୃ-୯୮)- ଏଇ ହେଲା ସମଗ୍ର ଉପନ୍ୟାସର ଭେଦ କଥା । ଗୋଟିଏ ପାଖରେ ଜୀବନ ଧର୍ମ ଅନ୍ୟ ପାଖରେ ଆଧ୍ୟାତ୍ମିକ ଦର୍ଶନ - ଜୀବନ ପାଇଁ ଉଭୟର ପ୍ରୟୋଜନ ରହିଛି ।

ମଣିଷ ଚେତନାର ପ୍ରତିଟି ସ୍ତରକୁ ଛୁଇଁ ଯିବାର ଗଭୀର ଅନୁଭୂତି ଫୁଟି ଉଠିଛି ଯନ୍ତ୍ରାରୂଢ଼ରେ । ଅନୁଭୂତିର ପ୍ରଗାଢ଼ତା ପ୍ରକାଶ ପାଉଛି ଦିବ୍ୟ ଅନୁଭବରେ । ଏ ଦେହର ପରିଧି ଭାଙ୍ଗି ମନ ମିଶି ଯାଉ ଦିବ୍ୟ ଚେତନାରେ । ଲେଖକଙ୍କ ଶୁଦ୍ଧ ଚେତନାର ଏହା ଏକ କାବ୍ୟିକ ପ୍ରକାଶ । ମଣିଷ ଚରିତ୍ରର ବୈଚିତ୍ର୍ୟକୁ ଉପଲବ୍ଧି କରି ଲେଖକ ସବୁ ଆଙ୍ଗଲ୍‌ରୁ ତାର ଫଟୋ ଉଠାଇ ଚରିତ୍ରଗୁଡ଼ିକୁ ଅବିକଳ ତାର ନିଜସ୍ୱ ରୂପରେ ଥୋଇ ଦେଇଛନ୍ତି ପାଠକ ସମକ୍ଷରେ । ସବୁ କହି ବି ଅନେକ କଥା ଅକୁହା ରହିଯାଇଛି ପାଠକର ଚିନ୍ତନ ପାଇଁ । ଚରିତ୍ରକୁ ଯେତେ ଫିଟେଇବ ସେତିକି ଅସଜଡ଼ା ସୂତାଖିଅ ବାହାରିବ । ମଣିଷ ଯେ ଜୀବନ୍ତ ପୋଥିଟିଏ - ଏଇ କଥାଟା ଫୁଟି ଉଠିଛି ସବୁ ଚରିତ୍ରରେ ।

ମଣିଷର ମନସ୍ତତ୍ତ୍ୱ ଭିତରେ ଲେଖକ ପଶି ଯାଉଛନ୍ତି ସହଜ ସ୍ୱଚ୍ଛନ୍ଦ ସାଧୁତାରେ । କାହାରି ପରିତ୍ରାଣ ନାହି,ମୁକ୍ତି ନାହିଁ - ଯିଏ ଆସିଛି ତାଙ୍କର ଦୃଷ୍ଟିର ପରିଧି ଭିତରକୁ । ଏମିତି କି ନିଜକୁ ବି ମୁକ୍ତି ମିଳିନାହିଁ । ସବୁ ଚରିତ୍ର ଭିତରୁ ଉଙ୍କି ମାରି ନିଜକୁ ଦେଖାଇ ଦେଇଛନ୍ତି । ଲେଖକ ଆଉ ତାର ଚରିତ୍ର କ'ଣ ଅଲଗା ମଣିଷ ? ଜୀବନର ଜଟିଳତମ ପ୍ରଶ୍ନ - ଆମର ନିତ୍ୟ ନିୟତ ଜୀବନର ଚରମ ଜିଜ୍ଞାସାକୁ ଲେଖକ ପହଞ୍ଚାଇ ଦେଇଛନ୍ତି

Digitized by srujanika@gmail.com

ସହଜ ସମାଧାନରେ ଅତୀତ ଶାସ୍ତ୍ରର ଦାୟିକା ଦେଇ । ମୃତ୍ୟୁ ଭୟରେ ଶଙ୍କିତ ମାନବ ପାଇଁ ବାଡିଛନ୍ତି ଜୀବନ ଯଜ୍ଞର ସର୍ବଶ୍ରେଷ୍ଠ ନୈବେଦ୍ୟ ଆକାଶ ବତାସରେ ବହୁଡ଼ି ପଡ଼ିଛି ମାନବୀୟ ଆଉ ଧର୍ମୀୟ ସ୍ପନ୍ଦନ । ମଣିଷ ଖାଲି ନୂଆ କରି ଚିହ୍ନି ନେଉଛି ତାରି ଭିତରୁ । ଲେଖକର ବେଦନା ଯେ ବାଜି ଉଠୁଛି ସେଇ ସ୍ପନ୍ଦନରେ - ସେଇ ଟିକକ ତାର ମୂଲ୍ୟ । ମାନବାତ୍ମାର ଅନ୍ତରତମ ଘରେ ସଞ୍ଚିତ ହେଇଥାଏ ଏସବୁ ଅଭିଜ୍ଞତା । ଜୀବନକୁ ଚିହ୍ନିବା ବାଟରେ ଯେତେ କଣ୍ଟାବାଡ଼ ରହିଛି ସବୁ ସେ ଝାଡ଼ିଝୁଡ଼ି ସଫା କରି ଦେଇଛନ୍ତି । ମାର୍ଗ ପ୍ରସ୍ତୁତ - ଖଡ଼ି ଗୋଟାଳି ପରି ଗଡ଼ିଯିବା କଥା । ଖାଲି ଚାଲିବା ପାଇଁ ଏକ ନିଷ୍ଠା ଆଗ୍ରହ ଥିବା ଚାହି । ଜୀବନର ଚରମ ଅସହାୟ ମୁହୂର୍ତ୍ତରେ ସନାତନ ଦାସ ଯେ ପାହାଡ଼ର ଦାଢୁଆ ପଥରକୁ ନିଜ ବିଶ୍ୱାସରେ ଆଉଁସି ପକାଇଛନ୍ତି ତା ନୁହେଁ, ପାଠକକୁ ଆଉଁସିବାର ମନ୍ତ୍ରଦାନ କରିଛନ୍ତି । ଏଇ ଭୟଙ୍କର ନିସଙ୍ଗ ନିଃସହାୟ ମୁହୂର୍ତ୍ତରେ କେତେବଡ଼ ସାନ୍ତ୍ୱନା ପଥରକୁ ଭଗବାନ ଭାବିବାରେ ? ସକଳ ଦ୍ୱନ୍ଦ୍ୱ ଓ ଭ୍ରାନ୍ତିରୁ ମୁକ୍ତ ହୋଇ ନିଃଶେଷରେ ଆତ୍ମସମର୍ପଣ କରିବାରେ ? ଶତପଥୀ ମହାଶୟଙ୍କ ଧ୍ୟାନରତ ମୂର୍ତ୍ତି ଦେଖିଲେ ମନେହୁଏ, ପର୍ବତର ଆତ୍ମା ଯେପରି ତପସ୍ୟା କରୁଛି -ବାହାରୁ ମନଟା ସାଉଁଟି ନେଇ ଭିତରଟା ଏକାଗ୍ରତାରେ ନିଚୋଳ ପରିପୂର୍ଣ୍ଣ ହେଇ ଯାଇଛି ।

ଲେଖକ ତାଙ୍କ ଅନୁଭୂତିର ପାହାଡଟାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇ ସତେ ଅବା କହୁଛନ୍ତି - ''ଖଣ୍ଡେ ଖଣ୍ଡେ ପଥର ସାଉଁଟି ନେଇ ମୋ ମନକୁ ହାଲୁକା କର, ପତର ପରି ।'' ଏମିତି ଅନୁଭୂତିର ବଣ୍ଟନରେ ନିଜ ମନର ଖୋଳପା ଭିତରକୁ ପାଠକକୁ ଆକର୍ଷି ନେବାରେ ଚନ୍ଦ୍ରଶେଖର ଜଣେ ଅଦ୍ୱିତୀୟ କଥା ଶିଳ୍ପୀ । ବକ୍ତବ୍ୟକୁ କେଉଁଠି ହେଲେ ବୌଦ୍ଧିକତାର ସ୍ପର୍ଶ ଦେବାକୁ ସେ ବ୍ୟଗ୍ର ନୁହନ୍ତି । ଅଥଚ ତାଙ୍କର ବୁଦ୍ଧି ଦୀପ୍ତ ଚେତନା ସବୁଠି ବଡ଼ ସହଜ ସୌନ୍ଦର୍ଯ୍ୟରେ ଉତ୍କୀର୍ଣ୍ଣ । ପୁଣି ତାଙ୍କର ପାକଳ ବହୁ ଅଭିଜ୍ଞ ଜୀବନ ପୁରୁଷର ପାଖେ ପଖେ ଶିଶୁ ସୁଲଭ କୌତୁକିଆ ମନଟା ଜମା କରଛଡ଼ା ଦେଇନାହିଁ । କେବଳ ସେଇଥି ପାଇଁ ଶତପଥୀଙ୍କ ସହ ସନାତନଙ୍କ ମିଳନ ଏତେ ସହଜ ଓ ସୁରଭିତ ।

ଲେଖକ ପ୍ରାଚ୍ୟ ଦର୍ଶନର ବିପୁଳ ବିସ୍ତାର ଭିତରେ ଜୀବନ ସତ୍ୟର ଦୁର୍ଲଭ ରୂପଟି ଦେଖିଛନ୍ତି । 'ତାର ଇଚ୍ଛା ନ ଥିଲେ ଗଛରେ ପତ୍ରଟିଏ ସୁଦ୍ଧା ହଲିବ ନାହିଁ' - ଲେଖକଙ୍କର ଏଇ ପ୍ରତ୍ୟୟ ପ୍ରାଚ୍ୟ ଚିନ୍ତାଧାରାର ବିଶ୍ୱସ୍ତ ସ୍ମାରକୀ । ତାଙ୍କର ଭାଷା ଗ୍ରାମ୍ୟ ମଣିଷକୁ ସୁହାଇଲା ପରି, ଗ୍ରାମ୍ୟ ମଣିଷକୁ ଚିହ୍ନାଇଲା ପରି, ବର୍ଣ୍ଣନାର ଢଂଗୀ କୌତୁକ ପୂର୍ଣ୍ଣ - କିନ୍ତୁ ସେଥିରେ ଜଗତର ସକଳ କାରୁଣ୍ୟକୁ ସଞ୍ଚୁକିବାର ପ୍ରଚଣ୍ଡ ଶକ୍ତି ନିହିତ । ସଂସାରଟାକୁ ପରମ ସ୍ନେହରେ ସହସ୍ର ବାହୁ ଦେଇ ଜାବୁଡ଼ି ଧରିଥିବା ଚୁକୁମାର ମୃତ୍ୟୁରେ ସମଗ୍ର ଉପନ୍ୟାସର ସବୁ ଅକ୍ଷର ଶିଳ୍ପ ଯେମିତି ସ୍ତମ୍ଭିତ ହେଇ ଯାଇଛନ୍ତି ।

ଯନ୍ତ୍ରାରୂଢ଼ ସାଧାରଣ ମଣିଷର ଅସାଧାରଣ ଇତିହାସ । ବର୍ଣ୍ଣନା ଧର୍ମୀ ହୋଇଥିବାରୁ କେଉଁଠି ନିରସ ବୋଧ ହେଇପାରେ, ହେଲେ ପ୍ରକାଶ ଢଂଗୀର ସରସତା ସବୁ ନୀରସତାକୁ ଟଳୁ କରି ଦେଇଛି ।

Digitized by srujanika@gmail.com

'ଜୀବନ ତା ନିଜ ତଉଲରେ ମାପି ହେଇଯାଏ' - ଏଇ ସମ୍ଭ୍ରାନ୍ତ ଚେତନା, ଜୀବନ ବିଶ୍ଳେଷଣର ଏଇ ବାସ୍ତବ ଓ ବିଶ୍ୱସ୍ତ ଉଚ୍ଚାରଣ କଳାକୁ କରିଛି କାଳୋତୀର୍ଣ୍ଣ ।

'ଅସୂର୍ଯ୍ୟ ଉପନିବେଶ'ଚନ୍ଦ୍ରଶେଖରଙ୍କ ଦ୍ୱିତୀୟ ଉପନ୍ୟାସ । ପ୍ରଥମଟିରେ ସତତା, ତ୍ୟାଗ, ସତୀଧର୍ମ,ଦେବତ୍ୱ ବୋଧ ଆଉ ମହତ ପଣର ଶୁଭ ସଂସ୍କାର; ଦ୍ୱିତୀୟରେ ଅସତ୍ୟ ଅନ୍ୟାୟ,ନୀତିହୀନ ଛଳନା ଆଉ ଆତ୍ମକୈନ୍ଦ୍ରିକ ସ୍ୱାର୍ଥ ନିପିଷ୍ଟ ପାରିଲା ପଣର ପଶୁବୃତ୍ତି । ସଭ୍ୟତାର ସହସ୍ର ସୋପାନ ଅତିକ୍ରମ କଲାପରେ ମଧ୍ୟ ମଣିଷ ଆଣ୍ଠେଇ ପଡ଼େ ଆଦିମ କ୍ଷୁଧା ଆଉ ଅନ୍ଧାରୀ ମନ ପାଖରେ - ତାରି ଇତିବୃତ୍ତ 'ଅସୂର୍ଯ୍ୟ ଉପନିବେଶରେ' । ଆମ ଜୀବନର କେଉଁ ବିନ୍ଦୁରେ, ସ୍ଥିତିରେ ଆମେ ଅନ୍ଧକାର ଜଗତ ଭିତରେ ବଞ୍ଚିବାର ସମସ୍ୟାର ସମ୍ମୁଖୀନ ହେଉ ! ଯେଉଁଠି ପଶୁତ୍ୱର ରାଜତ୍ୱ, ଅଜ୍ଞାନତାର ଅନ୍ଧକାରରେ ମଣିଷ ନିଷ୍ପେଷିତ, ଯେଉଁଠି ସୂର୍ଯ୍ୟ ଆଉ ତାର ଜୀବନଦାୟୀ ଆଲୋକର ସତ୍ୟ ନିର୍ବାପିତ । ବିଚାର ଓ ମାନବିକ ମୂଲ୍ୟବୋଧ ବହୁକାଳରୁ ଏଇ ଭୀଷଣ ଅନ୍ଧକାର ଓ ଅସ୍ୱୀକୃତିକୁ ପଥ ଛାଡ଼ି ଦେଇଛି । ଏହାହିଁ ଅସୂର୍ଯ୍ୟ ପରିବେଶକୁ ଗଢ଼ିଛି । ଏହା କେବଳ ଭୌଗୋଳିକ ସୀମାରେ ଆବଦ୍ଧ ନୁହେଁ; ଏହା ବାସ୍ତବ ବିଶ୍ୱକୁ ଘେରି ରହିଛି ଓ ସଂଯୋଗ କରୁଛି । ସାମାଜିକ ଓ ପାରିବାରିକ ଜୀବନ ଭିତର ଦେଇ ମଣିଷର ଆତ୍ମଜଗତକୁ ଆଚ୍ଛନ୍ନ କରି ରଖିଛି । ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଘଟିଲେ କେମିତି ସର୍ବସ୍ୱାନ୍ତ ବିକଳ ତ୍ରସ୍ତ ହେଇଉଠେ ସମାଜର ଅନ୍ତଃ ସତ୍ତା ତାର ସଫଳ ଚିତ୍ରକର ଚନ୍ଦ୍ରଶେଖର କଥାକୁ କଥା ଖଞ୍ଜି ଚରିତ୍ରକୁ ନିଜ ଗନ୍ଧରେ ଗଢ଼ି ଉଠିବାର ଉଦାର ସୁଯୋଗ ଦେଇ ଅକ୍ଳେଶରେ ଖୋଲି ଦେଇଛନ୍ତି ମଣିଷ ମୁହଁର ମୁଖା । ଅକ୍ଳେଶରେ କି ? ଜୀବନର ଏଇ ଅନ୍ଧାରୀ ମୁହଁ ଛପା ଅନୁଭୂତିର ପରସ୍ତ ପରସ୍ତ ଓଟାରି ବାହାର କରିବାରେ ଲେଖକଙ୍କର ଯନ୍ତ୍ରଣାର ଅବଧି ନାହିଁ । କିନ୍ତୁ ସେ ଯେ ସତ୍ୟକୁ ଆବରଣ ମୁକ୍ତ କରିବାକୁ ଶପଥ ନେଇଛି - ମରଣ ଶପଥ ! ତେଣୁ ସେ ନିରୁପାୟ ! ମଣିଷ ମନକୁ ବ୍ୟବଚ୍ଛେଦ କରିବାକୁ ହେବ । ଯେତେ ଭୟଙ୍କର ଯେତେ ନିଷ୍ଠୁର ହେଲେ ବି ସେ ଯାହା ନିରେଖିଛି, ଯାହା ଉପଲବ୍ଧି କରିଛି, ସବୁ ସେ ଆଙ୍କିଯିବ, ଅବିକଳ ।

ଏକ ବିଶେଷ ସମୟ,ସ୍ଥାନ ଓ ସମାଜର ମୌଳିକ, ସ୍ୱରୂପଟି ଏଥିରେ ଉଦ୍‌ଘାଟିତ । ସାମାଜିକ ଓ ପାରିବାରିକ ସ୍ତରରେ ଯେଉଁ ଘଟଣା ଘଟୁଛି । ଜନ ଜୀବନର ସର୍ବତ୍ର ଯେଉଁଠି ଦୁର୍ନୀତି ବ୍ୟାପି ରହିଛି, ଯେଉଁଠି ସମଗ୍ର ଶାସକ ଗୋଷ୍ଠୀ ଓ ବୁଦ୍ଧିଜୀବୀର ଅଧଃପତନ ଘଟିଛି, ସର୍ବସାଧାରଣ ଅର୍ଥ ଯେଉଁଠି ବ୍ୟକ୍ତିଗତ ସ୍ୱାର୍ଥରେ ବିନିଯୁକ୍ତ ହେଉଛି, ଯେଉଁଠି ସାମାଜିକ ଦୁର୍ନୀତି ବିସ୍ତୃତ ଭାବରେ ଭୟଙ୍କର ରୂପରେ ସର୍ବତ୍ର ବ୍ୟାପ୍ତ, ସେଇଠି ଏଇ ଉପନ୍ୟାସର କଥା ଚରିତ୍ରର ସଂକ୍ରମଣ । ସଭ୍ୟତା ସଂସ୍କୃତି ଅପସୃୟମାଣ, ଲୋଭ, ଲାଳସା, ଈର୍ଷା, ହିଂସା, ଦୈହିକ କ୍ଷୁଧା ତାର ଅବଚେତନ ମନରେ ନିହିତ । ପ୍ରତି ମୁହୂର୍ତ୍ତରେ ତାର ସଚେତନ ମନକୁ ଆନ୍ଦୋଳିତ କରୁଛି । ବଞ୍ଚିବା ପାଇଁ ଜୀବନଟା ପାଶବିକ ସଂଘର୍ଷରେ ପରିଣତ । ସାମାଜିକତା ଓ ସର୍ବସାଧାରଣ ସଂସ୍ଥା ଯାହା ପାଇଁ ତାର ଏତେ ଶ୍ରଦ୍ଧା ଓ ଗର୍ବ; ଧର୍ମ, ଆଧ୍ୟାତ୍ମିକତା ଓ ବିଶ୍ୱାସ - ଯାହା ତାର ବଞ୍ଚିବାର ଭିତ୍ତିଭୂମି ଏଗୁଡ଼ିକ କେବଳ ତାର

Digitized by srujanika@gmail.com

ଲଜ୍ଜାକର ନଗ୍ନତାକୁ ଘୋଡାଇବା ପାଇଁ ଏକ ଆବରଣ ମାତ୍ର, ଯାହା ପଛରେ ତାର ସାମାନ୍ୟତମ ଆନ୍ତରିକତା ବା ଆନୁଗତ୍ୟ ନାହିଁ । କୃଷ୍ଣମୂର୍ତ୍ତିଙ୍କ ବାପା କ୍ଲବରେ ଯେଉଁ ପାର୍ଟି ଦେଇଛନ୍ତି, ତା'ର ବର୍ଣ୍ଣନା ଗୋଟିଏ ରୁଗ୍ଣ ସମାଜର ଆଦିମ ବର୍ବରତାର ଆଶାଳୀନ ରୂପକୁ ସ୍ମରଣ କରାଇ ଦିଏ । ଆଜିର ଏଇ ସାମାଜିକ ମଣିଷର କଥା ଅସ୍ପୃର୍ଯ୍ୟ ଉପବେଶରେ ଯେମିତି ବର୍ଣ୍ଣିତ, Conrad ଙ୍କ Heart of Darkness ଓ Lawrence ଙ୍କ Women in Love ରେ ଅନୁରୂପ ଭାବରେ ଚିତ୍ରିତ । ଗୋଟିଏ ମିଥ୍ୟା ଶୂନ୍ୟତାରେ ଭରା ଛଳନାପୂର୍ଣ୍ଣ ସମାଜରେ ଜଣେ କେମିତି ସହଜରେ ନିଃଶ୍ୱାସ ନେବ ? କେମିତି କିଏ କାହାକୁ ବିଶ୍ୱାସ କରିବ, ଯେଉଁଠି ବିଶ୍ୱାସ ଘାତକତା ଉନ୍ନତିର ଉପର ପାହାଚକୁ ଉଠିବାର ପ୍ରଧାନ ଆଶ୍ରୟ ଭୂମି ? ଦୁର୍ବଳର ବଞ୍ଚିବାର ଅଧିକାର ନାହିଁ । ବିଶ୍ୱମ୍ଭର ମଙ୍ଗରାଜ ସ୍ତ୍ରୀର ଅବୈଧତା ଜାଣି ପାଗଳ ହେଇଛି । ମାନସିକ, ଶାରୀରିକ ଓ ମନସ୍ତାତ୍ତ୍ୱିକ - ସବୁ ଦିଗରୁ ନିପୀଡ଼ିତ ହୋଇ ଆତ୍ମହତ୍ୟା ପାଇଁ ଚେଷ୍ଟା କରିଛି । ମାତୃତ୍ୱରୁ ବଞ୍ଚିତ ସୁଜାତା ଏଇ ଅପରିଚିତ ବିପଣୀରେ ଦେଉଳିଆ ହେଇ ଯାଇଛି । ଏହା ହେଉଛି ନାସ୍ତିତ୍ୱର, ମଣିଷ ପ୍ରବୃତ୍ତିର ଅନ୍ଧକାର ଦିଗ । କିନ୍ତୁ ତା' ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଚ୍ଚାରିତ । ଉପନ୍ୟାସର କୈନ୍ଦ୍ରିକ ପ୍ରଶ୍ନ ମଣିଷ ଏଇ ବିକୃତି ଦୁର୍ନୀତି ଗ୍ରସ୍ତ ସମାଜରୁ ମୁକ୍ତ ହେଇ ପାରିବ ତ ? ପ୍ରଶ୍ନ ଅନେକ ରୂପରେ ଆସିଛି । ଗଣତନ୍ତ୍ର ପ୍ରତି ପ୍ଲେଟୋଙ୍କର ସଂଶୟଠାରୁ କିର୍କେଗାର୍ଡ, ନିତ୍ସେ, କାମୁ ସାର୍ତ୍ରେ ପ୍ରଭୃତି ସ୍ଥିତିବାଦୀ ଦାର୍ଶନିକମାନଙ୍କର ପ୍ରଶ୍ନ ଜୟରାମ ମୁହଁରେ ପ୍ରକାଶ ପାଇଛି । ମଣିଷ କେମିତି ବଞ୍ଚିବ ଯଦି ତାର ବଞ୍ଚିବାର ମୌଳିକ ଉପାଦାନ ଗୁଡିକ ନିଶ୍ଚିହ୍ନ ହୋଇଯାଏ ? ମଣିଷ ର ବଞ୍ଚିବାର ସକଳ ସମ୍ଭାବନା ଅର୍ଥହୀନ ହେଇଯାଏ ? ମଣିଷ ଏଇ ଝଡ଼ ବିରୁଦ୍ଧରେ ନିଜକୁ ବଞ୍ଚାଇ ରଖିବ କେମିତି ? ଉପନ୍ୟାସର ନାୟକ ଜୟରାମ ପାଇଁ ସବୁଠୁଁ ବଡ଼ ପରୀକ୍ଷାର ସମୟ ଆସିଛି, ଯେତେବେଳେ ସେ ଦେଖିଛି ସାନଭାଇ ସହିତ ତା' ସ୍ତ୍ରୀର ଅବୈଧ ସଂପର୍କ ! ଭାଙ୍ଗି ପଡ଼ିଛି ବିଶ୍ୱାସର ମନ୍ଦିରଟି ଆଉ ଜୀବନର ମୂଲ୍ୟବୋଧ । ଗ୍ରାସ କରିଛି ଏକ ଭୟଙ୍କର ଅସୁସ୍ଥ ଅନୁଭୂତି । କିନ୍ତୁ ସମୟ ଗତିରେ ଜୟରାମ ଜ୍ଞାନ ଲାଭ କରିଛି । ତାକୁ ପ୍ରଶଂସା ବା ବିଚାର କଲା ଲୋକମାନଙ୍କଠାରୁ ସେ ବହୁ ଊର୍ଦ୍ଧ୍ୱକୁ ଉଠିଗଲା ଆଉ ଉପନ୍ୟାସର କେନ୍ଦ୍ରବିନ୍ଦୁ ହେଇଗଲା । ଗୋଟିଏ ନିର୍ବାତ, ନିଷ୍କମ୍ପ ମହୀରୁହ ପରି ସେ ସ୍ଥିର ସ୍ପଷ୍ଟ ଆଉ ସ୍ୱଚ୍ଛ - ତା' ଚତୁର୍ପାର୍ଶ୍ୱର ଦାନ୍ତ ଦେଖା ପରିବେଶଠାରୁ । ଜୟନ୍ତ ପରିଡ଼ା ପରି ଗୋଟିଏ ଘୃଣ୍ୟ ମଣିଷ ପାଖରେ ନିଜର ନିର୍ଦ୍ଦୋଷ ପଣିଆ ପ୍ରକାଶ କରିବା ପାଇଁ ସେ ଇଚ୍ଛା କରିନଥିଲା - ଏତେ ତଳକୁ ଖସିବାକୁ ଚାହିଁନଥିଲା । ସେ ଯେମିତି ସୁଦୂରର ଏକ ନିଃସଙ୍ଗ ତାରକା, ନିର୍ଲିପ୍ତ ନିରାସକ୍ତ । ଧୀରେ ଧୀରେ ଦୃଷ୍ଟି ହେଲା ପରିପୂର୍ଣ୍ଣ ଓ ସ୍ୱଚ୍ଛ । ବ୍ୟକ୍ତି ଓ ସମାଜର ସ୍ଥିତିକୁ ସବୁ ଦିଗରୁ ସ୍ୱାଭାବିକ ପରିପୂର୍ଣ୍ଣତା ଭିତରେ ଦେଖି ପାରିଲା । ବିଦ୍ୟାଧର ରାୟ ପରି ଫମ୍ପା ବିପ୍ଲବାତ୍ମକ ଦୃଷ୍ଟିରେ ନୁହେଁ - ଅର୍ଥ ପାଇଁ ଯିଏ ନୀତିକୁ ଦେଇଛି ବିସର୍ଜନ । ମଣିଷ ମଣିଷ ଭିତରେ ପ୍ରୀତିର ବଂଧନ ନାହିଁ, ଖାଲି ସ୍ୱାର୍ଥର ବନ୍ଧନ । ଆଦର୍ଶକୁ ରୂପାୟିତ କରିବାର ଚେଷ୍ଟା ନାହିଁ, ସାହସ ନାହିଁ । କାରଣ ଶେଷରେ ସବୁ ମନେ ହେବ ଅର୍ଥହୀନ, ଅଦରକାରୀ ମାଟି ପିଣ୍ଡୁଳାଟାଏ । ଜୟରାମ ପାଦ ବଢ଼ାଇଛି ମୁକ୍ତି ଆଡ଼କୁ ।

Digitized by srujanika@gmail.com

ପର୍ବତରେ ଚଢ଼ି ଜଙ୍ଗଲର ଅସହାୟତା ଓ ଆକାଶର ସ୍ଥିର ଅବିଚଳତା ଦେଖି ତାକୁ ମୃତ୍ୟୁ ଆଉ ହିଂସା ଘେରି ରହିଲା ପରି ମନେ ହେଉଛି । ପାହାଡର ଅଧାରେ ଘାଟ ମଙ୍ଗଳାଙ୍କ ମନ୍ଦିର - ନିରନ୍ଧ୍ର ଅନ୍ଧକାର,ଭୀତି ସଞ୍ଚାରୀ ନିର୍ଜନତା । ସେଠି ଜୟରାମ ପହଞ୍ଚି ପାରିବ ତ ? ତାକୁ ଅତିକ୍ରମ କରି ଆଗେଇ ଯିବ ତ ? ଏ ପ୍ରଶ୍ନର କୌଣସି ଉତ୍ତର ନାହିଁ । ଆମେ ଅନ୍ୱେଷଣର ଆରମ୍ଭରେ ରହିଗଲୁ, ତାର ଶେଷ ଜାଣିଲୁ ନାହିଁ । କିନ୍ତୁ ଏଠି ଉତ୍ତର ନୁହେଁ, ସମାପ୍ତ ନୁହେଁ - ପ୍ରଶ୍ନ ବା ଅନ୍ୱେଷଣ ହେଉଛି ଗୁରୁତ୍ୱପୂର୍ଣ୍ଣ ମହତ୍ୱପୂର୍ଣ୍ଣ । ସବୁ ବାଧା ସତ୍ତ୍ୱେ ଅପରାଜେୟ ଖୁରମୁସିଆ ମଣିଷଟି ପାହାଡ଼ ଚଢ଼ିଛି - ଅନ୍ଧକାରର ପରପାରରେ ଥିବା ସୂର୍ଯ୍ୟର ସନ୍ଧାନରେ, ଅନ୍ୱେଷଣରେ ।

ଜୀବନର କେତେ ରୂପ, କେତେ ସ୍ୱର, କେତେ ଲିପି ସେସବୁକୁ ଅଲଗା ଅଲଗା ପଢ଼ି ତାର ସାମଗ୍ରିକ ରୂପ ଚେତନାର ସ୍ତବକଟିଏ ଅଙ୍କିବା କଷ୍ଟସାଧ୍ୟ, ଗଭୀର ଅନ୍ତର୍ଦୃଷ୍ଟି ସାପେକ୍ଷ । ଚନ୍ଦ୍ରଶେଖରଙ୍କ ପରି ସତର୍କ ଆଉ ପରଖିଲା ଆଖି ମଣିଷର ସାତ ତାଳ ପଙ୍କ ତଳେ ଅତି ନିଭୃତରେ ସାଇତା ମନର ସଠିକ ଚିତ୍ର ଉଠାଇ ନେଇପାରେ । ଜୟନ୍ତ ପରିଡ଼ା ଅନ୍ୟବୃତ୍ତର ମଣିଷ । ସମାଜ ଓ ପରିବାରର ବନ୍ଧନର ମହତ୍ୱ ତାକୁ ଜଣା ନାହିଁ - ଅନ୍ୟକୁ ଲୁଣ୍ଠନ କରିବାରେ ଧୁରନ୍ଧର, ଠିକ୍ King Lear ର Edmund ଚରିତ୍ର ପରି । ସବୁ କଥାକୁ ଅର୍ଥରେ ତଉଲି ଦେଖିଛି, ଜୀବନ ଉପଭୋଗରେ ତାର ଚରମ ପରିତୃପ୍ତି । ଏମାନଙ୍କ ପାଇଁ ଲେଖକଙ୍କର କଥା - ''କ୍ଷମା କର ନାହିଁ କ୍ଷୁଧାର୍ତ୍ତ ଚତୁଷ୍ପଦ ଗୁଡ଼ିକୁ - ସେମାନେ ଅଜାଣତରେ ପାପକୁ ବରଣ କରନ୍ତି ନାହିଁ - ସତ୍ୟକୁ ହତ୍ୟା କରନ୍ତି ନାହିଁ । ସେମାନେ ଜାଣି ଶୁଣି ଭାବିଚିନ୍ତି ଜୀବନକୁ ଶୋଷଣ କରନ୍ତି ।'' - ଏ ବିଚାର ଧାରା ଚିରାଚରିତ ବିଶ୍ୱାସର ମୂଳଦୁଆକୁ ଦୋହଲାଇ ଦେଇଛି । ଇଏ ହେଉଛି ପ୍ରତିଭାର ଏକ ପ୍ରଚଣ୍ଡ ବିସ୍ଫୋରଣ ।

ଏଥିରେ ଅନେକ ଚରିତ୍ରର କୋଳାହଳ । କିନ୍ତୁ ପ୍ରତ୍ୟେକ ଚରିତ୍ରର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର । ଲେଖକ ମଣିଷର ନିଃସଙ୍ଗତାର,ଅସହାୟତାର ଏମିତି ସବୁ ବୌଦ୍ଧିକ ଛବି ଟୋଳି ଧରିଛନ୍ତି, ସେ ସବୁ ମନେ ହେବ ଖଣ୍ଡେ ଖଣ୍ଡେ ଆଧୁନିକ କବିତା, ଅଥଚ ଆଦୌ ଦୁର୍ବୋଧ ନୁହେଁ । ବୌଦ୍ଧିକତା ଯେଉଁଠି ନିରୋଳ ଆଉ ସଂହତିର ବ୍ୟଞ୍ଜନାରେ ଧ୍ୱନିତ ସେଠି ପାଠକକୁ ଉପଲବ୍ଧିର ସ୍ତରକୁ ଟେକିନିଏ, ଦୁରୂହ ସଂଶୟର ଆବର୍ତ୍ତ ଭିତରକୁ ଫିଙ୍ଗିଦିଏ ନାହିଁ । ହିପୋକ୍ରିସିର ସବୁ ଜାଲକୁ ଚିହ୍ନି ପାରୁଥିବା ସ୍ପଷ୍ଟବାଦୀ ଜୟରାମ, ଅସମ୍ଭବ ବିଦ୍ୱାନ ଶିଖରେଶ୍ୱର, ଧୂର୍ତ୍ତ ମୂଳଚାନ୍ଦ,ସୁବିଧାବାଦୀ ଜୟନ୍ତ, ନିଜ ଅତୀତରେ ଆତଙ୍କିତ ଦିଗମ୍ବର, ଦୁର୍ବଳ ଆଦର୍ଶ ଭିତରେ ଉବୁ ଟୁବୁ ହେଉଥିବା ବିଦ୍ୟାଧର ରାଏ । ପୌରୁଷର ଚାବୁକ୍ ଭିତରେ ଜୀବନର ଆସ୍ୱାଦ ଲାଭ ପାଇଁ ବ୍ୟାକୁଳ ସୁଜାତା, ସ୍ନେହର ଟୋପାଏ ସ୍ପର୍ଶରେ ବିଚଳିତ କାଳୁ - ପ୍ରତ୍ୟେକ ଚରିତ୍ର ଲେଖକଙ୍କୁ ଦେଇଛି ଜୀବନ ଶିଳ୍ପୀର ସମ୍ମାନ । ଯେଉଁଠି ଜୀବନର ମୂଲ୍ୟବୋଧ ସ୍ଖଳିତ, ସମାଜ ଓ ମଣିଷର ଦୁର୍ନୀତିରେ ବିଚଳିତ, ଲୋଭ ଭୋଗ ବାସନା ଓ ପାଶବିକତାରେ ଜର୍ଜରିତ, ସେଠି ଚିତ୍ରକଳ୍ପ ଭିତରେ ତାର ବାସ୍ତବ ରୂପଟି ପ୍ରକାଶ ପାଇବା ସ୍ୱାଭାବିକ । ବାଘ ଠେକୁଆକୁ ଚୋବାଇ ଖାଇବାର ଚିତ୍ର କଳ୍ପ,

Digitized by srujanika@gmail.com

ଅବଚେତନ ମନର ସଭାଟି କ୍ରୋଧ ଆଉ ଘୃଣା ସାପ ଆଉ ଛିଆର ଚିତ୍ରକଳ୍ପ ଭିତରେ ସଠିକ ମୂର୍ତ୍ତି ଗଢ଼ି ଦେଇ ପାରିଛି । ମଣିଷ ଜୀବନକୁ ଘୁଷୁରୀ ଗୋରୁ ସହିତ ତୁଳନା କରାଯାଇଛି । କିରାଣୀମାନଙ୍କୁ file ର ସ୍ତୂପତଳେ ଚତୁର ଶୃଗାଳ ସହିତ - ମଣିଷକୁ ମେଣ୍ଢା ଛେଳି ସହିତ ସମାନ କରାଯାଇଛି ଚିତ୍ରକଳ୍ପ ପରି ଆଉ କେଉଁ ଭାଷାରେ ଏସବୁର ବାସ୍ତବ ଚିତ୍ର ଫୁଟି ଉଠନ୍ତା ? ଯେଉଁଠି ଜୀବନର ବିକାଶ ଓ ସମୃଦ୍ଧି ସମ୍ଭବ ନୁହେଁ, ଖାଲି ଏକ ନିସ୍ପନ୍ଦ, ନିଷ୍ଫଳ ଜୀବନ ଆଡ଼କୁ ଟାଣି ହେଇ ଯାଉଛି ସେଠି ପଥୁରିଆ ମରୁଭୂମି, ବନ୍ଧ୍ୟା ପର୍ବତ ଓ ଥୁଣ୍ଟା ଗଛର ଚିତ୍ରକଳ୍ପ ହିଁ ଭାବପ୍ରକାଶର ବଳିଷ୍ଠ ମାଧ୍ୟମ ରୂପେ ସ୍ୱୀକୃତ । ଏ ସବୁ ଚିତ୍ରକଳ୍ପ T.S.Elliot ଙ୍କ Waste Land ବା ପୋଡ଼ାଭୂଇଁର କଥା ସ୍ମରଣ କରାଇଦିଏ ।

ଜୀବନର ଜ୍ୱାଳା, ଯନ୍ତ୍ରଣା, ଦୁର୍ଦ୍ଦମ ଲୋଭ ଆଉ ପୈଶାଚିକ ପ୍ରତିହିଂସା, ଖୋସାମତି, ଆଉ ସଂସାରର ସହସ୍ର ଦୁର୍ନୀତି, ଅସାଧୁତା, ବ୍ୟଭିଚାର ଅଧଃପତନର ସର୍ବନିମ୍ନ ପାହାଚର ତଳ ଦେଶର କଥା ଲେଖକଙ୍କ ଆଖିକୁ ଅଛପା ରହିନାହିଁ । ହସଟିଏର ଫର୍ମା ବି ଗଢ଼ି ଦେଇଛନ୍ତି ଲେଖକ । ହସ ଭିତରେ କେତେ କାରୁଣ୍ୟ, କେତେ ଅଶ୍ରୁ, କେତେ କୁଣ୍ଠିତ ସଂକୋଚ ପୁଣି ବ୍ୟଙ୍ଗର ଛଟା ! ଲେଖକଙ୍କର ଚତୁର୍ଦ୍ଦିଗର ପୃଥିବୀ ଯେମିତି ଛୋଟ ହେଇ ଆଜାଡ଼ି ହେଇ ପଡ଼ିଛି ତାଙ୍କ ପାଖରେ । ସେ ସାଉଁଟି ନେଇଛନ୍ତି ଚରିତ୍ର ଆଉ ଘଟଣା ଯାହା ସତ୍ୟାନୁଭୂତିରୁ କ୍ଷରିତ, ପରିଚିତ ନିଃଶ୍ୱାସରୁ ଶବ୍ଦାୟିତ । ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରୁ କଥାବସ୍ତୁ ଚରିତ୍ର ଆହରଣ ସହଜ, କିନ୍ତୁ ଚରିତ୍ରକୁ ବାସ୍ତବ ଜୀବନ୍ତ ଓ ଆକର୍ଷଣୀୟ କରି ଗଢ଼ିବା ପ୍ରତିଭା ସାପେକ୍ଷ ।

ଉପନ୍ୟାସର ଜନ୍ମଜାତକ ସମ୍ବନ୍ଧରେ ଲେଖକଙ୍କ ନିଜସ୍ୱ ବକ୍ତବ୍ୟ - ''ସବୁ ଧାସ୍ୱର ମୂଲ୍ୟ ଲିଭି ଯାଉଥିବା ଗୋଟାଏ ବିବର ଦିଶିଯାଏ ଏବଂ ସେଇ ଦିଗହରା ନିରାଲୋକ ବିସ୍ଫୋଟ ଭିତରୁ ଜନ୍ମନିଏ ଅସୂର୍ଯ୍ୟ ଉପନିବେଶ ।'' ଅସୂର୍ଯ୍ୟ ଉପନିବେଶର ଚରିତ୍ର ଗୁମ୍ଫା ଭିତରେ ପଶିଗଲେ ମନେହୁଏ ଚାରିଆଡ଼େ କିଚି କିଚି ଅନ୍ଧକାର, ଗୁଡ଼ାଏ ଧୂଆଁଳିଆ ଚେତନା ଆଉ ସାପର ହିଂସ୍ର ଫଣାର ମୃତ୍ୟୁ ଗ୍ରାସ କିନ୍ତୁ ଏସବୁକୁ ଅତିକ୍ରମ କରି ଆଲୋକର ଝଲକଟିଏ ଅନ୍ଧକାର ଗହ୍ୱରକୁ ପଶି ଆସିଛି । ମଣିଷର ଶେଷହୀନ କ୍ଷୁଧା ଆଉ ମୃତ୍ୟୁ କମ୍ପନ ଭିତରେ ଅପରାଜେୟ ଖୁରମୁସିଆ ମଣିଷର ଅହିଂସ୍ର ଶୋଷ, ଅଲିଭା ହସର ଉଜ୍ଜ୍ୱଳ ଛିଟା ନୈରାଶ୍ୟ ଜର୍ଜରିତ ମଣିଷର ବଞ୍ଚିବା ପାଇଁ ଦିଏ ସାର୍ଥକ ଠିକଣା । ବେକେଟ୍‌ଙ୍କ ନାୟକ ଗୋଟାଏ ଗଛମୂଳେ ଛିଡ଼ା ହେଇଛି - ଅପେକ୍ଷାରତ । କେହି ଜଣେ ଆସିବ - ଅଥଚ ସେ କେବେ ବି ଆସିବ ନାହିଁ । କାଫ୍‌କା ଦେଖାଇଛନ୍ତି ଜଣେ ମଣିଷ ହଠାତ୍ ନିଜକୁ ଆବିଷ୍କାର କରିଛି ଯିଏ କି ଗୋବର ପୋକରେ ରୂପାନ୍ତରିତ ହେଇ ଯାଉଛି । ସେମାନେ ମଣିଷ ଭିତରର ସଂଶୟ ହତାଶା ଆଉ ଖର୍ବତାକୁ ଆଙ୍କିଛନ୍ତି । କିନ୍ତୁ ଚନ୍ଦ୍ରଶେଖରଙ୍କ ନାୟକ ତାର ନିର୍ମଳ ହସରେ ଧୋଇ ଦେଇଛି ତାର ଚାରିପାଖର ମଳିନ ପୃଥିବୀକୁ । ଜୀବନର ନୂଆ ଚାହାଁଣୀ ନୂଆ ମେକର ମଖମଲି ପରଶରେ ଉଦ୍‌ଭ୍ରାନ୍ତ ମଣିଷ ପାଇଁ ଲେଖକ ପୁରୁଣା ମୂଲ୍ୟବୋଧର ଅନମନୀୟ କଠିନ ରକ୍ଷ ପବିତ୍ର ରୂପଟିକୁ ଥୋଇ ଦେଇଛନ୍ତି ପ୍ରଥମରୁ ।

Digitized by srujanika@gmail.com

ଜାରଜ ସମାଜର କଥାଚିତ୍ରଟିକୁ ଲେଖକ ଉତ୍ସର୍ଗ କରିଛନ୍ତି "ସବୁ ଦେଶର ସବୁ ଯୁଗର ବରେଣ୍ୟ କୃଷ୍ଣ ଦ୍ୱୈପାୟନମାନଙ୍କୁ ।" ଉତ୍ସର୍ଗର ଏଇ ଭାବ ମୂର୍ତ୍ତିରେ ଲେଖକଙ୍କ ସାମାଜିକ କବିତ୍ୱ ସତ୍ତା ହେଇଛି କାଳଜୟୀ ।

ତୀର୍ଥଯାତ୍ରୀର ଶେଷହୀନ ଯାତ୍ରାର ଆଧ୍ୟାତ୍ମିକ ଅନୁଭୂତିରେ ଲେଖକଙ୍କ ତୃତୀୟ ଉପନ୍ୟାସ ନବଜାତକର ଗ୍ରନ୍ଥିଗୁଡ଼ିକ ଗଢା । ଦୀକ୍ଷିତ ଭିକ୍ଷୁ ଓ ବୃହତ୍ ଚରିତ୍ର ମାଧ୍ୟମରେ ଚନ୍ଦ୍ରଶେଖର ସାଧାରଣ ମଣିଷ ଭିତରେ ବିଶ୍ୱାସର ବଳିଷ୍ଠ ବୃନ୍ତଟିଏ ସୃଷ୍ଟି କରିଛନ୍ତି - ଆତ୍ମାର ଶୁଦ୍ଧତା ଓ ନିର୍ମଳ ନିଃସ୍ୱାର୍ଥ ଚିନ୍ତନରେ ମୁକ୍ତିର ତୋରଣ ଖୋଲିଯାଏ । ଏକାଗ୍ରତା ଓ ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟିର ଅନିବାର୍ଯ୍ୟତା ଏଥିପାଇଁ ଲୋଡ଼ା । ନିଗୂଢ ତତ୍ତ୍ୱକୁ ସ୍ୱାଭାବିକ ଜୀବନ ଧର୍ମ ଭିତରେ ସେ ଯେପରି ରୋପି ଦେଇଛନ୍ତି ସହଜ ସ୍ୱାଚ୍ଛନ୍ଦ୍ୟରେ ସେଥିରେ ସେ ନିଜେ ବିମ୍ବିତ ହେଇଛନ୍ତି ସିଦ୍ଧ ଯୋଗୀ ରୂପେ । ନବଜାତକର ମପା ଚୁପା ଭାଷା, ସଂଯମ ଶାଣିତ ଭାବ ଓ ପ୍ରକାଶର ସଦାସତର୍କ ସଂଚେତନ ଭଂଗୀ ପାଠକକୁ ଅଭିଭୂତ କରେ । "ତୃଣରେ, ଗୁଳ୍ମରେ, ଲତାରେ ପାଦପରେ ଫୁଲମାନେ ଅପେକ୍ଷା କରଥାନ୍ତି ଶେଷ ସ୍ନେହର ସ୍ପର୍ଶ ପାଇ ଝରିଯିବାକୁ" - ଖାଲି ଫୁଲ ନୁହେଁ, ସବୁ ମଣିଷ ଆକୁଳ ପ୍ରାଣରେ ଅପେକ୍ଷା କରିଥାଏ ଝରିବା ପୂର୍ବରୁ ଏମିତି ସ୍ନେହ ସ୍ପର୍ଶଟିଏ ପାଇବା ପାଇଁ - ସମଗ୍ର ଜୀବନର ହାଡ଼ୁଆ ଟାଣୁଆ କଙ୍କରିତ ଚଲାପଥ ଦିବ୍ୟ ସ୍ପର୍ଶ ଟିକକରେ କୋମଳ ମଧୁର ଉଷ୍ମ ଉତପ୍ତ ହେଇଯାଏ ।

ବୃହତ୍‌ଙ୍କ ପରି ଯାତ୍ରା ଯେ ସଂପୂର୍ଣ୍ଣ ଇଚ୍ଛାଧୀନ ଏକଥା ବୁଝି ପାରିଲେ - ଆତ୍ମା ଆଲୋକିତ ହେଲେ ସବୁ ଅନ୍ଧକାର ଦୂରୀଭୂତ ହେଇଯାଏ । ସଂଶୟର ଗ୍ରନ୍ଥି ହୁଗୁଳିଯାଏ । ଜନ୍ମ ଅନ୍ଧ ଓ ପିଙ୍ଗଳାଙ୍କ ଜୀବନରେ ଆକାଶଧର୍ମର ଉଦାର ସାମର୍ଥ୍ୟ ସଂପ୍ରସାରିତ ହୁଏ ; ଧୈର୍ଯ୍ୟ, ବିଶ୍ୱାସ, ଉତ୍ସାହ ଓ ପ୍ରେମ ସବୁ ମଣିଷକୁ ନେଇ ଯାଏ ଆଧ୍ୟାତ୍ମିକ ଉତ୍ତରଣ ପଥରେ । ସୁବୋଧ, ସୁନନ୍ଦ, ଅମିୟଙ୍କ ପୃଥିବୀ ଏକ ଭିନ୍ନ ଜଗତ ନୁହେଁ । ଚେତନାର ଉଦୟନରେ ସେମାନେ ନଗରର ନିଷ୍ପ୍ରଭ ଆଲୋକମାଳାର ଆକର୍ଷଣକୁ ଅତିକ୍ରମ କରିପାରିଛନ୍ତି । ଯେଉଁ ଆକର୍ଷଣ ଅଳୀକ ବୋଲି ଜାଣି ବି ମଣିଷ ସେଇଆଡ଼କୁ ପ୍ରଲୁବ୍ଧ ହୋଇ ଟାଣି ହେଇଯାଏ । ତଥାପି ସମ୍ଭାବନାର ସକାଳ ବିଚଳିତ ହୁଏ ନାହିଁ - ନିଶ୍ଚଳ ଏକାଗ୍ରତାରେ ଚାହିଁ ଥାଏ, ବିଶ୍ୱାସ ଟହଲି ଯାଏ ନାହିଁ, ସେ ଯେ ସଂଶୟ ମୁକ୍ତ !

ନବ ଜାତକ ସବୁ କାଳର ସବୁ ମଣିଷ ପାଇଁ ଏକ ମହାର୍ଘ କାବ୍ୟ ବାସନା ।

◆ ◆ ◆

Digitized by srujanika@gmail.com

ଔପନ୍ୟାସିକ ଚନ୍ଦ୍ରଶେଖର ରଥ

ଡକ୍ଟର ଅଶୋକ କୁମାର ଦାସବାବୁ

ସାଂପ୍ରତିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରସିଦ୍ଧ ଉପନ୍ୟାସ ଲେଖକ ଭାବରେ ଚନ୍ଦ୍ରଶେଖର ରଥ ସୁପରିଚିତ । ସେ ସ୍ୱଳ୍ପ ସଂଖ୍ୟକ ଉପନ୍ୟାସ ରଚନା କରିଥିଲେ ସୁଦ୍ଧା ତାହାଙ୍କ ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛି କହିଲେ ଭୁଲ ହେବ ନାହିଁ । ତାଙ୍କ ଉପନ୍ୟାସର ନୂତନ ବକ୍ତବ୍ୟ, ନୂତନ ଜୀବନ ଦୃଷ୍ଟି ଓ ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧର ସ୍ପଷ୍ଟ ପରିଚୟ ମିଳେ । ସମକାଳୀନ ସମାଜ, ରାଜନୀତି, ସଭ୍ୟତା, ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରା ସଂପର୍କରେ ତାଙ୍କ ଉପନ୍ୟାସ ଗୁଡ଼ିକରୁ ଯଥେଷ୍ଟ ପରିଚୟ ମିଳେ । ସେ ଓଡ଼ିଆ ସହିତ୍ୟକୁ ଏଯାବତ୍ ତିନିଗୋଟି ଉପନ୍ୟାସ ଦେଇଛନ୍ତି । ତାହା ହେଉଛି 'ଯନ୍ତ୍ରାରୂଢ଼' (୧୯୬୭), 'ଅସୂର୍ଯ୍ୟ ଉପନିବେଶ (୧୯୭୫), 'ନବ ଜାତକ' (୧୯୮୧) ତାହାଙ୍କ ଔପନ୍ୟାସିକ ପ୍ରତିଭାର ସାର୍ଥକ ନିଦର୍ଶନ । ଏହି ଉପନ୍ୟାସ ତିନୋଟିରେ ସେ ମଣିଷର ଆଧ୍ୟାତ୍ମିକ ଉତ୍ତରଣ, ସାଂପ୍ରତିକ ଚଳଣି ଓ ଆଧିଭୌତିକ ଚିନ୍ତାଧାରାର ପରିଚୟ ଦେଇଛନ୍ତି ।

ଏହି ତିନୋଟି ଉପନ୍ୟାସର ବିଷୟ ବସ୍ତୁ ପରସ୍ପରଠାରୁ ପୃଥକ୍ । ସେ 'ଯନ୍ତ୍ରାରୂଢ଼'ରେ ଆଧ୍ୟାତ୍ମ୍ୟ ଭାବଜଗତର ରହସ୍ୟ ସନ୍ଧାନ କରିଥିବା ବେଳେ, 'ଅସୂର୍ଯ୍ୟ ଉପନିବେଶ'ରେ ଆଧୁନିକ ଜଟିଳ ଜୀବନର ସ୍ୱରୂପ ଆକଳନ କରିଛନ୍ତି ଏବଂ 'ନବ ଜାତକ'ରେ ଏ ସଂସାର ବାହାରେ ଯେ ଆଉ ଏକ ଅନ୍ୟ ଜଗତ ରହିଛି ସେ ସଂପର୍କରେ ନିଜର ମତବ୍ୟକ୍ତ କରିଛନ୍ତି ।

ତାଙ୍କର 'ଯନ୍ତ୍ରାରୂଢ଼' ଉପନ୍ୟାସଟି ଆମ ଭାରତୀୟ ସନାତନ ପରଂପରା ଉପରେ ପ୍ରତିଷ୍ଠିତ । ଏହି ଉପନ୍ୟାସରେ ଲେଖକ ସନାତନ ଦାସଙ୍କ ଜୀବନର ଦୁଃଖଦ ମୁହୂର୍ତ୍ତର ଚମତ୍କାର ଚିତ୍ର ଅଙ୍କନ କରିଛନ୍ତି । ଭାରତୀୟ ଆଦର୍ଶରେ ମଣିଷଟିଏ ଯେପରି ହେବାକଥା ସନାତନ ଦାସ ସେହିପରି ହୋଇଛି । ଏହି ଗରିବ ସନାତନ ଦାସର ଜୀବନ ଓ ଜିବୀକା ଘେନି ଯେଉଁ ଦ୍ୱନ୍ଦ୍ୱ ଆହରହ ତାର ମନୋରାଜ୍ୟକୁ ଭାରାକ୍ରାନ୍ତ କରିଛି ଲେଖକ ତାହାକୁ ଆପଣାର ଅନ୍ତର୍ଦୃଷ୍ଟିବଳରେ ସଫଳ ରୂପେ ଏହି ଉପନ୍ୟାସରେ ଦେଖିପାରିଛନ୍ତି । ଲକ୍ଷ୍ମୀ ନାରାୟଣ ସେବକ ସନାତନ ଦାସ ଯେଉଁ ଜାଗତିକ ସମସ୍ୟାର ସମ୍ମୁଖୀନ ହୋଇଛି ତାହା ଆଧ୍ୟାତ୍ମିକ ଭାବଜଗତରେ ନିହାତି ତୁଚ୍ଛାତିତୁଚ୍ଛ । ସେ ଏଥିରେ ଏକ ପକ୍ଷରେ ମଣିଷର ଜୀବନ ଯନ୍ତ୍ରଣା, ବଂଚିବାର ବିଚିତ୍ର ଜୀବିକା ସହିତ ତାର ଆଧ୍ୟାତ୍ମ୍ୟ ସତ୍ତାର

Digitized by srujanika@gmail.com

ଅଦ୍ଭୁତ ସମନ୍ୱୟ କରିଛନ୍ତି । ଏହି ଉପନ୍ୟାସରେ ସେ ମଣିଷକୁ ଆହାର, ନିଦ୍ରା, ଭୟ, ମୈଥୁନ ଏହି ଚାରିଗୋଟି ଜୀବଧର୍ମକୁ ନେଇ ବଂଚୁଥିବା ଜୀବ ରୂପେ ଦେଖି ନାହାନ୍ତି । ମଣିଷର ଯେ ନିଜସ୍ୱ ବିଚାର ଧାରା ଭଲ ମନ୍ଦ ଜାଣିପାରିଲା ଭଳି ଶକ୍ତି ରହିଛି ତାହାକୁ ଏଥିରେ ସେ ସୁନ୍ଦର ଭାବେ ଆମକୁ ଦେଇଛନ୍ତି ।

'ଯନ୍ତାରୂଢ଼' ଉପନ୍ୟାସର ନାୟକ ସନାତନ ଦାସ ଏ ଦେଶର ନିମ୍ନ ବର୍ଗର ପ୍ରତିନିଧି । ସେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନୁହେଁ । ଏ ସତ୍ୱେ ତାର ଗଭୀର ଈଶ୍ୱର ବିଶ୍ୱାସ ପାଠକକୁ ଅଭିଭୂତ କରେ । ଏହି ଉପନ୍ୟାସରେ ମଣିଷଟିଏ ସଂସାରରୁ କଣ କେବେ ସଂଗ୍ରହ କଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ମଣିଷଟି କେମିତି ସଂସାରର ସମସ୍ତ ଜଂଜାଳକୁ ବିଭୁପାଦରେ ସମର୍ପଣ କରି ଜୀବନ ଅତିବାହିତ କରୁଛି ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ଜୀବନକୁ ଏକ ମୂଲ୍ୟବୋଧ ଭିତରେ ଏକ ଆଦର୍ଶ ଭିତରେ ବଂଚିବାରେ ଯେ ଏକ ଆନନ୍ଦ ଥାଏ ତାହା ଏ ଉପନ୍ୟାସଟି ପଢ଼ିଲେ ସହଜରେ ବୁଝି ହୁଏ ।

ଏହି ଉପନ୍ୟାସଟିରେ ଲେଖକ ସୁନ୍ଦର ଭାବରେ ଆପଣାର ଦୃଷ୍ଟିଭଙ୍ଗୀକୁ ପ୍ରକାଶ କରିଛନ୍ତି । ସଂସାରରେ ବଂଚିବା ପାଇଁ ସବୁ ଅପେକ୍ଷା ଏକ ଅଦୃଶ୍ୟ ଶକ୍ତିର ଆବେଗ ଥାଏ । ଏହି ଶକ୍ତିଟି ଠିକଣା ସମୟରେ ମଣିଷକୁ ସାହାଯ୍ୟ କରିଥାଏ ।

'ଅସୂର୍ଯ୍ୟ ଉପନିବେଶ' ଉପନ୍ୟାସଟି ଏକ ଭିନ୍ନ ସ୍ୱାଦର ଉପନ୍ୟାସ । ଆଧୁନିକ ମଣିଷର ନାରକୀୟ ଭାବନା, ଅନୀତି, ଦୁର୍ନୀତି ଓ ବ୍ୟଭିଚାରର ଏହା ଏକ ସମୃଦ୍ଧ ରୂପ । ଏ ଉପନ୍ୟାସରେ ମିଥ୍ୟା, ବ୍ୟଭିଚାର, ଶଠତା, ଅନୈତିକତା, ସଚରାଚର ପ୍ରଭାବ ବିସ୍ତାର କରିଛି । ମଣିଷର ପାଂରମ୍ପରିକ ମୂଲ୍ୟବୋଧ କିପରି ଭୁଷୁଡ଼ି ପଡୁଛି ତାର କଳାତ୍ମକ ରୂପ ଦେଉଛି 'ଅସୂର୍ଯ୍ୟ ଉପନିବେଶ' । ଅଜିର ବ୍ୟସ୍ତ ବିବ୍ରତ ଜୀବନ୍ନ ନିକଟରେ ମୂଲ୍ୟବୋଧ,ନୈତିକତା ଓ ଆଦର୍ଶ ଏକାବେଳେକେ ମୂଲ୍ୟ ହୀନ ହୋଇ ପଡ଼ିଛି । ଆଧୁନିକ ମଣିଷ ଲାଂଚ, ମିଛ, ଚୋରୀ, ନାରୀ, ଓ ଅସାଧୁ ଉପାୟରେ ଅର୍ଥ ରୋଜଗାର କରି ତାର ଜୀବନ ଅତିବାହିତ କରୁଛି । ଲେଖକଙ୍କ ଭାଷାରେ କହିଲେ ''ଲମ୍ପଟ ନହେଲେ ନିଶାଖୋର ହୋଇ ନପାରିଲେ ସେମାନେ ଆଧୁନିକ ହୋଇ ନ ପାରନ୍ତି । ଲାଞ୍ଚ ନେବା ଏ ଯୁଗର ଧର୍ମ, ମିଛ କହିବା ବୁଦ୍ଧିର ଲକ୍ଷଣ ।'' ପୁଣି ମଣିଷ ଏସଂସାରରେ ଭଲ ଭାବରେ ବଂଚିବାକୁ ହେଲେ ଏହି ପରି ଅସତ୍ ପଥର ଯାତ୍ରୀ ହେବାକୁ ପଡ଼ିବ । ଏହି ଉପନ୍ୟାସରେ ଆମେ ଯେଉଁ ଚ଼ରିତ୍ର ମାନଙ୍କୁ ଭେଟୁ ସେମାନେ ସମସ୍ତେ ମୂଲ୍ୟବୋଧର ସଂକଟ ଭିତରେ ଜୀବନ ଅତିବାହିତ କରିଛନ୍ତି । ଏହି ଉପନ୍ୟାସର ସୁଜାତା, ରୋଜି, ଲକ୍ଷ୍ମୀ, ସମସ୍ତେ ଛଟିକା କୁଟୀଳା ନାରୀର ସାର୍ଥକ ପ୍ରତନିଧି । ଜୟନ୍ତ ଆଧୁନିକ ସ୍ଥିତିବାଦୀ ମଣିଷର ଏକ ସାର୍ଥକ ସଂସ୍କରଣ, ଅନ୍ୟ ପକ୍ଷରେ ଔପନ୍ୟାସିକ ଆମ ପାରମ୍ପରିକ ମୂଲ୍ୟବୋଧର ପ୍ରତୀକ ରୂପେ ଜୟରାମକୁ ଉପସ୍ଥାପନ କରିଛନ୍ତି । ଯେଉଁମାନେ ଆଧୁନିକ କାଳରେ ମୂଲ୍ୟବୋଧକୁ ସମ୍ମାନ ଦେଉଛନ୍ତି ସେମାନେ ଜୟରାମ ପରି ଦୁଃଖରେ କାଳାତିପାତ କରୁଛନ୍ତି ।

Digitized by srujanika@gmail.com

ଏହି ଉପନ୍ୟାସଟି ଆମର ସାଂପ୍ରତିକ ସମାଜର ଏକ ଯଥାର୍ଥ ବିଶ୍ଳେଷଣ । ଏଥିରେ ଜୀବନ କିପରି କେତେକ ଚତୁର ଲୋକଙ୍କ ଏକ ଚାଟିଆ ବ୍ୟାପାରରେ ପରିଣତ ହୋଇଛି ତାହା ଔପନ୍ୟାସିକ ତାଙ୍କର ସ୍ୱଭାବ ସୁଲଭ ଭାଷାରେ ଆମକୁ କହି ଦେଇଛନ୍ତି, ଏହି ଉପନ୍ୟାସଟି ପାଠ କଲେ ଆଧୁନିକ ମଣିଷର ଧୂର୍ତ୍ତ ସ୍ୱଭାବ ସବୁ ଆପେ ଆପେ ଧରାପଡ଼ିଯାଏ । ତାଛଡ଼ା ମାନବିକ ମୂଲ୍ୟବୋଧ ଆଦି ସମାଜରେ ଯେ ଏକ ବିରଳ ସାମଗ୍ରୀ ଏକଥା ଔପନ୍ୟାସିକ ଆମକୁ ଚରମ ରୂପେ ବୁଝାଇ ଦେଇଛନ୍ତି ।

'ନବଜାତକ' ଲେଖକଙ୍କର ତୃତୀୟ ଉପନ୍ୟାସ, ଇହଲୋକ ବାହାରେ ଆରପାରିରେ ଆଉ ଏକ ଭିନ୍ନ ଧରଣର ଜଗତ ରହିଛି ବୋଲି ତାଙ୍କର ବିଶ୍ୱାସ ରହିଛି । ଏପରି ଲେଖକ ଲୌକିକ ଦ୍ୱୀପରେ ଥାଇ ସୁଦ୍ଧା ଅଲୌକିକ ଭାବ ରାଇଜର ପ୍ରସଙ୍ଗକୁ ଆମକୁ ଉତ୍ତମ ରୂପେ ନେଇ ଯାଇଛନ୍ତି । ସେ ଏ ଜଗତରୁ ଆରପାରିକୁ ଯିବାର ମଣିଷର ଯେଉଁ ବ୍ୟାକୁଳତା ତାହାକୁ ଏଥିରେ ତାଙ୍କର ସ୍ରଷ୍ଟାସୁଲଭ ବ୍ୟକ୍ତିତ୍ୱରେ ପ୍ରକାଶ କରିଛନ୍ତି । ଏହି ଉପନ୍ୟାସରେ ଦୀକ୍ଷିତ ଭିକ୍ଷୁ ଚରିତ୍ର ମାଧ୍ୟମରେ ଚେତନରୁ ଜଡ଼କୁ ଓ ଜଡ଼ରୁ ଚେତନକୁ ମଣିଷ କିଭଳି ଅତିକ୍ରମ କରିପାରେ ତାହା ଲେଖକ ବୁଝାଇଛନ୍ତି । ଚିତ୍ତଶୁଦ୍ଧି ଓ ଯୋଗମାଧ୍ୟମରେ ଏସଂସାରରୁ ଆଉ ଏକ ଅଲୌକିକ ଜଗତକୁ ଯେ ସହଜରେ ଯାଇ ହୁଏ ସେ କଥା ଏହି ଉପନ୍ୟାସରେ ଦେଖିବାକୁ ମିଳେ । ପୁଣି ଏହି ଉପନ୍ୟାସରେ ଲେଖକ କହିବାକୁ ଚାହିଁଛନ୍ତି ଯେ ମଣିଷ ଆପଣାର ଆତ୍ମ ବିକାଶକ୍ଷମ ଶକ୍ତିର ପ୍ରସାଦ ଦ୍ୱାରା, ଶୁଦ୍ଧ ପୂତ ଜୀବନ ଦ୍ୱାରା, ଯୋଗମାର୍ଗର ସାଧନା ଦ୍ୱାରା, ଏହି ଲୌକିକ ଜଗତରେ ଥାଇ ସୁଦ୍ଧା ସେ ଅନ୍ୟଏକ ଜଗତର ଉପଲବ୍ଧି କରିପାରେ । ଏହି ଉପନ୍ୟାସଟି ମଣିଷର ସେପାରିବୋଧ ବାସନାକୁ ଅନେକାଂଶରେ ଚରିତାର୍ଥ କରିଛି ।

ଭାବପକ୍ଷ ଦୃଷ୍ଟିରୁ ଚନ୍ଦ୍ରଶେଖର ରଥଙ୍କ ଉପନ୍ୟାସମାନ ଯେପରି ପ୍ରଭାବଶାଳୀ କଳାପକ୍ଷ ଦୃଷ୍ଟିରୁ ସେଗୁଡ଼ିକ ମଧ୍ୟ ଉପାଦେୟ । ତାଙ୍କର ଉଚ୍ଚକୋଟୀର ରଚନାଶୈଳୀ ତାହାଙ୍କ ଉପନ୍ୟାସ ଗୁଡ଼ିକରେ ପରିଲକ୍ଷିତ ହୁଏ । ସେ ଚରିତ୍ର ଚିତ୍ରଣ ଠାରୁ ଆରମ୍ଭ କରି ପରିବେଶ ବର୍ଣ୍ଣନା, ଘଟଣା ବିନ୍ୟାସ, କବିତ୍ୱପୂର୍ଣ୍ଣ ପ୍ରକାଶ ଓ ନାଟକୀୟ ଛଟାରେ ପାଠକର ଶ୍ରଦ୍ଧା ଭାଜନ ହୋଇଛନ୍ତି । ସେ ସାମାନ୍ୟ ପ୍ରସଙ୍ଗକୁ ତାଙ୍କର କଳାତ୍ମକ ଶୈଳୀରେ ଅସାଧାରଣ କରି ବ୍ୟକ୍ତ କରିପାରନ୍ତି । ଏଠାରେ ତାଙ୍କର ରଚନା ଶୈଳୀର ପରିଚୟ ଦେବା ପାଇଁ ତାହାଙ୍କ କବିତ୍ୱ ପୂର୍ଣ୍ଣ ବର୍ଣ୍ଣନାରୁ କିଛି ଉଦ୍ଧାର କରାଯାଉଅଛି । ତାହା ଏହିପରି, ''ଆକାଶରେ ସେଦିନ ଅନେକ ମେଘ । ଇସ୍ପାତ କାରାଖାନା ଉହା ଭିତରୁ ଆଉଟି ହୋଇ ଉଠୁ ଥିବା ବହୁ ବିଷାକ୍ତ ତମାଳିଆ ବାଷ୍ପ ପରି ମେଘ ଆକାଶର ଅନ୍ଧି ସନ୍ଧି ଆବୋରି ରହିଥାଏ । ସାରା ପୃଥିବୀ ସିଝୁଥାଏ, ଦୁଃସହ ଜ୍ୱର ଭୋଗୁଥାଏ ତା'ର ଦଶଦିଗ, ରୁନ୍ଧି ହୋଇ ଆସୁଥାଏ ତା'ର ଶ୍ୱାସନଳୀ, ଗଛଗୁଡ଼ାକ ତାଳରେ ଜିବନ ମାରି କୁହୁକୁଥାନ୍ତି । ନିହାଣମୁଗୁର ଧରି ସତେବା କିଏ ମଜ୍ଜାହାଡ଼ ଉପରୁ ପ୍ରସ୍ତ ପ୍ରସ୍ତ ମାଉଁସ ଛେଲି ଫୋପାଡ଼ି ଦେଉଥାଏ । ଆଦ୍ୟ ଆଷାଢ଼ର ଅସହ୍ୟ ଗୁଳୁଗୁଳି ସେଦିନ,''(ଅସୂର୍ଯ୍ୟ ଉପନିବେଶ)

Digitized by srujanika@gmail.com

ଚନ୍ଦ୍ର ଶେଖର ରଥଙ୍କ ଭାଷା ଚିତ୍ର ଧର୍ମୀ ସେ ଅତି ଛୋଟ ଛୋଟ ବାକ୍ୟରେ ତାଙ୍କର ଭାବପ୍ରକାଶ କରିପାରନ୍ତି, ତାଙ୍କ ଲେଖାରେ ସର୍ବତ୍ର ବକ୍ତବ୍ୟର ପରିଚ୍ଛନ୍ନତା ଅନୁଭବ କରି ହୁଏ । ପୁଣି ମିଥ୍ ପ୍ରତୀକ ଓ ଚିତ୍ର କଳ୍ପ ବ୍ୟବହାର କରିବାରେ ତାଙ୍କର ଅଦ୍ଭୁତ ଦକ୍ଷତା ରହିଛି । ତାଙ୍କ ଉପନ୍ୟାସରେ ଶବ୍ଦ ପ୍ରୟୋଗରେ ସାବଲୀଳତା ଦେଖିବାକୁ ମିଳେ । ସେ ଏପରି ଭାବରେ ବାକ୍ୟ ଲେଖନ୍ତି ଯାହା ପଢ଼ିଲେ କବିତା ପଢ଼ିବା ପରି ଲାଗେ । ସେଥିରେ ଉପମା, ଚିତ୍ରକଳ୍ପର ଅଭାବ ନଥାଏ । ଏଠାରେ 'ଅସୂର୍ଯ୍ୟ ଉପନିବେଶ'ରୁ ଗୋଟିଏ ବାକ୍ୟ ଉଦ୍ଧାର କଲେ ଯଥେଷ୍ଟ ହେବ । ତାହା ଏହି ପରି; ''ଫୁଲର ସୌନ୍ଦର୍ଯ୍ୟ ପରି ନାରୀ, କୌଣସି ଗୋଟିଏ ମାତ୍ର ଅନିଶ୍ଚିତ ରୁଚିଥିବା ବ୍ୟକ୍ତିର ଉପେକ୍ଷା କିମ୍ବା ଆଦର ପାଇଁ ତାଙ୍କୁ ପଥର ବାଡ଼ ଘେରେଇ ରଖିବା ଘୋର ମୂର୍ଖତା, ଅସହ୍ୟ ଅପମାନ ।'' (ଅସୂର୍ଯ୍ୟ ଉପନିବେଶ) ଏହି ବାକ୍ୟଟିକୁ ସଜେଇ ଦେଖିଲେ ଯେ କେହି କବି ରୂପେ ଗ୍ରହଣ କରିନେବ ।

ଭାବପକ୍ଷ ଓ କଳାପକ୍ଷ ଉଭୟ ଦୃଷ୍ଟିରୁ ଚନ୍ଦ୍ର ଶେଖର ରଥ ଓଡ଼ିଆ ଉପନ୍ୟାସ ଜଗତର ଜଣେ ଅନନ୍ୟ ଶିଳ୍ପୀ । ଜୀବନବୋଧର ଗଭୀରତା ତାଙ୍କ ଉପନ୍ୟାସର ପ୍ରତ୍ୟେକ ସ୍ତରରେ ପ୍ରକଟିତ । ସେ ନିର୍ଭିକ ଭାବରେ ଆମ ସଂସାରର ଜୀବନ୍ତୀୟ ଦୃଶ୍ୟକୁ ପାଠକ ନିକଟରେ ପ୍ରକାଶ କରିଛନ୍ତି । ତାଙ୍କ ଭାଷା ଆନେକାଂଶରେ ଐତିହ୍ୟ ଧର୍ମୀ । ତାଙ୍କ ଭାଷାର ଏକ ବ୍ୟାବହାରିକ ଶକ୍ତି ରହିଛି ।

ଚନ୍ଦ୍ରଶେଖର ରଥ ତାଙ୍କ ଉପନ୍ୟାସରେ ମଣିଷ ପଣିଆର ସ୍ୱରୂପ ଆକଳନ କରିଛନ୍ତି, ସେ ଜୀବନ ପ୍ରତି ଓ ଭାରତୀୟ ପରମ୍ପରା ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ଭାବ ପ୍ରକାଶ କରିଛନ୍ତି । ପୁଣି ସୁତୀକ୍ଷଣ ଜୀବନ ଜିଜ୍ଞାସାରେ ମଣିଷକୁ ନୂଆ ରୂପରେ ଦେଖିବାକୁ ଉଦ୍ୟମ କରିଛନ୍ତି । ମଣିଷ ଜୀବନରେ ବିପର୍ଯ୍ୟୟ, ମାନସିକ ସଂକଟ, ଆଧ୍ୟାତ୍ମିକ ଅବସାନ ସେ ତାହାଙ୍କ ଉପନ୍ୟାସରେ ଅତି ନିଷ୍ଠାର ସହିତ ବିଶ୍ଳେଷଣ କରିବାକୁ ଭୁଲି ନାହାନ୍ତି, ସେ ମଣିଷକୁ ବିଚାର କଲାବେଳେ ଭଲ ମଣିଷ ସହିତ ଆଉ ଜଣେ ବିପରୀତ ମଣିଷ ଯେ ବଂଚିଛି ଏକଥା ଆମ୍ଭମାନଙ୍କୁ କହିବାକୁ ଭୁଲି ନାହାନ୍ତି । ସେ ତାଙ୍କ ଉପନ୍ୟାସରେ ସତ୍ୟ, ନ୍ୟାୟ ଓ ଧର୍ମର କଥା ବୁଝାଇବାପାଇଁ ଏ ଜଗତରେ ଅସତ୍ୟ ଓ ଅନ୍ୟାୟ ସୀମା କେତେ ତାହାକୁ ମଧ୍ୟ ପାଠକଙ୍କୁ କହିଦେଇଛନ୍ତି । ତାଙ୍କ ଉପନ୍ୟାସ ପାଠକଲେ ଜୀବନରେ ବହୁ ଅନୁଦ୍‌ଘାଟିତ, ଦିଗ ଆପେ ଆପେ ଉଦ୍‌ଘାଟିତ ହୋଇଯାଏ ।

ବିଶ୍ୱ ପ୍ରସିଦ୍ଧ ଔପନ୍ୟାସିକ ଡ଼ି.ଏଚ୍. ଲରେନ୍‌ସ ଉପନ୍ୟାସକୁ "The Novel is the one bright book of life" କହିଥିଲେ । ପ୍ରକୃତରେ ଚନ୍ଦ୍ର ଶେଖର ରଥଙ୍କ ଉପନ୍ୟାସ ପଢ଼ିଲେ ଏହି ସଂଜ୍ଞାଟି ଆପେ ଆପେ ମନକୁ ଆସେ । ସେ ତାଙ୍କ ଲେଖନୀରେ ଆମ ଉପନ୍ୟାସ ସାହିତ୍ୟକୁ ଏକ ନୂଆ ମୋଡ଼ ଦେଇଛନ୍ତି ।

◆ ◆ ◆

Digitized by srujanika@gmail.com

ଗଳ୍ପ ପରିସୀମା

ଅଶ୍ୱାରୋହୀ

ଅସାଧ ସାଧିବାକୁ ସେ ଜଣେ ମାତ୍ର ଜନ୍ମିଛି ବୋଲି ଆମ ସମସ୍ତଙ୍କର ବିଶ୍ୱାସ ହୋଇସାରିଥାଏ । ଶୁଣାଶୁଣି ନୁହେଁ, ଆଖିରେ ଦେଖିବା କଥା । ଖଣ୍ଡେ ଲାଙ୍ଗୁଡ଼ ଥିଲେ ସେ ଯେ କୌଣସି ଲଙ୍କାରେ ନିଆଁ ଲଗେଇଦେବାକୁ ସମର୍ଥ ଥିଲା । ସବୁ ଶିଖକୁ ସେ ହୁବ କରିପାରୁଥିଲା । ଅତଳାନ୍ତ ଗହୀରରୁ କାଦୁଅ କୋରି ଆଣି ଦେଖେଇଦେଇ ପାରୁଥିଲା । ତା'ର ସାପକୁ ଭୟ ନ ଥିଲା ନା ବାଘକୁ; ନିଆଁକୁ ଭୟ ନଥିଲା କି ପାଣିକୁ । ସେ ବାଉଁଶ ଖେଞ୍ଚାଣରେ ବିରୁଡ଼ି ବସା ଭାଙ୍ଗୁଥିଲା । ଷଣ୍ଢ ଦେଖିଲେ ହୁରୁଡ଼ାଉଥିଲା । କୁକୁର ଲାଙ୍ଗୁଡ଼ରେ ଟିଣ ବାନ୍ଧୁଥିଲା । ଦି'ପହରବେଳା ନଇ ପହଁରୁଥିଲା । ରାତି ଅଧରେ କଂସାରି ଘର ଚଟୁ ଘୋଡ଼ା ଚଢ଼ି ପଡ଼ିଆ ସାରା ଦୁମ୍ ଦୁମ୍ ଦଉଡୁ ଥିଲା । ମହା ଉଦଣ୍ଡା, ଅଷାଣ୍ଡୁଆ, ଅରଣା, ଭେରେଣ୍ଡା ଭଳି ଚାରିଦଉଡ଼ିକଟା ବରଜା । ନିଶ ଗଜୁରି ନ ଥିବା ରଜା ଟୋକାଙ୍କ ରଜା । ରାଜ୍ୟ ନଥାଇ ମଉଡ଼ମଣି । ସବୁ ବିଦ୍ୟାରେ ପାରଙ୍ଗମ !

ସେଦିନ 'ବରଜା'କୁ ଆମେ ହିଁ ଚହଁକେଇ ଦେଲୁ । ନୂଆ ରଜା ଗାଦିରେ ବସିବା ଦିନ ବିରାଟ ପଟୁଆର ଚାଲିଥାଏ । ରାଜା ରାଇଜ କଥା-ଦୁଲୁ ଦୁଲୁ କମ୍ପୁଥାଏ ପୃଥ୍ୱୀ । ବାଜା, ବଇରଖ, ତୋପ, ତାମଜାନର କେତେ ରଙ୍ଗ, କେତେ ଶବ୍ଦ । ଭଳି ଭଳି ନାଚୁଆ, ଭଳି ଭଳି ବଜନ୍ତ୍ରୀ, ପାଗଭିଡ଼ା ଥାକ ଥାକ ପଲଟଣ ! ଘଣ୍ଟି, ଘାଗୁଡ଼ି, ଝରା, ଝୁମ୍ପା, ହାଉଦା, ଛତ୍ରି ମଣ୍ଡଣି ହୋଇଥିବା ଦଶଘର ହାତୀ । ତା' ପଛକୁ ନାଗ ସାପ ପରି ଫଣା ଟେକି ପହିଜ କାଟି ଆସୁଥିବା ଚୂଳ ମାଛ ଛାଉଣୀ ହୋଇଥିବା ପିଞ୍ଜିଲା ପରି ଟପ୍‌ଟପ୍ ଘୋଡ଼ା ସବାର । ଆମେ ସମସ୍ତେ ଏକାଠି ଠିଆ ହୋଇ ଦେଖୁଥାଉ ପଟୁଆର । ଏଇଂ ସମସ୍ତଙ୍କ ଆଖି ଖୋସିହୋଇଗଲା ।

ପାଟ ଘୋଡ଼ା ଉପରେ ସବାର ନ ଥାଏ । ପାଟ ଗଦିଟା ଚକ୍‌ଚକ୍ କରୁଥାଏ । ଲଗାମରେ ସୁନାକଣ୍ଠି ଦାଉଦାଉ କରୁଥାଏ । ବେକରେ ପଦକ ଚମକୁଥାଏ ସୋରା ସୋରା ଘାଗୁଡ଼ି ହାର ଭିତରେ । ଏ ସବୁ କଥାକୁ ଲଥା ସିନା; କିନ୍ତୁ କି ସେ ଘୋଡ଼ା ! ମୋ ବାବାରେ !! ରୁପା ବର୍ଣ୍ଣର ପର୍ବତଟାଏ । କ୍ଷୀରୋଦ୍ର ପାଟ ପରି ତା ଦେହର ରେଶମୀ ଧପ୍‌ଧପ୍ ଧଳା ରଙ୍ଗରେ ସଞ୍ଜବେଳ ଖରା ପଡ଼ି ଚମକୁଥାଏ । କି ଠାଣି, କି କଦମି, କି ଖୁରା-ଟେକା ସେ ଘୋଡ଼ାର !! ରାଜଦାଣ୍ଡ ମଣ୍ଡି ହେଇଯାଉଥାଏ । ସମସ୍ତଙ୍କ ଆଖି ସେ ଅଦ୍ଭୁତ ଘୋଡ଼ା ଉପରେ । ଯେଡ଼େ ମଣିଷ ହେଲେ ସୁଦ୍ଧା ସେ ଘୋଡ଼ାର ପେଟ ପାଖରେ

Digitized by srujanika@gmail.com

ଲୁଚି ଯାଉଥାଏ ।ତା'ଦେହଯାକରେ ବିଜୁଳି ବାନ୍ଧିହୋଇ ରହିଥାଏ । ଝଡ଼ଟାଏ ସଂଯତ ହୋଇ ଝପ୍ ଝପ୍ ଚାଲିଥାଏ ଖେଳୁଆଡ଼ ସିଂହପରି । କେଜାଣି କେମିତି ସମସ୍ତଙ୍କର ମନେ ହେଲା ଯେ ଘୋଡ଼ା ଜାତିରେ ସେ ରଜା । ସେ ହିଁ ରଜା-କି ପରାକ୍ରମ, କି ସୁଠାମ ଗଢ଼ଣ, କି ଚେହେରା !

ଆମକୁ କହୁଣେଇ ସବା ଆଗ ଧାଡ଼ିରେ ଅଣ୍ଟାରେ ହାତଦେଇ ଗୋଡ଼ ଫରକଟେଇ ଠିଆହେଲା ବରଜା । ତା ଆଖିରେ ମଧ ପଲକ ନାହିଁ । ପାଟଘୋଡ଼ାର ଟାପୁଗୁଡ଼ାକ ହାତିଖୋଜ ପରି । ବେକ ନ ଭାଙ୍ଗିଲେ ଘୋଡ଼ାର ଚୂଳ ଦେଖିହେଉନାହିଁ...ଇସ୍ !

''ବ୍ବେ ବରଜା, ତୁ ଯାକୁ ଚଢ଼ିପାରିବୁ ? ଡହରା ସିନା ରାତିରେ ଚୋରେଇ ଆଣି କଂସାରି ଘରର ଛେଳିପରି ଟଟୁଟାକୁ ଘୋଷାରୁଚୁ, ଯା' ଦେହରେ ଟିପ ଦେଇପାରିବୁ ?'' ଖିଲିଖିଲି ହସ । ଆରେ ଯା'ବା । ଏଇଟା ପାଟଘୋଡ଼ାଟି ! ରଜା ପାଇଁ ଏ ଘୋଡ଼ା-ଯାକୁ ଆଉ କିଏ ଚଢ଼ିଲେ ତା ମୁଣ୍ଡ ଗଣ୍ଡି ଦି'ଖଣ୍ଡ ହୋଇଯିବ ନାହିଁ ?''

ବରଜା ହୁରୁଡ଼ା ଷଣ୍ଢପରି ଫଁ ଫଁ ହେଉଥାଏ । ଏକାଲୟରେ ଚାହିଁଥାଏ ଘୋଡ଼ାକୁ; ଘୋଡ଼ାର ଲଗାମ୍ ଧରି ଚାଲିଥିବା ସଇସକୁ । ତା ପାଖରେ ଥିବା ପିଲାଏ ଦେଖିଲେ ଯେ ତା ବେକମୁଣ୍ଡା ବାଳ ଠିଆ ଠିଆ ହୋଇଗଲା । ଦେହ କମ୍ପିଲା । ସେ ମାଇଲା ଘୋଟାଏ କୁଦା ଶୂନ୍ୟକୁ । ହାଁ ହାଁ କରୁ କରୁ ସେ ଆଖିପିଛୁଳାକେ ସଇସ ହାତରୁ ଲଗାମ୍ ଛଡ଼େଇ ନେଇ ପା'ରଖାରେ ପାଦ ଗଳେଇଦେଲା । ଉହୁଁକି ହେଲା ଚଢ଼ି ଯିବାକୁ । ଛଟେଇ ପଟେଇ ହେଲା । କାଲୁରୁ ବାଲୁରୁ ହୋଇ ପାଟ ଗଦି ଉପରକୁ ଚଢ଼ିଗଲା । ଘୋଡ଼ା ଚମକିଲା । ସଇସ ହାଉଳି ଖାଇ ପାଟିକଲା । ସାରା ରାଜରାସ୍ତା ମଛି ହୋଇଗଲା । ବରଜା ଗୁରୁଣ୍ଡିଲା ପରି ଆଣ୍ଠୁ ଟେକିନେଇ ଠେକୁଆ ଢ଼ଙ୍ଗରେ ବସିଥାଏ । ...ସେଡ଼େ ବଡ଼ ପ୍ରତାପୀ ଜନ୍ତୁ ଏ ସବାରକୁ କି ଖାତିର୍ କରିବ ? ଛାଟିଦେବ ଶୂନ୍ୟକୁ ! ଫୋପାଡ଼ିଦେବ କାହିଁ କୁଆଡ଼େ ! ଛିଟିକି ପଡ଼ି ଛିନ୍ଛନ୍ତ ହେଇଯିବ ନିଆଁଗିଳା ବରଜା ! କିନ୍ତୁ ଆଖିପିଛୁଳାକେ ଆଉ ପ୍ରକାରେ ଘଟିଗଲା । ପୋଲା ଥାପୁଡ଼ିଟିଏ ମାରି ବରଜା କି ମନ୍ତ୍ର ପଢ଼ିଲା କେଜାଣି ସମୁଦ୍ର ଉଲୁସିଲା ପରି ଘୋଡ଼ାର ଉଜାଣି ଟେକିଲା । ସେ ଧସେଇ ଗଲା ଆଗକୁ ଛିନ୍ଛତ୍ର ହୋଇଗଲା ତେଡ଼େ ବଡ଼ ପଟିଆର । ସମସ୍ତଙ୍କ ଉପରେ ଉଭାରି ଦିଶୁଥାଏ ରାଜା ଘୋଡ଼ା । ଗହଳି ପାରି ହୋଇ ଖୋଲା ରାସ୍ତାରେ ଝପଟିଗଲା ଘୋଟାଏ ଅତିକାୟ ଖୁରଙ୍ଗ ପରି ସେ ଧପ୍ଧପ୍ ଧଳା ଘୋଡ଼ା । ପକ୍ଷିରାଜ ନିମେଷକରେ ଉଭାନ୍ ହୋଇଗଲା । ତା ଟାପୁ ଶବ୍ଦ ଲିଭିଗଲା ଶୂନ୍ୟରେ ।

ସେଦିନ ଶ୍ରାବଣ ପୂର୍ଣ୍ଣିମା । ରାତିସାରା ବର୍ଷା । ସେ ଅନ୍ଧାର ବିଜୁଳି ଘଡ଼ଘଡ଼ି ଭିତରେ ଆମ ପରି ନାବାଳକ ସହରଟି କାନେଇ ରହିଥାଏ । । ଘୋଡ଼ାଟାପୁ ଶୁଭୁଥାଏ ଚାରିଆଡ଼େ ଏବଂ ଅଜସ୍ର । ଭୂଇଁ ଦୁଲୁକୁଥାଏ । ରହି ରହି । ଆକାଶରେ ଚମକି ଯାଉଥାଏ ଧଳା ଘୋଡ଼ା ଏବଂ ତା'ଉପରେ ଠେକୁଆ ପରି ଲାଖିରହିଥିବା ସେ ଅସାଧ ଆଶ୍ୱାରୋହୀ ।

Digitized by srujanika@gmail.com

ତା'ଘରେ ଆମେ ଆଉ ତାକୁ ଦେଖିନାହୁଁ ।

ଶୁଣିଛୁ କିନ୍ତୁ ଢ଼େର୍ କଥା । ରାଜା ଉଆସର ଉତ୍ତର-ପଶ୍ଚିମ କୋଣରେ ଗୋଟିଏ ଅମୁହାଁ ଗମ୍ଭୀରା ଅଛି । ସେଇଠି ଗୋଟାଏ ଗହୀର ଶୁଖିଲା କୂଅ । ମୁହଁରେ ତୁଣ୍ଡି ବାନ୍ଧି ବରଜାକୁ ମାଡ଼ ମାରି ଚେତା ବୁଡ଼ିଗଲା ପରେ ତା'ଭିତରକୁ ପେଲି ଦିଆଗଲା । ନୂଆ ଧରାହୋଇ ଆସିଥିବା ବାଘର ଯନ୍ତା ଭିତରକୁ ତାକୁ ପିଣ୍ଡୁଳା କରି ଗଡ଼େଇ ଦିଆଗଲା... ପାଳବିଣ୍ଡା ଭିତରେ ତାଷୁ ସାଙ୍ଗରେ ବରଜାକୁ ପୂରେଇ ନିଆଁ ଲଗେଇଦେଲେ ।

ରଜା ମୁଲକ କଥା । ଯେମିତି ଖୁସି ସେମିତି ମଣିଷଟାକୁ ମାରିଦେଲେ କେହି କିଛି କହିବାର ନାହିଁ । ବରଜା ଅଗୁଁଆର ପଣ କରିଛି; ପାଟଘୋଡ଼ା ଉପରେ ଇତର ଜନ ବସିପଡ଼ିବାର ଅପରାଧ କରିଛି । ରଜା କାନରେ କଥା ପଡ଼ିବାରୁ ସେ କୁଆଡେ ନିଆଁବାଣ ହୋଇଗଲେ । ଦାନ୍ତ କଡ଼ମଡ଼ କରି ବରଜାକୁ କଞ୍ଚା ଚୋବେଇ ଯିବାକୁ ମନକଲେ । ଗାଦିରେ ବସିବାର ଶୁଭଦିନ ପାଇଁ ଆଉ ପଚାଶ ପ୍ରକାର ମାଉଁସ ଆଣି ମିଆଁ ବବୁର୍ଚିମାନେ ଛାମୁପରଷ ଦେବାରୁ କଥା ଆଉ ପ୍ରକାରେ ହୋଇଗଲା । ରଜା ଗୋଳା, ଘଡ଼ିଘଡ଼ିକେ ଆନ । ଯେଉଁ ଆଡ଼େ ମୁହଁ, ସେ ଆଡ଼େ ଦାଢ଼ । ବରଜା ଉପରେ ଦୟାକରି ସାଧାରଣ ମୃତ୍ୟଦଣ୍ଡ ହୁକୁମ ହୋଇଗଲା ।

ରଜା ଯେ, ରାହୁ ସେ । ଗ୍ରାସିଯିବ । ରଜା ହେଲା ରକ୍ତ ମୁଖା ବାଘ । ହାବୁଡ଼ିଗଲେ ଭିଣି ଖାଇଯିବ । ତା ନିଶ ଅଗରେ ମୋତି ଖଞ୍ଜା ହୋଇଛି । ତା ଯୋତାରେ ହୀରାମଣ୍ଡଣି । ସୁନା ପିକଦାନିରେ ଜାତି ଜାତି ମଣି-ମାଣିକ୍ୟ । ତା ଉଆସ ଆଡ଼େ ଟିପ ଦେଖେଇଦେଲେ ନଳୀଧାରୀ ପିଆଦା ଗୁଳିମାରି ଗଡ଼େଇ ଦେବେ । ....ବରଜା ସେଇଠି ଦ୍ରୋହ କଲା... ସେ କି ଆଉ ବଞ୍ଚିଥାନ୍ତା ?'ଆରେ, ଯାଉନୁ । ସେ ଥନ୍ତଳ-ପେଟିଆ ମଦୁଆର ଦେହଯାକ କାଛୁ । ଶଳାର ଚାଲିବାକୁ ବଳ ନାହିଁ ବୋଲି ବୁହାହେଇ ଯାଉଥାଏ ! ...ଖାଲି ନିଶା ଖାଇ ଗର୍ଜିଲେ କ'ଣ ଅଣ୍ଡିରାପଣିଆ ହୋଇଗଲା !... ପାଟଘୋଡ଼ାକୁ ପାଞ୍ଚଟା ସଇସ ସମ୍ଭାଳି ଧରିଥାନ୍ତି । ରଜା ନିଶୁଣି ଚଢ଼ିଲା ପରି ବାଁ ଖାପରେ ଡ଼ାହାଣ ପାଦ ଦେଇ ବହୁ କଷ୍ଟରେ ଘୁଷୁରିଗଲା ଘୋଡ଼ା ପିଠି ଉପରକୁ । ଦେଖିଲାବେଳକୁ ମୁହଁ ହୋଇଛି ଘୋଡ଼ାର ପଛଆଡ଼େ । ଲାଜରେ ଓହ୍ଲେଇ ପଡ଼ିଲା । ଗାରୁ ଗାରୁ ହେଇ ପଶିଗଲା ଉଆସରେ । ତେଢ଼େବଡ଼ ଘୋଡ଼ାକୁ ଗୁଳି ମରେଇ ଦେଇଥାନ୍ତା । ପଞ୍ଜାବିଣୀ ପାଟରାଣୀର ଯଉତୁକ ବୋଲି ଓହରିଗଲା । ପାଞ୍ଚଟାଯାକ ସଇସଙ୍କୁ ଲଙ୍ଗଳା କରି ମାଡ଼ ମରାଇଲା କାହିଁରେ କଣ ।

'...ଆରେ ଯାଉନୁ, ଯାର ଯୁ' କାହିଁ ବରଜାକୁ ଧରିବ ! ଏ ଭାତୁଆ ବଟୁଆଳଯାକ ସେ ବର୍ଷା ରାତିରେ ଓଦା ମୂଷାପରି ଗଛମୂଳେ ତିନ୍ତୁଥାନ୍ତି । ଘଡଘଡ଼ି ବଜୁଳି କାଟୁଥାଏ । ଯିବେ କୁଆଡ଼େ ? ଖୋଜିବେ କେଉଁଠି ? ପାହାନ୍ତି ଆରେ ଦେଖିଲା ବେଳକୁ ସିଂହଦ୍ୱାର ଲୁହା କବାଟ ଦେହରେ ବନ୍ଧା ହୋଇଛି ପାଟଘୋଡ଼ା - ଚୋରର

Digitized by srujanika@gmail.com

ପରା ନାହିଁ । କଟୁଆଳ କୁରୁଳିଲେ । ତେଜ କାଢ଼ିଲେ । ଘୋଡ଼ାକୁ ସଇସ ସମ୍ଭାଳିଲା ଉତ୍ତାରୁ ତାକୁ ମାଡ଼ମାରିଲେ କାହିଁରେ କଣ ।

ବରଜା କିନ୍ତୁ ସେଇଦିନୁ ଉଭାନ ହୋଇଗଲା । ଶ୍ରାବଣ ପୂର୍ଣ୍ଣିମା ଆସିଲା ଏବଂ ଗଲା । ରଜା ବର୍ଷକୁ ଦୁଇଥର ଅଭିଷେକ ହେଲାବେଳେ ଅନୁଗତ ପ୍ରଜାମାନେ ଦାନ୍ତରେ ତିରଣ ଧରି ନିଭଞ୍ଜାଳି ହେଲେ । ମସିଆ କରିଆ ପିନ୍ଧା ବ୍ରାହ୍ମଣମାନେ ଶମ୍ଭର ବୁଢ଼ା ରଜାର ଶ୍ରାଦ୍ଧ ଦିନ ଶମ୍ଭରଦଶମୀକୁ ଭୋଜନ ଖାଇଲେ । ବୈଶାଖ ମାସରେ ରାଜମାତଙ୍କ ପୁଣ୍ୟ ପାଇଁ ଡ଼ହଡ଼ହ ପୋଡ଼ି ଖରାରେ ଆମ୍ବ ଆଉ ପଣା ଭୋଜନି କରି ଖଣ୍ଡେ ପାଣିଗାମୁଛା, ଗୋଟିଏ ଲେଖା ଛତା, ଆଉ ବିଞ୍ଚଣାଟିଏ ଲେଖାଁ ହାତରେ ଧରି ପାନ ଚୋବାଇ ଚୋବାଇ ଫେରିଲେ । ରଜା ମୁଲକର ଗଛପରି ପ୍ରଜାମାନେ ଜନ୍ମିଲେ, ପୁଆ ମେଲେଇ ବଢ଼ିଲେ ଏବଂ ମଲେ ।...ବରଜାକୁ ଆସ୍ତେ ଆସ୍ତେ ଭୁଲିଆସିଲେ ସମସ୍ତେ ।

ଦଶହରାଦିନ, ଲାଖବିନ୍ଧା ପଡ଼ିଆକୁ ପଟୁଆର ବାହାରିଲା । ରଙ୍ଗବେରଙ୍ଗ ପଟୁଆର । ସମସ୍ତଙ୍କ ଆଖି ପାଟଘୋଡ଼ା ଉପରେ । ଆସିଲାଦିନୁ ତା'ଉପରେ କେହି ଚଢ଼ିନାହାନ୍ତି । କେବଳ ବରଜା ହୁବ କରିଥିଲା ଦଶବର୍ଷ ତଳେ । ରଜା ଘୋଡ଼ାସେମିତି ପିଛୁଳି ପଡୁଥାଏ । ଟାଣିହୋଇ ରହିଥାଏ ତାର କ୍ଷୀରୋଦ୍ର ପାଟ ପରି ଝଲମଲ ଦେହ । ସଇସଟି ସେମିତି ତା ଲଗାମ ଧରି ତାକୁ ଚଲେଇ ଚଲେଇ ନେଉଥାଏ । ଘୋଡ଼ା ମୁଣ୍ଡରେ ଚୂଳ, ପିଠିରେ ପାଟ ଗଦି, ବେକରେ କଣ୍ଠିମାଳ । କଜଳ ରେଖିଲା ପରି ଆଖି । ଏଇ ଜାଣ ରଜା । ଏଭ ଶାସନ କରନ୍ତା କି ଏ ମୁଲକ ! ଯା' ଖୁରାକୁ ଅନୁଗତ ଭକ୍ତମାନେ ଜିଭ ଲଗେଇ ଚାଟନ୍ତେ । ସଇସ ଖାଲି ରବେଇ ଖବେଇ ହେଉଥାଏ । ଏଡ଼େବଡ଼ ଲକ୍ଷଣମନ୍ତ ଘୋଡ଼ା । ପ୍ରାଣପଣେ ତାକୁ ସେ ଶିଖେଇଚି ନାନା ବିଦ୍ୟା । କେହି ଜଣେ ତା ଲାଖି ସବାର ହୁଅନ୍ତା କି ! ଆକ୍ରୋଶି ବସନ୍ତା ଏ ବଳବନ୍ତ ଘୋଡ଼ା ଉପରେ । ବିଜୁଳି ପରି ଉଡ଼ିଯାନ୍ତା ଶୂନ୍ୟକୁ । ଟାପୁ ଶବ୍ଦ ଶୁଭନ୍ତା ପାଞ୍ଚକୋଶ ଦୂରରୁ ! ସଇସ କୃତାର୍ଥ ହୋଇଯାନ୍ତା, ସାର୍ଥକ ହୋଇଯାନ୍ତା ତା ଜନ୍ମ । ସାର୍ଥକ୍ ହୁଅନ୍ତା ତା ଆଖି ।

ସେଦିନ କେହି ଆଉ ଲାଖ ବିନ୍ଧି ପାରିଲେ ନାହିଁ । ଶେଷକୁ ରଜା ନଳୀ ଧରି ଠିଆହେଲେ । ମାଇକିନିଆମାନେ ହୁଳହୁଳି ଦେଲେ । ଶଙ୍ଖ ଫୁଙ୍କା ହେଲା । ଟଳମଳ ହାତରେ ରଜା ବେଖାତିର ସେଇ ଲାଖ ଆଡ଼େ ମୋଟାମୋଟି ନଳୀ ଫୁଟେଇଦେଲେ । ଲାଖ ନଡ଼ିଆ ଛିନ୍‌ଛିନ୍ନ ହୋଇଗଲା ; କିନ୍ତୁ ସମସ୍ତେ ଶୁଣିଲେ ଦୁଇଥର ବନ୍ଧୁକ ଡାକିଲା । ଲାଖ ତଳେ ମାଟି ଖୋପ ତଳୁ ଗୁଳି ଫୁଟିଲା ପରି ଶୁଭିଲା । ନଡ଼ିଆଟା ବାଣ ଛିଟିକିଗଲା ଉପରକୁ । ରଜା ଏକା ପାରିବାର-ସେ ଥରେ ଘୋଡ଼ା ଟିପିଲେ ଦୁଇଥର ଗୁଳି ଫୁଟିପାରେ ! ସେ ଯୁଆଡ଼େ ମନ ସିଆଡ଼େ ଲାଖିଲେ ମଧ୍ୟ ଲାଖ ନଡ଼ିଆ ନଫାଟିବାର ଉପାୟ ନାହିଁ । ସେ କେବଳ ଲାଖ ବିନ୍ଧିପାରିବେ । ଧନ୍ୟ ଧନ୍ୟ ମର୍ଦ୍ଦରାଜ, ପାଇଟସିଂହ ମହାର୍ଜା !

Digitized by srujanika@gmail.com

ସଞ୍ଜ ଖତରତ । ପଟୁଆର ଫେରୁଥାଏ । ରଜା ଫେରୁଥାନ୍ତି ପାଲିଙ୍କିରେ । ତାଙ୍କ ଉପରେ ଫୁଲ ବର୍ଷା ହେଉଥାଏ । ଦର୍ଶନପାଇଁ ପ୍ରଜାମାନେ ଠେଲାପେଲା ହେଉଥାନ୍ତି । ପାଟ ଘୋଡ଼ା ପାଖରେ ମଧ୍ୟ ସେଭଳି ଭିଡ଼ । ସେ ସୁଦର୍ଶନ ଧଳା ଘୋଡ଼ାକୁ ଯେତେ ଦେଖିଲେ ମଧ୍ୟ କାହାରି ମନ ମାନୁନଥାଏ ।

ମାଛି-ଅନ୍ଧାରକୁ ରଜାଙ୍କ ପାଲିଙ୍କି ବିମଳା ଛକ ପାରି ହୋଇଯାଇଥାଏ । ଲୋକଙ୍କ ଭିଡ଼ଭିତରୁ ଗୋଟାଏ ବୃଷାଳ ମଣିଷ କାହୁଁ ବାହାରି ଆସିଲା-ତାର ମୁଣ୍ଡଠଉଁ ଗୋଡ଼ ଯାଏ ଧଳା ଝଲମଲିଆ ପୋଷାକ । ଧଳା ପଗଡ଼ି । ପାଞ୍ଚହାତ ମଣିଷ । ସେ ଝପଟିଗଲା ପାଟଘୋଡ଼ା ପାଖକୁ । ସଇସ ହାତରୁ ଉଞ୍ଚୁ ନେଲା ଲଗାମ୍ । ଅନାୟାସରେ ଶୂନ୍ୟକୁ ଗୋଡ଼ ଫିଙ୍ଗି ବସିଗଲା ଘୋଡା ଉପରେ । ପର୍ବତ ପରି ଘୋଡ଼ା ଉପରେ ପର୍ବତ ପରି ଅଶ୍ୱାରୋହୀ ! ଧଳା ଘୋଡ଼ା ଭଲୁସିଲା । ଶହ ଶହ ଦେଖଣାହାରି ଆନନ୍ଦରେ ରୋଳ କଲେ । ସଇସ ହାତ ମଛି କାନ୍ଦିପକେଇଲା । ଶିଡେଇଗଲା ତା ଦେହ । ଧଳା ଘୋଡ଼ା ଶିଡେଇଲା । ଡେଇଁଲା ଶୂନ୍ୟକୁ । ସେ ମାଛି ଅନ୍ଧାରରେ ଝପଟିଗଲା ପାଟଘୋଡ଼ା ଉଜାଣି ସମୁଦ୍ର ପରି । ପାଟଘୋଡ଼ାର ବହୁ ଦିନର ଓରମାନ ମେଣ୍ଟିଲା । ଉଧୁଳିଲା ବଳବନ୍ତ ଲକ୍ଷଣମନ୍ତ ଧପ୍‌ଧପ୍ ଧଳା ଘୋଡ଼ା-ଆନନ୍ଦରେ ଡେଇଁଲେ ଦେଖଣାହାରି । ଘୋଡ଼ା ଟାପୁ ମିଳେଇଗଲା ଅଗନାଅଗ୍ନି ବନନ୍ତ ଆଡ଼େ ।

କିଏ ସେ ଧଳା ପାଗଭିଡ଼ା ପାଞ୍ଚହାତିଆ ବିଶାଳ ଅଶ୍ୱାରୋହୀ ?... ତାର ଦି'ହାତ ଓସାର ବୁକୁ । ଖମ୍ବ ପରି ଡେଣା । କିଏ କହୁଥିଲା ତାର କଳା ମଚମଚ ଦାଢ଼ି । ଦାଉଦାଉ ଦହକିଲା ଆଖି ।

ସେ କଣ ସେ ଖଣ୍ଡମଣ୍ଡଳରେ ସମସ୍ତଙ୍କ ପିଳେହି ପାଣି କରିଦେଉଥିବା ରାଣା ଡକେଇତ ? ସେ ମଣିଷଟାକୁ ବାଁହାତରେ ଶୂନ୍ୟକୁ ଫୋପାଡ଼ି ଦିଏ, ଖସିଲାବେଳକୁ ଦି'ଗଡ଼ କରିଦିଏ ଫାର୍ଶୀରେ...ରାଜାରାଜୁଡ଼ାଙ୍କ ଯମ ? ଠକ ବେପାରୀଙ୍କ କାଳଦଣ୍ଡ ?

ଲାଖବିନ୍ଧା ପଡ଼ିଆରୁ ଫେରନ୍ତି ବାଟରେ ଅଳ୍ପ ଅଳ୍ପ ଅନ୍ଧାରରେ କେତେ କେତେ ଗୁଜବ ଶୁଣାଗଲା-'ଆହେ ଶୁଣିଲଣି, ଜହ୍ନପକ୍ଷ ରାତିରେ ଅବିକଳ ଏମିତି ଧୋବ-ଫରଫର ପାଞ୍ଚହାତ ଉଚ୍ଚ ଛାଇଟାଏ ରାଣୀ ମହଲରେ ପହଁରୁ ଥିବାର ଜଗୁଆଳି ଦେଖିଛି । ସେ କୁଆଡ଼େ ଦେଖିଛି ପାଟରାଣୀଙ୍କ ପହୁଡ଼ଘର କବାଟ ନିଃଶବ୍ଦରେ ଫିଟିଗଲା, ଆଉ ଏ ଛାଇ ସେଇଠି ଅନ୍ତର୍ଦ୍ଧାନ ହେଇଗଲା ।

'ହେ ତୁନି ତୁନି କହ, କିଏ କ'ଣ ବୁଝିଯିବ ! କିଏ କ'ଣ ଯାଇ ଫୋଡ଼ିଦେବ ! ତା ଉଭାରୁ କାନ୍ଧ ଉପରୁ ଏ ମୁଣ୍ଡଖଣ୍ଡ ଝଡ଼ିପଡ଼ିବାକୁ କେତେ ଘଡ଼ି ? ମନେଅଛି ନା ସେ ବଗୁଲିଆ ଟୋକା ବରଜା କଥା-କୁଆଡ଼େ ତାକୁ ଟିକିଟିକି କରି ଫୋପାଡ଼ି ଦେଲେ ଏଇ ପାଟଘୋଡ଼ା ଉପରେ ଚଢ଼ିଥିଲା ବୋଲି ! ସେଦିନ ଯାହା ସେ ବରଜା ଚଢ଼ିଥିଲା ! ଆଜି ଯେ ଚଢ଼ିଲା ସେ କିଏ ?' ସେ ଅନ୍ଧାରରେ କିଏ ବଡ଼ପାଟିରେ କହିଲା, 'ଆହେ,

Digitized by srujanika@gmail.com

ଏଇଟା ମଧ୍ୟ ସେଇ ବଉଳା ନୁହେଁ ତ ? ସେଇ ଉଦ୍‌ବାଘୀ ଟୋକା କେବଳ ଏମିତି ଅସାଧ୍ୟ ସାଧିପାରେ ! ତରକିଥାଅ, ଦେଖିବ, ଏଇ ଶେଷକୁ ବଉଳା ବୋଲି ଜଣାପଡ଼ିବ ।'

ଘୋଳ ଉଠିଲା । ପିଆଦାମାନେ ଖେଦିଗଲେ ଦିଗବିଦିଗ । ଯେଉଁ ଦିଗରେ କିନ୍ତୁ ଘୋଡ଼ାକୁ ସେ ଉଡ଼େଇ ନେଇଥିଲା ସେ ଆଡ଼କୁ କେହି ମୁହାଁଉ ନ ଥାନ୍ତି । ସମସ୍ତଙ୍କର ଭୟ କାଳେ ଖାଣ୍ଡା ଉଳେଇଚ ହାବୁଡ଼େ ପଡ଼ିଯିବେ ।

ପିଆଦାଙ୍କୁ ପଠେଇଦେଇ ଅମଲା, ଅଫିସର, ମନ୍ତ୍ରୀ, ଉଆସର କଚେରି ଘରେ ମନମାରି ବସିଥାନ୍ତି । ରାଜା ଗର୍ଜୁଥାନ୍ତି ଭୋକିଲା ବାଘ ପରି । ଘୋଡ଼ାଚୋରକୁ ଧରି ନ ପାରିଲେ ସମସ୍ତଙ୍କ ମୁଣ୍ଡ କାଟ ହେବ । ଧରି ପାରିଲେ ତାକୁ ଜୀଅନ୍ତା ବେକ ପର୍ଯ୍ୟନ୍ତ ପୋତିଦେଇ ତା' ମୁଣ୍ଡଟାକୁ ରାଜା ସ୍ୱହସ୍ତରେ ଶିକାରୀ କୁକୁର ଲଗେଇ ଖୁଆଇବେ । ଏମିତି ତୁହାଇ ତୁହାଇ ଗର୍ଜିବାରୁ ରଜାଙ୍କୁ ଶୋଷକଲା । ସୁଯୋଗ ପାଇ ବବର୍ଚ୍ଚି ଭଲ ମାଲ୍ ବେଶି ଢେଣେଇ ଦେଲା । ରାଜା ବିଳିବିଳେଇଲେ । ମଝିରେ କିଛି ସମୟ କାନ୍ଦିଲେ । ତା'ପରେ ଚେତା ହାରି ଶୋଇଗଲେ । ରାଜା ଏମିତି ଗର୍ଜନ୍ତି, ଶୋଷକଲେ ପିଅନ୍ତି ଏବଂ ପିଇସାରି ଶୁଅନ୍ତି । ଏମିତି ଚାଲିଆସିଛି-ଚାଲିଥିବ ଏମିତି ଏ ରାଜୁତି-କେତେ କାଳ କେଜାଣି ।

ଶ୍ରୀହରି ପଟ୍ଟନାୟକ ଭାରି ସିଆଣିଆ ଲୋକ । ତାଙ୍କ ଘରକୁ ସବୁଦିନ ଖବରକାଗଜ ଆସୁଥିଲା । ସେ ଯୁଦ୍ଧ କଥା କହୁଥିଲେ ବଡ଼ପାଟିରେ । କିନ୍ତୁ ଲୋକ ଜାଣି ଫୁସ୍‌ଫୁସ୍ କରି କାନରେ କହୁଥିଲେ ଯେ, ରାଜ୍ୟ ବାହାରେ ଢେର୍ କଥା ହେଲାଣି; ଏସବୁ ରହିବ ନାହିଁ, ଭୁଷୁଡ଼ି ପଡ଼ିବ । ପାଟଘୋଡ଼ା ରଜା ଆୟତ୍ତରେ ନାହିଁ । ପାଟରାଣୀ ମଧ୍ୟ ଆୟତ୍ତରେ ନାହିଁ । ଏଥର ଯେ ଘୋଡ଼ା ଯାଇଛି, ସେ ଆଉ ଫେରିବ ନାହିଁ । ଏ ରାଜ୍ୟ ଇଜ୍ଜତ, ମାନସମ୍ମାନ, ଲକ୍ଷ୍ମୀ-ସବୁ ଗଲା ।

କିନ୍ତୁ ଆଶ୍ଚର୍ଯ୍ୟ କଥା... ପୁଣି ସେଇ ସକାଳ ପହରେ ଦେଖିଲା ବେଳକୁ ସିଂହଦ୍ୱାର ଜୁହା କବାଟରେ ପାଟଘୋଡ଼ା ବନ୍ଧା ହୋଇଚି । ଖୁବ୍ ହାଲିଆ ହୋଇଯାଇଛି-ରାତିଯାକ କେତେ ଅରଣ୍ୟ ବୁଲିଛି କେଜାଣି ? କିନ୍ତୁ ଖୁବ୍ ଖୁସି ହେଲା ପରି ଛନ୍‌ଛନ୍ ହେଉଚି । ନିଶା ଖାଇଲା ପରି ଭୂଇଁ ଖୁରଉଚି । ପାଟଘୋଡ଼ାର କ୍ଷୀରୋଦ୍ର ପାଟ ଦେହରେ ଅସଂଖ୍ୟ ସାର୍ଥକ ଫୁଲର ପାଖୁଡ଼ା । ଏଠି ସେଠି ସରୁ ସରୁ କଣ୍ଟା ଆଞ୍ଚୁଡ଼ାର ଦାଗ ।

ଯେ ସମସ୍ତଙ୍କ ଆଗରେ କଚାଳ୍ହାର ପାଟଘୋଡ଼ାକୁ ନେଇଯାଇପାରିଲା, ସେ କାହିଁକି ଆଣି ପୁଣି ଫେରାଇ ଦେଇଗଲା ? ସେଇ ପ୍ରବଳ ଆଶ୍ୱାରୋହୀ ହିଁ ଯା ପାଇ ଯୋଗ୍ୟ ସବାର । ସେ ହିଁ ରାଜା । ସେ ଚାହିଁଥିଲେ ତା ଉଆସକୁ ଏ ଲକ୍ଷ୍ମୀବନ୍ତ ଘୋଡ଼ାକୁ ନେଇଯାଇ ପାରିଥାନ୍ତା । ନେଲା ନାହିଁ କାହିଁକି ? କିଏ ସେ ଆଶ୍ୱାରୋହୀ ? ଏଡ଼େ ବଡ଼ ମଣିଷ ତ ଏ ରାଜ୍ୟରେ ନାହିଁ-ସେ କ'ଣ ଆଉ କୋଉ ରାଜ୍ୟରୁ ଆସିଥିଲା ? ସେ

Digitized by srujanika@gmail.com

ମଣିଷ ନା ଆଉ କିଏ ?....ଏ କ'ଣ ସେ ବୃଷାଙ୍କ ଧଳା ଛାଇ ଯେ ଜହ୍ନରାତିରେ ପାଟରାଣୀର ପହୁଡ଼ ଘର କବାଟ ପାଖରେ ଉଭାନ୍ ହୋଇଯାଏ ?

ପାଟଘୋଡ଼ା ପୁଣି ଫେରିଆସିଛି । ସମସ୍ତେ ଖୁସି । ସବୁଠୁ ବେଶି ଖୁସି ତା'ର ସଇସ । ଘୋଡ଼ା ରଖିଥିବ ପାଳିପୋଷି । ଦେହରୁ ମାଛି ଖସିପଡୁଥିବ । ଟିପ ବାଜିଗଲେ ଗଗନେ ଉଡ଼ିଯିବ ପକ୍ଷିରାଜ । କିନ୍ତୁ ତା' ପିଠିରେ ପାଟ ଗଦିଟା କାକର ହୋଇ ପଡ଼ିଥିବ ସବୁକାଳେ ଛି, କି ବା ମାଲିକପଣିଆ, ପୁରୁଷପଣିଆ, ରଜାପଣିଆ ଏ ରାଇଜରେ । ଛି...ଛି...ଛି...ଏଣୁ ସମସ୍ତେ ଖୁସି ଯେ ପାଟଘୋଡ଼ାକୁ ସେଭଳି ଅଶ୍ୱାରୋହୀ ଗୋଟାଏ କାହୁଁ ଆସି ନିଜ ବିକ୍ରମରେ ମର୍ଦ୍ଦିଗଲା ।

ଆଚ୍ଛା, ସେ ଧଳା ପାଗଭିଡ଼ା ପାଞ୍ଚହାତିଆ, ସାହସିଆ ପୁରୁଷ କ'ଣ ବରଜା ?

ଶେଷକୁ ଶ୍ରୀହରି ପଟ୍ଟନାୟକ ଯାହା କହୁଥିଲେ ତାହାହିଁ ହେଲା । ରାଜ୍ୟ ବାହାରୁ ନୂଆ ନୂଆ ମଣିଷମାନେ ଆସିଲେ । ଚତୁର କୁହାଳିଆ ଧଳା ଧଳା ଖଦିପିନ୍ଧା ମଣିଷ । ନୂଆ କଥା କହିଲେ । ସଭା ସମିତି କଲେ । ବିଚ୍ ବଜାର ଉପରେ ରଜାଘର ଗୋଇ ଖୋଳା ହେଲା । ଟୋକା, ବୁଢ଼ା ସମସ୍ତେ ମିଳି ହାତରେ ଝଣ୍ଡା ଧରି ଧାଡ଼ି ଧାଡ଼ି ହୋଇ ଚାଲିଲେ । ଏକାସାଙ୍ଗରେ କ'ଣ ସବୁ ପାଟିକଲେ । ସମସ୍ତେ ସୂତା କାଟିଲେ । ସମସ୍ତେ ଦେଖିଲେ ଖବରକାଗଜ ।...ଦିନେ ପାଟିତୁଣ୍ଡ ଗୁଳି ଗର୍ଜନ ଭିତରେ ଗୋଳ ଉଠିଲା ଯେ ରଜା ନାହିଁ କି ରାଜ୍ୟ ବି ନାହିଁ । ବାଡ଼ ଭାଙ୍ଗିଗଲା । ଭୁଷୁଡ଼ି ପଡ଼ିଲା ଅନେକ କଳା କଳା ପୁରୁଣା କାନ୍ଥ ।

ଏଣିକି ସବୁ ସର୍କାର କଥା । ଉଆସ କୋର୍‌ଖି ହେବ, ଜିନିଷ ନିଲାମ ହେବ । ନେତାମାନେ ଉଆସ ଦଖଲ କରିବେ । ଫାଳକରେ ଗୋଦାମ ହେବ; ଆଉ ଫାଳକରେ ସେମାନେ ରହିବେ । ରଜାର ପଲଙ୍କ ଉପରେ ଖଦି ବିଛେଇ ଶୋଇବେ । ପାଟଘୋଡ଼ାର ସଇସ ବଡ଼ ଆଶା କରି ସେ ଖୁରୁମୁସିଆ ମଣିଷମାନଙ୍କୁ ଚାହିଁଲା । ସମସ୍ତେ କେବଳ ଦୂରରୁ ସେ ଘୋଡ଼ାକୁ ଦେଖୁଥାନ୍ତି । କ'ଣ ସବୁ କାଲୁରୁ କାଲୁରୁ କହୁଥାନ୍ତି । ଧେତ୍, ଏଗୁଡ଼ାକୁ କେହି ହେଲେ ମାଲିକପଣିଆକୁ ଭାଜନ ନୁହନ୍ତି ଭାବିଲା ସଇସ । ସେ ପାଟଘୋଡ଼ାର ବେକ ଆଉଁଷି ଦେଉଥାଏ । ତାକୁ ଶୁଭିଲା କିଏ ବଡ଼ପାଟିରେ ଡାକୁଛି, 'ଆବେ, ସେଠି କାହିଁକି ଅଛୁ ? ଆଡ଼ହେଇଯା, ଏ ଘୋଡ଼ା ନିଲାମ ଡକା ହେବ !' ସଇସ ଟିକିଏ ସିଆଡ଼େ ଚାହିଁ ପୁଣି ଘୋଡ଼ା ଉପରେ ହାତ ମାରିଲା । ମନକୁ ମନ କହିଲା, "ଡାକୁନ ଯାହା ଡାକିବାର ! ତମ ହାତରେ ଆଉ କ'ଣ ହେବ କି ! ଆସିଲ ଦେଖି, କେହି ଯଦି ଅଛ ସେମିତି ବାପର ପୁଅ ! ଏ ଘୋଡ଼ା ପିଠିରେ ଥରେ ବସିଯାଅ ।"

ସମସ୍ତେ ରଡ଼ିଛାଡ଼ି ଡାକିଲେ । ଏଣିକି ଏ ସମସ୍ତେ ତା'ମାଲିକ । ଇସ୍, ଏତେ ମାଲିକ ତା'ର, ଆଉ ଏତେ ମାଲିକ ଏ ଘୋଡ଼ାର ? ସେ ଟିକିଏ ଘୁଞ୍ଚିଗଲା । ତାକୁ ଧରିପକେଇ ସେମାନେ ଖୁବ୍ ବାଡ଼େଇଲେ । ଧକିଆ ମାରି ଭିଡ଼ିନେଇଗଲେ । ନାଗ

Digitized by srujanika@gmail.com

ଫଣା ଟେକିଲା ପରି ରଙ୍ଗାଘୋଡ଼ା ତାକୁ ଚାହିଁଥାଏ ଉଚ୍ଚରୁ । ଫୁଁଫୁଁକାର କରୁଥାଏ । ଭିଡ଼ିହେଉଥାଏ...

ସେଦିନ ସଞ୍ଜବେଳେ ଶୁଣାଗଲା ଯୋଗୀ ପୋହଳାବାଲା ସେ ଘୋଡ଼ାକୁ ଚାଳିଶ ଟଙ୍କାରେ କିଣିନେଲା । ବାକି ସମସ୍ତେ ଓହରିଗଲେ ଭୟରେ । ସେତେ ବଡ଼ ଜନ୍ତୁକୁ ପୋଷିବାକୁ କାହାରି ସାହସ ହେଲା ନହିଁ । ଯୋଗିଆ ବେପାରୀ । ପୁରୁଣା ଅଖା, କାଚ ମାଳି, ମୁଦି, ତେଲ, ସାବୁନ, ଦର୍ପଣ, ପାନିଆ ସାଙ୍ଗକୁ କିଛି ରସ-ବାସନ ନେଇ ହାଟରୁ ହାଟକୁ ସେ ଯାଏ । ତା'ର ଦୋମିଶା ଗଧଡ଼ ଘୋଡ଼ା ବୁଢ଼ା ହେଇ ଦୁଇଦିନ ହେବ ମରିଯାଇଥାଏ । ସେ କିଣିଲା ପାଟଘୋଡ଼ା । ଖୁବ୍ ମଜ୍‌ବୁତ୍ ଜାନୁଆରଟାଏ ପାଇଲା । ଏଣିକି ଢେର୍ ମାଲ୍ ଲଦି ପାରିବ ।

ସରକାର ବି ଖୁସି ହେଇଗଲେ । ଗୋଟାଏ ଦାୟ ଗଲା ! ଏଡ଼େ ବଡ଼ ଘୋଡ଼ାଟାଏ ଥାଇ କ'ଣ ହେଇଥାନ୍ତା ? ରାଜା-ରାଜୁଡ଼ାର ଚିହ୍ନ ଗଲା-ଭଲ ହେଲା ! ସେହିଭଳି ହାତୀ ଛତି ନିଲାମ କରି ଟଙ୍କା ଜମା କରିଦେଲେ । ନିଲାମ ଭଳି ଏତେ ସହଜ ଆଉ ନିର୍ଦ୍ଦୋଷ ଉପାୟ ନ ଥିଲେ କ'ଣ କରିଥାନ୍ତେ ସର୍କାର ସତେ ! -କହୁଥିଲେ ଶ୍ରୀହରି ପଟ୍ଟନାୟକ ।

ସହରର ରାଜରାସ୍ତା କଡ଼ରୁ ଗଛ ସବୁ ପ୍ରାୟ ହଣା ହୋଇଗଲା । ରାଣୀବଗିଚାରେ ଗାଈ, ଘୁଷୁରି ଗୋଠ ପଶିଗଲେ । ପଥର ମୂର୍ତ୍ତି ସବୁ ସେ ଭିତରୁ କୁଆଡ଼େ ଉଭେଇଗଲେ । ପଦ୍ମପୋଖରୀରୁ ପାଣି ଶୋଷିହୋଇଗଲା । ହାଟରେ ବାଟରେ ନୂଆ ଲୋକ, ନୂଆ ଡାକ, ନୂଆ ମୁହଁ... ସବୁ କେମିତି ଘାଇଁ ଘାଇଁ ବଦଳିଗଲା । ଦିନ ଦି'ପହରଟାରେ କାଉଁକାଉଁଆ ଖରାବେଳେ ନିଶାରେ ଟଳି ଟଳି ପହରାବାଲା ବଜାର ଉପରେ ରଡ଼ିଛାଡ଼ିଲା, "ବସ୍ତିବାଲେ...ହୁସିଆର... ହୁସିଆର !"

ଛପରଲି ଛୋଟ ଛୋଟ ଧାଡ଼ିବନ୍ଧା ଘରଗୁଡ଼ିକ ବଙ୍କା ବଙ୍କା ହୋଇ ନଇଁଗଲେ, ଲେପଟି ଗଲେ ବୁଢ଼ୀଗାଇ ପରି । ନିରିମାଖି ମଣିଷଗୁଡ଼ାକ ସେମିତି ବାଲୁବାଲୁ ଚାହିଁ ରହିଲେ ମେଲାମୁହାଁଣିଆ ଅଗଣାମାନଙ୍କୁ । ସେଇଠୁ ଘୁମୁରୁଥିବା ଗୁଡ଼ିଏ ପରିଚିତ ପାରା ହୁସ୍‌କିନା ଉଡ଼ିଗଲେ କାହିଁ କୁଆଡ଼େ । ପର୍ବପର୍ବାଣି, ଯାନିଯାତ୍ରା ସବୁ ଉଡ଼ିଗଲେ ! କୁଆଡ଼େ ଗଲେ ସତେ ?

କୁଆଡ଼େ ଗଲା ସେ ଅଷାଣ୍ଢୁଆ ବରଜା ? ଅନେକଙ୍କର ବିଶ୍ୱାସ ଯେ, ସେ ହିଁ ଏ ବହିଗଲା ସୁଅକୁ ରୋଧିପାରନ୍ତା । ପାଟଘୋଡ଼ାର ସେ ଅଶ୍ୱାରୋହୀ ପାଇଁ କିଛି ଅସାଧ ନାହିଁ । ସେ ଧଳାପାଗଭିଡ଼ା ବୃଷାଛିଆ ମର୍ଦ୍ଦ ଚାହିଁଲେ ଜାଣି ଆଙ୍ଗୁଠିରେ ପର୍ବତ ଟେକି ଧରିପାରେ । କାହିଁ ବରଜା..କାହିଁ ବରଜନାଥ ? ସେ କ'ଣ ଆଉ ଏ ରାଜ୍ୟକୁ ମନେପକାଉନାହିଁ ?

Digitized by srujanika@gmail.com

କିଏ କହୁଥିଲା ଯେ ଯୋଗୀ ପୋହଳାବାଲା ପାଟଘୋଡ଼ାକୁ ମଣ କରିବାକୁ ତିନିଦିନ କାଳ ତାକୁ ଖାଇବାକୁ ଦେଲା ନାହିଁ । ନିମ୍ବ ଗଛରେ ବାନ୍ଧି ଖାଲି ବାଡ଼େଇଲା । କ୍ଷୀରୋଦ୍ର ପାଟ ପରି ଝଲମଲ ସେ ଦେହଯାକରେ ବାଉଁଶଠେଙ୍ଗାର କାଦୁଅ ଦାଗ । ଠାଏ ଠାଏ ନୋଳା-ଫଟା ରକ୍ତ ।

ପାଟଘୋଡ଼ା ଉଧୁଳିଲା । ନଡ଼ିଆକତାର ଦଉଡ଼ି ତା' ବେକରେ ରକ୍ତ ଜୁଡୁ ବୁଡୁ ହୋଇ ଗହୀରକୁ ଗହୀରକୁ ଘା' କାଟିଗଲା । ଯୋଗୀଆ ଦୂରରୁ ଫାନ୍ଦ ଫିଙ୍ଗି ଘୋଡ଼ାର ଗୋଡ଼କୁ ବାନ୍ଧିଦେଲା । ଚାରି ଖୁରାକୁ ଏକାଠି କରିଦେଲା ।

ଚାରିଦିନ ଉପାସରେ ପାଟଘୋଡ଼ା କୁଢ଼େଇ ହୋଇ ପଡ଼ିଲା କାଦୁଅରେ । ଗଜଦନ୍ତ ଚାମର ପରି ତା'ର ଲାଞ୍ଜ ବୁଡ଼ିଗଲା କାଦୁଅରେ ।

...ଯା ପରେ ହାଡୁଆ, ଡଣାଖିଆ, ନହକିଆ, ଉଚ୍ଚ ଘୋଡ଼ାଟିଏ ତା'ପିଠି ଉପରେ ପୁରୁଣା ଅଖାର ବିରାଟ ବୋଝ ବୋହି ରୋଗିଣା କୁକୁର ପରି ଗୋହାରି ଦାଣ୍ଡରେ ଝପର ଝପର ଧାଇଁଲା ହାଟରୁ ହାଟକୁ । ତା'ବେକରେ, ଫଡ଼ିଆରେ ଲସା ରକ୍ତ ଝରାଉଥିବା ଘା' । ତା'ବର୍ଣ୍ଣ କାଦୁଆ, କଷୁଟିଆ । ତା'ଲାଙ୍ଗୁଡ଼ ମୁଣ୍ଡି ଛାଞ୍ଚୁଣୀ ପରି ଥୁଣ୍ଟା । ତା' ବାଲୁରା ମୁଣ୍ଡ ସବୁବେଳେ ତଳକୁ ।

ଯୋଗିଆ ଦିନବେଳେ ହାଟକୁ ଯାଏ, ଫେରିଆସେ ସଞ୍ଜବେଳେ । ଘୋଡ଼ାର ଆଗଗୋଡ଼ ଯୋଡ଼ାକୁ ଏକାଠି ବାନ୍ଧି ତାକୁ ଛାଡ଼ିଦିଏ ତା'ର ଘର ସାମ୍ନା ସନ୍ତସନ୍ତିଆ କ୍ଷେତରେ । ସେଇଠି ରାତିଯାକ ଅନ୍ଧାରରେ ଘୋଡ଼ା ଘାସ ଚରେ । ତିନି ଗୋଡ଼ରେ କାଦୁଅରେ ଡପ ଡପ, ଚବର ଚବର ଚାଲୁଥିବା ଶବ୍ଦଟାଏ ସାଇପଡ଼ିଶା ଶୁଣନ୍ତି ।

ପାଟଘୋଡ଼ାର ସଇସ ତା' ଘର ବିକିଦେଇ ଯୋଗିଆଠାରୁ ରଙ୍ଗାକୁ କିଣି ନେଇଥାନ୍ତା । ଯୋଗିଆ କିନ୍ତୁ ବେପାରୀ...ମାଗିଲା ଚାରିଶହ ଟଙ୍କା । ସଇସ କାନ୍ଦିପକାଇଲା । କହିଲା, ସେ ଯୋଗିଆ ପାଖରେ ଚାକର ହୋଇ ମାହାଳିଆ ଖଟିବ, ପାଳିବ ତା' ପାଟଘୋଡ଼ାକୁ । ଯୋଗିଆ କିଛି ନ ଶୁଣି ତାକୁ ତଡ଼ିଦେଲା । ସଇସ ଯେଗିଆର ତୋଟିକୁ ଧରି ଦୁହିଁଦେଇଥା'ନ୍ତା । ତାକୁ ପିଆଦା ଭିଡ଼ିନେଲେ । ତାକୁ ଘୋଷାରି ନେଲାବେଳେ ସେ ପାଟିକରି କହୁଥାଏ ତା ଘୋଡ଼ାକୁ, "ରହିଥା ରାଜା, ତୋ ମାଲିକ ନିଶ୍ଚେ ଆସିବ । ସେ ବାଘ ଏ ସମସ୍ତଙ୍କୁ ଚୋବେଇ ଖାଇଯିବ । ତୋତେ ନିଶ୍ଚେ ମୁକୁଳେଇ ନେବ । ସେ ତେତେ ଭଲପାଏ । ମୋ'ଠୁ ବି ବେଶି ଭଲପାଏ !"

ଏବେ କେତେଦିନ ହେଲା ରାତି ଅଧ ହେଲେ ଗୋଟାଏ ଘୋଡ଼ା ଧାଇଁବାର ଶବ୍ଦ ଶୁଭୁଛି । ହୁରି ପଡ଼ିଯାଇଛି ଯେ ରାଣା ଡକେଇତ ତା' ପାରିଧିରେ ବାହାରିଛି । ସାରା

Digitized by srujanika@gmail.com

ସହର ନାବାଳକ ପରି କାନ ଡେରି ଛେପ ଢୋକୁଛି, ନିଃଶ୍ୱାସ ସୁଦ୍ଧା ମାରୁନାହିଁ । ରାଜରାସ୍ତାରେ ମାଲିକପଣିଆର ଓଜନିଆ ଟାପୁଶବ୍ଦ.....ଟପ୍, ଟପ୍ ଟପ୍, ଟପ୍ । ସେ ବି ବେଶି ବେଳ ନୁହେଁ । ଘେରାଏ ବୁଲିଦେଇ କିଏ ଯେମିତି କ'ଣ ଖୋଜୁଛି- ପାଉନାହିଁ ବୋଲି ଫେରିଯାଉଛି । ରାତି ପରେ ରାତି ସେଇ କଥା ।

କାଲି ଗଲା ଶ୍ରାବଣ-ପୂର୍ଣ୍ଣିମା । କାଲି ରାତିରେ ଘୋଡ଼ାଟାପୁ ଘାଉରେଇ ହେଲା ଯୋଗୀ ପୋହଳାବାଲାର ଘର ପାଖରେ । ଭୁସ୍‌ଭାସ୍ ଶବ୍ଦ ହେଲା । କ'ଣ ଗୁଡ଼ାଏ କୁଢ଼େଇ ହେଇଗଲା, ଭୁଷୁଡ଼ି ପଡ଼ିଲା, ଛିନ୍‌ଛତ୍ର ହେଇ ଚୁଣି ହେଇଗଲା । ଘୋଡ଼ାଟାପୁ ଅପସରି ଗଲା ଦଶହରା ପଡ଼ିଆଠାରୁ ଅଗନାସ୍ତି ବନସ୍ତ ଭିତରକୁ ।

ସକାଳୁ ଝପ୍ ଝପ୍ ବର୍ଷା । ପାଣି କାଦୁଅରେ ହାମୁଡ଼ି ପଡ଼ି ବେକ ଲମ୍ବେଇ ଦେଇଛି ଯୋଗିଆର ଘୋଡ଼ା...ବୁଢ଼ା ହଡ଼ା ପରି ଅସନା ଜନ୍ତୁଟାଏ ।

ଯୋଗିଆର ଘର ଖିନ୍‌ଭିନ୍ । ତା'ର କାନ୍ଥ ନାହିଁ, ଛାତ ନାହିଁ । ଚାରିଆଡ଼େ ଚୁଣି ହୋଇଯାଇଛି ମୁଦି, ମାଳି, ଦର୍ପଣ । ବଣୁଆ ହାତୀଟାଏ ପଶି ମର୍ଦ୍ଦିଦେଇ ଯାଇଛି ଯୋଗିଆର ଅଯୋଗ୍ୟପଣକୁ । ପ୍ରଚଣ୍ଡ ଖଣ୍ଡିଆ-ଭୂତଟାଏ ମଛିଦେଇଛି ସେ ଖଣ୍ଡମଣ୍ଡଳକୁ ।

ମଲା ଘୋଡ଼ା ପିଠିରେ ମଲା ମଣିଷଟାଏ ତାକୁ କୁଣ୍ଢେଇଲା ପରି ଚାରିକାତ ମେଲି ପଡ଼ିଛି । ତା କାନ୍ଧରେ ମୁଣ୍ଡ ନାହିଁ । ଛୋଟିଆ ଖୁରୁମୁସିଆ, ମସିଆପିନ୍ଧା ଅଯୋଗ୍ୟ ଯୋଗିଆଟାଏ ।

ଶ୍ରାବଣ-ପୂର୍ଣ୍ଣିମାର ଅଧରାତିରେ ବର୍ଷା ଛେଚିଲା ବେଳେ କିଏସେ ସେମିତି ସିଂହପରି ଗର୍ଜୁଥିଲା ? ପଡ଼ିଶାଘର କବାଟ ଫାଙ୍କରୁ ଦିଶୁଥିବା ଧପ୍‌ଧପ୍ ଧଳା ଭୂତଟାଏ ଭଳି କିଏ ସେ ଅର୍ଘା ପାଞ୍ଚହାତିଆ ମଣିଷ ? ...କିଏ ସେ ଉନ୍ମତ୍ତ ଅଶ୍ୱାରୋହୀ !

ଆମର ଏବେ ମଧ୍ୟ ବିଶ୍ୱାସ ଯେ ଏଭଳି ଅସାଧ୍ୟ ସାଧିବାକୁ ସେଇ ମାତ୍ର ଗୋଟାଏ ପୁଅ ଜନ୍ମ ହେଇଚି ଏ ରାଜ୍ୟରେ । ସେ ହିଁ ଆକୁଆଳରେ ଛପିଛି । ସେ ହିଁ ପାଟଘୋଡ଼ାର ସୁଯୋଗ୍ୟ ପ୍ରେମିକ ଅଶ୍ୱାରୋହୀ !

ଚନ୍ଦ୍ରଶେଖର ରଥ

◆ ◆ ◆

Digitized by srujanika@gmail.com

ସବୁଠାରୁ ଦୀର୍ଘ ରାତିରେ ଚନ୍ଦ୍ରଶେଖରଙ୍କ ଗଳ୍ପମାନସ

ଡଃ କୃଷ୍ଣଚନ୍ଦ୍ର ପ୍ରଧାନ

ସତୁରି ଦଶକ ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟରେ ଚନ୍ଦ୍ରଶେଖର ରଥ ଏକ ବହୁପରିଚିତ ନାମ । ଆଧୁନିକ ମଣିଷର ଆଶାହତ ବ୍ୟାକୁଳ ଜୀବନର ହାହାକାର ଓ ତନ୍ମଧ୍ୟରେ ନିହିତ ସାର୍ବଜନୀନ ମାନବାତ୍ମାର କରୁଣ ବିଳାପ ସମ୍ବେଦନଶୀଳତାର ସ୍ପର୍ଶନେଇ ତାଙ୍କ କଥା ସାହିତ୍ୟକୁ କରିଛି ଋଦ୍ଧିମନ୍ତ । ଯୁଗ ଯୁଗ ଧରି ଦୋହଲି ଯାଉଥିବା ବିଶ୍ୱାସ ହୀନ ପୃଥିବୀରେ ସେ ତାଙ୍କର ଗଳ୍ପ ମାଧ୍ୟମରେ ଶୁଣାଇଛନ୍ତି ଆଶାର ବାଣୀ । ଜୀବନପ୍ରତି ଉଦାର ଦୃଷ୍ଟିଭଙ୍ଗୀ, ଭାରତୀୟ ସଂସ୍କୃତିର ସୁମହାନ୍ ପରଂପରା, ରହସ୍ୟାବୃତ ଜୀବନର ଆବରଣ ଉନ୍ମୋଚନ, ଚିରନ୍ତନ ମଣିଷର ବିଶ୍ୱାସ ବୋଧ ଓ ସ୍ୱପ୍ନଭଙ୍ଗ, ରସୋଚ୍ଛଳ ତଥା ପ୍ରାଣବନ୍ତ ଶୈଳୀ, ଚିତ୍ରକଳ୍ପ ସୃଷ୍ଟିରେ ସ୍ୱାଭାବିକତା, ବିଷୟବସ୍ତୁ ନିର୍ବାଚନରେ ପରିମିତି ବୋଧ, ସର୍ବୋପରି ପ୍ରକାଶଭଙ୍ଗୀରେ ସ୍ୱଚ୍ଛତା ତାଙ୍କ ଗଳ୍ପଗୁଡ଼ିକର ଅନନ୍ୟ ସାଧାରଣ ବୈଶିଷ୍ଟ୍ୟ । ପରିବେଶ ସହିତ ଖାପ ଖୁଆଇ ଚରିତ୍ରମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିବାରେ ସେ ସିଦ୍ଧହସ୍ତ । ବିଷୟୋପଯୋଗୀ ନିର୍ବାଚିତ ଭାଷା ପ୍ରୟୋଗ ସହିତ ସଂହତ, ନିର୍ଦ୍ଦିଷ୍ଟ, ରସୋଚ୍ଛଳ ଶବ୍ଦମାନଙ୍କର ବିଚରଣ ନିମିତ୍ତ ତାଙ୍କ କଥା ସାହିତ୍ୟ ଅଙ୍ଗନ ସର୍ବଦା ଉନ୍ମୁକ୍ତ । ଜୀବନପ୍ରତି ବିସ୍ତୃତ ଦୃଷ୍ଟିଭଙ୍ଗୀ,ଅନ୍ତଃହୀନ ଜୀବନ ଜିଜ୍ଞାସା,ଉତ୍ତରିତ ଆତ୍ମିକ ଉପଲବ୍ଧି ମଧ୍ୟରେ ଜଗତର ବାସ୍ତବ ସତ୍ୟକୁ ଇଙ୍ଗିତରେ ପ୍ରକାଶ କରିବା କ୍ଷେତ୍ରରେ ତାଙ୍କ ଗଳ୍ପଗୁଡ଼ିକର ବୈଶିଷ୍ଟ୍ୟ ପ୍ରତିପାଦିତ । ଗଳ୍ପର ଉପସଂହାରରେ ଉପନୀତ ହୋଇବି ଏକ ଅତୃପ୍ତିବୋଧ ପାଠକ ପ୍ରାଣକୁ ଶେଷ ପର୍ଯ୍ୟନ୍ତ କବଳିତ କରିଥାଏ । ରବୀନ୍ଦ୍ର ନାଥଙ୍କ "ମନେ ହବେ ଶେଷ ହଇ,ହୟଲନା ଶେଷ" ମତର ସାର୍ଥକତା ଚନ୍ଦ୍ରଶେଖରଙ୍କ ଅଧିକାଂଶ ଗଳ୍ପରେ ପ୍ରମାଣିତ । ଅନେକ କୁହା ମଧ୍ୟରେ ବହୁ ଅକୁହାଭାବ ପାଠକକୁ ଯେପରି ସ୍ତବ୍ଧ କରେ, ସେହିପରି ଗଳ୍ପର ଅଚାନକ ପରିଣତି ଏକ ଅଦ୍ଭୁତ ଆର୍ଦ୍ରତାରେ ପାଠକର ପ୍ରାଣକୁ ବିଗଳିତ କରେ । ଚନ୍ଦ୍ରଶେଖରଙ୍କ ଗଳ୍ପ ଗୁଡ଼ିକର ଏହି ବିଶେଷତ୍ୱହିଁ ସମକାଳୀନ ଓ ପୂର୍ବସୂରୀମାନଙ୍କଠାରୁ ତାଙ୍କୁ ସ୍ୱତନ୍ତ୍ର କରି ଚିହ୍ନାଇ ଦିଏ ।

୧୯୭୦ ମସିହାପରେ ଶ୍ରୀଯୁକ୍ତ ରଥ ଓଡ଼ିଆ ଗଳ୍ପସାହିତ୍ୟରେ ଆବିର୍ଭାବ ଲାଭ କରିଥିଲେହେଁ, ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦିଗରୁ ଏହି ବିଭାଗଟିକୁ ବେଶ୍ ସମୃଦ୍ଧିଶାଳୀ କରିପାରିଛନ୍ତି । 'ଅନେକ ବନ୍ୟାପରେ', 'ଅଶ୍ୱାରୋହୀର ଗଳ୍ପ', 'ସମ୍ରାଟ ଓ ଅନ୍ୟମାନେ', 'ଅନ୍ୟଏକ ସକାଳ','ସବୁଯାକ ସ୍ୱପ୍ନ', 'ବାଘସବାର',

Digitized by srujanika@gmail.com

'ଏତେ ପାଖରେ ସମୁଦ୍ର', 'ବିକ୍ରିପାଇଁ ଫୁଲମାଳ','ସହଯାତ୍ରିକ', 'ସ୍ୱପ୍ନବାହକ', 'ସବୁଠାରୁ ଦୀର୍ଘରାତି' ଆଦି ଗଳ୍ପସଂକଳନ ଗୁଡ଼ିକ ତାଙ୍କ ପ୍ରତିଭାର ଉଜ୍ଜ୍ୱଳ ସ୍ମାରକୀ । ସେ ତାଙ୍କର କ୍ଷୁଦ୍ରଗଳ୍ପ ସୃଷ୍ଟି ନିମିତ୍ତ ସାରଳା ପୁରସ୍କାର ଓ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବହୁ ବିଭବ ତାଙ୍କ ସୃଷ୍ଟିରେ ବର୍ତ୍ତମାନ । ମଣିଷ ଜୀବନରେ ଚିରନ୍ତନ ଭାବସତ୍ତାଟିକୁ ଉଖାରିନିଖାରି ଦେଖିବାର ଦୃଷ୍ଟି ତାଙ୍କ ଗଳ୍ପ ଗୁଡ଼ିକୁ କାଳଜୟୀ କରିପାରିଛି । ସାମାଜିକ ଜୀବନରେ ପ୍ରତିନିୟତ ନିଷ୍ଠୁର ବାସ୍ତବତାକୁ ସମ୍ମୁଖୀନ ହୋଇ କ୍ଷତବିକ୍ଷତ ହେଉଥିବା ମଣିଷର ତୀବ୍ର ଅନୁଭୂତିହିଁ ତାଙ୍କ ସୃଷ୍ଟିର ଉପଜୀବ୍ୟ ଉପାଦାନ । ତେଣୁ ସେ ତାଙ୍କ ଗଳ୍ପ ସଂପର୍କରେ ''ଆତ୍ମକଥନ''ରେ କୁହନ୍ତି-''ଜୀବନ ଯାତନା ବିଡ଼ମ୍ବନା, ନୈରାଶ୍ୟ, ବ୍ୟର୍ଥତା ସହିତ ଅତି ବିସ୍ତୃତ ଆପଣାପଣ, ମଞ୍ଜାପାକଳ ମଣିଷର ଧୈର୍ଯ୍ୟ, ସହନଶୀଳତା, ଉଦାରପଣ ପୁଣି ତାର ସ୍ୱାର୍ଥପରତା, ଶଠତା, କପଟାଚାର ମୋତେ ଖୁବ୍ ଦୋହଲାଇଛି ।'' ସେଥିପାଇଁ ତାଙ୍କର ପ୍ରତିଟି ଗଳ୍ପ ସାମାଜିକ ଅଙ୍ଗୀକାରବଦ୍ଧ । ସମାଜର ଉର୍ବର ଭୂମିରୁ ସାର ସଂଗ୍ରହକରି ତାଙ୍କର ଗଳ୍ପଗୁଡ଼ିକ ଗୋଟିଏ ଗୋଟିଏ ମହୀରୁହ । ଜୀବନକୁ ବାଦ୍ ଦେଇ ତାଙ୍କ ଗଳ୍ପଗୁଡ଼ିକର ଆଲୋଚନା ସଂପୂର୍ଣ୍ଣ ଅକଳ୍ପନୀୟ ।

ବିଭିନ୍ନ ସ୍ୱାଦର ବାରଟି ଗଳ୍ପକୁ ନେଇ ଗଳ୍ପ ସଂକଳନ । 'ସବୁଠାରୁ ଦୀର୍ଘରାତି'ର କଳେବର ପରିପୁଷ୍ଟ । ଏହି ସଂକଳନଟି ପାଇଁ ସେ ଲାଭ କରିଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ସଂକଳନର ପ୍ରଥମ ଗଳ୍ପ ନାମାନୁଯାୟୀ ପୁସ୍ତକର ନାମକରଣ ହୋଇଛି । ସବୁଠାରୁ ଦୀର୍ଘରାତି । ଗୋଟଏ ରାତି ମଣିଷ ଜୀବନର କେତେ ସ୍ୱପ୍ନକୁ ଭାଙ୍ଗି ଟୁକୁରା ଟୁକୁରା କରିଦିଏ, ତାର ଜ୍ୱଳନ୍ତ ନିଦର୍ଶନ ଉକ୍ତ ଗଳ୍ପଟି । ନିମ୍ନ ମଧ୍ୟବିତ୍ତ ପରିବାରର ଅସହାୟତା ଓ ଆର୍ଥିକ ଦୁରବସ୍ଥାର ଚିତ୍ର ଏଥିରେ ପ୍ରତିପାଦିତ ହୋଇଥିଲେହେଁ, ତା'ଠାରୁ ଅଧିକ ଚମତ୍କାରିତା ଲାଭ କରିଛି ରାଜୁର ମାନବିକତା । ରାଜୁ ଚରିତ୍ର ମଧ୍ୟରେ ସତେଯେପରି ଉତ୍କଳମଣି ଅବତରି ଯାଇଛନ୍ତି ପୁଣିଥରେ ଅସହାୟ ଓଡ଼ିଶାରେ । ସ୍ରଷ୍ଟା ହୃଦୟର ସମସ୍ତ ସହାନୁଭୂତି ଓ ସମ୍ବେଦନା ଲାଭକରି କାର୍ ଡ୍ରାଇଭର୍ ରାଜୁ ଗୋଟିଏ କ୍ଲାସିକ୍ ଚରିତ୍ରରେ ପରିଣତ ହୋଇଯାଇଛି । ଜୀବନ ସଂଗ୍ରାମରେ ବାରମ୍ବାର ପରାହତ ରାଜୁ କୌଣସି କାଳେ ଜୀବନ ବିମୁଖୀ ହୋଇ ପଡ଼ିନାହିଁ । ବରଂ ସମସ୍ତ ନିଷ୍ଠୁର ବାସ୍ତବତା ସତ୍ତ୍ୱେ ବଞ୍ଚିବାପାଇଁ ସେ ତାର ସଂଗ୍ରାମ ଜାରି ରଖିଛି । ନିଜର ପୁତ୍ର ସନ୍ତାନ ମୃତ୍ୟୁକୁ ଅପେକ୍ଷା କରିଥିବା ସମୟରେ, ମାନବିକତାର ଅନୁରୋଧରେ ପ୍ରସବ ଯନ୍ତ୍ରଣାରେ କଷ୍ଟ ପାଉଥିବା ଆଉ ଏକ ନାରୀର ବେଦନା ଉପଶମ କରିବାକୁ କାରରେ ଡାକ୍ତରଖାନା ବୋହିନେବା କମ୍ ମାନସିକତାର ପରିଚୟ ଦିଏ ନାହିଁ । ପୀଡ଼ିତ ସନ୍ତାନ ଏବଂ ପରିବାର ଉଦ୍ଦେଶ୍ୟରେ ସେଦିନର ସମସ୍ତ ଆୟ ଅକୁଣ୍ଠ ଚିତ୍ତରେ ବ୍ୟୟ କରିଛି ଯନ୍ତ୍ରଣାକାତରା ନାରୀଟି ପାଇଁ । ମଣିଷର ମାନବିକତା ଓ କର୍ତ୍ତବ୍ୟବୋଧ ତାକୁ ଅଟକାଇ ଦେଇଛି

Digitized by srujanika@gmail.com

ଦୀର୍ଘରାତି ଡାକ୍ତରଖାନାରେ । ହୁଏତ ସେପରି ଏକ ପରିସ୍ଥିତର ସମ୍ମୁଖୀନ ହୋଇନଥିଲେ ତା'ଜୀବନର ଗତି ଅନ୍ୟପ୍ରକାର ହୋଇ ପାରିଥାନ୍ତା । ତା'ଆଖିରେ ଆଉଟୁପାଉଟୁ ହେଉଥିବା "ଟୋକାଟା କ'ଣ ଗୋଟାଏ ବଡ଼ ଲୋକ ହୋଇଥାନ୍ତା" ସ୍ୱପ୍ନଟି ହୁଏତ ସାକାର ହୋଇ ପାରିଥାନ୍ତା । ଭାଗ୍ୟ ଓ ଭଗବାନଙ୍କ ପରେ ବିଶ୍ୱାସୀ ସମାଜର ଏହି ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ନିଜର ଦୁଃଖ ଏବଂ ଯନ୍ତ୍ରଣାର ଗରଳକୁ ଅମୃତ ପରି ଆଞ୍ଜୁଳାଭରି ପିଇଯାଏ । ସମସ୍ତ ଯନ୍ତ୍ରଣା ଓ ପୀଡ଼ା ସହିବାପାଇଁ ସତେଯେପରି ଈଶ୍ୱର ଏହି ପ୍ରକାର ହତଭାଗ୍ୟ ମଣିଷକୁ ଜନ୍ମ ଦେଇଛନ୍ତି । ଏତେ ଯନ୍ତ୍ରଣା ଓ ପ୍ରତିକୂଳ ପରିସ୍ଥିତିରେ ମଣିଷ ଯେ ବଞ୍ଚି ରହିପାରେ, ରାଜୁର ଜୀବନ ବେଦ ପାଠ ନକଲେ ହୃଦୟଙ୍ଗମ କରିହୁଏ ନାହିଁ । ଅଚିହ୍ନା ଅପରିଚିତା ଅସହାୟା ନାରୀକୁ ଗାଡିରେ ବୋହିବା,ଶବ ବାହକ ରୂପେ ଶ୍ମଶାନରେ ମୁଖାଗ୍ନିଦେବା, ସାମାନ୍ୟ ଔଷଧ ପାଇଁ ବଡ଼ଲୋକ ହେବାକୁ ଥିବା ସନ୍ତାନଟିକୁ ହରାଇବା,କଷ୍ଟୋପାର୍ଜିତ ଆୟକୁ ଅନ୍ୟପାଇଁ ଖର୍ଚ୍ଚକରି ପରିବାରକୁ ଉପବାସରେ ରଖାଇବା-ଏହି ମାନଙ୍କ ଭାଗ୍ୟରେ ଲେଖା । ଗୋଟିଏ ପାର୍ଶ୍ୱରେ ଅଚିହ୍ନା ସଂପର୍କରସେତୁ ବାନ୍ଧିବା ସମୟରେ ଅପର ପାର୍ଶ୍ୱରେ ନିଜର ପରିଚିତ ପୃଥିବୀରୁ ଦୂରେଇଯିବା କିପରି ଯନ୍ତ୍ରଣା ଦାୟକ ତାହା ରାଜୁର ଜୀବନ ପ୍ରମାଣିତ କରିଥାଏ । ରାଜୁ ଜୀବନର ଚରମ ସତ୍ୟ ଓ ଅସହାୟତା, ସର୍ବୋପରି ତା ମାନବିକ ହୃଦୟର ପରିଚୟ ଏକ ଲଳିତ କାରୁଣ୍ୟରେ ପାଠକର ହୃଦୟକୁ ମଥିତ କରିପକାଏ । ଦାରିଦ୍ର୍ୟର ନିଷ୍ଠୁର କଷାଘାତ ଏବଂ ତୀବ୍ର କ୍ରନ୍ଦନ ନିମ୍ନ ମଧ୍ୟବିତ୍ତ ପରିବାରର ସବୁ ସୁଖକୁ ବର୍ଷାଦିନର ନଦୀପରି କୂଳ ଉଜାଡ଼ି ନେଇଯାଏ । ଏହା ସତ୍ତ୍ୱେ ମାନବ ସମାଜରେ ସେ ଯେଉଁ ମାନବିକତାର ଫୁଲଗୁଟିଏ ଖେଳାଇ ଦିଏ, ତାହାହିଁ ତାକୁ ସବୁଦିନ ପାଇଁ ଅମର କରିଦିଏ ପରିଚିତ ଧରାରେ । ମଣିଷ ଜୀବନର ଏହି ଅସହାୟ ମୁହୂର୍ତ୍ତ ଏବଂ ନିସ୍ତରଙ୍ଗ ଜଳଧାରା ତଳେ ପ୍ରବାହିତ ଦୁଃଖଦ ସ୍ରୋତରାଶିକୁ ଶିଳ୍ପୀ ଚନ୍ଦ୍ରଶେଖର ଯେପରି ସମ୍ବେଦନତାର ସହିତ ପାଠ କରିଛନ୍ତି, ତାହାହିଁ ତାଙ୍କ ଦରଦୀ ହୃଦୟର ଯଥାର୍ଥ ପରିଚୟ ।

ସଂକଳନର ଦ୍ୱିତୀୟ ଗଳ୍ପ 'ରୁନି ପାଇଁ ନୀରବ ପ୍ରାର୍ଥନା' । ରୁନି ଏବଂ ସାନୁ ମୂକ ଓ ବଧିର । ମାତ୍ର ସେମାନଙ୍କର ବିମଳ ହୃଦୟର ନିର୍ମଳ ପ୍ରେମଭାବ ସମଗ୍ର ସାହିଟିକୁ ଆପଣେଇ ନେଇଛି । ସେମାନଙ୍କ ସାମୟିକ ଅନୁପସ୍ଥିତି ହୋଇଛି ସାଇଟିର ବ୍ୟଥାର କାରଣ । ରୁନି ଆଖିରେ କଥା କୁହେ;ନିଜର ଭାବକୁ ଅନ୍ୟ ନିକଟରେ ଅଭିବ୍ୟକ୍ତ କରେ । ତାର ସ୍ମିତହସଟି ସାହି ସାରା ଫୁଟାଇ ଦିଏ ମଲ୍ଲୀ ଗଜ ଦନ୍ତ । ସାଇର ଝିଅମାନଙ୍କ ପାଖରେ ସେ ରୁନି ଅପା; ପାଠ,ସିଲେଇ,ଫ୍ରକଜାମାକଟା ସବୁଥିରେ ଓସ୍ତାଦ୍ । ତାର ଅସହାୟତାର ସୁଯୋଗ ନେବାକୁ କେତେକ କାମୁକଙ୍କର ଜଳନ୍ତା ଆଖିଯେ,ତା'ଉପରେ ଭାସି ନ ଆସେ,ତା'ନୁହେଁ; ମାତ୍ର ତା'ର ସ୍ନେହ,ନିଷ୍କପଟତା ନିର୍ଲିପ୍ତ ଚାହାଣି ସେହି ଅରଣ୍ୟର ଜନ୍ତୁଗୁଡ଼ିକୁ ସଂଯତ ଏବଂ ଅସହାୟ କରିଦିଏ । ଯେଉଁଦିନ ମିସେସ୍ ମହାରଣା ଫୁଲ ଫୁଟାଇବାର ସଙ୍କେତଟିଏ

Digitized by srujanika@gmail.com

ଦେଲେ,ସେଦିନ କିପରି ଏକ ଅସହାୟବୋଧ ତାର ସମଗ୍ର ଶରୀରକୁ ବିଚଳିତ କରିଥିଲା । ନିଜର ଅଭିଶପ୍ତ ଜୀବନପ୍ରତି ଦୁଃଖ ଆସିଥିଲା । ମାତ୍ର ତାହା ଥିଲା କ୍ଷଣିକ । ମିସେସ୍ ମହାରଣାଙ୍କ ଉତ୍ସାହ ଦେହଲତାରେ ଫୁଲ ଫୁଟେଇବାର ସ୍ୱପ୍ନ ଦେଖାଇଥିଲା । ଚିତ୍ରଶିଳ୍ପୀ ସାନୁର କାନଭାସରେ ମଦର୍ ଏବଂ ଚାଇଲ୍ଡ଼ ଚିତ୍ର ସେମାନଙ୍କ ମିଳିତ ଭବିଷ୍ୟତର ରୂପରେଖକୁ ସ୍ପଷ୍ଟ କରିଥିଲା । ସ୍ୱପ୍ନ ବାସ୍ତବତାର ରୂପ ଗ୍ରହଣ କରିବାକୁ ଯାଇଥିବାରୁ ସାଇସାରା ପିଲାଙ୍କୁ ବଣ୍ଟାଯାଇଥିଲା ଚକୋଲେଟ୍ । ରୁନିର ସ୍ୱଚ୍ଛ ହୃଦୟ ଏବଂ ସ୍ନେହପୂର୍ଣ୍ଣ ବ୍ୟବହାର ସମୁଦାୟ ସାଇ ଏବଂ ଅଫିସ୍‌କୁ ଗୋଟିଏ ରଜ୍ଜୁରେ ବାନ୍ଧିପାରିଥିଲା । ନିଜର ସମସ୍ତ ଅସ୍ୱାଭାବିକ ଅବସ୍ଥା ସତ୍ତ୍ୱେ ପ୍ରସବ ଯନ୍ତ୍ରଣାରେ କଷ୍ଟ ପାଉଥିବା ନବଘନ ସ୍ତ୍ରୀକୁ ଡାକ୍ତରଖାନରେ ସେବା ଶୁଶ୍ରୂଷା କରିଥିଲା । ନବଘନର ଦୁର୍ଘଟଣା ଖବର ପାଇ ବଡ ଡାକ୍ତରଖାନା ଛୁଟିଯାଇଥିଲା । ଆଶା ଏବଂ ଆଶ୍ୱାସନାର ବାଣୀରେ ତା'ମନରେ ସୃଷ୍ଟି କରିଥିଲା ବଞ୍ଚିରହିବାର ଦୁର୍ବାର ଲାଳସା । ନବଘନ ସ୍ତ୍ରୀ ନିକଟକୁ ଫେରିବା ସମୟରେ ତାର ଯନ୍ତ୍ରଣା,ଶିଶୁ ସନ୍ତାନଟିର କାଞ୍ଚନିକ ରୂପ, ମୁଲାଏମ୍ ନବଜନ୍ମର ସ୍ପର୍ଶ ତାକୁ ଏପରି ଆଚ୍ଛନ୍ନ କରିଥିଲାଯେ, ପାହାଚ ହୋଇଯାଇଥିଲା ଅସ୍ପଷ୍ଟ ତା'ଆଖିରେ । ଯନ୍ତ୍ରଣାକାତର ଦେହ ବିଛାଇ ହୋଇ ପଡ଼ିଥିଲା ବାରଣ୍ଡା ଉପରେ । ରୁନିର ଅଚାନକ ଦୁର୍ଘଟଣା ସ୍ତବ୍ଧ କରିଦେଇଥିଲା ସାଇଟିକୁ । ନର୍ସ ଏବଂ ଡାକ୍ତର ବ୍ୟସ୍ତ ହୋଇ ପଡ଼ିଥିଲେ । ସାଇର ପିଲାଙ୍କ ଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ରୁନିର ଆରୋଗ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । କାରଣ ''ରୁନି କାଲି ସକାଳୁ ଆଖି ଖୋଲି ନ ଚାହିଁଲେ କୌଣସି କଢ଼ ଫୁଟି ପାରିବ ନାହିଁ । ସେ ହସି ନ ଦେଲେ ସୂର୍ଯ୍ୟ ଉଇଁ ପାରିବ ନାହିଁ ।'' ମଦର ଟେରେସାଙ୍କ ସାକାର ରୂପ ରୁନି । ଦୟା,କ୍ଷମା ଓ କରୁଣାର ମୂର୍ତ୍ତିମତୀ ଦେବୀ । ଦଳିତ,ଅସହାୟ ଓ ଅବହେଳିତଙ୍କ ପାଇଁ ତା'ହୃଦୟରେ ପ୍ରସ୍ତ ପ୍ରସ୍ତ ବେଦନା । ସିଷ୍ଟର୍ ନିବେଦିତାଙ୍କ ପରି ଅସହାୟଙ୍କ ପ୍ରତି ବିଗଳିତ ହୃଦୟା ସ୍ନେହ ଓ ପ୍ରେମର ପ୍ରତିଭୂ ସେ । ମଦରଟେରେସାଙ୍କ ବିୟୋଗରେ ଭାରତବର୍ଷରେ ଦଳିତ ଓ ପୀଡ଼ିତ ଯେପରି ଅସହାୟ ହୋଇପଡ଼ିଥିଲେ, ରୁନିର ଦୁର୍ଘଟଣା ଠିକ୍ ସେହିପରି ସାହି ବାସିନ୍ଦାକୁ ଅସହାୟ ଓ କରୁଣ କରିଥିଲା । ଯେଉଁ ସ୍ନେହର ଡୋରି ସମୁଦାୟ ସାହିବାସିନ୍ଦାକୁ ଗୋଟିଏ ପ୍ରୀତିର ବନ୍ଧନରେ ଏକାଠି କରିଥିଲା,ତାହା ତୁଟିଯିବାର ଭୟରେ ସେମାନେ ଶଙ୍କିତ ହୋଇ ପଡ଼ିଥିଲେ । ମନର ବ୍ୟଥା ପ୍ରକାଶିତ ହେଉଥିଲା ଆଖିର ଲୁହରେ । ଦରଦୀ ଶିଳ୍ପୀ ଚନ୍ଦ୍ରଶେଖରଙ୍କ ଲେଖନୀରେ ରୁନୀ ଏକ ସାର୍ବକାଳିକ ଭାରତୀୟ ମହିମାମୟୀ ନାରୀ ଚରିତ୍ରରେ ରୂପାନ୍ତରିତ ହୋଇଯାଇଛି । ମଦର ଟେରେସା ଓ ସିଷ୍ଟର ନିବେଦିତାଙ୍କ ସମ୍ମିଳିତ ରୂପ ରୁନିର ବିଗ୍ରହ । ଜଗତର ଶୋକ,ଦୁଃଖ ଓ ଯନ୍ତ୍ରଣାର ଉପଶମ ପାଇଁ ସଦା ବ୍ୟଥିତା ରୁନିର ଆରୋଗ୍ୟ ନିମିତ୍ତ କଣ ପ୍ରାର୍ଥନା କରିବାକୁ ପଡ଼ିବ ବୋଲି କହିବାକୁ ପଡ଼ିବ ? ଗୋଟିଏ ପ୍ରାଣର ଭାଷା ଆପେ ଆପେ ସଞ୍ଚରିଯାଉଛି କୋଟିଏ ହୃଦୟକୁ । ତେଣୁ ରୁନି ବ୍ୟକ୍ତିଟିଏ ନ ହୋଇ ଚେତନାଟିଏରେ ରୂପାନ୍ତରିତ ହୋଇଯାଇଛି କାଳଜୟୀ ସ୍ରଷ୍ଟାଙ୍କ ହାତରେ ।

Digitized by srujanika@gmail.com

ମଣିଷର ଜୀବନ ବଡ଼ ବିଚିତ୍ର । ସମ୍ମୁଖରେ ମୃତ୍ୟୁକୁ ଦେଖିବି ବିଶ୍ୱାସ କରିବାକୁ ନାରାଜ । କ୍ଷୁଧା ମଣିଷର ସର୍ବଶ୍ରେଷ୍ଠ ଦୁର୍ବଳତା । ବିଶେଷ କରି ଯୌନ କ୍ଷୁଧାର ଗଭୀରତା କଳନା କରିବା କଳ୍ପନାତୀତ । ଏହି କ୍ଷୁଧାର ମଣିଷ ଜୀବନ ପାଇଁ ଆବଶ୍ୟକତା ରହିଛି । କିଛି ମୁହୂର୍ତ୍ତ ପାଇଁ ହେଲେବି ମଣିଷର ଯାବତୀୟ ସୁଖ ଦୁଃଖକୁ ଦୂର କରିବାରେ ଏହା ସମର୍ଥ । ଛଳନାରେ ବଞ୍ଚୁଥିବା ମଣିଷର ନିର୍ମୋକକୁ ଅନାବରଣ କରି ଏହା ତାର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ କରିଥାଏ । ପୁଅର ଜନ୍ମ ବାର୍ଷିକୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଯେତେବେଳେ ପେଟର କ୍ଷୁଧା ନିବାରଣ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ,ଅଚାନକ ସେହି ସନ୍ତାନଟିର ବିୟୋଗ ବାର୍ତ୍ତା ପରିବେଶଟିକୁ ଶୋକାକୁଳ କରି ଦେଲା । ଏମିତି ଏକ ଘଟିବ ବୋଲି ବୋଧହୁଏ ଗାଳ୍ପିକ ଏକ ଭୟଙ୍କର ପରିବେଶର ସୂଚନା ଦେଇଛନ୍ତି ''ଓଦା ଓଦା ପାହାଡ଼ ପରି ନିସ୍ତବ୍ଧ ଅନ୍ଧାର'' ଅନ୍ଧାରହିଁ ପଶୁତ୍ୱକୁ ଜାଗ୍ରତ କରେ; ଖୋରାକ ପାଇଁ ଘୁମୁରି ଉଠେ । କିଛି ମୁହୂର୍ତ୍ତ ପୂର୍ବରୁ ସନ୍ତାନଟିକୁ ହରାଇଥିବା ପ୍ରମୋଦ, ଅନ୍ଧାରରେ ଅଳକା ବହିଦାର ମଧ୍ୟରେ ଅନ୍ୱେଷଣ କରୁଥିଲା ନିଜର ସରାଟିକୁ । ସଂପର୍କର ସମ୍ବନ୍ଧ କେବଳ ସଂପର୍କ ପାଇଁ । ଅନ୍ତର ଭିତରେ କୁଦା ମାରୁଥିବା ଜନ୍ତୁଟିକୁ ଶୁଆଇ ଦେବା ପାଇଁ ଆବଶ୍ୟକ ହୋଇଥାଏ ଆଶ୍ରାଟିଏ । ଅଳକା ବହିଦାର ନିକଟରେ ପ୍ରମୋଦ ସେହି ଆଶ୍ରାଟିକକ ଖୋଜିପାଇଛି । ଅଳକା ବହିଦାରଙ୍କ ପ୍ରତି ଅତ୍ୟଧିକ ଆକର୍ଷଣ, ଗୋଟିଏ ଛତାତଳେ ଅଳକା ବହିଦାରର ବାହୁ ସଂଲଗ୍ନ ପ୍ରମୋଦର ଅବସ୍ଥିତି, ମୋଡ଼ ପାଖରେ ଢଳିପଡୁଥିବା ଅଳକା ବହିଦାରକୁ ରକ୍ଷାକରିବାକୁ ଯାଇ ଲେଖକଙ୍କର କିଂଭୂତ ଅନୁଭୂତି, ବର୍ଷାରେ ଧାଇଁ ଧାଇଁ ପ୍ରମୋଦର ଗୃହପ୍ରବେଶ ଓ ଛତା ଭୁଲିଯିବା ଅନ୍ତରାଳରେ ମଣିଷ ମନର ସେହି ଆଦିମ ପ୍ରବୃତ୍ତି ହିଁ ପ୍ରକାଶିତ । ଏହା ସତ୍ତ୍ୱେ ଏହି ଚରିତ୍ରଟି ପ୍ରତି ଗାଳ୍ପିକଙ୍କର ସମ୍ବେଦନା କମ୍ ନୁହେଁ । ଅଚାନକ ବୃନ୍ତଚ୍ୟୁତ କଢଟିର ବ୍ୟଥା ଦରଦୀ ଶିଳ୍ପୀକୁ କମ୍ ଆଘାତ କରି ନାହିଁ । 'ନିମ୍ନ ପାହାଚ' ଗଳ୍ପଟିରେ ମଣିଷ ମନର ଏହି ଅନ୍ଧାର ଦିଗଟି ସୂଚିତ । ଏହି ସଂକଳନର ଅନ୍ୟତମ ଗଳ୍ପ ''ଏଇ ବୋଧେ ଶେଷ ଦୁଃଖ''ରେ ମଣିଷ ମନର ଅସହାୟତା ଓ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଆର୍ଥିକ ଦୁରବସ୍ଥା ମଧ୍ୟରେ ସେମାନଙ୍କର କଳ୍ପିତ ସ୍ୱପ୍ନ କିପରି ଖଣ୍ଡବିଖଣ୍ଡିତ ହୋଇ ପଡ଼େ, ତାହା ବର୍ଣ୍ଣିତ । ଦୁଃଖର ଶେଷ ନାହିଁ । ମଣିଷର ଜନ୍ମଲଗ୍ନରୁ ହିଁ ସେ ତାର ସହଚର ରୂପେ ତା ସାଥିରେ ରହି ଆସିଛି । ମଣିଷ ନିଜ ପରିବେଶ ବିଚାରରୁ ଅନ୍ୟସହିତ ନିଜ ଅବସ୍ଥାକୁ ତୁଳନାକରି ଦୁଃଖ ଲାଭ କରେ । ଅପହଞ୍ଚ ସ୍ୱପ୍ନର ପରିକଳ୍ପନା ମଣିଷକୁ ଅଧିକ ବ୍ୟଥା ଦିଏ । ଦୁଃଖ କାହାର ବା ନାହିଁ । ତିନିତିନିଟା ଗାଡ଼ିର ମାଲିକ,ବର୍ଷକୁ କୋଟିଏ ଟଙ୍କା ଉପାର୍ଜନ କରୁଥିବା କଣ୍ଟ୍ରାକ୍ଟର ବେଣୁ ପ୍ରଧାନ,ରିକ୍ସାବାଲା ଭୀମା,ଆର୍ମି ଅଫିସର ଜେନା,ଶ୍ରୀପତୀ ଗୋସ୍ୱାମୀ, ମାନୁ ମହାନ୍ତି ଓଗେର ଅନେକ ଦୁଃଖରେ ଆଉଟୁ ପାଉଟୁ ହୋଉଥିବା ଅସହାୟ ଜୀବମାନେ । ଦୁଃଖ କାହାର ବା ଶାରୀରିକ ଅନ୍ୟ କାହାର ବା ମାନସିକ । ବୁଦ୍ଧଦେବ ସେଦିନ ତାଙ୍କ ଶିଷ୍ୟମାନଙ୍କୁ ଉପଦେଶ ଦେବା ସମୟରେ କହିଥିଲେ ପୃଥିବୀରେ

Digitized by srujanika@gmail.com

ଜନ୍ମହିଁ ଦୁଃଖର କାରଣ । କାମନାର ଆଧିକ୍ୟ ଦୁଃଖକୁ ବହୁଗୁଣିତ କରେ । କୌଣସି ମଣିଷ ନିଜର ପରିବେଶ ଓ ପରିସୀମା ମଧ୍ୟରେ ସୁଖୀ ନୁହେଁ । ଏହିପରି ଦୁଃଖରେ ସଢୁଥିବା ମଣିଷଙ୍କ ପ୍ରତି ଦରଦୀ ଶିଳ୍ପୀ ଚନ୍ଦ୍ରଶେଖରଙ୍କ ଅନୁକମ୍ପା କମ୍ ନୁହେଁ । ଭୋଳାନାଥ ମହାପାତ୍ର ଏମିତି ଦୁଃଖରେ ସଢୁକିତ ହେଉଥିବା ସ୍ୱଳ୍ପ ବେତନଭୋଗୀ କର୍ମଚାରୀଟିଏ ସ୍ୱଳ୍ପ ଆୟ ପରିବାରର ଅଭାବ ପୂରଣରେ ଅସମର୍ଥ । ପତ୍ନୀର ସାମୟିକ ଚାକିରୀ ଚାଲିଯିବାପରେ ଏକ ଅଭାବବୋଧ ସମଗ୍ର ପରିବାରକୁ ଗ୍ରାସ କରିଛି । ଗାଁରେ ଟାଉଟରଙ୍କ ପାଇଁ ଅଦାଲତରେ କେସ୍, ପରିବାବାଲାର ଟଙ୍କାବାକି, ଘରବାଲାର ଘରଛାଡିବାକୁ ଧମକ । ଏତେ ଗୁଡ଼ାଏ ସମସ୍ୟାର ସମାଧାନ ପାଇଁ ଅର୍ଥର ଅଭାବ । ସହରରେ ବାସ କରୁଥିବା ସ୍ୱଳ୍ପ ଆୟକାରୀ ବ୍ୟକ୍ତିଟିର ଜୀବନ ସତେ କେତେ କରୁଣ । ପିଲା କନ୍‌ଭେଣ୍ଟରେ ପଢ଼ିବ; ନିଜର ଅପୂରଣ ସ୍ୱପ୍ନକୁ ସାକାର କରିବେ । ଅଫିସ୍‌ର କାମବୋଝରେ ସାମାନ୍ୟ ଫୁରୁସତ୍ ନାହିଁ ଦୁଃଖ ବାଣ୍ଟିବାକୁ । ତଥାପି ଏହା ଭିତରେ ବି ମଣିଷ ସ୍ୱପ୍ନ ଦେଖେ - ଟାଉଟର ଗୋବିନ୍ଦ ଦାସ ପାଞ୍ଚହଜାର ଟଙ୍କା ପଠେଇ ଦେଇଛି, ପରିବା ବାଲା ଝୁଡିଏ ପରିବା ଦେଇଛି, ଘରବାଲା ଚିଠି ଦେଇଛି ଆଉ ଦୁଇ ବର୍ଷ ରହିବାପାଇଁ, କଚେରୀର କେସ୍ ଘୁଞ୍ଚିଯାଇଛି । ମାଗୁଣି ମିଶ୍ର ଘୁଣାରୁ ଓହ୍ଲାଇ ଆସିଛି ଦେବତାର ଆସନକୁ । ସବୁ ଦୁଃଖର ଶେଷ । ପାରିବାରିକ ସମସ୍ୟା,ଆର୍ଥିକ ଚିନ୍ତା ନିମିଷକେ ଦୂରୀଭୂତ । ସାମୟିକ ସୁଖର ଉଲ୍ଲାସ ଦୁଃଖର ବାସ୍ତବ ସ୍ଥିତିକୁ ଭୁଲାଇଛି । କଳ୍ପସୁଖର ସ୍ଥାୟିତ୍ୱ କେତେକ୍ଷଣ ? ବାସ୍ତବ ସ୍ଥିତିକୁ ଫେରିଆସିବା ପରେ ସେହି ଜାଗତିକ ଦୁଃଖର ବୁଢିଆଣୀ ଜାଲ । ଆକାଶ ସାରା ଜାଲ ରୁନ୍ଧି ହୋଇ ରହିଛି । ମୁଣ୍ଡ ଉପରେ ପାହାଡ଼ ମଢ଼େଇ ହୋଇ ଯାଇଛି । ଏହାପରେ ସେ ନିଜକୁ ବେକୁବ୍ ବ୍ୟତୀତ ଅନ୍ୟ କ'ଣ କହିପାରେ ? ସାମୟିକ ଆନନ୍ଦରୁ ପୁଣି ବାସ୍ତବ ସ୍ଥିତିକୁ ପାଠକକୁ ଫେରାଇ ଆଣିବା ପରେ, ପାଠକ ଚମକି ଉଠେ । ସମ୍ବେଦନାର କ୍ଷୀଣ ଧାରାଟିଏ ଛୁଟି ଯାଏ ଅନ୍ତରରୁ । ପାଠକ ଜାଣି ପାରେନା ଏହିଠାରେ ଗଳ୍ପର ଆରମ୍ଭ ନା ପରିଶେଷ ?

କିମ୍ବଦନ୍ତୀକୁ ଆଧାର କରି ଉକ୍ତ ସଂକଳନରେ ଦୁଇଟି ଗଳ୍ପ ସଂଯୋଜିତ । ଗୋଟିଏ ତିଳିଛ ମହାପାତ୍ର ଓ ଅନ୍ୟଟି ଦୀନବନ୍ଧୁ ଦାସ । ଏହି ଗଳ୍ପ ମାଧ୍ୟମରେ ଲେଖକ ଓଡ଼ିଆମାନଙ୍କର ଆଧ୍ୟାତ୍ମିକ ବିଶ୍ୱାସ ଓ ଆତିଥ୍ୟ ପରାୟଣତା ସଂପର୍କରେ ସୂଚାଇଛନ୍ତି । ଭକ୍ତ ଏବଂ ଭଗବାନଙ୍କର ମଧ୍ୟରେ ସମ୍ବନ୍ଧ କିପରି ନିବିଡ଼, ଆନ୍ତରିକ ଓ ପ୍ରଗାଢ଼,ତାହା ଏଥିରେ ପ୍ରମାଣିତ । ଜଗନ୍ନାଥଙ୍କ ସେବକ ତିଳିଛ ମହାପାତ୍ର । ବନମାଳୀର ଫୁଲ ଆଣିବାରେ ବିଳମ୍ବ ଯୋଗୁଁ ସେବାକାର୍ଯ୍ୟ ଅସଂପୂର୍ଣ୍ଣ । ହଠାତ୍ ଗଜପତି ପ୍ରତାପରୁଦ୍ରଙ୍କ ଆବିର୍ଭାବ ତିଳିଛ ମହାପାତ୍ରଙ୍କ ହତବାକ କରିଛି । ମନ୍ଦିରରେ ଫୁଲ ନାହିଁ । ଗଜପତିଙ୍କୁ ଦେବେ କ'ଣ ? ଅନ୍ତରାତ୍ମାର ନିର୍ଦ୍ଦେଶରେ ନିଜ ମୁଣ୍ଡର ଚମ୍ପାଫୁଲ ତୋଳି ଦେଇଛି ଗଜପତିଙ୍କ ହସ୍ତରେ । ସେ ନିଜେବି ଜାଣେନା କିପରି ଏହା ସମ୍ଭବ ହେଲା । କଥାଟା ଲୁଚି ରହିପାରିଲା ନାହିଁ । ଫୁଲରେ ବାଳ । କ୍ରୋଧିତ ଗଜପତି । ଶାସ୍ତି ଦେବାକୁ

Digitized by srujanika@gmail.com

ଉନ୍ମୁଖ ପାରିଷଦ । ଭକ୍ତ ବିମୂଢ଼ । ଅପରାଧ ବୋଧରେ ଜଡ଼ସଡ଼ । ଭକ୍ତ ରକ୍ଷାପାଇଁ ଭଗବାନ ଚଉବାହା । ଅତୀତରେ ଏମିତି ବହୁପ୍ରମାଣ ରହିଛି । ବର୍ତ୍ତମାନ ସମସ୍ୟା କିନ୍ତୁ ଭିନ୍ନ । ଜଗନ୍ନାଥଙ୍କ ମୁଣ୍ଡରେ ବାଳ ଆସିଲା କୁଆଡ଼ୁ ? ଭକ୍ତର ପରୀକ୍ଷା । ଖୋଦ୍ ଗଜପତି ପ୍ରମାଣପାଇଁ ଜଗନ୍ନାଥଙ୍କ ସମୀପରେ ଉପସ୍ଥିତ । ଆଶ୍ଚର୍ଯ୍ୟ ଗଜପତି । ଗୋଛାଏ କଳାଭଅଁର ପରି ବାଳ ପଛକୁ ଝୁଲି ପଡ଼ିଛି । ଅବିଶ୍ୱାସ ଓ ସନ୍ଦେହରେ ଝିଙ୍କି ଆଣିଲେ ବାଳ ପୁଳାଏ । ଧାର ଧାର ଛୁଟିଲା ରକ୍ତ । ଜଡ଼ ଗଜପତି । ଭଗବାନଙ୍କ ରକ୍ତ ଧାର ଭକ୍ତ କପାଳରେ । ଭକ୍ତ ଭଗବାନଙ୍କ ଅଭେଦ ରୂପ । ଜୟଲାଭ କଲା ଭକ୍ତ । ଭକ୍ତର ଉଦ୍ଧାର ପାଇଁ ଭଗବାନଙ୍କ ଲୀଳାର ପଟାନ୍ତର ନାହିଁ ? ଏମିତିତ କେତେ କିମ୍ବଦନ୍ତୀ, କେତେ ବିଶ୍ୱାସର କଥା ଓଡ଼ିଶା ମାଟିର ପାଣି ପବନରେ ମିଶି ରହିଛି । ଗୀତାର ବାଣୀ- ''ସର୍ବଧର୍ମାନ୍ ପରିତ୍ୟଜ୍ୟ, ମାମେକଂ ଶରଣଂ ବ୍ରଜ, ଅହଂତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ'' । ଆତ୍ମସମର୍ପଣ ଭାବ ଭକ୍ତ ଓ ଭଗବାନଙ୍କୁ ଏକ କରେ । ଏକାକାର-ଗୋଟିଏ ବୀଜର ଦୁଇଟି ପତ୍ର । ଶୋକ,ଦୁଃଖ ସବୁର ଅବସାନ ସେଠୀ । ସେହିପରି ଆଉ ଏକ କିମ୍ବଦନ୍ତୀ 'ଦୀନବନ୍ଧୁ ଦାସ' ମନେ ପକାଇଦିଏ ମହାଭାରତର ଅନ୍ୟତମ ଶେଷ୍ଠ ବୀର ମହାଦାନୀ କର୍ଣ୍ଣଙ୍କୁ । ଅତିଥିଙ୍କ ଦାବୀ ପୁତ୍ରକାଟି ତା ମାଂସ ରାନ୍ଧିବାକୁ । ଅକୁଣ୍ଠିତ ଚିତ୍ତରେ ପରିପୂରଣ କରେ କର୍ଣ୍ଣ ଅତିଥି ଅଭିଳାଷ । ପୁତ୍ର ମାଂସ ପିତାଙ୍କୁ ଖାଇବାକୁ ନିର୍ଦ୍ଦେଶ ଅତିଥିଙ୍କର । ବିମୁଖ ହେବେ ଅତିଥି । ଅମର୍ଯ୍ୟାଦା ହେବ ଗୃହର । ଉପବେଶନ କଲେ କର୍ଣ୍ଣ ଅତିଥିଙ୍କ ସମୀପରେ । ଅଦ୍ଭୁତ ଘଟଣା ଘଟିଗଲା ମୁହୂର୍ତ୍ତଟିଏ ମଧ୍ୟରେ । ଅତିଥିଙ୍କ ନିର୍ଦ୍ଦେଶ ପୁତ୍ରକୁ ଡାକ । ମୃତ ପୁତ୍ର ଆସିବ କିପରି ? ତଥାପି ଅବଜ୍ଞା କରାଯାଇ ନପାରେ ଅତିଥିଙ୍କୁ । କର୍ଣ୍ଣ ଡାକିଲେ ପୁତ୍ରର ନାମ ଧରି । ଦୌଡ଼ି ଆସିଲା ପୁତ୍ର ଦାଣ୍ଡରୁ ପିତାଙ୍କ ଡାକରେ । ଅନୁରୂପ ଘଟଣା ଦୀନବନ୍ଧୁଙ୍କ କ୍ଷେତ୍ରରେ ।ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି । ଅତିଥିଙ୍କ ସେବାହିଁ ଦେବ ସେବା ବଡ଼ ପୁଅ ଘରେ ମରିପଡ଼ିଛି । ଅତିଥି ଚାହୁଁଛନ୍ତି ଆମିଷ ଭୋଜନ । ସାଧାରଣ ସାମାଜିକ ମଣିଷ ପକ୍ଷରେ ଯାହା ଅସମ୍ଭବ । ତଥାପି ଅତିଥିଙ୍କୁ ନିରାଶ କରାଯାଇ ନପାରେ । ଦୁଃଖର ପାହାଡ଼ ହୃଦୟ ବିଦୀର୍ଣ୍ଣ କରୁଥିଲେ ହେଁ, ଅତିଥି ସେବାପାଇଁ ସମଗ୍ର ପରିବାର ବ୍ୟସ୍ତ । ଅତିଥିଙ୍କ ନିର୍ଦ୍ଦେଶରେ ପରିବାରର ସମସ୍ତ ସଦସ୍ୟ ଆମିଷ ଭୋଜନ ପାଇଁ ବସିଲେ । କଠୋର ପରୀକ୍ଷା । ସଂସାରର ରହସ୍ୟ ଉନ୍ମୋଚିତ ହେଉଛି ପରିବାରର ସଦସ୍ୟମାନଙ୍କ ମୁଖରେ । ସେହି ପୁରୁଣା କଥା; ବ୍ୟାଖ୍ୟା ନୂତନ । ଜୀବନ ଏବଂ ଜଗତ୍ ସମ୍ବନ୍ଧରେ ନିରାସକ୍ତ ଦୃଷ୍ଟିଭଙ୍ଗୀ । ଆତ୍ମା ଓ ଜଗତର ସତ୍ୟ ଜାଣିବାରେ ସମସ୍ତ ପରିବାରକୁ ନୂତନ ଦୃଷ୍ଟିଶକ୍ତି ଦେଇଛି । ଜୀବନ୍ମୁକ୍ତ ସେମାନେ । ସଂସାରରେ ବାସ କରିବି ସଂସାର ପ୍ରତି ନିରାସକ୍ତ । ଅତିଥିଙ୍କ ଅମୃତ ଦୃଷ୍ଟି ମୃତ ସନ୍ତାନକୁ ଜୀବନ ଦାନ କଲା । ଏମିତି ଶୁଦ୍ଧ ମଣିଷଙ୍କ ପରୀକ୍ଷା ପାଇଁ ଦେବତାମାନେ ସ୍ୱର୍ଗରୁ ଅବତରଣ କରନ୍ତି ମର୍ତ୍ତ୍ୟକୁ । ସେଇଥିପାଇଁ ଭାଗବତରେ କୁହାଯାଇଛି-''ମଣିଷ ମଧ୍ୟେ ଦିବ୍ୟ ଜ୍ଞାନ । ଦେଖି ସନ୍ତୋଷ ଭଗବାନ ।'' ଏହି ଦିବ୍ୟଜ୍ଞାନର ଅଧିକାରୀ ଦାସେଙ୍କ ପରିବାର । ଆଧୁନିକ ଯୁଗର ବସ୍ତୁବାଦୀ ମଣିଏ

Digitized by srujanika@gmail.com

ଏହି ଦିବ୍ୟଜ୍ଞାନ ହରାଇଥିବାରୁ ଅସନ୍ତୋଷର ବହ୍ନିରେ ପ୍ରଜ୍ୱଳିତ । ଅହଂକାର ପ୍ରମର ମଣିଷ ଅନ୍ୟର ଧ୍ୱଂସ ସାଧନ କରିବାକୁ ଯାଇ ନିଜର କବର ଖୋଳୁଛି । ବିମୂଢ଼ ମଣିଷ ନିଜ ଜନ୍ମ ରହସ୍ୟ ସଂପର୍କରେ ଅଜ୍ଞ । ଆଧ୍ୟାତ୍ମିକ ଚେତନାର ବିକାଶଯୋଗୁଁ ଦିବ୍ୟ ଚେତନା ଅବଲୁପ୍ତ । ଚତୁର୍ଦ୍ଦିଗରେ ଅଶାନ୍ତ ବାତାବରଣ । ମୁକ୍ତିର ପଥ ଅବରୁଦ୍ଧ । ମଣିଷର ଏହି ଅସହାୟତାରୁ ମୁକ୍ତି ପାଇଁ ପୁଣି ଆବଶ୍ୟକ ହେଇଛି ସେହି ଦିବ୍ୟ ଆଧ୍ୟାତ୍ମିକ ଚେତନାର । ଏହି ଚେତନା ମଣିଷ ହୃଦୟରେ ସ୍ନେହ,ପ୍ରେମ ଓ ଶ୍ରଦ୍ଧାର ମନ୍ଦାକିନୀ ଧାରା ପ୍ରବାହିତ କରେ । ସାଂପ୍ରତିକ ବିଶ୍ୱରେ ମୂଲ୍ୟବୋଧରେ ଯେତେବେଳେ ଅବକ୍ଷୟ ଘଟୁଛି ଠିକ୍ ସେତିକିବେଳେ ଗାଳ୍ପିକଙ୍କର ଏହି ଆଧ୍ୟାତ୍ମିକ କିମ୍ବଦନ୍ତୀମୂଳକ ଗଳ୍ପଗୁଡ଼ିକ ମଣିଷ ମନରେ ମାନବିକତା ବୋଧ ଜାଗ୍ରତକରି ତାକୁ ଏକ ଦିବ୍ୟ ଚେତନାରେ ଉଦ୍‌ବୁଦ୍ଧ କରିପାରିବ,ସନ୍ଦେହ ନାହିଁ ।

ଚନ୍ଦ୍ରଶେଖରଙ୍କ ଗଳ୍ପରେ କେବେଳ ନିମ୍ନ ମଧ୍ୟବିତ୍ତ ସଂପ୍ରଦାୟଙ୍କ ଜୀବନ ଚିତ୍ର ପ୍ରଦତ୍ତ ହୋଇନାହିଁ । ତାଙ୍କ ସୃଷ୍ଟିରେ ଉଚ୍ଚ ଅଭିଜାତ ମଣିଷ ଜୀବନର ହତାଶାବୋଧ ଏବଂ ଅସହାୟତାର ଚିତ୍ର ମଧ୍ୟ ବେଶ୍ ମାର୍ମିକ ଓ ହୃଦୟ ସ୍ପର୍ଶୀ । ନିମ୍ନ ମଧ୍ୟବିତ୍ତ ପରିବାରର ଅଧିକାଂଶ ସମସ୍ୟା ଅର୍ଥ ନୀତିକୁ କେନ୍ଦ୍ରକରି । ମାତ୍ର ଉଚ୍ଚ ମଧ୍ୟବିତ୍ତ ପରିବାରର ସମସ୍ୟା ଅଧିକାଂଶ କ୍ଷେତ୍ରରେ ଦେହ ବିଷୟିକ । ମଣିଷ ମନର ଅଧିକାଂଶ ସଂଗୁପ୍ତ କାମନା ଯୌନ ଚିନ୍ତାରୁ ସୃଷ୍ଟି । ଉଚ୍ଚ ମଧ୍ୟବିତ୍ତ ପରିବାରରେ ଏହା ଅତ୍ୟନ୍ତ ଉତ୍କଟ । ଭୋଗବାଦୀ ସର୍ବସ୍ୱ ଚିନ୍ତାଧାରାରୁ ଜନ୍ମଲାଭ କରିଥିବା ଏହି ସଂପ୍ରଦାୟଟି ସଂପୂର୍ଣ୍ଣ ଭାବେ ଯୌନ କାମନା ପ୍ରପୀଡ଼ିତ ଗୋଟିଏ ଗୋଟିଏ ଜାନ୍ତବ ପଶୁ । ସାମାଜିକ ସଂପର୍କ,ଶୁଚିତା ଓ ମୂଲ୍ୟବୋଧ ଏମାନଙ୍କ ନିକଟରେ ମୂଲ୍ୟହୀନ । ମଣିଷର ଦେହ କ୍ଷୁଧା ଖାଦ୍ୟ ଏବଂ ଅର୍ଥନୀତିକୁ କେନ୍ଦ୍ରକରି ସୃଷ୍ଟିହୋଇଥିବା ସମୟରେ ମନର କ୍ଷୁଧା ମୁଖ୍ୟତଃ ଯୌନ ଚିନ୍ତାରୁ ସୃଷ୍ଟିଲାଭ କରିଥାଏ । ନାରୀ ସମ୍ଭୋଗରେ ହିଁ ଏହାର ପ୍ରଶମନ । ଅଭିଜାତ ସଂପ୍ରଦାୟ,ବିଶେଷକରି ରାଜପରିବାର ମାନଙ୍କରେ ଏହା ଅତ୍ୟନ୍ତ ଉତ୍କଟ ବର୍ତ୍ତମାନ ରାଜାନଥିଲେ ହେଁ, ସେମାନଙ୍କ ରକ୍ତ ପରଂପରାରୁ ଜନ୍ମଲାଭ କରିଥିବା ଏବେକାର ବଂଶଧରଗଣ ସେଥିରୁ ଏଯାବତ୍ ସଂପୂର୍ଣ୍ଣ ମୁକ୍ତ ନୁହନ୍ତି । 'ଘର ନିଲାମ ହଉଚି' ଗଳ୍ପରେ ଏହିପରି ଏକ ସମସ୍ୟା ଉତ୍‌ଥାପିତ । ଏହାସହ୍ୱେ ସେହି ଅଭିଜାତ ସଂପ୍ରଦାୟଙ୍କ ଅସହାୟତା ପ୍ରତି ଶିଳ୍ପୀ ଅନ୍ତରର ଗଭୀର ସମ୍ବେଦନା ପ୍ରକାଶିତ । ସାଂପ୍ରତିକ ସମୟରେ ଯୌନ କ୍ରିୟାକୁ କେନ୍ଦ୍ରକରି ବହୁ ହତ୍ୟାଘଟଣା ସଂଘଟିତ ହେଉଛି । କେଉଁଠାରେ ପ୍ରେମିକ ସହିତ ମିଶି ସ୍ୱୈରିଣୀନାରୀ ନିଜ ସ୍ୱାମୀକୁ ହତ୍ୟା କରୁଛି ତ, ଅନ୍ୟ କେଉଁଠାରେ ପୁରୁଷ ନିଜ ପତ୍ନୀ ସହିତ ଅନ୍ୟ ପୁରୁଷର ସମ୍ଭୋଗ କ୍ରୀଡ଼ା ସନ୍ଦର୍ଶନ କରି ପ୍ରଣୟୀପ୍ରଣୟିନୀକୁ ହତ୍ୟା କରୁଛି । ସଂପ୍ରତି ଏହା ଏକ ସାମାଜିକ ସମସ୍ୟାରେ ପରିଣତ ହୋଇଛି । ଅବକ୍ଷୟ ଗ୍ରସ୍ତ ରାମପୁର ଜମିଦାର ବଂଶର ଉତ୍ତରାଧିକାରୀ ସ୍ୱରାଜ ସ୍ୱରୂପ ସିଂହ ଏବଂ ସ୍ୱାଧୀନ ସ୍ୱରୂପ ସିଂହ ସେହି କ୍ଷୟିଷ୍ଣୁ ସଭ୍ୟତାର ପ୍ରତିକ । ସ୍ୱରୂପର ପତ୍ନୀ ଛନ୍ଦା ସହିତ ସ୍ୱାଧୀନର ଅଶୋଭନୀୟ

Digitized by srujanika@gmail.com

ଆଚରଣ (ଛଦ୍ମାସ୍ୱୀକୃତିରେ) ଏବଂ ପରିଣାମରେ ଉଭୟଙ୍କର ମୃତ୍ୟୁ,ସ୍ୱରୂପର ଦେଶାନ୍ତରୀ କିମ୍ବା ଗୋପନୀୟତା, ମିଥ୍ୟା ଆଭିଜାତ୍ୟର ପ୍ରତୀକ ଘରର ନିଲାମ ମଧ୍ୟରେ ସାଂପ୍ରତିକ ଉଚ୍ଚବଂଶଜମାନଙ୍କର ଅଧୋପତନକୁ ସୂଚାଇ ଦିଆଯାଇଛି । ପ୍ରାଚୁର୍ଯ୍ୟ କେବଳ ଶାନ୍ତିର କାରଣ ହୋଇନପାରେ । ସମସ୍ତ ପ୍ରାଚୁର୍ଯ୍ୟ ଓ ବିଳାସ ମଧ୍ୟରେ ପରିବର୍ଦ୍ଧିତ ଆଧୁନିକ ଆଭିଜାତ ମଣିଷର ମାନସିକ ଅସହାୟତା କେତେ ଦୟନୀୟ ଓ ଭୟଙ୍କର ତାର ଏକ ଚମତ୍କାର ଅଥଚ ସ୍ପଷ୍ଟଚିତ୍ର 'ଘର ନିଲାମ ହଉଚି' ଗଳ୍ପ ।

ଭାରତରେ ଇଂରାଜି ଶିକ୍ଷାର ପ୍ରସାର ସଂପର୍କରେ ମତଦେଇ ଲର୍ଡ ମାକଲେ କହିଥିଲେ-ଏହି ଶିକ୍ଷାର ପ୍ରସାର ଫଳରେ ଏ ଦେଶର ଜନସାଧାରଣ ରଙ୍ଗରେ ଭାରତୀୟ ହେଲେହେଁ, ରୁଚି ଓ ଆଦର୍ଶରେ ହେବେ ଇଂରେଜ । ତାହାହିଁ ଘଟିଛି ପରବର୍ତ୍ତୀ ସମୟର ଭାରତରେ । ପାଶ୍ଚାତ୍ୟ ବାସୀଙ୍କ ଜୀବନ ଯାପନ ପ୍ରଣାଳୀକୁ ଯେ, ଯେତେ ପରିମାଣରେ ବିଶ୍ୱସ୍ତ ଭାବରେ ଅନୁସରଣ କରିପାରିଲା, ସେ ହେଲା ସେହି ପରିମାଣରେ ମଡର୍ଣ୍ଣ । ସଂପ୍ରତି ଆଧୁନିକ ସଭ୍ୟତା କହିଲେ ବାରରେ ମଦ୍ୟପାନ ବା ହୋଟେଲରେ ବଲଡ୍ୟାନସ । ଆଧୁନିକ ପ୍ରାଚ୍ୟ ମଣିଷ ହୋଟେଲକୁ ମନ୍ଦିରରେ ପରିଣତ କରିବାକୁ ଯାଇ ଅଦ୍ଭୁତ ରୁଚି ପ୍ରଦର୍ଶନ କରୁଛି । ପ୍ରାଚ୍ୟ ସଭ୍ୟତା ଓ ସଂସ୍କୃତିକୁ ପଦାଘାତ କରି ପାଶ୍ଚାତ୍ୟ ଜଗତରେ ସମସ୍ତ ଅକରଣୀୟ କର୍ତ୍ତବ୍ୟ,ତା'ପାଖରେ ହୋଇଛି ଉଚିତ୍ କର୍ତ୍ତବ୍ୟ । ଅର୍ଥର ନିଶା ଏବଂ ମଡର୍ଣ୍ଣ ହେବାର ବ୍ୟାକୁଳତା ତାକୁ ନିଜର ପରଂପରା ଓ ଆଦର୍ଶଠାରୁ ଦୂରେଇ ନେଇଛି । ପ୍ରାଚୁର୍ଯ୍ୟ ଗର୍ବରେ ଶିଳ୍ପୀର ଶିଳ୍ପକୁ ଅମର୍ଯ୍ୟାଦା କରୁଛି । ଶିଳ୍ପୀ ଦରିଦ୍ର ହେଲେହେଁ,ନିଜ ଶିଳ୍ପ ପ୍ରତି ରହିଥାଏ ଅପୂର୍ବ ସମ୍ବେଦନା । ତା'ଶିଳ୍ପର ବିକୃତା ରୂପ ତାକୁ ଆଘାତ ଦିଏ । ସେ ହୁଏ ପ୍ରତିକ୍ରିୟାଶୀଳ । 'ସେ ତୁମ ମା ପରା'ଗଳ୍ପରେ ଏହି ପ୍ରାଚ୍ୟ ଓ ପାଶ୍ଚତ୍ୟ ଚିନ୍ତାଧାରା ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱକୁ ଦେଖାଇ ଦିଆଯାଇଛି । କୈଳାସ ମହାରଣା ଶିଳ୍ପୀ । କୌଣସି ଫରମାସରେ ସେ ମୂର୍ତ୍ତିଗଢେ ନାହିଁ । ଯେ ପର୍ଯ୍ୟନ୍ତ ତା'ଭିତରେ ପ୍ରେରଣାଟିଏ ସୃଷ୍ଟି ନହୋଇଛି, ସେ ପର୍ଯ୍ୟନ୍ତ ସେ ନିହାଣ କିମ୍ବା ପଥରରେ ହାତ ଦିଏ ନାହିଁ । ହୋଟେଲ ମନ୍ଦିର ପାଇଁ ମୂର୍ତ୍ତିଟିଏ ଗଢିବାକୁ ଅପେକ୍ଷା କରିଥିଲା ସେହି ପ୍ରେରଣାର ମୁହୂର୍ତ୍ତଟିକୁ । ପ୍ରେରଣା ଲାଭକଲେ ପଥର ଓ ନିହାଣର ମିଳିତ ସହଯୋଗରେ କମନୀୟ ରୂପନେଇ ଜନ୍ମନେଲେ ଦିଗମ୍ବରୀ ମହାକାଳୀ । ହୋଟେଲ ରିସେପ୍‌ସନ ହଲ ଲାଉଞ୍ଜର ଏକ ପାର୍ଶ୍ୱରେ ଶୋଭା ପାଇଲେ ମା'ଦିଗମ୍ବରୀ । ବିଦେଶୀ ବିଦେଶିନୀ ମଦ୍ୟ ଗ୍ଲାସ ହାତରେ ମୂର୍ତ୍ତି ସ୍ପର୍ଶକରି ଅଦ୍ଭୁତ ରୋମାଞ୍ଚ ଲାଭ କଲେ । ମାତ୍ର ଚତୁର୍ଭୁଜା ମାହାକାଳୀକୁ ନିଶାଗ୍ରସ୍ତ ଅବସ୍ଥାରେ ସାହେବମାନେ ଦେଖି ବେଳେ ବେଳେ ଭୟରେ ପ୍ରଳାପ କରି ଉଠିଲେ । ବ୍ୟବସାୟ ଦୃଷ୍ଟିରୁ ମୂର୍ତ୍ତିର ଦୁଇଟି ହସ୍ତ କାଟି ଦେବାର ବ୍ୟବସ୍ଥା ହେଲା । ପ୍ରାଚ୍ୟ ଆଦର୍ଶକୁ ସମ୍ମାନ ପ୍ରଦର୍ଶନ କରୁଥିବାକେତେକ ହୋଟେଲ କର୍ମଚାରୀଙ୍କ ସହାୟତାରେ ଦେବୀମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇ ପୁରୁଣା ପାଟଣାରେ

Digitized by srujanika@gmail.com

ବିରାଜିତ ହୋଇଛନ୍ତି ।ସନ୍ତାନର ପ୍ରାର୍ଥନା ପୂର୍ଣ୍ଣ ହୋଇଛି । ନିଜ ମାତାର ସମ୍ମାନ ରକ୍ଷା ପାଇଛି । ଶିଳ୍ପୀ ବୁଢ଼ା ହୋଇଯାଇଛି ଥାନାକୁ । ତଥାପି ମା'ରୂପେ ଥରେ ଯାହାକୁ ସମ୍ମାନ ଦେଇଛି, ତାର ଅମର୍ଯ୍ୟାଦା କରିପାରି ନାହିଁ । ପାଶ୍ଚାତ୍ୟ ସଭ୍ୟତାର ଅନ୍ଧମୋହ ସାଂପ୍ରାତିକ ମଣିଷକୁ କିପରି ଜରାଗ୍ରସ୍ତ କରିବା ସଙ୍ଗେ ସଙ୍ଗେ ନିଜର ଆଦର୍ଶ ସଂସ୍କୃତି ପ୍ରତି ବୀତସ୍ପୃହ କରିଛି ତା'ଏଥିରେ ଦେଖାଇ ଦିଆଯାଇଛି ।

'ଛୁଇଁଲେ ଉଭାନ ହୋଇଯିବି' ଏକ ମନସ୍ତାତ୍ତ୍ୱିକ ଗଳ୍ପ ଗୋଟିଏ ଗୋଟିଏ ଖିଆଲ ବେଳେ ବେଳେ ମଣିଷକୁ ଏପରି ଜାବୋଡ଼ି ବସେ, ଯାହା କବଳରୁ ମୁକ୍ତିଲାଭ କରିବା କଷ୍ଟ ହୋଇ ପଡିଥାଏ । ଜଣକର ଖିଆଲ ଅନ୍ୟ ନିକଟରେ ସତ୍ୟପରି ଉପଲବ୍ଧି ହେଲେ ତାର ଏକ ମାନସିକ ପ୍ରଭାବ ପରିବାରର ସମସ୍ତଙ୍କ ଉପରେ ପଡ଼ିଥାଏ । ମଣିଷ ସ୍ୱାର୍ଥର ଦାସ । ଏହି ସ୍ୱାର୍ଥକୁ ଭିତ୍ତିକରି ସଂପର୍କର ବନ୍ଧନ । ଯେଉଁ ସ୍ୱାର୍ଥକୁ କେନ୍ଦ୍ରକରି ବନ୍ଧନର ରଜ୍ଜୁ ଦୃଢ ହୋଇଥାଏ, ତାର ପତ୍ତିପୂରଣରେ ସେହି ରଜ୍ଜୁ ହଠାତ୍ ଛିଡ଼ିଯାଏ । ତପ୍ତରେ ଲୋକାଚାର ଓ କର୍ତ୍ତବ୍ୟବୋଧକୁ ଆଖି ଆଗରେ ରଖି ମଣିଷ ପରଜନ୍ମର ମୁକ୍ତି ପାଇଁ କିଛି କରିଥାଏ । ଆତ୍ମା ଅବିନଶ୍ୱର । ତାର ମୃତ୍ୟୁ ନାହିଁ । ଗୀତା ତେଣୁ କହିଛି, ଏହା ଅସ୍ତ୍ର ଦ୍ୱାରା ଛିଡ଼େ ନାହିଁ, ପାଣିରେ ବୁଡ଼େ ନାହିଁ କିମ୍ବା ନିଆଁରେ ପୋଡ଼େ ନାହିଁ । ସେ ଚିର ଅମର । କେବଳ ଯାହା ଘଟର ହିଁ ପରିବର୍ତ୍ତନ ହୋଇଥାଏ । ସେହି ପରିବର୍ତ୍ତନର ପ୍ରକୃତି ତତ୍ତ୍ୱ ଉପଲବ୍ଧି କରିନପାରି ମଣିଷ ମୃତ୍ୟୁ ପାଇଁ ଦୁଃଖ କରେ; କ୍ରନ୍ଦନ କରେ । ଆତ୍ମାକୁ ଛୁଇଁ ହୁଏ ନାହିଁ; ମାତ୍ର ସତ୍ତାକୁ ଉପଲବଧି କରିହୁଏ । ଲୌକିକ ଜଗତର ସତ୍ୟ ପ୍ରକୃତ ସତ୍ୟ ନୁହେଁ । ଯାହା ସତ୍ୟ,ତାହା ଚିରନ୍ତନ । ଶବ୍ଦ,ସ୍ପର୍ଶ ଓ ଆସ୍ୱାଦନର ଉର୍ଦ୍ଧ୍ୱରେ ତାର ସ୍ଥିତି । ସ୍ଥୂଳ ଶରୀରକୁ ସ୍ପର୍ଶ କରିହୁଏ,ଯାହାର ପ୍ରକୃତ ସତ୍ତା ସନ୍ଦିହାନ । ମାତ୍ର ସୂକ୍ଷ୍ମସତ୍ତା,ଯାହା ବାସ୍ତବ,ତାହା ସ୍ପର୍ଶଠାରୁ ଦୂରରେ । ତେଣୁ ମଣିଷ ଏହି ସ୍ଥୂଳ ଶରୀର ପ୍ରତି ଆକୃଷ୍ଟ ନହୋଇ ସେହି ସୂକ୍ଷ୍ମ ସତ୍ତା ସହିତ ଅନ୍ତରଙ୍ଗତା ସ୍ଥାପନ କରିପାରିଲେ, ତାର ଜନ୍ମ ସାର୍ଥକ ହୋଇଥାଏ । ମୃତ୍ୟୁ ତାକୁ ଜଡ଼ କରିପାରେ ନାହିଁ । ଅବିନଶ୍ୱର ଆତ୍ମାହିଁ ସତ୍ୟ; ଯାହା ସ୍ପର୍ଶ ଶୂନ୍ୟ,ଅନୁଭବ ଦ୍ୱାରା ବୋଧଗମ୍ୟ । ଜୀବନର ଏହି ପରମ ଓ ଚରମ ସତ୍ୟଟିକୁ ଗାଳ୍ପିକ ମନସ୍ତତ୍ତ୍ୱ ଦୃଷ୍ଟି କୋଣରୁ ଦାର୍ଶନିକ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । 'ଛୁଇଁଲେ ଉଭାନ ହୋଇଯିବି'ଗଳ୍ପରେ ।

ଭାରତ ପରି ଗ୍ରୀଷ୍ମପ୍ରଧାନ ଦେଶରେ ବସନ୍ତ କେତେବେଳେ ଆସେ ପୁଣି କେତେବେଳେ ଫେରିଯାଏ, ତାର ଠିକଣା କେହି ରଖିପାରେନା । ମାତ୍ର ବସନ୍ତର ଆଗମନ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ । ବସନ୍ତ ଫୁଲର ଋତୁ,ଆନନ୍ଦର ଋତୁ । ଆନନ୍ଦର ମୁହୂର୍ତ୍ତଗୁଡ଼ିକ ବେଶ୍ କ୍ଷୀଣ ସ୍ଥାୟୀ । ତଥାପି ଏହି ସ୍ୱଳ୍ପ ସମୟ ମଣିଷ ହୃଦୟର କଳାପଟାରେ ସବୁଦିନପାଇଁ ଧଳା ଅକ୍ଷରରେ ଲିପି ବଦ୍ଧ ହୋଇ ରହିଯାଏ । ମଧ୍ୟବିତ୍ତ ପରିବାରର ଡାଲି ଚାଉଳ ହିସାବ,ଅଳନ୍ଧୁ ପରିପୂର୍ଣ୍ଣ ରୋଷଇ ଘର,ଭଙ୍ଗା ଟେବୁଲ ଚେୟାର,ପାଣିଗଳୁଥିବା ସରକାରୀ କ୍ୱାଟରର ଅଣନିଃଶ୍ୱାସୀ ପରିବେଶରୁ କିଛିକ୍ଷଣ

Digitized by srujanika@gmail.com

ପାଇଁ ଦୂରେଇ ଯାଇ ପ୍ରାଚୁର୍ଯ୍ୟ ପରିପୂର୍ଣ୍ଣ ବିଳାସ କକ୍ଷରେ ସ୍ୱଳ୍ପକ୍ଷଣ ପାଇଁ ହେଲେବି ଆଶ୍ରୟ ପାଇଥିବା ମଧ୍ୟବିତ୍ତ ପରିବାରଟି ପାଇଁ ତାହା ବସନ୍ତଋତୁ ନହୋଇ ଅନ୍ୟ କ'ଣ ହୋଇପାରେ ? ଝର୍କାନଥିବା ରନ୍ଧାଘର ଭିତରେ ଋତୁହୀନ ଦୀର୍ଘପ୍ରହର ସବୁ ଅତିକ୍ରାନ୍ତ କରୁଥିବା ମଣିଷଗୁଡ଼ିକ ଆଭିଜାତ୍ୟ ପରିପୂର୍ଣ୍ଣ ଯେ ବିରାଟ ଅଟ୍ଟାଳିକାରେ ତିନିଦିନ ଆଶ୍ରୟ ନେବା କମ୍ ସୌଭାଗ୍ୟର କଥା ନୁହେଁ । ଗ୍ରିଷ୍ମର ରୌଦ୍ର ତାପରେ ଜର୍ଜରିତ (ଜୀବନଯନ୍ତ୍ରଣା) ମଣିଷ ଭାଗ୍ୟର ତିନିଦିନ ବସନ୍ତର ଆବିର୍ଭାବ ସବୁଦିନ ପାଇଁ ମନେ ରହିବା ସ୍ୱାଭାବିକ । ବସନ୍ତର ମୁଲାୟମ ସ୍ପର୍ଶ ଓ ଆହ୍ୱାନ କ୍ଷଣସ୍ଥାୟୀ ହେଲେହେଁ,ମଧୁର ଏବଂ ଚିତ୍ତଉତ୍ଫୁଲ୍ଲକ । ଏହିପରି ଦୁର୍ଭାଗାମାନବ ଭାଗ୍ୟରେ ନିଶ୍ଚିତ ଭାବେ 'ବର୍ଷକ ଏକ ଋତୁ, ଋତୁକ ତିନିଦିନ'ବ୍ୟତୀତ ଅନ୍ୟକ'ଣ ହେବ ।

ସାଂପ୍ରତିକ ସମାଜରେ ଘଟୁଥିବା ସାଂପ୍ରଦାୟିକ ଦଙ୍ଗା ଓ ତାର ବିଷୟ ପରିଣତିକୁ ଉପଜୀବ୍ୟ କରି ରଚିତ 'କମଳେଶ୍ୱରୀ' ଗଳ୍ପଟି । ଅବକ୍ଷୟଗ୍ରସ୍ତ ସମାଜରେ ସାମାନ୍ୟ କଥାକୁ କେନ୍ଦ୍ରକରି ଦଙ୍ଗା ଉପୁଜିବା ସଙ୍ଗେ ସଙ୍ଗେ ସାଧାରଣ ଧନଜୀବନ ବିପନ୍ନ ହୋଇ ପଡୁଛି । ଏହାର ସୁଯୋଗ ନେଇ କେତେକ ଅସାମାଜିକ ମଣିଷ ନିରୀହା ଅସହାୟା ନାରୀମାନଙ୍କ ପ୍ରତି ପାଶବିକ ଆକ୍ରମଣ କରିଥାନ୍ତି । ସଂପ୍ରତି ସମାଜରେ ଆଦର୍ଶବତା ଓ ବ୍ୟକ୍ତି ରୁଚିବୋଧ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଞ୍ଚିଛି । ସହୃଦୟତା ଓ ବନ୍ଧୁତା ଆଜି ଅଭିଧାନର କଳେବର ମଣ୍ଡନ କରିଛି । ଦଙ୍ଗା ଭୟରେ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ମଣିଷ ଗୁଡ଼ିକ କମଳେଶ୍ୱରୀ ପରି ଅସହାୟା ନାରୀଟିକୁ ସାହାଯ୍ୟ ଓ ସମବେଦନା ଜଣାଇବାକୁ ଆଗେଇ ଆସିଛନ୍ତି । ପାଶବିକ ଅତ୍ୟାଚାର କରିବାକୁ ଆସିଥିବା ଜନ୍ତୁଟିକୁ ହତ୍ୟାକରି ମହାକାଳୀ ରୂପ ଧାରଣ କରିଥିବା କମଳେଶ୍ୱରୀ ଅଭୟ ଦେଇ କହିଛି-''ବାବୁମାନେ,ମା'ମାନେ ଘରକୁ ଯାଅ,କବାଟ ପକାଇ ଦିଅ । ଅନ୍ଧାର ମାଡ଼ି ଆସୁଛି । ମୁଁ ତୁମକୁ ଜଗିଛି । ମତେ ଡରଭୟ ନାହିଁ । ମୁଁ ଏ ରାସ୍ତାରେ ରାତିସାରା ପହରା ଦେବି । ମତେ କେହି କିଛି କରିପାରିବେ ନାହିଁ । ମୋ ପାଖ ପଶିଲେ ମୁଁ ପନିକିରେ ହାଣିଦେବି ।'' ଏହା ସତ୍ତ୍ୱେ ସମସ୍ତ କଲୋନୀ ବସିନ୍ଦା ଯେପରି ଗୋଟିଏ ପରିବାରର ସଦସ୍ୟରେ ପରିଣତ ହେଇ ଯାଇଛନ୍ତି । ସାରାରାତି ଜଗିବସିଛନ୍ତି ରାସ୍ତାଉପରେ ସମସ୍ତଙ୍କୁ ଅଭୟ ହେବାପାଇଁ । ସାଧାରଣ ଖଟିଖିଆ ନାରୀ କମଳୀର ସାହାସ ଓ ମହାନୁଭବତା,ମଣିଷର ମଣିଷପ୍ରତି ମମତ୍ୱବୋଧ ଓ ସଦିଚ୍ଛା ଗଳ୍ପଟିର ଆକର୍ଷଣିୟ ବିଭାବ । କମଳୀ ସାଧାରଣ ନାରୀଟିରୁ ପରିଣତ ହୋଇଯାଇଛି କମଳଈଶ୍ୱରୀରେ ।

ଏହି ଗଳ୍ପସଂକଳନର ଶେଷ ଗଳ୍ପ 'ପ୍ରଶ୍ନବାଚକ'ଶେଷ ପର୍ଯ୍ୟନ୍ତ ପାଠକ ନିକଟରେ ଏକ ପ୍ରଶ୍ନବାଚୀ ହୋଇ ରହିଯାଇଛି । ଏହା ଗୋଟିଏ ରହସ୍ୟରୋମାଞ୍ଚଧର୍ମୀ ଗଳ୍ପପରି ମନେ ହୁଏ । ଶେଷ ପର୍ଯ୍ୟନ୍ତ ପାଠକ ସନ୍ଦେହ ଓ ସଂଶୟର ଦୋଳାରେ ଦୋଳାୟିତ ରହିଛନ୍ତି । ବୋଧହୁଏ ସଂପ୍ରତି ବିଭିନ୍ନ ବୈଜ୍ଞାନିକ ଉପାୟରେ ମଣିଷମାନଙ୍କର ଅଙ୍ଗଚ୍ଛେଦ କରାଯାଉଥିବା ବିବରଣୀକୁ ଆଧାର କରି ଏହି ଗଳ୍ପଟି

Digitized by srujanika@gmail.com

ରଚିତ । ଘର ମାଲିକ ଓ ମାଲିକାଣୀ ଏହି ସଂସ୍ଥାର ଏକ ଏକ ସଦସ୍ୟ ହୋଇପାରନ୍ତି । ସୁନ୍ଦରୀ ତରୁଣୀମାନଙ୍କୁ ଅସ୍ତ୍ରକରି ଆଜି ଯେଉଁ ଏହି ଶରୀର ଛେଦ ବ୍ୟବସାୟ ଚାଲିଛି,ଏହାର ପରିସମାପ୍ତି କେବେ କଳ୍ପନା କରିବା କଠିନ, ସମଗ୍ର ବିଶ୍ୱରେ ମଧ୍ୟ ଅନୁରୂପ ର୍‌ୟାକେଟ୍ କାର୍ଯ୍ୟକାରୀ । କାଶ୍ମୀରୀ ସୁନ୍ଦରୀର ପ୍ରଲୋଭନ ଯୁବସମାଜକୁ ଉଦ୍‌ଭ୍ରାନ୍ତ କରିଛି । ଏହାର ପରିଣତି ସଂପର୍କରେ ଅଜ୍ଞଥିବାରୁ,ଅକ୍ଳେଶରେ ଶିକାର ହେବା ସ୍ୱାଭାବିକ । ତଥାପି ଗଳ୍ପଟିର ଶେଷ ପର୍ଯ୍ୟନ୍ତ କୈଳାସ ମହାପାତ୍ର ଏବଂ ସୁଧା କୁସୁମ ଘରର ରାକ୍ଷସ ପରି ପୁରୁଷ ଓ ନାରୀ ତଥା ସୁନ୍ଦରୀ କାଶ୍ମୀରୀ ରମଣୀଟି ପାଠକଙ୍କ ନିକଟରେ ପ୍ରଶ୍ନବାଚୀ ହୋଇ ରହି ଯାଇଛନ୍ତ । ନାମ କରଣ ଦୃଷ୍ଟିରୁ ଗଳ୍ପଟି ବେଶ୍ ସାର୍ଥକ ।

ସବୁଠାରୁ ଦୀର୍ଘ ରାତିର ଶୈଳୀବିଚାର:-

ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କ ଗଳ୍ପଶୈଳୀ ଅନନ୍ୟ ସାଧାରଣ । ପ୍ରତିଟି ଗଳ୍ପରେ ତାଙ୍କର ଏକ ନିଜସ୍ୱ ଶୈଳୀ ରହିଛି । ସେହି କାରଣରୁ ସେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବାରି ହୋଇ ପଡ଼ନ୍ତି । ତାଙ୍କର ଶୈଳୀ ମୁଖ୍ୟତଃ ବ୍ୟଞ୍ଜନା ଧର୍ମୀ ଓ ପରିମିତି ବୋଧକୁ ଅପେକ୍ଷାରଖେ । ବେଶି କିଛି ନକହି ଗୋଟିଏ ଗୋଟିଏ ଶବ୍ଦ ବା ବାକ୍ୟ ମଧ୍ୟରେ ସେ ବହୁକଥା କହିପାରନ୍ତି । ପୁଣି ସଂଳାପଯୁକ୍ତ ନାଟକୀୟ ଶୈଳୀ ଯୋଗୁଁ ଏହା ଅଧିକ ଆକର୍ଷଣୀୟ । ନିମ୍ନରେ ତାଙ୍କ ଶୈଳୀ ବିଶେଷତ୍ୱ ସମ୍ବନ୍ଧରେ କେତେକ ଉଦାହରଣ ପ୍ରଦତ୍ତ କରାଗଲା ।

(କ) ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ:- ଝିମ୍‌ଝିମ୍, ଆଖିକୋଣ କୁଞ୍ଚୁ କୁଞ୍ଚୁ,ଲୋକ ପୁଞ୍ଜି ପୁଞ୍ଜି,ଆଖି ଥମ୍ ଥମ୍,ଚୁପ୍ ଚୁପ୍ କଥା,ଚାଇଁ ଚାଇଁ ଚୋକା । ସମସ୍ତେ କାନ୍ଦ କାନ୍ଦ,ଗହ ଗହ ଆଲୁଅ,ଚହ ଚହ ସଙ୍ଗୀତ,ଚିକ୍ ଚିକ୍ ଆଖି,ଫିସ୍ ଫିସ୍ କଥା,ଛନ୍ ଛନ୍,ଝର୍ ଝର୍ ବର୍ଷା,କୁର୍ କୁର୍ ହସ,ଘାଇଁ ଘାଇଁ,ଧପ୍ ଧପ୍ ଚାଲି,ସକ୍ ସକ୍ କାନ୍ଦ,ପତଙ୍ଗ ଫଡ୍ ଫଡ୍,କୁଅଁ କୁଅଁ ହସ,କଳା ମଚ୍ ମଚ୍,ରଙ୍ଗ ଟହ ଟହ ଆଖି,ଲହ ଲହ କ୍ରୋଧ,ଦୁମ୍ ଦାମ୍ ପାଦ ଶବ୍ଦ,ହାଡ଼ କିଣ୍ କିଣ୍, କଟ୍ ମଟ୍ ଚାହାଣୀ,ଇତ୍ୟାଦି । ଏହି ଶବ୍ଦ ଗୁଡ଼ିକ ଦ୍ୱାରା ବାକ୍ୟ ସୁଖକର ଓ ପରିବେଶ ଜୀବନ୍ତ ହୋଇପାରିଛି ।

(ଖ) ପାତ୍ରମୁଖୀ ଭାଷା:- ପାତ୍ର ମୁଖୀ ଭାଷା ପ୍ରୟୋଗରେ ଚନ୍ଦ୍ରଶେଖର ସିଦ୍ଧ ହସ୍ତ । ଏହାଦ୍ୱାରା କଥନ ଭଙ୍ଗୀକୁ ସେ ବାସ୍ତବ କରି ପାରିଛନ୍ତି । ଅଣଓଡ଼ିଆ ବ୍ୟକ୍ତିଙ୍କ ମୁଖରେ ହିନ୍ଦୀ ଭାଷା ବେଶ୍ ପାତ୍ରୋପ ଯୋଗୀ -

(୧) ମୁଝେ ମାଲୁମ୍ ହେ ଆପ୍ ଚାୟମେ କମ୍ ସକ୍‌କର ପସନ୍ଦ କରତେ ହେଁ । ମେ ତୋ ଓହି ପୁରାନେ ଆଦତ ସେ ଭାଇ ଚାମଚ୍ ଲେତିହୁଁ ।

(୨) ଅଭିବି ଆପ୍ ଓହି ମଜାକ୍ କରତେ ହେଁ । ଆରେ ଆପ ଅପନି ବୋଲି ମେ ବାତ୍ କିଜିୟେ । କ୍ୟା ଗଡର ଗଡର କର୍ ରହେ ହେଁ ? (ପ୍ରଶ୍ନବାଚକ)

Digitized by srujanika@gmail.com

ପୁରୀପଣ୍ଡା ତିଳିଛ ମହାପାତ୍ରର ଭାଷା- ମୁଁ ଛାର କଙ୍କରର ଅପ୍ରାଧ କ୍ଷମା ହୋଇଯାଉ ମଣିମା । ମୁଁ କି ବୁଝେ ତୋର ଅନନ୍ତ ଗତି । ରତ୍ନପୀଢା ଉପରୁ ଯାହାକୁ ଯେଉଁଭଳି ଆଜ୍ଞା ମିଳିବ ସେଇଭଳି ସିନା ଇନ୍ଦ୍ର କୁବେର ଖଟିବେ । ଶ୍ରୀ ଅଙ୍ଗ ସେବାକୁ ମୁଁ କାହୁଁ ଭାଜନ ଠାକୁରେ, ମଣିମା ଖଟଣିକୁ ମୁଁ କାହୁଁ ସମର୍ଥ ? ମନେ ହେଲା ଟେକିନେଲୁ । ଏ ଅଧମକୁ କୃତାର୍ଥ କଲୁ । (ତିଳିଛ ମହାପାତ୍ର)

(ଗ) ସଂଳାପ ଓ ନାଟକୀୟତା:- କ'ଣ ହେଲା? ତୁଟା ଗୋଟା ନାଲାଏକ,ସଇତାନ କାହାଁକା । ଘରେ ପୁଅ ବେମାର ପଡ଼ିଛି ଅଥଚ ତୁ ପକେଇଚୁ ଖଟିକି ! କ'ଣ ନା ମିଟର ମୋଡ଼ି ଯୋଉ ଦି'ପଇସା ଚୋରି କରିଥିଲୁ ତାକୁ ପିଇ ଦବାପାଇଁ (ସବୁଠାରୁ ଦୀର୍ଘରାତି) କିଏ ମଗାଇଲା ଡ୍ରିଙ୍କ୍ । ସାର୍ ଛୁଅନ୍ତି ନାହିଁ ବୋଲି ଜାଣିନା ? ମୁଁ ସାର୍ ଆଦୌ ପିଏ ନାହିଁ । ଏମିତି ପାର୍ଟି ଫାଟିରେ କେତେବେଳେ କେମିତି-ହେହେ-ଆବେ ଏଗୁଡ଼ାକ ଉଠା ! ଏ ଟେବୁଲ୍‌କୁ ପୋଛ । କିଛି ମନେ କରିବେ ନାହିଁ ସାର୍-ଏ ଗୁଡ଼ାକ ଅଭ୍ୟାସରେ ଏମିତ କରିପକାନ୍ତି । (ବର୍ଷକ ଏକ ଋତୁ : ଋତୁକ ତିନି ଦିନ)

(ଘ) ରୂପବର୍ଣ୍ଣନା:-''ପାଇଜାମା,ପଞ୍ଜାବୀ ଦୁପଟ୍ଟ । ଠିଆନାକ ଟଣାଟଣା ଭୂରୁ । କାଶ୍ମୀରର ସ୍ଥିର ହ୍ରଦ ଆଉ ଅସୁମାରି ଫୁଲର ଉପବନ ସତେବା ସେ ନାରୀ ମୂର୍ତ୍ତିର ଉପାଦାନ (ପ୍ରଶ୍ନବାଚକ ଗଳ୍ପର ସୁନ୍ଦରୀ ତରୁଣୀର ବର୍ଣ୍ଣନା) ତିଳିଛ ମହାପାତ୍ର ମଥାରେ କୁମ୍ଭପରି ଶ୍ରୀମନ୍ତ ଜୁଡ଼ା । ସେଥିରେ ଦରଫୁଟା ଯୋଡ଼ିଏ ଚମ୍ପା । ଦୁଧ ପିଠଉପରି ଦେହରେ ଡଳିମ୍ବାରଙ୍ଗର ପାଟ ପାଛୁ । ଓସାର ବୁକୁ ଉପରେ ଲମ୍ୱମାନ ଦୁଇସୋରା ରୁଦ୍ରାକ୍ଷ ମାଳି । ଦର୍ପଣ ପରି କପାଳରେ ଚନ୍ଦନ ଟୋପା ।(ତିଳିଛ ମହାପାତ୍ର ରୂପ ବର୍ଣ୍ଣନା)

(ଙ) ପରିବେଶ ବର୍ଣ୍ଣନା:- ସହରରେ କର୍ଫ୍ୟୁଚାଲିଛି । ଆଜକୁ ତିନିଦିନ ହେଲା କେହି ରାସ୍ତାକୁ ଓହ୍ଲାଇ ନାହିଁ । ଘର ଭିତରେ ସମସ୍ତେ ଚୁପ୍‌ଚାପ୍ ବସିଛନ୍ତି । ହାତ ଧରାଧରି ହୋଇ ଦେହକୁ ଦେହ ଲଗି ବସିଛନ୍ତି । ଶୋଇଲେ ଏକାଠି ଗୋଟେ ବଖରାରେ ମଳାବାନ୍ଧି ଶୋଉଛନ୍ତି । ବାରମ୍ବାର ବୟସ୍କମାନେ ଯାଇ ଦେଖି ଆସୁଛନ୍ତି କବାଟରେ ଭିତରପଟୁ ଗେଡ଼ା ପଡ଼ିଛି କି ନାହିଁ । ପିଲାମାନେ ଖେଳୁ ନାହାନ୍ତି-ହସୁ ନାହାନ୍ତି,ଡବ ଡବ ଆଖିରେ ବଡ଼ମାନଙ୍କୁ ଚାହୁଁଛନ୍ତି ।(କମଳେଶ୍ୱରୀ)

(ଚ) ବିଭିନ୍ନ ଚିତ୍ରକଳ୍ପ ପ୍ରୟୋଗରେ ଭାବକୁ ପ୍ରଭାବଶାଳୀ କରି ପ୍ରକାଶ କରିବାରେ ଶ୍ରୀ ରଥଙ୍କ ବିଶେଷତ୍ୱ ପ୍ରମାଣିତ । ଏହି ଚିତ୍ରକଳ୍ପ ଗୁଡ଼ିକରୁ ତାଙ୍କ ମୌଳିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ -

ଭାରି ଭାରି ବିପଣିରେ ଟଳମଳ ନାଆ ପରି ତା'ଗୋଡ଼ ଅସ୍ଥିର ପଡୁଥିଲା (ସବୁଠାରୁ ଦୀର୍ଘରାତି)

Digitized by srujanika@gmail.com

ପାଣି ହାଣ୍ଡିପରି ଟଳମଳ ଗର୍ଭବସ୍ଥା (ସବୁଠାରୁ ଦୀର୍ଘରାତି)

ତାକୁ ଲାଗୁଥିଲା ସତେବା ସେ ଚର୍ବି ଲାଗିଥିବା, ଆଣ୍ଠାଧରିଥିବା ଚିକ୍‌କଣ କୁକୁଡ଼ାଟିଏ (ରୁନି ପାଇଁ ନିରବ ପ୍ରାର୍ଥନା)

ଓଦା ଓଦା ପାହାଡ଼ ପରି ନିସ୍ତବ୍ଧ ଅନ୍ଧାର (ନିମ୍ନ ପାହାଚ)

ତା'ମୁହଁ ଦର୍ପଣ ପରି ଜଳୁଥାଏ (ଏଇ ବୋଧେ ଶେଷ ଦୁଃଖ)

ଦାନ୍ତରେ ଖରାପଡ଼ି ହୀରାଖଣ୍ଡ ପରି ଝଟକିଲା (ଏଇ ବୋଧେ ଶେଷ ଦୁଃଖ)

ଗୁଡ଼ାଏ ଚର୍ବିଳ ମାଂସ ଖାଇ ଦେଇ ମେଦ ବହୁଳ ରାକ୍ଷସଟାଏ ସତେବା ଜହ୍ନ ଆଲୁଅରେ ହାଇ ମାରୁଛି (ସେ ତୁମ ମା'ପରା)

ଖାଲି ରାସ୍ତାରେ ସକାଳ ଖରା ଭାରି ନିରୀହ,ଏକାକୀ ଆଚମ୍ୱିତ ପିଲାଟିଏ ପରି ଅସହାୟ (ସେ ତୁମ ମା'ପରା)

ଘର ମଝିରେ ଚିପୁଡ଼ା ଓଦାଲୁଗା ପରି ମଣିଷଟାଏ ଝୁଲିଛି ଛାତରୁ (ଛୁଇଁଲେ ଉଭାନ ହେଇଯିବ)

ସକାଳ ପାହିଲା ବାସ୍ନାଚା'ର ଉଷୁମ ବାମ୍ଫ ପରି (ବର୍ଷକ ଏକ ଗରୁ : ଗତୁକ ତିନିଦିନ)

ତା ମୁଠା ଭିତରେ ମୋ ବାଁ ଡେଣାଟି ମଲା ଗଡିଶା ପରି ନଶ୍ୱେଷ ଓହଳି ରହିଲା (ପ୍ରଶ୍ନବାଚକ)

ବିଭିନ୍ନ ଦୃଷ୍ଟିରୁ ବିଚାର କଲେ । ସବୁଠାରୁ ଦୀର୍ଘରାତି ଏକ ସଫଳ ଗଳ୍ପ ସଂକଳନ । ବ୍ୟଞ୍ଜନା ଧର୍ମୀ ବାକ୍ୟ ପ୍ରୟୋଗ, କିମ୍ୱଦନ୍ତୀର ସାର୍ଥକ ବିନ୍ୟାସ,ନାଟକୀୟ ଉପସ୍ଥାପନ ଶୈଳୀ,ରହସ୍ୟଧର୍ମିତା,ଚିତ୍ରକଳ୍ପର ଯଥାର୍ଥ ପ୍ରୟୋଗ,ଶାଣିତ ଶବ୍ଦର ବ୍ୟବହାର,ଭାବର ଅବାଧ ବିଚରଣ,ଏକମୁଖୀଗତି,ପରିଣତିରେ ଚମତ୍କାରିତା ଓ ଅତୃପ୍ତିର ଝଲକ ଏହି ଗଳ୍ପ ସଂକଳନଟିକୁ କାଳଜୟୀ ମୂଲ୍ୟ ପ୍ରଦାନ କରିଛି । ଚିତ୍ର ଚିତ୍ରଣ ଓ ଚରିତ୍ର ମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅତ୍ୟନ୍ତ ହୃଦ୍ୟ । ଅଳ୍ପ କେତେକ ଦେଶଜ ଶବ୍ଦର ପ୍ରୟୋଗ ପ୍ରସଙ୍ଗକୁ ଭାବଗର୍ଭିକ କରିପାରିଛି । ଶ୍ରୀ ରଥଙ୍କ ଗଳ୍ପ ଜଗତମୟ ବିଚିତ୍ରବର୍ଣ୍ଣା । ବାସ୍ତବ ଜୀବନର ରୂପକାର ଭାବେ ଓଡ଼ିଆ ଗଳ୍ପ ସାହିତ୍ୟରେ ଚନ୍ଦ୍ରଶେଖର ରଥ ଅମର ହୋଇ ରହିବେ ।

◆ ◆ ◆

Digitized by srujanika@gmail.com

ବିକ୍ରି ପାଇଁ ଫୁଲମାଳ ଓ ସ୍ରଷ୍ଟା ଚନ୍ଦ୍ରଶେଖର ରଥ

ଡଃ. ପ୍ରସନ୍ନ କୁମାର ସ୍ୱାଇଁ

ସାଂପ୍ରତିକ କାଳରେ ମାନବ ଓ ସମାଜକୁ ସାହିତ୍ୟରେ ସଂକ୍ଷେପରେ ପ୍ରକାଶ କରିବାର ଏକ ବଳିଷ୍ଠ ମାଧମ ହେଉଛି କ୍ଷୁଦ୍ରଗଳ୍ପ । ବିଜ୍ଞାନର ଚରମ ଉତ୍କର୍ଷ ସାଧନ କାଳରେ ମାନବ ଦୀର୍ଘ ସମୟ ଧରି ବସି ଉପନ୍ୟାସ କାବ୍ୟାଦି ପାଠ କରିବାର ସମୟ ଆଜି ଆଉ ତା ନିକଟରେ ନାହିଁ । ବ୍ୟସ୍ତ ବିବ୍ରତ ମାନବ ସାମୟିକ ମନୋରଂଜନ ପାଇଁ ତଥା ସାହିତ୍ୟ ମଧ୍ୟରେ ନିଜର ଭୁଲ ଦେଖି ତାକୁ ସଂଶୋଧନ କରିବା ପାଇଁ ଉତ୍ସାହୀ ହୋଇ କ୍ଷୁଦ୍ରଗଳ୍ପ ହିଁ ଅଧ୍ୟୟନ କରିଥାଏ । କ୍ଷୁଦ୍ରଗଳ୍ପ ମଧ୍ୟରେ ଗାଳ୍ପିକ ଏକ କ୍ଷୁଦ୍ର ପରିସର ମଧ୍ୟରେ ଯେପରି ଏକ ବିରାଟ ତଥ୍ୟ ଓ ତତ୍ତ୍ୱକୁ ଚକିତ ଉଦ୍‌ଭାସିତ କରି ଉପସ୍ଥାପନ କରିବାର ସୁଯୋଗ ରହିଥାଏ ତାହା ହୁଏତ ସାହିତ୍ୟର ଅନ୍ୟାନ୍ୟ କୌଣସି ବିଭାଗରେ ସମ୍ଭବ ହୋଇନଥାଏ । ପୁନଶ୍ଚ ସମାଜ ଓ ମାନବର ସମସ୍ୟା ଯଥାର୍ଥ ରୂପେ ନାଟକୀୟ ରୀତିରେ କ୍ଷୁଦ୍ରଗଳ୍ପରେ ହିଁ ଉପସ୍ଥାପିତ କରାଯାଇପାରେ, ଯାହା ସାହିତ୍ୟର ଅନ୍ୟାନ୍ୟ କୌଣସି ବିଭାଗରେ ସମ୍ଭବ ହୁଏନାହିଁ । ସଂପ୍ରତି ଆମ ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଚେତନାର ଜଣେ ଦରଦୀ ମାନବବାଦୀ ଦ୍ରଷ୍ଟା ହେଉଛନ୍ତି ଚନ୍ଦ୍ରଶେଖର ରଥ । ନିଜର ସ୍ରଷ୍ଟା ଜୀବନ ପ୍ରବନ୍ଧ ଓ ରମ୍ୟରଚନାରୁ ଆରମ୍ଭ କରିଥିଲେ ମଧ ଏହା ପରେ ଉପନ୍ୟାସ ଓ ଶେଷରେ ଗଳ୍ପ ରଚନାରେ ଲେଖନୀ ଚାଳନା କରି ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ସେ ହୋଇଛନ୍ତି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ ।

ନିଜ ସୃଷ୍ଟି ସଂପର୍କରେ ସେ କହନ୍ତି - '' ଉପନ୍ୟାସ, ରଚନା ଓ ଗଳ୍ପ ବିଷୟରେ ମୋର ମତ ପ୍ରାୟ ଏଇଆ; ତିନିହେଁ ମୋର ସନ୍ତାନ । ସେ ଭିତରୁ ଉପନ୍ୟାସ ଶ୍ରେଷ୍ଠ; ସେ ଘର ଦୁଆର କରି ସଂସାର ଚଳାଉଥିବା ବଡ଼ପୁଅ । ତା ପାଖରେ ବର୍ଷେ ମୁଁ ରହିପାରେ । ରଚନା ଖୁବ୍ ବୁଦ୍ଧିଆଳ, ତେଜାଚୋକା, ଯେ ହୁଏତ ବାଣୀବିହାରରେ ପଢୁଛି ପ୍ରାଚ୍ୟ-ପାଶ୍ଚାତ୍ୟର ସାହିତ୍ୟ, ଦର୍ଶନ, ବିଜ୍ଞାନ । ସବୁ ରାଜ୍ୟକୁ ସେ ଗମିପାରେ । ସମସ୍ତଙ୍କ ସାଙ୍ଗରେ ସେ ଟକ୍‌କର ଦେଇପାରେ । କିନ୍ତୁ ବୁଢାବାପାକୁ ବୁଝେଇବା ପାଇଁ ତା'ର ଭାଷାଟି ଟିକିଏ ନରମ । ଗଳ୍ପ ସବୁଠାରୁ କନିଷ୍ଠ, ଖୁବ୍ ଖେଳୁଆଡ଼ । ଭାରି ପ୍ରାଣବନ୍ତ ଏବଂ ଖିଆଲି । ସେ ଅଳ୍ପରେ ବହୁତ କଥା କହିପାରେ । ଗୋଟିଏ ପରିଚିତ ବଖରାକୁ ମୋ ଅଜାଣତରେ ସଜେଇ ମୋତେ ଚମକେଇ ଦେଇପାରେ । ବାସ୍ ଏ

Digitized by srujanika@gmail.com

ତିନିଙ୍କୁ ମୁଁ ଭଲପାଏ ଏହି କ୍ରମରେ, ଏହି ଅନୁପାତରେ । ତେଣୁ ପ୍ରବନ୍ଧ, ରମ୍ୟରଚନା ଏବଂ ଉପନ୍ୟାସର ସ୍ରଷ୍ଟା ହୋଇଥିଲେ ହେଁ ଚନ୍ଦ୍ରଶେଖରଙ୍କ ସିଦ୍ଧି କ୍ଷୁଦ୍ରଗଳ୍ପରେ । ତାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକ ଭାଷାରେ ଯେପରି ରସୋତ୍ତୀର୍ଣ୍ଣ ଭାବରେ ସେହିପରି ପ୍ରାଣବନ୍ତ ଓ ମନନଧର୍ମୀ । ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ ହେଉଛି 'ଅନେକ ବନ୍ୟା ପରେ' (୧୯୭୮) । 'ସବୁଠାରୁ ଦୀର୍ଘ ରାତି' (୧୯୯୫) ସମେତ ଏପର୍ଯ୍ୟନ୍ତ ତାଙ୍କର ଦଶୋଟି ଗଳ୍ପ ସଂକଳନ ପ୍ରକାଶିତ । ନିଜର ଗଳ୍ପ ରଚନା ସଂପର୍କରେ ସେ କହନ୍ତି - ''ଫେରିଲି ଭୁବନେଶ୍ୱରକୁ । ଜାଣିଗଲି ଯେ ମୁଁ ସ୍ୱସ୍ଥାନକୁ ଆସିଗଲି । **** ବହୁ ବ୍ୟକ୍ତି, ବହୁ ବେଦନା, ବହୁ ପରିଚିତି ବହୁ ଅନୁରାଗ ଦେଇ ଖୁବ୍ ଦ୍ରୁତ ଗତିରେ ପାରି ହେଲି, - ଆରମ୍ଭ କଲି ଗଳ୍ପ ଲେଖା, ଏବଂ ଲେଖି ଚାଲିଲି । ବର୍ଷ ଦି'ଟା ତିନିଟା ଭିତରେ ୫୦/୬୦ ଗପ ଲେଖିଗଲି । ହୁରିପଡ଼ିଲା ରଥେ ଗଳ୍ପ ଲେଖିଲେ ବୋଲି, ଏବଂ ମୋତେ ଭାରି ମହର୍ଗ ପଡିଲା ସେ ବେଉସା । ମୋର ଯେଉଁମାନେ ଖୁବ୍ ଘନିଷ୍ଠ ପର୍ଯ୍ୟାୟର ଥିଲେ, ରାତାରାତି ଯୁଦ୍ଧ ଘୋଷଣା କଲେ । ବିଭିନ୍ନ ମହଲରେ ମୋର ନିନ୍ଦା ରଟିଲେ । ବହୁ କୁବଚନ କହିଲେ । ମୋତେ ଦେଖିଲେ କଥା କହିଲେ ନାହିଁ । ମୁଁ ବିସ୍ମିତ ହେଲି, ବ୍ୟଥିତ ହେଲି । ସେମାନଙ୍କ ଅନ୍ତର୍ଦାହ ମୁଁ ବୁଝିପାରିଲି । ଦେଖ ଭାଇ, ମୁଁ ତୁମର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଗଳ୍ପ ଲେଖିନାହିଁ । ମୋ ଆୟତ୍ତରେ ଥିଲେ, ତୁମ ବନ୍ଧୁତା ଖାତିର୍‌ରେ ମୁଁ କଲମ ଛାଡ଼ି ବି ଦିଅନ୍ତି । ମୁଁ ଚାହେଁନା ମୋ ଗଳ୍ପ ଲେଖା ପାଇଁ ତୁମେ ଏତେ ସନ୍ତାପିତ ହୁଅ । ମୁଁ ଚାହେଁନା ତୁମେ ମୋର ଉପସ୍ଥିତିରେ ଏମିତି ଈର୍ଷା ଜର୍ଜର ହୁଅ । ସତ କହୁଛି ଭାଇ, ବିଶ୍ୱାସ କର ନଙ୍କର ଗଳ୍ପ ଆସୁଛି ବୋଲି ଲେଖୁଛି । ତୁମେ ସବୁ କୋଉକାଳୁ ଲେଖୁଛ । ଯଶ, ପ୍ରତିଷ୍ଠା ଅର୍ଜନ କରିଛ । ମୁଁ ସେଥିପାଇଁ ପ୍ରତିସ୍ପର୍ଦ୍ଧା କରୁନାହିଁ । କିନ୍ତୁ ଲେଖୁ ଲେଖୁ ଯଦି ତମେ ନ୍ୟୁନ ହୋଇଗଲ ମୋର ସେଥିକୁ ଚାରା ନାହିଁ - କାରଣ ମୋର ପ୍ରତିବଦ୍ଧତା ମୋ ମାଲିକ ପାଖରେ, ବାକ୍‌ଦେବୀ ପାଖରେ ।'' (୨) ସେହି ସମୟରୁ ଚନ୍ଦ୍ରଶେଖର ଆଉ ପଛକୁ ଫେରିଚାହିଁ ନିଜ ସୃଷ୍ଟିକୁ ସମୀକ୍ଷା କରିବା ମଧ୍ୟରେ ବୁଡ଼ିଯାଇ ନାହାନ୍ତି । ବରଂ ଗୋଟିଏ ପରେ ଗୋଟିଏ ଗଳ୍ପ ସଂକଳନ ସୃଷ୍ଟି କରି ଉତ୍କଳ ଭାରତୀଙ୍କର ଶୋଭା ବୃଦ୍ଧି କରିଛନ୍ତି ତଥା ଆମ ଗଳ୍ପ ସାହିତ୍ୟକୁ କରିଛନ୍ତି ସମୃଦ୍ଧ ଓ ଭାସ୍ୱର ।

ଆଲୋଚ୍ୟ ଗଳ୍ପ ସଂକଳନ 'ବିକ୍ରିପାଇଁ ଫୁଲମାଳ' (୧୯୯୦) ହେଉଛି ଚନ୍ଦ୍ରଶେଖର ରଥଙ୍କର ସପ୍ତମ ଗଳ୍ପ ସଂକଳନ । ଏହି ସଂକଳନରେ ସର୍ବମୋଟ ବାରଟି କ୍ଷୁଦ୍ରଗଳ୍ପ ରହିଛି । ଏହି ଗଳ୍ପଗୁଡ଼ିକ ମୁଖ୍ୟତଃ ସାଂପ୍ରତିକ ସମାଜରେ ମଣିଷ ମଧ୍ୟରେ ସୃଷ୍ଟି ବିଭିନ୍ନ ସମସ୍ୟା ଉପରେ ଆଧାରିତ ଓ ତା'ର ସ୍ୱାର୍ଥକେନ୍ଦ୍ରିକ ସଂପର୍କ ସହିତ ଓତପ୍ରୋତ ଭାବେ ଜଡ଼ିତ । ଆଧୁନିକ ମଣିଷର ନିଃସଙ୍ଗତାବୋଧ, ଅସହାୟତା, ବିଡ଼ମ୍ବିତ ଭାଗ୍ୟ, ବିଚ୍ଛିନ୍ନତାବୋଧ, (alienation) ବିକାରଗ୍ରସ୍ତ ମାନସିକତା, ସ୍ଥିତି

Digitized by srujanika@gmail.com

ଜନିତ ବ୍ୟାକୁଳତା ଭିତ୍ତିରେ ତାଙ୍କର ଏହି କ୍ଷୁଦ୍ରଗଳ୍ପଗୁଡ଼ିକ ରଚିତ । ପୁଣି ଭାରତୀୟ ସଂସ୍କୃତିର ଆତ୍ମ ଅନ୍ୱେଷଣ, ଭଗବାନଙ୍କର ବାସ୍ତବ ସତ୍ତା ଅନୁସନ୍ଧାନ ଏବଂ ଆତ୍ମ ବିଶ୍ଳେଷଣ ଭିତ୍ତିରେ ଏହା ପର୍ଯ୍ୟବସିତ । ଗଳ୍ପ ସଂକଳନର 'ବିକ୍ରି ପାଇଁ ଫୁଲମାଳ' ଗଳ୍ପଟି ଗାଳ୍ପିକଙ୍କର ଏକ ଉଲ୍ଲେଖଯୋଗ୍ୟ ସୃଷ୍ଟି । ସାଂପ୍ରତିକ ସମାଜରେ ମଣିଷ ନିଜ ସଂସ୍ଥିତି ପାଇଁ କିପରି ଯେକୌଣସି ହୀନ କାର୍ଯ୍ୟ କରିବା ପାଇଁ କୁଣ୍ଠାବୋଧ କରୁନାହିଁ ଓ ଅର୍ଥ ନିମିତ୍ତ ନର୍କର ଯନ୍ତ୍ରଣା ଜର୍ଜରିତ କୁଣ୍ଡକୁ କିପରି ଲମ୍ଫ ପ୍ରଦାନ କରୁଛି - ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛି 'ବିକ୍ରି ପାଇଁ ଫୁଲମାଳ' କ୍ଷୁଦ୍ରଗଳ୍ପ । ଏହି ଗଳ୍ପରେ ମଣିଷ ମଣିଷ ମଧ୍ୟରେ ଯେଉଁ ସ୍ନେହର ସଂପର୍କ ଗାଳ୍ପିକ ଅନୁଭବ କରିଛନ୍ତି ତାହା ବାହ୍ୟତଃ ଖୁବ୍ ଦୃଢ଼ ହେଲେ ମଧ୍ୟ ତା'ର ଅନ୍ତଃରୂପ ଠିକ୍ ତାହା ନୁହେଁ । ଏ କଥା ବାର ବର୍ଷର ଫୁଲ ବିକାଳି ପିଲା ରତନା ଓ ତା'ର ଜେମା ଅପା ଚରିତ୍ର ମଧ୍ୟରେ ଗାଳ୍ପିକ ସ୍ପଷ୍ଟ କରିଛନ୍ତି ।

ଘରେ ରତନା ଆଉ ଜେମା-ଅପା । ଜେମା ଅପା ଖୁବ୍ ଭକ୍ତିରେ ଗୋଡ଼ ହାତ ଧୋଇ ପୂଜାରେ ବସିଲା ପରି ଠାକୁରଙ୍କ ପାଇଁ ତୁଳସୀ ଦୟଣା ମାଳ ଗୁନ୍ଥେ । କେହି ଗରାଖ ଘରକୁ ଫୁଲ ପାଇଁ ଆସିଲେ ଜେମା ଅପା ଗରାଖଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ରତନାକୁ ସେମାନଙ୍କ ନିମିତ୍ତ ପାନ ଆଣିବାକୁ ପଠାଇଦିଏ । ସେମାନେ ଫୁଲମାନ କିଣି ପାନ ଖାଇ ଖୁସିରେ ଚାଲିଯାଆନ୍ତି । ଗରାଖମାନେ ଗଲାପରେ ଜେମା ଅପା ଆଖିରୁ ଲୁହ ଝରାଏ । ମାତ୍ର ରତନାକୁ ଏଗୁଡ଼ା ବଡ଼ ବିରକ୍ତିକର ମନେ ହୁଏ । ସେ ଭାବେ ବୋଧହୁଏ ଯେଉଁମାନେ ଫୁଲ କିଣିବା ପାଇଁ ଆସୁଛନ୍ତି, ସେମାନେ ତା'ଅପାକୁ କିଛି ଖରାପ କଥା କହି ଗାଳି ଦେଉଛନ୍ତି । ସେ କିଛି ବୁଝିପାରେ ନାହିଁ । ଦିନେ ତା'ର ଅପା ରତନା ହାତରେ ଗୋଟିଏ ଯୂଇ ଫୁଲର ଗଭାମାଳ ଦିଏ ବିକ୍ରି କରିବା ପାଇଁ । ମାତ୍ର ଅଧିକ ଦୟଣା ତୁଳସୀ ମାଳ ବିକ୍ରି ହୋଇ ସାରିଥିଲେ ମଧ୍ୟ ଯୂଇ ଗଭାମାଳଟି ବିକ୍ରି ହୋଇ ପାରେ ନାହିଁ । ରାତ୍ରି ପ୍ରାୟ ଦଶଟା ପର୍ଯ୍ୟନ୍ତ ଯୂଇ ଗଭାମାଳଟି ବିକ୍ରି କରିବାକୁ ସେ ଅପେକ୍ଷାକଲା । ଭୋକରେ ତା ପେଟ ଆଉଟୁ ପାଉଟୁ ହେଉଥାଏ । ନିଦରେ ଆଖି ମାଡ଼ି ମାଡ଼ି ପଡୁଥାଏ । ରାସ୍ତା ନିରୋଳା ହୋଇ ଆସୁଥାଏ । ସେ ମନେମନେ ତା ଉପରେ ଆଉ ତା ଅପା ପରେ ଖୁବ୍ ବିରକ୍ତ ହେଲା । ଏତିକିବେଳେ ଜଣେ ଧୋତି ପିନ୍ଧି ଧୋବଧଉଳିଆ କଳା ମଚ୍‌ମଚ୍ ମଣିଷ ଖଣ୍ଡେ ପାଛୁଡ଼ା ପକେଇ ତା ପାଖରେ ଆସି ପହଞ୍ଚିଲା । ସେ ହାତ ବଢେଇ ଯେତେବେଳେ ଗଭା ମାଳଟିକୁ ଟେକି ଦେଲା, ରତନା ଶୀତେଇ ଉଠି ପାଟି କରି କହିଲା - ''ହାଁ ହାଁ - ସେଇଟା ପାଞ୍ଚଟଙ୍କା ।''

କିଛି ପ୍ରତିବାଦ ନକରି ଦଶ ଟଙ୍କା ଫୋପାଡ଼ି ଦେଇ ସେଇ ଯୂଇର ଗଭାମାଳଟି ଲୋକଟା କିଣି ନେଲା । ଦୁଇଟା ଦିଟଙ୍କିଆ ଆଉ ଗୋଟିଏ ଟଙ୍କିକିଆ ନୋଟ୍ ଫେରେଇ ଦେଇ ରତନା ଆଶ୍ଚର୍ଯ୍ୟ ହେଇ ତା'ର ଫେରନ୍ତା ବାଟକୁ ଚାହିଁଥାଏ । ରାତି

Digitized by srujanika@gmail.com

ସେତେବେଳକୁ ବହୁତ ହେଲାଣି । ତା ପାଖରେ ବିକ୍ରି କରିବା ପାଇଁ ଆହୁରି ଦୟଣା ମାଳ ଥାଏ । ସେ ଉପାୟହୀନ ହୋଇ ମନ୍ଦିର ସାମ୍ନାକୁ ଚାଲିଗଲା । ଫୁଲ ବିକ୍ରି କରିବା ପାଇଁ ଖୁବ୍ ଜୋର୍‌ରେ ପାଟିକଲା । ଆଉ କେହି ଫୁଲ କିଣିଲେ ନାହିଁ । ହଠାତ୍ ସେତିକିବେଳେ ମନେପଡ଼ିଲା ତା ଅପା କଥା । ''ଅପା ଖାଇ ନଥିବ ! - ଅପା ହିସାବ ମାଗିବ ! - ଅପା କାନ୍ଦୁଥିବ !''

ମାତ୍ର ଘରେ ପହଞ୍ଚି ଯାହା ଦେଖିଲା ସେଥିରେ ସେ ନିଜକୁ ବିଶ୍ୱାସ କରିପାରିଲା ନାହିଁ । ସେ ଯେଉଁ ଗଭାମାଳଟି ପାଞ୍ଚଟଙ୍କାରେ ବିକ୍ରୀ କରିଥିଲା ତାହା ତା'ର ଅପାର ଜୁଡ଼ାରେ ଗୁଡ଼େଇ ହୋଇ ରହିଥିଲା ଆଉ ସେ ଫେରେଇ ଦେଇଥିବା ପାଞ୍ଚଟଙ୍କା ବି ନିକଟରେ ପଡ଼ିଥିଲା । ହଠାତ୍ ଯୂଇ ମାଳଟି ଓ ପାଞ୍ଚଟଙ୍କା ଦେଖି ରତନା ନିଜକୁ ବିଶ୍ୱାସ କରିପାରିଲା ନାହିଁ । ସେ ଅନୁଭବ କଲା ଯେପରି ସେହି ଫୁଲ କିଣିଥିବା ଗରାଖଟା ତା ଆଗରେ ଗୁଣ୍ଡୁଣି ହାତୀ ପରି ଚାଲିଯାଉଛି । ମାତ୍ର ଜେମା ଅପା ମନରେ ସବୁ ଦୁଃଖକୁ ଚାପି ଦେଇ ରତନାକୁ ଅନେଇ ମୁହଁରେ ଶୁଖିଲା ହସଟାଏ ହସି ରନ୍ଧାଘରେ ପଶି ଖାଇବାକୁ ବାଢିଲା । ଏହି ଗଳ୍ପ ମଧ୍ୟରେ ଗାଳ୍ପିକ ଚନ୍ଦ୍ରଶେଖର ସାଂପ୍ରତିକ ମଣିଷ ବିଶେଷତଃ ନାରୀର ମନୋରାଜ୍ୟରେ ସୃଷ୍ଟ ଦୁଃଖକୁ ଯେପରି ଭାବରେ ବ୍ୟକ୍ତ କରିଛନ୍ତି ତାହା ବାସ୍ତବରେ ଯେ କୌଣସି ପାଠକକୁ ଆଶ୍ଚର୍ଯ୍ୟାଭିଭୂତ କରିଥାଏ । ଯେଉଁ ନାରୀ ଠାକୁରଙ୍କୁ ମଣ୍ଡିତ କରିବାଲାଗି ଶୁଦ୍ଧ ପୂତ ଚିତ୍ତରେ ଭକ୍ତି ଭାବରେ ଗୋଡ଼ହାତ ଧୋଇ ଯୂଇମାଳଟି ଗୁନ୍ଥିଥିଲା ସେ ବୋଧହୁଏ ସେତେବେଳେ ଜାଣିନଥିଲା ସେଇ ମାଳଟି ତା'ର ଜୁଡ଼ା ମଣ୍ଡନ କରିବ ବୋଲି । ଜେମା ଅପା ମଣିଷ - ସେ ନାରୀ । ତା'ର ଦେହ ଡାକର ଆହ୍ୱାନରେ ସେଦିନ ରତନାର ଅନୁପସ୍ଥିତିରେ ଆସିଥିଲା ଗୁଣ୍ଡୁଣି ହାତୀ ପରି ସେହି ଲୋକଟା । ଆସିଲାବେଳେ ରତନା ଠାରୁ ଯୂଇ ମାଳଟି କିଣି ଆଣି ଠାକୁର ପରି ତା'ର ଅପାକୁ ସଜେଇ ତା'ର ତନୁ ତୀର୍ଥରେ ସ୍ନାନ କରି ଫେରିଯିବା ବେଳେ ପାଞ୍ଚଟଙ୍କା ଦେଇ ଚାଲି ଯାଇଥିଲା । ସୁତରାଂ ଯେଉଁ ଫୁଲ ଠାକୁରଙ୍କ ଆସ୍ଥାନ ମଣ୍ଡନ କରିବା କଥା ତାହା ହୋଇଥିଲା ସାଂପ୍ରତିକ ଭୋଗବାଦୀ ମଣିଷର ଉପଭୋଗର ସାମଗ୍ରୀ । ଗାଳ୍ପିକ ଚନ୍ଦ୍ରଶେଖର ମଣିଷ ଦେହ ଓ ମନର ଏହି କଥାକୁ ଖୁବ୍ ପ୍ରଯତ୍ନର ସହିତ ବ୍ୟକ୍ତ କରିଛନ୍ତି ତାଙ୍କର 'ବିକ୍ରିପାଇଁ ଫୁଲମାଳ' କ୍ଷୁଦ୍ରଗଳ୍ପ ମଧ୍ୟରେ ।

ଆଧୁନିକ ମଣିଷ ଏତେ ବ୍ୟସ୍ତତା ମଧ୍ୟରେ ଗତି କରିଛି ଯେ ତା ଚତୁର୍ଦ୍ଦିଗରେ କେତେବେଳେ କ'ଣ ଘଟୁଛି ତା'କୁ ଭାବିବାକୁ ତା'ର ସମୟ ନାହିଁ । ତା ଜୀବଦ୍ଦଶାରେ ବାରମ୍ବାର ତା ଭିତରେ ଈଶ୍ୱର ସଂପର୍କିତ ଧାରଣା ସୃଷ୍ଟି ହେଲେ ବି ସେ ତାହାକୁ ଅନ୍ଧ ଭାବରେ ଗ୍ରହଣ ନକରି ଅନେକ ସମୟରେ ଦୂରେଇ ଦେବାକୁ ଶ୍ରେୟସ୍କର ମଣୁଛି । କାରଣ ଅଫିସ୍‌ଠାରୁ ନିଜ ଘର ପର୍ଯ୍ୟନ୍ତ ଚତୁର୍ଦ୍ଦିଗରେ ସେ ଗଭୀର ମାନସିକ ଦ୍ୱନ୍ଦ୍ୱମଧ୍ୟରେ

Digitized by srujanika@gmail.com

ଗତି କରୁଛି । କେହି ତାକୁ ଈଶ୍ୱର ସଂପର୍କରେ କିଛି ପଚାରିଲେ ସେ କହିବ - "ଏଠି ବାପ ଈଶ୍ୱର ଫିଶ୍ୱର କିଛି ନାହିଁ । ଏଠି ଖାଲି ଏଇ ଘାଇଁ ଘାଇଁ ରାଇଁ ରାଇଁ, ଧୂଳି, ଗହଳି ଉଠାପକା ଚାଲିଛି, ଆଉ ଚାଲିଥିବ ଶେଷ ଯାଏ । ଏହା ହେଉଛି ଚନ୍ଦ୍ରଶେଖର ରଥଙ୍କର ବିକ୍ରିପାଇଁ ଫୁଲମାଳ ଗଳ୍ପ ସଂକଳନର "ମୋ ପାଖରେ ସେ କିଏ ?" ଗଳ୍ପର ମୂଳଭିତ୍ତି । ଗଳ୍ପ ନାୟକ ତା'ର ଚତୁର୍ଦ୍ଦିଗରେ ଘଟି ଯାଉଥିବା ଘଟଣା ବା ତା'ର ଅଫିସ୍ ଓ ନିଜ ପରିବାରରେ ଥିବା ରୋଗିଣା ବାପା, ବଢ଼ିଲା ଝିଅ କିମ୍ବା କ୍ଷୟ ରୋଗ ଗ୍ରସ୍ତ ପତ୍ନୀଙ୍କ ସଂପର୍କରେ ସଚେତନ ନୁହେଁ । ସେ ତା ନିଜ ପାଇଁ ବ୍ୟସ୍ତ ଓ ବିବ୍ରତ - ଯେଉଁ ବ୍ୟସ୍ତତା ମଧ୍ୟରେ ସେପରି କିଛି ଉନ୍ନତିର ସମ୍ଭାବନା ନାହିଁ ।

ଗାଳ୍ପିକ ଚନ୍ଦ୍ରଶେଖର ଏହି ଗଳ୍ପମଧ୍ୟରେ ଗୋଟିଏ ନିମ୍ନ ମଧ୍ୟବିତ୍ତ ମଣିଷର କଥା କହିବାବେଳେ ସେ କିପରି ନିଜର ସ୍ଥିତି ପାଇଁ ଉପାର୍ଜନ କରିଥିବା ପଇସାରେ ଭାଗମାପି ଚଳିବାକୁ ଚେଷ୍ଟା କରୁଛି ଓ ବେଳେ ବେଳେ ସେଥିରେ ଚଳିନପାରି ନିଜ ଅସ୍ଥିର ମାନସିକତାରୁ ସାମୟିକ ମୁକ୍ତି ପାଇବା ପାଇଁ ପ୍ରୟାସୀ ହୋଇ କିଛି ଚିତ୍ର ମାଗାଜିନ୍ ସହିତ ଗୋଟିଏ ଟଙ୍କାର ପାନ କିଣି ଖାଉଛି ତାହା ଉଲ୍ଲେଖ କରିଛନ୍ତି । ଅର୍ଥାଭାବରୁ ସେ ବିରକ୍ତ ହୋଇ କହିଛି - "ଓଃ....ସରିଗଲେ ସରିଗଲା । କେତେ ଚିପି ହୋଇ ମଣିଷ ଚଳୁଥିବ ସବୁବେଳେ । ବୁଢ଼ା ବୁଢ଼ୀ ହେଲେ ରୋଗ ହେବ । ସେମାନେ ମରିବେ । ଔଷଧ ତାଙ୍କୁ ରଖିପାରିବ ନାହିଁ । (୩)

ଏସବୁ କଥା ଭିତରେ ନିମ୍ନ ମଧ୍ୟବିତ୍ତ ମଣିଷଟି ସମାଜରେ ତା'ର ଦୁଇ ଗୋଡ଼କୁ ଦମ୍ଭକରି ଠିଆ କରିବାକୁ କେତେ ଯେ ସଂଗ୍ରାମ କରୁଛି ତା'ର ଇୟତ୍ତା ନାହିଁ । ଅର୍ଥ ସଂଚୟ କରିବାକୁ ଯାଇ ସେ ଟାଉନ୍ ବସ୍‌ରେ ଧସ୍ତାଧସ୍ତି ହୋଇ ବସ୍ତା ପରି ଲଦି ହୋଇ ଯାଉଛି, ଯେଉଁଠି ପେଟକୁ ଖେଣ୍ଟି କିଣିଥିବା ପାନିଆ ଓ ଚିତ୍ର ମାଗାଜିନ୍ ଖଣ୍ଡିକ ହଜିଯାଉଛି । ତେଣୁ ଏହିଭଳି ନିଜ ଭାଗ୍ୟ ସହିତ ସର୍ବଦା ସଂଗ୍ରାମ କରି ବଂଚୁଥିବା ମଣିଷ ସମାଜରେ ନିଜ ସ୍ଥିତି ଦୃଢ଼ କରିବା ପୂର୍ବରୁ ପୁଣି ସମାଜରୁ ବିଦାୟ ନେଇ ଯାଉଥିବା ବେଳେ ଭଗବାନଙ୍କ କଥା ସେ ଚିନ୍ତା କରନ୍ତା ବା କିପରି ?

ମାତ୍ର ଦୈନିନ୍ଦିନ ଜୀବନଚର୍ଯ୍ୟା ମଧ୍ୟରେ ସେହି ଭଗବାନଙ୍କ ଚିନ୍ତା ଯେତେବେଳେ ତାଙ୍କୁ ବେଳୁବେଳ ଅଧିକ ଘାରିଲା, ସେ ସାଂସାରିକ ମୋହ ମାୟା ଓ ବନ୍ଧନ ମଧ୍ୟରେ ଥାଇ ବି ଅନୁଭବ କରେ ଯେପରି ତା'ର ଅନ୍ତରାତ୍ମା ଭିତରେ କିଏ ଜଣେ ସେହି ଭଗବାନଙ୍କ ସାନିଧ୍ୟ ଅନ୍ୱେଷଣରେ ଚାଲିଛି ଓ ସେଥିପାଇଁ ନିଃଶବ୍ଦରେ ନିଶାର୍ଦ୍ଧରେ ପ୍ରାୟ ରାତ୍ରି ତିନିଟା ସମୟରେ ଝରକା ନିକଟକୁ ଉଠିଯାଇ ସେହି ମହାନାୟକଙ୍କର ଅନ୍ୱେଷଣ କରୁଛି ଯାହା ପ୍ରତ୍ୟେକ ମଣିଷର ସର୍ବଶ୍ରେଷ୍ଠ ଦୃଷ୍ଟି ।

Digitized by srujanika@gmail.com

ଗାଳ୍ପିକ ଏହି ଘଟଣାକୁ ଆହୁରି ବ୍ୟାପକ କରିଛନ୍ତି ଆଲୋଚ୍ୟ ଗଳ୍ପ ସଂକଳନର 'ନମାନିଲେ ପଥର' କ୍ଷୁଦ୍ରଗଳ୍ପ ମଧ୍ୟରେ । ଗଳ୍ପ ନାୟକ ଗଳ୍ପର ପ୍ରାରମ୍ଭରୁ ବୈଦ୍ୟନାଥଜୀଙ୍କୁ ଅସ୍ୱୀକାର କରି ତାଙ୍କୁ ଭଣ୍ଡ ବାବା ଭାବେ ସ୍ୱୀକାର କରୁଥିବା ବେଳେ ନିଜର ପତ୍ନୀ ସୁମି ବୈଦ୍ୟନାଥଜୀଙ୍କ ନିମିତ୍ତ ନିଜ ସ୍ୱାମୀଙ୍କୁ ବହୁ ଅନୁରୋଧ କରି ତାଙ୍କ ହାତରେ ଚମନ ଅଙ୍ଗୁର, କାଶ୍ମୀର ସେଓ ସହିତ ଦାମ ସାହୁର ସଦ୍ୟ ପ୍ରସ୍ତୁତ ସୀତାଭୋଗ ଓ ଚନ୍ଦନପୁରୀ କଦଳୀ ମଗାଇ ରାତ୍ରି ପ୍ରାୟ ସାଢ଼େ ଏଗାରଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିବା ଓ ଶେଷରେ ବୈଦ୍ୟନାଥଜୀ ନଆସିବାରେ ନିରାଶ ହେବା ଘଟଣା ମଧ୍ୟରେ ଗୋଟିଏ ପରିବାରର ଧର୍ମ ଓ ଈଶ୍ୱରଙ୍କ ପ୍ରତି ସୃଷ୍ଟ ଦୁଇ ବିପରିତ ଚିନ୍ତା ଚେତନାକୁ ଗାଳ୍ପିକ ସ୍ପଷ୍ଟ କରିଛନ୍ତି । ସ୍ୱାମୀ ବୈଦ୍ୟନାଥଜୀ ବାବା ତାଙ୍କ ପ୍ରତି ଗଭୀର ଭାବେ ଅନୁରକ୍ତ ହୋଇ ପଡ଼ିଛନ୍ତି । ମାତ୍ର ସାଂପ୍ରତିକ ସମାଜରେ ଭଣ୍ଡ ବାବାଜୀମାନେ ଧର୍ମକୁ ଆଖିଠାର ମାରି ସମାଜରେ ଯେପରି ଘୃଣ୍ୟ ହେଉଛନ୍ତି ଓ ନାନା ବ୍ୟଭିଚାର ଘଟାଇ ଚାଲିଛନ୍ତି ତାହା ସୁମିର ସ୍ୱାମୀଙ୍କ ସଂଳାପ ମଧ୍ୟରେ ଗାଳ୍ପିକ ପ୍ରକାଶ କରିଛନ୍ତି । ଏହି ଭଣ୍ଡ ସନ୍ନ୍ୟାସୀମାନେ ଧର୍ମକୁ ଆଖିଠାର ମାରି ସମାଜରେ ଯେତେ ପ୍ରକାର ଅନୀତି ଅନାଚାର ସବୁର ସୂତ୍ରଧର ସାଜିଛନ୍ତି । ତେଣୁ ସମାଜ ଏମାନଙ୍କୁ ଘୃଣା ଚକ୍ଷୁରେ ଦେଖି ନିନ୍ଦିତ ଓ ଅପମାନିତ କରୁଥିଲା ବେଳେ ଜଣେ ସାଧାରଣ ମାନବ ଭାବେ ଏହି ଗଳ୍ପର ନାୟକ ସୁମିଙ୍କ ସ୍ୱାମୀ ବୈଦ୍ୟନାଥଜୀଙ୍କ ପ୍ରତି ସେହି ମନୋଭାବ ପୋଷଣ କରିବା ସ୍ୱାଭାବିକ ।

ମାତ୍ର ଆମେ ନାରୀମାନଙ୍କ ସଂପର୍କରେ ଯାହା ଭାବୁ ନାରୀର ମନ ଠିକ୍ ତାହା ନୁହେଁ । ସାଧାରଣତଃ ନାରୀମାନେ ଖୁବ୍ ସରଳ ବିଶ୍ୱାସୀ ଓ ଧର୍ମଭୀରୁ । ସେଥିପାଇଁ ଯେତେବେଳେ ବୈଦ୍ୟନାଥଜୀଙ୍କ ଠାରୁ ସୁମୀ ତାଙ୍କ ଘରକୁ ଆସିବାର ଖବର ପାଇଛନ୍ତି ସେତେବେଳେ ସାମଗ୍ରିକ ଭାବେ ତାଙ୍କର ସତ୍ତା ସଂପୂର୍ଣ୍ଣରୂପେ ବୈଦ୍ୟନାଥଜୀଙ୍କ ଆତ୍ମା ସହିତ ଏକାତ୍ମ ହୋଇଯାଇଛି । ଗାଳ୍ପିକଙ୍କ ଭାଷାରେ- 'ଘରେ ପହଞ୍ଚିଲା ବେଳକୁ ସବୁ ଚୁପ୍‌ଚାପ୍ । ସବୁ ବଖରାରେ ଆଲୁଅ । ବାଟଘରେ ସୋଫା ଉପରେ ମୋ ସ୍ତ୍ରୀ ବସିଥା'ନ୍ତି । ଗାଧୋଇ ପକେଇଥା'ନ୍ତି ବୋଧେ । ଖୁବ୍ ପରିଷ୍କାର, ସଜ ଫୁଲ ପରି ତାଜା ଦେଖାଯାଉଥା'ନ୍ତି । (୪) ମାତ୍ର ଶେଷ ମୁହୂର୍ତ୍ତରେ ବୈଦ୍ୟନାଥଜୀଙ୍କ ଶିଷ୍ୟଠାରୁ ତାଙ୍କର ନଆସିବାର ଖବର ପାଇ ସେ ବ୍ୟସ୍ତ ହୋଇପଡ଼ିଛନ୍ତି । ପୁଣି ସେହି ଶିଷ୍ୟ ହାତରେ ବୈଦ୍ୟନାଥଜୀ ପଠାଇଥିବା ପ୍ରସାଦ ଚନ୍ଦନପୁରୀ କଦଳୀ ପାଇବା ପରେ ଗଳ୍ପ ନାୟକର ମାନସିକତାରେ ଆସିଛି ପରିବର୍ତ୍ତନ । ନିଜ ଜୀବଦ୍ଦଶାରେ ଭଣ୍ଡ ପ୍ରତାରକ ବାବାଜୀମାନଙ୍କୁ ବିଶ୍ୱାସ କରୁନଥିବା ବେଳେ ତାଙ୍କ ଅନ୍ତରାତ୍ମା ହଠାତ୍ ବୈଦ୍ୟନାଥଜୀଙ୍କ ପ୍ରତି ନରମି ଯାଇଛି । ନିଜର ଭୁଲ ପାଇଁ ତାଙ୍କ ପିତ୍ନୀଙ୍କର ଦୁଇ ହାତକୁ ସେ ଯାବୋଡ଼ି ଧରିଛନ୍ତି । ସେତେବେଳକୁ ତାଙ୍କର ଚକ୍ଷୁଯୁଗଳ ଲୋତକରେ ପରିପୂର୍ଣ୍ଣ ହୋଇଯାଇଛି । ବହୁ କଷ୍ଟରେ ସେ କହିଛନ୍ତି - "ମୁଁ ମୋ ଆଚରଣ ପାଇଁ ଲଜ୍ଜିତ ସୁମି - ମୋତେ ମାଫ୍ କରିଦିଅ ।" (୫)

Digitized by srujanika@gmail.com

ପରଦିନ ସକାଳୁ କିନ୍ତୁ ସେ ଆଉ ବୈଦ୍ୟନାଥଜୀଙ୍କୁ ତାଙ୍କ ବସାରେ ପାଇନାହାନ୍ତି । ବୈଦ୍ୟନାଥଜୀ ଗତ ରାତିରେ ପାହାନ୍ତା ମେଲ୍‌ରେ ଦକ୍ଷିଣକୁ ଚାଲିଯିବାର ଖବର ପାଇଛନ୍ତି । ଗଲାବେଳେ ସେ ଖାଲି ତାଙ୍କ ଶିଷ୍ୟକୁ କହି ଯାଇଛନ୍ତି ସେ ପୁଣି ଥରେ ଜନ୍ମନେବେ । ସେହି ଦିନଠାରୁ ବୈଦ୍ୟନାଥଜୀଙ୍କୁ ଆଉ କେହି ଦେଖିନାହାନ୍ତି । ଉପାୟଶୂନ୍ୟ ହୋଇ ବୈଦ୍ୟନାଥଜୀଙ୍କୁ ଆଉ ଶିଷ୍ୟ ହାତରେ ପଠାଇଥିବା ପ୍ରସାଦ ଅନୁସାରେ ନିଜ ପୁତ୍ରର ନାମ ପ୍ରସାଦ ରଖିଥିଲେ ଓ ପତ୍ନୀ ସୁମିଙ୍କୁ ସାନ୍ତ୍ୱନା ଦେଇ ତାଙ୍କର ସ୍ୱାମୀ କହିଥିଲେ । ''ତାଙ୍କ ପ୍ରସାଦ ଆମେ ପାଇଚେ । ପୁତ୍ର ସଂପତ୍ତି ପାଇଚେ । ତା ନାଁ ପ୍ରସାଦ ରଖିବା ।''(୬)

ସୁତରାଂ ଏହି ଗଳ୍ପମଧ୍ୟରେ ଗାଳ୍ପିକ ସାଂପ୍ରତିକ ମଣିଷର ଧର୍ମ ପ୍ରତି ଥିବା ସ୍ୱାଭାବିକ ମୋହ ଓ ପରିସ୍ଥିତିର ଚାପରେ ତାହାର ପରିବର୍ତ୍ତନ ଯେପରି ବୈଦ୍ୟନାଥଜୀ ଓ ସୁମି ଚରିତ୍ରମଧ୍ୟରେ ବ୍ୟକ୍ତ କରିଛନ୍ତି ତାହା ବାସ୍ତବରେ ହୃଦ୍ୟ ।

ଏହି ଗଳ୍ପ ସଂକଳନର ଅନ୍ୟ ଏକ ପ୍ରତିନିଧିସ୍ଥାନୀୟ ଗଳ୍ପ ହେଉଛି 'ବାହାର ଲୋକ' । ଗଳ୍ପ ନାୟକ ଭୋଳାନାଥ ବଳିଆରସିଂହ । ସମାଜ ଦୃଷ୍ଟିରେ ସେ ବୃଦ୍ଧ, ଘରର ମୁରବୀ । ତେଣୁ ପରିବାର ସମସ୍ତେ ତାଙ୍କ ଠାରୁ ନିରାପଦ ବ୍ୟବଧାନରେ ଦୂରେଇ ରହନ୍ତି । ନିଜ ସ୍ତ୍ରୀଠାରୁ ସେ ବୟସରେ ଦଶବର୍ଷ ଓ ବଡ଼ ପୁଅଠାରୁ ପଚିଶି ବର୍ଷ ବଡ଼ । ତାଙ୍କ ମୁଣ୍ଡର ଅଧେ ବାଳ ପାଚିଗଲାଣି । ଦୁଇଟା କଳ ଦାନ୍ତ ଝଡ଼ିଗଲାଣି । ଗଜଲ୍ ବା କର୍ଣ୍ଣାଟକୀ ସଂଗୀତ ତାଙ୍କର ଖୁବ୍ ପ୍ରିୟ । ପପ୍ ବାଜିଲେ ସେ ଚିଡ଼ିଯାଆନ୍ତି ବା ଟି.ଭି. ପାଖରୁ ଉଠି ଯାଆନ୍ତି । ମୁରବୀ ହୋଇଥିବାରୁ ତାଙ୍କୁ ଗୋଟିଏ ଅଲଗା ଘର ସହିତ ସ୍ୱତନ୍ତ୍ର ସମ୍ମାନ ଦିଆଯାଇଥାଏ । ମାତ୍ର ତାଙ୍କର ସମବୟସ୍କ ସାଙ୍ଗ ଚିନ୍ତାମଣି ବାଳରେ ରଙ୍ଗ ଲଗାଇ ଟୋକାଙ୍କ ସାଙ୍ଗେ ଟୋକା ହେବାକୁ ଚେଷ୍ଟା କରନ୍ତି । ମାତ୍ର ତାଙ୍କ ପରିବାରର କେହି ବା ଭୋଳାନାଥ ବାବୁଙ୍କ ପରିବାରର କେହି ତାଙ୍କର ଏପରି ଆଚାର ବ୍ୟବହାରକୁ ପସନ୍ଦ କରନ୍ତି ନାହିଁ । ଭୋଳାନାଥ ବାବୁ ଚିନ୍ତାମଣି ସଂପର୍କରେ ଭାବନ୍ତି - ''ଚିନ୍ତାମଣିଟା ସତେ କେଡ଼େ ଅଭିଲା । ଆରେ ତତେ ସୁଖ ନେଇ କୋଉଠି ଛାଡ଼ିଲାଣି । ତୁ ସେଇଠୁ କା'ଣ ଉହୁଙ୍କି ହଉଛୁ ଯାଙ୍କ ସାଙ୍ଗେ ମିଶିବା ପାଇଁ । ତୁ ଅଯଥା ଗୁଡ଼ାଏ ଅଭିମାନିଆ ବି କାହିଁକି ହଉଛୁ ? ସେମାନେ କ'ଣ ତତେ ଅବଜ୍ଞା କରୁଛନ୍ତି ? ତତେ ବରଂ ସେମାନେ ବେଶ୍ ସମ୍ମାନ ଦିଅନ୍ତି । ତୁ ପାହାଚ୍ ଚଢି ଆସିଲେ ଆଡ଼େଇ ହୋଇ ଯାଆନ୍ତି । ତୋ ଆଗରେ ସିଗ୍ରେଟ୍ ଟାଣନ୍ତି ନାହିଁ । ତତେ ଚୌକି ଛାଡ଼ି ଉଠି ପଡ଼ନ୍ତି । କଥାଟାକୁ ଟିକେ ବୁଝ । ଏମିତି କାଇଁକି ହଉଚୁ ?''(୭)

ମାତ୍ର ଚିନ୍ତାମଣି ସଂପର୍କରେ ଏମିତି ଭାବୁଥିବା ବେଳେ ଭୋଳାନାଥ ବାବୁ ଯେତେବେଳେ ନିଜ ପରିବାରର ତାଙ୍କ ନିଜ ପ୍ରତି ସ୍ପଷ୍ଟ ଧାରଣା ସଂପର୍କରେ ଚିନ୍ତା

Digitized by srujanika@gmail.com

କରନ୍ତି । ସେ ଅନୁଭବ କରନ୍ତି ସତେଯେପରି ସେ ପରିବାରର ଜଣେ ସଦସ୍ୟ ନୁହଁନ୍ତି । ସେ ହେଉଛନ୍ତି ଜଣେ ଅଖୋଜା ଅଲୋଡ଼ା ବାହାର ଲୋକ । ସେଥିପାଇଁ ତାଙ୍କୁ ଏକୁଟିଆ ଦିଆଯାଇଥିବା ଚା,

ପକୁଡ଼ି ବା ଘୁଘୁନିକୁ ଏକୁଟିଆ ନଖାଇ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ସହିତ ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତି । ପୁଣି ସେ ଭାବିଛନ୍ତି - ''ଗୋଟିଏ ଥାଳିରେ ଚିନାବାଦାମ ରଖି ସମସ୍ତେ ବେଢ଼ି ବସନ୍ତେ । ଭୋଳାନାଥ ବାବୁ ସମସ୍ତଙ୍କ ଭିତରେ ଜଣେ ହୋଇ ଚିନାବାଦାମ ଖାଆନ୍ତେ । ୟା'ସାଙ୍ଗେ ତା'ସାଙ୍ଗେ ଥଟ୍ଟା ହୁଅନ୍ତେ । ଖୁବ୍ ମନଖୋଲି ହସନ୍ତେ, ହସାନ୍ତେ । ବର୍ଷା ପାଗଟା କେଡ଼େ ଗୁମ୍‌ସୁମ୍ ଲାଗନ୍ତା ।'' (୮) ମାତ୍ର ସେ ପର ମୁହୂର୍ତ୍ତରେ ଭାବିଛନ୍ତି ତାଙ୍କର ବୟସ ଅତିକ୍ରାନ୍ତ ହୋଇଗଲାଣି । ସମାଜ ଦୃଷ୍ଟିରେ ସେମାନେ ହେଲେଣି ଅଦରକାରୀ, ଅଲୋଡ଼ା ପଦାର୍ଥ । ସେ ଅନୁଭବ କରିଛନ୍ତି ଘରର କୁକୁର ଟମି ପରି ତାଙ୍କୁ ଯେପରି ଗୋଟିଏ ଚେନ୍‌ରେ ବାନ୍ଧି ଦିଆଯାଇ ଖାଇବାକୁ ଦିଆଯାଉଛି । ତେଣୁ ସେ ଶେଷରେ ପରିବାର କାହା ସହିତ ନମିଶି ସେହି କୁକୁର ସହିତ ମିଶିବାକୁ ଚେଷ୍ଟା କରିଛନ୍ତି । ଏକଥା ଭାବିଲାବେଳେ ତାଙ୍କର ଆଖି ଛଳ ଛଳ ହୋଇ ଉଠିଛି । ଭୋଳାନାଥ ବାବୁଙ୍କର ସ୍ତ୍ରୀ ତାଙ୍କ ମନର କଥା କିଛି ବୁଝି ପାରି ନାହାନ୍ତି । ପକୁଡ଼ି ଓ ଘୁଘୁନି ସେମିତି ଥୁଆ ହୋଇଥିବାର ଦେଖି ସେ କହନ୍ତି । ''କାହିଁକି ଏମିତି ବର୍ଷାକୁ ଚାହିଁ ବୁଢ଼ାଏ ଏଣୁତେଣୁ ଭାବନା କରୁଛ କହିଲ । ପିଲେ କେରମ୍ ଖେଳୁଛନ୍ତି । ତମକୁ ଡାକୁଛନ୍ତି, ଆସ ଖେଳିବ । ମୁଁ ପକୁଡ଼ି ନେଇ ଆସୁଛି ସେଠିକି ।''(୯)

ବୟସ ଅତିକ୍ରାନ୍ତ ହୋଇଗଲା ପରେ ଓ ପରିବାରର ମୁରବୀ ହେଲାପରେ କିପରି ଘରଲୋକ ବାହାର ଲୋକ ହୋଇଯା'ନ୍ତି ପୁଣି ଚେଷ୍ଟାକଲେ ମଧ୍ୟ ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ସେମାନେ ମିଶିପାରନ୍ତି ନାହିଁ ତାହା ଗାଳ୍ପିକ ଚନ୍ଦ୍ରଶେଖର ରଥ ଏହି ଗଳ୍ପମଧ୍ୟରେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ଗଳ୍ପ ନାୟକ ଭୋଳାନାଥର ବର୍ଷଣ ମୁଖର ପରିବେଶରେ ସୃଷ୍ଟି ଏହି ନିଃସଙ୍ଗତାବୋଧ ଓ ତା'ର ନିଜମଧ୍ୟରେ ସ୍ପଷ୍ଟ ଭାବେ ଉପସ୍ଥାପନ କରିଛନ୍ତି, ତାହା ବାସ୍ତବରେ ତାଙ୍କ ଗଳ୍ପକଳାର ଚମତ୍କାରିତାକୁ ପ୍ରତିପାଦିତ କରିଥାଏ । ବୃଦ୍ଧ ହେଲେ ମନୁଷ୍ୟର ପୂର୍ବ ପତିଷ୍ଠା ରହେ ନାହିଁ । ତ'ର ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇଗଲେ ସେ ବୃଦ୍ଧ ପାଲଟିଯାଏ । ସେଥିରେ ଆଉ ଯେତେ ରଙ୍ଗ ଲଗେଇଲେ ମଧ୍ୟ ତାହା ପୂର୍ବାବସ୍ଥାକୁ ଫେରେ ନାହିଁ । ପରିବାରର କେହି ଲୋକ ସେତେବେଳେ ଆଉ ତା ସହିତ ମିଶିବାକୁ ପସନ୍ଦ କରନ୍ତି ନାହିଁ । ସମାଜ ଦୃଷ୍ଟିରେ ସେ ହୁଏ ଅଦରକାରଘର ମୁରବୀ । ନିଜ ଅନ୍ତଶ୍ଚେତନାରେ ନିଃସଙ୍ଗତାକୁ ନେଇ ବଙ୍ଗୋପ ସାଗରେ ସୃଷ୍ଟ ଘୂର୍ଣ୍ଣିବାତ୍ୟା ପରି କେତେ ଯେ ଅଣଚାଶ ପବନ ବହିଯାଏ, ତାହା ତା ବ୍ୟତୀତ ଆଉ କେହି ହୁଏତ ଅନୁଭବ କରି ପାରେନାହିଁ ।

Digitized by srujanika@gmail.com

ଏହି ନିଃସଙ୍ଗତାବୋଧକୁ ନିଜ ମନରୁ ଦୂରେଇ ଦେବାପାଇଁ ବୃଦ୍ଧ ହୋଇଥିଲେ ବି ନଜ ସହିତ ଛଳନା କରି ଭୋଳାନାଥ ବାବୁଙ୍କ ସାଙ୍ଗ ଚିନ୍ତାମଣି ପରି ସମାଜର ଅସଂଖ୍ୟ ମଣିଷମାନେ ନିଜ ମୁଣ୍ଡର ବାଳ ରଙ୍ଗାନ୍ତି ଓ ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ଏକାଠି ମିଶି ମଜ୍ଜା ମଜଲିସ୍ କରିବାର ବୃଥା ପ୍ରଚେଷ୍ଟା କରନ୍ତି । ମାତ୍ର ସେମାନେ ଭୋଳାନାଥ ବା ଚିନ୍ତାମଣି ପରି ହାରିଯାଇ ଶେଷରେ ନିଜର ପାଳିତ କୁକୁର ସହିତ ସାଙ୍ଗ ହୋଇ ଅବଶିଷ୍ଟ ଜୀବନ ବିତାଇ ଦେବାକୁ ପ୍ରୟାସୀ ହୁଅନ୍ତି ।

'ଅନାବରଣ' ଏହି ଗଳ୍ପ ସଂକଳନର ଏକ ମନସ୍ତାତ୍ତ୍ୱିକ କ୍ଷୁଦ୍ରଗଳ୍ପ । ଗଳ୍ପ ନାୟକ ଭୋଳାନାଥ ବାବୁ ଓ ତାଙ୍କର ପତ୍ନୀଙ୍କ ସହିତ ଶରତ୍ ଦତ୍ତର ସଂପର୍କକୁ କେନ୍ଦ୍ରକରି ଗଳ୍ପଟି ରଚିତ । ଶରତ୍ ଦତ୍ତ କୋଡିଏ ବର୍ଷ ବୟସର ଯୁବକ । ମେଟ୍ରିକ୍ ପରୀକ୍ଷାରେ କିଛି ନପଢି ବେଷ୍ଟ ଟେନ୍ ଭିତରେ ଆସିଥିଲା । ମାତ୍ର ବ୍ୟବସାୟ କରିବା ନିଶାରେ ଆଉ ଅଧିକ ପଢିବା ପାଇଁ ଚାହିଁଲା ନାହିଁ । ଭୋଳାନାଥଙ୍କୁ ତାଙ୍କର ପଡୋଶୀ ଉମାପଦ ବାବୁ ଶରତ୍ ସହିତ ପରିଚିତ କରାଇ ଦେଇଥିଲେ । ଏହି ସୁଯୋଗରେ ଶରତ୍ ଦତ୍ତ ଭୋଳାନାଥ ବାବୁ ଓ ତାଙ୍କ ସ୍ତ୍ରୀଙ୍କ ସହିତ ପରିଚିତ ହୋଇ ତାଙ୍କ ଘରକୁ ଆସୁଥିଲେ । ଅନେକ ସମୟରେ ସେ ଭୋଳାନାଥ ବାବୁଙ୍କ ଠାରୁ ବ୍ୟବସାୟ କରୁଥିବା ପଥର ସଂପର୍କରେ କିଛି ଜାଣିବା ପାଇଁ ଓ ଦରକାର ବେଳେ ତାଙ୍କ ପରାମର୍ଶ ଗ୍ରହଣ କରିବା ପାଇଁ କୁଣ୍ଠା ପ୍ରକାଶ କରୁନଥିଲେ ।

ମାତ୍ର ଅନ୍ୟ ପକ୍ଷରେ ତାଙ୍କ ଘରକୁ ଶରତ୍ ଦତ୍ତ ବାରମ୍ବାର ଆସିବା ଦ୍ୱାରା ତା ପ୍ରତି ଭୋଳାନାଥ ବାବୁଙ୍କର ମାନସିକ ସ୍ତରରେ ସୃଷ୍ଟି ହୋଇଥିଲା ଅହେତୁକ ଅନ୍ତର୍ଦ୍ୱନ୍ଦ୍ୱ । ଭୋଳାନାଥ ବାବୁଙ୍କ ପତ୍ନୀ ବି ନିଜ ଅଜାଣତରେ ଶରତ୍ ଦତ୍ତର ରୂପ ଆକର୍ଷଣରେ ତାକୁ ଭଲ ପାଇ ବସିଥିଲେ । ସେ ପାନ୍ନା, ପୋଖରାଜ, ନୀଲମ୍ ପରି ଅମୂଲ୍ୟ ପଥର ବ୍ୟବସାୟ କରି ସେଥିରୁ ଗୋଟିଏ ହାର ଲଗାଇବାର ସ୍ୱପ୍ନ ଦେଖୁଥିବାରୁ ଓ ସେହି ପଥରକୁ ବିକ୍ରୀ କରି ରାତାରାତି ଲକ୍ଷପତି ହେବାର ପ୍ରତିଶ୍ରୁତି ନିଜକୁ ମିଳିଥିବାରୁ ତା ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଲେ ଭୋଳାନାଥ ବାବୁ । ସେ ନିଜ ଘରକୁ ଆସିଲାବେଳେ ସେ ତାଙ୍କ ସ୍ତ୍ରୀଙ୍କ ଗଳାରେ ଏହି ଅମୂଲ୍ୟ ହାରଟିକୁ ଝୁଲାଇ ଦେଇଛନ୍ତି । କ୍ରୋଧରେ ଫାଟି ପଡ଼ିଛନ୍ତି ଭୋଳାନାଥ ବାବୁ । ଉପାୟହୀନ ହୋଇ ସେ ନିଜ ସ୍ତ୍ରୀ'ଙ୍କ ଉପରକୁ ଗରମ ଚା ଫୋପାଡ଼ିବା ପାଇଁ କୁଣ୍ଠାବୋଧ କରିନାହାନ୍ତି । ପୁଣି ଶରତ୍ ଦତ୍ତ କାମ କରୁଥିବା ଲାବୋରେଟରିକୁ ଯାଇ ତା ସାମ୍ନାରେ ଠିଆ ହୋଇ ଯିବାରୁ ସେ କାମ କରୁଥିବା ଏସିଡ୍ ତା ଅଜାଣତରେ ହାତରୁ ଖସିପଡ଼ି ମୁହଁସାରା ପୋଡ଼ିଯାଇଛି । - ଏ ଘଟଣାଗୁଡ଼ିକ ଭୋଳାନାଥ ବାବୁଙ୍କ ମନର ସ୍ୱପ୍ନ ରାଜ୍ୟରେ ଘଟିଲାବେଳେ ତାହାକୁ ସେ ଯେତେବେଳେ ନିଜ ସ୍ତ୍ରୀ'ଙ୍କ ସମ୍ମୁଖରେ ପ୍ରକାଶ କରନ୍ତି ସେତେବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ବାରମ୍ବାର ଥଟ୍ଟା କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

Digitized by srujanika@gmail.com

ମାତ୍ର ଘଟଣା ଯାହା ହେଉନା କାହିଁକି, ଭୋଳାନାଥ ବାବୁ ଓ ତାଙ୍କ ସ୍ତ୍ରୀଙ୍କର ମନୋରାଜ୍ୟରେ ଶରତ୍ ଦରର ସୌମ୍ୟ ରୂପ ଓ ତା'ର ମୂଲ୍ୟବାନ ପଥର ପାନ୍ନା, ପୋଖରାଜ ଓ ନୀଳମକୁ କେନ୍ଦ୍ରକରି ଯେଉଁ ଭାବାନ୍ତର ସୃଷ୍ଟି ହୋଇଛି ତାହା ଆଉ ଆବରଣ ମଧ୍ୟରେ ଢାକି ହୋଇ ରହିନାହିଁ । ପୁଣି ଭୋଳାନାଥ ବାବୁଙ୍କର ସ୍ତ୍ରୀଙ୍କ ମନର କେଉଁ ଅଥଳ ପାଉଁଶ ଗଦା ଭିତରେ ଶରତ୍ ଦରର ସୌନ୍ଦର୍ଯ୍ୟକୁ କେନ୍ଦ୍ର କରି ସ୍ପଷ୍ଟ ଅସ୍ପଷ୍ଟ ଯୌନାକାଂକ୍ଷା ତା ମନର ଆବରଣକୁ ଉନ୍ମୁକ୍ତ କରିଦେଇଛି । ସୁତରାଂ ଦେହ ଓ କ୍ରୀୟା ଓ ପ୍ରତିକ୍ରୀୟାକୁ ଲେଖକ 'ଅନାବରଣ' ଗଳ୍ପରେ ଭୋଳାନାଥ ବାବୁ ଓ ତାଙ୍କ ସ୍ତ୍ରୀ ଚରିତ୍ରମଧ୍ୟରେ ବ୍ୟକ୍ତ କରିଛନ୍ତି ।

ଘୁଙ୍ଗୁଡ଼ି ମାରିବାକୁ କେନ୍ଦ୍ର କରି ଗୋଟିଏ ସଭାଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି । ସଭାରେ ଉପସ୍ଥିତ ଥିବା ଦିବାକର ବାବୁ, ମିସେସ୍ ପାଢ଼ୀ, ଧନେଶ୍ୱର ବାବୁ ପ୍ରମୁଖ ସମସ୍ତ ସଭାସଦ୍ କିଏ ସମସ୍ତଙ୍କ ଅଜାଣତରେ ଘୁଙ୍ଗୁଡ଼ି ମାରୁଛି ଜାଣିବା ପାଇଁ ବ୍ୟଗ୍ର ହୋଇ ଉଠିଛନ୍ତି । ସଭାକକ୍ଷରେ ବହୁ ସମୟ ସତର୍କ ଦୃଷ୍ଟିରେ ଅପେକ୍ଷା କରିବା ପରେ ମଧ୍ୟ କିଏ ଘୁଙ୍ଗୁଡ଼ି ମାରୁଛି ତାହା ସେମାନେ ଠିକ୍ ଭାବରେ ଜାଣି ପାରିନାହାନ୍ତି । ଯେଉଁ ଭୋଳାବାବୁ ସଭାକୁ ଆସି ପ୍ରାୟ ଘୁଙ୍ଗୁଡ଼ି ମାରନ୍ତି ସେ ଦୈବାତ୍ ସେଦିନ ସଭାକୁ ଆସିନଥିଲେ । ସମସ୍ତେ ଅନୁଭବ କଲେ ଯେପରି କିଏ ସେ ସଭାକକ୍ଷରେ ଏପରି ଭୌତିକ କାଣ୍ଡ ଘଟାଇ ଚାଲିଛି । ବହୁ ସମୟ ଅପେକ୍ଷା କଲାପରେ ମଧ୍ୟ କିଛି ଫଳ ନହେବାରୁ ପ୍ରାୟ ରାତି ଏଗାରଟା ବେଳକୁ ଯେ ଯାହା ବାଟରେ ଘରକୁ ଚାଲିଗଲେ । ମିସେସ୍ ପାଢ଼ୀ ନିଜ ଗାଡ଼ି ଡ୍ରାଇଭିଂ କରି ଘରକୁ ଯିବା ବାଟରେ ଗାଡ଼ି ଭିତରେ ଘୁଙ୍ଗୁଡ଼ି ଶବ୍ଦ ଶୁଣିଲେ । ପୁଣି ନିଜ ବଙ୍ଗଳାରେ ପହଞ୍ଚି ଗାଡ଼ି ରଖିବା ବେଳକୁ ଗାଡ଼ିର ପଛ କବାଟ ଛାଏଁ ଛାଏଁ ଖୋଲିଯିବାର ଦେଖିଲେ । ଏସବୁ ଦେଖିଲା ପରେ ସେ ଭୀଷଣ ଭୟ ପାଇଗଲେ । ପୁନଶ୍ଚ ନିଜ ଘରେ ପହଞ୍ଚି ଦିବାକରବାବୁଙ୍କ ଠାରୁ ନିଶାର୍ଦ୍ଧରେ ହଠାତ୍ ଫୋନ ପାଇ ଆହୁରି ବିବ୍ରତ ହୋଇ ପଡ଼ିଲେ । ଏସବୁ ସତ୍ତ୍ୱେ ସେ ଭୋଳାନାଥ ବାବୁଙ୍କ ଠାରୁ ବୟସରେ ବର୍ଷେ ଦୁଇ ବର୍ଷ ସାନ ଥିଲେ ଓ ଭୋଳବାବୁଙ୍କ ସୌନ୍ଦର୍ଯ୍ୟରେ ସେ ସଂପୂର୍ଣ୍ଣରୂପେ ବିମୋହିତ ହୋଇପଡ଼ିଥିଲେ । ଭୋଳବାବୁ ବ୍ୟାଘ୍ର ଭଳି ଗର୍ଜି ଉଠିଥିଲେ ମଧ୍ୟ ତାଙ୍କର ଦେହର କ୍ଷୁଧା ନିକଟରେ ଅନେକ ସମୟରେ ସେ ପରାଜୟ ସ୍ୱୀକାର କରୁଥିଲେ । ତେଣୁ ସେଇ ନିଶାର୍ଦ୍ଧରେ ବାରମ୍ବାର ତାଙ୍କର ଭୋଳାବାବୁ ମନେ ପଡୁଥିଲା ବେଳେ ସେ କହିବାକୁ ଭାବୁଥିଲେ -''କ'ଣ ଭୋଳ୍ ବାବୁ, ଏତେ ରାତିରେ କୁଆଡ଼େ ?'' ସେ ଗୁଡ଼ାଏ ପର୍‌ଫ୍ୟୁମ ହୁଏତ ଲଗେଇଥାନ୍ତା । ଅଯଥା ଇସ୍ତ୍ରୀକରା ସଫାରି ସୁଟ୍ ପିନ୍ଧି ଜୋତାକୁ ଅଯଥା ଚକ୍‌ଚକ୍ କରି ସେ ଆସିଥାନ୍ତା । ତା'ର ଦାନ୍ତ, ନାକ, ଭୂରୁ, ବେଶ୍ ସୁନ୍ଦର ଦିଶୁଥାନ୍ତା । '.....ଆସନ୍ତୁ ଭୋଳାବାବୁ ! ଭିତରକୁ ଆସନ୍ତୁ ନା । ତା'ଆଖି ଜଳି ଉଠନ୍ତା । ମୁହଁ ଉପରେ ଫଗୁ ବୁଣି ହୋଇଯା'ନ୍ତା ।

Digitized by srujanika@gmail.com

ସେ ସନ୍ତର୍ପଣରେ ଆଡ଼େଇ ହେଲା ପରି ପଶିଆସନ୍ତା । ପଛରୁ କବାଟ ବନ୍ଦ୍ ହେବାର ଶବ୍ଦରେ ସେ ଖୁବ୍ ଘାବରେଇ ଯାଆନ୍ତା ....ଇଡ଼ିଅଟ୍ ! ''...ବସନ୍ତୁ ନା! ....ଏଇ ପାଖରେ ବସନ୍ତୁ ! ଲାଜେଇବାର କ'ଣ ଅଛି । ଡରିବାର ବା କ'ଣ ଅଛି !''(୧୦)

ମନୁଷ୍ୟର ଏସବୁ ଭୌତିକ କ୍ରିୟା ଭିତରେ ଗାଳ୍ପିକ ଜଣେ ନାରୀର ମନସ୍ତତ୍ତ୍ୱକୁ ଗଭୀର ଭାବେ ନିରୀକ୍ଷଣ କରି ତାହାକୁ ପାଠକ ସମ୍ମୁଖରେ ବ୍ୟକ୍ତ କରିଛନ୍ତି । ନିଶାର୍ଦ୍ଧରେ କେହି ନିଜ ପାଖରେ ନଥିଲାବେଳେ ନାରୀଟିଏ ଭୋଳବାବୁଙ୍କ ପରି ଜଣେ ପୁରୁଷ କଥା ଚିନ୍ତାକରି କିପରି ପୁରୁଷର ସେହି ବାଘ ଯନ୍ତା ରୂପକ ଯୌନ ଲାଳସାର ଗୁମ୍ଫା ଭିତରେ ଚୁପ୍‌ଚାପ୍ ନିରୀହ ମେଷ ଶାବକ ପରି ପଡ଼ିରହେ ତାହା ଗାଳ୍ପିକ ଉଲ୍ଲେଖ କରିଛନ୍ତି । ରାତି ସାରା ଉଜାଗର ରହିବା ପରେ ପୁଣି ଭୋର୍ ଛଅଟା ବେଳେ ଦିବାକର ବାବୁଙ୍କଠାରୁ ଟେଲିଫୋନ୍‌ରେ ଭୋଳବାବୁଙ୍କର ଆକ୍‌ସିଡ଼େଣ୍ଟ ଖବର ପାଇ ମିସେସ୍ ପାଢ଼ୀଙ୍କର ନାଇଟି ଗାଉନ୍‌ରୁ ହଠାତ୍ ତିନିଟା ବୋତାମ ଛିଣ୍ଡିପଡ଼ିବାର ବର୍ଣ୍ଣନାମଧରେ ମିସେସ୍ ପାଢ଼ୀଙ୍କ ସହିତ ଭୋଳବାବୁଙ୍କର ସଂପର୍କ ଅଧିକ ସ୍ପଷ୍ଟ ହୋଇଯାଇଛି ।

'ଛାୟାପାତ' ଗଳ୍ପରେ ଗଳ୍ପ ନାୟକ ଜ୍ୱର ହେତୁ ଆକୋନାଇଦ୍ ଖାଇବା ପରେ ସେ ନିଜର ଚତୁର୍ଦ୍ଦିଗକୁ ସଂପୂର୍ଣ୍ଣରୂପେ ଭୁଲିଯାଇ ଅନ୍ୟ ଏକ ସ୍ୱପ୍ନ ରାଜ୍ୟରେ ବିଚରଣ କରିଥିଲା । ତାକୁ ମନେ ହୋଇଥିଲା ସତେଯେପରି ଏଇ ପୃଥିବୀଟା ଗୋଟିଏ ମୃତ୍ୟୁୀ ଯନ୍ତା ।

ସମସ୍ତେ ମୃତ୍ୟୁର ଦ୍ୱାରଦେଶରେ ଉପନୀତ । ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କରୁଥିଲା ଯେପରି - ''ଏଇନା ମୋତେ ଚାରିଆଡୁ ସମୁଦ୍ର ବେଡି ଯାଇଛି । ମୁଁ ପାଦ ବଡେଇଲେ ଇ ରସାତଳ । ୟା ପାଇଁ କ'ଣ ଆକୋନାଇଟ୍ ଚଳିବ ? ମୁଁ ଖାଲି ଖୋଳ ଟିଏ । କେତେବେଳେ ଲୁଣା ପାଣି ଆସି ଭିତରେ ବାହାରେ ମୋତେ ଅଧିକାର କରିନେବ । ସେଥିପାଇଁ ଶଙ୍କିତ ହୋଇ ଅପେକ୍ଷା କରିଛି...। ଅଜଗର ଯନ୍ତାରେ କୁକୁଡ଼ାଟିଏ ଥରୁଥିବାର ଦେଖିଛନ୍ତି... ନିଶ୍ଚଳ ଅଜଗର... ନିଚଳ ଆଖି... କୁକୁଡାର ସର୍ବାଙ୍ଗ ଥରଥର !''(୧୧) ଏପରିକି ନିଜ ସ୍ତ୍ରୀ, ଯିଏ ଇହ ଓ ପରକାଳର ସାଥୀ, ତା'ର ଅର୍ଦ୍ଧାଙ୍ଗିନୀ ତା ଉପରେ ମଧ ତାହାର ବିଶ୍ୱାସ ରହିଲା ନାହିଁ । ନିଜ ପତ୍ନୀଙ୍କ ଉପଦେଶକୁ ବାରମ୍ବାର ଅସ୍ୱୀକାର କରିଚାଲିଥିଲେ ଗଳ୍ପ ନାୟକ । ବେଳେ ବେଳେ ସେ ଜ୍ୱରରେ ବିଳି ବିଳେଇ ହୋଇ ବ୍ୟସ୍ତ ହୋଇ ପଡୁଥିଲେ ଓ ଭାବୁଥିଲେ - ''ମୋର ସେପରି ଅବସ୍ଥାରେ ବିଶ୍ରାମ ନେବା ଉଚିତ ହୋଇଥାନ୍ତା । କେହିତ କହିଲେ ନାହିଁ । ସେପରି ମୁଁ ବି ଚାହିଁଲି ନାହିଁ । ମୋତେ ଲାଗୁଥାଏ ସେଇ ନିଶ୍ଚୟ ମୋର ଶେଷ ଯାତ୍ରା । ଏ ଘରଦ୍ୱାର ତାତିଲା ମରୁଭୂମି ହୋଇଯିବ । ଏ ଗଛ ଗୁଡ଼ିକତ' ମରିଚିକା ପରି ମିଳେଇ ଯିବେ । ଫଡକୁଥିବା ପକ୍ଷୀ ହୁସ୍‌କିନା ଉଡ଼ିଯିବ । ଖାଲି ପଞ୍ଜୁରି କୁଢେଇ ହୋଇପଡ଼ିବ

Digitized by srujanika@gmail.com

ବାଲି ଉପରେ । ଝଡୋଟାକୁ ନେଇ ପବନ ଖେଳିବ ଲାଟିସାରା ।"(୧୨) ପୁଣି ଯେତେବେଳେ କୁଳ ଭଲ ହୋଇ ଯାଇଥିଲେ ବି ସେଇ ଆକୋଳାଇଟ୍‌ର କୋପରେ ଗୋଟିଏ ଗଛ ମୂଳରୁ ଆଉ ଗୋଟିଏ ଗଛ ମୂଳକୁ ଯିବାବେଳେ ସେ ଅନୁଭବ କରୁଥିଲା "ସାଉଣ୍ଟାଏ ଚିତ୍କାଏ ନଳା ପାଟିରେ ଧରି...ରହିଥିଲା । ପୁଚେ ପାରା ବଳମଧ୍ୟରେ ପୁରୁଷ ପାରାଟି ବହୁ ବେଳ ଘୁମୁରିବା ପରେ ବାରମ୍ବାର ସଂଗମ କରିବାରୁ ତା'ର ଛାତି ବାରମ୍ବାର ଉଠ୍ ପଡ୍ ହେବା ସହିତ ହେନ୍ଦର ତାଡି ବଢି ଯାଉଥିଲା । ଗଳ୍ପ ନାୟକର ଏସବୁ ଭାବାନ୍ତର ମଧ୍ୟରେ ଲାଳିତ ଲକ୍ଷ୍ୟ କରିଛନ୍ତି ଜଣେ ମଣିଷର ଅନ୍ତରାତ୍ମାକୁ । ଯେତେବେଳେ ଜଣେ ବ୍ୟକ୍ତି ଅର୍ଦ୍ଧସୁପ୍ତ ଅବସ୍ଥାରେ ଥାଏ ବା କିଛି ନିଶା ସେବନ କରିଥାଏ ତା'ର ମାନସିକ ଅବସ୍ଥା କିପରି ଥାଏ ଓ ସେ କେତେବେଳେ କ'ଣ ଭାବୁଥାଏ ତାହା 'ଛାୟାପାତ' ଗଳ୍ପରେ ଲାଳିତ ଉଲ୍ଲେଖ କିଛନ୍ତି ।

ବୃକ୍ଷ ଆମ ସଭ୍ୟତା, ସଂସ୍କୃତି ତଥା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଜୀବନ ଜଗତ୍ ସହିତ କେଉଁ ପ୍ରବହମାନକାଳରୁ ଓତଃପ୍ରୋତ ଭାବେ ଜଡ଼ିତ । ସେଥିପାଇଁ ଭାରତୀୟ ଗ୍ରାମ୍ୟ ଜୀବନରେ କେଉଁ ଅନାଦି କାଳରୁ ବୃକ୍ଷ ପୂଜା ଉପରେ ଗୁରୁତ୍ୱ ଦିଆଯାଉଛି । ମାତ୍ର ସାମ୍ପ୍ରତିକ ମଣିଷ ତା'ର ସେହି ପ୍ରାଚୀନ ଭାରତୀୟ ସଭ୍ୟତା, ସଂସ୍କୃତି ଓ ମୂଲ୍ୟବୋଧ ଉପରେ ବାରମ୍ବାର କୁଠାରଘାତ କରି ତାହାକୁ ଆଜି ମୂଳୋତ୍ପାଟନ କରିବାରେ ଲାଗିଛି ।

ଲାଳିତ ଚନ୍ଦ୍ର ଶେଖର ବୃକ୍ଷକୁ ଏକ ମାନବୀୟ ଚେତନ ସତ୍ତା ରୂପେ ଅବତାରଣା କରିଛନ୍ତି ତାଙ୍କର "ବୃକ୍ଷ ଉପାଖ୍ୟାନ" କ୍ଷୁଦ୍ରଗଳ୍ପରେ । ଏହି ଗଳ୍ପର ନାୟକ ସ୍ୱୟଂ ଲେଖକ ବୋଲି ମନେହୁଏ । କୌଣସି ଏକ ସଭାକୁ ଭାଷଣ ଦେବାକୁ ଯିବାବେଳେ ଗୋଟିଏ ଗ୍ରାମ ମୁଣ୍ଡରେ କେଉଁ ଏକ ପୁରୁଣା ଗଛକୁ କଟାଯିବା ଲକ୍ଷ୍ୟ କରି ସେଠାରେ ସେ ପହଞ୍ଚି ନିଜକୁ ସରକାରୀ ଲୋକ ଭାବେ ପରିଚୟ ଦେଇ ସମସ୍ତ ଗ୍ରାମବାସୀଙ୍କୁ ସେହି ବୃକ୍ଷ କଟାରୁ ନିବୃତ୍ତ ରଖିବାକୁ ଚେଷ୍ଟା କରନ୍ତି । ତାଙ୍କ ଦୃଷ୍ଟିରେ ଗୋଟିଏ ପୁରୁଣା ଗଛ ହେଉଛି ସଂପୃକ୍ତ ଗ୍ରାମର ଇତିହାସ, ଗ୍ରାମ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯଦି ବୃକ୍ଷଟି ତିନି ଚାରିଶହ ବର୍ଷର ପୁରୁଣା ହୋଇଥାଏ ତେବେ ତାହାର ଛାୟା ତଳେ ଗ୍ରାମବାସୀଙ୍କ ବାପା, ଗୋସେଇଁ ବାପା ଓ ତାଙ୍କ ଗୋସେଇଁ ବାପା ଖେଳିଥିବେ; ବୈଠକ କରିଥିବେ ଏବଂ ନ୍ୟାୟ ନିଷ୍ପତ୍ତି କରିଥିବେ । ବହୁ ସାଧୁ ସନ୍ଥଙ୍କୁ ଏହି ବୃକ୍ଷ ହୋଇଥିବ ଆଶ୍ରୟସ୍ଥଳ । ତେଣୁ ତାକୁ ଖୁନ୍ ଭିନ୍ କରି ନ ହାଣିବା ପାଇଁ ଦରିଦ୍ର ବୁଢ଼ୀ ଠାରୁ ଆରମ୍ଭ କରି ସମସ୍ତ ଗ୍ରାମବାସୀଙ୍କୁ ବାରମ୍ବାର ଚେତେଇ ଦେଉଛନ୍ତି ଲେଖକ । ଲେଖକଙ୍କର ଏହି ଚେତନା ପାଶ୍ଚାତ୍ୟଭାବରେ ଭାରତୀୟ ସଭ୍ୟତା ଓ ସଂସ୍କୃତି ପ୍ରତି ଥିବା ଅହେତୁକ ମୋହ ଗଳ୍ପରେ ସ୍ପଷ୍ଟ ହୋଇଯାଇଛି ।

Digitized by srujanika@gmail.com

ମାତ୍ର ତାଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଛନ୍ତି ସାଂପ୍ରତିକ ସମାଜର ମୂଳନଥିବା ମଣିଷମାନେ । ତାଙ୍କ ଦୃଷ୍ଟିରେ ତାଙ୍କ ପାଇଁ ବର୍ତ୍ତମାନ ହିଁ ଗୁରୁତ୍ୱପୂର୍ଣ୍ଣ ଓ ସର୍ବଶ୍ରେଷ୍ଠ । ଅତୀତରେ ତାଙ୍କର କି ପରମ୍ପରା ଥିଲା ବା ଆଗାମୀ ଦିନରେ ତାଙ୍କର କ'ଣ ହେବ ନହେବ ସେଥିନିମିତ୍ତ ସେମାନେ ବ୍ୟସ୍ତ ନୁହନ୍ତି । ତେଣୁ ସେହି ପୁରୁଣା ବୃକ୍ଷରୁ ଦୈନନ୍ଦିନ ଆବଶ୍ୟକ ମୁତାବକ କାଠ ହାଣୁଥିବା ବୁଢ଼ୀ ଯେତେବେଳେ ଜାଣିଛି ସେ ପ୍ରତ୍ୟହ ସମୂହ କରୁଥିବା ବୃକ୍ଷକୁ ଗ୍ରାମବାସୀମାନେ ହାଣିନେଇ ନିଜ ନିଜ ମଧ୍ୟରେ ଜାଳକାଠ ବାଣ୍ଟି ଦେବାକୁ ବସିଛନ୍ତି ସେ ବିଳାପ କରି କହିଛି -"ମୋର କେଡ଼େ ଲକ୍ଷଣବନ୍ତ ଗଛ ଆଜି ହଣା ହୋଇଯିବ ଲୋ ! ଲକ୍ଷ୍ମୀ ଛାଡ଼ିଗଲା ଗାଁଆରୁ ରେ ଅଳପେଇସେ !" ବୁଢ଼ୀ ସୁକ୍ ସୁକ୍ ହେଲା ନାକରେ । (୧୩) ଲେଖକ ଦୀର୍ଘ ତିନି ଚାରି ଶହ ବର୍ଷ ତଳର ପୁରୁଣା ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିବା ବୃକ୍ଷଟିକୁ ଆଉ ବଂଚାଇ ରଖିପାରିନାହାନ୍ତି । ବୃକ୍ଷ ଦେହରୁ ତାଙ୍କର ହାତ ଆସ୍ତେ ଆସ୍ତେ ଖସିଯାଇଛି । ଶେଷଥର ପାଇଁ ସେ ସାଉଁଳି ଦେଇଛନ୍ତି ସେହି ପଣଗୋସେଇଁ ବାପର ଗଛ କଙ୍କାଳକୁ । ତାଙ୍କ ମୁହଁରୁ ଆପେ ଆପେ ବାହାରି ଯାଇଛି- "ତତେ ଆଉ ପୋଷି ପାଳି ରଖିବା ଶିଖିଥିଲେ, ଆମେ କାହିଁକି ନିଉଛୁଣା ଦରିଦ୍ର ହୋଇଥାନ୍ତୁ ।"

ତୁ ହିଁ ତ କଳ୍ପବଟ, ତୁ ହିଁ ନିଗ୍ରୋଧ, ନିକୁମ୍ଭିଲା, ତୁ ମୋର ବିଶାଳ ଦେହ ! ତତେ ଆଉ କେହି ରଖି ପାରିବେ ନାହିଁ । ତୋର ସ୍ମୃତି ମଧ୍ୟ ଲୋପ ପାଇଯିବ...।"(୧୪) ଏହି ଗଳ୍ପମଧ୍ୟରେ ସଂପ୍ରତି ଭାରତୀୟ ସମାଜ ନିଜ ଭିଟାମାଟି, ସଂସ୍କୃତି, ପରମ୍ପରା ତଥା ମୂଲ୍ୟବୋଧ ଉପରେ କୁଠାର ଘାତ କରି କିପରି ତାକୁ ପଙ୍ଗୁ, ହୀନବୀର୍ଯ୍ୟ ଓ ନିର୍ମୂଳୀ କରିଦେଇଛି 'ଦ୍ରୁମ ଉପାଖ୍ୟାନ' ଗଳ୍ପ ହେଉଛି ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

'ମୋହ' ଗଳ୍ପ ମଧ୍ୟରେ ଗାଳ୍ପିକ ଆଜିର ମଣିଷମଧ୍ୟରେ ଥିବା କାର୍ଯ୍ୟ ଘେନା ପ୍ରୀତି ଓ ସ୍ୱାର୍ଥପରତା କଥା ସ୍ପଷ୍ଟ କରିଛନ୍ତି । ଗଳ୍ପ ନାୟକ ରମେ ଓରଫ ରମେଶ ଚନ୍ଦ୍ର ଦ୍ୱିବେଦୀ । ବିଦ୍ୟାଳୟ ଜୀବନରୁ ତା'ର ମନୁ ଓରଫ ମନୋରଂଜନ ଶତପଥୀ ଜଣେ ପଦସ୍ଥ ଅଫିସର ଭାବେ ଚାକିରି କରି ବିଦେଶ ଯିବାର ସୁଯୋଗ ପାଏ । ମାତ୍ର ରାକେଶ ଚନ୍ଦ୍ର ଦ୍ୱିବେଦୀ ନିମ୍ନ ଶ୍ରେଣୀ ଚାକିରିଆ ଭାବେ ନିଜର ପୁଅ ରାଜୁ ଓ ଝିଅ ଲୀନାକୁ ବହୁ କଷ୍ଟରେ ମଣିଷ କରାଏ । ସମୟକ୍ରମେ ରକେଶର ପୁଅ ରାଜୁ ଦିଲ୍ଲୀରେ ପାଠ ପଢାରେ ସମସ୍ତଙ୍କୁ ଟପି ସ୍ୱର୍ଣ୍ଣ ପଦକ ପାଇବା ସହିତ ଆଇ.ଏ.ଏସ୍. ହେବାକୁ ଇଚ୍ଛା କରି ଦିଲ୍ଲୀରେ ନିଜକୁ ପ୍ରସ୍ତୁତ କରେ । ବହୁ ଦିନ ଧରି ନିଜର ବନ୍ଧୁ ରମେଶ ସହିତ ସଂପର୍କ ରଖିନଥିବା

Digitized by srujanika@gmail.com

ବେଳେ ହଠାତ୍ ଯେତେବେଳେ ମନୋରଂଜନ ଶତପଥୀ ଜାଣିପାରେ ତା'ର ବାଲ୍ୟ ବନ୍ଧୁ ରକେଶର ପୁତ୍ର ଆଇ.ଏ.ଏସ୍. ହେବାକୁ ଯାଉଛି ସେ ନିଜର ଝିଅ ପାଇଁ ପ୍ରସ୍ତାବ ଦେବା ନିମିତ୍ତ ତା'ର ଚାକିରି ସ୍ଥାନ ସୁନ୍ଦରଗଡ଼କୁ ଯାଇ ରମେଶର ବସାକୁ ନଯାଇ ଗୋଟିଏ ଡାକ ବଙ୍ଗଳାରେ ରହି ନିଜର ଡ୍ରାଇଭର ହାତରେ ତା ନିକଟକୁ ଖବର ପଠାଇଛି । ରମେଶ ପ୍ରଥମେ ସେହି ଡ୍ରାଇଭର୍‌ର କଥାରେ ମନୋରଂଜନ ପାଖକୁ ଯିବାକୁ କୁଣ୍ଠାବୋଧ କରୁଥିଲେ ହେଁ ପରବର୍ତ୍ତୀ କାଳରେ ନିଜ ମଧ୍ୟରୁ ସବୁ ଆବିଳତାକୁ ଦୂରେଇ ଦେଇ ତା ପାଖକୁ ଯାଇଛି । ରମେଶ ସେଠାରେ ପହଞ୍ଚିବା ପରେ ମନୋରଂଜନ ତା ସହିତ ବାଲ୍ୟବେଳର ସଂପର୍କକୁ ମନେପକାଇ ତାକୁ ଏକାନ୍ତ ଆପଣାର କରିନେଇଛି ଓ ଶେଷରେ ନିଜ ଝିଅ ନିମିତ୍ତ ତା ପୁଅ ପାଇଁ ବିବାହ ପ୍ରସ୍ତାବ ଦେଇଛି । ମନୋରଂଜନ ଠାରୁ ଆକସ୍ମିକ ଭାବେ ଏପରି ପ୍ରସ୍ତାବ ଶୁଣିଲା ପରେ ହଠାତ୍ ରମେଶ କ'ଣ କରିବ କିଛି ସ୍ଥିର କରିପାରି ନାହିଁ । ତାକୁ ଚତୁର୍ଦ୍ଦିଗ ତାବ୍‌ଦା ମନେହୋଇଛି । ତା'ର ଛାତିଟା ଦାଉ ଦାଉ ପଡ଼ିଛି ।

ମନୋରଂଜନ ତାକୁ ଆଉ କିଛି କହିବା ଆଗରୁ ସେ ମନୋରଂଜନକୁ ଛାଡ଼ି ନିଜ ଘରକୁ ଚାଲିଯାଉଛି । ଏହି ଗଳ୍ପମଧ୍ୟରେ ଗାଳ୍ପିକ ମଣିଷ ମଣିଷ ଭିତରେ ଥିବା ଜଟିଳ ସଂପର୍କ, ରମେଶ ଓ ମନୋରଞ୍ଜନ ଚରିତ୍ର ମଧ୍ୟରେ ବ୍ୟକ୍ତ କରିଛନ୍ତି ।

ରାତ୍ରି ଅନ୍ଧକାର ମଧ୍ୟରେ ଅନେକ ସମୟରେ ମନୁଷ୍ୟ ତା'ର ନିଜର ସ୍ୱରୂପ ପ୍ରକାଶ କରିଥାଏ । ପୁଣି ଏହି ଅନ୍ଧକାର ମଧ୍ୟରେ ତା'ର ଅତୀତ ତା ଆଗରେ ଗୋଟି ଗୋଟି ହୋଇ ଭାସି ଉଠେ । ଗଳ୍ପ ସଂକଳନରେ ଏହି ଘଟଣା ଘଟିଛି 'ରାତି ପାହିଲେ ଅନ୍ୟକଥା' ଗଳ୍ପରେ ଦୀନନାଥ ଷଡ଼ଙ୍ଗୀ ଚରିତ୍ର ମଧ୍ୟରେ । ସେ ଥିଲା ଗୋଟିଏ ରାତ୍ରିର ଜଣେ ବସ୍‌ଯାତ୍ରୀ । ବସ୍ ଯାତ୍ରା ସମୟରେ ତା ନିକଟରେ ବସିଥିବା ସହଯାତ୍ରୀ ଜଣକ ତା'ର ଥିଲା ସଂପୂର୍ଣ୍ଣ ଅପରିଚିତ । ମାତ୍ର ନିକଟରେ ବସିଥିବା ବେଳେ ଦୁହେଁ ଏକାପରି ଦେଖା ଯାଉଥିଲେ, ଦୁହିଙ୍କର ପୋଷାକ ପରିଛଦ ଏକ ପ୍ରକାର ଥିବା ତଥା ସମସ୍ୟା ଏକାପରି ହୋଇଥିବା କଥା ଲେଖକ ଅନୁଭବ କରିଛନ୍ତି । ପୁଣି ଦାରିଦ୍ର୍ୟର ସୀମା ରେଖାରେ ଥିଲେ ମଧ୍ୟ ଏଇ ବସ୍‌ଯାତ୍ରୀଙ୍କ ପରି ଦରିଦ୍ର ମଣିଷ ମଧ୍ୟରେ ଅହଂ ଏତେ ପ୍ରବଳ ଯେ, ସେହି ଅହଂ ରୂପକ କୋଟର ମଧ୍ୟରୁ ନିଜକୁ ମୁକ୍ତ ନ କରିପାରି ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ନାନା ଘାତ ପ୍ରତିଘାତର ଶିକାର ହେଉଛନ୍ତି ।

ସଂପ୍ରତି ହିରୋଇନ୍ ପ୍ରଭୃତି ନିଶାଦ୍ରବ୍ୟ ସମାଜରେ କିପରି ବ୍ୟଭିଚାର ସୃଷ୍ଟି କରିବାରେ ସହାୟକ ହେଉଛି, ଅଥଚ ଏପରି ନିଶାଦ୍ରବ୍ୟକୁ ବ୍ୟବସାୟ କରି ଲୋକମାନେ ରାତାରାତି ବଡ଼ଲୋକ ହେବାର ସ୍ୱପ୍ନରେ ମଜଗୁଲ ହେଉଛନ୍ତି ତାହାର

Digitized by srujanika@gmail.com

ଏକ ନିଚ୍ଛକ ପ୍ରତିବିମ୍ବ ଲେଖକ ଏହି ଗଳ୍ପରେ ପ୍ରଦାନ କରିଛନ୍ତି । ଦୀନନାଥ ଷଡ଼ଙ୍ଗୀ ନିକଟରେ ବସିଥିବା ଯାତ୍ରୀ ଜଣକ ଏହି ବ୍ୟବସାୟରେ ଲିପ୍ତ ଥିଲାବେଳେ ପୋଲିସ୍ ଦ୍ୱାରା ଧରା ପଡ଼ିଯିବାର ଆଶଙ୍କାରେ କିପରି ହଠାତ୍ ହିରୋଇନ୍ ପ୍ୟାକେଟ୍ ଦୀନନାଥର ବ୍ୟାଗ୍‌ରେ ରଖି ସୁଯୋଗ କ୍ରମେ ବସ୍‌ରୁ ଓହ୍ଲାଇ ଚାଲିଯାଇଛି ଓ ପୋଲିଓରେ ଆକ୍ରାନ୍ତ ହୋଇଥିବା ଝିଅକୁ ଆରୋଗ୍ୟ କରିପାରୁନଥିବା ଦୀନନାଥ ଦୁର୍ଭାଗ୍ୟକ୍ରମେ ପୋଲିସ୍ ଦ୍ୱାରା ଥାନା ହାଜତ୍‌ରେ ପଶି ନିଜର ସମ୍ମାନ ସହିତ ମାନସିକ ଭାରସାମ୍ୟ ହରାଇଛି - ତାହା ଗଳ୍ପରେ ବର୍ଣ୍ଣିତ ହୋଇଛି । ଏହି ଘଟଣାସବୁ ରାତ୍ରି ଅନ୍ଧକାରରେ ଘଟିଥିଲା ବେଳେ ସ୍ପଷ୍ଟ ଦିବାଲୋକରେ ପ୍ରକୃତ ତଥ୍ୟ ଜଣାପଡ଼ି ଯାଇଛି ଓ ଦୀନନାଥ ଷଡ଼ଙ୍ଗୀ ସହିତ ସହଯାତ୍ରୀ ଥିବା ଲୋକଟିର ପ୍ରକୃତ ସ୍ୱରୂପ ଉନ୍ମୋଚିତ ହୋଇଛି । ଏହି ପ୍ରସଙ୍ଗ ଗାଳ୍ପିକ 'ରାତି ପାହିଲେ ଅନ୍ୟକଥା' ଗଳ୍ପରେ ବ୍ୟକ୍ତ କରିଛନ୍ତି ।

ସ୍ୱପ୍ନରେ ଅନେକ ସମୟରେ ଧନୀ ନିର୍ଦ୍ଧନ ଓ ନିର୍ଦ୍ଧନ ଧନୀକ ହେବାର ସମ୍ଭାବନା ଥାଏ । ସ୍ୱପ୍ନ ରାଜ୍ୟରେ ବିଚରଣ କଲେ ମାନବ ପୃଥିବୀରୁ ଆକାଶକୁ ଉଡ଼ିଯାଇପାରେ ବା ଚନ୍ଦ୍ରରେ ଅମୃତ ପାଇବାର ସମ୍ଭାବନା ସୃଷ୍ଟି କରିପାରେ । ଏହି ଭଳି ଏକ ସ୍ୱପ୍ନ ମଧ୍ୟରେ ଅଜସ୍ର ନୂଆ ସମ୍ଭାବନା ସହିତ ନିଜର ବାସ୍ତବତାକୁ ସଂପୂର୍ଣ୍ଣରୂପେ ହଜାଇ ଆଉ ଏକ ମହେଞ୍ଜୋଦାର ଓ ହର୍‌ରପା ପରିବେଶ ଗାଳ୍ପିକ ଚନ୍ଦ୍ରଶେଖର 'ଅର୍ଜୁନି ଦେଖିଚି' ଗଳ୍ପ ନାୟକ ଅର୍ଜୁନି ମଧ୍ୟରେ ସୃଷ୍ଟି କରିଛନ୍ତି । ଗଳ୍ପ ନାୟକ ଜଣେ ପକ୍କାଭଲ୍ ସ୍ୱପ୍ନ ବିଳାସୀ ମଣିଷ । ରାଜଧାନୀର ପାଉଁରୁଟି କାରଖାନରେ କାମ କରୁଥିବା ଓ ନିଜ ଗାଁରେ ରହୁଥବା ବେଳେ ହଠାତ୍ ଦିନେ ନଷ୍ପତ୍ତି ନିଏ "ଆଉ ସେ ଖଚା ଆବର୍ଜନା ଗାଁରେ ମୁଁ ଆଉ ଖରା ବର୍ଷା ଶୀତ ଖାଲି ପାଗୁଳି କରି କରି କାଟି ପାରିବି ନାହିଁ । ଯାହା ହବାର ହେବ ପଛେ ମୁଁ ଥଣ୍ଟ ମେଲି, ଡେଣା ମେଲି ଆଗ ବହେ ଉଡ଼ିଯାଏ, ଦେଖିବା ତେଣିକି ।"(୧୫) ଏହା ଭାବି ସେ ରାଜଧାନୀର ରେଲ ଷ୍ଟେସନକୁ ଚାଲିଯାଏ ଓ ସେଠାରେ ନିଶାର୍ଦ୍ଧରେ ଶୋଇ ରହିଥିବା ବେଳେ ସ୍ୱପ୍ନରେ ନିଜର ରୂପ ପରିବର୍ତ୍ତନ କରିନିଏ । ସେ ଅନୁଭବ କରେ ତା'ର ସ୍ୱରୂପ ସଂପୂର୍ଣ୍ଣ ରୂପେ ବଦଳି ଯାଇଛି ଓ ସମଗ୍ର ରାଜଧାନୀ ମହେଞ୍ଜୋଦାର ଓ ହର୍‌ରପା ପରି ନିଜର ଭଗ୍ନାବଶେଷ ଧରି ବର୍ତ୍ତମାନ ହୋଇଛି । ସେତେବେଳେ ସେ ନିଜର ବାସ୍ତବ ସ୍ୱରୂପଟିକୁ ଭୁଲିଯାଇ ଆଉ ଏକ ନୂଆ ଚେତନା ଭିତରେ ପଦାର୍ପଣ କରିଛି ; ଯେଉଁଠି ତା ଜୀବନର ଅବଶିଷ୍ଟ ଆୟୁଷକୁ ପ୍ରଥମ ଦିନରୁ ହିଁ ଅରମ୍ଭ କରିବ ବୋଲି ଚିନ୍ତା କରିଛି । ସେଠାରେ ନଥିବ ଅଭାବ ଅନାଟନ ବା ତାକୁ ସେଠାରେ କେହି ଅର୍ଜୁନି ବୋଲି କହିବାର ସମ୍ଭାବନା ।

Digitized by srujanika@gmail.com

ଅନେକ ସମୟରେ ବାସ୍ତବତାକୁ ଭୁଲିଯାଇ ମଣିଷ କଳ୍ପଲୋକରେ ପହଞ୍ଚି ଏହିପରି ବିଭିନ୍ନ କଥା ହିଁ ଭାବେ ବା ଚିନ୍ତାକରେ । ଆମ ସମାଜର ଅର୍ଜୁନି ପରି ଜଣେ ନିମ୍ନ ମଣିଷର କଳ୍ପଲୋକରେ ସୃଷ୍ଟି ଏହି ଭାବନାକୁ ଗାଳ୍ପିକ ଚନ୍ଦ୍ରଶେଖର ଜଣେ ଦାର୍ଶନିକ ସୁଲଭ ଦୃଷ୍ଟିକୋଣ ନେଇ ଏହି ଗଳ୍ପରେ ବ୍ୟକ୍ତ କରିଛନ୍ତି ।

ଗାଳ୍ପିକଙ୍କ 'ଉଠ୍ ଭୁବନେଶ୍ୱର !' ଏକ ପ୍ରତୀକଧର୍ମୀ ସୃଷ୍ଟି । ଭୁବନେଶ୍ୱର ଆଧୁନିକ ଓଡ଼ିଶାର ରାଜଧାନୀ ମନ୍ଦିରମାଳିନୀ ନଗରୀ ଏବଂ ଭାରତର ଏକ ପ୍ରଧାନ ସହର । ପ୍ରାଚୀନ କାଳରେ ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଏହା ଥିଲା ଅତୀତ ଭାରତର ଏକ ପ୍ରସିଦ୍ଧ ପୁଣ୍ୟ ପୀଠ । ମାତ୍ର ସମୟ ସ୍ରୋତରେ ଏହି ଭାରତବର୍ଷର ଏହି ପୁଣ୍ୟ ପୀଠରେ ଆସିଛି ଅସମ୍ଭାବିତ ପରିବର୍ତ୍ତନ।

ଯେଉଁ ଭୁବନେଶ୍ୱର ଲିଙ୍ଗରାଜଙ୍କର ପ୍ରିୟ ବାସସ୍ଥାନ ଥିଲା ତାହା ସାଂପ୍ରତିକ ମଣିଷର ହୀନ କ୍ରିୟାକଳାପ ଦ୍ୱାରା ଅପବିତ୍ର ହୋଇଯାଇଛି । ଆଲୋଚ୍ୟ ଗଳ୍ପର ପ୍ରତୀକ ଚରିତ୍ରଟି ହେଉଛି ଏକ ପଶୁ ଚରିତ୍ର, ରାଜଧାନୀର ଏକ ଷଣ୍ଢ । ଏହି ଷଣ୍ଢଟି ଅନ୍ୟ ଷଣ୍ଢମାନଙ୍କଠାରୁ ରୂପରେ ସବୁ ଗୁଣରେ ସଂପୂର୍ଣ୍ଣ ଅଲଗା । ଷଣ୍ଢଟି ରାଜଧାନୀର ରାଜରାସ୍ତାକୁ ଓଳେଇ ସଫା କରୁଥିବା ମ୍ୟୁନିସପାଲିଟିର ମେହେନ୍ତର ନବଘନର ଅତ୍ୟନ୍ତ ପ୍ରିୟ । ରାଜଧାନୀର ବଡ଼ ବଡ଼ ପଦସ୍ଥ ଅଫିସର, ବାବୁ, ପୁଞ୍ଜିପତି ତଥା ବ୍ୟବସାୟୀମାନେ ଗରିବ ମେହେନ୍ତର ଓ ନିମ୍ନ ଶ୍ରେଣୀକୁ ନ୍ୟୂନ ଦୃଷ୍ଟିରେ ଦେଖୁଥିଲା ବେଳେ ଷଣ୍ଢ ପରି ପଶୁ ଚରିତ୍ରମାନେ ହୋଇଛନ୍ତି ସେମାନଙ୍କର ଅତ୍ୟନ୍ତ ଆପଣାର । ମାତ୍ର ଗଳ୍ପର ନବଘନ ବା ମାଧବଙ୍କ ପରି ନିମ୍ନ ମଣିଷମାନେ ଦେଖିଛନ୍ତି ରାଜଧାନୀରେ ଯେତେ ପ୍ରକାର ବ୍ୟଭିଚାର, ଅନ୍ୟାୟ ଏବଂ ଅନାଚାର ହେଉଛି ତାହାର ମୂଳଭିତ୍ତି ହୋଉଛନ୍ତି ସମାଜର ଏହି ବଡ଼ପଣ୍ଡାମାନେ । ସେମାନେ ନିଜର ସୁବିଧା ନିମିତ୍ତ ରାଜଧାନୀର ରାତିକୁ ଦିନ ଓ ଦିନକୁ ରାତିରେ ପରିଣତ କରୁଛନ୍ତି, ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅର୍ଦ୍ଧରାତ୍ରୀଯାଏ ଉନ୍ମୁକ୍ତ ରଖୁଛନ୍ତି । ଅଥଚ ଦିନରେ ସବୁ କାର୍ଯ୍ୟାଳୟରେ ବନ୍ଦ ରହୁଛି । ପୁଣି ଷଣ୍ଢମାନଙ୍କ ପରି ନିରୀହ ପଶୁମାନଙ୍କୁ ରାଜଧାନୀର ସହରୀ ମଣିଷମାନେ ନିଶା ଖୁଆଇ ସେମାନଙ୍କ ସର୍ବାଙ୍ଗ ଶରୀର ବିଷାକ୍ତ କରି ଦେଉଛନ୍ତି । ଏହା ଦ୍ୱାରା କେବଳ ପଶୁଟିଏ ଯେ ବିଷାକ୍ତ ହେଉଛି ତାହା ନୁହେଁ, ଭୁବନେଶ୍ୱର ପରି ସମଗ୍ର ପୃଥିବୀର ଆଧୁନିକ ସମାଜ ବିଷାକ୍ତ ହୋଇପଡୁଛି । ତେଣୁ ନବଘନ ପରି ସରଳ ଓ ନିରୀହ ମଣିଷମାନେ ସମାଜର ଏହିପରି ଦୁର୍ଜନମାନଙ୍କ ବିରୋଧରେ ସଂଗ୍ରାମ କରିବାକୁ ଯାଇ ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର

Digitized by srujanika@gmail.com

ପରି ରାଜଧାନୀମାନଙ୍କୁ ବିଷମୁକ୍ତ କରିବାପାଇଁ ବ୍ୟାକୁଳ ହୋଇ ପଡ଼ିଛନ୍ତି । ସେମାନେ ଆଧୁନିକ ସଭ୍ୟ ମଣିଷର କାର୍ଯ୍ୟକଳାପକୁ ଘୃଣିତ ଚକ୍ଷୁରେ ଦେଖି କହିଛନ୍ତି -"ଇସ୍ ଏତେ ଅସନା, ଏତେ ଅସୁନ୍ଦର ରାଜଧାନୀ ! ଏତେ କୁତ୍ସିତ ଏ ତୀର୍ଥ ଭୂଇଁ ??"(୧୬) ଏହି ଅସୁନ୍ଦର ରାଜଧାନୀକୁ ସୁସ୍ଥ, ସୁନ୍ଦର କରିବାକୁ ପ୍ରୟାସୀ ହୋଇ ନବଘନଙ୍କ ପରି ନିମ୍ନ ମଣିଷମାନେ ପୁଣି ଥରେ ଯେ କୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧକୁ ଅପେକ୍ଷା କରି ଧୂସର ବାରୁଦ ସ୍ତୂପ ଉପରେ ଦଣ୍ଡାୟମାନ ହୋଇଥିବା ଅନିଶ୍ଚିତ ପୃଥିବୀର ଚତୁର୍ଦ୍ଦିଗରେ ଶାନ୍ତି ଓ ସଂହତିର ବାର୍ତ୍ତା ପ୍ରଚାର କରିବାକୁ ଚେଷ୍ଟାକରିଛନ୍ତି । ସେମାନେ ରାଜଧାନୀକୁ ମୁକ୍ତ ଓ ନିର୍ମଳ ରଖିବା ପାଇଁ ପ୍ରୟାସୀ ହୋଇ ରାଜଧାନୀର ଷଣ୍ଢ ଭୂବନେଶ୍ୱର ପରି ଏକ ପଶୁ ଚରିତ୍ରକୁ କହିଛନ୍ତି - "ଉଠ୍ ଭୂବନେଶ୍ୱର ! ତୁ କ'ଣ ଏଥିକି ଯୋଗ୍ୟ !"

ଗାଳ୍ପିକ ଅନୁଭବ କରିଛନ୍ତି ଆମ ସମାଜରେ ଏତେ ଅଳିଆ ଆବର୍ଜନା ରହିଛି ତାହାକୁ ଏହି ଭୂବନେଶ୍ୱର ରୂପକ ଷଣ୍ଢ ଗ୍ରହଣ କରି ନିଜର କଣ୍ଠକୁ ନୀଳ ବର୍ଣ୍ଣ କରିଦେବ ଓ ସମାଜକୁ ନୂତନ ଆଭାରେ ମଣ୍ଡିତ କରିବ ।

ଚନ୍ଦ୍ରଶେଖର ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ଏକ ନବଧାରାର ପ୍ରବର୍ତ୍ତକ - ଏହା କହିବା ବାହୁଲ୍ୟ ମାତ୍ର । ତାଙ୍କର ପ୍ରବନ୍ଧ ଠାରୁ ଆରମ୍ଭ କରି ରମ୍ୟ ରଚନା, ଉପନ୍ୟାସ ଏବଂ କ୍ଷୁଦ୍ରଗଳ୍ପର ପ୍ରତ୍ୟେକ ସ୍ଥାନରେ ଏହି ନୂତନତା ଲକ୍ଷ୍ୟଣୀୟ । ଭାବ ଦୃଷ୍ଟିରୁ ଯେପରି ଶୈଳୀ,ଭାଷା, ନାଟକୀୟତା ସୃଷ୍ଟି, ଶବ୍ଦ ଚୟନ ପ୍ରଭୃତିରେ ତାଙ୍କ ସୃଷ୍ଟିରେ ସ୍ୱାତନ୍ତ୍ର ସ୍ପଷ୍ଟ । ଆଲୋଚ୍ୟ ଗଳ୍ପ ସଂକଳନ 'ବିକ୍ରୀ ପାଇଁ ଫୁଲମାଳ' ମଧ୍ୟରେ ବର୍ଣ୍ଣିତ ପ୍ରତ୍ୟେକ ଗଳ୍ପର ଅମୂଳଚୂଳ ନାଟକିୟତାରେ ପରିପୂର୍ଣ୍ଣ । ଆଲୋଚ୍ୟ ଗଳ୍ପଗୁଡ଼ିକରେ ଖଣ୍ଡିତ ଓ ମୁହୂର୍ତ୍ତ ଜୀବନର କଥା ରହିଥିଲେ ହେଁ ସେହି ମୁହୂର୍ତ୍ତର ଘଟଣାମଧ୍ୟରେ ଲେଖକ ଆମ ଜୀବନର ଏକ ବ୍ୟାପକ ଦିଗକୁ ଉନ୍ମୋଚିତ କରିଛନ୍ତି । 'ବିକ୍ରି ପାଇଁ ଫୁଲମାଳ' ଗଳ୍ପ ମଧ୍ୟରେ ଗାଳ୍ପିକ ଏକ ସାଧାରଣ ଘଟଣାକୁ ନଟକୀୟ ଶୈଳୀରେ ନାରୀ ମନସ୍ତତ୍ତ୍ୱକୁ ଚିତ୍ରଣ କରିଥିବା ବେଳେ ଏହି ନାରୀ ସଂପ୍ରତି ଅନ୍ଧବିଶ୍ୱାସକୁ ଦ୍ୱିଧାହୀନ ଭାବରେ କିପରି ଗ୍ରହଣ କରିପାରେ ତାହା 'ନମାନିଲେ ପଥର' ଗଳ୍ପରେ ଉଲ୍ଲେଖ କରିଛନ୍ତି । 'ଉଠ୍ ଭୂବନେଶ୍ୱର !' ଗଳ୍ପର ପରିଣତିରେ ଗାଳ୍ପିକ ଚମତ୍କାରିତା ସୃଷ୍ଟି ସହିତ ଯେପରି ଅତୃପ୍ତିର ଚମକ ଆଣିଦେଇଛନ୍ତି ତାହା ଗଳ୍ପ କଳା ଦୃଷ୍ଟିରୁ ତାଙ୍କ ଗଳ୍ପକୁ ଏକ ଉଚ୍ଚତର ସୋପାନକୁ ଉନ୍ନୀତ କରିପାରିଛି ।

Digitized by srujanika@gmail.com

ଚନ୍ଦ୍ରଶେଖରଙ୍କ ଆଲୋଚ୍ୟ ଗଳ୍ପ ସଂକଳନର ଅଧିକାଂଶ ଗଳ୍ପ ହେଉଛି ବର୍ଣ୍ଣନାଧର୍ମୀ ଓ ନାଟକୀୟତାରେ ପରିପୂର୍ଣ୍ଣ । ତାଙ୍କର ଏହି ବର୍ଣ୍ଣନା ଯେପରି ସାଙ୍କେତିକ ଓ ସେହିପରି ଭାବଧର୍ମୀ । ଅନେକ ସ୍ଥାନରେ ତାଙ୍କରେ ଶବ୍ଦ ଚୟନ ହିଁ ବର୍ଣ୍ଣନାକୁ ବହୁଭାବରେ ପଲ୍ଲବିତ ଓ ରସୋତ୍ତୀର୍ଣ୍ଣ କରିପାରିଛି । ଯଥା:- "ତା ପାଇଁ ସବୁଠୁ ଭଲ ସମୟ ହେଲା ଏଇ ସଂଜବେଳା ଏତିକିବେଳେ ସୌଖୀନ ଲୋକ ହାଓ୍ୱା ଖାଇବାକୁ ବାହାରନ୍ତି । ଭାରି ଦିଲ୍‌ଦାର ମଣିଷ, ସେମାନେ ଚାଲିଗଲେ ମହକିଯାଏ । ସେମାନଙ୍କ ହସ ହସ ମୁହଁ, ସେମାନଙ୍କ ବେଶ ଭୂଷା, ଦୋହଲିବା ଭଙ୍ଗୀ, ତାଙ୍କ ପୋଷାକରେ ଧପ ଧପ ଜୀଅନ୍ତା ରଙ୍ଗ ।"

ତାଙ୍କ ଗଳ୍ପରେ ବହୁ ଯୁଗ୍ମ ଶବ୍ଦର ବାରମ୍ବାର ପ୍ରୟୋଗ ଗଳ୍ପକୁ ଶ୍ରୁତି ମଧୁର କରିଛି । ପୂର୍ବେ ଗାଉଁଲୀ ପାତ୍ରୋଚିତ ଭାଷାର ବହୁଳ ବ୍ୟବହାର ଗଳ୍ପ ପଠନକୁ ସୁଖଦ କରିଛି । ତାଙ୍କର ପ୍ରାୟ ପ୍ରତ୍ୟେକ ଗଳ୍ପ ମହାଭାରତୀୟ ଚେତନା ଭିତ୍ତିରେ ରଚିତ । ତେଣୁ ତାହାର ମୂଲ୍ୟ ସର୍ବକାଳୀନ - ଚିରନ୍ତନ । ତାଙ୍କ ଗଳ୍ପର ସମସ୍ୟା ଆଞ୍ଚଳିକ ନୁହେଁ, ବରଂ ବିଶ୍ୱର ପ୍ରତ୍ୟେକ ମାନବର, ପ୍ରତ୍ୟେକ ଦେଶର, ମାତ୍ର ଏହି ସୀମିତ ଆଲୋଚନା ମଧ୍ୟରେ ତାଙ୍କର ଗଳ୍ପର ଏକ ପୂର୍ଣ୍ଣାଙ୍ଗ ଆକଳନ ସମ୍ଭବ ନୁହେଁ - ଏହା ଏକ ଉଚ୍ଚାଙ୍ଗ ଗବେଷଣାର ଅପେକ୍ଷା ରଖେ ।

◆ ◆ ◆

Digitized by srujanika@gmail.com

ଚାରୁ ବାଗ୍ମୀତା

ଓଡ଼ିଆ ସଂସ୍କୃତିର ଅତୀତ ଓ ବର୍ତ୍ତମାନ

(ମାନସିଂହ ସ୍ମାରକୀ ବକ୍ତୃତା, ରେଭେନ୍ସା କଲେଜ୍ - ୧୯୭୬, ଚନ୍ଦ୍ରଶେଖର ରଥ)

ଦୂରତା ନ ଥିଲେ ଦୃଶ୍ୟ ପ୍ରାଞ୍ଜଳ ହୁଏ ନାହିଁ । ଏପରିକି ଦର୍ପଣକୁ ମୁହଁ ଉପରେ ମଡେଇ ଧରିଲେ ସେଥିରେ ପ୍ରତିଫଳିତ ହେଉଥିବା କିମ୍ଭୁତ ରୂପକୁ ନିଜର ବୋଲି ସ୍ୱୀକାର କରିବା ସମ୍ଭବ ହୁଏ ନାହିଁ । ଶତାବ୍ଦ ଶତାବ୍ଦୀ ଧରି ପ୍ରବାହିତ ହୋଇ ଆସୁଥିବା ପୁରୁଷାନୁକ୍ରମିକ ରକ୍ତ ସ୍ରୋତରେ ଯାହାର ନିରବଚ୍ଛିନ୍ନ ଛାୟାପାତ ଘଟିଛି, ସେହି ଓତଃପ୍ରୋତ ପ୍ରଭାବରୁ ନିଜକୁ ମୁକ୍ତ କରି ତାର ରୂପ, ଗୁଣ ଓ ବିନ୍ୟାସର ନିଷ୍ପକ୍ଷ ଏବଂ ସ୍ୱଚ୍ଛ ବିଚାର ପାଇଁ ମାନସିକ, ମନସ୍ତାତ୍ତ୍ୱିକ କିମ୍ବା ଚେତନାଗତ ବ୍ୟବଧାନ ସୃଷ୍ଟି କରିବା ମଧ ସେହିପରି ସମ୍ଭବ ହୁଏ ନାହିଁ । ନଦୀପ୍ରବାହରେ ପ୍ରବେଶ ନ କରି ତଟସ୍ଥ ରହି ପାରିଲେ ତା'ର ବିସ୍ତାର ଏବଂ ପରିସର ବିଷୟରେ ସମ୍ୟକ ଧାରଣ ହୋଇପାରେ, କିନ୍ତୁ ଜଳଧାରାର ଶୀତଳତା, ଗଭୀରତା, ତାର ପ୍ରବେଶ ଏବଂ ସ୍ୱାଦର ଅନୁଭବ ସେଥିରେ ଅବଗାହୀ ନ ହେଲେ ମିଳିବ ନାହିଁ । ତଟସ୍ଥ ଏବଂ ଅବଗାହୀ ଦୃଷ୍ଟି ପରସ୍ପରଠାରୁ ପୃଥକ୍ । ସେଥିରେ ଦୃଶ୍ୟମାନ ଚିତ୍ର ଆଂଶିକ ଏବଂ ଅପୂର୍ଣ୍ଣ । କିନ୍ତୁ ଉଭୟ ଦୃଷ୍ଟିକୁ ଏକତ୍ର ଧାରଣ କରିବା ସମ୍ଭବ ହେଉ ନ ଥିବାରୁ କିଛି ସଂପୃକ୍ତି ଏବଂ କିଛି ଅସଂପୃକ୍ତି ରକ୍ଷା କରି ବିଷୟ ବିଚାର କରିବାକୁ ଆମେ ଏକପ୍ରକାର ବାଧ । ଓଡ଼ିଆ ସାଂସ୍କୃତିକ ପରଂପରାର ପରିଣାମ ଆମେ ଏବଂ ତା'ର ଭବିଷ୍ୟତ ସମ୍ଭାବନାର ଆଦିବିନ୍ଦୁ ମଧ ଆମେ । ଆମେ ଏ କ୍ରମାନ୍ୱୟତାର ଅବିଚ୍ଛେଦ୍ୟ ଅଂଗ । ବେଳେ ବେଳେ ଅତୀତାଚ୍ଛନ୍ନ ହୋଇ ଆମେ ବର୍ତ୍ତମାନକୁ ହେୟଜ୍ଞାନ କରୁ ଏବଂ ବିଳାପ କରୁ "କି ଥିଲା ଏ ରାଜ୍ୟ କି ହେଉଛି ଆଜ ।" କିମ୍ବା ଅତୀତବିମୁଖ ହୋଇ କହିଥାଉ ଯେ ଅଂଧପରଂପରା ଏକ ମୃତପିଣ୍ଡ; ତାକୁ ସ୍ୱୀକାର କରିବା ଅର୍ଥ ଗୋଟାଏ ମୁର୍ଦ୍ଦାର କାନ୍ଧେଇ ବାଟ ଚାଲିବା ପରି ଅସ୍ୱସ୍ତିକର । କିନ୍ତୁ ଆମେ ଯେତେ ଚାହିଁଲେ ସୁଦ୍ଧା ଅତୀତରୁ ମୁକ୍ତ ହୋଇ ପାରିବା ନାହିଁ, ଅତୀତକୁ ଫେରି ମଧ ପାରିବା ନାହିଁ । କେବେଳ ଅତୀତ ବିଷୟରେ ସଚେତନ ରହି ପାରିଲେ ବର୍ତ୍ତମାନର ପରିଚୟ ଏବଂ ସଂଜ୍ଞା ହୁଏତ କିଛି ଗଭୀରତର ଏବଂ ସ୍ୱଚ୍ଛତର ହୋଇ ପାରିବ ।

କିନ୍ତୁ କେତେଦୂର ପର୍ଯ୍ୟନ୍ତ ଅତୀତ ବିଷୟରେ ସଚେତନ ହେବା ସମ୍ଭବ ?- ସେ ଅତୀତ ପୁଣି କାହାର ? ନିଜର ?- ପୂର୍ବପୁରୁଷଙ୍କର ? ଜାତିର ?- ସମାଜର ?- ନା

Digitized by srujanika@gmail.com

ସଂସ୍କୃତିର ?- ଅତୀତ କାଳଟି ପ୍ରକୃତରେ ଏକ ଅବିଭକ୍ତ ଏବଂ ଅବିଭାଜ୍ୟ ବିସ୍ତାର । ଏଣୁ ଯେ କୌଣସି ଅତୀତର ସନ୍ଧାନରେ ଅମେ ସେଇ ଗୋଟିଏ ମାତ୍ର ବିସ୍ତାର ଭିତରେ ପ୍ରବେଶ କରିଥାଉ । ସାଗରକୁ ସାଗରରୁ ପୃଥକ୍ କଲାପରି ସଂସ୍କୃତିକୁ ସମାଜରୁ, ସାମଜକୁ ଧର୍ମରୁ ଅଲଗା କରିବା ଏକ ତାର୍କିକ ବିଚାର । ତଥାପି ସଂସ୍କୃତି କହିଲେ ଅତି ବିସ୍ତୃତ ଭୂମି ଏବଂ ଅତୀତ କହିଲେ ଏକ ଅକଳନୀୟ ବ୍ୟାପ୍ତିକୁ ବୁଝାଇଥାଏ । ଦୂରତା ରକ୍ଷା ନ କଲେ ଦୃଶ୍ୟ ପ୍ରାଞ୍ଜଳ ହେବ ନାହିଁ, ଏହି ଆଶଙ୍କାରେ ଆମେ ସେ ବିଶାଳ ଅଞ୍ଚଳକୁ ଅନେକ ଦୂରରୁ ଦେଖିବାକୁ ବାଧ ହେଉ । ସେଥିରେ ମାନଚିତ୍ର ପରି ଗୋଟିଏ ସାମଗ୍ରିକ ଛବି ଦିଶିପାରେ । କିନ୍ତୁ ମାନଚିତ୍ର ତ ଇଲାକା ନୁହେଁ । The map is is not the territory. ପାରଂପରିକ ରୀତିରେ ବିଷୟ ବିଚାର ପୂର୍ବରୁ ଗୋଟିଏ ସଜ୍ଞା ପ୍ରସ୍ତୁତ କରିବା ପ୍ରାୟ ଏହିପରି ଏକ କ୍ରିୟା ।

ସଂସ୍କୃତି କ'ଣ ବୋଲି ପଚାରିଲେ ପାଠୁଆ ଲୋକେ ଖୁବ୍ ସହଜ ଏବଂ ସରଳ ଭାବରେ କହିଥାନ୍ତି- ''ସଂସ୍କୃତିମାନେ ପରା Culture !'' ତେଣିକି Culture କ'ଣ ବୋଲି ପ୍ରଶ୍ନ ହେଲେ ସେମାନେ ବୃହତ୍‌ରୁ ବୃହତ୍ତର ଅଭିଧାନର ଆଶ୍ରୟ ନେଇଥାନ୍ତି । ଫରାସୀ ଏବଂ ଲାଟିନ୍ ମୂଳରୂପରୁ କିପରି ଏ ଶବ୍ଦଟି ନିଷ୍ପନ୍ନ ହୋଇଛି ତାହା ହିଁ ବୁଝାଇବା ଛଳରେ ଶବ୍ଦାର୍ଥ ଭିତରେ ସଂଜ୍ଞାଟିକୁ ଲୋଡ଼ି ବସନ୍ତି । ଫଳରେ ବ୍ୟାପାରଟି ସହଜ ନ ହୋଇ ଆହୁରି ଜଟିଳ ଆକାର ଧାରଣ କରେ । ଆଉ କେତେକ ବିଜ୍ଞ ଜନ ସଂ+କୃ+ତି ବା ସଂ+କୃ+ଅରୁ ଅର୍ଥ ସଂଗ୍ରହ କରନ୍ତି । କହିଥାନ୍ତି ଯେ ଲାଟିନ୍ ବା ଫରାସୀ ଭାଷା ସହିତ ଏହାର ଅର୍ଥସଂପୃକ୍ତି ନାହିଁ । ଏ ସମସ୍ତ ମତଭେଦ ଭିତରେ ଏତିକି ଜଣା ପଡ଼େ ଯେ Culture ଅର୍ଥରେ ସଂସ୍କୃତି ଶବ୍ଦର ପ୍ରୟୋଗ ଅତ୍ୟନ୍ତ ଅର୍ବାଚୀନ । ପ୍ରଥମେ କିଛିକାଳ କୃଷ୍ଟି ଶବ୍ଦ ବ୍ୟବହାର କରା ହେଉଥିଲା । ବର୍ତ୍ତମାନ 'ସଂସ୍କୃତି' ଶବ୍ଦଟି ସର୍ବଭାରତୀୟ ମାନ୍ୟତା ପ୍ରାପ୍ତ ହୋଇ ସାରିଲାଣି । ଉଭୟ ଯାବନିକ ଏବଂ ସଂସ୍କୃତ ଶବ୍ଦର ମୌଳିକ ଅର୍ଥସାମ୍ୟ ହେଲା ପରିମାର୍ଜନ, ପରିଶୀଳନ, ଵର୍ଷଣ । ବ୍ୟକ୍ତି ଭଳି ଗୋଟିଏ ଗୋଷ୍ଠୀ ମଧ୍ୟ ଅନବରତ ନିଷ୍ଠାପର ପ୍ରୟାସ ବଳରେ ଏପରି ଏକ ରୁଚି, ଦୃଷ୍ଟି ଏବଂ ବ୍ୟାପ୍ତିର ଅଧିକାରୀ ହୁଏ, ଯଦ୍ଵାରା କେବଳ ଆଚରଣ, ଚଳଣି କିମ୍ବା ହାବଭାବରେ ସୀମିତ ନ ରହି ଚିନ୍ତା ଚେତନା ଅବବୋଧ, ମନ ଏବଂ ବୁଦ୍ଧିରେ ମଧ୍ୟ ଏକ ସ୍ଵତନ୍ତ୍ର ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ସଭାର ଯୋଗ୍ୟ ବ୍ୟକ୍ତିକୁ ସଭ୍ୟ ବୋଲି ବିଚାର କଲେ ତାର ଗୁଣକୁ ସଭ୍ୟତା କୁହା ଯାଇପାରେ । ସେଥିରେ ତାର ଆଚରଣ, ବେଶପୋଷାକ, ଭାଷା ରୁଚି ଆର୍ଥିକ, ସାମାଜିକ, ରାଜନୈତିକ ବିକାଶ ସୂଚିତ ହୁଏ । ଏହିଭଳି ଭାବରେ ସେ ଅନେକ କାଳ ସୁସଂଯତ, ସଂହତ, ଶାଳୀନ, ସ୍ଵଚ୍ଛନ୍ଦ ଜୀବନ ଯାପନ କଲାପରେ ହୁଏତ ତା'ର ସୌନ୍ଦର୍ଯ୍ୟବୋଧ, ତା'ର ଧର୍ମାନୁସନ୍ଧିତ୍ସା, ତା'ର ଜୀବନଦର୍ଶନ, ସାହିତ୍ୟ, ସଙ୍ଗୀତ ବିକଶିତ ହୁଏ । ପରିବର୍ଦ୍ଧିତ ବୃକ୍ଷର ମଞ୍ଜରୀ ପରି, ଫୁଲର ସୁଗନ୍ଧ ପରି, ଏକ ସୂକ୍ଷ୍ମ

Digitized by srujanika@gmail.com

ଅତିକ୍ରମଣ ତାକୁ ସଂସ୍କୃତିସଂପନ୍ନ କରିଥାଏ । ଗୋଟିଏ ପରିଣତ ସଭ୍ୟ ଜାତିର ସୂକ୍ଷ୍ମାନୁଭବ ହିଁ ସଂସ୍କୃତି । ସଭ୍ୟତା ତା'ର ଆବରଣ, ସଂସ୍କୃତି ତା'ର ମଜ୍ଜା । ଅସଂଖ୍ୟ ପ୍ରଭାବ ସତ୍ତ୍ୱେ ଏବଂ ବୋଧହୁଏ ସେହି କାରଣରୁ ମଣିଷ ନିଜକୁ ନିଜେ ଉତ୍କ୍ରମଣ କରିବାକୁ ସତତ ପ୍ରୟାସ କରୁଥାଏ । ଏହି ଉତ୍କ୍ରମଣ ବା ଅତିକ୍ରମଣର ଧାରା ଚିରନ୍ତନ । ଏ ଧାରାର ପ୍ରେରଣା ହିଁ ସଂସ୍କୃତି; ତାର ପରିଣାମ ମଧ୍ୟ ସଂସ୍କୃତି । ସଂସ୍କୃତି ଏ ମନସ୍ୱ ପ୍ରାଣୀଟିର ମାନସ-ସଂପଦ, ଏ ଜୀବେତର ପ୍ରାଣୀର ଚେତନା-ସଂପଦ ।

ତଥାପି ଏ ସମସ୍ତ ବାକ୍ୟରେ ସଂସ୍କୃତିର ସଂଜ୍ଞା ନାହିଁ । ଅଛି କେବଳ ତାକୁ ପରିଭାଷିତ କରିବାର ପ୍ରୟାସ । ଏ ସୂକ୍ଷ୍ମରୂପରେ ତାକୁ କେବଳ ଏହିଭଳି ଅନୁମାନ କରା ଯାଇପାରେ । କିନ୍ତୁ ସ୍ଥୂଳଭୂମିରେ ସଂସ୍କୃତିର ଲାକ୍ଷଣିକ ପ୍ରମାଣ ଅନେକ । ଯଥା: ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା, ସଙ୍ଗୀତ, ସାହିତ୍ୟ, ନୃତ୍ୟ, ଦର୍ଶନ, ଧର୍ମଧାରା ସାମାଜିକ ଅନୁଷ୍ଠାନ, ପର୍ବପର୍ବାଣି । ମୋଟ ଉପରେ, ନିଜକୁ, ଅପରକୁ, ଜିବନକୁ, ମୃତ୍ୟୁକୁ, ମୃତ୍ୟୁ ପରପାରିକୁ ମଣିଷ କେମିତି ଦେଖି ଶିଖିଛି, କେମିତି ବୁଝିଛି, ତା'ର ସେ ବିଷୟରେ ବିଶ୍ୱାସ, ଜ୍ଞାନ, ଅଭୀପ୍ସା - ଏ ସମସ୍ତର ସାମଗ୍ରିକ ପ୍ରମାଣ ହିଁ ସଂସ୍କୃତିର ବହିର୍ଲକ୍ଷଣ । ସଂସ୍କୃତି ଏ ସମସ୍ତ ପ୍ରୟାସର ପଶ୍ଚାତ୍‌ରେ ପ୍ରେରଣାର ଉତ୍ସ । ଅବଶ୍ୟ, ସଂସ୍କୃତିର ଏ ଶୋଭମାନ ତୋରଣକୁ ଧରିରଖିବା ପାଇଁ ସମାଜ, ଶାସନ, ଏବଂ ସଭ୍ୟତାର ଭିତ୍ତିସ୍ତମ୍ଭଗୁଡ଼ିକ ଦାୟୀ । ମଣିଷ କେମିତି ନଗର ନିର୍ମାଣ କରେ, ରାସ୍ତା ଘାଟ ଅଟ୍ଟାଳିକା ନିର୍ମାଣ କରେ, କେମିତି କୃଷି, ଶିଳ୍ପ, ବାଣିଜ୍ୟ ବ୍ୟବସ୍ଥା କରେ, କେତେ ସମର୍ଥ ଭାବରେ ଶାସନ କରେ, ସୁଖ ସ୍ୱଚ୍ଛନ୍ଦ୍ୟ ବୃଦ୍ଧି କରେ, ଯୁଦ୍ଧ ବିଗ୍ରହ କରେ, ଏବଂ ସନ୍ଧି ସ୍ଥାପନ କରେ, କିଭଳି ଶିକ୍ଷା ଦିଏ, ଯାନ-ଯନ୍ତ୍ର ଉପକରଣ ଗଢ଼େ, ସାମର୍ଥ୍ୟ ସଂଚୟ କରେ ଏବଂ ବିନିଯୋଗ କରେ, ବଂଶପରଂପରା କ୍ରମେ କେତେକାଳ ଏହା ଜାତୀୟ ଆଚରଣ ନିର୍ଣ୍ଣୟ କରେ, ତା'ଉପରେ ନିର୍ଭର କରେ ସଂସ୍କୃତି । ଏଣୁ ସଂସ୍କୃତି ସଭ୍ୟତାର ପରିଣତ ଅବସ୍ଥା, ଏକ ପରିଣାମାତ୍ମକ ଅବସ୍ଥା ଏବଂ ସେହି କାରଣରୁ ଜୀବନର ଉତ୍‌ଥାନ ପତନ ସହିତ ସମତାଳରେ ଗତିଶୀଳ ଓ ପରିବର୍ତ୍ତନଶୀଳ । -ତା'ର ଇତିହାସ ସମପରିମାଣରେ ପତନ ଅଭ୍ୟୁଦୟର ବନ୍ଧୁର ଇତିହାସ ।

ତେବେ କେଉଁ ଜାତିର ସାଂସ୍କୃତିକ ପରମ୍ପରା ବିଚାରକୁ ନେବା ? ୧୯୩୬ ପରବର୍ତ୍ତୀ ଆଧୁନିକ ଓଡ଼ିଶା କହିଲେ ଭାରତର ପୂର୍ବ ତଟବର୍ତ୍ତୀ ଯେଉଁ ଭୂଖଣ୍ଡକୁ ବୁଝାଏ, ତାର ରାଜନୈତିକ ସୀମାରେଖା କେତେବେଳେ ସ୍ଥିର ନ ଥିଲା, ଅଥଚ ଏହାର ଭୌଗୋଳିକ ରୂପ ପ୍ରାଗୈତିହାସିକ କାଳରୁ ହିଁ ପ୍ରାୟ ଏହିଭଳି ଥିଲା । ମେଘାସନ, ମହେନ୍ଦ୍ରାଦି ପର୍ବତମାନେ ବର୍ତ୍ତମାନ ଯେଉଁଭଳି ଅଛନ୍ତି ସେଇଭଳି ଥିଲେ, ସୁବର୍ଣ୍ଣରେଖା, ମହାନଦୀ ଋଷିକୁଲ୍ୟାଦି ନଦୀମାନେ ଏହିଭଳି ପୂର୍ବାଭିମୁଖିନୀ ପ୍ରବାହିତ ହେଉଥିଲେ । ମଣିଷର ନଗର ଜନପଦ, ଯୁଦ୍ଧଭୂମି, ଭୋଗଭୂମି ଶାସନକେନ୍ଦ୍ର କିନ୍ତୁ ଆକାଶର

Digitized by srujanika@gmail.com

ମେଘଖଣ୍ଡ ପରି ଆବିର୍ଭୂତ ଏବଂ ତିରୋହିତ ହେଉଥିଲେ । ଭିନ୍ନ ଭିନ୍ନ ଜାତି, ଗୋଷ୍ଠୀ, ଧର୍ମର ଉଦୟ ଅସ୍ତ ହେଉଥିଲା । ଇତିହାସର ଏହି ଚିରଚଞ୍ଚଳ ଛାୟାଚିତ୍ରକୁ ଏହି ଭୂଖଣ୍ଡର ସ୍ଥିର ଭୌଗୋଳିକ ପୃଷ୍ଠଭୂମିରେ ନିରୀକ୍ଷଣ କରି, ତା' ଭିତରେ ସଂସ୍କୃତିର କ୍ଷୀଣ ରେଖାଟିକୁ ନିର୍ଣ୍ଣିତ କରିବାକୁ ହେବ । ପୁରାଣ ଇତିହାସରେ 'କଳିଙ୍ଗାଃ' ଶବ୍ଦ ଅନେକ ପ୍ରାଚୀନ । ବହୁବଚନରେ ବ୍ୟବହୃତ ଏ ଶବ୍ଦଟି ଦେଶବାଚକ ନୁହେଁ ବରଂ ଜାତିବାଚକ । ଯୁକ୍ତି କରାଯାଇପାରେ ଯେ କଳିଙ୍ଗ ନାମଧେୟ କୌଣସି ଅଞ୍ଚଳର ଅଧିବାସୀଙ୍କୁ 'କଳିଙ୍ଗାଃ' ବୋଲି ହୁଏତ କୁହା ଯାଉଥିଲା । ସେମାନେ କୁଆଡ଼େ ଭାରି ସାହସିକାଃ ମଧ୍ୟ ଥିଲେ । ମହାଭାରତ ଯୁଦ୍ଧରେ କୌରବ ପକ୍ଷରୁ ପରାକ୍ରମ ପ୍ରଦର୍ଶନ କରିଥିଲେ । ସମ୍ରାଟ ଅଶୋକଙ୍କୁ ପ୍ରତିହତ କରିଥିଲେ । ସେମାନଙ୍କ ଅଞ୍ଚଳ ହୁଏତ ମହାନଦୀ ଏବଂ ଗୋଦାବରୀ ମଧ୍ୟବର୍ତ୍ତୀ ସମୁଦ୍ର ତଟବର୍ତ୍ତୀ ଇଲାକାକୁ ବୁଝାଉଥିଲା । ତେବେ ତ୍ରିକଳିଙ୍ଗ କ'ଣ ? କଳିଙ୍ଗ, କୋଙ୍ଗଦ ଏବଂ ଉତ୍କଳର ସମାହାର କି ? -ନା କୋରାପୁଟ, ବସ୍ତର କଳାହାଣ୍ଡି, ବଲାଙ୍ଗିର, ସୋନପୁର, ସମ୍ବଲପୁର ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ? ଏ କଳିଙ୍ଗାଃମାନେ କେତେ ପରିମାଣରେ ନିଷାଦ, ଦ୍ରାବିଡ଼ ଅଥବା ଆର୍ଯ୍ୟ ? ଶତାବ୍ଦୀର ଘନ ଆସ୍ତରଣ ଭେଦ କରି ଏ ଚିତ୍ର ସ୍ପଷ୍ଟରୂପ ସ୍ଥିର କରିବା ଏକପ୍ରକାର ଅସମ୍ଭବ ବ୍ୟାପାର । ଦକ୍ଷିଣ କୋଶଳ, ଉତ୍ତର କଳିଙ୍ଗ ବା ଉତ୍କଳିଙ୍ଗ ବା ଉତ୍କଳ ଏବଂ କଳିଙ୍ଗ କ'ଣ ଭିନ୍ନ ଭିନ୍ନ ସମୟରେ ସ୍ୱତନ୍ତ୍ର ଭାବରେ କିମ୍ବା କୌଣସି ଏକ ସମୟରେ ଏକତ୍ର ଓଡ୍ରଦେଶ ବୋଲି ଅଭିହିତ ହେଉଥିଲେ କି ? ଇତିହାସ-ପରାଙ୍ମୁଖ ଏ ଜାତିର ଅତୀତକୁ ଉଦ୍ଧାର କରିବା କାଳଗଂଗାରେ ପିତୃପୁରୁଷଙ୍କ ହାଡ଼ ଖୋଜି ବାହାର କରିବା ଭଳି ଏକ ବିଡ଼ମ୍ବନା । କେତୋଟି ରାଜ ବଂଶାବଳୀ ଏବଂ ପଥର କିମ୍ବା ତାମ୍ର ଫଳକରେ ଉତ୍କୀର୍ଣ୍ଣ ସେଇ ରାଜାମାନଙ୍କର ପ୍ରଶସ୍ତିର ଅତିଶୟୋକ୍ତିରୁ କେଉଁ ଜାତିକୁ ଖୋଜି ବାହାର କରିହେବ ? କେଉଁ ନିର୍ଦ୍ଦିଷ୍ଟ ଦେଶ ବା ଅଞ୍ଚଳ କଥା କହିହେବ ? ଅଦ୍ୟାବଧି ଅରଣ୍ୟରେ ବାଟବଣା ଗୁଡ଼ିଏ ବାଳୁତ ପରି ବହୁ ମାନନୀୟ ଗବେଷକ ସେ ଅଜ୍ଞାତ ଭୂମିରେ ବିଚରଣ କରୁଛନ୍ତି । ତୋଷାଳି ଶିଶୁପାଳଗଡ଼ାଦି ସ୍ଥାନର ଭୂଗର୍ଭରେ ସତ୍ୟର ଅନୁସନ୍ଧାନ କରୁଛନ୍ତି । ପ୍ରାଗୈତିହାସିକ ଅତିକାୟ କୌଣସି ଜୀବର ଖଣ୍ଡିଏ ମାତ୍ର ହାଡ଼ରୁ ତା'ର ରୂପ ଆକାର ଆଚରଣ ଆଦି ଅନୁମାନ କଲାପରି, କିଛି ତାରିଖ, କିଛି ଖପରା, ଏବଂ ମାଟିମୁଦି ବା ଧାତୁ ମୁଦ୍ରାକୁ ସମ୍ବଳ କରି କାଳ ଗର୍ଭରେ ନିମଜ୍ଜିତ ଅତୀତର ବିଭିନ୍ନ ସମ୍ଭାବ୍ୟ ଚିତ୍ର ଗଢୁଛନ୍ତି । ଅନୁମାନ ଆଧାରିତ କୌଣସି ବିକଳ୍ପ କିନ୍ତୁ ସ୍ୱୟଂସଂପୂର୍ଣ୍ଣ ନୁହେଁ । ଇତିହାସ କେବଳ ଆଂଶିକ, ଏକଦେଶଦର୍ଶୀ ଏବଂ କେବଳ ଅଧିକାଂଶ କ୍ଷେତ୍ରରେ ରାଜ ବଂଶାନୁଚରିତ ହୋଇଥିବାରୁ ରାଜେତର ଅସଂଖ୍ୟ ସାଧାରଣ ଲୋକଙ୍କ କଥା, ଗୁଣିମାନୀ ପ୍ରତିଭାଧରଙ୍କ କଥା ସେଥିରେ ଆସି ପାରିନାହିଁ । ସଂସ୍କୃତିର ବାହକ, ତା'ର ପ୍ରକାଶମାଧ୍ୟମ ମଣିଷମାନଙ୍କ ବିଷୟରେ ତଥାକଥିତ ଇତିହାସ ସବୁ ନୀରବ ।

Digitized by srujanika@gmail.com

ଗୋଟିଏ ଜାତିର ଚରିତ୍ରରେ ସେ ବସବାସ କରୁଥିବା ଭୂଖଣ୍ଡର ଚରିତ୍ର ଅତି ସୂକ୍ଷ୍ମ ଏବଂ ଗଭୀର ଭାବରେ ଜଡ଼ିତ ଥାଏ । ଭରତଭୂମି ଏତେ ବିଶାଳ ଯେ ତାକୁ ସାମୂହିକ ଭାବରେ ଗ୍ରହଣ ଏବଂ ଧାରଣ କରିବାକୁ କୌଣସି ଜାତି, ଗୋଷ୍ଠୀ ବା ବ୍ୟକ୍ତିର ପରିସର ଯଥେଷ୍ଟ ନୁହେଁ । ଏଣୁ ଏ ସୁବିଶାଳ ବର୍ଷ ଭାରତବର୍ଷରେ ଆଞ୍ଚଳିକତା ଅନିବାର୍ଯ୍ୟ । ତଥାପି ଗୋଟିଏ ଶରୀରର ବିଭିନ୍ନ ଅଂଗବିନ୍ୟାସ ପରି ଏ ଅଞ୍ଚଳମାନ ଏବଂ ଏ ସମଗ୍ର ଭୂମିକୁ ଖୁବ୍ ଗହୀରରେ ଗୋଟିଏ ଗୋଟିଏ ପ୍ରାଣତରଙ୍ଗ ଭିନ୍ନ ଭିନ୍ନ ସମୟରେ ପ୍ଲାବିତ କରିଛି । ତଦ୍ ବିଦ୍ ପଣ୍ଡିତମାନେ କହୁଛନ୍ତି ଯେ ଆର୍ଯ୍ୟମାନଙ୍କ ପରି ଦ୍ରାବିଡ଼ମାନେ ମଧ ଏ ଦେଶରେ ବହିରାଗତ । ତାଙ୍କ ପୂର୍ବରୁ ଅଷ୍ଟ୍ରିକ୍ ବା ନିଷାଦମାନେ ହୁଏତ ଏ ଦେଶର ଆଦିମତମ ଅଧିବାସୀ । ସର୍ବପ୍ରଥମ ମଣିଷ ଜାତି କେଉଁଠି ଉଦ୍‌ଭୂତ ହେଲା ତାହା ଏକ ଅମୀମାଂସିତ ପ୍ରଶ୍ନ । କିନ୍ତୁ ଭୂମଧସାଗର ଉପକଣ୍ଠରୁ କୌଣସି ଏକ ମହାପ୍ରଳୟର ସ୍ମୃତି ବହନ କରି ବିଭିନ୍ନ ଯାଯାବର ପଶୁପାଳକ ଗୋଷ୍ଠୀ ନଦୀ ଗିରିବନ, କାନ୍ତାର ପାରି ହୋଇ ଦେଶ ଦେଶାନ୍ତରରେ ହୁଏତ ପହଞ୍ଚିଥିଲେ । କାହିଁକି ସେମାନେ ଜନ୍ମ ସ୍ଥାନରେ ନ ରହି କେଉଁ ମହାପ୍ରବୃତ୍ତିର ତାଡ଼ନାରେ ଏ ଆଦିମାନବ ଗୋଷ୍ଠୀଗୁଡ଼ିକ ବିଚ୍ଛୁରିତ ହୋଇଗଲେ ତା'ର କୌଣସି ଉତ୍ତର ନାହିଁ । ଯେପରି କିଏ ପ୍ରସରଣଶୀଳ ପରମବିଶ୍ୱର ପ୍ରାରମ୍ଭିକ ବିସ୍ଫୋଟନ (Big Bang)ର ଉତ୍ତର ନାହିଁ, ଏ ଅନନ୍ତ ପ୍ରସରଣର ମଧ ଉତ୍ତର ନାହିଁ । ତେବେ ନିଷାଦ, ଦ୍ରାବିଡ଼ ଏବଂ ଆର୍ଯ୍ୟମାନେ ଭାରତଭୂମିରେ କ୍ରମାନ୍ୱୟରେ ପ୍ରବେଶ କରିଥିବା ଏକ ମୌଳିକ ଅନୁମାନ ।

ଏ ତିନୋଟି ସ୍ୱତନ୍ତ୍ର ଜନପ୍ରବାହର ତିନି ପ୍ରକାର ଚରିତ୍ର, ତିନି ପ୍ରକାର ଦୃଷ୍ଟିଭଙ୍ଗୀ, ତିନି ପ୍ରକାର ଚଳଣି । ସହାବସ୍ଥାନରେ ଏମାନେ ପରସ୍ପରକୁ ଗ୍ରହଣ କରିଛନ୍ତି, ପ୍ରତ୍ୟାଖ୍ୟାନ ବି କରିଛନ୍ତି । କିନ୍ତୁ ସେମାନେ ମୋଟା ମୋଟି ଭାବରେ ବିନ୍ଧ୍ୟର ଉତ୍ତର ଏବଂ ଦକ୍ଷିଣ ଭାଗରେ ସ୍ଥିର ହୋଇ ରହି ଯାଇଛନ୍ତି । ଏବେ ମଧ ଦକ୍ଷିଣ ଭାରତୀୟ ଉତ୍ତର ଭାରତୀୟଠାରୁ ସ୍ୱତନ୍ତ୍ର ଯେପରି କର୍ଣ୍ଣାଟକୀ ପଦ୍ଧତି ତାନସେନୀ ହିନ୍ଦୁସ୍ଥାନୀ ସଂଗୀତ-ପଦ୍ଧତିଠାରୁ ସ୍ୱତନ୍ତ୍ର । ପରବର୍ତ୍ତୀ କାଳରେ ବହିରାଗତଙ୍କ ସହିତ ସଂଘାତ ଏବଂ ସମନ୍ୱୟ କେବଳ ଉତ୍ତର ଭାରତରେ ହିଁ ବିଶେଷ ଭାବରେ ସଂଘଟିତ ହୋଇଛି । ଅଥଚ ସାଗର ପରିବେଷ୍ଟିତ ଦକ୍ଷିଣ ଭୂମି ଅପେକ୍ଷାକୃତ ନିରପଦ୍ରୁତ ରହି ଯାଇଛି ।

ଦୁଇଟି ସମୁଦ୍ରର ମଧରେଖାରେ ଉଭୟ ପ୍ରଭାବକୁ ସନ୍ତୁଳିତ ରଖି ଉଭୟଦ୍ୱାରା ପରିପୁଷ୍ଟ ହେଉଥିବା ଗୋଟିଏ ଅଞ୍ଚଳ ହେଲା ଏଇ ଓଡ୍ରଭୂମି । ନିଷାଦର ପୌରାଣିକତା ଏବଂ ଭୂମିରେ ମାତୃକଳ୍ପନାକୁ ଏବେ ମଧ ରଜ ପର୍ବରେ ବା ଦଶହରାରେ ପାଳନ କରୁଥିବା ଦ୍ରମିଣମାନଙ୍କର ଶିବ ଉପାସନାକୁ ଅର୍ଯ୍ୟଦେବତା ବିଷ୍ଣୁ, ଆଦିତ୍ୟ, ଅଗ୍ନି ଉପାସନା ସହିତ ସମନ୍ୱିତ କରୁଥିବା ଏ ଭୂମିର ଅଧିବାସୀମାନେ ଉଭୟ ଭୂଭାଗର ଭୌଗୋଳିକ ତଥା ସାଂସ୍କୃତିକ ଯୋଜକ । ରାଜନୈତିକ ଶାସନ ବନ୍ଧନରେ ସକଳୋତ୍କଳ

Digitized by srujanika@gmail.com

ଏକତ୍ରିତ ହେବା ଏକ ଐତିହାସିକ ଘଟଣା ନିଶ୍ଚୟ, କିନ୍ତୁ ଏ ମୌଳିକ ଜନପ୍ରବାହମାନେ ଏବେ ମଧ୍ୟ କୌଣସି ଦ୍ରବଣକ୍ରିୟା ରେ ସଂପୂର୍ଣ୍ଣ ଏକୀଭୂତ ହୋଇ ନାହାନ୍ତି, ପରସ୍ପରଠାରୁ ପ୍ରଭାବମୁକ୍ତ ହୋଇ ନାହାନ୍ତି । ଏବେ ସୁଦ୍ଧା ମିଶ୍ରଣ, ଦ୍ରବଣ, ଏକୀକରଣର ପ୍ରକ୍ରିୟା ଅବ୍ୟାହତ ରହିଛି । ଅବଶ୍ୟ ସେମାନଙ୍କ ଉପରେ ମୋଗଲ, ମରହଟ୍ଟା, ଇଂରାଜ ଶାସକଙ୍କ ପରି ବୌଦ୍ଧ,ଜୈନ, ଶାକ୍ତ, ଶୈବ, ବୈଷ୍ଣବ ଧର୍ମଦର୍ଶନ ମାଡ଼ି ଯାଇଛି । ଏ ଭୂମିରେ ଏ ସମସ୍ତ ପ୍ରଭାବ କାଳକ୍ରମେ ବନ୍ୟାର ପଟୁମାଟି ପରି ସ୍ତରୀଭୂତ ହୋଇ ରହି ଯାଇଛି । ଜାତୀୟ ଚରିତ୍ର ଏବଂ ସଂସ୍କୃତି ଗଠନ କରିବାରେ ସହାୟକ ଉପାଦାନ ରୂପେ କାର୍ଯ୍ୟ କରିଛି । ଇତିହାସର ଦିଗ୍‌ବଳୟରେ ଦେବାନାଂ ପ୍ରିୟଦର୍ଶୀ ସମ୍ରାଟ ଅଶୋକ ଏବଂ ବଡ଼ରାଜା ଖେମରାଜା ଐର ଖାରବେଳ ଦେଖା ଯାଉଛନ୍ତି । ସେମାନଙ୍କ କୀର୍ତ୍ତି-ପ୍ରଶସ୍ତି ଉପଯୋଗୀ ଭାଷାରେ ଶିଳାବକ୍ଷରେ ଉତ୍କୀର୍ଣ୍ଣ ହୋଇ ରହିଛି । କିନ୍ତୁ ତା'ପରେ ପ୍ରାୟ ଦଶଟି ଶତାବ୍ଦୀ ଉପରେ କୁହୁଡ଼ି ମାଡ଼ି ରହିଚି । ଚିହ୍ନଟ କରିବାକୁ ଦେଶ ଦିଶୁନାହିଁ । ସ୍ମରଣ ରଖିବାକୁ କୀର୍ତ୍ତି ଦିଶୁନାହିଁ । ତଥାପି ସେ ଭିତରେ ଆମର ଅଜ୍ଞାତ ପିତୃପୁରୁଷମାନେ ଏହିଭଳି ଋତୁଚକ୍ରରେ ସ୍ପଷ୍ଟ ଦିବାଲୋକରେ ନିଜର ଆଶାବିଶ୍ୱାସ ନେଇ, ସମାଜ ସଂସ୍କୃତି ନେଇ ସୁଖ ଦୁଃଖ ଭୋଗ କରିଥିଲେ ଏବଂ ପୁରୁଷାନୁକ୍ରମେ ଗୋଟିଏ ଜାତୀୟ ଚରିତ୍ର ଗଢ଼ିଉଠୁଥିଲା ଏଥିରେ ସନ୍ଦେହ ନାହିଁ । ସେ ଯୁଗରୁ ଅଦ୍ୟାବଧି ଆମେ ଯେ ଏକ ସାଂସ୍କୃତିକ ପରଂପରାର ଦାୟାଦ, ଏଥିରେ ସନ୍ଦେହ ନାହିଁ ।

ସୁସ୍ଥ, ଚେତନଶୀଳ, ସଂସ୍କୃତିସମ୍ପନ୍ନ ମଣିଷ ଜୀବନ ପରିସର ଭିତରେ ତିନୋଟି ବିଚାର ମୁଖ୍ୟତଃ ତାର ସଂସ୍କୃତିର ପରିଚାୟକ । ବିବେକ ବିଚାର, ବୁଦ୍ଧି ବିଚାର ଏବଂ କଳ୍ପନା ବିଚାର । ଭଲ ମନ୍ଦ, ଅନୁକୂଳ ପ୍ରତିକୂଳ, ନୀତି ନିୟମ ଆନୁଷ୍ଠାନିକ ବିଚାର ପଦ୍ଧତି, ପର୍ବପର୍ବାଣି, ନ୍ୟାୟ, ଆଇନ ଅଦାଲତ, ଅନ୍ତୁଡ଼ିଶାଳରୁ ଅନ୍ତ୍ୟେଷ୍ଟି ଯାଏଁ ଯାବତୀୟ ସଂସ୍କାର, ବିଶ୍ୱାସ ଏ ସମସ୍ତ ବିବେକ ବିଚାରର ଅନ୍ତର୍ଭୁକ୍ତ କରାଯାଇପାରେ । ଆମ ଅବଚେତନାରେ ରକ୍ତକଣିକା ଭିତରେ ଅନେକ ଯୁଗରୁ ସଞ୍ଚିତ ଏ ବିଶ୍ୱାସ ଏବଂ ରୀତି, ପୈତୃକ ପୁରୁଷାନୁକ୍ରମିକ ଧାରଣା ଆମର ବିବେକ ରୂପେ ଦେଖା ଦେଇଥାଏ । କୌଣସି ଉପସ୍ଥିତ ପରିସ୍ଥିତିରେ ସ୍ୱାଭାବିକ ଅବାଧ ଇଚ୍ଛା ବା ମୁକ୍ତ ଆଚରଣକୁ ଏହା ପ୍ରତିହିତ କରେ, ନିୟନ୍ତ୍ରଣ କରେ । ସାମୂହିକ ସ୍ୱୀକୃତିରୁ ଏହା କ୍ରମଶଃ ଶକ୍ତିଶାଳୀ ହୁଏ । ଏକତ୍ର ରହିବାର ସମସ୍ତ କଟକଣା, ସଣ୍ଢଣା ଏହାରି ଅନ୍ତର୍ଭୁକ୍ତ । ସାଧାରଣ ମଣିଷ ତାକୁ ଭୟରେ, ସଙ୍କୋଚରେ ଆଶା ଓ ବିଶ୍ୱାସରେ ମାନି ନେବାକୁ ବାଧ୍ୟ ହୁଏ । ତାକୁ ପ୍ରଶ୍ନ କରିପାରେ ନାହିଁ, ଫଳତଃ ଆନେକ କୁସଂସ୍କାର ଗଢ଼ି ଉଠେ । ସାହସୀ ସଂସ୍କାରକମାନେ ଆସି ତାକୁ ବାରମ୍ବାର ଭଙ୍ଗାଗଢ଼ା କରି ନୂତନ ଖୋପ ତିଆରି କରିଦିଅନ୍ତି । ଏକ ମନସ୍କ ପ୍ରାଣୀ ଭାବରେ ମଣିଷର ସମସ୍ତ ଉତ୍କ୍ରମଣ ମାନସ ଭୂମିରେ । ସେହିଠାରେ ସେ

Digitized by srujanika@gmail.com

ଅଜ୍ଞାତ ଆକାଶରୁ ଅଗ୍ନି ଆହରଣ କରେ । ଦୁର୍ବାର ଅଭିଯାତ୍ରୀ ଚିରକାଳ ଦିଗ୍‌ବିଜୟ କରି ଚାଲିଥାଏ । ନୂତନ ରାଜ୍ୟକୁ ଜୟ କରି ଚାଲିଥାଏ । ତା'ର ମସ୍ତତା ହିଁ ବୁଦ୍ଧି । ସେ ତର୍କ କରେ, ପ୍ରତିପାଦନ କରେ, ପ୍ରମାଣ କରେ, ନିର୍ଣ୍ଣୟ, ନିଷ୍ପନ୍ନ କରେ । ଫଳ ସ୍ୱରୂପ ଦର୍ଶନ ଶାସ୍ତ୍ର, ଅର୍ଥଶାସ୍ତ୍ର, ବିଜ୍ଞାନ, ଗଣିତ, ଜ୍ୟୋତିଷ, ଶିଳ୍ପ, ବାଣିଜ୍ୟ, ସ୍ଥପତି, ନଗର ନିର୍ମାଣ, ଯୁଦ୍ଧବିଦ୍ୟା, ରଣକୌଶଳ ଏ ଅଞ୍ଚଳର ସିଦ୍ଧି । ବିବେକ ବିଚାରରେ ସେ ଶାସିତ ହୁଏ, ବୁଦ୍ଧି ବିଚାରରେ ଶାସନ କରେ । ଏହାର ମୂଳରେ ସାମ୍ରାଜ୍ୟ ପ୍ରତିଷ୍ଠା ହୁଏ, ରକ୍ତପାତ ହୁଏ, ମତ, ଧର୍ମ, ଦର୍ଶନ ପ୍ରତିଷ୍ଠା ହୁଏ ପୁଣି ରକ୍ତପାତ ହୁଏ । ଏଥିରେ କଳହ, ବିଦ୍ୱେଷ, ଧ୍ୱଂସ ହୁଏ, ବୁଦ୍ଧି ବଳ ରୂପେ ପ୍ରଯୁକ୍ତ ହୁଏ । ବୁଦ୍ଧି ସଂଯତ ସୃଷ୍ଟିଶୀଳ ହେଲେ ଦର୍ଶନ ବିଜ୍ଞାନର ଅଭିବୃଦ୍ଧି ହୁଏ । ଅସଂଯତ, ଉଦ୍ୟତ୍‌ଅସ୍ତ୍ର ହେଲେ ହିରୋସିମା ବିଧ୍ୱସ୍ତ ହୁଏ । ଶରୀର ଅପେକ୍ଷା ମନରେ ମଣିଷ ଅଧିକ ବିଭାଜିତ, ଅଧିକ ହିଂସିତ ଏବଂ ଆକ୍ରାନ୍ତ । ...କଳ୍ପନା ବିଚାର ମଣିଷ ଚେତନାର ସବୁଠାରୁ ସୁକୁମାର ଅଂଶ । ଏହାଦ୍ୱାରା ସେ ସର୍ଜନା କରେ, କାବ୍ୟ କବିତା ରଚନା କରେ, ଚାରୁକଳା ଲେଖେ, ସଙ୍ଗୀତ ଗାନ କରେ । ପଥରକୁ ମାଟିକୁ ରୂପପ୍ରଦାନ କରେ । ଏ କ୍ଷେତ୍ରରେ ସେ ଶ୍ରଦ୍ଧାଶୀଳ ହୁଏ, ଶାନ୍ତି କାମନା କରେ, ପ୍ରେମ କାମନା କରେ । ଦୃଶ୍ୟମାନରୁ ଅଦୃଶ୍ୟକୁ,ପ୍ରକଟରୁ ଅପ୍ରକଟକୁ, ତର୍କରୁ ବିଶ୍ୱାସକୁ, ହିଂସା, ଭୟ, ହତ୍ୟା ଦଣ୍ଡରୁ ସ୍ନେହ, ପ୍ରୀତି, ଦୟା,କ୍ଷମାକୁ, ଆଦେଶରୁ ପ୍ରାର୍ଥନାକୁ ସଞ୍ଚରି ଯାଏ । ସତ୍ୟରେ ଶିବକୁ ଏବଂ ସୁନ୍ଦରକୁ ପ୍ରତିଷ୍ଠା କରେ । ମଣିଷ ସହିତ ମଣିଷର ସଂପର୍କ ଭିତ୍ତିଉପରେ ମଣିଷ ଏବଂ ଈଶ୍ୱର ସଂପର୍କ ଗଢ଼ି ଠିଆ କରାଏ । ଏ ବିଚାରତ୍ରୟ କିନ୍ତୁ ପରସ୍ପରଠାରୁ ସଂପୂର୍ଣ୍ଣ ପୃଥକ୍ ଏବଂ ଅବିମିଶ୍ର ନୁହନ୍ତି । ତ୍ରିଗୁଣ ରଜ୍ଜୁପରି ଏମାନେ ଗୋଟିଏ ମାତ୍ର ବେଣୀବନ୍ଧନରେ ମଣିଷର ସାଧନା ଏବଂ ସିଦ୍ଧିକୁ ନିୟନ୍ତ୍ରିତ କରନ୍ତି ।

ଏକତ୍ର ରହିବାର ପ୍ରଥମ ପରିଣାମ ହେଉଛି ଏକ ପରିବାର । କିନ୍ତୁ ତାହା ମୁଖ୍ୟତଃ ଜୀବ ଧର୍ମ ହୋଇ ଥିବାରୁ ମାନବିକ ପ୍ରୟାସ ମାଧ୍ୟମରେ ପ୍ରଥମ ଏକତ୍ରତାର ନିଦର୍ଶନ ଗୋଟିଏ ଗୋଷ୍ଠୀ ବା ସମାଜ । ଭୟ କିମ୍ବା ନିରାପତ୍ତା ଦୃଷ୍ଟିରୁ ଆଦିମ ମଣିଷ ଗୋଷ୍ଠୀ ଗଠନ କରିଥାଇ ପାରେ, କିନ୍ତୁ ଏ ଜଟିଳ ମନସ୍କ ପ୍ରାଣୀ ଏକତ୍ର ରହିବା ଦ୍ୱାରା କେତେକ ସାମାଜିକ ଜଟିଳତା ଅନିର୍ବାର୍ଯ୍ୟ ଭାବରେ ସର୍ବତ୍ର ଦେଖା ଦେଇଥାଏ । ଭାରତୀୟ ଅନ୍ୟାନ୍ୟ ଅଞ୍ଚଳ ଭଳି ଏଭୂମିରେ ମଧ୍ୟ ଆର୍ଯ୍ୟ ଆର୍ଯ୍ୟେତର ଭେଦ ବିଦ୍ୱେଷ ପ୍ରଥମ ଜାତିଭେଦ ରୂପେ ଦେଖାଦେଲା । ରାଜନୈତିକ ଅସ୍ଥିରତା ଭିତରେ ରାଜନ୍ୟବର୍ଗ ଥିଲେ କେବଳ ଦଳପତି, ବ୍ରାହ୍ମଣମାନେ ଥିଲେ କେବଳ ସଂସ୍କାର ରକ୍ଷକ ଏବଂ ରାଜପୋଷକ; ଉଭୟଙ୍କୁ ନିଜ ଶ୍ରମ ଏବଂ ଉପାର୍ଜନରେ ପାଳନ କରୁଥିବା କୃଷକ ଶ୍ରେଣୀ ଥିଲେ ସେମାନଙ୍କର ଶାସିତ ଏବଂ ଉପଜୀବ୍ୟ । ପାଶ୍ଚାତ୍ୟ ଦୃଷ୍ଟିରେ ଉନବିଂଶ ଶତାବ୍ଦୀ ବେଳକୁ ଏ ଜାତିଭେଦ ଏକ କୁତ୍ସିତ କୁସଂସ୍କାର ରୂପେ ସାରା ପୃଥିବୀରେ ଅପହସିତ ଏବଂ

Digitized by srujanika@gmail.com

ନିନ୍ଦିତ ହେବାକୁ ଲାଗିଲା । ଭରତୀୟ ସମାଜ କହିଲେ ସେ ଜଡ଼ିଭୂତ, କୁସଂସ୍କାର-ଆରୂଢ, ରକ୍ଷଣଶୀଳ ଏବଂ ପରସ୍ପର ଅସହିଷ୍ଣୁ ସମାଜକୁ ବୁଝାଉଥିଲା । ଅସଂଖ୍ୟ ଜାତିଗୋଷ୍ଠୀ ଭିତରେ ଅସହନଶୀଳତାର ଗୋଟିଏ ଉଦାହରଣ ଯଥେଷ୍ଟ । ନିଜକୁ ଶ୍ରେଷ୍ଠ ମଣୁଥିବା ବ୍ରାହ୍ମଣମାନେ ଅମୁକ ବେଦ, ଅମୁକ ଗୋତ୍ର, ସମୁକ ପ୍ରବରକୁ ଆଗ କରି ଶାସନୀ, ଦାନୁଆ, ହଳୁଆ, ସାରୁଆ, ମସ୍ତାନାଦି ଉପଗୋଷ୍ଠୀ ସୃଷ୍ଟି କରି ଏକ ଅବକ୍ଷୟଶୀଳ ବିବାଦରେ ଲିପ୍ତ ଥିଲେ ଏବଂ ଅଛନ୍ତି । ଏପର୍ଯ୍ୟନ୍ତ ସେମାନଙ୍କର ଏ ହାସ୍ୟାସ୍ପଦ ବିବାଦ ତୁଟି ନାହିଁ, ଛୁଆଁ ଅଛୁଆଁ ଲୋପ ପାଇନହିଁ । ଏବେ ମଧ ଦେବସ୍ଥାନରେ ଏମାନେ ପ୍ରହରୀ ରୂପେ ଦ୍ୱାର ଅବରୋଧ କରି ଠିଆ ହୋଇଛନ୍ତି । ପାଶ୍ଚାତ୍ୟ ପ୍ରଭାବର ପ୍ରବଳ ଚାପ ସତ୍ତ୍ୱେ ଜାତିପିତାଙ୍କର ପଣ ଏବଂ ପ୍ରୟୋଗ ସତ୍ତ୍ୱେ ଏହାର ଚେର ଅନେକ ଗହୀରରୁ ରସଶୋଷଣ କରି , ବିଷବୃକ୍ଷ ଅଦ୍ୟାବଧି ବଞ୍ଚି ରହିଛି । ହରିଜନ, ଗିରିଜନ, ନାରୀଜନଙ୍କ ସମ୍ମାନ ଏବଂ ସମସ୍କନ୍ଧତା ପାଇଁ ଏବେ ସୁଦ୍ଧା ଆମ ଚେତାନରେ କୌଣସି ଯୁଗାନ୍ତକାରୀ ପରିବର୍ତ୍ତନ ହୋଇନାହିଁ ।

ଜାତିଭେଦ ଅବଶ୍ୟ ନିନ୍ଦନୀୟ ,ହିଟଲରୀୟ ନର୍ଡିକ୍ ଜାତିକୁ ନେଇ ଇତର ଭେଦ ପରି ଅଦ୍ୟାବଧି ମାନବ ସଂସ୍କୃତିର ଦୁଷ୍ଟବ୍ରଣ ସଦୃଶ ନାମିବୀୟାର ବର୍ଣ୍ଣବୈଷମ୍ୟ ପରି । ସ୍ଥିର ଦୃଷ୍ଟିରେ ବିଚାର କଲେ ମାନବ ଗୋଷ୍ଠୀରେ ବିଭେଦ ଅବଶ୍ୟମ୍ଭାବୀ,କାରଣ ବ୍ୟକ୍ତି ବ୍ୟକ୍ତିଠାରୁ ଭିନ୍ନ ହେବାକୁ ବାଧ । ଭିନ୍ନତା ବିଭେଦର ପ୍ରଥମ ଉପାଦାନ । କିନ୍ତୁ ଏ ବ୍ୟାଧିରେ ପୀଡ଼ିତ ହୋଇ ଜଣେ ଅନ୍ୟଜଣକୁ ଘୃଣ୍ୟ ପଶୁ ପରି ଛୁଇଁବ ନାହିଁ ବା ତା'ର ଛାୟାପାତ ହେଲେ ସ୍ନାନ କରିବ, ଏହା ଏକ ଅତି ରୁଗ୍‌ଣ ବିଚାର ବିଭ୍ରାଟ । ଏହାର ସମର୍ଥନ ପାଇଁ କୌଣସି ଅପଯୁକ୍ତି ସୁଦ୍ଧା ନାହିଁ । ଆଧୁନିକ ସହରୀ ସମାଜରେ କ୍ରମଶଃ ଅସବର୍ଣ୍ଣ ବିବାହ ଗୃହୀତ ହୋଇ ଆସୁଛି ଏବଂ ବର୍ଣ୍ଣବୈଷମ୍ୟ ହୁଏତ ଦୂର ହୋଇଯିବ । କିନ୍ତୁ ଶୂଦ୍ର, ଶବର ବା ନିଷାଦମାନଙ୍କୁ ସ୍ୱାଭାବିକ ଭାବରେ ସମସ୍କନ୍ଧ ବୋଲି ଗ୍ରହଣ କରିବାକୁ ଉଚ୍ଚବର୍ଣ୍ଣର ପୁରୋଧାମାନେ ଆହୁରି ପୁରୁଷେ ସମୟ ନେଇ ପାରନ୍ତି । କେରଳ, କର୍ଣ୍ଣାଟକ, ମାଲାବାର ଅଞ୍ଚଳରେ ବର୍ଣ୍ଣବୈଷମ୍ୟ ଓଡ଼ିଶା ଅପେକ୍ଷା ଆହୁରି ଉତ୍କଟ ଥିଲା । ନାରାୟଣ ଗୁରୁଙ୍କ ଭଳି ବିଦ୍ୱାନ ସାଧକମାନେ ସମାଜସଂସ୍କାର କରି ତା'ର ପ୍ରାୟ ବିଲୋପସାଧନ କରି ପାରିଛନ୍ତି । ଅବଶ୍ୟ ଦେବସ୍ଥାନ ମାନଙ୍କରେ ଏବେ ମଧ ପୁରାତନର ଦୁଷ୍ଟଛାୟା ସେମାନଙ୍କୁ ଆଚ୍ଛନ୍ନ କରି ରଖିଛି । ସେମାନେ ମୁକ୍ତ ହୋଇପାରି ନାହାନ୍ତି । କିନ୍ତୁ ଓଡ଼ିଶାରେ ସେଭଳି ଭାବବିଶ୍ୱାସ ଏବଂ ଧର୍ମଭାବର ଆମୂଳ ବିପ୍ଳବ ହୋଇନାହିଁ ।

ଆଶ୍ଚର୍ଯ୍ୟର କଥା ଯେ ଏ ଭୂମିରେ ଆର୍ଯ୍ୟମାନଙ୍କର ଅନୁପ୍ରବେଶ ସତ୍ତ୍ୱେ ଏ ଭୂମି ବୈଦିକ ଯୁଗରୁ ହିଁ ଉତ୍ତର ପ୍ରାନ୍ତରେ ବ୍ରାତ୍ୟଭୂମି ରୂପେ ପରିଚିତ ଥିଲା । ଏଠାକୁ ଆସିବାକୁ କେବଳ ତୀର୍ଥାଟନ ପାଇଁ ଅନୁମତି ମିଳୁଥିଲା, ଅନ୍ୟଥା ନୁହେଁ । ଏ ଅଞ୍ଚଳର

Digitized by srujanika@gmail.com

ଅଧିବାସୀଙ୍କୁ ଅଶୁଚିଗ୍ରସ୍ତ ଅନୁନ୍ନତ ଏବଂ ଦରିଦ୍ର ରୂପେ ଜାତକ ଗଳ୍ପରେ କଳିଙ୍ଗରେ ଅନାହାର ଏବଂ ଦାରିଦ୍ର୍ୟ ବର୍ଣ୍ଣନା ଛଳରେ ଉଲ୍ଲେଖ କରାଯାଇଛି । ଏଥିରୁ ମନେ ହେଉଛି ସତେଅବା ଏ ଅଞ୍ଚଳ କପିଳେନ୍ଦ୍ର, ଅନଙ୍ଗଭୀମଦେବ, ଯଯାତି, ନରସିଂହ ଦେବ ସତ୍ତ୍ୱେ କୋଣାର୍କ, ଲିଙ୍ଗରାଜ, ଶ୍ରୀମନ୍ଦିର ସତ୍ତ୍ୱେ, ସିଂହଳ ସୁମାତ୍ରାରେ ବାଣିଜ୍ୟ ବସତି ସତ୍ତ୍ୱେ ତା'ର ଅନ୍ତର୍ନିହିତ ଦୁର୍ବଳତା ଓ ଦାରିଦ୍ର୍ୟ ଭୋଗ କରିଆସୁଛି ଅସୁମାରି କାଳ । ନିଜେ ଅନ୍ୟଦ୍ୱାରା ଅସ୍ପୃଶ୍ୟ ଏବଂ ନୀଚ ବୋଲି ପରିଗଣିତ ହେଉଥିବାରୁ ଗୋଟାଏ ପ୍ରକାର ହୀନମନ୍ୟତାରୁ ଆତ୍ମପୀଡନ, ମନସ୍ତାତ୍ତ୍ୱିକ ନିୟମରେ ନିଜ ଭିତରେ ସେହି ଅସ୍ପୃଶ୍ୟତାକୁ ଦୃଢ଼ୀଭୂତ କରିଛି । ଯେମିତି କ୍ରୀତଦାସ ହିଁ ଅନ୍ୟକୁ କ୍ରୀତଦାସ କରିବାର ପ୍ରବୃତ୍ତି ପୋଷଣ କରିଥାଏ ।

ଧରାଯାଉ ଆଧୁନିକତାର ସହସ୍ରମୁଖୀ ଚାପରେ ଜାତିଭେଦ ଦୂର ହୋଇଗଲା । ତଥାପି ସମଗ୍ର ସମାଜକୁ ସୁସ୍ଥ ସଂସ୍କୃତି-ସଂପନ୍ନ ରୁଚିଶୀଳ କରିବାକୁ ଯେତିକି ପରିମାଣରେ ଉନ୍ନତ, ପ୍ରବୁଦ୍ଧ ଉଦାର ଚିନ୍ତାବିନ୍ୟାସର ପ୍ରୟୋଜନ ତାହାପାଇଁ କେତେକାଳ ଅପେକ୍ଷା କରିବାକୁ ହେବ କହିବା କଠିନ । ଏ ଦେଶରେ କୁହାଯାଏ ମନୁଷ୍ୟମାତ୍ରେ ଅମୃତସ୍ୟ ପୁତ୍ରାଃ, ଏଠାରେ ହିଁ ପ୍ରବଚନ ଦିଆଯାଏ 'ନେହନାନାସ୍ତି କିଞ୍ଚନ', 'ସର୍ବଂ ଖଳୁଇଦଂ ବ୍ରହ୍ମ', ଏବଂ ଏଠାରେ ହିଁ ଯାବତୀୟ ବିଭେଦ, ବିଦ୍ୱେଷ ଏବଂ ଅସୂୟା । ଏହା ନିଶ୍ଚୟ ଏକ ବିଡ଼ମ୍ବନା । କିନ୍ତୁ ଏଥିରୁ ମୁକ୍ତ ହେବାର ପ୍ରୟାସରେ ସଂପୂର୍ଣ୍ଣ ଉପୁଡ଼ି ପଡ଼ିବାର ଭୟ ରହିଛି । ଗୋଟିଏ ପୁରାତନ ଜୀର୍ଣ୍ଣ କୁସଂସ୍କାରରୁ ମୁକୁଳି ଆସି ତା'ର ଆଧୁନିକ ନୂତନ ସଂସ୍କରଣରେ ପଡ଼ିଯିବାର ଭୟ ରହିଛି । ଆଧୁନିକ ପାଶ୍ଚାତ୍ୟ ଚେତନା କୁସଂସ୍କାର ମୁକ୍ତ ନୁହେଁ ବରଂ ଅତି ସାଘାଂତିକ ଭାବରେ କୁସଂସ୍କାର ଜଡ଼ିତ । ଯେଉଁମାନେ ପ୍ରତିମୁହୂର୍ତ୍ତରେ ଅଧିକ ଶକ୍ତିଶାଳୀ ହୋଇ ବିରଶାଳୀ ନବୀନତମ ମାରଣାସ୍ତ୍ରରେ ନିଜକୁ ସଜ୍ଜିତ କରି ଚାଲିଛନ୍ତି, ପ୍ରତି ମୁହୂର୍ତ୍ତରେ ଯେଉଁମାନେ ପରସ୍ପର ପ୍ରତି ଭୟ, ଘୃଣା, ଜିଘାଂସାରେ ଜର୍ଜରିତ, ଯେଉଁମାନେ ଧର୍ମଦର୍ଶନକୁ ଅଫିମ କହି ବର୍ଜନ କରିଛନ୍ତି ଅଥଚ ମର୍ଫିନ ଏବଂ ହିରୋଇନ୍ ସେବନ କରି ଚାଲିଛନ୍ତି, ମଣିଷର ସତ୍ୟ ଆବିଷ୍କାର କରିବାକୁ ଯାଇ ନଗ୍ନ ଜନ୍ତୁଟିକୁ ଆବିଷ୍କାର କରିଛନ୍ତି, ତାର ମୌଳିକ ପ୍ରବୃତ୍ତି ଚରିତାର୍ଥ କରିବାକୁ ସଙ୍ଗୀତ ସାହିତ୍ୟ ଚିରକାଳ ସେଇ ଜାନ୍ତବ ଅଭିରୁଚି ପାଇଁ ନିଯୁକ୍ତ କରୁଛନ୍ତି, ସେମାନେ ଗୁଡ଼ିଏ ରୁଚିହୀନ, ସଂପର୍କହୀନ ଅନ୍ୟକାତର ଉତ୍କଟ ସ୍ୱାର୍ଥପର ପ୍ରାଣୀ ହୋଇପାରନ୍ତି । ଏଣୁ ନିଜ ପରଂପରାରୁ ବିଚ୍ୟୁତ ହୋଇ ଏମାନଙ୍କର ଚୋକଚେରେ ପଡ଼ିବା ପୂର୍ବରୁ ଥରେ ନିଷ୍ଠାର ସହିତ ତାକୁ ଚିହ୍ନିବାର ପ୍ରୟାସ କରିବା ଉଚିତ ହେବ ନାହିଁକି ? ସଚେତନ ହେବା ତାକୁ ଅତିକ୍ରମ କରିବାରେ ସହାୟକ ହୋଇପାରେ । ଏଣୁ ସଂସ୍କୃତି-କ୍ଷେତ୍ରରେ ବର୍ତ୍ତମାନ ଯେଉଁ ସଙ୍କଟ ଦେଖା ଦେଇଛି, ତାକୁ ସତର୍କତାର ସହିତ ପାରି ହେବାକୁ ପଡ଼ିବ ।

Digitized by srujanika@gmail.com

ଏ ପ୍ରଦେଶକୁ ମୋଗଲମାନେ ହିଁ ସର୍ବପ୍ରଥମେ ଓଡ଼ିଶା ବୋଲି ଆଖ୍ୟାତ କରିଥିଲେ ସନବତଃ ଓଡ଼ିଶା କହିଲେ ସେମାନେ ବୁଝୁଥିଲେ କଟକ ଏବଂ ଉପକୂଳବର୍ତ୍ତୀ ମୋଗଲବନ୍ଦୀ ଅଞ୍ଚଳ । ସେଥିରେ ପଶ୍ଚିମାଞ୍ଚଳ ବା ପୁରାତନ ଦକ୍ଷିଣ କୋଶଳ ମିଶିଲା ଇଂରାଜ ଶାସନ କାଳରେ । ଅନେକ ପରେ ମିଶିଲା ମାନ୍ଦ୍ରାଜ ଅନ୍ତର୍ଭୁକ୍ତ ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା । ଏଇମାତ୍ର ପଚାଶ ବର୍ଷ ହେଲା ଏହାର ଭୌଗୋଳିକ ତଥା ରାଜନୈତିକ ସୀମାରେଖା ଭାଷାଭିତ୍ତିକ ବିଚାରରେ ଟଣାହେଲା । ସମଗ୍ର ଭାରତବର୍ଷର ବିଶାଳ ପୃଷ୍ଠଭୂମିରେ ଅମେ କଳ୍ପନା କରିବାକୁ ଆରମ୍ଭ କଲୁ ଆମର ସ୍ୱତନ୍ତ୍ର ପରିଚୟ । ସେଥିପାଇଁ ସେ ମହାସଂଗ୍ରାମର ଦିନଗୁଡ଼ିକ ଆମକୁ ସାହାଯ୍ୟ ବି କରିଥିଲା । ଆକୁମାରୀ ହିମାଳୟ ଏବଂ ଆକଚ୍ଛଆସାମ ସେତେବେଳେ ସମତାଳରେ ସ୍ପନ୍ଦିତ ହେଉଥିଲା । ପରଂପରା ସଚେତନ ହୋଇ ଉଠୁଥିଲା । ଭାବପ୍ରବଣତାର ଉନ୍ମାଦନରେ ଯାହାକିଛି ଭାରତୀୟ ତା'ର ସ୍ତୁତିଗାନ କରା ଯାଉଥିଲା । ମିଶିଗଲା ଆଧ୍ୟାତ୍ମିକତା, ଧର୍ମ, ଦର୍ଶନ ସମାଜଚେତନା ଏବଂ ଦେଶପ୍ରେମ । ପୁନରୁତ୍ଥାନ ହେଲା ଭାରତୀୟ ସଂସ୍କୃତିର । ଏଠି ଆମେ ଖୋଜି ପାଇଲୁ ଜଗନ୍ନାଥଙ୍କୁ । ପୁରୁଷାନୁକ୍ରମେ ଦେଢ଼ ହଜାର ବର୍ଷ ଧରି ଯାହାକୁ ଅମେ ଜାବୁଡ଼ି ଧରି ଆସିଥିଲୁ, ଯାହାକୁ ଆମେ ରକ୍ଷି ପାରି ନଥିଲୁ ବିଧର୍ମୀ କବଳରୁ ଏବଂ ଯେ ଆମକୁ ରକ୍ଷି ପାରି ନଥିଲା ଘୋର ଦୁର୍ଦ୍ଦିନ ଏବଂ ବିପର୍ଯ୍ୟୟରୁ, ତାକୁ ପୁଣି ଆବିଷ୍କାର କଲୁ । ଅନୁଭବ କଲୁ ଯେ ତଥାପି ସେ ଅଛି ଏବଂ ଆମେ ଅଛୁ ଏ ଭୂମିରେ । ଭାରତବାସୀ ଭାରତବର୍ଷକୁ ଅବିଷ୍କାର କଲା । ନେହେରୁ ଯାହା ଅବିଷ୍କାର କଲେ ତାକୁ ଅନ୍ୟ ଦିଗରୁ ଆବିଷ୍କାର କଲେ ତିଳକ, ରବୀନ୍ଦ୍ରନାଥ, ଗାନ୍ଧୀ ଓ ଶ୍ରୀଅରବିନ୍ଦ । ସମଗ୍ର ଭାରତବାସୀ ଆବିଷ୍କାର କଲେ ଦେଶର ବିଶାଳ ପରଂପରାକୁ ନିଜ ନିଜ ଢଙ୍ଗରେ ।

ଏ ସମସ୍ତ ଉନ୍ମାଦନା କିନ୍ତୁ ପ୍ରଶମିତ ହୋଇଗଲା ରାଜନୈତିକ ସ୍ୱତନ୍ତ୍ରତା ଲାଭ କରିବାର ପରେ ପରେ । ଅମେ ସଂବିଧାନ ପ୍ରଣୟନ କଲୁ । ଆମର ସଂଗ୍ରାମୀ ନେତାମାନେ ଶାସନଭାର ଗ୍ରହଣ କଲେ । ମନେହେଲା ସତେବା ଆମେ ଲକ୍ଷ୍ୟରେ ପହଞ୍ଚିଗଲୁ ଏବଂ ଏଣିକି ଆଉ ନିଜକୁ ଆବିଷ୍କାର କରିବାର ପ୍ରୟୋଜନ ନାହିଁ । କ୍ଲାନ୍ତି ଉଦାସୀନତା, ଆମକୁ ଗ୍ରାସ କରିଗଲା । ଯେଉଁ ଗୋଟାଏ ରଜ୍ଜୁ ଆମର ସମସ୍ତ ବିଭାଜନ ସତ୍ତ୍ୱେ ଆମକୁ ଏକାଠି ସଂଘବଦ୍ଧ କରିଥିଲା, ସେଇଟା ହଠାତ୍ ଛିଣ୍ଡିଗଲା । ଆମେ ଯେଉଁଭଳି ବିଚ୍ଛିନ୍ନ ଥିଲୁ ପୁଣି ସେଇଭଳି ବିଚ୍ଛିନ୍ନ ହୋଇଗଲୁ, ପୁଣି କଳହ କଲୁ । ଆନ୍ଧ୍ର, ବିହାର ମଧ୍ୟ ପ୍ରଦେଶ ସହିତ ଜମି ବିବାଦ ଲାଗିଲା । ଏ ପର୍ଯ୍ୟନ୍ତ ମଧ୍ୟ କଳହ ଲାଗୁଛି ।

ତେବେ ଯେଉଁ ସଂସ୍କୃତି ସଚେତନତା ଅମେ ଲାଭ କରିଥିଲୁ, ଆମ ଜାତୀୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ଜଗନ୍ନାଥଙ୍କୁ ଆବିଷ୍କାର କରିଥିଲୁ, 'ଏ ଦେଶର ନେତା ଜିତେ ନାରାୟଣ' ବୋଲି ଘୋଷଣା କରିଥିଲୁ, ତାକୁ ସଂପୂର୍ଣ୍ଣ ହରାଇ ଦେଲୁ କି ?

Digitized by srujanika@gmail.com

କିଛି ମାତ୍ରାରେ ବୋଧହୁଏ ଏ ଆଶଙ୍କା ସତ୍ୟ । ଆମେ ସତେଅବା ସଂଗ୍ରାମ କରିଥିଲାବେଳେ ତାଙ୍କୁ ନେତୃତ୍ୱ ଦେଇଥିଲୁ । ଆମ ଭିତରେ ସେ ପାଇକ ବେଶରେ ଯୁଦ୍ଧ କଲେ । ଯୁଦ୍ଧ ଜିଣିଗଲା ପରେ ତାଙ୍କୁ ନେଇ ସେଇ ପୁରୁଣା ପଥର ଘରେ ପଥୁରିଆ ନିତିନୟମ ସଂସ୍କାର ଭିତରେ ବନ୍ଦୀକରି ତାଲା ପକେଇ ଦେଲୁ । ସେ ବିଷୟରେ ସବୁଠାରୁ ଅଧିକ କୋଳାହଳ ଚାଲିଛି । ଖୁବ୍ କାନେଇଲେ ଦୁଇଟି ସ୍ୱର ହୁଏତ ଶୁଣିବାକୁ ମିଳୁଛି । ଏହା ଦୁଇଟି ସ୍ୱତନ୍ତ୍ର ପକ୍ଷ । ସେମାନେ ହେଲେ ହୃଦୟ ପକ୍ଷ ଏବଂ ମାନସ ପକ୍ଷ । ହୃଦୟ ପକ୍ଷଟି କିଛୁତ ପୁରୁଣା, ପରଂପରା ଆଶ୍ରିତ, ଏବଂ ମାନସ ପକ୍ଷଟି ଆଧୁନିକ ଏବଂ ଯୁକ୍ତି ଆଶ୍ରିତ । ଜଗନ୍ନାଥଙ୍କ ସଂପର୍କରେ ଏ ଦୁଇପକ୍ଷରେ ବୟାନ ଆମ ସଂସ୍କୃତି ସଚେତନତାର ନିଦର୍ଶନ ରୂପେ ନିଆ ଯାଇପାରେ ।

ହୃଦୟପକ୍ଷ ଭାବପ୍ରବଣ ପକ୍ଷ । ଏ ମତାନୁସାରେ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର । ସବୁ ଧର୍ମ, ସବୁ ଜାତିର ସମନ୍ୱୟ, ସାମ୍ୟମୈତ୍ରୀର ପ୍ରତୀକ । ଠାକୁରଙ୍କ ଚାରି ବର୍ଣ୍ଣ- ଅଷ୍ଟ୍ରିକ, ମଙ୍ଗୋଲୀୟ, ଶ୍ୱେତାଙ୍ଗ ଏବଂ ହୋଇପାରେ ଲୋହିତ ଭାରତୀୟମାନଙ୍କୁ ସ୍ୱୀକାର କରାଯାଇଛି । ତାଙ୍କ ବିଗ୍ରହରେ ଯେତିକି ପରିମାଣରେ ପବିତ୍ର ବୁଦ୍ଧ ସେତିକି ପରିମାଣରେ କ୍ରୁଶ ମଧ୍ୟ ପ୍ରଚ୍ଛନ୍ନ ଭାବରେ ନିହିତ ରହିଛି । ସେ ଅନନ୍ତ କାଳରୁ ଅଛନ୍ତି ଏବଂ ଅନନ୍ତକାଳ ରହିଥିବେ । ସେ ହିଁ ବେଦର ପୁରୁଷୋତ୍ତମ । ସେ କୃଷ୍ଣବାସୁଦେବ, ସେ କାମଦେବ, ସେ ବିଷ୍ଣୁ, ସେ ଦକ୍ଷିଣକାଳୀ, ଗଣପତି, ଜୀନନାଥ । ସେ ଓଡ଼ିଆମାନଙ୍କ ନିଜ ଠାକୁର । ଯାହା ଦେଲେ ଖାଏ, ଯେମିତି ଚାହିଁଲେ ସେମିତି ବେଶ ହୁଏ । ଏ ପକ୍ଷଟି ବିହ୍ୱଳ ପକ୍ଷ । ଏଠି କେବଳ ନିର୍ବିଚାର ବିଶ୍ୱାସ ଏବଂ ଭକ୍ତି । ସବୁଠୁ ବଡ, ସବୁଠୁ ଭଲ ଠାକୁରଙ୍କ ସପକ୍ଷରେ ଯାହା ଗଲା ତାହା ଗ୍ରହଣୀୟ ଏବଂ ସତ୍ୟ, ଯାହା ନ ଗଲା ତାହା ଘୋର ମିଥ୍ୟା, ଅକ୍ଷମଣୀୟ ବିଭୁନିନ୍ଦା, ତାହା ଅଶ୍ରାବ୍ୟ ଏବଂ ଗ୍ରହଣଯୋଗ୍ୟ ନୁହେଁ ।

ମାନସପକ୍ଷ ହେଉଛି ଯୁକ୍ତି ତର୍କ ଏବଂ ପ୍ରମାଣର ପକ୍ଷ । ଏମାନେ କହନ୍ତି ଯେ ଜଗନ୍ନାଥ ଏକ ଆଞ୍ଚଳିକ ଠାକୁର । ସେ ବୋଧହୁଏ ମୂର୍ତ୍ତିପୂଜକ ନିଷାଦମାନଙ୍କର ଜଗନ୍ନାଲୋ । ଶବରମାନଙ୍କ ଖମ୍ୱେଶ୍ୱରୀ ।-ପରବର୍ତ୍ତୀ କାଳରେ ଏକାନଂସା । ସେ କାଠର ଦେବତା । ତାଙ୍କୁ ପାଷାଣ ମନ୍ଦିରରେ ପଣ୍ଡିତମାନେ ପ୍ରତିଷ୍ଠା କରି ରଖିଛନ୍ତି । ସେ ଏକକ ବିଗ୍ରହ ଥିଲେ; ପରେ ଚତୁର୍ଧା ହେଲେ । ଶାସକ, ଅପଶାସକ, ଭକ୍ତ ବିଧର୍ମୀ ଅନୁଗତ ଏବଂ ବିଦ୍ୱେଷୀଙ୍କ ଟଣାଓଟରାରେ ତାଙ୍କୁ ମଧ୍ୟ ଅନେକ ବିପର୍ଯ୍ୟୟ ସହିବାକୁ ପଡିଲା । କେତେବେଳେ ଚିଲିକା ଖୋପରେ ତ,କେତେବେଳେ ସୋନପୁର ବଟ ଗଛ ମୂଳେ ଲୁଚିବାକୁ ପଡିଲା,ଘୋସରା ଖାଇବାକୁ ପଡିଲା,ନିଆଁରେ ପୋଡିବାକୁ ପଡିଲା । ବେଳ ପଡିଲେ ସେ ହୀରାମଣ୍ଡିତ ମଧ୍ୟ ହେଲେ, ସୁନାବେଶ ହେଲେ । ଗଜପତି ରାଜାମାନେ ପ୍ରଥମ ସେବକ ରୂପେ ତାଙ୍କୁ ନିଷର ଜମି ଖଞ୍ଜି ଦେଲେ ସେବା ଖଟଣି ପାଇଁ । ଛତିଶା

Digitized by srujanika@gmail.com

ନିଯୋଗ କଲେ । ନିଜ ବଡିମା ଆଉ ପତିଆରା ଠାକୁର ମାଧ୍ୟମରେ ପ୍ରକାଶ କଲେ । କିନ୍ତୁ ଦୁର୍ବଳ ସମୟରେ ତାଙ୍କୁ ମନ୍ଦିରରେ ସୁଦ୍ଧା ସମ୍ଭାଳି ପାରିଲେ ନାହିଁ । ଏ ସମସ୍ତ ସତ୍ତ୍ୱେ ଏହାଙ୍କ ପାଇଁ ଏତେ ମନ୍ଦିର ଗଢ଼ାହେଲା ସେଇ ଉତ୍ସାହରେ ସୂର୍ଯ୍ୟମନ୍ଦିର କୀର୍ତ୍ତିସ୍ଥାପନା ହେଲା । ଓଡିଶାର ସ୍ଥାପତ୍ୟ ସଂଗୀତ ସାହିତ୍ୟ ଏବଂ ନୃତ୍ୟକଳା ଏଇ କେନ୍ଦ୍ରଟିର ଚାରିପଟେ ଏ ଦେଶର ଅଧିବାସୀମାନଙ୍କର ସୃଜନଶୀଳତାକୁ ମୁକ୍ତ ଚିନ୍ତା ଓ ଚେତନାକୁ ପ୍ରକାଶିତ କରିଥିଲା । ଏ ପକ୍ଷର ଶାଖା ରୂପେ ଆଉ ଏକ ନିସ୍ପୃହ ଉପପକ୍ଷ ରହିଛି । ତାଙ୍କ ମତ ଅପେକ୍ଷାକୃତ ଅଧିକ ସାହସିକ । ସେମାନେ କହନ୍ତି ଏ ଦେବତା ଗୋଟିଏ କାଠ କଣ୍ଢେଇ,ସେ କେବଳ ଏକ ଆଞ୍ଚଳିକ,ଲୋକ ବିଶ୍ୱାସ ଏବଂ ଜାନିଯାତ୍ରାର ଦେବତା, ଖୁବ୍ ଆଦିମ, ଏବଂ ହୁଏତ ପ୍ରାଚୀନ କାଳରେ ଅନ୍ୟ ଦେବତାଙ୍କ ପରି ହିଂସ୍ର । ଏ ମନ୍ଦିରସ୍ଥ ଗରୁଡ ସ୍ତମ୍ଭଟି ଏକ ଜୀବାଶ୍ମ । ଏହା ବହୁ ଲକ୍ଷ ବର୍ଷ ପୂର୍ବେ ପଥର ପାଲଟିଥିବା ଗୋଟିଏ ଗଛ ଗଣ୍ଡି । ଏହା ହିଁ ବୋଧହୁଏ ସେଇ ଦାରୁଦେବତା ମୂଳ ଖମ୍ଭେଶ୍ୱରୀ । ଏହାକୁ ହୁଏତ ସମୁଦ୍ରରୁ ପ୍ରଥମେ ଉଦ୍ଧାର କରା ଯାଇଥିଲା । ପ୍ରଣବ ରୂପୀ ପ୍ରତୀକ ବିଗ୍ରହକୁ ପ୍ରତିଷ୍ଠା କଲାପରେ ମୁଖ୍ୟ ଦେବତା ହୁଏତ ଗୌଣସ୍ଥାନ ପ୍ରାପ୍ତ ହୋଇଛନ୍ତି । ପୂଜିତ ବିଗ୍ରହଙ୍କ ଗର୍ଭରେ ରହସ୍ୟାବୃତ ସେ ବ୍ରହ୍ମପଦାର୍ଥ ସହିତ ଏ ଜୀବାଶ୍ମ ସ୍ତମ୍ଭର ମୌଳିକ ସଂପର୍କ ହୁଏତ ରହିଛି । ହୁଏତ ତନ୍ତ୍ରକୁ ସ୍ୱୀକାର କଲାପରେ ପୂଜାପଦ୍ଧତିରେ ପରିବର୍ତ୍ତନ କରାଯାଇଛି । ମହାପ୍ରସାଦକୁ ବିମଳା ଅର୍ପଣ ବିଧି ଆରୋପ କରାଯାଇଛି । ହୁଏତ ନିଜର କୌଣସି ମୌଳିକତା ରକ୍ଷା କରି ପାରୁ ନଥିବା ଏକ ଦେବସ୍ଥାନ ବିଭିନ୍ନ ଧର୍ମଧାରା ପାଖରେ ନିଜକୁ ସମର୍ପଣ କରି ଚାଲିଛି । ଏହା କୌଣସି ସାର୍ବଜନୀନ ବ୍ୟାପକତା ନୁହେଁ ବରଂ ଏକ ଦୁର୍ବଳ ଅସହାୟତାର ସୂଚକ । ଯେ ଆସିଲା, ଯେତେବେଳେ ଆସିଲା, ଯେଉଁ ଭଳି ଚାହିଁଲା ଏ କ୍ଷେତ୍ରରେ ନିଜକୁ ଜାହିର କରି ଚାଲିଗଲା । ବୁଦ୍ଧି ଏବଂ ବିଶ୍ୱାସ ବିବର୍ଜିତ ଅଧୁନାତନ ଦୁଇଟି ସ୍ୱର ପ୍ରଣିଧାନଯୋଗ୍ୟ । ଗୋଟିଏ କହେ ଯେ ମନ୍ଦିରର ସ୍ତୁପ ଏକ ନିରର୍ଥକ କାଠ କଣ୍ଢେଇ । ଏଥିରେ ପ୍ରତ୍ୟେକ ଅଂଶ ବେଠି ମୂଲିଆଙ୍କ ରକ୍ତରେ ଗଢା । ଏ ମନ୍ଦିରର ମୁଳଦୂଆ ତଳେ ଗୁପ୍ତ ଭଣ୍ଡାରରେ ଅଶେଷ ରତ୍ନ ଗଚ୍ଛିତ ରହି ଥାଇପାରେ । ଏହାକୁ ବାରୁଦରେ ଉଠାଇ ସେଇ ଅର୍ଥରେ ଗରିବଙ୍କୁ ଅନ୍ନ ଆଚ୍ଛାଦନ ଦିଆଯାଉ । ଆର ସ୍ୱରଟି ଅତିଭକ୍ତିର ଭାନ କରି ତଦ୍‌ଗତ ଭକ୍ତର ଭାଷା ଏବଂ ଭଙ୍ଗୀକୁ ଅନୁସରଣ କରି ଯଥେଚ୍ଛ ଆଚରଣ କରିବାକୁ ପ୍ରବୃତ୍ତ କରିଥାଏ । କାଳିଆ, ବଳିଆଦି କୁତ୍ସା ଏବଂ ଅପମାନ ସୂଚକ ସମ୍ବୋଧନ ଏବଂ ପାଦୁକାଠାରୁ ପାନପାତ୍ର ପର୍ଯ୍ୟନ୍ତ ସର୍ବତ୍ର ଚକାଆଖି ଯୋଡିକୁ ନିର୍ବିକାର ବ୍ୟବହାର କରିବାର ଦାମ୍ଭିକତା,ଅସଦାଚରଣ, ବାପର ପଞ୍ଜରା ହାଡରେ ପଶାକାଠି କରି ଜୁଆ ଖେଳିବାର କୁକର୍ମଠାରୁ ମଧ ଅଧିକ ଶୋଚନୀୟ ।

Digitized by srujanika@gmail.com

କେହି ଜଣେ ବହିରାଗତ ପର୍ଯ୍ୟଟକ ସିନା ଅନାତ୍ମୀୟ ଢଙ୍ଗରେ ଚାହିଁଲେ ଏଇଠି କାଷ୍ଠ ପାଷାଣ ଦେଖେ ଏବଂ ଭାବେ ଯେ ଏହାକୁ ବେଢ଼ି ରହିଥିବା ଅଧିବାସୀ ଗୁଡିକ ହତଭାଗ୍ୟ,ଦରିଦ୍ର,ବିଜ୍ଞାନର କୌଶଳ ଅବଦାନରୁ ବଞ୍ଚିତ ମୂର୍ଖ ଆଦିମ ଏବଂ ସବୁମନ୍ତେ ଏକ କନିଷ୍ଠ ଜାତି, ହ୍ରସ୍ୱ ଖର୍ବ ଜାତି । କିନ୍ତୁ ତାକୁ ଅନୁସରଣ କରି ଥୋକେ ଓଡିଆ ଯଦି ନିଜକୁ ନିଜେ ଏପରି ଘୃଣାଜଡିତ ହେୟ ଦୃଷ୍ଟିରେ ଦେଖନ୍ତି ତାହାଠାରୁ ବଳି ଆଉ ଦୁର୍ଭାଗ୍ୟ କ'ଣ ଥାଇପାରେ ? ଆମେ ଅତୀତରେ ବହୁବାର ନୂତନକୁ ଏଇଭଳି ମାଲିକପଣ ଦେଇଆସିଛୁ । ମୋଗଲ ସୁବାଦାରକୁ ନନ୍ଦିଘୋଷ ଉପରେ ବେଢା ପକାଇ ବସେଇଛୁ । ଇଂରାଜ ସାଇବକୁ ଠାକୁରଙ୍କ ରକ୍ଷଣାବେକ୍ଷଣ ଭାର ଅର୍ପି ଦେଇଛୁ । ଯେ ଆସିଲା ଶକ୍ତିଶାଳୀ ତା ଆଗରେ ମୁଣ୍ଡପାତି ତାକୁ ମାନିନେଇଛୁ । ଏବେ ମଧ୍ୟ ଆଧୁନିକତାର ତରଙ୍ଗରେ ଆମେ ଭାସମାନ । ନିଜକୁ ନିଜେ ଅପମାନିତ, ନିନ୍ଦିତ କରିବାର ଆତ୍ମଘାତୀ ଯୋଜନା କରିବା ଆମ ପକ୍ଷେ ଆଦୌ ଅସ୍ୱାଭାବିକ ନୁହେଁ । ଏଭଳି ଘାତ ପ୍ରତିଘାତରେ ଜାତୀୟ ଚେତନା ଧୂମାଚ୍ଛନ୍ନ ଥିଲାବେଳେ ଗୋଟିଏ ଅମୀମାଂସିତ ପ୍ରଶ୍ନ ଦେଖାଦିଏ । ଆମେ ଆଧୁନିକ ହେବା ସକାଶେ ନିଜର ସମଗ୍ର ପରଂପରାକୁ ପ୍ରତ୍ୟାଖ୍ୟାନ କରିବା ଏକାନ୍ତ ଅପରିହାର୍ଯ୍ୟ କି? ପୃଥିବୀର ପ୍ରଗତି ସହିତ ସମତାଳରେ ଯିବାପାଇଁ କେବଳ ସଂଗ୍ରହାଳୟରେ ଆପଣା ସଂସ୍କୃତିକୁ ତାଲା ପକାଇ ସଂପାଦି ଦେଲା ପରେ ତାଙ୍କ ଭଳି ସ୍ଥାପତ୍ୟହୀନ ଶହେତାଲା କୋଠା,ତାଙ୍କ ଭଳି ପୋଷାକପରିଚ୍ଛଦ, କଥାଭାଷା କରିବାକୁ ଆମେ ବାଧ୍ୟ କି ?-ଯାଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ତାଙ୍କ ଭଳି ଚିନ୍ତା କରିବା, ବିଶ୍ୱାସ କରିବା, ଲେଖିବା,ଆଙ୍କିବା ଏବଂ ଗାଇବା ଆମ ପାଇଁ ସ୍ୱାଭାବିକ କି ? ଅମୀମାଂସିତ ପ୍ରଶ୍ନହିଁ ଆଧୁନିକ ଓଡିଆ ପାଇଁ ଏକ ଚେତନାଗତ ସଂକଟ, ସାଂସ୍କୃତିକ ସଂକଟ । ଏହାର ସମାଧାନ ହୁଏତ, ମନୀଷୀ ୟୁଙ୍ଗଙ୍କ ମତରେ ଆଧୁନିକତାର ସଂଜ୍ଞାରେ ନିହିତ ଅଛି । ସେ କହନ୍ତି ଯେ ପ୍ରକୃତ ଆଧୁନିକ ବ୍ୟକ୍ତିଟି ପାହାଡ ଚୂଳରେ ଠିଆ ହୋଇଥିବା ମଣିଷଟିଏ । ତା ପଛରେ ଥିବା ବିସ୍ତୃତ ଦିଗ୍‌ବଳୟକୁ ସେ ସ୍ୱୀକାର କରେ, ତାକୁ ଧାରଣ କରେ ଏବଂ ବହନ କରେ ଏବଂ ସମ୍ମୁଖରେ ସମପରିମାଣରେ ପ୍ରସାରିତ ଦିଗ୍‌ବଳୟକୁ ସେ ଅତିକ୍ରମଣ କରିବାକୁ ସଂକଳ୍ପ କରେ । ଯେ କୌଣସି କାଳବିନ୍ଦୁରେ ସେ ସମଗ୍ର ମଣିଷ ଜାତିର ଅତୀତକୁ ଧାରଣ କରେ ଏବଂ ସମଗ୍ର ମାନବ ଜାତିର ଭବିଷ୍ୟତକୁ ସ୍ୱୀକାର କରି ତା ସକାଶେ ଆସ୍ପୃହାବନ୍ତ ହୁଏ । ଏଇଭଳି ସୁବିପୁଳ ଚେତନାର ଅଧିକାରୀ ହୋଇ ନ ପାରିଲେ ବର୍ତ୍ତମାନର ସଂକଟରୁ ଆମର ତ୍ରାଣ ନାହିଁ । ଅତୀତରେ ହୁଏତ ମୋଡ ନେଇ ଯାଉଥିଲେ ସୁଦ୍ଧା ସଂସ୍କୃତିର ପ୍ରବହମାନତା ଅବ୍ୟାହତ ରହୁଥିଲା । କିନ୍ତୁ ବର୍ତ୍ତମାନ ସଂସ୍କୃତିରୁ ସଂମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଉନ୍ମୂଳ ବୃକ୍ଷପରି ଯୁଗପ୍ରବାହରେ ଭାସିଯିବାର ଆଶଙ୍କା ହେଉଛି ।

Digitized by srujanika@gmail.com

ତେଣୁ ସ୍ଥିରଚିତ୍ତରେ ନିଜକୁ ନିଜର ଅତୀତ ପରଂପରାକୁ ସମୀକ୍ଷା କରିବାର ଅବକାଶ ଆସିଛି । ନିଜର ଗୋସେଇଁ ବାପମାନଙ୍କୁ ସବୁଦିଗରୁ ଦେଖିବା ଏବଂ ଚିହ୍ନିବାର ସମୟ ଆସିଛି । ସେମାନେ ବିଚକ୍ଷଣ ଥିଲେ, ବିଦ୍ୱାନ ଥିଲେ; ଅଥଚ ରାଜାନୁଗ୍ରହ ପାଇଁ ପ୍ରଶସ୍ତି ରଚନା କରୁଥିଲେ । ଅଚିନ୍ତ୍ୟ ଭେଦାଭେଦର ବ୍ୟାଖ୍ୟା କରୁଥିଲେ ଅଥଚ ଶୂଦ୍ରର ଛାଇ ପଡ଼ିଲେ ତିନି ଥର ସ୍ନାନ କରୁଥିଲେ । ତାଙ୍କର ମହାନତା ଏବଂ କ୍ଷୁଦ୍ରତା ତାଙ୍କର ଧର୍ମନୀତି ଏବଂ କୁସଂସ୍କାର ଏକତ୍ର ଅବସ୍ଥାନ କରୁଥିଲା । ତାଙ୍କୁ ସମ୍ମାନ ଦିଆ ଯାଇପାରେ ତାଙ୍କ ପାଇଁ ଗର୍ବ କରାଯାଇପାରେ ଅଥଚ ତାଙ୍କର ଜଡ଼ତା, ସଂକୀର୍ଣ୍ଣତା, କ୍ଷୁଦ୍ରାଶୟତା ପାଇଁ ଦୁଃଖିତ, ଲଜ୍ଜିତ ହେବାକୁ ପଡ଼ିପାରେ । ଏଭଳି ସାମୂହିକ ପରିଚୟ ପରେ ଯାହା ସୂକ୍ଷ୍ମ, ସୁକୁମାର, ଉଜ୍ଜ୍ୱଳ ଉଦାର ଯାହା ସଂସ୍କୃତିର ମହାର୍ଘ ଉପାଦାନ ସେସବୁ ଶିରୋଧାର୍ଯ୍ୟ ରୂପେ ଗ୍ରହଣ କରିବାର ସୁଯୋଗ ମିଳିପାରେ ।

ଧରାଯାଉ ଓଡ଼ିଶୀ ନୃତ୍ୟ । ମନ୍ଦିର ପ୍ରାଙ୍ଗଣରେ ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ଦେବଦାସୀମାନଙ୍କର ନୃତ୍ୟ ସେବାର ବ୍ୟବସ୍ଥାର ଥିଲା । କେବଳ ଶ୍ରୀ ମନ୍ଦିରରେ ନୁହେଁ, ଅନ୍ୟାନ୍ୟ ଦେବସ୍ଥାନ ମାନଙ୍କରେ ମଧ୍ୟ ଏ ରାଜକୀୟ ବିଳାସଟିକୁ ରାଜାଙ୍କ ଦ୍ୱାରା ପ୍ରତିପାଳିତ ଦେବ-ବିଗ୍ରହରେ ଆରୋପ କରା ଯାଇଥିଲା । ଏହି ଦେବଦାସୀମାନେ ଶୁଣାଯାଏ ପ୍ରତାପରୁଦ୍ରଙ୍କ ସମୟରେ ଗୀତଗୋବିନ୍ଦ'ର ଗାନ ସହିତ ଶୃଙ୍ଗାରପ୍ରଧାନ ନୃତ୍ୟ ପ୍ରଦର୍ଶନ କରୁଥିଲେ । ସମାଜିକ ଏବଂ ନୈତିକ ମୂଲ୍ୟବୋଧରେ ପ୍ରଭାବିତ ବୈଷ୍ଣବଗୁରୁମାନେ ନାରୀ ନୃତ୍ୟକୁ ଅଶ୍ଳୀଳ ଓ ଅନୈତିକ ଜ୍ଞାନ କରି ପୁଅଗୁଡ଼ିକୁ ଝିଅ ବେଶରେ ନଚାଇଲେ । ଏବଂ ଓଡ଼ିଶାରେ ଗୋଟିପୁଅ ନୃତ୍ୟ ଆରମ୍ଭ ହୋଇଗଲା । ଦକ୍ଷିଣରେ ଏକ ଗୋପାଳ-ସଂପ୍ରଦାୟର ହଲ୍ଲୀଷକରୁ ରାସକ୍ରୀଡ଼ାର ସୂତ୍ରପାତ ହେଲା ଏବଂ ଓଡ଼ିଶାରେ ସର୍ବତ୍ର ଅଭିନୀତ ହେଲା । ଭରତମୁନିଙ୍କ ନାଟ୍ୟ ଶାସ୍ତ୍ରାନୁସାରେ ମୁଦ୍ରାଭଙ୍ଗୀ ଅଭିନୟର ଏକ ସ୍ୱତନ୍ତ୍ର ବିନ୍ୟାସ ଘଟିଲା ଓଡ଼ିଶାରେ । ଓଡ଼ିଶୀ ନୃତ୍ୟର ଉଦ୍ଭବ ହେଲା । ଓଡ଼ିଶୀକୁ ଭାରତର ଶାସ୍ତ୍ରୀୟ ନୃତ୍ୟକଳାର ମାନ୍ୟତା ମିଳିଲା ପରେ ସମଗ୍ର ପୃଥିବୀରେ ଏହାର ଆଦର ଏକ ଲକ୍ଷଣୀୟ ଘଟଣା । ସେଇ ସୂଅରେ ହୁଏତ ଓଡ଼ିଶାରେ ଅନୁକରଣ ପଟୁ ବୁଦ୍ଧିଆନ୍ଧ ଲୋକେ ଓଡ଼ଶୀ ପ୍ରତି ଆଦର ପ୍ରଦର୍ଶନ କରୁଛନ୍ତି । କିନ୍ତୁ ଏ ନୃତ୍ୟ ପଦ୍ଧତିକୁ ଜୀବନଧାରାରେ ଗ୍ରହଣ ନକଲେ ତାହା ଅତୀତର ସୃଷ୍ଟି ଆସୁଥିବା ବୃନ୍ତ ଉପରେ କ୍ରମଶଃ ମଉଳିଯିବ । ଯୁଗଧର୍ମାନୁସାରେ ଯେଉଁ ରାସାଭିନୟର ଶୃଙ୍ଗାରପ୍ରଧାନ ଭାବ ପ୍ରକାଶକୁ ଆମେ ନୃତ୍ୟର ଉପାଦାନ ରୂପେ ଗ୍ରହଣ କରିଥିଲୁ ତାହା ସେ ସମୟର ପ୍ରୟୋଜନ ଥିଲା । ତାହାକୁ ସେଇଭଳି ଅପରିବର୍ତ୍ତିତ ରଖିବାରେ ଆମ ବାହାଦୁରି ନେଇ ଜୀବନର ପ୍ରବହମାନ ଧାରାରେ ତାକୁ ଅଧିକ ଜଡ଼ିତ କରିବା ସମୀଚୀନ ହେବ ନାହିଁକି ? କହିବାର ତାତ୍ପର୍ଯ୍ୟ ହେଲା ଯେ ଅମେ ଓଡ଼ିଶୀକୁ ଗ୍ରହଣ କରିଛୁ ସତ କିନ୍ତୁ ଓଡ଼ିଶୀ ଆମକୁ ଗ୍ରହଣ କରୁନାହିଁ । ସାଂସ୍କୃତିକ ମାଧ୍ୟମ ଜୀବନ ଧାରାରୁ

Digitized by srujanika@gmail.com

ବିଚ୍ଛିନ୍ନ ହୋଇ ଯାଉଛି । ଦକ୍ଷିଣ ଭାରତୀୟ ନୃତ୍ୟ ମାଧ୍ୟମରେ ଆଧୁନିକ ଜୀବନର ପ୍ରତିଫଳନ 'କଥାକଳି'ର ଶାସ୍ତ୍ରୀୟତାକୁ ବ୍ୟାହତ କରୁନାହିଁ । ଆମେ ହୁଏତ ଲୋକନୃତ୍ୟ କିମ୍ବା ଲୋକଗୀତରେ, ଦଣ୍ଡ ଯାତ ଏବଂ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ, ପାଲା, ଦାସକାଠିଆରେ ପ୍ରସଙ୍ଗ କ୍ରମେ ସମସାମୟିକ ସମାଜିକ ଜୀବନକୁ ରୂପାୟିତ କରିଛୁ । କିନ୍ତୁ ସର୍ବାଧୁନିକ ପର୍ଯ୍ୟାୟରେ ଏ ସମସ୍ତ ମାଧ୍ୟମକୁ ଅବହେଳାରେ କୌଣସି ଗୁରୁତ୍ୱ ନ ଦେଇ ଛାଡ଼ି ଦେଉଛୁ । ଆମ ସାଙ୍ଗରେ ସେମାନଙ୍କୁ ନେଉନାହୁଁ, ନେବାକୁ ଉପଯୁକ୍ତ ଗୌରବାବହ କିମ୍ବା ପ୍ରୟୋଜନ ମଣୁ ନାହୁଁ । ଫଳରେ ଜୀବନ ଏବଂ ସଂସ୍କୃତି ମଧ୍ୟରେ ଏକ ଅସ୍ୱାଭାବିକ ବ୍ୟବଧାନ ବଢ଼ି ଚାଲିଛି ।

ସେହିପରି ସଙ୍ଗୀତ । ଓଡ଼ିଶାରେ ବିଗତ ପାଞ୍ଚଟି ଶତାବ୍ଦୀ ଭିତରେ ଅନେକ ପ୍ରସିଦ୍ଧ ସଙ୍ଗୀତ ଶାସ୍ତ୍ରର ପ୍ରଣୟନ ସତ୍ତ୍ୱେ ଏ ସଙ୍ଗୀତ ଅଦ୍ୟାବଧି ଶାସ୍ତ୍ରୀୟ ମାନ୍ୟତା ଲାଭ କରିନାହିଁ । ସେଭଳି କୌଣସି ସମର୍ଥ ପ୍ରୟାସରେ ଓଡ଼ିଶୀ ସଙ୍ଗୀତକୁ, ଓଡ଼ିଶୀ ନୃତ୍ୟ ସହିତ ସମପ୍ରତିଷ୍ଠିତ କରାଯାଉନାହିଁ । ତେବେ ଏବେ ମଧ୍ୟ ଓଡ଼ିଶାର ରାଗ ରାଗିଣୀ ପାଇଁ ରୀତିଯୁଗୀୟ କବି ଉପେନ୍ଦ୍ର କବିସୂର୍ଯ୍ୟ ଗୋପାଳ କୃଷ୍ଣଙ୍କ ରଚନା ଏକମାତ୍ର ଆଶ୍ରୟ ରୂପେ ଗ୍ରହଣ କରାଯାଇଛି । ପ୍ରଶ୍ନ ହେଉଛି, କାହିଁକି ଆଧୁନିକ ଯୁଗର କବି ଓ ରଚୟିତା ଓଡ଼ିଶୀ ରାଗ ରାଗିଣୀକୁ ନିଜ ରଚନାରେ ପରିପୁଷ୍ଟ କରୁନାହାନ୍ତି । ସେଥିପାଇଁ ସେମାନେ ଅସମର୍ଥ ନା ଅନିଚ୍ଛୁକ ? ଯେତେବେଳେ କୃଷ୍ଣ ସାହିତ୍ୟ ବା ରାମ ସାହିତ୍ୟ ରଚିତ ହେଲା ସଙ୍ଗୀତମୟତା ଥିଲା ତାର ଅଙ୍ଗସଜ୍ଜା । ସାହିତ୍ୟରେ ସଙ୍ଗୀତ ଧ୍ୱନିତ ହେଉଥିଲା ଏବଂ ସଙ୍ଗୀତରେ ପ୍ରତିଫଳିତ ହେଉଥିଲା ବିଶ୍ୱାସ, ଧ୍ୱନିତ ହେଉଥିଲା ଜୀବନ । ଆମର ହୁଏତ, ସେଭଳି କୌଣସି ମୌଳିକ ବିଶ୍ୱାସ ଆଉ ନାହିଁ । ଆମେ ଓଡିଶୀ ସଙ୍ଗୀତର ଛନ୍ଦକୁ ନିଜ ଜୀବନ ଛନ୍ଦରେ ଗ୍ରହଣ କରି ପାରୁନାହୁଁ । ସେ କେବଳ କେତେଗୁଡ଼ିଏ ବୃତ୍ତି ଆଶ୍ରିତ ପୁରୁଣାକାଳିଆ ପେଶାଦାର ଗୀତ ବୋଲାଳିଙ୍କର ଧନ୍ଦା ଏବଂ ଅନ୍ୟମାନଙ୍କର ସାମୟିକ ମନୋରଞ୍ଜନର ସାମଗ୍ରୀ ହୋଇ ରହିଯାଇଛି । ଆନ୍ଧ୍ରମୁଲକରେ, ତାମିଲନାଡୁ, କର୍ଣ୍ଣାଟକରେ ନାରୀ ପୁରୁଷ, ତରୁଣ ବୃଦ୍ଧ ସମସ୍ତଙ୍କ ତୁଣ୍ଡରେ ବେଳ ପଡ଼ିଲେ, କର୍ଣ୍ଣାଟକୀ ସ୍ୱରଲହର ଗୁଞ୍ଜରିତ ହେଉଥାଏ । ଉତ୍ତର ଭାରତୀୟ ସମସ୍ତ କବି ସମ୍ମେଳନରେ କବିତା ଏବଂ ସାଙ୍ଗୀତିକତା ସଂପୃକ୍ତ ହୋଇ ଆତ୍ମପ୍ରକାଶ କରନ୍ତି । ଏ କ୍ଷେତ୍ରରେ ମଧ୍ୟ ଆମେ ଦୁର୍ବଳ ମନସ୍କତାର ପ୍ରମାଣ ଦେଇ ଚାଲିଛୁ । ପରଂପରାକୁ ସାଥିରେ ନେଇ ପାରୁନାହୁଁ । ତାକୁ ଆମର ଉପଯୋଗୀ କରି ପାରୁନାହୁଁ । ଆମର ଅନୁକରଣ ପଟୁତା, ସାମାନ୍ୟ ପ୍ରଭାବରେ ବିଚ୍ୟୁତ ଦିଗଭ୍ରଷ୍ଟ ହେବାର ଲଘୁତା ଆଉ ପ୍ରମାଣିତ ହେବାର ଅପେକ୍ଷା ରଖେ ନାହିଁ । ତାହା ଆମର ଚାରିତ୍ରିକ ବିଶେଷତ୍ୱ ।

Digitized by srujanika@gmail.com

ବିଶ୍ୱାସର ଅଭାବ ଆହୁରି ବିସ୍ତୃତ କ୍ଷେତ୍ରରେ ଅନୁଭୂତ ହେଉଛି । ବହୁ ଧର୍ମଧାରା ଏବଂ ଦର୍ଶନର ଅଭିଯାନ ହୋଇଛି ଏ ଅଞ୍ଚଳରେ । ରାଜାନୁସାରୀ ଧର୍ମ । ସେଥିପାଇଁ ଏଇଠି ବିଭିନ୍ନ ମଠ, ମତବାଦ ଏବଂ ଗୋଷ୍ଠୀର ସହାବସ୍ଥାନ ସମ୍ଭବ ହୋଇଛି । ଜୈନ, ବୌଦ୍ଧ କାଳକ୍ରମେ ସଂଖ୍ୟାଳଘୁ ହୋଇଗଲେଣି । କିନ୍ତୁ ଏବେ ମଧ୍ୟ ସାଧାରଣ ହିନ୍ଦୁଟିର ପୂଜାଘରେ ଶିବ, ଦୁର୍ଗା, ଗଣେଷ, ଚୈତନ୍ୟ, ଶିବାନନ୍ଦ, ଶ୍ରୀ ଅରବିନ୍ଦ, ସତ୍ୟସାଇଙ୍କ ପ୍ରତିକୃତି ସହିତ ଜଗନ୍ନାଥ ରହି ପୂଜିତ ହେଉଛନ୍ତି । ଗୀତା,ଭାଗବତ, ପୋଥି ପୂଜା ହେଉଛନ୍ତି । ଚନ୍ଦନ ତୁଳସୀ ଲାଗି ହେଉଛନ୍ତି । କ'ଣ ଧର୍ମ ବିଶ୍ୱାସ ଏ ବ୍ୟକ୍ତିଟିର ? ଏହାର ଇଷ୍ଟ କିଏ ? ଗୁରୁ କିଏ ? ପରଂପରା କ'ଣ ? ସାଧ୍ୟ କଣ, ସାଧନା କ'ଣ ? ଟିକିଏ ଆଧୁନିକତାର ଛାପ ବାଜିଗଲେ ବୈଠକ ଘରେ ଯିଶ୍ରୀଷ୍ଟ, ବୁଦ୍ଧ, ବିବେକାନନ୍ଦଙ୍କ ଛବି ସହିତ ମୋନାଲିସା ଚିତ୍ର ଟଙ୍ଗା ରହିଥାଏ । ଅତ୍ୟାଧୁନିକ ରୁଚି ହେଲା ଏସବୁ କିଛି ନ ରଖିବା । ଘୋଡ଼ା ଚିତ୍ର ବା ଗହମକ୍ଷେତର ତୈଳ ଚିତ୍ରଟିଏ ଯଥେଷ୍ଟ । ଜଣା ଯାଉଛି ସତେଅବା ପରଂପରାର ଯୋଗ ତନ୍ତୁ ଛିଣ୍ଡି ଗଲାଣି; ସ୍ଥଗିତ ହୋଇଗଲାଣି ସଂସ୍କୃତିର ଧାରା । କୈନ୍ଦ୍ରିକ ବିଶ୍ୱାସର ଅଭାବ ହେଲେ ଚରିତ୍ର ଦୃଢ଼ ହୋଇ ପାରେନାହିଁ ; ଆତ୍ମବିଶ୍ୱାସ ଜାଗ୍ରତ ହୋଇ ପାରେ ନାହିଁ । ଆତ୍ମବିଶ୍ୱାସହୀନ ବ୍ୟକ୍ତି ବା ଜାତି ଭାସମାନ ମେଘଖଣ୍ଡ ପରି କୌଣସି ନିର୍ଦ୍ଦିଷ୍ଟ ଦିଗରେ ଗତି କରି ପାରନ୍ତି ନାହିଁ । ସାମୟିକ ପ୍ରଭାବରେ ଦୋଳାୟିତ ହେଉଥାନ୍ତି ମାତ୍ର । ଓଡ଼ିଶୀ ପଟ୍ଟଚିତ୍ରର ଅବସ୍ଥା ମଧ୍ୟ ତଦ୍ରୂପ । ନବୀକରଣ ହୋଇ ପାରୁନାହିଁ । ତାହା ସର୍ବଭାରତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି । କାଙ୍ଗ୍ରା, ରାଜସ୍ଥାନୀ କିମ୍ୱା ବେଙ୍ଗଲ ସ୍କୁଲ ଭଳି ଏଠି କୌଣସି ଧାରା ବା ପଦ୍ଧତି ସୃଷ୍ଟି ହୋଇ ପାରୁନାହିଁ । ସମୟ ଏବଂ ସୁଯୋଗ ଅନୁସାରେ ଏ ଅଞ୍ଚଳର ସୃଷ୍ଟିଶୀଳ ପ୍ରତିଭା ଯାହା କରିଥିଲା ତାହାକୁ ପୁଣି ଆମେ ସଂଗ୍ରହାଳୟର ବସ୍ତୁରେ ପରିଣତ କରି ଦେଇଛୁ । ବର୍ତ୍ତମାନ ତାଳପତ୍ରରେ ଚିତ୍ର କିମ୍ୱା ପାଟକନାରେ କୃଷ୍ଣଙ୍କ କାଳୀୟଦଳନ ଆଙ୍କିବା ସମ୍ଭବ ନୁହେଁ, ସମୀଚୀନ ନୁହେଁ । କିନ୍ତୁ ସେ ଶୈଳୀର ଆଧୁନିକ ବିନିଯୋଗ କରି ସଂସ୍କୃତିର ପ୍ରବହମାନତା ରକ୍ଷା କରିପାରିଲେ ସିନା ଅମେ ନିଜେ ସଂସ୍କୃତିସଂପନ୍ନ ହୋଇପାରନ୍ତେ ! ସ୍ଥାଣୁ ଏବଂ କାଳସ୍ରୋତରେ ପରିତ୍ୟକ୍ତ ହୋଇଯାଉଛି ପରଂପରା । ତା'ର ଉଦ୍ଧାର କରିବାକୁ ସମର୍ଥ ଏବଂ ସଂସ୍କୃତି ସଚେତନ ବ୍ୟକ୍ତି ନାହାନ୍ତି ଏ ଅଞ୍ଚଳରେ ।

ମନ୍ଦିରମାଳିନୀ ଓଡ଼ିଶା । ସାରା ଭାରତବର୍ଷର ଅର୍ଦ୍ଧେକ ମନ୍ଦିର ଏ ଭୂଖଣ୍ଡରେ ଅଛି ବୋଲି ମତପ୍ରକାଶ ପାଇଛି । ମନେହେଉଛି ସତେବା ଗୋଟାଏ ଜାତି ଶହ ଶହ ବର୍ଷ ଧରି କେବଳ ମନ୍ଦିର ଗଢ଼ିବାରେ ଆତ୍ମବିଭୋର ରହିଛି । ସେଭଳି ତଲ୍ଲୀନ ଏବଂ ଦୀର୍ଘ ସାଧନା ନଥିଲେ ଅବଶ୍ୟ କୋଣାର୍କ ଭଳି ସ୍ୱପ୍ନ ପଥରରେ ରୂପାୟିତ ହୋଇ ପାରି ନଥାନ୍ତା । ପୃଥିବୀରେ ଅଦ୍ଭୁତ ସ୍ଥାପତ୍ୟ ଏବଂ ମୂର୍ତ୍ତିକଳାର ଦୃଷ୍ଟାନ୍ତ ଏଇ କୋଣାର୍କ, ଅଥଚ ତାହା ଗଢ଼ା ହୋଇ ସାରିବାର ଅବ୍ୟବହିତ ପରେ ଆମେ କିପରି ଏପରି ମହାର୍ଘ

Digitized by srujanika@gmail.com

ଐଶ୍ୱର୍ଯ୍ୟର ଅଯୋଗ୍ୟ ପ୍ରମାଣିତ ହେଲୁ ତାହା ସର୍ବଜନ ବିଦିତ । ଅବହେଳିତ ହୋଇ ଧ୍ୱଂସସ୍ତୁପରେ ପରିଣତ ହୋଇଗଲା ଏ ଜାତିର ସ୍ୱପ୍ନ । ସେଥିପ୍ରତି ଆମର କୌଣସି ଅନୁଶୋଚନା ନାହିଁ । ଏବେ ମଧ ତାକୁ ସେପରି କୌଣସି ଗୁରୁତ୍ୱ ଦେଇ ଶିଖିନାହୁଁ । କୌଣସି ଓଡ଼ିଆ କୋଣାର୍କ ପାଇଁ ଚିନ୍ତିତ କିମ୍ୱା ସତକୁସତ ଗର୍ବିତ ଥିଲା ପରି ଜଣା ପଡୁନାହିଁ । ସ୍ଥାପତ୍ୟ ରହିଗଲା ମନ୍ଦିରରେ । ସେହି ବିଚକ୍ଷଣ ବିଦ୍ୟାର ପ୍ରୟୋଗ କରି ନବର ଅଟ୍ଟାଳିକା ଏ ଜାତି ନିର୍ମାଣ କଲାନାହିଁ । ଭାସ୍କର୍ଯ୍ୟ ରହିଗଲା ମନ୍ଦିରରେ । କେହି ଏ ଅଦ୍ଭୁତ ମୂର୍ତ୍ତିକଳାକୁ ପୁନର୍ଜୀବିତ କଲାନାହିଁ । ଅନ୍ତତଃ ଗବେଷଣା କରି ସେ ମୂର୍ତ୍ତିଗୁଡ଼ିକର ମହାନତା ବିଷୟରେ ନିବନ୍ଧଟିଏ ବି ଲେଖିଲା ନାହିଁ । ସବୁ ଗବେଷଣା ହେଲା, ଏ ମନ୍ଦିରରେ କେଉଁ ଦେବତା ପୂଜା ପାଉଥିଲେ, କେଉଁ ରାଜା ଏହାକୁ ତୋଳାଇ ଥିଲେ । ସତେବା ଏ ଦୁଇଟି ନାଁ ଜାଣିଦେଲେ ଆମେ ପ୍ରସ୍ତରରେ ବିକଶିତ ଏ କମନୀୟ କବିତାଗୁଡ଼ିକୁ ବୁଝି ଯାଇ ପାରିବା । ଏହା ମଧ ଆମ ଜୀବନଧାରାରୁ ବିଚ୍ଛିନ୍ନ ହୋଇ ରହିଛି ଏବଂ ବ୍ୟବଧାନ ବଢ଼ି ଚାଲିଛି । ଆମେ ଯେ କୋଣାର୍କ ଗଢ଼ିଥିଲୁ ତାର ଆଧୁନିକ ପ୍ରମାଣ ଦେଲାଭଳି କାରିଗର ନାହାନ୍ତି , ପରଂପରା ନାହିଁ । କୋଣାର୍କ ଗଢ଼ିଲାବେଳେ ଯେମିତି ହୋଇଥିଲା ସେଉଳି ଶିକ୍ଷା ଛାଉଣି କରି ଏବେ କ'ଣ ତା'ର ପୁନରାବୃତ୍ତି କରାଯାଇ ପାରନ୍ତା ? ତାର କିନ୍ତୁ ସମୀଚୀନତା ନ ଥିବାରୁ ପ୍ରଶ୍ନର ପ୍ରୟୋଜନ ନାହିଁ କାରଣ ଏବେ ପିରାମିଡ଼ କିମ୍ୱା କଲୋସିଅମ୍ ଗଢ଼ିବା ଭଳି କୋଣାର୍କ ଗଢ଼ିବା ମଧ ଏକ ଅବାନ୍ତର ପ୍ରସ୍ତାବ । କିନ୍ତୁ ହାତଭଙ୍ଗା ଭିନସ୍ ଡ଼ି ମିଲୋ ଭଳି କୋଣାର୍କର କୌଣସି ମୃଦଙ୍ଗୀନୀକୁ ଆମେ ଶ୍ରଦ୍ଧାରେ ଛୋଟ ବଡ଼ ଆକାରରେ ଅନୁକୃତି କରି ଆମ ବୈଠକ ଘରେ ରଖି ପାରନ୍ତେ କି ? -ନିଜର ସଂପଦ ପ୍ରତି ବିମୁଖତା, ହିନମନ୍ୟତା, ନିଶ୍ଚେଷ୍ଟ ପଡି ରହିବାର ଅସହାୟତା ଆମକୁ ଦରିଦ୍ର କରି ଦେଇଛି, ଧନ, ମାନ ଏବଂ ମର୍ଯ୍ୟାଦାରେ ।

ଆତ୍ମପ୍ରକାଶର ନ୍ୟୁନତମ ଏବଂ ବଳିଷ୍ଠତମ ମାଧ୍ୟମ ହେଉଛି ଭାଷା । ବର୍ତ୍ତମାନ ଯାହା ଓଡ଼ିଆ ଭାଷା ରୂପେ ଗୃହୀତ ହେଉଛି, ତାର ଉଦ୍ଭବ, କ୍ରମବିକାଶ ଏବଂ ସମ୍ଭାବନା ଅତି ବୈଚିତ୍ର୍ୟମୟ । ''ବର୍ଷା କାଳରେ ଓଳିରୁ ପାଣି ଛିଡୁଛି । ଅଥାର ହାଣ୍ଡିରେ ଏଣ୍ଡୁରି ଶିଝୁଛି । ଖାଇଦେଇ ବାହାରିଲେ ହୁଅନ୍ତା ହେଲେ ଆପନା ପାତ୍ର ଦରଖାସ୍ତ ଘେନି କଚିରିକୁ ନ ଗଲେ ଓକିଲକୁ ଫିସ୍ ନ ଦେଲେ ଏଇଲାଗେ ଆଉ ନିସ୍ତାର ନାହିଁ । ସେ ଅପିଲ କରି କରି ନୟାନ୍ତ ହେଲାଣି । ଏଇଥର ବଡ଼ ହାକିମ ପାଖରେ କଥା ପେଶ୍ ହେବ ।'' ଏ ସହଜବୋଧ ବାକ୍ୟଗୁଡ଼ିକରେ ସଂସ୍କୃତ, ଫାରସୀ, ଉର୍ଦ୍ଦୁ, ତେଲୁଗୁ, ଇରାଜୀ ଆଦି ଶବ୍ଦ ପ୍ରକାଶ୍ୟ ବା ପ୍ରଚ୍ଛନ୍ନ ଭାବରେ ବ୍ୟବହୃତ ହୋଇଛନ୍ତି । ଏ ସବୁ ଅନେକ କାଳରୁ ଆସି ଭାଷା ପରିସର, ଭିତରେ ଆସନ ଜମେଇ ରହିଛନ୍ତି । ଭାଷା କୌଣସି ସ୍ଥିରଭୂମି ନୁହେଁ । ତାହା ଏକ ସ୍ରୋତ ସେଥିରେ ଉପନଦୀମାନେ ଆସି ଏଭଳି

Digitized by srujanika@gmail.com

ମିଶି ଯାଆନ୍ତି । କଥିତ ଭାଷାର ଏଭଳି ବିସ୍ତାର ତା'ର ଉପାଦାନଗତ । କିନ୍ତୁ ତାର ଅନ୍ତର୍ନିହିତ ଶକ୍ତି ଏବଂ ଐଶ୍ୱର୍ଯ୍ୟକୁ କେବଳ କବି ଓ ସାହିତ୍ୟକାର ଉଦ୍‌ଘାଟିତ କରନ୍ତି । ସାହିତ୍ୟ ଭାଷାକୁ ମାଧ୍ୟମ କରି ବ୍ୟବହାର କରେ କିନ୍ତୁ ତାକୁ ମାର୍ଜିତ ସମ୍ଭ୍ରାନ୍ତ ଗଭୀର ଏବଂ ବର୍ଣ୍ଣାଢ୍ୟ କରି ତୋଳେ ।

ଆଶ୍ଚର୍ଯ୍ୟର କଥା ଯେ ମୟୂରଭଞ୍ଜ ପ୍ରାନ୍ତରୁ କୋରାପୁଟ ସୀମାଯାଏଁ ଆଧୁନିକ ଓଡ଼ିଆ ବୋଲି ଚିହ୍ନିତ ଭୂଖଣ୍ଡର ଅଧିବାସୀ ଓଡ଼ିଆ କହନ୍ତି ନହିଁ । ଅର୍ଥାତ୍ ଯାହା ଓଡ଼ିଆ ରୂପେ ସାମ୍ବିଧାନିକ ମାନ୍ୟତା ପ୍ରାପ୍ତ ତାହା ଏ ଅଞ୍ଚଳର ଅଧିକାଂଶ ଲୋକଙ୍କର ବ୍ୟବହୃତ ଭାଷା ନୁହେଁ । କନ୍ଧ, କୋହ୍ଲ, ସାନ୍ତାଳ ପରଜା ଗଦ୍‌ବା ଆଦୌ ଓଡ଼ିଆ କହନ୍ତି ନାହିଁ କି ବୁଝନ୍ତି ନାହିଁ । ବାକି ଯେ ରହିଲେ କଳାହାଣ୍ଡି, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଗଞ୍ଜାମ, କୋରାପୁଟର ଲୋକ ସେମାନେ ତାଙ୍କ ଢଙ୍ଗରେ ଓଡ଼ିଆ କହନ୍ତି । ଲିଖିତ ଓଡ଼ିଆ ସହିତ ତାର ସଂପର୍କ ବେଳେ ବେଳେ ଅତି କ୍ଷୀଣ । ଯଦି ଭାଷାଭିତ୍ତିକ ପ୍ରଦେଶ ଗଠନର ପଚାଶ ବର୍ଷ ପରେ ଅବସ୍ଥା ଏପରି ତେବେ ସୁଦୂର ଅତୀତରେ ଯେତେବେଳେ ନିର୍ଦ୍ଦିଷ୍ଟ ପ୍ରଦେଶଟିଏ ନ ଥିଲା, ବହିରାଗତ ଶାସକମାନେ ଆସି ଏ ଭୂମିକୁ ଭୋଗଦଖଲ କରି ଅଧିକାର କରୁଥିଲେ, ପ୍ରାୟ ଆଚାର୍ଯ୍ୟ ଶଙ୍କରଙ୍କର ବ୍ରାହ୍ମଣ୍ୟଧର୍ମ ପ୍ରତିଷ୍ଠା କରିବା ସମୟକୁ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ବଜ୍ରଯାନୀ ସିଦ୍ଧାଚାର୍ଯ୍ୟମାନେ ତାଙ୍କର ଚର୍ଯ୍ୟାଗୀତି ସହିତ ନେପାଳ କିମ୍ବା ତିବତକୁ ପଳାୟନ କରିଥିଲେ, ସେତେବେଳେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଚିହ୍ନିତ ଭାଷାରୂପେ କୌଣସି ଭୂଖଣ୍ଡରେ ବ୍ୟବହୃତ ହେଉଥିଲା ବୋଲି କହିବା ଯୁକ୍ତିସଂଗତ ହେବନାହିଁ । ତେବେ ପୂର୍ବାଞ୍ଚଳୀୟ ମିଶ୍ର ଭାଷାରୁ କିଛି କିଛି ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଜାହିର କରୁ କରୁ ଅହମିଆ, ବଙ୍ଗଳା ଏବଂ ଓଡ଼ିଆ ଭାଷା ବିବର୍ତ୍ତିତ ହୋଇଥିଲା ବୋଲି ଅନୁମାନ କରାଯାଇ ପାରେ । ସଂସ୍କୃତ-ପ୍ରଧାନ ସଂସ୍କୃତିରେ ଓଡ଼ିଆ କେବଳ ନିମ୍ନ ବର୍ଗର ଲୋକଙ୍କ ପାଖରେ ରହିଥିଲା, ଅନ୍ତତଃ କପିଳେନ୍ଦ୍ରଙ୍କ ସମୟ ପର୍ଯ୍ୟନ୍ତ । ସେ ପ୍ରଥମେ ଓଡ଼ିଆରେ ଶିଳାଲିପି ଉତ୍କୀର୍ଣ୍ଣ କରିଥିଲେ । ତ'ସହିତ ତେଲୁଗୁ ଏବଂ ସଂସ୍କୃତ ଭାଷାନ୍ତର ମଧ୍ୟ ରହିଥିଲା ।

ଲୋକ ବ୍ୟବହାରରେ ଭାଷା ଗତିଶୀଳ ଏବଂ ଜୀବନ୍ତ ହୁଏ । ଥରେ କିନ୍ତୁ ସାହିତ୍ୟ ସୃଷ୍ଟି ହୋଇଗଲେ ଭାଷା ବୟଃପ୍ରାପ୍ତ ହୁଏ ଏବଂ ପୁଷ୍ପିତ ହୁଏ । ସମ୍ଭାବନାମୟ ହୋଇ ଉଜ୍ଜ୍ୱଳି ଉଠେ । ତାର ଅନ୍ତର୍ନିହିତ ଶକ୍ତି ତାର ଐଶ୍ୱର୍ଯ୍ୟ ଏବଂ ମର୍ଯ୍ୟାଦା ବିକଶିତ ହୁଏ । ଚର୍ଯ୍ୟାପଦଠାରୁ ଅଧୁନାତନ କବିତା ପର୍ଯ୍ୟନ୍ତ ପ୍ରାୟ ବାରଶହ ବର୍ଷର ଗତିଶୀଳ ଇତିହାସ । ଏହାର ପ୍ରାୟ ମଧ୍ୟ ଭାଗରେ ଉଭା ହୋଇଛନ୍ତି ସାରଳା ଦାସ, ଓଡ଼ିଆ ସାହିତ୍ୟର ଆଦିକବି, ତାଙ୍କ ପାଖକୁ ଲାଗି ଠିଆ ହୋଇଛନ୍ତି ବଳରାମ ଜଗନ୍ନାଥ ଆଦି ପଞ୍ଚସଖା । ଯେ କୌଣସି ଉତ୍‌କ୍ରାନ୍ତି ପାଇଁ ଏକ ବିପ୍ଳବର ପ୍ରୟୋଜନ ହୁଏ ଏବଂ ସେଥିପାଇଁ ପ୍ରୟୋଜନ ହୁଏ ବିଦ୍ରୋହୀ ପ୍ରତିଭା । ଏ ସବୁ କବି, ସେଇ ଅର୍ଥରେ

Digitized by srujanika@gmail.com

ବିଦ୍ରୋହୀ । ଘୋର ଅହଂକାରୀ ରାଜ ପୋଷିତ ଭାଟ ପଣ୍ଡିତଙ୍କର ସଂସ୍କୃତ ଭାଷା ଓ ସାହିତ୍ୟ ବିରୁଦ୍ଧରେ ତାଙ୍କର ବିଦ୍ରୋହ । ବହୁକାଳୁ ସଂସ୍କୃତ ସାହିତ୍ୟର ଗୌରବ ଅର୍ଜନ କରି ସାରିଥିଲା । ସେତେବେଳେ କେବଳ ପ୍ରଚାର ଚାଲିଥିଲା ଯେ ସଂସ୍କୃତ ହିଁ ଦେବଭାଷା କିନ୍ତୁ ତା' ସହିତ ଜନ ଭାଷାର କୌଣସି ସଂପର୍କ ନଥିଲା । ଏ ପଥର ବୋଝତଳୁ ନିଷ୍କୃତି ଚାହୁଁ ଥିଲା ଜୀବନ୍ତ ଭାଷା । ଠିକ୍ ଯେଉଁ ଢଙ୍ଗରେ ଚର୍ଯ୍ୟାସାଧକମାନେ ଲୋକଭାଷାକୁ ସ୍ୱୀକୃତି ଦେଇ ସାହିତ୍ୟ, ଧର୍ମ ଦର୍ଶନକୁ ଜୀବନର ନିକଟତର କରିଥିଲେ ଏବଂ ସଂସ୍କୃତ ପରି ବିଶାଳ ଅଚଳ ଅନୁଷ୍ଠାନକୁ ଅସ୍ୱୀକାର କରିଥିଲେ ସେହିଭଳି ସାହସିକ କାର୍ଯ୍ୟ କଲେ ଏ ଭାଷାର ଆଦିକବି । "ସଂସ୍କୃତ କୂପଜଲ୍, କବୀରା ଭାଷା ବହତା ନୀର !" ଜୀବନଧାରା ଭାଷାସ୍ରୋତକୁ ଓହ୍ଲେଇ ଆସିଲା ସାହିତ୍ୟ । ପ୍ରବହମାନ ଭାଷା ପ୍ରତିଭାର ସମର୍ଥନ ଲାଭ କରି ଉଜ୍ଜ୍ୱଳ ସାହିତ୍ୟରୂପେ ଠିଆ ହେଲା । ମହାଭାରତ, ରାମାୟଣ, ଭାଗବତ ରଚିତ ହେଲା ଓଡ଼ିଆରେ, ସର୍ବଭାରତୀୟ ସଂସ୍କୃତିର ମୂଳପିଣ୍ଡ ରୂପେ ଶତାବ୍ଦୀ ଶତାବ୍ଦୀ ଧରୀ ତାକୁ ରସପୁଷ୍ଟ କରି ରଖିଥିବା ଏ ମହାପୁରାଣମାନେ ପ୍ରସାରିତ ହୋଇ ଏ ଆଞ୍ଚଳିକ ଭାଷାରେ ଜନ-ଜୀବନକୁ ସ୍ପର୍ଶ କଲେ । ଚର୍ଯ୍ୟାପଦଠାରୁ ସାତଶହ ବର୍ଷର କ୍ରମ ପ୍ରସ୍ତୁତି, ବିକାଶ, ଜୀବନ ଉଦ୍ଦୀପନାରେ ସ୍ପନ୍ଦିତ ହେଉଥିବା ଭାଷା "ରୁଦ୍ର ସୁଧାନିଧି"ରେ ବା 'କଳସା ଚଉତିଶା'ରେ ଯାହା ସାମାନ୍ୟ ସ୍ଫୁରିତ ହୋଇଥିଲା ତାହା ଏହି ତିନି ମହାତେଜସ୍ୱୀ କବିଙ୍କଠାରୁ ସମ୍ମାନ ଓ ସ୍ୱୀକୃତି ଲାଭ କରି ବଳିଷ୍ଠ ସାହିତ୍ୟରେ ପରିଣତ ହେଲା । ସାରଳା ମହାଭାରତ, ଦାଣ୍ଡି ରାମାୟଣ ଏବଂ ଜଗନ୍ନାଥ ଦାସ ଭାଗବତ ଓଡ଼ିଆ ଭାଷାର ପ୍ରସ୍ଥାନ ତ୍ରୟୀ । ଏମାନଙ୍କ ଆବିର୍ଭାବ ଏକ ବିପ୍ଳବ । ଏ ଭାଷାର ପ୍ରଥମ ମୁକ୍ତି ସଂଗ୍ରାମ, ପ୍ରଥମ ଜନ୍ମୋତ୍ସବ ।

ଏହାଦ୍ୱାରା ଭାଷା ସବୁ ବାଡ଼ବନ୍ଧ ଭାଙ୍ଗି ଧସେଇ ପଶିଲା ସାହିତ୍ୟରେ । ଜୀବନର ବିପୁଳତା, ତା'ର ସୁଖ ଦୁଃଖ ଆଲୋକ ଅନ୍ଧାର ଏ ପ୍ରାନ୍ତର ବିଶ୍ୱାସ, ବୁଝାମଣା ସବୁ ବିଭିନ୍ନ ଆଖ୍ୟାୟିକା ମାଧମରେ କାବ୍ୟ ଆୟତନକୁ ପ୍ରବେଶ କଲା । ସାରଳା ବା ଜଗନ୍ନାଥ ସଂସ୍କୃତ ଶାସ୍ତ୍ରର ଅନୁବାଦକ ନ ଥିଲେ । ସେମାନେ ଥିଲେ ପ୍ରବଳ ପ୍ରତିଭାଧର ସ୍ରଷ୍ଟା । ସେମାନେ ସାହିତ୍ୟରେ ଜୀବନ ସଂଚାର କଲେ । ସରଳ ସ୍ୱଚ୍ଛନ୍ଦ ଭାବବାହୀ ଆବେଗବାହୀ ଦାଣ୍ଡିବୃତ୍ତ ଯେପରି ଏଠିକା ଜୀବନର ବିପୁଳତା, ଶୁଦ୍ଧ, ସରଳ ନିର୍ମଳ ନବାକ୍ଷରୀ ମଧ ଏ ଜାତିର ଆଭ୍ୟନ୍ତର ଛନ୍ଦ, ତା'ର ଆତ୍ମାର ସଙ୍ଗୀତ ।

ନୂତନ ଅଲକ୍ଷ୍ୟରେ ପ୍ରବେଶ କରୁଥାଏ, ତାକୁ ଦେଖି ନ ଦେଖିଲା ପରି ପୁରାତନ ସହିଯାଏ । କିନ୍ତୁ ଏମିତି ବିସ୍ଫୋରଣ ଘଟାଇ, ଭୂମି ବିଦାରଣ କରି ପ୍ରବଳ ପ୍ରତିଷ୍ଠା ଜାହିର କରୁଥିବା ନୂତନକୁ ପୁରାତନ ସମ୍ଭାଳି ପାରେ ନାହିଁ । ଏଣୁ ଏ ଆଦି ଉନ୍ମେଷ ପରେ ପ୍ରତିକ୍ରିୟା ଦେଖାଦେଲା । ବିରୋଧ ହେଲା । ପଣ୍ଡିତମାନେ କହିଲେ 'ଓଡ଼ିଆ ଏକ ଅସଂସ୍କୃତ ବ୍ରାତ୍ୟ ଭାଷା; ଅଶିଷ୍ଟ ଅନୁନ୍ନତ ବର୍ବରୋଚିତ ଭାଷା । ଏଥିରେ ଶାସ୍ତ୍ର

Digitized by srujanika@gmail.com

ଲେଖାହେଲେ ସ୍ୱୟଂ ଶାସ୍ତ୍ର ହିଁ ଅଶୁଦ୍ଧ ହୋଇଯିବ । ଏଣୁ ତେଲି ଭାଗବତ ଅପାଠ୍ୟ, ଅତୁଆ ମହାଭାରତ ଅପାଠ୍ୟ । ସଭା ପଣ୍ଡିତଙ୍କ ଆନ୍ଦୋଳନରେ ଶିଷ୍ଟ ସମାଜ ଯୋଗଦାନ କରି ସ୍ୱଭାଷା ପରାଙ୍‌ମୁଖ ହେଲା । କଥିତ ଜୀବନ୍ତ ଭାଷାକୁ ଜୀବନରୁ ବହିଷ୍କାର କଲା । ତେଣିକି ଉଦ୍ୟମ ହେଲା କେମିତି ବ୍ରାତ୍ୟକବଳରୁ ମୁକ୍ତ ହୋଇ ଏ ଭାଷା 'ଗୀର୍ବାଣ ଭାଷା'ରେ ପରିଣତ ହେବ । ଫଳତଃ ପ୍ରାୟ ତିନି ଶହ ବର୍ଷ ଧରି ଭାରବୀ ଆଦି ରୀତିବାଗୀଶମାନଙ୍କ ଅନୁକରଣ କରି ଏକ ରୀତିପ୍ରଧାନ କାବ୍ୟଯୁଗ ଆରମ୍ଭ ହେଲା । କାବ୍ୟ ପ୍ରତିଭାର ପ୍ରଥମ ଲକ୍ଷଣ ଶବ୍ଦ-ସାମର୍ଥ୍ୟ, ଜୀବନ ହେଲା ଶୃଙ୍ଗାର-ପ୍ରଧାନ, ସୌନ୍ଦର୍ଯ୍ୟ କେବଳ ଅଳଂକାର-ସାପେକ୍ଷ । ଏଯୁଗର ସମ୍ରାଟ ହେଲେ ଉପେନ୍ଦ୍ର । ତାଙ୍କ ସମକକ୍ଷ ହୋଇ ଠିଆ ହେଲେ ଦୀନକୃଷ୍ଣ, ଅଭିମନ୍ୟୁ, ଭକ୍ତଚରଣ । ରାମ କଥା ଏବଂ କୃଷ୍ଣ-ସହିତ୍ୟ ମାଧମରେ ମାନବ ଚେତନାର ଆଦିମତମ ଆଦିରସକୁ ଅତୁଳନୀୟ ସାମର୍ଥ୍ୟରେ କାବ୍ୟରୂପେ ପ୍ରଦାନ କରାଗଲା । ବୈଷ୍ଣବ ସାହିତ୍ୟ ହେଉ ବା ଅଭିଜାତ ପ୍ରାସାଦ-ସାହିତ୍ୟ ହେଉ ଅପ୍ରାକୃତ ପ୍ରେମମୂର୍ତ୍ତି ହୁଅନ୍ତୁ ଅଥବା ଚନ୍ଦ୍ରଭାନୁ-ସିଂହଳ ଜେମା ହୁଅନ୍ତୁ ଏଥିରେ ଜୀବନର ମୁକ୍ତତା, ତା'ର ଅସୀମ ବିସ୍ତାର ସୁଖଦୁଃଖ ସଂଘାତର ଚିହ୍ନ ସୁଦ୍ଧା ନାହିଁ । ଏଥିରେ ଜୀବନ କହିଲେ ପ୍ରଣୟ, ଦୁଃଖ କହିଲେ ବିରହ ଏବଂ ସୁଖ କହିଲେ ମିଳନକୁ ହିଁ ବୁଝାଏ । ଏ ପର୍ଯ୍ୟାୟଟି ଚେତନାଗତ ବିଚାର ଦୃଷ୍ଟିରୁ ଏକ ପ୍ରତିଲୋମ ପର୍ବ । ଯେଉଁ ସଭା-ସାହିତ୍ୟ ରୂପକ 'ସଂସ୍କୃତ କୂପଜଳ'ରୁ ସାରଳାଦାସ ମୁକ୍ତି ଘୋଷଣା କରିଥିଲେ ଅବିକଳ ସେଇଠାକୁ ପୁଣି ସାହିତ୍ୟକୁ ନେଇଗଲେ ରୀତିଯୁଗୀୟ କବିକୁଳ । ତାଙ୍କ ଶିଳ୍ପ ନୈପୁଣ୍ୟର ପଟାନ୍ତର ନାହିଁ । କିନ୍ତୁ ସେମାନେ ଯାହା ଲେଖୁଥିଲେ ସେଥିରେ ଜନଭାଷା କିମ୍ବା ଜୀବନଭାଷା ନ ଥିଲା । ବିଷୟବସ୍ତୁ ଜୀବନ ସହିତ ସମବ୍ୟାପ୍ତ ନଥିଲା ।

ସଂସ୍କୃତି କ୍ଷେତ୍ରରେ ତା'ର ପରବର୍ତ୍ତୀ ଯୁଗ ଏକ ସଂଘାତ ଏବଂ ମନ୍ଥନର ଯୁଗ । ଓଡ଼ିଶାରେ ଇଂରାଜ ଶାସନ ସହିତ ଇଂରାଜୀ ଭାଷା ଓ ସାହିତ୍ୟର ଅନୁରାଗ ବଢ଼ିବା ସଙ୍ଗେ ସଙ୍ଗେ ଜୀବନର ଦୃଷ୍ଟିଭଙ୍ଗୀ ଏବଂ ବିଚାର ପରିପକ୍ୱତା ଆସି ଦେଖାଦେଲା । ସମଗ୍ର ଭାରତ ଭୂମିରେ ସେତେବେଳେ ଏକ ନୂତନ ଜାଗୃତିର କଂପନ ଅନୁଭବ ହେଲା । ଶାସକମାନେ ଭାତରୀୟଙ୍କୁ ଘୃଣା କରୁଥିଲେ । ନୀଚ ଜ୍ଞାନ କରି ଦୟା କରୁଥିଲେ । ଭାରତର ସାଂସ୍କୃତିକ ପରଂପରାକୁ ହେୟ ମୂଲ୍ୟହୀନ ମଣୁଥିଲେ । ସଂଜ୍ଞା ହରାଇ ପଡ଼ିଥିବା ବ୍ୟକ୍ତି ଚେତନା ଫେରି ପାଇଲେ ଯେପରି ସର୍ବପ୍ରଥମେ ନିଜକୁ ହିଁ ଆବିଷ୍କାର କରେ ସେହିପରି ଭାରତୀୟମାନେ ନିଜେ ନିଜକୁ ପ୍ରଶ୍ନ କଲେ, ନିଜକୁ ଆବିଷ୍କାର କଲେ । ଫଳ ହେଲା ଏକ କ୍ରମବର୍ଦ୍ଧମାନ ଉଗ୍ର ଜାତୀୟତାବାଦ । ନୂଆ କରି ଗୀତାଶାସ୍ତ୍ର ପଢ଼ାଗଲା । ଦର୍ଶନ ଆଲୋଚନା ହେଲା । ସାହିତ୍ୟର ବିଭବକୁ ସ୍ୱୀକାର କରାଗଲା । ଏହି ସଂଘାତ ଏବଂ ଜାଗୃତିରୁ ହିଁ ଆଧୁନିକ ଯୁଗର ସୂତ୍ରପାତ ହେଲା । ପାଶ୍ଚାତ୍ୟ ଜଗତ୍‌ର

Digitized by srujanika@gmail.com

ବସ୍ତୁନିଷ୍ଠତା, ବିଜ୍ଞାନ କୌଶଳ,କର୍ମନିପୁଣତା ସାଙ୍ଗକୁ ନୂତନ ତଥ୍ୟମାନ ସମଗ୍ର ମାନବ ଜାତିର ଚେତନାକୁ ଆଲୋକିତ କଲା । ଡ଼ାରଓ୍ୱିନ୍‌ଙ୍କ ବିବର୍ତ୍ତନବାଦ, ଫ୍ରଏଡ଼୍‌ଙ୍କ ମନସ୍ତତ୍ତ୍ୱ ଏବଂ କିଅର୍କଗୋର୍‌ଙ୍କ ଅସ୍ତିତ୍ୱବାଦୀ ଦର୍ଶନ, ଜୀବନର ପରିଭାଷା ବଦଳାଇ ଦେଲା । ଭାରତ ଭୂମିରେ ମଧ୍ୟ ପହଞ୍ଚିଲା ଏ ଚିନ୍ତା ବିପ୍ଲବର ତରଙ୍ଗ । ଭାରତ ଭୂମିରୁ ପୁଣିଥରେ ଉପନିଷଦ ବାଣୀ, ଗଭୀର ଗମ୍ଭୀର ଜୀବନବୋଧ ମହାପୁରୁଷ କଣ୍ଠରେ ଧ୍ୱନିତ ହେଲା, ସାରା ପାଶ୍ଚାତ୍ୟ ଜଗତକୁ ଚମକୃତ କରି । ସେଠାକାର ପଣ୍ଡିତ ମନୀଷୀଙ୍କ ଚିନ୍ତା କ୍ଷେତ୍ରକୁ ଆଲୋଡ଼ିତ କଲା ପ୍ରଭାବିତ କଲା । ଏଭଳି ଭାବରେ ଆରମ୍ଭ ହେଲା ଏକ ମନ୍ଥନ । କାବ୍ୟଧାରା ବଦଳିଗଲା । ଜୀବନଧାରା ବଦଳିଗଲା ।

ବୃଝାମଣାରେ କିନ୍ତୁ ପାଶ୍ଚାତ୍ୟ ସଂସ୍କୃତି ଯୋଡ଼ି ହୋଇଗଲା ଇଂରେଜମାନଙ୍କ ସାଥିରେ ଏବଂ ରାଜାମାନେ ଯୋଡ଼ି ହୋଇଗଲେ ଶାସନ-ସିଂହାସନ ସାଥିରେ । ଏଣୁ ଚିରାଚରିତ ରୀତରେ ଗୋଟିଏ ଗୋଷ୍ଠୀ ରାଜାନୁଗ୍ରହ ପାଇଁ ସାଇବି ଅନୁକରଣ କରି ପଶ୍ଚିମାଭିମୁଖୀ ହୋଇଗଲେ । ଅନ୍ୟ ଗୋଷ୍ଠୀ ତାର ବିରୋଧ କଲେ । ଫଳରେ ସ୍ୱାଧୀନତା ସଂଗ୍ରାମରେ ମାତ୍ର ମୁଷ୍ଟିମେୟ ଇଂରାଜଙ୍କ ପଛରେ ଏଇ ଇଂରାଜ ମୁଖାପେକ୍ଷୀ, ଇଂରାଜ-ଅନୁଗତ ଅସଂଖ୍ୟ ଭାରତୀୟ ଅନ୍ୟପକ୍ଷର ନିଛକ ଭାରତୀୟଙ୍କୁ ମୁକାବିଲା କଲେ । ମାନବଜାତି ବିଭାଜିତ ହୋଇ ବିଶ୍ୱଯୁଦ୍ଧ ଲଢ଼ିଲା । ଭାତରୀୟମାନେ ବିଭାଜିତ ହୋଇ ମୁକ୍ତିସଂଗ୍ରାମ ଲଢ଼ିଲେ । ସଂଗ୍ରାମର ପରିଣତି ସ୍ୱରୂପ ସମସ୍ତେ କ୍ଷତବିକ୍ଷତ ହେଲେ ଦେହରେ, ମନରେ, ଚେ୍ତନାରେ । ସଂସ୍କୃତିର ପ୍ରବାହ କିଛିକାଳ ଅବରୁଦ୍ଧ ହୋଇଗଲା ।

ଜାତୀୟତାର ଜୁଆର ଉଠି ଆସୁଥିଲାବେଳେ ରାଧାନାଥ, ଗଙ୍ଗାଧର, ଫକୀରମୋହନ ଏବଂ ଭକ୍ତକବି ମଧୁସୂଦନ ସାହିତ୍ୟ ରଚ୍ନା କଲେ ଗୋଟାଏ ନୂତନ ଉତ୍ସାହରେ । ପାଶ୍ଚାତ୍ୟ ସାହିତ୍ୟରୁ ଶୈଳୀ, ଛନ୍ଦ, ବିଷୟବସ୍ତୁ ନେବାରେ ତାଙ୍କର ଦ୍ୱିଧା ନ ଥିଲା । କିନ୍ତୁ ମୂଳତଃ ସେମାନେ ଥିଲେ ଜାତୀୟତାବାଦୀ, ସଂସ୍କୃତି ସଚେତନ କବି । ଏ ସମୟରେ ଆବିର୍ଭୂତ ହେଲେ ଭୀମ ଭୋଇ । ଚର୍ଯ୍ୟାପଦ, ସାରଳା ପଞ୍ଚସଖା ପରଂପରାର ସେ ଦାୟାଦ । ଜୀବନର ଗଭୀରତମ କେନ୍ଦ୍ରରୁ ନିଃସାରିତ ତାଙ୍କ ରଚନା । ସେଇଭଳି ରୁଦ୍ରସୁଧାନିଧିର ଗଦ୍ୟକୁ ବିକଶିତ କଲେ ଫକୀର ମୋହନ । ସେମାନେ ସମସ୍ତେ ଦେଶପ୍ରେମୀ ଥିଲେ । ଆପଣାର ସବୁକିଛି ସେମାନଙ୍କୁ ସୁନ୍ଦର ଦିଶୁଥିଲା । ଏ ଭୂମିର ନଦୀ ଗିରି ବନ ସବୁ ସୁନ୍ଦର । ଏହା ଏକ ଚେତନାର ଅନୁଭବ । ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ଅତି ସ୍ପଷ୍ଟ ହେଲେ ସୁଦ୍ଧା ସେମାନେ ଭୂଇଁ ଛାଡ଼ି ନଥିଲେ । ଝଡ଼ ବହିଲେ ପ୍ରକାଣ୍ଡ ମହୀରୂହ ନଇଁଯାଏ ; ଭିନ୍ନ ପ୍ରକାର ଦିଶେ କିନ୍ତୁ ଉପୁଡ଼େ ନାହିଁ । ମାଟି ଭିତରେ ଚେର ବୁଡ଼ି ରହିଥାଏ । ନିଜର ଅତୀତକୁ ଶ୍ରଦ୍ଧା ଏବଂ ସମ୍ମାନର ସହିତ କବିକୁଳ ସ୍ମରଣ କରୁଥିଲେ ଏବଂ ଉଦ୍‌ବୁଦ୍ଧ ହେଉଥିଲେ । ଅତୀତକୁ ଉଜ୍ଜୀବିତ କରିବାରେ ସିଦ୍ଧହସ୍ତ କବି ମାନସିଂ ନିଜେ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

Digitized by srujanika@gmail.com

ଅବଶ୍ୟ ଅତୀତକୁ ଏଭଳି ଉଦ୍‌ବୋଧନ ଦେବା ଅନ୍ୟ ସାହିତ୍ୟରେ ମଧ ଦେଖା ଦେଇଥିଲା । ଏଥିରେ ଅବଶ୍ୟ ଜାତୀୟ ସ୍ମୃତିକୁ ଜାଗ୍ରତ କରାଯାଉଛି । କିନ୍ତୁ ବର୍ତ୍ତମାନ ଉପରେ ଅନାସ୍ଥାଭାବ ସୂଚିତ ହେଉଛି । କି ଥିଲା ଏ ରାଜ୍ୟ କି ହୋଇଛି ଆଜ' । ଭବିଷ୍ୟତ ଆଡ଼କୁ ଦୃଷ୍ଟି ପ୍ରସାରିତ ହୋଇନାହିଁ । ସ୍ମୃତିଚାରଣ ଏକ ବିଳାପ । ସ୍ମୃତିଚାରୀ ସାହିତ୍ୟ ଏକ ରୋଦନ । ତାହା କୌଣସି ବର୍ଦ୍ଧିଷ୍ଣୁ ଜାତି ପାଇଁ ଶୁଭ ସଙ୍କେତ ନୁହେଁ । ସଂସ୍କୃତିର ପ୍ରବହମାନତାରେ ସହାୟକ ନୁହେଁ ।

ପ୍ରତ୍ୟେକ ଯୁଦ୍ଧ ପରେ ଯେଉଁମାନେ ବଞ୍ଚି ଯାଆନ୍ତି ସେମାନେ ବୃଦ୍ଧ, ମନରେ ଏବଂ ଶରୀରରେ; କାରଣ ଯୁଦ୍ଧରେ ତରୁଣ ରକ୍ତରେ ହିଁ ହୋରିଖେଳ ହୁଏ । ଗୋଟାଏ ଜାତିର ତାରୁଣ୍ୟକୁ ବଳି ଚଢ଼ାଇ ଦିଆହୁଏ । ବାକି ଯେଉଁମାନେ ବଞ୍ଚି ରହନ୍ତି ସେମାନେ କ୍ଳାନ୍ତ ଅବସନ୍ନ ଗୁଡ଼ିଏ ବୃଦ୍ଧ । ଧ୍ୱଂସସ୍ତୂପ ଉପରେ ଠିଆ ହୋଇ ଥିବାରୁ ସେମାନଙ୍କ ଦୃଷ୍ଟିରେ ମୃତ୍ୟୁ, ହତାଶା, ବ୍ୟର୍ଥତା ବିଚ୍ଛିନ୍ନତା ବୋଧ ଦିଶିବା ସ୍ୱାଭାବିକ । ସେମାନଙ୍କ କବିତା ଏ ଦୀର୍ଘଶ୍ୱାସକୁ ପ୍ରକାଶ କରିବା ସ୍ୱାଭାବିକ । ପୋଡ଼ା ଭୂଇଁର ଧ୍ୱସ୍ତଚିତ୍ର ସେମାନଙ୍କୁ ସ୍ପଷ୍ଟତଃ ଦିଶେ ଏବଂ ସେମାନେ ତାହା ବର୍ଣ୍ଣନା କରନ୍ତି । କିନ୍ତୁ ସ୍ୱାଧୀନତା ନବୋତ୍‌ଥିତ ଗୋଟାଏ ଜାତି ପାଇଁ ଏ ବୃଦ୍ଧ ହତାଶା-ବ୍ୟଞ୍ଜକ ଦୃଷ୍ଟିଭଙ୍ଗୀ କ'ଣ ବାଞ୍ଛନୀୟ ? ଏଠି କ'ଣ ପୁରୋଦୃଷ୍ଟି ଏବଂ ଅଭିନବ ସ୍ୱପ୍ନ, ପ୍ରଚଣ୍ଡ ଜୀବନବୋଧ ଏବଂ ବଳିଷ୍ଠ ଆଶାବାଦ ତା' ଅପେକ୍ଷା ଅଧିକ ସ୍ୱାଭାବିକ ନୁହେଁ କି ? କିନ୍ତୁ କ'ଣ କରାଯାଏ ? ଯୁଦ୍ଧୋତ୍ତର ୟୁରୋପର ବିପର୍ଯ୍ୟୟରେ ବିଡ଼ମ୍ବିତ ମଣିଷମାନଙ୍କର ଯେଉଁ ସ୍ୱପ୍ନଭଙ୍ଗ ହେଲା ତାହା କ୍ରମଶଃ ସଂକ୍ରମିତ କଲା ସାରା ପୃଥିବୀର ଆଧୁନିକ ଚେତନାକୁ । ଭାରତବର୍ଷରେ ମଧସେହି ସଂକ୍ରମଣ ଦେଖାଦେଲା । ଅସଂଖ୍ୟ ମୃତ୍ୟୁ ଏବଂ ଅଜସ୍ର ରକ୍ତପାତ ପରେ ୟୁରୋପରେ ସମସ୍ତ ସୁକୁମାର କୋମଳ ଭାବ ବିଲୁପ୍ତ ହୋଇ କବିତା ରୁକ୍ଷ, ରୂଢ଼ ହେବା ଯେତିକି ସ୍ୱାଭାବିକ ଅନ୍ୟତ୍ର ତାହା ନୁହେଁ । ବିଶ୍ୱଯୁଦ୍ଧ ସମଗ୍ର ମାନବ ଜାତିର ଏକ ବିପର୍ଯ୍ୟୟ ସେହି ଦୃଷ୍ଟିରୁ ଦୂରସ୍ଥ ସାହିତ୍ୟ କିଛି ନିଶ୍ଚୟ ପ୍ରଭାବିତ ହେବ । ତାର କିନ୍ତୁ ନିଜର ଏକ ଆହ୍ୱାନ ଅଛି । ଭାରତର ଆହ୍ୱାନ ସେତେବେଳେ ଅନ୍ୟପ୍ରକାର । କିନ୍ତୁ କାହିଁକି ହତାଶା ମାଡ଼ିଗଲା ଏ ଦେଶରେ ? ହୁଏତ ସ୍ୱାଧୀନତା ସଂଗ୍ରାମ ପରେ ଆମେ ମଧ ବୃଦ୍ଧ ହୋଇଗଲୁ; କ୍ଳାନ୍ତ ଏବଂ ଶ୍ରମକାତର ହୋଇଗଲୁ । ଆମ ସଂଗ୍ରାମୀ ନେତାମାନେ ଚାହିଁଲେ ବିଶ୍ରାମ ଏବଂ ନିଦ୍ରା । ଫଳରେ ଦୈନ୍ୟ-ଦୁଃଖ ଦୂର ହେଲାନାହିଁ । ଏ ଦାରିଦ୍ର୍ୟ ପ୍ରପୀଡ଼ିତ ଦେଶ ବୋମା-ବିଧ୍ୱସ୍ତ ପୋଡ଼ା ଭୂଇଁ ତୁଲ୍ୟ ପ୍ରତୀୟମାନ ହେଲା । ତାକୁ ଦେଖି ଆଧୁନିକ କବିକୁଳ ପାଶ୍ଚାତ୍ୟ ସହିତ ସମସ୍ୱରରେ ହତାଶା ଏବଂ ବ୍ୟର୍ଥତାର କବିତା ଲେଖିବାକୁ ସହଜ ମଣିଲେ । କୌଣସି ପ୍ରଗାଢ଼ ବିଶ୍ୱାସରେ ଅନାଗତ ଭବିଷ୍ୟତ

Digitized by srujanika@gmail.com

ଗର୍ଭରେ ସ୍ୱତ୍ୱ-ସନ୍ଧାନ କରି ଜାତିକୁ ଉନ୍ମୁଖ, ଜାଗ୍ରତ, ଅଭୀପ୍ସାବନ୍ତ କରିବାର ଦାୟିତ୍ୱ ସେ ଭୁଲିଗଲେ । ତାକୁ ଭଲ ଲାଗିଲା ଆପଣାର କଳ୍ପିତ କ୍ଷତକୁ ଲେହନ କରି ନିଜକୁ ଦୟା ଓ ଘୃଣାର ପାତ୍ର କରିବାକୁ । ପ୍ରାଣଶକ୍ତି ସ୍ତିମିତ ହୋଇଗଲା ଏକ କୃତ୍ରିମ ଅଭିନୟରେ । ସ୍ୱପ୍ନରେ ଚାଲୁଥିବା ଏବଂ ରୋଦନ କରୁଥିବା ଏ କବିକୁଳକୁ କିଏ ଉଠାଇବ ? ଯଦି ଜାତି ବି ସେମିତି ସ୍ୱପ୍ନାବିଷ୍ଟ ହୋଇ ଭାସି ଚାଲିଥାଏ, ଉଠିବାର ପ୍ରଶ୍ନଆଉ କାହିଁ ?

ଯାହା ଭାରତେ ତାହା ଏଇ ଉତ୍କଳଦେଶେ । ଏଠି ସ୍ତରେ ସ୍ତରେ ଭୂଇଁ ଛାଡ଼ି ଯିବାର ଲକ୍ଷଣ । ସହରାଞ୍ଚଳ କ୍ରମଶଃ ଆୟତନରେ ପ୍ରତିପତ୍ତି ଏବଂ ଧନମାନରେ ବଢ଼ି ଲାଗିଛି । ଗ୍ରାମାଞ୍ଚଳ ଚାହୁଁଚି ସହରାୟିତ ହେବାପାଇଁ । ସହରଗୁଡ଼ିକ ସାରା ପୃଥିବୀର ନୂତନ ପ୍ରଭାବ ଆଡ଼କୁ ଉନ୍ମୁକ୍ତ । ଅନୁକରଣ ପଟୁତା ପାଇଁ ଏହା ପ୍ରଶସ୍ତ କ୍ଷେତ୍ର । ଅନୁକରଣ ପଟୁ, ସ୍ୱାଧୀନ ଚିନ୍ତା କରିବାକୁ ଅସମର୍ଥ ଏବଂ ତଜ୍ଜନିତ ଦାୟିତ୍ୱରୁ ସଦାମୁକ୍ତ । କିଏ ପାରେ ନିଜେ ନୂଆ କିଛି କରି ହଟହଟା ହେବାକୁ । ଯାହା ସେଇଠି ହେଉଚି ଏଇଠି କରିଦେଲେ ଯାଏ ଯଦି ଭଲ ହେଲା ପ୍ରଶଂସା ମିଳିଲା । ଯଦି ବିଗିଡ଼ିଗଲା ଦୋଷ ବିଦେଶରେ । ଅର୍ଥନୀତି, ଶିକ୍ଷାନୀତି, ସମାଜନୀତି ଆମେ ଏଭଳି ଆମଦାନି କରୁ ଏବଂ ଏ ଭୂଇଁରେ ସେ ଗଛ ନଉଠିଲେ ଭୂଇଁକୁ ନିନ୍ଦାକରୁ ।

ଅନୁକରଣ ବ୍ୟାଧିରେ ଆକ୍ରାନ୍ତ ହୋଇ ଆମେ ଆମ ସାଂସ୍କୃତିକ ପରଂପରାକୁ ବୋହିବା ଅସ୍ୱସ୍ତିକର ମଣୁଛୁ । ହଁ ଯଦି କିଛି ସଂସ୍କୃତି ଅଛି ତାକୁ ସଂଗ୍ରହାଳୟରେ ଜଗୁଆଳିଙ୍କ ଦାୟିତ୍ୱରେ ଛାଡ଼ି ଦିଆଯାଉ । ସେମାନେ ସତର୍କତାର ସହିତ ତାକୁ ବିକ୍ରୀ କରୁଥାନ୍ତୁ । ଧର୍ମଗୁରୁମାନେ ମିଥ୍ୟା ପ୍ରଚାର କରି ଦରିଦ୍ର ଅନ୍ଧବିଶ୍ୱାସୀଙ୍କୁ ନିର୍ବିରୋଧ ପ୍ରତାରିତ କରନ୍ତୁ । ଯେଉଁମାନେ ଶହ ଶହ ବର୍ଷ ଅପଶାସକଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇ ଆସିଛନ୍ତି ସେମାନେ ଏବେ ମଧ୍ୟଲୁଣ୍ଠିତ ଉତ୍ପୀଡ଼ିତ ହେଲେ ନୂଆ କଥା କଣ ହେଲା-? ସେମିତି ଚାଲିଥାଉ ! କ'ଣଟାଏତ ପାଠ ପଢ଼ା ଚାଲିଛି । ଯୋଗ୍ୟ ହୁଅନ୍ତୁ ଅଯୋଗ୍ୟ ହୁଅନ୍ତୁ, ଗୁଡ଼ାଏ ସେଇଠି ତାଲିମ ପାଇଯାନ୍ତୁ । ପରେ ଫଳାଫଳ ଦେଖିବା ।-ଏଭଳି ଉଦାସୀନତା ଏବଂ ବେପରୁଆ ଦାୟିତ୍ୱ-ବିମୁଖତା ପଛରେ ଏକ ସାଙ୍ଘାତିକ ଶଠତା, ନିଜକୁ ଏବଂ ନିଜ ଜାତିକୁ ଠକିବାର ପ୍ରବଣତା, ଏପରିକି ତା ପ୍ରତି ଏକ ପ୍ରଚ୍ଛନ୍ନ ବୈରଭାବ ଲୁଚି ରହିଛି । ଆମେ ଆଉ ଆମର ହୋଇ ନାହୁଁ । ଆମେ ସତେବା ଅନ୍ୟମାନଙ୍କର କ୍ରୀଡ଼ାର ସାମଗ୍ରୀ । ଯେ ଯେଉଁଭଳି ଚାହିଁଲା ଆମକୁ ଘୋସାରିଲା ସେଥିରେ ଆମର ପ୍ରତିବାଦ କରିବାକୁ ସାମର୍ଥ୍ୟ ବା ସଚେତନତା ନାହିଁ ।

ଚିରକାଳ ଏଇ ଗୌଣ ଭୂମିକାରେ ଏଇ ଗୌଣତା ଏବଂ ବ୍ରାତ୍ୟତା, ମନଧନ ଏବଂ ମାନରେ ଦାରିଦ୍ର୍ୟ ଭୋଗିବାକୁ ସତେବା ଏ ଉତ୍କଳ ଦେଶର ଅଧିବାସୀମାନେ

Digitized by srujanika@gmail.com

ଢକ୍କିଛନ୍ତି । କୌଣସି କଥାକୁ ଗୁରୁତ୍ୱ ନ ଦେବା, ସମସ୍ତ ପ୍ରକାର ମୂଲ୍ୟହାନି ସହିତ ସାଲିସ୍ କରିଯିବା, ସବୁ କଥାକୁ ପିଠି ପାତି ସହିଯିବା, ସବୁବେଳେ ତଳକୁ ପୋତି ହୋଇ ରହିଥିବା ମୁଣ୍ଡକୁ କେବେ ପଛକୁ ନ ଉଠାଇବାକୁ ଆମେ ଅଭ୍ୟାସରେ ଏବଂ ଜୀବନ ନୀତିରେ ପରିଣତ କରିସାରିଛୁ । ନଈର ସୁଅକାଟି ନିର୍ଦ୍ଦିଷ୍ଟ ଦିଗରେ ଯିବା ସିନା ଜାଗ୍ରତ ଦାୟିତ୍ୱବାନ୍ ସମର୍ଥ ଏବଂ ମର୍ଯ୍ୟାଦାବନ୍ତ ମଣିଷର କାମ । କିନ୍ତୁ ସ୍ରୋତରେ ଭାସିଯିବାର ସହଜ ପ୍ରକ୍ରିୟାକୁ ଆମେ ଆପଣେଇ ନେଇଛୁ ।

ପୃଥିବୀରେ ଅନେକ ସଂସ୍କୃତି ଲୋପ ପାଇ ଯାଇଛି । ଆମ ସାଂସ୍କୃତିକ ପରଂପରା ଏଇଠି ଯଦି ଛିଣ୍ଡିଯାଏ ସେଥିରେ ସୃଷ୍ଟି ଗୋଡ଼ିମାଟି ହୋଇ ଯିବନାହିଁ । ଜୀବନର ପ୍ରବହମାନତା ଅନିବାର୍ଯ୍ୟ, କାରଣ ତାହା ଆମ ହାତରେ ନାହିଁ । କିନ୍ତୁ ସଂସ୍କୃତିର ପ୍ରବହମାନତା ପାଇଁ ଆମେ ହିଁ ଦାୟୀ । ପ୍ରବଳ ସୁଅ ମୁହଁରେ ଯଦି ଏବେ ତାକୁ ଛାଡ଼ି ଭାସିଯିବା, ଆଉ ଦୁଇପୁରୁଷ ପରେ ସଚେତନ ଓଡ଼ିଆ ପୁଅମାନେ ଖୋଜିଲେ ଆଉ ତାକୁ ପାଇବେ ନାହିଁ । ବୈତରଣୀରେ କାର୍ତ୍ତିକ ପୂର୍ଣ୍ଣିମାର କଦଳୀବାହୁଙ୍ଗା ଦୀପ ଅନେକ ଦୂରକୁ ଭାସି ଯାଉଥିବ ।

◆ ◆ ◆

Digitized by srujanika@gmail.com

SWAMI VIVEKANANDA'S CONCEPT OF HARMONY PROSPECTS AND PROBLEMS

(Speech delivered at the Parliament of Religions at Calcutta On 12th Sept. 1993 by Chandrasekher Rath)

Respected president, revered Swami Lokeswaranandji, Swami Sridharanandji, Learned speakers and friends !

I feel greatly honored and privileged to be here today and thank the organisers for the opportunity they have given me to address this distinguished audience.

Apparently in the world so full of violence, hostility and bigotry, where the nuclear arsenals are still bursting at the seams, guns are still booming in Bosnia, Combodia and Somalia, apartheid is still stoutly defended by battalions of gunmen, one wonders if one can talk about harmony without sounding a little quixotic. Apparently again in a world where terrorism supported by a "gun-culture' is the latest form of religion - perhaps seeking entry into this very parliament - where nihilism stemming from science and technology claims to be the latest form of metaphysics, refusing to see beyond the appearances, one wonders if one can talk about religion and God without feeling embarrassingly out of place.

But only in such a world of jarring discord, clashes and conflicts the most sensible thing to talk about is harmony because in the womb of darkness an aspiration for light is relevant, and the only way of putting the right things at the right place is to talk about religion and God to recover the Faith we have nearly lost.

Thanks to Sri Ramakrishna Institute of Culture, we are assembled here today to do some such thing while commemorating a great historic event, one hundred years after its occurrence. On the 11th day of September 1893, Chicago

Digitized by srujanika@gmail.com

experienced a rare phenomenon called Swami Vivekanenda and heard his soul-stirring mighty utterances. In the meanwhile the world has grown a hundred years older, life a hundred times harder, more complicated and less secure. Hopefully we can still look back through the corridors of time to rediscover Swami Vivekananda for our spiritual support and guidance because during these hundred years, to my mind, the stature of Swamiji has grown a hundred meters taller and he has become a hundred times more relevant/*applause* ! to modern life in its none too enviable predicament.

Normally we ascribe our miseries to the discord and disparity among men. We never agree and we are made in such a way that we may never do so. That is because multiplicity in a phenimenal world is in the nature of things. In a perpetual flux nothing is repeatable. Everything therefore, is bound to be different from everything else. Even the same thing is different from itself in the time-scale. This multiplicity gives us the sense of difference, the sense of disparity and the sense of "the other'. "The other' is always different and always provocative. There are basically two ways of interacting with "the other'. The first one is instinctive when we unleash the primitive predator in us to tear "the other' to pieces. To liquidate "the other' we have fought hundreds of battles, *jehads* and crusades. But this has been a futile effort. "The other' is round the corner always and everywhere. In fact, by dichotomy, the entire universe minus one is the real "Other'. It can therefore be neither liquidated nor wished away. The choice is then imperative. The alternative is to live with "the other' whether we like it or not. There is nothing great or abnormal about it either. It is in the fitness of things because there is a mighty insuperable governance that holds the galaxies and universes together where every atom is different from every other. *Tasya akshyarasya prasasane Gargi surya candramasau bidhritau tisthatah*, says Rishi Yagynavalkya in *Brihadaranyak Upanishad*. The sun and the moon are held in space, O Gargi by the governance of the immutable Supreme. To live with the "other' is therefore the law. To live without "the other' is the mortal with. To live wish law is harmony. To live with the wish is war, destruction and death. (Applause)

Digitized by srujanika@gmail.com

Disparity by itself, therefore, is no cause for despair because difference is not necessarily incompatibility, and the other is not necessarily the enemy. But the spectre of the other haunts mankind with disastrous consequences. There are evidences galore of human stupidity where mankind has stabbed itself in its blind fury to kill "the other'. We can never agree with the other and yet we are destined to live with "the other' in love and harmony, if possible. That is the problem and that is a riddle to be solved.

Swami Vivekananda resolves this riddle by demolishing human ignorance, ego and arrogance by three successive and progressive stages, The first stage is by accepting the difference with "the other' as a reality. Don't despair at the wide divergences and disparities because disparity is inevitable and unavoidable. *Tasmat apariharyerthe na tvam socitumarhasi*. It is *apariharya* - unavoidable. If death is unavoidable take it in the stride. If it is inevitable take it as a reality. So too with disparity. Disparity is, on the other hand, the result of intellectual freedom. Let there be as much of freedom of the human mind as possible. As a result let there be as much of difference of opinions as possible. Because that eventuality is the seed-bed for the quest of harmony. Number two. Everybody is right in his own way. Every religion is right in its own way. They are only as many paths leading to the same goal. They all move radially to the same centre. There is a common thread running through them. *Mayi sarvam idam protam sutre manigana iva* All the gems are trung together by the secret thread of the Divine running through them. Truth is not the monopoly of any sect or creed, faith or philosophy. It is achievable through all these paths alike, because truth is one. *Ekam sat vipra bahudha vadanti*. Truth remains unperturbed by the verbal forms we try to give it. *Vacarambhanam vikaro mrttika namadheyam iti evam satyam*. Verbal gestures are only mutations. That which is called clay remains the truth. The ocean remains unperturbed by the thousands of pots and pitchers that draw water from it. It is only human stupidity to comprehend the ocean by the form its water takes in the pots. Men stand under trees and try to perceive the sky through the chinks of the foliage. The sky is bound to appear differently to different groups. They draw swords to settle this difference.

Digitized by srujanika@gmail.com

The prophets on the other hand, climb to the tops of the trees and experience with a sense of wonder the vast blue single expanse. Swamiji, therefore, pays his regards to all the prophets of the past, the present and the future. There is that prayer in the Atharva Veda running parallel to it. *Uditaya namah, udayate namah; udyate namah.* We bow down to the sun that has risen, the sun that is rising and the sun that is yet to rise. (Applause !)

Number three. Finally Vedanta, which was so dear to Swamiji demolishes the multiplicity and thereby the cause of conflict. *Na iha nana asti kinca na.* There is no multiplicity. There is but one and non-dual Divine. *Mattah parataram nanyadat kincidasti.* There is nothing besides me, the divine. The essential unity is the divine which is to be discovered in oneself and/in "the other'. It is not confined to human beings or the living creatures alone. It encompasses the entire universe which is nothing but the divine. When the other is the same divine as you where is the chance of disharmony or discord ? Disharmony then becomes redundant. But then having discovered the divine in "the other' it is not enough to live with the other to merely put up with him or to bear with him. It is necessary to love him, adore him, worship him and serve him. Therefore service to mankind is literally service to God with this mindset. It has been taught and demonstrated by Swamiji. The prospect of total harmony is someday achievable by human beings when the discovery of the divine is complete. Then we shall be moving together, speaking together and thinking together in perfect harmony with the symphony of trillions of stars in the firmament.

Sam gacchadvam : Sam vadadhvam : Sam vo manamshi Janatam. (applause !)

Thank you for bearing with me for these few minutes.

(Transcribed from an audiotape record)

◆ ◆ ◆

Digitized by srujanika@gmail.com

ପଣ୍ଡିତ ନୀଳକଂଠ ସ୍ମୃତି ସଭା ଭାଷଣ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି ତରଫରୁ ଆଜିର ଏଇ ପୂଣ୍ୟ ଦିବସରେ ଯେଉଁମାନଙ୍କୁ କର୍ତ୍ତବ୍ୟ ନିର୍ବାହ ସକାଶେ ନିମନ୍ତ୍ରଣ କରା ହୋଇଚି, ସେମାନଙ୍କ ସହିତ ଗୋଟିଏ ସୂତ୍ରରେ ଗ୍ରଥିତ ହେବାର ଅଧିକାର ମୋର ନାହିଁ । କାରଣ, ସେମାନେ ସମସ୍ତେ ନିଜର ପ୍ରତ୍ୟକ୍ଷ ଅନୁଭୂତିରୁ, ସ୍ମୃତିରୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିଛନ୍ତି । ପଣ୍ଡିତ ନୀଳକଂଠଙ୍କ ସହିତ ପ୍ରତ୍ୟକ୍ଷ ଅନୁଭୂତି ମୋର ନାହିଁ ଓ ସେଥିପାଇଁ ହୁଏତ ମୋର ଏଥିରେ ଭାଗ ନେବାର ଅଧିକାର ନାହିଁ । କିନ୍ତୁ ମୁଁ ବିଚାର କରେ ଯେ ସ୍ମୃତି ଗୋଟିଏ ସମୟରେ ହୁଏତ ବ୍ୟକ୍ତି ସାପେକ୍ଷ, କିନ୍ତୁ ପରେ ପରେ ତାହା ଜାତି ସାପେକ୍ଷ, କାଳ ସାପେକ୍ଷ ହୋଇଯାଏ । ଯେଉଁମାନେ ଆଜି ଏଠି ଅଛନ୍ତି ଏବଂ ପଣ୍ଡିତ ମହାଶୟଙ୍କୁ ଅତି ନିକଟରୁ ନିଜ ଭାବରେ ଦେଖିଛନ୍ତି, ଗ୍ରହଣ କରିଛନ୍ତି, ସେମାନେ କାଳବସାତ୍ ଦିନେ ହୁଏତ ନୀରବ ହୋଇଯିବେ । କିନ୍ତୁ ଜାତି ପଣ୍ଡିତ ନୀଳକଂଠଙ୍କୁ ଧାରଣ କରିବ । ଯେଉଁମାନେ ମୋର କନିଷ୍ଠ, ସେଇମାନେ ଓ ଭବିଷ୍ୟତ ବଂଶଧରମାନେ ଏଇ ସ୍ମୃତିକୁ ଅମର କରି ରଖିବେ । ସେଇ ଦୃଷ୍ଟିରୁ ହୁଏତ ସାମାନ୍ୟ ଅଧିକାର ମୋର ଅଛି ।

ଏକଦା ପଣ୍ଡିତ ନୀଳକଂଠ କୌଣସି ଏକ ନାଟକ ପୂର୍ବରୁ କହିଥିଲେ କୁଆଡେ ଯେ, ''ଓଡ଼ିଆରେ କୁହାଯାଏ, ଇଂରେଜୀରେ କହିବାକୁ ହୁଏ'', ଏବଂ ସେଥିରେ ଗୋଟିଏ ବର୍ତ୍ତମାନ ଯୋଡ଼ିଦେଲା ପରେ ହେବ, ସଂସ୍କୃତ ଜାଣିଥିଲେ କହିବା ଉଚିତ, ଆଗରୁ ଶ୍ରୀଯୁକ୍ତ ଗୌରୀ କୁମାର ବ୍ରହ୍ମା ସଂସ୍କୃତରେ ଭାଷଣ ଦେଲା ବେଳେ ଏ କଥାଟି ମୁଁ ସ୍ମରଣ କରୁଥିଲି । ଆମେ ସବୁ ଓଡିଆରେ ଭାଷଣ ଦେବୁ, ଏବଂ ସେ ସଂସ୍କୃତରେ କହିବେ ବୋଲି ପ୍ରଥମରୁ ସ୍ଥିର କରି ଏଇ ଦେବ ଭାଷାରେ କିଛି ସ୍ମୃତି ଚାରଣ କରି ଶୁଣାଇ ଦେଲେ । ମାହାପୁରୁଷଙ୍କର ଜୟନ୍ତୀ ପାଳନ କଲେ ମାହାପୁରୁଷଙ୍କର କିଛି କ୍ଷୟ ବୃଦ୍ଧି ହୁଏ ନାହିଁ, କିନ୍ତୁ ଜାତିର ନୂତନ ଜନ୍ମ ହୁଏ । ଆମେ ଅନ୍ତତଃ ଉତ୍କଳ ଖଣ୍ଡରେ ଏ ପର୍ଯ୍ୟନ୍ତ ପ୍ରତିଭାକୁ ସ୍ୱୀକାର କରି ନାହୁଁ । ତାକୁ ସ୍ୱୀକୃତି ଦେଇନାହୁଁ । ପ୍ରତିଭାକୁ କିପରି ଲାଳନ କରିବାକୁ ହୁଏ, ଆମେ ଜାଣି ନାହୁଁ । ହୁଏତ ଗୌରୀ କୁମାର ବ୍ରହ୍ମା ଅନ୍ୟ ଏକ ସଂକ୍ରାନ୍ତରେ ନିଜେ କହିଛନ୍ତି, ଓଡିଶା ପ୍ରତିଭାର ବଧ୍ୟ ଭୂମି । ମୁଁ ତାଙ୍କ

Digitized by srujanika@gmail.com

ସହିତ ସହମତ । ପଣ୍ଡିତ ନୀଳକଂଠ ଜୀବଦ୍ଦଶାରେ ଯାହା ତାଙ୍କର ପାଇବାର ଥିଲା, ଯାହା ତାଙ୍କର ପ୍ରାପ୍ୟ ଥିଲା, ତାହା ଆମେ ତାଙ୍କୁ ଦେଇ ନାହୁଁ । ସେ ହୁଏତ ସେଥିଲାଗି ଦରିଦ୍ର ହୋଇ ନାହାନ୍ତି; କିନ୍ତୁ ତାଦ୍ୱାରା ଆମ କାର୍ପଣ୍ୟ ପ୍ରକାଶ ପାଇଚି । ଇତିହାସ ଚିରକାଳ ଆମର ଏଇ କାର୍ପଣ୍ୟକୁ ହିଁ ଭବିଷ୍ୟତ ବଂଶଧରମାନଙ୍କୁ ଦେଖେଇ ଚାଲିଥିବ । ପଣ୍ଡିତ ନୀଳକଂଠଙ୍କର ବିଭିନ୍ନ ବିଭାବରେ ସେ କିପରି ମହୀୟାନ ଥିଲେ, ତାର ଆଲୋଚନା ଆପଣମାନେ ଶୁଣିଚନ୍ତି । ଅନ୍ଧଙ୍କ ହାତୀ ଦେଖା ଭଳି ଯାହା କହିଲେ ଡଃ. ଶ୍ରୀରାମଚନ୍ଦ୍ର ଦାଶ, ତାକୁ ଆମୂଳଚୂଳ କୌଣସି ଗୋଟିଏ ବକ୍ତୃତା ମାଧମରେ କହିବା ସମ୍ଭବ ନୁହେଁ ।

ପଣ୍ଡିତ ନୀଳକଂଠ ଦାସ ଏମ୍.ଏ.ରେ ଦର୍ଶନ ଶାସ୍ତ୍ର ପଢିଥିଲେ, ସାହିତ୍ୟ ରଚନା କରିଥିଲେ, ରାଜନୀତିରେ ଭାଗ ନେଇଥିଲେ, ଦେଶକୁ ନେତୃତ୍ୱ ଦେଇଥିଲେ ଇତ୍ୟାଦି ଇତ୍ୟାଦି । ଏପରି ଯେଉଁ ଭବ୍ୟ ବିଶାଳ ବ୍ୟକ୍ତିତ୍ୱ, ତା'ପାଖରେ ନିଜର ନିରାଜନା ଜ୍ଞାପନ କରିବାରର ସାମର୍ଥ୍ୟ ସମସ୍ତଙ୍କର ହୁଏତ ନାହିଁ । ଯେମିତି ଏକଦା ଆଦିଶଂକର ଗୌରୀଶଂକର ଶୃଙ୍ଗର ନିରାଜନା ସକାଶେ ମହାଶିବ ରାତ୍ରି ଦିନ ଗୋଟିଏ ବ୍ୟବସ୍ଥା କରି ଦେଇଛନ୍ତି । ପ୍ରକାଣ୍ଡ ପଥରର ଗୋଟିଏ ଦୀପାଳି ଅଛି ଏବଂ ଜଣେ ନିମ୍ବୁଦିପଦ ବ୍ରାହ୍ମଣ ଥାନ୍ତି । ଭାରତ ଭୂମିରୁ ମହଣ ମହଣ ଗୁଆଘିଅ ଯାଇ ସେଠି ଅଜଡା ଯାଏ, ଏବଂ ଅତିକାୟ ଗୋଟିଏ ବଳିତା ତା ମଧ୍ୟରେ ସ୍ଥାପିତ ହୁଏ । ତାହା ପରେ ସେଥିରେ ଅଗ୍ନି ସଂଯୋଗ ହୋଇ ଗୌରୀଶଂକରଙ୍କର ସେଥିରେ ଆଳତି ହୁଏ । ଯଦି ସେହି ଗୌରୀଶଂକର ଶୃଙ୍ଗ ପାଖରେ ବଡ ଦେଉଳିଆ ମାଟି ଦୀପଟିଏ ୧୦ ପଇସାରେ କିଣି ସେଥିରେ ଚିକ୍କଣ କିଛି ଚଟେଇ ଦେଇ ଅର୍ପଣ କରାହୁଏ, ତାହା ଯେପରି ଗୋଟିଏ ଅସମଂଜସତା ପ୍ରସଙ୍ଗ ହେବ, ସେହିପରି କୌଣସି ଯଶୋବନ୍ତ ପୁରୁଷଙ୍କର ଆଂଶିକ ଜୟଗାନ କରିବାରେ ଅସମଂଜସତା ପ୍ରକାଶ ପାଏ । ପଣ୍ଡିତ ନୀଳକଂଠ ଦର୍ଶନ ଶାସ୍ତ୍ର ଅଧୟନ କରିଥିଲେ ଏବଂ ତାକୁ ନିଜର ଆଚରଣରେ ପ୍ରକାଶ କରିଥିଲେ । ଏଭଳି ପ୍ରଖର ବକ୍ତା ଏବଂ ପଣ୍ଡିତମାନଙ୍କ ପାଖରେ ଏବଂ ସେଥିରେ ପଣ୍ଡିତ ନୀଳକଂଠଙ୍କର ଦାର୍ଶନିକ ବ୍ୟକ୍ତିତ୍ୱ ଉପରେ କିଛି କହିବା ସକାଶେ ସ୍ନେହ ବଶାତ୍ ମଧୁସୂଦନ ବାବୁ ଆଜି ମତେ ନିମନ୍ତ୍ରଣ କରି ଆଣିଛନ୍ତି । ସେ ବିଷୟରେ ମୁଁ କେତେ ଦୂର ଯୋଗ୍ୟ ବା କ'ଣ କହିପାରିବି, ଜାଣି ପାରୁନାହିଁ ।

ମୋର ମନେହୁଏ ଯେ, ଦର୍ଶନଶାସ୍ତ୍ର ପଢିବାଦ୍ୱାରା କେହି ଦାର୍ଶନିକ ହୋଇଯାଏ ନାହିଁ । ଅଧୟନ ଓ ଅଧାପନ ହୁଏତ ବିଦ୍ୟା ଅର୍ଜନ ସକାଶେ, ଏବଂ ବିଦ୍ୟା ଦାନ ସକାଶେ ପ୍ରୟୋଜନ । କିନ୍ତୁ ଦାର୍ଶନିକ ହେବା ସକାଶେ ମୌଳିକ ଚିନ୍ତାର ପ୍ରୟୋଜନ । ଡଃ. ରାଧାକୃଷନ୍‌କୁ ଫିଲୋସଫର ବୋଲି କୁହାଯାଏନା, He is a Scholar in phi-

Digitized by srujanika@gmail.com

losophy । କିନ୍ତୁ ପଣ୍ଡିତ ନୀଳକଂଠ ଯାହା ବିଦ୍ୟାରେ ଅଧ୍ୟୟନ କରିଥିଲେ ତାକୁ ଜୀବନରେ ପ୍ରୟୋଗ କରିଛନ୍ତି । ତେଣୁ ତାଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀ ରହିଛି । ଦାର୍ଶନିକ ଦୃଷ୍ଟିଭଙ୍ଗୀ, ତୀବ୍ର ବୌଦ୍ଧିକ ଦୃଷ୍ଟିଭଙ୍ଗୀ ନିର୍ଭୀକ ଦୃଷ୍ଟିଭଙ୍ଗୀ ସେ ବୁଝିଥିଲେ, ସା ବିଦ୍ୟା ଯା ବିମୁକ୍ତୟେ । ବିଦ୍ୟା ତାହା, ଯାହା ବିମୋଚନ କରେ, ମୁକ୍ତି ପ୍ରଦାନ କରେ ।

ଅଳ୍ପ ଦିନ ତଳେ ଜେ.କୃଷ୍ଣ ମୂର୍ତ୍ତିଙ୍କର ଗୋଟିଏ ଅତି ପ୍ରସିଦ୍ଧ ଗ୍ରଂଥ ପଢ଼ିବାର ମୁଁ ସୁଯୋଗ ଲାଭ କରିଥିଲି । ଯାହା ଆମର ପରଂପରା କ୍ରମେ ବର୍ତ୍ତମାନ ସୁଦ୍ଧା ଜାଣିଛୁ, ତାହା ନିଗଡ ଭଳି କାର୍ଯ୍ୟ କରେ ଏବଂ ସେଥିରୁ ମୁକ୍ତ ନ ହେବା ଯାଏ ମନର ଦିଗଚକ୍ରରେ ନୂତନ ଚିନ୍ତା ଆସେ ନାହିଁ । ଯଦି ସେ ମୁକ୍ତି ପ୍ରଦାନ ନ କରୁଚି ତାହା ବିଦ୍ୟା ନୁହେଁ । ଏକଥା ପଣ୍ଡିତ ନୀଳକଂଠ ପରିଷ୍କାର ଭାବରେ ବୁଝିଥିଲେ । ଯେମିତି ପ୍ଲାଟୋ ତାଙ୍କର ସିଂପୋସିୟମ୍‌ରେ ନୂତନ ଜ୍ଞାନର ଦୃଷ୍ଟାନ୍ତ ଦେବାକୁ ଯାଇ ମୁକ୍ତିର ସୂଚନା ଦେଇଚନ୍ତି ସେଇଭଳି । ସେଥିରେ ସେ ଲେଖିଛନ୍ତି ଯେ କୌଣସି ଗୋଟିଏ ଭୂଗର୍ଭ ଗୁଂଫା ଭିତରେ ଗୋଟେ ପାଷାଣର ପାଚେରୀ ଏବଂ ସେ ପାଚେରୀ ଦେହରେ ସବୁ ଲୁହା ଜଂଜିରରେ ବନ୍ଦୀମାନେ ବନ୍ଧା ହୋଇ ପଡିଥିଲେ ସେମାନେ ବୁଝିପାରୁ ନଥାନ୍ତି, ସେମାନେ ବନ୍ଦୀ ବୋଲି, କାରଣ ଆଲୋକ ନାହିଁ, ନିଜକୁ ଦେଖିପାରୁ ନାହାନ୍ତି, ପରସ୍ପରକୁ ଦେଖିପାରୁ ନାହାନ୍ତି । ଜଣେ ତା ଭିତରୁ ଅନୁଭବ କଲା ଯେ ସେ ବନ୍ଦୀ ଏବଂ ସେ ପଥର ଦେହରେ ଲୁହା ଶିକୁଳୀକୁ ଘଷି ଘଷି ବହୁ ପରିଶ୍ରମ ପରେ ଛିଣ୍ଡାଇ ଦେଲା ଏବଂ ଛିଣ୍ଡେଇ ଦେଲା ପରେ ସେ ଗୁହା ଭିତରୁ ସେ ନିର୍ଗତ ହେଲା । ପ୍ରଥମ ଥର ପାଇଁ ସେ ବାହାରକୁ ଆସି ଯେତେବେଳେ ଦେଖିଲା ଯେ ଆକାଶରେ ସୂର୍ଯ୍ୟ ଉଇଁଛି, ଏବଂ ଶାକମ୍ବରୀ ଧରିତ୍ରୀ ଚାରିଆଡେ ବିକଶିତ ହୋଇ ପଡିଛି ପତ୍ର ପୁଷ୍ପରେ ସେ ବିମୁଗ୍ଧ ହୋଇଗଲା ଏବଂ କିଛି ସମୟ ଧରି ନାଚିଲା । ତା'ପରେ ହଠାତ୍ ତାର ଗୋଟେ ଦାୟିତ୍ୱବୋଧ ଫେରି ଆସିଲା । ସେ କହିଲା, ମୁଁ ଏଇ ଆଲୋକର ସମ୍ବାଦ, ଏଇ ମୁକ୍ତିର ସମ୍ବାଦ, ଯଦି ସେ ବନ୍ଦୀମାନଙ୍କ ପାଖରେ ପହଞ୍ଚେଇ ନ ଦଉଚି, ମୁଁ ମଣିଷ ନୁହେଁ । ଏଇ ମୁକ୍ତିର ସମ୍ବାଦ ମୁଁ ତାଙ୍କୁ ଦେବି ଏବଂ ସେ ଭିତରକୁ ପୁଣି ଚାଲି ଆସି ଏ ମୁକ୍ତିର ସମ୍ବାଦ ତାଙ୍କୁ ଦେଲା । ଏଇ ସାଧାରଣ ଭୂମିରୁ କୌଣସି ଉର୍ଦ୍ଧ୍ୱତର ଭୂମିକୁ ଚାଲିଗଲା ପରେ ନୂତନ ସତ୍ୟକୁ ଆବିଷ୍କାର କଲା ପରେ ଯଦି ମୁଁ ହିଁ ତାକୁ ନିଜ ସକାଶେ ବ୍ୟବହାର କରେ, ଜୀର୍ଣ୍ଣ କରିନିଏ, ତା ହେଲେ ମୁଁ ମଣିଷ ପଦବାଚ୍ୟ ନୁହେଁ । ବହୁ ଉଚ୍ଚ ଶାଖାରୁ ସୁପକ୍ୱ ଫଳ ତୋଳି ଆଣି ତଳେ ଠିଆ ହୋଇଥିବା ଲୋକକୁ ଯଦି ମୁଁ ବାଣ୍ଟି ନ ଦେଉଚି, ମୋର ବିଦ୍ୟା ଅର୍ଜନ କରିବାର ସାର୍ଥକତା ନାହିଁ । ପଣ୍ଡିତ ନୀଳକଂଠ ପ୍ରାଚ୍ୟ, ପାଶ୍ଚାତ୍ୟ ଦର୍ଶନରେ ଧୂରୀଣ ପଣ୍ଡିତ । ଏବଂ ସେ ସେଥିରୁ ଗୋଟିଏ କଥା ଶିଖିଥିଲେ ଯେ "ବୁଦ୍ଧିରେ ବିଚାର କର । ପ୍ରାବରଣ ଖୋଲି ଦେଖ । ସଫାସଫି ଦେଖ । ନିଠେଇ କରି ଦେଖ । ତେବେ ଯାଇ ବୁଝିବ ।"

Digitized by srujanika@gmail.com

କାରଣ, ଶାସ୍ତ୍ରଜ୍ଞ ପଣ୍ଡିତ ଅନେକ ଅଛନ୍ତି । ତାକୁ ପ୍ରୟୋଗ କଲା ଭଳି ସାହାସ ତାଙ୍କର ନାହିଁ । ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତି ଅବିପଶ୍ଚିତଃ (ଗୀତା) । ସେମାନେ ହୁଏତ ଆମୂଳଚୂଳ ଗୀତା ଶାସ୍ତ୍ର ବୋଲି ଯିବେ, କିନ୍ତୁ ଯେତେବେଳେ ପ୍ରୟୋଜନ ହେବ, ତାକୁ ପ୍ରୟୋଗ କରି ପାରିବେ ନାହିଁ । କୌଣସି ଅଙ୍ଗ ସେମାନେ ପ୍ରୟୋଗ କରି ନାହାନ୍ତି । ଶାସନୀ ବ୍ରାହ୍ମଣମାନେ ଅଛନ୍ତି ଶାସ୍ତ୍ରଜ୍ଞ ପଣ୍ଡିତ, କିନ୍ତୁ ପ୍ରୟୋଗ କରଛନ୍ତି କେତେ ଜଣ ? କାଳେସୀଟିଏ ଯେତେବେଳେ ଉଭା ହୋଇ ତାଙ୍କ ଗାଁରେ ଯାଉଥାଏ, ଏଇ ଶାସନୀ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନେ ଯାଇ ତା'ପାଦେତଳେ ପଡି ତାର କୃପା ଭିକ୍ଷା କରିଛନ୍ତି । କିନ୍ତୁ ନିର୍ଭୀକ ପଣ୍ଡିତ ନୀଳକଂଠ ତା ଛାତିରେ ଲାତ ପ୍ରହାର କରି ତାକୁ ସଚେତନ କରିଛନ୍ତି । ''ତୁ ଏପରି ଠକୁଛୁ କାହିଁକି ? ଏ ପ୍ରତାରଣା କାହିଁକି ?'' ଏବଂ ଯାହାକୁ କାଳେସୀ ଧରିଥିଲା, ସେ ତାରଭୁଲ ବୁଝି ପାରିଚି ଏବଂ କ୍ଷମା ମାଗିଚି, ଦୋଷ ସ୍ୱୀକାର କରିଛି ।

ଏ ଭଳି କିଏ ଅଛି ନିର୍ଭୀକ, ଯେ ଜେଲରେ ଥିଲା ବେଳେ କହି ପାରିଥିଲା ଯେ, ମହାତ୍ମା ଗାନ୍ଧି ଗୀତା ଉପରେ ଲେଖୁଛନ୍ତି, 'ପ୍ରସ୍ଥାନ ତ୍ରୈ' ଉପରେ ଲେଖି ମହାପୁରୁଷ ହେବାର ସ୍ୱପ୍ନ ଦେଖୁଛନ୍ତି, ତାଙ୍କୁ କହିଦିଅ ଏପରି ଧୃଷ୍ଟତା ସେ ନ କରନ୍ତୁ । ଗୋପବନ୍ଧୁଙ୍କୁ କହିଥିଲେ, ''ଧର୍ମପଦ କବିତାଟି ବହୁତ ପୌରାଣିକ ମିଥ୍ୟାରେ ପୂର୍ଣ୍ଣ ଦୟାକରି ଏହାକୁ ଛପାନ୍ତୁ ନାହିଁ ।'' ଏଭଳି ନିର୍ଭୀକ ସେ ପଣ୍ଡିତ ଏବଂ ତାଙ୍କର ସେ ବୌଦ୍ଧିକତାର ଦୃଷ୍ଟାନ୍ତ ଅନେକ ଦିଆ ଯାଇପାରେ । ସେ ଥିଲେ ମୁଖ୍ୟତଃ ମିଥ୍ୟାଚାରର ବିରୋଧୀ । ମିଥ୍ୟାକୁ ବିରୋଧ କରି କରି ସେ ଚାଲି ଥିଲେ ଏବଂ ଅନେକ ହୁଏତ ଜାଣିଥିବେ ଯେ ଭାକ୍ତିକ ମିଥ୍ୟା ଟି ତାଙ୍କ ପରେ ପରେ ଖୁବ୍ ପ୍ରଚଳିତ ହୋଇ ଯାଇଚି ଆମ ଭାଷାରେ । ସେ ଜୈନ ଧର୍ମକୁ ଏଇ ଦୃଷ୍ଟିରୁ ସମ୍ମାନ ଦେଉଥିଲେ ଯେ ସେଥିରେ ଅନେକ Ralionality ଅଛି, ଅନେକ ଯୌକ୍ତିକତା ଅଛି, ବୁଦ୍ଧିର ପ୍ରୟୋଗ ଅଛି । ଏବଂ ସେଠି ଭକ୍ତିକୁ ସେମାନେ ଅଷ୍ଟାଦଶ ପାପ ଭିତରେ ଗଣନ୍ତି । ତାକୁ ସେମାନେ କହନ୍ତି, ''ମିଥ୍ୟା ଦର୍ଶନ ଶଲ୍ୟ'' । ଭକ୍ତି ଜନିତ ଯାହା କିଛି ତ୍ରୁଟି ହୁଏ ତାକୁ ସେମାନେ 'ମିଥ୍ୟା ଦର୍ଶନ ଶଲ୍ୟ' ନାମ ଦେଇଛନ୍ତି । ଏହା ଅଷ୍ଟାଦଶ ପାପ ଭିତରୁ ଗୋଟିଏ ପାପ ଏବଂ ପଣ୍ଡିତ ନୀଳକଂଠ ତାଙ୍କ ସମୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ଭାବନ୍ତୁ, କହି ପାରିଥିଲେ ଯେ ଗୋଟିଏ ୭ ବର୍ଷର ଶିଶୁ ଗୋପରେ ଥାଇ କାଣି ଆଙ୍ଗୁଠିରେ ଗୋର୍ବଦ୍ଧନ ଟେକି ଦେଲା ? ହୁଏତ ସେ ପିଲା ନଥିଲା, ବା ହୁଏତ ସେ ପାହାଡ, ପାହାଡ ନଥିଲା । ଏହା ସମ୍ଭବ ନୁହେଁ । ଗୋଟେ ମାଙ୍କଡ ଯାଇ ଗନ୍ଧମାର୍ଦ୍ଦନ କୁ ଟେକି ନେଇ ଆସିଥିଲା ? ଏହାକୁ ପରିଷ୍କାର ଭାବରେ ସେ ଚାଲେଂଜ କରୁଥିଲେ ଏବଂ ସମଗ୍ର ମହାଭାରତ ପୁରାଣ ଶୁଣି ସାରିଲା ପରେ, ତାଙ୍କୁ ଯେତେବେଳେ ମତ ପ୍ରକାଶ କରିବା ପାଇଁ ସୁଯୋଗ ଦିଆଗଲା, ସେ କହିଲେ ଯେ, ମହାଭାରତରେ ଶ୍ରୀକୃଷ୍ଣ ଚରିତ୍ରକୁ ପ୍ରକ୍ଷେପ କରିଥିବା ବୈଷ୍ଣବ ଅତି

Digitized by srujanika@gmail.com

ବିଚକ୍ଷଣ । ସେ ଜଣେ ନିଶ୍ଚୟ ବିଚକ୍ଷଣ ବୈଷ୍ଣବ ହୋଇଥିବ ଯେ ଏପରି ଭାବରେ କୌଶଳ କ୍ରମେ ଶ୍ରୀକୃଷ୍ଣ ଚରିତ୍ରକୁ ଏଥିରେ ପ୍ରକ୍ଷିପ୍ତ କରି ଦେଇଚି । ସମଗ୍ର ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ମହାଭାରତରେ ଯେ ପ୍ରକ୍ଷେପ ବୋଲି କହିପାରେ, ସେ କମ୍ ସାହସୀ ନୁହେଁ । ଏବଂ ଏ ସାହସ ଆସୁଚି ସେଇ ଦାର୍ଶନିକ ଦୃଷ୍ଟି ଭଙ୍ଗୀରୁ କେବଳ । ମନେ ପଡୁଚି ଆଦିଶଂକର ଯେତେବେଳେ ଭାଷ୍ୟ କରିଥିଲେ, ତାଙ୍କୁ ପ୍ରତିପକ୍ଷରୁ ପ୍ରଶ୍ନ ନିଜେ ତିଆରି କରିବାକୁ ପଡୁଥିଲା । ଏବଂ ତାଙ୍କୁ ପଚରା ହେଉଛି ଯେ ଆପଣ ଯେଉଁ ସବିତାର କଥା କହୁଛନ୍ତି, ସେ କ'ଣ ଆକାଶରେ ପୂର୍ବ ଦିଗରେ ପ୍ରତିଦିନ ଉଦିତ ହେଉଥିବା ଏଇ ସୂର୍ଯ୍ୟ ? ଏବଂ ସବୁ ଦିନ ପଶ୍ଚିମରେ ସେ ଅସ୍ତଯାଏ ? ସେତେବେଳେ ସୂର୍ଯ୍ୟ ପୂଜା ହେଉଥିଲା । ସୂର୍ଯ୍ୟଙ୍କୁ ଦେବତା ରୂପରେ ସ୍ୱୀକାର କରା ହେଉଥିଲା ଏବଂ ଆଦିଶଂକର ପରିଷ୍କାର କରି କହିଛନ୍ତି, ତା ନୁହେଁ । ''ଉତପ୍ତ ଉଲ୍କାପିଣ୍ଡ ମାତ୍ର'' ନିର୍ଭୀକ୍, ନାରାୟଣାକ୍ଷ୍ୟୋସ ଭଗବାନ'ତୁମେମାନେ ଯାହାକୁ ନାରାୟଣ ବୋଲି କହ, ସେଇ ଭଗବାନଙ୍କୁ ପ୍ରଣାମ କରୁଚି । ଏଇ ନିର୍ଭୀକତା ଆସେ ବିଚାର ବୁଦ୍ଧିରୁ ଏବଂ ଆଚାରେ ସାଧୁ, ବିଚାରେ ପଣ୍ଡିତ । ପଣ୍ଡିତ ନୀଳକଂଠଙ୍କ ଠାରେ ଉଭୟେ ପ୍ରକୁଯ୍ୟ । ସେ ଯାହା ଦେଖୁଥିଲେ, ସତ ବୋଲି ମଣୁଥିଲେ, ତାକୁ ପ୍ରୟୋଗ କରୁଥିଲେ ଏବଂ ଶେଷ ପର୍ଯନ୍ତ ଛାଡି ନ ଥିଲେ । ଯେଉଁ ଚାରୋଟି ଭାକ୍ତିକ ମିଥ୍ୟା କଥା ସେ କହିଛନ୍ତି, ଗୋଟାଏ ହେଉଛି ଅଯଥା ମିଥ୍ୟା, ଦ୍ୱିତୀୟ ହେଉଛି ସାହସିକ ମିଥ୍ୟା, ତୃତୀୟ ହେଉଛି ମିଥ୍ୟା ପାଇଁ ମିଥ୍ୟା, ଏବଂ ଚତୁର୍ଥ ହେଉଛି ଆପଟକ ମିଥ୍ୟା । ଏଇ ଘୋର ମିଥ୍ୟା ସେ ଯେଉଁଠି ଦେଖନ୍ତି, ସେ ଯେମନ୍ତ ଯଷ୍ଟୀହସ୍ତ ହେଇ ତାକୁ ତଡି ନେଇଯାନ୍ତି । ଶେଷ ପର୍ଯନ୍ତ ମାର ମାର ରାବ କରି ତଡି ନେଇ ଯାନ୍ତି । ସେଥିପାଇଁ ବେଳେ ବେଳେ ଯାହା ଆଜି ଉଲ୍ଲେଖ ହେଲା, ତାଙ୍କୁ ଦୁର୍ବାସା କୁହାଯାଏ । କିନ୍ତୁ ମତେ ଲାଗେ ତାଙ୍କର ସେ ଭବ୍ୟ ମୂର୍ତ୍ତିରେ ହୁଏତ କିଛି ଦେବ୍ତା ମିଶିଯାନ୍ତି, କିଛି କିଛି ଷ୍ଟଲଟୟ ମିଶିଯାନ୍ତି, କିଛି କିଛି ପ୍ଲାଟୋ ମିଶିଯାନ୍ତି ଏବଂ ଜଣେ ଯେପରି କହିଛନ୍ତି, ''ସେ ହେଉଛନ୍ତି ଜାତିଚର ବଶିଷ୍ଠ, ଶୁଦ୍ଧପୂତ, ସଦାଚାରୀ, ପଣ୍ଡିତ, ଦିବ୍ୟଦୃଷ୍ଟି ସଂପନ୍ନ ବ୍ରାହ୍ମଣ ।'' ଏବଂ ଆଜି ଏଇ ପୁଣ୍ୟ ଦିବସରେ ଏଇମାନଙ୍କ ଗହଣରେ ଯେଉଁମାନେ ତାଙ୍କୁ ନିଜର ଘନିଷ୍ଠତମ ପରିଧିରେ ପାଇଛନ୍ତି, ଓ ସୌଭାଗ୍ୟ ଅର୍ଜନ କରିଛନ୍ତି, ସେମାନଙ୍କ ଗହଣରେ ତାଙ୍କୁ ଏତିକି ମାତ୍ର ସମ୍ମାନ ଏବଂ ମୋର ପ୍ରଣତି ଜ୍ଞାପନ କରିବାରେ ସୁଯୋଗ ପାଇଥିବାରୁ ସଂସଦର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଉଛି ଏବଂ ଆପଣମାନଙ୍କୁ ଧନ୍ୟବାଦ ଦେଇ ରହୁଛି ।

ଚନ୍ଦ୍ରଶେଖର ରଥ

◆ ◆ ◆

Digitized by srujanika@gmail.com

ବକ୍ତା ଚନ୍ଦ୍ରଶେଖର ରଥ

ଡ଼ଃ ପୁଷ୍ପାଞ୍ଜଳୀ ସାମନ୍ତରାୟ

ଓଡ଼ିଆରେ ଗୋଟିଏ ଢ଼ଗ ଅଛି, ''କହି ଜାଣିଲେ କଥା ସୁନ୍ଦର'' । ପ୍ରକୃତରେ ସାଧାରଣ କଥାକୁ ଆସାଧାରଣ ଢଙ୍ଗରେ କହିବା ଲୋକ ଏ ସଂସାରରେ ବିରଳ ନୁହନ୍ତି । ବେଳେବେଳେ କହିପାରିଲେ ସବୁ କିଛି କଥାକୁ ବିଶ୍ୱାସ କରିହୁଏ । କଥା କହି ମନମୋହି ପାରୁଥିବା, ଅନ୍ତରକୁ ଛୁଇଁ ପାରୁଥିବା ଲୋକଙ୍କ ସଂଖ୍ୟା ଆମ ଦେଶରେ ସବୁବେଳେ ଖୁବ୍ ଅଳ୍ପ । ଆଗେ ବିଶିଷ୍ଟ ଜନ ନାୟକମାନେ କଥା କହି ଲୋକମାନଙ୍କର ବିଶ୍ୱାସଭାଜନ ହେଉଥିଲେ । ସେଥିପାଇଁ ସେମାନଙ୍କ ସଭାରେ ବହୁଲୋକ ଶୁଣିବା ପାଇଁ ସମବେତ ହେଉଥିଲେ । ଭାରତରେ ମହାତ୍ମାଗାନ୍ଧି, ଲୋକମାନ୍ୟ ବାଳଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖ୍‌ଲେ, ଜବାହାରଲାଲ୍ ନେହେରୁଙ୍କ ପରି ବିଶିଷ୍ଟ ଜନ ନାୟକ ମାନେ ଯାହା କହୁଥିଲେ ଲୋକେ ସେ ସବୁକୁ ଶ୍ରଦ୍ଧାର ସହିତ ଶୁଣୁଥିଲେ । ଏବେ ଜନସାଧାରଣ, ନେତା ଓ ଜନନାୟକଙ୍କ ଭାଷଣ ପ୍ରତି ବିମୁଖ । ଆଜିକାଲି କେହି ଧର୍ମ ଅନୁଷ୍ଠାନର ପୃଷ୍ଠପୋଷକ, ସାଧୁ, ଲେଖକ ବକ୍ତୃତା ଦେଲେ ତାଙ୍କୁ ଶୁଣିବାକୁ ବହୁଲୋକ ଆସିଥାନ୍ତି । ଏହି କେତେ ବର୍ଷ ହେଲା ଓଡ଼ିଶାରେ ଜନନାୟକଙ୍କ ଭାଷଣ ଭଳି ଲେଖକମାନଙ୍କ ବକ୍ତୃତା ପ୍ରତି ମଧ୍ୟ ଶ୍ରଦ୍ଧା ସୃଷ୍ଟି ହୋଇଛି । ଯେଉଁ କେତେଜଣ ଭାଗ୍ୟବାନ୍ ଲେଖକ ସାଂପ୍ରତିକ କାଳରେ ଆପଣାର ବାକ୍‌ଚାତୁରୀ ଦ୍ୱାରା ଜନସାଧାରଣଙ୍କୁ ବିମୋହିତ କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ରଥ ଅନ୍ୟତମ ।

ଓଡ଼ିଆ ସାହିତ୍ୟର ଅନ୍ୟତମ କୃତବିଦ୍ୟ ଲେଖକ ଭାବରେ ତାଙ୍କର ସୁନାମ ରହିଛି । ଜଣେ ସଂସ୍କୃତି ସଂପନ୍ନ, ଚରିତ୍ରବାନ୍, ଆଦର୍ଶ ମଣିଷ ରୂପେ ସେ ଆମ ଗହଣରେ ସୁପରିଚିତ । ତାଙ୍କର ଏପରି ବ୍ୟକ୍ତିତ୍ୱ ସହିତ ଅନ୍ୟ ଏକ ବିଶିଷ୍ଟ ଗୁଣ ହେଲା ସେ ଜଣେ ସୁବକ୍ତା । ସେ ନିଷ୍ଠାର ସହିତ ଜୀବନ, ଜଗତ ଓ ଆଧ୍ୟାତ୍ମିକ ଭାବରାଜ୍ୟର କଥା କହିପାରନ୍ତି । ସାଂପ୍ରତିକ ମଣିଷର ଦୁଃଖ-ଦୁର୍ବିପାକ; ତା'ର ନିଃସଙ୍ଗ ଜୀବନବୋଧ; ସାମାଜିକ ସମସ୍ୟା; ଆଧ୍ୟାତ୍ମିକ ସଙ୍କଟ; ସ୍ଥିତି ଜନିତ ବ୍ୟାକୁଳତାକୁ ନେଇ ବୌଦ୍ଧିକ ବିଶ୍ଳେଷଣ କରିବାରେ ସେ ଜଣେ ବିଶିଷ୍ଟ ଲେଖକ, ବକ୍ତୃତାରେ ମଧ୍ୟ

Digitized by srujanika@gmail.com

ସେ ଏହିପରି ଜଟିଳ ପ୍ରସଙ୍ଗ ମାନଙ୍କୁ ଚମତ୍କାର ଭାବରେ ସର୍ବସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରି କହି ବୁଝାଇ ପାରନ୍ତି । ସେ ଯାହା କହନ୍ତି ଗଭୀର ଆତ୍ମପ୍ରତ୍ୟୟର ସହ କହନ୍ତି । ସର୍ବସାଧାରଣଙ୍କ ଗ୍ରହଣଯୋଗ୍ୟ ହେବା ଭଳି ଭାଷାରେ କହନ୍ତି ।

ଚନ୍ଦ୍ରଶେଖର ରଥଙ୍କର କହିବା ଶୈଳୀ ଅତି ମାର୍ଜିତ । ସେ ଏମିତି ଭାବରେ କହନ୍ତି ତାହା ଶୁଣିଲେ ମନେହୁଏ ସେ ଯାହା କହୁଛନ୍ତି ତାହା ଠିକ୍ ଏବଂ ଯେ ଯାହା କହୁଛି ତାହା ଭୁଲ୍ । ସାଧାରଣତଃ ଉଚ୍ଚକୋଟୀର ବକ୍ତାମାନେ ଆପଣାର ଭାଷଣ ମାଧ୍ୟମରେ ଯେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ଯୋଗ୍ୟ କରି ପାରନ୍ତି । ଏ ପ୍ରସଂଗରେ Ciceroଙ୍କ ଉକ୍ତି ତାତ୍ପର୍ଯ୍ୟ ପୂର୍ଣ୍ଣ । ତାଙ୍କରି ଭାଷାରେ; "Nothing is so unbelivable that oratory can not make it acceptable:" ସେ କହିଲାବେଳେ ଶ୍ରୋତା ମାନଙ୍କ ସହିତ ଆତ୍ମୀୟତା ଭାଷାରେ କଥାବର୍ତ୍ତା କରନ୍ତି । ଭାଷଣରେ ସେ ଏକାବେଳକେ ନିଜକୁ ହଜାଇ ଦେଇଥାନ୍ତି । ଅର୍ଥାତ ଯେଉଁ ପ୍ରସଙ୍ଗରେ ସେ ବକ୍ତୃତା ଦେଉଥାନ୍ତି ତାହାରି ଭିତରେ ହିଁ ଉବୁଟୁବୁ ହେଉଥାନ୍ତି । ସେ ଅତି ବେଶିରେ ଘଣ୍ଟାଏ ପର୍ଯ୍ୟନ୍ତ କହନ୍ତି । କହିବା ମଝିରେ ସେ କୌଣସି ପ୍ରସଙ୍ଗ ବହିର୍ଭୂତ କଥା କହନ୍ତି ନାହିଁ । ଯେଉଁ ପ୍ରସଙ୍ଗରେ ସେ କହନ୍ତି ସବୁବେଳେ ମୂଳକୁ ଯାଇ ଆମର ପରମ୍ପରା ଐତିହ୍ୟ ସଂପର୍କରେ ଆମକୁ ସୂଚାଇ ଦିଅନ୍ତି । ଏଠାରେ ତାଙ୍କର ବକ୍ତୃତା ସଂପର୍କରେ ଗୋଟିଏ ଦୃଷ୍ଟାନ୍ତ ଦିଆଯାଇପାରେ । ନିକଟରେ ଜାନୁଆରୀ ୮ ତାରିଖରେ ଭଞ୍ଜବିହାର ଠାରେ ଅନୁଷ୍ଠିତ ଗଙ୍ଗାଧର ମେହେର ସେମିନାର୍‌ରେ ସେ ଉଦ୍‌ଯାପନୀ ଭାଷଣ ଦେଇଥିଲେ । ଏହି ଭାଷଣରେ ତାଙ୍କର ବକ୍ତବ୍ୟ ଥିଲା 'ଗଙ୍ଗାଧର ସାହିତ୍ୟର ପ୍ରାସଙ୍ଗିକତା' । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ ସାହିତ୍ୟରେ ପ୍ରାସଙ୍ଗିକ ଅପ୍ରାସଙ୍ଗିକ କିଛି ନାହିଁ କିମ୍ବା ଲେଖକଟିଏ ଲେଖିବାବେଳେ ତାହା କାଳପାଇଁ କେତେଦୂର ପ୍ରାସଙ୍ଗିକ ବା ଅପ୍ରାସଙ୍ଗିକ ହେବ ସେମିତି ଭାବି ସେ ଲେଖି ନ ଥାଏ । ସେ ସ୍ୱାଭାବିକ ପ୍ରକ୍ରିୟାରେ ଲେଖିଚାଲେ । ସ୍ଥାନ କାଳ ବହିର୍ଭୂତ ଅନ୍ୟ ଏକ ଚେତନା ଜଗତରେ ଥାଇ ସେ ନିଜର ସୃଜନ କ୍ରିୟାକୁ ପ୍ରକାଶ କଲାବେଳେ ପରବର୍ତ୍ତି ସମୟରେ ଆଲୋଚକମାନେ କିପରି ତାକୁ ଗ୍ରହଣ କରିବେ ସେ କେବେ ଭାବେନା । ବ୍ୟାସ, ବାଲ୍ମୀକି, ଶାରଳା, ଜଗନ୍ନାଥ ଲେଖିବାବେଳେ ସେ ଏମିତି କିଛି ପ୍ରାସଙ୍ଗିକ ବା ଅପ୍ରାସଙ୍ଗିକ ପରବର୍ତ୍ତୀ ସମୟରେ ହେବ ଭାବି ଲେଖି ନାହାନ୍ତି । ନିରବଧିକାଳରେ ବିପୁଳା ପୃଥ୍ୱୀରେ କିଏ କେମିତି ଲେଖକର ଲେଖାକୁ ତର୍ଜମା କରିବ ସେଥିପାଇଁ ସ୍ରଷ୍ଟାର ଭ୍ରୂକ୍ଷେପ ନ ଥାଏ । ସୂର୍ଯ୍ୟ ପରି ସେ ନିଜକୁ କେବଳ ପ୍ରକାଶ କରିବାରେ ଆନନ୍ଦ ଲାଭ କରେ । ଚନ୍ଦ୍ରଶେଖର ରଥ ଏହିପରି ଭାବରେ ସେ ଦିନ

Digitized by srujanika@gmail.com

ସାହିତ୍ୟରେ ପ୍ରାସଙ୍ଗିକ କ'ଣ ଓ ଅପ୍ରାସଙ୍ଗିକ କ'ଣ ଆମ ପୁରାଣ, ଉପନିଷଦରୁ ଉଦାହରଣ ଦେଇ ଶ୍ରୋତାମାନଙ୍କୁ ବୁଝାଇ ଚାଲିଥାନ୍ତି । ଶ୍ରୋତାମାନେ ଅତି ଶ୍ରଦ୍ଧାର ସହିତ ଶୁଣୁଥାନ୍ତି । ତାଙ୍କ ବକ୍ତୃତାରେ ବୌଦ୍ଧିକତା ରହିଛି କିନ୍ତୁ ସେ ବୌଦ୍ଧିକତାକୁ ଏପରି ସରଳୀକରଣ କରି ପାରନ୍ତି ଯାହା ଶ୍ରୋତା ପାଇଁ ବୁଝିବାରେ ଅସୁବିଧା ହୁଏ ନାହିଁ ।

ଚନ୍ଦ୍ରଶେଖର ରଥଙ୍କ ଶ୍ରୀ ଅରବିନ୍ଦଙ୍କ ସମ୍ପର୍କିତ ଭାଷଣ ଗୁଡ଼ିକ ଅତ୍ୟନ୍ତ ମର୍ମସ୍ପର୍ଶୀ । ସେ ଶ୍ରୀ ଅରବିନ୍ଦଙ୍କ ସମ୍ପର୍କରେ କହିବା ବେଳେ ଏତେ ଗଭୀରକୁ ଯାଆନ୍ତି ତାହା ଯେଉଁ ଶ୍ରୋତାମାନେ ଶୁଣିଛନ୍ତି ଜାଣନ୍ତି । ସେ ତାଙ୍କର 'ସାବିତ୍ରୀ' କାବ୍ୟରୁ ଦୃଷ୍ଟାନ୍ତ ଦେଇ ଏପରି ଭାବରେ ଆଧ୍ୟାତ୍ମିକ ଭାବଜଗତର କଥା କହନ୍ତି; ଯାହା ଶୁଣିଲେ ନାସ୍ତିକ ମଧ୍ୟ ସେହି ମୁହୂର୍ତ୍ତରେ ଆଧ୍ୟାତ୍ମିକ ପଥର ଯାତ୍ରୀ ବୋଲି ନିଜକୁ ମନେ କରେ । ଏଠାରେ Charles Caleb Coltonଙ୍କ ଉକ୍ତି ସ୍ମରଣ କରି କୁହାଯାଇ ପାରେ ଯେ କହିବା ହେଉଛି ଏକ ସ୍ୱାଭାବିକ ଈଶ୍ୱର ଦତ୍ତ ଗୁଣ । ଏହାକୁ କେହି ଶ୍ରେଣୀ କକ୍ଷରେ ଶିକ୍ଷା କରି ନଥାଏ । ""Eloquence is the language of nature, and can not be learned in the school." ଏହି ଈଶ୍ୱର ଦତ୍ତ ଗୁଣ ଥିଲେ କହିବା ମୁହୂର୍ତ୍ତରେ ସବୁ କିଛି ଅଦ୍ଭୁତ ଭାବରେ ଠିକ୍ ଠିକ୍ କହି ହୋଇଥାଏ । ସେ ମଧ୍ୟ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଚମତ୍କାର ଭାଷଣ ଦେଇପାରନ୍ତି । ସେ କଲିକତାର ନେତାଜୀ ଇନ୍‌ଡୋର ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ସ୍ୱାମୀ ବିବେକାନନ୍ଦଙ୍କ Parliament of Religionsର ଶତବାର୍ଷିକୀରେ ୧୯୯୩ ସେପ୍ଟେମ୍ବର ୧୨ ତାରିଖ ପୂର୍ବାହ୍ନରେ ଯେଉଁ ବକ୍ତୃତା ଦେଇଥିଲେ ତାହା ଭାରତ ବାହାରୁ ଆସିଥିବା ଶ୍ରୋତାମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ଦେଇଥିଲା । ସେହି ସଭାରେ କାଲିଫର୍ଣ୍ଣିଆ, ଫିନ୍‌ଲ୍ୟାଣ୍ଡ, ଜେରୁଜେଲମ୍, ଚୀନ୍, ନେଦରଲ୍ୟାଣ୍ଡ ପ୍ରଭୃତି ଦେଶର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେଦିନ ସଭାପରେ ଚନ୍ଦ୍ରଶେଖର ରଥଙ୍କୁ ଯେଉଁପରି ତାଙ୍କ ବକ୍ତୃତା ଶୁଣି ଆଦର ଅଭ୍ୟର୍ଥନା କରିଥିଲେ ତାହା ଯଥାର୍ଥରେ ପ୍ରତି ଓଡ଼ିଆ ପାଇଁ ଗର୍ବ ଓ ଗୌରବର ବିଷୟ ।

ଚନ୍ଦ୍ରଶେଖର ରଥ ସାହିତ୍ୟ ସଭାରେ ଭାବ ଗଦ୍‌ଗଦ୍ କଣ୍ଠରେ ସୁନ୍ଦର ଭାଷଣମାନ ଦେଇ ପାରନ୍ତି । ସେ ୧୯୯୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ ଅବସରରେ ଦିଲ୍ଲୀଠାରେ ମାର୍ଚ୍ଚ ୧୪ ତାରିଖରେ ଯେଉଁ ଭାଷଣ ଦେଇଥିଲେ ତାହା ସେଠି ସମବେତ ହୋଇଥିବା ଭାରତର ଲେଖକମାନଙ୍କୁ ମୁଗ୍ଧ କରିଥିଲା । ସେହି ଭାଷଣରେ ତାଙ୍କର ସଂସ୍କୃତ, ଦର୍ଶନ ଓ ସାହିତ୍ୟ ଜ୍ଞାନର ଅଦ୍ଭୁତ ସମନ୍ୱୟ ଘଟିଥିଲା । ସେଦିନ ବାହାରେ ଓଡ଼ିଆ ବକ୍ତାମାନଙ୍କ ପାଣ୍ଡିତ୍ୟ ଓ ମାର୍ଜିତ କଥନ ଶୈଳୀର ବେଶ୍ ଚର୍ଚ୍ଚା ହୋଇଥିଲା ।

Digitized by srujanika@gmail.com

ଚନ୍ଦ୍ରଶେଖର ରଥ ତାଙ୍କ ଜୀବନରେ ଶତାଧିକ ବକ୍ତୃତା ଦେଇଛନ୍ତି । ମୁଁ ତାଙ୍କର ଆଠ ଦଶଟି ବକ୍ତୃତା ଶୁଣିଛି । ତାଙ୍କର ପ୍ରତ୍ୟେକ ବକ୍ତୃତା ପ୍ରତ୍ୟେକ ବକ୍ତୃତା ଠାରୁ ଭିନ୍ନ । ସବୁ ବକ୍ତୃତାରେ ସେ ଆମର ମହାନ୍ ଭାରତୀୟ ପରମ୍ପରାକୁ ଏମିତି ବୁଝାଇ କହନ୍ତି ଯାହା ଶୁଣିଲେ ତାଙ୍କୁ ସାମ୍ପ୍ରତିକ ସମୟରେ ଅନ୍ୟତମ ସନ୍ଥ ପୁରୁଷର ମର୍ଯ୍ୟାଦା ଦେବାକୁ ଇଚ୍ଛା ହୁଏ । ତାଙ୍କ କଣ୍ଠସ୍ୱର ଆମର ମୁନି ଋଷି କଣ୍ଠର ବୈଦିକ ଉଚ୍ଚାରଣ ପରିଶ୍ରୁତି ସୁଖକର ଓ ଅନ୍ତର ସ୍ପର୍ଶୀ ।

ଚନ୍ଦ୍ରଶେଖର ରଥ ସାମ୍ପ୍ରତିକ କାଳର ବିଶିଷ୍ଟ ବକ୍ତା । ସେ ଓଡ଼ିଶାରେ, ଭାରତରେ ଓ ଭାରତ ବାହାରେ ସୁଦୂର ଆମେରିକାରେ ଭାଷଣ ଦେଇ ଜଣେ ଯଶସ୍ୱୀ ବକ୍ତା ଭାବରେ ଆପଣାର ଅଧିକାର ସାବ୍ୟସ୍ତ କରିଛନ୍ତି । ତାଙ୍କପରି ବକ୍ତା ଓଡ଼ିଆ ଜାତିର ଯେ ଏକ ବୌଦ୍ଧିକ ପରମ୍ପରା ରହିଛି ଏ କଥା ଅନ୍ୟମାନଙ୍କୁ ବକ୍ତୃତା ମାଧ୍ୟମରେ କହି ଦେଇଛନ୍ତି

(ଚନ୍ଦ୍ରଶେଖର ରଥଙ୍କ ନିମ୍ନଲିଖିତ ବକ୍ତୃତାମାନ ଏଠାରେ ପାଠକଙ୍କ ଅବଗତି ନିମନ୍ତେ ଉଦ୍ଧାର କରାଗଲା ।)

୧. *ମାନସିଂ ସ୍ମାରକୀ ବକ୍ତୃତା ମାଳା - ପ୍ରଥମ ଭାଷଣ ୧୯୭୬*

୨. *Talk in the Parliament of Religions*
Calcutta - 12th. Sept., 1993

୩. *ନୀଳକଣ୍ଠ ସ୍ମାରକୀ ବକ୍ତୃତା - ୧୯୮୦*

◆ ◆ ◆

Digitized by srujanika@gmail.com

ସାକ୍ଷାତ୍‌କାର

ଗଳ୍ପ ଧର୍ମ ଓ ଗାଳ୍ପିକ

ଲଳିତ ନିବନ୍ଧକାର, ଗାଳ୍ପିକ ଓ ଔପନ୍ୟାସିକ ଭାବରେ ଚନ୍ଦ୍ରଶେଖର ରଥ ଓଡ଼ିଆ ସାହିତ୍ୟରେ ସୁପରିଚିତ ଓ ଲବ୍ଧପ୍ରତିଷ୍ଠ । ଯନ୍ତ୍ରାରୂଢ଼, ଅସୂର୍ଯ୍ୟ ଉପନିବେଶ ଏବଂ ନବଜାତକ ଉପନ୍ୟାସର ସେ ସଫଳ ସ୍ରଷ୍ଟା । ଅନେକ ବର୍ଷ ପରେ, ଅଶ୍ୱାରୋହୀର ଗଳ୍ପ, ସମ୍ରାଟ ଓ ଅନ୍ୟମାନେ, ଅନ୍ୟ ଏକ ସକାଳ, ସବୁଜାଳ ସ୍ୱପ୍ନ, ବାଘ ସବାର, ଏତେ ପାଖରେ ସମୁଦ୍ର, ବିକ୍ରିପାଇଁ ଫୁଲମାଳ, ସହଯାତ୍ରୀଲ, ସ୍ୱପ୍ନବାହକ ଓ ଅନ୍ତିମାର ସଫଳ କଥାକାର । ଯନ୍ତ୍ରାରୂଢ଼ଠାରୁ ଅନ୍ତିମା ଯାଏ ଏକ ସୂକ୍ଷ୍ମ ମାନବୀୟ ଚେତନା, ବୌଦ୍ଧିକ, ଦାର୍ଶନିକ ତଥା ଆଧ୍ୟାତ୍ମିକ ଚେତନାର ପୃଷ୍ଠଭୂମିରେ ତାଙ୍କର ସୃଷ୍ଟି-ସମ୍ଭାର ସମୃଦ୍ଧ ।

ଏହି ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ତଥା ଗାଳ୍ପିକ ସହିତ 'ନବଲିପି'ର ସାକ୍ଷାତ୍‌କାର - ୧୯୯୮

ପ୍ରଶ୍ନ: ଗଳ୍ପର ଧର୍ମ ସମ୍ପର୍କରେ ଆପଣଙ୍କ ମତାମତ କ'ଣ ? ଗଳ୍ପରେ କଥାବସ୍ତୁ ଓ ଶୈଳୀ-ଏହା ମଧ୍ୟରୁ କାହା ଉପରେ ଆପଣ ବେଶୀ ଗୁରୁତ୍ୱ ଦିଅନ୍ତି ?

ଉ: ପାଖରେ ଶ୍ରୋତାଟିଏ ନ ଥିଲେ ଗଳ୍ପ କହି ହେବ ନାହିଁ । ନିଜପାଇଁ କବିତା ଲେଖିବା ସମ୍ଭବ କିନ୍ତୁ ନିଜ ପାଇଁ ଗଳ୍ପ ଲେଖିବା କଥା ମୁଁ ଶୁଣିନାହିଁ । ଏଣୁ ସେଇ ଶ୍ରୋତାଟିର ଖାତିରିରେ କ'ଣ କୁହାଯିବ ଏବଂ କେମିତି କୁହାଯିବ ସ୍ଥିର କରାଯାଇଥାଏ । ସତର୍କ ନ ରହିଲେ ସେ ହୁଏତ ମୂଳରୁ ବିଗିଡିଯିବ, କିମ୍ବା ମଝିରେ କୋଉଠି ଗଳ୍ପ ହୁଗୁଳା ଧରିଗଲେ ସେ ହୁରୁଡିଯିବ, ଏ ଆଶଙ୍କା ଥାଏ । ଗଳ୍ପରେ ଥରେ ମୁହଁ ମାରିଲେ ଯଦି ସେ ଆଉ ସେଉଠୁ ଘୁଞ୍ଚିଲା ନାହିଁ; ଚାଖି ଚାଖି ଶେଷ ଯାଏଁ ବିଭୋର ହୋଇ ପଢ଼ିଗଲା, ପଢ଼ିସାରି କିଛିକାଳ ଆଚ୍ଛନ୍ନ ରହିଲା, ଏବଂ ପୁଣି ଥରେ ପଢ଼ିବାକୁ ମନ କଲା ତା' ହେଲେ ଗଳ୍ପଟି ସଫଳ ହେଲା ବୋଲି ଧରିନେବାକୁ ହେବ । କଥାବସ୍ତୁ ବା ଶୈଳୀ ସ୍ୱତନ୍ତ୍ରଭାବରେ ଗୁରୁତ୍ୱ ପାଆନ୍ତି ନାହିଁ । କିଛି ମାଟି,କିଛି ପାଣି,କିଛି ପବନ ସାଙ୍ଗକୁ ବଡଭାଗ ଶୂନ୍ୟମଣ୍ଡଳରୁ ଉପାଦାନ ନେଇ ପିଣ୍ଡ ଗଠନ କରାଯାଏ, ତାକୁ ହାତର ଦଶଟି ଆଙ୍ଗୁଳିରେ ଆଦରରେ ଧରିନେଲେ ତା' ଭିତରକୁ ଉଷ୍ମା ସଞ୍ଚରିଯାଏ । ତାକୁ ରୂପ ଦେଲାବେଳେ ପ୍ରାଣ ସଞ୍ଚାର ହୋଇଯାଏ । ସ୍ୱାଭାବିକ, ନିମଗ୍ନ ଚେତନାରେ

Digitized by srujanika@gmail.com

ସର୍ଜନା ହୁଏ । ତା'ର ଉନ୍ମେଷ,ତା'ର ଅଭିବୃଦ୍ଧି,ତା'ର ଅଙ୍ଗରେଖା ସବୁ ତା' ମନକୁ ଆସିଯାଏ । ଏମିତି କି ସେମିତି କହିବି,ଏଇଆ କି ସେଇଆ କହିବି ବୋଲି ଚେଷ୍ଟା କଲେ ସେ ନିର୍ଜୀବ ହୋଇଯିବ । ମୃତପିଣ୍ଡର ଆଉ ସମ୍ଭାବନା କ'ଣ ?

ପ୍ରଶ୍ନ: ରାଜନୀତି ଭଳି ସାହିତ୍ୟର ମଧ୍ୟ ସମାଜ ପ୍ରତି କୌଣସି ଅଙ୍ଗୀକାର ରହିବା କଥାରେ ଆପଣ ବିଶ୍ୱାସ କରନ୍ତି କି ? ସମାଜକୁ ବଦଳାଇବାରେ ଗାଳ୍ପିକର ଦାୟିତ୍ୱ ସମ୍ପର୍କରେ ଆପଣଙ୍କ ମତ କ'ଣ ?

ଉ: ସମାଜ କହିଲେ ବହୁବିଧ, ଭାବ, ଆବେଗ, ଚିନ୍ତା, ଯୋଜନା, ସମନ୍ୱୟ, ସଂଘର୍ଷ, ସଂଯୋଗ, ସଂଘାତ, ଦୈହିକ, ପ୍ରାଣିକ, ମାନସିକ ସ୍ତରରେ ବିବିଧତାର ଏକ ବିପୁଳ ବିସ୍ତାରକୁ ବୁଝାଏ ଏବଂ ଏସବୁ ମୁହୂର୍ତ୍ତରୁ ମୁହୂର୍ତ୍ତକୁ ବଦଳୁଥିବାରୁ ଏକ ପ୍ରବାହକୁ ମଧ୍ୟ ବୁଝାଏ । ଏହାର ପ୍ରକୃତିକୁ ବଦଳାଇବା, କିମ୍ବା ଏହାର ମୋଡ ବଦଳାଇବା କୌଣସି ଏକକ ବ୍ୟକ୍ତି ବା ଘଟଣା ଉପରେ ନିର୍ଭର କରେ ନାହିଁ । ଏପରିକି ମହାପୁରୁଷ ମାନେ ଏହାକୁ ପ୍ରଭାବିତ କଲାବେଳେ ନିଜେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇପଡନ୍ତି । ଏଣୁ ଜଣେ ଗାଳ୍ପିକ ଏପରି କୌଣସି ବିଶାଳ ଯୋଜନା ନେଇ କାର୍ଯ୍ୟ କରିବାର ଅର୍ଥ ଥିଲାପରି ମନେ ହେଉ ନାହିଁ । କିନ୍ତୁ ସତ୍ୟନିଷ୍ଠ ଲେଖକଟିଏ ତା'ର ଅନ୍ତରାତ୍ମାକୁ ସାକ୍ଷୀ ରଖି ଯାହା ଉଚ୍ଚାରଣ କରେ, ତାହା ଅଗ୍ନିକଣା ପରି ଶକ୍ତିଶାଳୀ । କେତେ ମାତ୍ରାରେ ସତ୍ୟ ପ୍ରକାଶିତ ହେବ ଏବଂ କିପରି ହେବ,ସେଥିରେ ଶିବ ଓ ସୁନ୍ଦର କେତେ ରହିବ ତାହା ହିଁ ଗାଳ୍ପିକ/ ଲେଖକର ତପସ୍ୟା-ତେଣିକି ଉଚ୍ଚାରିତ ହୋଇଯିବା ପରେ ତା'ର ପରିଣାମ ସ୍ୱରୂପ କ'ଣ ସବୁ ଘଟିବ ବା ଓଲଟପାଲଟ ହୋଇଯିବ, ସେଥିରେ ମୁଣ୍ଡ ଖର୍ଚ୍ଚ କରିବାର ପ୍ରୟୋଜନ ନାହିଁ ।

ପ୍ରଶ୍ନ: ଗଳ୍ପର ଏକ ସୁନିର୍ଦ୍ଦିଷ୍ଟ ବକ୍ତବ୍ୟ ରହିବା ଆବଶ୍ୟକ ବୋଲି ଆପଣମନେ କରନ୍ତି କି ?

ଉ: କଥାରେ ନିର୍ଦ୍ଦିଷ୍ଟ ଏବଂ ସ୍ୱଚ୍ଛ ନ ରହିବା, ବାଚାଳତାର ଲକ୍ଷଣ । କିନ୍ତୁ ବକ୍ତବ୍ୟ ପାଇଁ ଯୋଜନା କରିବା ଏକପ୍ରକାର ଜ୍ୟାମିତିକ ଅନୁସିଦ୍ଧାନ୍ତ ବା ପେଶାଦାର ଓକିଲାତି । ସେଥିପାଇଁ ଗଳ୍ପଟିଏ ଉଦ୍ଦେଶ୍ୟମୂଳକ ଭାବରେ ଆସିବାପରି ଗଠନ କରାଯାଏ । ସର୍ଜନା କରାଯାଏ ନାହିଁ । ସ୍ୱଚ୍ଛତା ପାଇଁ ଯୁକ୍ତିନିଷ୍ଠତା ଅପେକ୍ଷା ସତ୍ୟନିଷ୍ଠତାର ଆବଶ୍ୟକତା ବେଶୀ ।

ପ୍ରଶ୍ନ: ଗଳ୍ପଟିକୁ ଲେଖିବା ଆରମ୍ଭ କରିବା ପୂର୍ବରୁ ତା'ର ସମାପ୍ତି କ'ଣ ହେବ ସେ କଥା ଆପଣ ଜାଣନ୍ତି କି ?

Digitized by srujanika@gmail.com

ଉ: ଗଳ୍ପ ଏକ ଜୀବନ୍ତ ପ୍ରକ୍ରିୟା । ଏଣୁ ଆରମ୍ଭ ହେଲେ ସରିବ ନିଶ୍ଚୟ, କିନ୍ତୁ କେମିତି ସରିବ, କେହି ଜାଣିପାରିବେ ନାହିଁ । ଜାଣିଲେ ତାହା ଏକ କଣ୍ଟେଇଖେଳ ହେଇଯିବ । ପାହାଡ଼ ଗର୍ଭରୁ ଝରଣା ନିମ୍ନରୁ ନିମ୍ନକୁ ଗଡ଼ିଯାଏ ସ୍ୱାଭାବିକ ଭାବରେ । କେଉଁଠି କେମିତି ସେ ସାଗର ଗର୍ଭରେ ପଡ଼ିବ, ତା' ଝରଣା ବି ନିଜେ ଜାଣେ ନାହିଁ । ଗଳ୍ପର ସ୍ୱାଭାବିକ ଧାରାରେ ଗାଳ୍ପିକ ନିଜକୁ ନିଃସର୍ତ୍ତ ସାମିଲ କରିନେଲେ, ପରିଣାମ ବିଷୟରେ କିଛି ଜାଣେ ନାହିଁ । ପରିଣାମଟିଏ ଆସେ, ତାକୁ ଚକିତ ଏବଂ ପୁଲକିତ କରି, ଯେମିତ ଗଳ୍ପର ଉଦ୍ଗମ ଆସିଥିଲା ।

ପ୍ରଶ୍ନ: ଗୋଟିଏ ମୌଳିକ ଗଳ୍ପ କି କି ଉପାଦାନ ବହନ କରିବା କଥା ଆପଣ ଭାବୁଛନ୍ତି ?

ଉ: ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ । ସେ 'ନ ଭୂତୋ ନା ଭବିଷ୍ୟତି', ଏକ ଅଦ୍ୱିତୀୟ ସତ୍ତା । ଏଣୁ ପ୍ରତ୍ୟେକ ଲେଖକ ଅନ୍ୟଠାରୁ ସ୍ୱତନ୍ତ୍ର ଏବଂ ପୃଥକ ହେବାକୁ ବାଧ୍ୟ । ପୃଥକ୍ ହେବା ହିଁ ତ' ମୌଳିକତା । ନିଜର ଅନନ୍ୟତା ବିଷୟରେ ସଚେତନ ହୋଇ ନିଜର ଅନୁଭବକୁ ଭିତ୍ତି କରି, ନିଜ ଦୃଷ୍ଟିକୁ ସମ୍ବଳ କରି, ଯାହା ସୃଷ୍ଟି କରାଯାଏ, ତାହା ମୌଳିକ ନ ହୋଇ ଆଉ କ'ଣ ହୋଇପାରେ ? ଯେ ଅନ୍ୟଭଳି ନ ହୋଇ ନିଜ ଭଳି ହେବାକୁ ଚାହେଁ ସେ ମୌଳିକ ।

ପ୍ରଶ୍ନ: ଆପଣଙ୍କର ସଫଳତମ ସୃଷ୍ଟି ବୋଲି କେଉଁ ପୁସ୍ତକକୁ ଆପଣ ଅଧିକ ବିଚାରକୁ ନେବେ ଏବଂ କାହିଁକି ?

ଉ: ନିଜର ସୃଷ୍ଟି ହେଲେ ସୁଦ୍ଧା କେଉଁ ଗଳ୍ପଗୁଡ଼ିକୁ ବିସ୍ମିତ ହୋଇ ଚାହିଁ ରହିବାକୁ ହୁଏ, ''ମୋର ଉଦରୁ ତୋର ଜାତ, ଲୋକେ ମଣିବେ କାହୁଁ ସତ'' ଭଳି ଅପୂର୍ବ ଭାବ ଜାଗ୍ରତ ହୁଏ, ମୋ ମନରେ ସେଗୁଡ଼ିକ ସଫଳ ସୃଷ୍ଟି । ମନେହୁଏ, ସତେବା ସୃଷ୍ଟି ସ୍ରଷ୍ଟାକୁ ଉତ୍ତରିତ ହୋଇଯାଇଛି । ସେମିତି କିଛି ଗଳ୍ପ ନିଶ୍ଚୟ ଅଛି, କିନ୍ତୁ ତା'ର ତାଲିକା କରିଦେଲେ ପାଠକ ତା'ର ସ୍ୱତନ୍ତ୍ର ରୁଚି ନେଇ ଗଳ୍ପଗୁଡ଼ିକର ଆକଳନ କରିପାରିବେ ନାହିଁ । ସେଥିପାଇଁ ସେଥିରୁ ବିରତ ହେଉଛି ।

ପ୍ରଶ୍ନ: ଉତ୍କୃଷ୍ଟ ଗଳ୍ପ କହିଲେ ଆପଣ କ'ଣ ବୁଝନ୍ତି ? ଓଡ଼ିଆରେ କେଉଁ ଗଳ୍ପ ବା ଗାଳ୍ପିକର ଲେଖାକୁ ଆପଣ ଗଳ୍ପର ଶ୍ରେଷ୍ଠ ନମୁନା ରୂପେ ଗ୍ରହଣ କରିବେ ?

ଉ: ଉତ୍କୃଷ୍ଟ ଗଳ୍ପ ଓ ସଫଳ ଗଳ୍ପ ଏକା ପର୍ଯ୍ୟାୟର । କିନ୍ତୁ ଉତ୍କୃଷ୍ଟ କହିଲେ ଏକ ତୁଳନାତ୍ମକ ମାନ ନିର୍ଣ୍ଣୟ କରାଯାଏ । ସେପରି କୌଣସି ଗାଳ୍ପିକ ବା ଗଳ୍ପକୁ ଗୋଟିଏ ବାକ୍ୟରେ ଚିହ୍ନିତ କରିବା ନ୍ୟାୟସଙ୍ଗତ ନୁହେଁ । ଗୋଟିଏ ଧାରାରେ ସବୁ ବିଚାର କରୁ କରୁ ବନେ ଜଣକ ପାଖରେ ବା ଗଳ୍ପଟିଏ ପାଖରେ

Digitized by srujanika@gmail.com

ଅଟର୍କାଯିବାକୁ ହୁଏ । ସେଇଠି ବିଚାରର ସୀମା ନର୍ଦ୍ଦେଶ ହୋଇଥାଏ । ସେପରି ବିଚାରର ଅବକାଶ ନ ଥିବାରୁ ଠୋ କିନା ମନ୍ତବ୍ୟ ଦେବାକୁ ମୁଁ ଚାହୁଁ ନାହିଁ ।

ପ୍ରଶ୍ନ: ଓଡ଼ିଆ ପତ୍ରପତ୍ରିକାର ରୁଚିବୋଧ ଓ ସମ୍ପାଦନା ବିଷୟରେ ଆପଣଙ୍କର ମତାମତ କ'ଣ ?

ଉ: ମୋର ମନେହୁଏ, ଓଡ଼ିଆ ପତ୍ରପତ୍ରିକାରେ ଲେଖାର ସଙ୍କଳନ ହୁଏ ସମ୍ପାଦନା ହୁଏ ନାହିଁ । ସମ୍ପାଦନା ନିରପେକ୍ଷତା, ନିର୍ଭୀକତା, ବହୁଦର୍ଶିତା, ଶାଣିତ ରଚିବୋଧ, ବହୁଶାସ୍ତ୍ରଦର୍ଶିତା ଓ ପାଣ୍ଡିତ୍ୟର ଅପେକ୍ଷା ରଖେ । ଏହା ଏକ ଗୁରୁଦାୟିତ୍ୱ ଏବଂ ସମ୍ମାନଜନକ ଅଧିକାର । ବିଶ୍ୱନାଥ କରଙ୍କ ଉଦାହରଣ ନିଆଯାଉ । ତାଙ୍କଭଳି ସମ୍ପାଦନା କରୁଥିବା ପତ୍ରିକା-ସମ୍ପାଦକ ପ୍ରାୟ ବିରଳ ।

ପ୍ରଶ୍ନ: ଲେଖକୀୟ ସଫଳତାର ପରିମାପକ କ'ଣ ? ସେହି ମାନଦଣ୍ଡ ଅନୁସାରେ ଆପଣ ନିଜକୁ କେତେ ସଫଳ କରିଛନ୍ତି ବୋଲି ବିଚାର କରନ୍ତି ?

ଉ: ନିଜ ବିଚାରରେ, ନିଜ ସୃଷ୍ଟିରେ ଜଣେ ଲେଖକ ସନ୍ତୁଷ୍ଟ ହୋଇପାରେ । କିନ୍ତୁ ଅନ୍ୟର ବିଚାରରେ ଭିନ୍ନ ଭିନ୍ନ ମାନଦଣ୍ଡରେ ସେ ସଫଳ ବା ଅସଫଳ । ମୁଁ ମୋ ଲେଖାକୁ ନେଇ ଅଦ୍ୟାବଧି ସନ୍ତୁଷ୍ଟ, ନିଶ୍ଚୟ, କାରଣ ଯତ୍‌ପରୋନାସ୍ତି ଚେଷ୍ଟା କରି ଯାହା ମିଳିଛି ସେତିକି ମାତ୍ର ସିଦ୍ଧି ହିଁ ମୋର ପ୍ରାପ୍ୟ । କିନ୍ତୁ, ମୁଁ ପରିତୃପ୍ତ ନୁହେଁ । ନିଜକୁ ଥରେ ସମ୍ପୂର୍ଣ୍ଣ ପ୍ରକାଶ କରିପାରିଲେ ପରିତୃପ୍ତ ହୋଇଯିବି । ତା'ପରେ ଆଉ ଲେଖିବି ନାହିଁ । କିନ୍ତୁ ସେ ଦିନ ଆସି ନାହିଁ । ଆସିବ କି ନାହିଁ ସନ୍ଦେହ ।

ପ୍ରଶ୍ନ: ପାଠକ, ସମୀକ୍ଷକ ଓ ସମାଲୋଚକମାନଙ୍କର ପ୍ରତିକ୍ରିୟାକୁ ଆପଣ କିଭଳି ଗ୍ରହଣ କରନ୍ତି ।

ଉ: ସହୃଦୟତା ନଥିଲେ ପାଠକ ବା ସମାଲୋଚକ ବା ତାଙ୍କ ମତାମତ ବିଚାରଯୋଗ୍ୟ ନୁହେଁ । ସହୃଦୟତାର ଅର୍ଥ ସପକ୍ଷତା ନୁହେଁ । ତାହା ଏକ ପ୍ରକାର ଆପଣାପଣ, ଏକ ପ୍ରକାର ଗଭୀର ସମ୍ପୃକ୍ତି । ଭଲମନ୍ଦ ସବୁକୁ ଆପଣେଇ କଥା କହିବାର ଯୋଗ୍ୟତା । -ଏଣୁ ସହୃଦୟତାକୁ ମୁଁ ସମ୍ମାନ ଦିଏ ।

ପ୍ରଶ୍ନ: 'ନବଲିପି' ପୃଷ୍ଠାରେ ଆପଣ ଅନ୍ତିମା ଗଳ୍ପକୁ ଆପଣଙ୍କର ଶ୍ରେଷ୍ଠଗଳ୍ପ ବୋଲି ମତ ଦେଇଛନ୍ତି । ମାତ୍ର 'ଅନ୍ତିମା' ପରେ ଆପଣ ଅନେକଗୁଡ଼ିଏ ଚମତ୍କାର ଗଳ୍ପ ଲେଖି ପାଠକମାନଙ୍କ ମନ ଭିତରେ ସେହି ଗପଗୁଡ଼ିକୁ ସ୍ମରଣୀୟ ରଖିପାରିଛନ୍ତି । ତେଣୁ ଅନ୍ତିମା ଏବେ ମଧ୍ୟ କ'ଣ ଆପଣଙ୍କର ଶ୍ରେଷ୍ଠ ଗଳ୍ପ ?

Digitized by srujanika@gmail.com

ଉ: ଶ୍ରେଷ୍ଠତା କୌଣସି ଏକକ ବିନ୍ଦୁ ନୁହେଁ । ତାହା ଏକ ସୀମାରେଖା । ସେ ରେଖା ସ୍ପର୍ଶ କରୁଥିବା ଏକାଧିକ ବିନ୍ଦୁ ସମ୍ଭବ । ଏଣୁ 'ଅନ୍ତିମା' ମୋର ଅନ୍ୟତମ 'ଶ୍ରେଷ୍ଠ ଗଳ୍ପ' ।

ପ୍ରଶ୍ନ: ନୂତନ ପିଢ଼ିର ଗାଳ୍ପିକମାନଙ୍କ ବିଷୟରେ ଏବଂ ଉଦ୍ଦେଶ୍ୟରେ ଆପଣଙ୍କର ବକ୍ତବ୍ୟ କ'ଣ ? ଓଡ଼ିଆ ଗଳ୍ପ ସାହିତ୍ୟରେ ସେମାନଙ୍କର ସୃଜନଶୀଳତା କେତେଦୂର ସ୍ୱାଗତଯୋଗ୍ୟ ତଥା ଓଡ଼ିଆ ଗଳ୍ପ ସାହିତ୍ୟର ଅଭିବୃଦ୍ଧିରେ କେତେଦୂର ସହାୟକ ।

ଉ: ମୋର ଉତ୍ତରଦାୟାଦଙ୍କୁ କହିବି ଆଉ କ'ଣ ? ବୁଢ଼ା ଗଛଟିଏ ତା'ର ଫୁଲ ପତ୍ର ମୁଣ୍ଡେଇ ଠିଆହେଇଚି । ଗଜେଇ ଆସୁଥିବା ନହକା ନୂଆଗଛକୁ ଅନେଇ ରହିଛି; ତାଙ୍କ ପାଇଁ ନୀରବ ସୁମନାସ ଜଣାଉଛି-ସେମାନେ ତାକୁ ଟପି ଯାଆନ୍ତୁ ଅନଧିକୃତ ଶୂନ୍ୟମଣ୍ଡଳକୁ । କିନ୍ତୁ ଭୂଇଁ ଛାଡ଼ନ୍ତୁ ନାହିଁ । ଏ ମାଟିର ରସ ନିଆରା; ସାରା ପୃଥିବୀରେ ଆଉ କୋଉଠି ନାହିଁ ।

◆ ◆ ◆

Digitized by srujanika@gmail.com

ଆତ୍ମପ୍ରକାଶ : ଏକ ସୂର୍ଯ୍ୟ ଧର୍ମ

(ବିଶିଷ୍ଟ ଲେଖକ ଚନ୍ଦ୍ରଶେଖର ରଥଙ୍କ ସହ ଏକ ସାକ୍ଷାତକାର)

ସାଂପ୍ରତିକ ଓଡ଼ିଆ ଗଦ୍ୟସାହିତ୍ୟର ବିଶିଷ୍ଟ ଲେଖକ ଭାବରେ ଚନ୍ଦ୍ରଶେଖର ରଥଙ୍କ ଖ୍ୟାତି ସୁବିଦିତ । ସେ ଏକାଧାରରେ ଜଣେ ପ୍ରାବନ୍ଧିକ,ଗାଳ୍ପିକ,ଔପନ୍ୟାସିକ ଓ ଚିତ୍ରଶିଳ୍ପୀ । ତାଙ୍କର ଗଦ୍ୟ କବିତ୍ୱପୂର୍ଣ୍ଣ । ଆଧୁନିକ ମଣିଷର ବ୍ୟର୍ଥତା,ନିଃସଙ୍ଗତା ଓ ଜଟିଳ ଜୀବନ ଚର୍ଯ୍ୟାକୁ ନେଇ ସାହିତ୍ୟ ସୃଷ୍ଟିରେ ତାଙ୍କର କୃତିତ୍ୱ ଅନସ୍ୱୀକାର୍ଯ୍ୟ । ସାଂପ୍ରତିକ ମଣିଷର ମନକୁ ବିଶ୍ଲେଷଣ କରିବାରେ ସେ ଜଣେ ସୁଦକ୍ଷ ବିଦ୍ଧାଣୀ । ଭାରତୀୟ ସଂସ୍କୃତି ଜଗନ୍ନାଥ ଚେତନା ଓ ଏକ ଆଧାତ୍ମିକ ଅନ୍ୱେଷା ତାଙ୍କର ପ୍ରତ୍ୟେକ ସୃଷ୍ଟିକୁ ଏକ ଅନନ୍ୟ ଗୌରବ ଦେଇଛି । 'ଯନ୍ତ୍ରାରୂଢ଼','ଅସୂର୍ଯ୍ୟ ଉପନିବେଶ','ନବ ଜାତକ','ଅନେକ ବନ୍ୟାପରେ','ଆଶ୍ୱାରୋହୀର ଗଳ୍ପ','ସମ୍ରାଟ ଓ ଅନ୍ୟମାନେ','ଅନ୍ୟ ଏକ ସକାଳ','ସବୁଯାକ ସ୍ୱପ୍ନ','ଏତେ ପାଖରେ ସମୁଦ୍ର','ବାଘ ସବାର','ବିକ୍ରି ପାଇଁ ଫୁଲମାଳ','ସବୁଠାରୁ ଦୀର୍ଘ ରାତି','ଦୃଷ୍ଟି ଓ ଦର୍ଶନ','ରଥ ସପ୍ତକ','ମନ ଅରଣ୍ୟ','ଉତ୍ତର ଅରଣ୍ୟ','ଅଶ୍ରୁତ ସ୍ୱର','ମଧୁ ସନ୍ଧାନ','ମୁଁ ସତ୍ୟଧର୍ମା କହୁଛି','କ୍ରିତଦାସର ସ୍ୱପ୍ନ' ପ୍ରଭୃତିର ସ୍ରଷ୍ଟାଭାବରେ ସେ ଓଡ଼ିଆ ପାଠକ ସମାଜରେ ବେଶ୍ ଜଣାଶୁଣା । ସେ ତାଙ୍କର ସୃଷ୍ଟି ସକାଶେ 'ଓଡ଼ିଶା ସାହିତ୍ୟ ଏକାଡ଼େମି','ଶାରଳା ପୁରସ୍କାର','କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ଲାଭ କରିଛନ୍ତି । ସେ ଓଡ଼ିଆ ଓ ଇଂରାଜୀ ଉଭୟ ଭାଷାରେ ଚମତ୍କାର ବକ୍ତୃତା ଦେଇପାରନ୍ତି । ତାଙ୍କର ସାଧନା ସଂପର୍କରେ ବଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଭାଷାରେ କୁହାଯାଇପାରେ ,''ଚନ୍ଦ୍ରଶେଖର ରଥ କବିତାରେ କଲମ ବୁଡ଼ାଇ ଗଦ୍ୟ ଲେଖନ୍ତି । ଓଡିଆ ଭାଷା ତାଙ୍କର କଲମରେ ଓଠରେ,ଏପରିକି ନିଶ୍ୱାସ ପ୍ରଶ୍ୱାସରେ ବି ନିରୁତା ମମତା ଓ ନିଆରା ତଉଲପଣ ନେଇ ସ୍ଫୁରୁଥାଏ । ରଚନା ସାହିତ୍ୟର ସେ ସଂପୂର୍ଣ୍ଣ ଚନ୍ଦ୍ରଶେଖରୀୟ, ଅଦ୍ୱିତୀୟ ।''

ସାଂପ୍ରତିକ ଓଡ଼ିଆ ସାହିତ୍ୟର ଏପରି ଏକ ଯଶସ୍ୱୀ ଲେଖକଙ୍କୁ ଭେଟିଥିଲେ ୨୬-୦୭-୯୮ ତାରିଖ ଦିନ ଡକ୍ଟର ବାଉରୀବନ୍ଧୁ କର । ଏହି ସାକ୍ଷାତକାରଟିକୁ ପ୍ରସ୍ତୁତ କରିବାରେ ସହାୟତା କରିଛନ୍ତି,ଡକ୍ଟର ନବକିଶୋର ମିଶ୍ର ।

Digitized by srujanika@gmail.com

● ଆପଣ ଲେଖିବା ସକାଶେ କେଉଁଠାରେ ପ୍ରଥମେ ପ୍ରେରଣା ଲାଭ କଲେ ?

■ ସମକାଳୀନ ଓଡ଼ିଆ ଲେଖକ ଓ ଅନ୍ୟ କୌଣସି ସାହିତ୍ୟର ପ୍ରତିଷ୍ଠିତ ଲେଖକଙ୍କ ଦ୍ୱାରା ମୁଁ ପ୍ରଭାବିତ ହୋଇନାହିଁ । କେତେକ କହନ୍ତି ପ୍ରବନ୍ଧରେ ଗୋବିନ୍ଦ ତ୍ରିପାଠୀଙ୍କ ପ୍ରଭାବ କିଛିଟା ଆପଣଙ୍କ ଉପରେ ପଡ଼ିଛି । ନିରାଟ ଭାବରେ ନିଜର ଅଜ୍ଞତା ସ୍ୱୀକାର କରିବାକୁ ଗଲେ 'ବଟୁଆ'ବ୍ୟତୀତ ତାଙ୍କର ଅନ୍ୟ କୌଣସି ଲେଖା ମୁଁ ପଢ଼ିନାହିଁ । ଓଡ଼ିଆ ସାହିତ୍ୟ ବ୍ୟତିତ ବଙ୍ଗଳା,ସଂସ୍କୃତ,ଇଂରାଜୀ,ହିନ୍ଦୀ ଓ ଅନ୍ୟାନ୍ୟ କଣ୍ଟିନେଣ୍ଟାଲ ଲିଟରେଚର ମୁଁ ପଢ଼ିଛି । ଏ ସବୁର ସାମଗ୍ରିକ ପ୍ରଭାବ ହୁଏତ ମୋ ଲେଖାକୁ ପରିପୁଷ୍ଟ କରିଥିବ, କିନ୍ତୁ ଆଜୀବନ ଉପନିଷଦ ଏବଂ ରାମାୟଣ ମହାଭାରତ ସହିତ ମୁଁ ଜଡ଼ିତ ରହି ଆସିଥିବାରୁ,ତାହାହିଁ ମୋ ପ୍ରେରଣାର ମୂଳଉତ୍ସ ବୋଲି ମୋର ମନେ ହୁଏ ।

● ସାରସ୍ୱତ ପ୍ରେରଣା ସ୍ରଷ୍ଟା ନିକଟକୁ କେଉଁଠାରୁ ଆସେ ?

■ ଏ ସଂପର୍କରେ ବିଭିନ୍ନ ଉତ୍ତର ଦିଆଯାଇ ପାରେ । ମୋ ବିଚାରରେ ସାହିତ୍ୟ ସୃଷ୍ଟିରେ ଏକ ଅନିବାର୍ଯ୍ୟତା ଓ ସ୍ୱାଭାବିକତା ରହିଛି , ସ୍ୱାଭାବିକ ଭାବରେ ଆତ୍ମ ପ୍ରକାଶ କଲେ ଲେଖା ଉତ୍କୃଷ୍ଟ ହୋଇଥାଏ । 'ମୁଁ ଲେଖେ କାହିଁକି ?'ରେ ମୁଁ ଆଲୋଚନା କରିଛି ଯେ, ନିଜକୁ ପ୍ରକାଶ କରିବାର ପ୍ରବୃତ୍ତି କେବଳ ମଣିଷର ନୁହେଁ,ପଶୁ,ପକ୍ଷୀ,ଗଛ,ଲତା ସମସ୍ତଙ୍କର ଅଛି । ତେଣୁ ଗଛରେ ନୂଆପତ୍ର କଅଁଳୁଛି,କଢ଼ ଧରୁଛି ଓ ଫୁଲ ଫୁଟି ଦିଗ ଚହଟୁଛି, କିନ୍ତୁ ପ୍ରକାଶର ଏକ ମାଧ୍ୟମ ଲୋଡ଼ା । ଏଇ ମାଧ୍ୟମ ହୋଇପାରେ ଏକକ ଅଥବା ବହୁଧା । ମୋଠିଁ ଏକକ ମାଧ୍ୟମ କାର୍ଯ୍ୟକରେ ନାହିଁ । ଲେଖା ମୋର ଏକମାତ୍ର ମାଧ୍ୟମ ନୁହେଁ । ତା ସାଙ୍ଗକୁ ତୂଳୀଧରି ଚିତ୍ର ଆଙ୍କିବା ଓ ନିହାଣ ମୁଗୁରରେ ମୂର୍ତ୍ତିଗଢ଼ିବାରେ ମୋର ସଉକ । ପଥରରେ ଯାହା ଫୁଟେ,ତୂଳୀରେ ତାହା ଆଙ୍କି ହୁଏନା କିମ୍ବା ଲେଖନୀରେ ତାହା ବାଙ୍ମୟ ହୋଇ ଉଠେନା । ସେ ସବୁ ସପ୍ତସୁରୀ ହୋଇ ବାଜି ଉଠେ । ଋତୁକ୍ରମରେ ଗଛରେ ଫୁଲ ଫୁଟିଲା ପରି ସାହିତ୍ୟ ସୃଷ୍ଟିରେ ମଧ ଏକ ଅନିବାର୍ଯତା ଅଛି ତାହା ସ୍ୱତଃ ପ୍ରକଟ ହୁଏ ତାକୁ ନିବାରଣ କରିବା ସମ୍ଭବ ନୁହେଁ ।

● ଆପଣଙ୍କ ଦୃଷ୍ଟିରେ ଲେଖିବାର ଆନନ୍ଦ କିପରି ?

■ ଲେଖିବାର ଆନନ୍ଦ ଅବିମିଶ୍ରିତ ସୁଖ ନୁହେଁ । ଏଥିରେ ଜ୍ୱାଳା ଅଛି,ଯନ୍ତ୍ରଣା ବି ଅଛି । କିନ୍ତୁ ଏହାକୁ ଜ୍ୱାଳା କି ଯନ୍ତ୍ରଣା କହିବା କଷ୍ଟକର । ସେ ସକାଶେ ସାହିତ୍ୟରେ ଆମେ 'ବେଦନା' ଶବ୍ଦ ପ୍ରୟୋଗ କରୁଛୁ । ଏପରି ଶବ୍ଦର ପଟାନ୍ତର ନାହିଁ । 'ବିଦ୍' ରୁ 'ବେଦନା' । କ୍ରୌଞ୍ଚ ଦମ୍ପତି ଶରବିଦ୍ଧ ହେଲେ,ବାଲ୍ମୀକି ବେଦନାବିଦ୍ଧ ହୁଅନ୍ତି; ଆହା ଶବ୍ଦ ଉଚ୍ଚାରିତ ହୁଏ ଓ ତାହା ପ୍ରସାରିତ ହୋଇ ରାମାୟଣର ରୂପ ନିଏ । ହା ରାମ, ହା ଦଶରଥ - ଏହିପରି ।

Digitized by srujanika@gmail.com

● 'ସାହିତ୍ୟିକ ଅନୁଭୂତି'କହିଲେ ଆପଣ କ'ଣ ବୁଝନ୍ତି ?

■ ଏକ ଚମତ୍କାର ଦୃଶ୍ୟ ଚିତ୍ର- ଯେପରି ଚାଳିଶା ହୋଇଯିବା । ଚାଳିଶ ହୋଇଗଲେ ଦୂର ପାଖ ହୋଇ ଦିଶେ,ପାଖ ଦୂର ହୋଇଯାଏ । କହିବାର ଉଦ୍ଦେଶ୍ୟ ହେଉଛି ; ବୟସ ବଢ଼ିବା ସହିତ ଅନୁଭୂତି ମଧ୍ୟ ବଦଳିଯାଏ । ଚେତନାର ସମୃଦ୍ଧି ଘଟେ । ଚେତନାର ସମୃଦ୍ଧି ଯାହାର ନାହିଁ, ସେମାନେ ରହିଯା'ନ୍ତି । ନିମ୍ବଫୁଲ କେବେହେଲେ ପଦ୍ମଫୁଲ ହେବନାହିଁ, ସେଇ ନିମ୍ବ ଫୁଲ ହେବ । କିନ୍ତୁ ଏ ବର୍ଷର ନିମ୍ବଫୁଲ କ'ଣ ଆରବର୍ଷର ନିମ୍ବଫୁଲ ପରି ଅବିକଳ ହୋଇ ପାରିବ ?

ପ୍ରତ୍ୟେକ ମନସ୍କ ପ୍ରାଣୀର ମନଟା ଏଡ଼େ ବ୍ୟାପକ ଯେ ଏଥିରେ ଯେ କୌଣସି ଚିତ୍ର ପ୍ରତିଫଳିତ ହୋଇ ପାରିବ । ଜଣେ କୌଣସି ବିଷୟ ବୁଝାଇଦେବା ଅର୍ଥ ଗୋଟିଏ ଚିତ୍ର ପ୍ରଦାନ କରିବା । ମୁଁ ଗୋଟିଏ ଚିତ୍ର ଦେଲି, ସେଇ ଚିତ୍ରଟି ତମ ମନକୁ ଧରା ଯାଉ ଛୁଇଁଲା,ଅର୍ଥାତ୍ ତମମନରେ ପ୍ରତିଫଳିତ ହେଲା,ତମ ମନକୁ ମୋ ମନର ଏହି ବ୍ୟବଧାନ ଅତିକ୍ରମ କରି ସଂଚରି ଯିବା ହେଉଛି 'ସାହିତ୍ୟ'।

● ଲେଖକ ଜୀବନର ସାର୍ଥକତା କେଉଁଠି ? ଆପଣ ଏଭଳି ସାର୍ଥକତାର ସୁରାକ କେଉଁଠୁ ପାଇଛନ୍ତି ?

■ ମୋ ମତରେ ସ୍ରଷ୍ଟାର ସାର୍ଥକତା ମିଳେ ସେତେବେଳେ ଯେତେବେଳେ କୌଣସି ଅଜ୍ଞାତ ପାଠକଠାରୁ ସ୍ୱତଃ ସ୍ଫୂର୍ତ୍ତ ସରଳ ଆବେଗ ପୂର୍ଣ୍ଣ ଚିଠି ମାଧ୍ୟମରେ ସ୍ୱୀକୃତି ମିଳେ । ଏ ଧରଣର ଅନେକ ଚିଠି ମୋର ବିରଳ ଲେଖା ପାଇଁ ପାଇଛି ଓ ତାକୁ ପଢି ମୁଁ ଅଭିଭୂତ ହୋଇଛି । ସେଗୁଡ଼ିକୁ ମୁଁ ସାଇତି ରଖିଛି ହୁଏତ ପ୍ରକାଶ କରି ପାରେ ।

● ଆପଣ ଲେଖାଟିଏ ଲେଖିବା ପୂର୍ବରୁ କିପରି ଭାବେ ନିଜକୁ ପ୍ରସ୍ତୁତ କରାନ୍ତି ।

■ ହଁ-ଏଇ 'କରାନ୍ତି' ଶବ୍ଦଟି ବଢ଼ିଆ କୁହାଯାଇଚି,କାରଣ ସେଇ ଯେ ଲେଖାଟି ମତେ ପ୍ରସ୍ତୁତ କରାଏ । ମୋର ଅନୁଭବ ଅଛି ଯେ ବେଳେ ବେଳେ ପଢ଼ିଆ ପଡ଼ିଯାଏ ଲେଖା । ପଡ଼ିଆ ପଡ଼ିଯାଏ ମାନେ ଆଉ ମୋ ଭିତରେ କିଛି ସ୍ପନ୍ଦନ ହୁଏ ନାହିଁ । ମୁଁ ଭାବେ ଯେ ବୋଧେ ଏଇଠି ସରିଗଲା, ଆଉ ଯଦି ବି ସେମିତି ଦିନେ ସରିଯାଏ, ସେଥିରେ ମୋର ଅବଶୋଷ ନାହିଁ । କାରଣ ନଦୀଧାର ଯଦି ପ୍ରକୃତରେ ପର୍ବତ ଭିତରୁ ତା'ର କେନ୍ଦ୍ରରୁ ଝରି ଆସୁଛି, ସେ ସରିବ ନାହିଁ ଚିରକାଳ ଚାଲିଥିବ । ହୁଏତ ଆସ୍ତେ ଆସ୍ତେ ସୁବିସ୍ତୃତ ହେଉଥିବ ସିନା ଶୁଖିଯିବା ଆଶଙ୍କା ନାହିଁ । କିନ୍ତୁ ଯଦି ସେଠି କିଛି ନାହିଁ,କେଉଁ ଗଣ୍ଡରୁ ପାଣିଟିକେ ବୋହି ଆସୁଛି , ତେବେ ଶୁଖିବା ସମ୍ଭାବନା ଖୁବ୍ ବେଶୀ ।

ଗଳ୍ପ ହେଉ ବା ଉପନ୍ୟାସ ହେଉ ବା ରଚନା ହେଉ ମୁଁ ଯୋଜନା ବଦ୍ଧ ଭାବରେ କେବେ ଲେଖେ ନାହିଁ । କାରଣ ମୋର ବିଶ୍ୱାସ ଯେ,କୌଣସି ଲେଖା ହେଉଚି ନଦୀର ଧାର ପରି । ଯଦି ବହିବା ଆରମ୍ଭ କରିଛି ଏ ଅବଶ୍ୟ ନିଜ ବାଟରେ ବହି ସମୁଦ୍ରରେ ପଡ଼ିବ ।

Digitized by srujanika@gmail.com

● ଆପଣ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ । ଏ ଭିତରେ ଆପଣ କିପରି ସମନ୍ୱୟ ସ୍ଥାପନ କରନ୍ତି ?

■ ଉପନ୍ୟାସ ଓ ଗଳ୍ପଭିତରେ ମୁଁ ବିଶେଷ କିଛି ତଫାତ୍ ଦେଖିପାରେନା । ଏହା ଗୋଟିଏ ଭୂମିର ଅନୁଭବ । ଉଭୟର କେନ୍ଦ୍ର ଏକ ଯଦିଓ ଉପନ୍ୟାସର ପରିସର ପରିପାଟି,ବିନ୍ୟାସ ସବୁ ବିସ୍ତୃତ । ଗଳ୍ପରେ ସ୍ରଷ୍ଟାର ସ୍ୱାଧୀନତା ଅପେକ୍ଷା ସଂଯମର ମାତ୍ରା ଅଧିକ ଆବଶ୍ୟକ । ଗଳ୍ପ କେନ୍ଦ୍ରୀଭୂତ ହେବାବେଳେ ଉପନ୍ୟାସ ମୁକ୍ତ ଭାବରେ ବିସ୍ତୃତ ହୋଇ ଯାଏ ।

ଗଳ୍ପ ଓ ଉପନ୍ୟାସ ଉଭୟ ମୋତେ ଆନନ୍ଦ ଦେଇଥାନ୍ତି । ତେବେ ବର୍ତ୍ତମାନର ଓଡ଼ିଆ ଉପନ୍ୟାସ କଥା ବିଚାରକୁ ନେଇ କର୍ତ୍ତବ୍ୟବୋଧ ଦୃଷ୍ଟିରୁ ହୁଏତ ମୁଁ ଉପନ୍ୟାସକୁ ଅଧିକ ଗୁରୁତ୍ୱ ଦେବି । ମୋ ସାମ୍ନାରେ ଓଡ଼ିଆ ଉପନ୍ୟାସ ଏମିତ ମରି ମରି ଯିବ ; ଅଥଚ କୌଣସି ଏକ ଆଳରେ ମୁଁ ଧନୁ ଧରିବି ନାହିଁ; - ଏହା ସହି ହେଉ ନାହିଁ । ସେଇ ପରିପ୍ରେକ୍ଷୀରେ ଉପନ୍ୟାସ ପରି ଅଧିକ ଗୁରୁତ୍ୱ ଦେବା ଏକ ଜାତୀୟ କର୍ତ୍ତବ୍ୟ। କିନ୍ତୁ ଉପନ୍ୟାସକୁ ଲେଖିବି କହିଲେ ତ ଲେଖି ହୋଇ ଯିବ ନାହିଁ, ଦେବତା ଭଳି ମୋ ଉପରେ ଉପନ୍ୟାସ ପ୍ରସନ୍ନ ହେଲେ ସିନା । ଏହାର ଅର୍ଥ ନୁହେଁ ଯେ ମୁଁ ଗଳ୍ପ ଲେଖା ଛାଡ଼ି ଦେବି । ଏ ପର୍ଯ୍ୟନ୍ତ ଉଭୟର ଏକ ସ୍ୱାଭାବିକ୍ ଆର୍କଷଣ ମୋ ପାଖେ ରହିଛି । ତେବେ ଦେଖାଯାଉ ଗଳ୍ପ ସହିତ ଉପନ୍ୟାସ ଲେଖି ହେଉଛି ନା ନାହିଁ ।

ହଁ - ପ୍ରବନ୍ଧ କଥା । ଏହା ଚିନ୍ତା ପ୍ରଧାନ । ଏଥିରେ ଲେଖକର ବିଳାସ ଭୂମି କମ୍ କିନ୍ତୁ ଦାୟିତ୍ୱବୋଧ ଯଥେଷ୍ଟ ଅଧିକ । ତେଣୁ ଏହାକୁ ଅଧିକ ବିଚାର ପୂର୍ବକ ଲେଖିବାକୁ ହୁଏ । ଅବଶ୍ୟ ଏଥିରେ ବେଳେବେଳେ ଚିନ୍ତା - ଚେତନା ସ୍ୱତଃ ପ୍ରବାହିତ ହୁଏ । ସେଥିପାଇଁ କିଛି ସ୍ୱତନ୍ତ୍ର ଲାଳିତ୍ୟ ଆସିଯାଏ । ପ୍ରବନ୍ଧର ଗତାନୁଗତିକ ଟାଣପଣ ରହେ ନାହିଁ ।

ମୁଁ ଯେଉଁ ପ୍ରବନ୍ଧ ଲେଖିଛି, ତାକୁ ମୁଁ ରଚନା ବୋଲି କହେ । ତା'ର ସଂଜ୍ଞା ମୁଁ ନିଜେ ନିରୂପଣ କରିଛି । ରଚନାରେ ଗାମ୍ଭୀର୍ଯ୍ୟ,କବିତ୍ୱ,ନାଟକୀୟତା ଓ ଚରିତ୍ର ଆଦିର ସମାବେଶ ସମ୍ଭବ । ଏସବୁ ବୀଜୀଭୂତ ହୋଇ ରହିଥାଏ । ତେଣୁ ହଠାତ୍ କେବେ ଯଦି ମୁଁ କବିତା ବା ନାଟକ ଲେଖି ବସେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ । ଲେଖାର ଯେଉଁ ଉପାଦାନ ଅଧିକ ହୁଏ, ସେ ପ୍ରକାର ଲେଖା ବାହାରି ଆସେ । ତେଣୁ ମୋ ଗଳ୍ପ ଓ ପ୍ରବନ୍ଧ ଭିତରେ ନିବିଡ଼ ସଂପର୍କ ରହିଛି । ଏପରିକି କେତେକ ସମ୍ପାଦକ ମୋ ପ୍ରବନ୍ଧକୁ ଗଳ୍ପ ବିଭାଗରେ ଛାପି ଦିଅନ୍ତି ।

Digitized by srujanika@gmail.com

● ଆପଣଙ୍କ ଦୃଷ୍ଟିରେ 'ରଚନା'ର ସ୍ୱରୂପ କ'ଣ ?

■ ମୋ ମତରେ ରଚନାରେ ବ୍ୟକ୍ତିଗତ ସ୍ୱରଟି ଅତି ସ୍ପଷ୍ଟ । 'ରଚନା' ରେ କବିତାର ପ୍ରାଣ, ତା'ର ଆଙ୍ଗିକ ଭାଷା ଓ ଭଙ୍ଗୀରେ ଗଳ୍ପର ରଞ୍ଜକତା ଓ ଚାତୁରୀ, ପ୍ରବନ୍ଧର ବୌଦ୍ଧିକତା, ଶାଣିତ ଚିନ୍ତାର ଦୀପ୍ତି, ସମୟ ସମୟରେ ନାଟକର ଛଟା, ଏବଂ ସଂଳାପ ଥିଲେ ମଧ ଏ ସମସ୍ତଠାରୁ ଭିନ୍ନ; ନିଜ ଗୋଡରେ ନିଜେ ଠିଆ ହେବା ଭଳି ଏକ ସ୍ୱତନ୍ତ୍ର ସାହିତ୍ୟିକ ଅଭିବ୍ୟକ୍ତି । ଏ ସବୁ ସତ୍ତ୍ୱେ କ'ଣ ରଚନାକୁ ଇଂରାଜୀ Belles-lettres ର ଦେଶିଆ ଅନୁକରଣ ବୋଲି ଆମେ କହିବା? ଏବେ ଇଂରାଜୀରେ ଏକ ଖୋଲାରୂପ ଗୃହୀତ ହେଲାଣି । ମାର୍କିନ୍ ସମାଲୋଚକ Alfred Kazin ତାକୁ କହିଛନ୍ତି 'Open form', ଏମିତି ପାରିଲା ହାତରେ ପଡ଼ିଲେ ରଚନା କି ଅଦ୍ଭୁତ ସାଧନ କରିପାରେ ଇଂରାଜୀ ସାହିତ୍ୟ ତାର ଯଥେଷ୍ଟ ପ୍ରମାଣ ଦେଇ ସାରିଛି ।

● ଆପଣଙ୍କ ସମଗ୍ର ରଚନାବଳୀ ମଧ୍ୟରେ 'ରଥ ସପ୍ତକ'ଏକ ଅନନ୍ୟ ସୃଷ୍ଟି । ଏ ସଂପର୍କରେ କିଛି କହନ୍ତୁ ।

■ ଏ ପ୍ରଶ୍ନଟି ଅଲୌକିକ ଭାବ ଜଗତର ଅତି ଗହନ କଥା । ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରି କିପରି ମୁଁ ଏହାକୁ ଲେଖିଛି - ମୁଁ ଜାଣେନା ।ବେଳେ ବେଳେ ବନ୍ଦୀଶାଳାରେ ମହାପୁରୁଷ ଜନ୍ମଲାଭ କଲାପରି ସାହିତ୍ୟ ସୃଷ୍ଟି ତା'ର ସ୍ରଷ୍ଟାକୁ ଅତିକ୍ରମ କରିଯାଏ । ନିମିତ୍ତ ପରି ଜଣେ ଲେଖକ ଓ ଲେଖନୀକୁ ବ୍ୟବହାର କରି ସୂକ୍ଷ୍ମ ଭୂମିରୁ ଯେ ଅବତରଣ କରେ ସେ ସ୍ୱୟଂ ସ୍ରଷ୍ଟା, ଏଣୁ ତା'ସୃଷ୍ଟି ଠାରୁ ବୃହତ୍ତର, ଆୟତନରେ ଏବଂ ଗଭୀରତାରେ । ସେ ସ୍ୱୟଂ ତା' ସୃଷ୍ଟି ପାଇଁ ନିମିତ୍ତ ଏବଂ ଉପାଦାନ । ନିଜର ଗୋଟିଏ ମାତ୍ର ଅଂଶକୁ ସଂଜୀବିତ କରି ତାକୁ ସ୍ୱତନ୍ତ୍ର ସତ୍ତାରେ ସ୍ୱୀକୃତି ଦେବା ସ୍ରଷ୍ଟାର ଅନନ୍ୟ ଅଧିକାର । କିନ୍ତୁ ଏ ନିୟମର ବ୍ୟତିକ୍ରମ ମଧ୍ୟ ହୁଏ । ଶୂନ୍ୟଭୂମିର ପକ୍ଷୀମାନେ ହଠାତ୍ କୌଣସି ଡାଳ ଉପରକୁ ଓହ୍ଲାଇ ଆସନ୍ତି ସ୍ୱଇଚ୍ଛାରେ । ସେ ଗଛଟି ସେଥିପାଇଁ ନିଜକୁ ଧନ୍ୟ ମନେକରେ, ପୂର୍ଣ୍ଣ ମନେକରେ । ତା ଡାଳରେ ଫଳଟିଏ ଓହଳିବା ଯାହା ପକ୍ଷୀଟିଏ ବସିବା ତାହା ନୁହେଁ । ଅନ୍ୟମାନେ ପକ୍ଷୀଟିକୁ ତା ଡାଳରେ ଆବିଷ୍କାର କରନ୍ତି, ଚିହ୍ନଟ କରନ୍ତି । ସେ କିନ୍ତୁ ବିନୟର ସହିତ ସତ୍ୟ ସ୍ୱୀକାର କରେ । ପ୍ରତିବର୍ଷ ରଥ ଯାତ୍ରା ବେଳକୁ ଶ୍ରୀ ଜିଉଙ୍କର ମୁଦ୍ରାଙ୍କିତ ଆଦେଶ ନେଇ ଆସିଲା ଭଳି କେହି ଜଣେ ଆସି ମୋ ଠାରୁ ଖଣ୍ଡିଏ ରଚନା ଆଦାୟ କରି ନେବାର ନଜିର ମୋ ପାଖରେ ଅଛି । ସେମାନେ ଯେଉଁଭଳି ସ୍ନେହାଧିକାର ଜାହିର କରିଛନ୍ତି ମୁଁ ଜାଣେ । ଅନୁକ୍ତହେଲେ ମଧ ସେ ଆଦେଶ ଦୁର୍ଲଂଘ୍ୟ ବୋଲି ଜାଣେ । ମୁଁ ସେ ଆଦେଶ ପାଳନ କରିଛି ମାତ୍ର । ଏଣୁ ସାଧାରଣ ଅର୍ଥରେ ମୁଁ ନିଜକୁ ଏ ଲେଖାଗୁଡିକର ସ୍ରଷ୍ଟାବୋଲି କହିବାକୁ ଦ୍ୱିଧା ବୋଧ କରୁଛି । ସେଥିପାଇଁ ହୁଏତ ମୋର କିଛି ପ୍ରସ୍ତୁତି ଥାଇପାରେ କିନ୍ତୁ ଏ ଭଳି ରଚନା ତ ମୋର ଆଉ ନାହିଁ ।

Digitized by srujanika@gmail.com

● ଆପଣଙ୍କ ଲେଖକୀୟ ଆଭିମୁଖ୍ୟ କ'ଣ ?

■ ଲେଖାରେ ହେଉ ବା କବିତାରେ ହେଉ ନିଜକୁ ପ୍ରକାଶ କରିବା ସୂର୍ଯ୍ୟଧର୍ମ । ସେ ଆଲୋକ ଦିଏ କି ଉତାପ ଦିଏ ନିଜେ ଜାଣେନା; ତା'ର ଫଳାଭି ସନ୍ଧି ନଥାଏ । ତା ପାଇଁ ଗୋଟିଏ ମାତ୍ର ସତ୍ୟ; ନିଷ୍ଠାର ସହିତ ଜଳିଯିବା । ତା'ପରେ ନିରାଲୋକ ମୌନତା, ସେଇଟା ସତ୍ୟ ନୁହେଁ, କି ମିଥ୍ୟା ନୁହେଁ । ସେଠି ଥଳକୂଳ ନାହିଁ ।

● ସାହିତ୍ୟ ସମାଜର ସବୁଶ୍ରେଣୀର ପାଠକଙ୍କ ପାଇଁ ଅଭୀପ୍ରେତ ନା ଏହା କେବଳ ମୁଷ୍ଟିମେୟ ବୁଦ୍ଧିଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ?

■ ଉଭୟ ଠିକ୍ । ସାହିତ୍ୟରେ ବିସ୍ତାର ଓ ତୁଙ୍ଗିମା ଉଭୟର ଆବଶ୍ୟକତା ରହିଛି । କେବଳ ସାଧାରଣ ପାଠକ ପାଇଁ ଲେଖାଗଲେ ହୁଏତ ତାର ବୌଦ୍ଧିକ ଦିଗ ବ୍ୟାହତ ହୋଇ ସାହିତ୍ୟର ମାନହାନି ଘଟିବାର ସମ୍ଭାବନା ଯେମିତି ରହିଛି, ଆତି ମାତ୍ରାରେ ବୌଦ୍ଧିକ ହେଲେ ସାଧାରଣ ପାଠକ ଠାରୁ ଦୂରେଇ ଯାଇ ଏହା ଲୋକପ୍ରିୟତା ହରେଇ ବସିବାର ଆଶଙ୍କାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ।

ଏ ଉଭୟ ସମ୍ଭାବନା ଭିତରୁ କୌଣସି ଗୋଟିକର ଔଚିତ୍ୟ ସାହିତ୍ୟ ପାଇଁ ସ୍ଥିର କରା ଯାଇ ପାରିବ ନାହିଁ । କେବଳ ପ୍ରଚଣ୍ଡ ପ୍ରତିଭାଶାଳୀ ଲେଖକ ଉଭୟର ଏକ ସମନ୍ୱୟ ଆଣିପାରିବ । ଉଦାହରଣ ସ୍ୱରୂପ ଜଗନ୍ନାଥ ଦାସଙ୍କ ଭାଗବତ । ଅତି ସାଧାରଣ ଲୋକଠାରୁ ଖୁବ୍ ପ୍ରଜ୍ଞାଶୀଳ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ପର୍ଶ କରିଛି । ତାହା ହିଁ ବାସ୍ତବରେ 'Greatest of the great"

● ସାହିତ୍ୟକୁ ବୃତ୍ତି ରୂପେ ଗ୍ରହଣ କରି ଓଡ଼ିଶାରେ ବଞ୍ଚି ହେବ କି ?

■ ଏ ଦିଗରେ ମୁଁ ଅନେକ ଚିନ୍ତା କରିଛି । ସଂକ୍ଷେପରେ କହିଲେ ସାହିତ୍ୟ ଏକ ବୃତ୍ତି ନୁହେଁ । ଜଣେ ସାହିତ୍ୟ-ସର୍ବସ୍ୱ ହୋଇ ବଞ୍ଚି ପାରିଲେ ମନ୍ଦ ହୁଅନ୍ତା ନାହିଁ ।ଆମେ ସବୁ ଜୀବନ ସଙ୍ଗେ ସାହିତ୍ୟକୁ ସାମିଲ କରି ପାରୁନା । ଜୀବନ ସାହିତ୍ୟଠାରୁ ବିସ୍ତୃତ । ଯେଉଁମାନେ ଜୀବନ ସମସ୍ୟା ନେଇ ବ୍ୟସ୍ତ ତାଙ୍କ ପାଇଁ ବିଶେଷ କିଛି ନଥାଏ । ବହୁଲୋକ ସାହିତ୍ୟଠାରୁ ଅନ୍ତରୀଣ ହୋଇ ରହିଯାନ୍ତି । ତେଣୁ ସାହିତ୍ୟରେ ଆଜି ପୃଷ୍ଠପୋଷକତାର ଘୋର ଅଭାବ ପରିଲକ୍ଷିତ ।

ଗାଁ ଲୋକଙ୍କ ସକାଶେ ଭାଗବତ ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । ଧର୍ମ, ଦର୍ଶନ, ନୈତିକତା ଆଦି ସକଳ ବିଷୟର ପ୍ରେରଣା ଲୋକେ ଭାଗବତରୁ ପାଉଥିଲେ । ତେଣୁ ତାହା ଜନମାନସର ଅତଳ ଗହୀରକୁ ମାଡ଼ିଗଲା । ସେ ପ୍ରକାର ବଳିଷ୍ଠ କୃତୀ ବା ତା' ପାଇଁ ଅଯାଚିତ ପୃଷ୍ଠପୋଷକତା ଆଜି ନାହିଁ ।

Digitized by srujanika@gmail.com

ବଙ୍ଗଳାରେ ଜୀବନଧାରା ସଙ୍ଗେ ସାହିତ୍ୟ ମିଶି ଯାଇଛି । କେତେକ ବଳିଷ୍ଠ ବଙ୍ଗଳା ଲେଖକ ସାହିତ୍ୟରେ ଜୀବନ ନିର୍ବାହ କରୁଛନ୍ତି । ଆମ ସାହିତ୍ୟରେ ଏ ସବୁର ଅଭାବ ଅତି ନୈରାଶ୍ୟର କଥା । ସାହିତ୍ୟକୁ ଲୋକଙ୍କ ନିକଟରେ ପହଞ୍ଚେଇବା ପାଇଁ କିଛିଟା ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ । ଭଲ ବହିସବୁ ଲୋକଙ୍କ ପାଖରେ ପହଞ୍ଚିବା ଦରକାର । ସାଧାରଣ ଜୀବନ ସଙ୍ଗେ ଯୋଗ ସୂତ୍ର ରକ୍ଷା କରି ନ ପାରିଲେ ସାହିତ୍ୟ ଉଧେଇ ପାରିବ ନାହିଁ

● ତରୁଣ ଓଡ଼ିଆ ଲେଖକମାନଙ୍କ ଉଦ୍ଦେଶ୍ୟରେ କିଛି ଆପଣଙ୍କଠାରୁ ଶୁଣିଲେ ଖୁସି ହେବୁ ।

■ ସେମାନଙ୍କ ପାଇଁ ମୋର ସବୁକିଛି ସଦିଚ୍ଛା ରହିଛି । ସ୍ୱାଭାବିକ ତରୁଣ ଲେଖକଟିଏ ସ୍ପଷ୍ଟବାଦୀ ହେଲେ ସେ ବହୁକଥା କହି ପାରିବ । ମୁଁ ଚାହେଁ ସେମାନେ ନିର୍ଭୀକ ହୁଅନ୍ତୁ, ବିଦ୍ୱାନ୍ ହୁଅନ୍ତୁ, ଯଶସ୍ୱୀ ହୁଅନ୍ତୁ ଓ ଆମମାନଙ୍କୁ ପଛରେ ପକାଇ ଆଗେଇ ଯାଆନ୍ତୁ । ସେମାନଙ୍କ କୀର୍ତ୍ତି ସୁଦୂର ପ୍ରସାରିତ ହେଉ । ଆମ ସାହିତ୍ୟର ତରୁଣ ଲେଖକମାନେ ଜଗଦ୍ ବିଖ୍ୟାତ ହୁଅନ୍ତୁ ମୁଁ ପ୍ରଭୁଙ୍କ ପାଖରେ ପ୍ରର୍ଥନା କରୁଛି ।

● ସାଧାରଣତଃ ସାହିତ୍ୟ ଆସରମାନଙ୍କ ସହିତ ମଦ୍ୟର କୁଆଡ଼େ ଏକ ସୁସଂପର୍କ ରହିଛି । ଲେଖକଟିଏ ମଦ୍ୟପାନ କରିବା ଦୋଷାବହ ନୁହେଁ ବୋଲି କେତେକ କହନ୍ତି । ଏ ସଂପର୍କରେ ଆପଣ କ'ଣ ଭାବନ୍ତି ?

■ ଏ ପର୍ଯନ୍ତ ହୋଇ ଆସୁଥିବା ଆଲୋଚନା କ୍ରମରେ ଏ ପ୍ରଶ୍ନର ପ୍ରାସଙ୍ଗିକତା ମୁଁ ବୁଝି ପାରୁନାହିଁ । ତେଣୁ ମୁଁ କହିବି ଯେ ସାହିତ୍ୟ ସହିତ ଏହାର କିଛି ସଂପର୍କ ନାହିଁ । ଖାଇବା ପିଇବା ନିହାତି ବ୍ୟକ୍ତିଗତ ରୁଚିର କଥା, କିନ୍ତୁ ଆପଣ ଯାହା କହୁଛନ୍ତି; ସାହିତ୍ୟ ସହିତ ଏହାର କୁଆଡ଼େ ସଂପର୍କ ରହିଛି - ଏହା ଆଦୌ ଠିକ୍ ନୁହେଁ । ସତ କହୁଛି; କେବେହେଲେ ମୁଁ ମଦ୍ୟର ତ୍ରିସୀମା ମାଡିନାହିଁ କିମ୍ବା ମଦ୍ୟ ମୋ ତ୍ରିସୀମା ମାଡ଼ିପାରିନି । ମୋର ବହୁ ମାନନୀୟ ବନ୍ଧୁ କିନ୍ତୁ ବେଶ୍ ମଉଜରେ ଏହାକୁ ଖାଆନ୍ତି । ଦେଖିବା ପାଇଁ ମୋ ମନରେ ଆଦୌ ବିକାର ବି ହୁଏନି । କାରଣ ସାହିତ୍ୟିକ ଭାବାବେଶ ପାଇଁ ଏହାର କୌଣସି ପ୍ରୟୋଜନ ଥିବାପରି ମୁଁ ମନେ କରେ ନାହିଁ ।

● ଆପଣ ବର୍ତ୍ତମାନ ଓଡ଼ିଆ ସାହିତ୍ୟର କିଛି ଭବିଷ୍ୟତ ଦେଖି ପାରୁଛନ୍ତି କି ?

■ ପ୍ରଶ୍ନଟିର ଦୁଇଟି ବିଭାଗ କରାଯାଇପାରେ । ପ୍ରଥମଟି ହେଉଛି ଓଡ଼ିଆ ସାହିତ୍ୟର ସ୍ଥିତିର ମୂଲ୍ୟାୟନ ଏବଂ ଅନ୍ୟଟି ହେଉଛି ଆଗାମୀ ଶତାବ୍ଦୀରେ ସାହିତ୍ୟିକ ସମ୍ଭାବନାର ଆକଳନ । ଚଳିତ ଶତାବ୍ଦୀର ଶେଷ ଦଶକରେ ସମାଜ,ଶାସନ,ଶିକ୍ଷା ଭଳି ସାହିତ୍ୟ ମଧ

Digitized by srujanika@gmail.com

ଏକପ୍ରକାର ଦିଗ୍‌ଭ୍ରାନ୍ତ ହେଲାପରି ଜଣାପଡୁଛି । କାରଣ କୌଣସି କ୍ଷେତ୍ରରେ ବର୍ତ୍ତମାନ ଚାରିତ୍ରିକ ସ୍ଥିରତା ଥିଲା ପରି ମନେ ହୁଏନା । ଆମେ ଗୋଟିଏ ଯୁଗସନ୍ଧି ମଧ୍ୟରେ ବହୁ ପ୍ରକାର ପ୍ରଭାବ ଓ ସଂଘାତ ଦ୍ୱାରା ମଥିତ ଏବଂ ଆନ୍ଦୋଳିତ ହେଉଛୁ । ଆଧୁନିକ ପ୍ରୟୋଗ-ବିଜ୍ଞାନ ମାଧ୍ୟମରେ ପାରସ୍ପରିକ ବ୍ୟବଧାନ ନ ରହିବାରୁ ସମଗ୍ର ପୃଥିବୀ ଏକ ସାନ୍ଦ୍ର ନିବିଡ଼ତାର ଅନୁଭବ ଦେଉଛି । ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ମୂଲ୍ୟ ବୋଧକୁ ନେଇ ଏକ ମନ୍ଥନ ପ୍ରକିୟା ଆରମ୍ଭ ହୋଇ ସାରିଛି । ଆଗାମୀ ଶତାବ୍ଦୀର ପ୍ରଥମ ପାଦରେ ଏହାର ଏକ ସ୍ଥିର ପରିଣାମ ସମଗ୍ର ମାନବଜାତି ପାଇଁ ବୋଧହୁଏ ଉପଲବ୍ଧ ହୋଇପାରିବ । ସେତିକି ବେଳେ ଦେଶ,ଭାଷା ଓ ସଂସ୍କୃତି ନିର୍ବିଶେଷରେ ସାହିତ୍ୟିକ ଆଦର୍ଶ ମଧ୍ୟ ସ୍ଥିର ହୋଇଯିବ । ଅତ୍ୟନ୍ତ ଦ୍ରୁତବେଗରେ ଆଞ୍ଚଳିକ ଭାଷାମାନଙ୍କର ସଂସ୍କାର ହୋଇଯିବ । ଶବ୍ଦ ପ୍ରୟୋଗ ଓ ଶିଳ୍ପରୀତି କ୍ଷେତ୍ରରେ ଆଶାତୀତ ପରିବର୍ତ୍ତନ ସଂଘଟିତ ହେବାର ଅନୁମାନ କରାଯାଏ ।କିନ୍ତୁ; ସଂସ୍କୃତି ଭଳି ସାହିତ୍ୟର ଭବିଷ୍ୟତ ମଧ୍ୟ ତାର ବଳିଷ୍ଠ ଐତିହ୍ୟ ଉପରେ ନିର୍ଭର କରେ । ଏଣୁ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ସ୍ଥିତି ଯାହା ହେଉନା କାହିଁକି; ତାହା ଯେ ଅନନ୍ତ ସମ୍ଭାବନାମୟ ଏଥିରେ ମୋର ତିଳାର୍ଦ୍ଧେ ସନ୍ଦେହ ନାହିଁ । ମୋର ଆଉ ମଧ୍ୟ ବିଶ୍ୱାସ ରହିଛି ଯେ ଭାରତର ସ୍ୱର୍ଣ୍ଣଯୁଗ ଆରମ୍ଭ କରିବାକୁ ଯୁଗନ୍ଧର ପୁରୁଷମାନେ ଜନ୍ମ ହୋଇ ସାରିଲେଣି । ସେମାନେ ଏଇ ଦଶନ୍ଧିର ଶିଶୁ, କିନ୍ତୁ ଆଗାମୀ ଶତକର କର୍ଣ୍ଣଧାର । ସେମାନଙ୍କ ହାତରେ ମୋ ଦେଶ ଓ ସାହିତ୍ୟର ଭବିଷ୍ୟତକୁ ସମର୍ପି ଦେଇ ମୁଁ ନିଶ୍ଚିନ୍ତ ରହିପାରେ । ଭବିଷ୍ୟତ ନିଶ୍ଚୟ ଗୌରବୋଜ୍ଜ୍ୱଳ ହେବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ।

◆ ◆ ◆

Digitized by srujanika@gmail.com

Serving the Flow

By Sachidananda Mohanty

Chandrasekhar Rath has carved out a space for himself among the most serious and distinguished fiction writers in Orissa. He has three novels, 13 collections of short stories and nine anthologies of essays to his credit. A versatile personality, Professor Rath has also been recognised for his contribution to poetry, painting, sculpture, translation and public speaking. He has won many awards like the Orissa Sahitya Akademi Award for novel in 1980 and for essays in 1981, the Sarala Award for Stories in 1981, the Dharitri Recognition in 1979. Rath was also awarded the Vishuva Recognition for essays in 1963 and in 1967. A professor of English, Chandrasekhar Rath is interested in philosophy, science, religion, literature and culture in general. He speaks with knowledge and authority and has a sound grasp of the traditions of the East and the West, Recently on a visit to Hyderabad, he shared his experiences as a creative writer with Andhra Pradesh Times and dwelt at length on fiction writing, on the responsibility of an artist and related issues.

Excerpts:

how and when did you start writing creative literature in Oriya?

In fact, I had two exclusive phases. One was during my adolescence when I enjoyed writing blank verses and stories. The other came rather late when I was already over 30. To be precise, it began in 1960, and continues till date. The intervening period between the two phases was during my prime of youth when I was under the impression that a mere post-graduation in English had made me the master of the language and I could therefore, express myself effectively only in English.

Once I was required to write an essay in Oriya and that opened my eyes. I realised that one is born into a language

Digitized by srujanika@gmail.com

and that gives him the feel of its soul. For creative writing, there is hardly any substitute for the mother tongue. I still enjoy writing in English but my best is recorded in Oriya.

Of all the literary genres you have excelled mostly in the novel, short story and the essay form. Why have you been attracted to these and not the others ?

The stirrings which disturb the creative centre are intensely personal but the substance is universal, common to all writers, the world over. Once it admits the trappings of a language, it becomes exclusive. I have a feeling that no language can hold more than a very small fraction of that substance which remains mostly unspoken. When a language is loaded with substance, it selects the works and formulates the expression. The ideas and emotions choose their forms or genres right in the womb. Hence one writes an essay with the stuff of poetry. As for me, I have not chosen the genres but have been rather obliged to accept them as they came.

Which, according to you are the most memorable stories in your award winning work: Samrat O Anyamane (The Emperor and Others)? What have been your thematic concerns in them ?

Memorable for whom ? For me, only those are memorable which have given me satisfaction of a near-total self-expression. One such is the lead story The Emperor in the collection you have referred to. A theater artist playing the roles of characters, larger than life, identifies with them and fails to measure up to their dimensions. The pathos of the story is built around the yawning gap separating the stark reality from the dream-spell of his life. The curtain falls when his grandson adorns him with a tin medal - the hundredth added to 99 medals of gold and silver. There are other stories too like Kubuja which sensitive readers remember with love and admiration.

Which writers and novelists in Oriya and other regional literature have influenced you the most ?

I do read other writers and like some of them but that does not mean that I have been influenced by them. A creative writer, worth his salt, is nothing if he is not original. He is unlike anybody else, past, present and future. For that he has to see life at first hand and draw upon his imagination to create new

Digitized by srujanika@gmail.com

words every time. This is known as *nava navonmeshasalini pragna* in Sanskrit poetics. Being influenced by others is a sign of uprootedness and immaturity.

You have been greatly attracted to spiritual literature. To what extent do you think your writings have been shaped by your spiritual view of life ?

There is nothing unusual in my spiritual leanings because which mature writer in India is not drawn towards spirituality ? That way one can be attracted to the aesthetic and the ethical. But if one starts living a spiritual life, the question is totally different. I do believe in higher values and to that extent my views and vision of life have acquired a quality and depth which some of my readers call philosophical.

Apart from the realistic mode of fiction what other models such as the symbolic and the allegorical have attracted you ? Could you give some examples ?

In my hand even the real is not altogether realistic. There is a subtle suggestion of something fabulous, something distant in stories like *'Don't tell anybody'*, and *'A silent prayer for Runi'*. I have tried the symbolic mode of fiction directly in my third novel *'Nava Jataka'*.

An important aspect of contemporary writing deals with powerful issues of social and humanitarian concern. Have you dealt with such issues like the tribal and the woman's question in the context of Orissa ?

Issue-based topics are best suited for the essay form. Fiction has its focus on a living human being be he a tribal or a nontribal. The issue of exploitation may only be reflected but cannot grab the centre stage. My concern is man and the problems are necessarily human. I do deal with him in the social context but don't deal with society as such, and treat the character as the illustration of an issue.

Do you think that it helps to be an activist such as Mahasweta Devi in order to create powerful literature ?

Was Fakirmohan an activist or Premchand an activist ?

Why do you think Oriya Literature has not received its due at the national level and what should be done to change the situation ?

Digitized by srujanika@gmail.com

For various reasons, real and imaginary, people of Orissa have an inferiority complex. They shy away from the lime-light. They are never openly ambitious and can never push themselves forward. They still do not believe in competition. Those few who could get over these inherent frailties have come up for significant national recognition. Others who richly deserve it prefer to lie low.

The remedy lies in forming a group of critics who must bring out all that is good and great and assert their worth in the outside world, both national and international. At the moment the effort is rather timid and insignificant. Translations could help in a big way provided that the right stuff is selected for effective rendering.

Do you think we are currently witnessing a conflict between the classical and the popular tradition in our country ?

Yes, the conflict between the classical and the popular is obvious. The reason is the constant inroads made into our value system from outside. The popular will win because it moves with time. But it will also drift away with time where as the classical will sink and settle as a sediment in the bed-rock.

What do you think are the responsibilities of a creative writer ? How have some of your characters dealt with the predicament of modern man ?

A character is an individual who cannot possibly turn the tide. But he can always combat till he falls. Some of my stories have such indomitable characters. The real worth of man is in the fight in which he may die but is never defeated.

What are your current literary plans ? Any project in the offing ?

Projects are like bricks piled on one another. My literary activity is like the flow of a stream. It may either keep flowing till my last breath or run dry abruptly someday somewhere. I believe in serving the flow with whatever it may bring in its wake. I can see my horizon already occupied by the silent and still waters. I do have one or two ""projects" concerning literature but I won't call them literary as they are not creative.

Andhra Pradesh Times
Hydarabad

◆ ◆ ◆

Digitized by srujanika@gmail.com

ଅନ୍ତରଂଗ ସ୍ୱର

A DISCREET ENQUIRY

Gopinath Mohanty

......I made a discreet enquiry as to whose might be the hands that write its (The Sun Times) brilliant editorials and its critical reviews that have often attracted my attention. Soumya pattnaik, in spite of the huge amount of money, effort and brains he puts into the paper, is naturally modest and reticent, but I did manage to discover... the one who writes the editorials. He is no less a figure than the respected former Reader in English, Chadrasekhar Ratha, ultramodernist painter and sculptor, a doyen of Oriya literature a literary critic, a short story writer and a novelist of importance and in each field of the first rank, twice the winner of the Orissa Sahitya Akademi Award, a winner of the Central Sahitya Akademi Award and a winner of another prestigious Award, the Sarala Award...Shri Chandrasekhar Ratha is also a brilliant orator and a teacher, and in his private life, an humble, peace-loving, secretly questful spiritual man, a ""Sadhaka" who has delved deep into Hindu Philosophy and esoteric knowledge.

(Regarding the Central Sahitya Akademi Gopinath Mohanty proved prophetic. Shri Rath received the award in 1997-Editor.)

Digitized by srujanika@gmail.com

ଅଭିନନ୍ଦନ

ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ

ଆମ ସାହିତ୍ୟର ବିଶିଷ୍ଟ ଲେଖକ ଚନ୍ଦ୍ରଶେଖର ରଥଙ୍କ ସତୁରୀ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ ପାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ତାଙ୍କୁ ମୁଁ ପ୍ରାୟ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଜାଣେ । ମୁଁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ମୁଖ୍ୟ ଭାବେ ରାଜନୀତି-ବିଜ୍ଞାନ ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ସେ ଥିଲେ ଡି.ଏ.ଭି. କଲେଜ, ଟିଟିଲାଗଡ଼ର ଅଧ୍ୟକ୍ଷ । ସେହି ସମୟରେ ଉଭୟ ସିନେଟ୍ ଏବଂ ଏକାଡେମିକ୍ କାଉନ୍‌ସିଲର ସଦସ୍ୟ ଥିଲୁ । ବିଭିନ୍ନ ସମୟରେ ଏହି ସଭାରେ ତାଙ୍କ ସହିତ ଦେଖା ହୁଏ । ସେ ସବୁବେଳେ ଶିକ୍ଷା ସଂପର୍କିତ ଆଲୋଚନା ବେଳେ ଶିକ୍ଷା ବିକାଶ ପାଇଁ ଗଠନ ମୂଳକ ପରାମର୍ଶ ଦିଅନ୍ତି । ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସଂପର୍କରେ ତାଙ୍କର ସୁଚିନ୍ତିତ ମତାମତ ଯେପରି ବାସ୍ତବ, ସେହିପରି ଯୁଗୋପଯୋଗୀ । ଶୃଙ୍ଖଳା, ନିତିବୋଧ, କର୍ତ୍ତବ୍ୟ ନିଷ୍ଠା ଓ ଗଭୀର ଅଧ୍ୟୟନ ଉପରେ ସେ ଅଧ୍ୟକ୍ଷ ଥିବାବେଳେ ଗୁରୁତ୍ୱ ଆରୋପ କରୁଥିଲେ । ତାଙ୍କ ରହଣି ସମୟରେ କଲେଜଟିର ବହୁବିଧ ଉନ୍ନତି ସାଧିତ ହୋଇଥିଲା ।

ଚନ୍ଦ୍ରଶେଖର ରଥଙ୍କର ଜଣେ ସୁଲେଖକ ଓ ସୁବକ୍ତା ଭାବରେ ଓଡ଼ିଶା ଓ ଓଡ଼ିଶା ବାହାରେ ଖ୍ୟାତି ରହିଛି । ସେ ମୁଖ୍ୟତଃ ଜଣେ ଗଦ୍ୟ ଲେଖକ । ଉପନ୍ୟାସ, କ୍ଷୁଦ୍ର ଗଳ୍ପରେ, ସ୍ୱତନ୍ତ୍ର ସ୍ଥାନ ସ୍ୱୀକୃତ । ତାଙ୍କ ଲେଖାଗୁଡ଼ିକ ଗଦ୍ୟ ହେଲେ ସୁଦ୍ଧା କବିତ୍ୱ ପୂର୍ଣ୍ଣ । ସେ ତାଙ୍କର ଅନେକ ଲେଖାରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଭାବଚେତନା ଉପରେ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କର ଶ୍ରୀଅରବିନ୍ଦ ଦର୍ଶନ ସଂପର୍କରେ ଅଗାଧ ପାଣ୍ଡିତ୍ୟ ରହିଛି ।

ଜଣେ ବିଶିଷ୍ଟ ବକ୍ତା ଭାବରେ ସେ ସମଗ୍ର ଭାରତ ଭ୍ରମଣ କରିଛନ୍ତି । ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀବିବେକାନନ୍ଦ, ଶ୍ରୀଅରବିନ୍ଦ, ମା ଶାରଦା ଦେବୀ, ଶ୍ରୀମାଙ୍କ ସଂପର୍କରେ ସେ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଇ ପାରନ୍ତି । ସେ ୧୯୯୩ରେ ଅନୁଷ୍ଠିତ "Parliament of Religions' ର ଶତବାର୍ଷିକୀରେ ରାମକୃଷ୍ଣ ମିଶନ ଓ ରମକୃଷ୍ଣ ମଠ ଦ୍ୱାରା କଲିକତାଠାରେ ଆୟୋଜିତ ସଭାରେ ବକ୍ତୃତା ଦେଇ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରି ଦେଇଥିଲେ । ବେଦ,ଉପନିଷଦ, ପୁରାଣର ରହସ୍ୟପୂର୍ଣ୍ଣ ବିଷୟକୁ ସେ ସୁନ୍ଦର ଭାବରେ

Digitized by srujanika@gmail.com

ଆଲୋଚନା କରିପାରନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତି ସଂପର୍କରେ ସେ ନୂଆ ନୂଆ କଥା କହିବାରେ ଜଣେ ବିଶିଷ୍ଟ ସାଧକ । ଏ ସକାଶେ ନିକଟରେ ତାଙ୍କୁ ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କର ଉଭୟ ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟରେ ପାଣ୍ଡିତ୍ୟ ରହିଛି । ସେ କଲିକତା, ହାଇଦ୍ରାବାଦ, ଦିଲ୍ଲୀ, ସୁଦୂର ଆମେରିକା, କାନାଡ଼ା ପ୍ରଭୃତି ଭ୍ରମଣ କରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସଂପର୍କରେ ଯେଉଁ ଭାଷଣମାନ ପ୍ରଦାନ କରୁଛନ୍ତି, ତାହା ଓଡ଼ିଆ ଜାତିର ବୌଦ୍ଧିକତାର ଯେ ସାର୍ଥକ ନିଦର୍ଶନ ଏଥିରେ ସନ୍ଦେହ ନାହିଁ ।

ଜଣେ ସୁମଣିଷ ଭାବରେ ତାଙ୍କର ଖ୍ୟାତି ରହିଛି । ସେ କୌଣସି ଔଷଧ ବ୍ୟବହାର ନକରି ମଧ୍ୟ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା କରପାରିଛନ୍ତି । ଜୀବନକୁ ଆଧ୍ୟାତ୍ମିକ ମାର୍ଗରେ ଦେଖିବା ସହିତ ସେ ଖେଳୁଆଡ଼ ମନୋଭାବ ନେଇ ଜୀବନର ସମସ୍ୟାମାନଙ୍କୁ ଭଲଭାବରେ ଅତିକ୍ରମ କରିପାରନ୍ତି । ଜଣେ ଆଦର୍ଶବାଦୀ ସାଧୁପ୍ରତିମ ମଣିଷ ରୂପେ ତାଙ୍କର ସବୁ ମହଲରେ ଆଦର ରହିଛି ।

ଓଡ଼ିଶାରେ ଏବେ ଲେଖକ, ସାମାଜସେବୀ, ଜନନାୟକଙ୍କ ଜନ୍ମଦିନ ପାଳନ ପାଇଁ ଆଗ୍ରହ ସୃଷ୍ଟି ହେବା ଓ ସେମାନଙ୍କ କୃତିତ୍ୱ ସଂପର୍କରେ ପୁସ୍ତକ ପ୍ରକାଶନ ଉଦ୍ୟମ ହେବା ଆମର ସାଂସ୍କୃତିକ ପ୍ରଗତିର ଲକ୍ଷଣ । ଏ ଉଦ୍ୟମ ଅଧିକ ପ୍ରସାରିତ ହେବା ଉଚିତ । ଚନ୍ଦ୍ରଶେଖର ରଥଙ୍କ ପରି ବରିଷ୍ଠ ଲେଖକ ଓ ସୁମଣିଷଙ୍କ ଜନ୍ମଦିନ ପାଳନ ପାଇଁ ଏ ଧରଣର ପ୍ରଚେଷ୍ଟାକୁ ମୁଁ ସାଧୁବାଦ ଜଣାଉଛି । ତାଙ୍କ ଜୀବନ ଆହୁରି କର୍ମମୟ ହେଉ ଓ ସେ ଆମର ସାଂସ୍କୃତିକ ଦିଗ୍‌ବଳୟକୁ ଆହୁରି ସମୃଦ୍ଧ କରନ୍ତୁ । ମୁଁ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ଏପରି ଏକ ଶୁଭ ଅବସରରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛି ।

(କୁଳପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)

◆ ◆ ◆

Digitized by srujanika@gmail.com

ମୁଁ ମୁଗ୍ଧ ପାଠକ କହୁଛି

ସଦାନନ୍ଦ ନାୟକ

ସିଏ ଦିନେ କଳ୍ପନା କରିଥିଲେ ସାତ ଫୁଟ ଉଚ୍ଚ, ଆଉ ସିଂହପରି, ମହାବଳ ବାଘପରି ବଳିଆ ହେବେ, ଲୁହା ଗୁଳାକୁ ଶହେଫୁଟ, ଡିସ୍‌କସ ତିନିଶହ ଫୁଟ ଆଉ ଜାଭେଲିନ୍‌କୁ ସାତଶହ ଫୁଟ ଫୋପାଡି ଖେଳୁଆଡ୍ ହେବେ । (ଚର୍ଚ୍ଚା-ପୃଷ୍ଠା୧୩୧ ଦ୍ରଷ୍ଟବ୍ୟ) ହେଉ ନାହାନ୍ତି ଆଉ କ'ଣ ? ବାଇ ମାହାନ୍ତି ପାଞ୍ଜି, ନନାକ ପାଞ୍ଜି, ଭାଗବତ ଟୁଙ୍ଗିରେ ସଂଧ୍ୟା, ଆମଘରର ହାଲ୍‌ଚାଲ୍ ଠାରୁ ସଂକେତଧରି ଢେର୍ ଧାଇଛନ୍ତି ରିଲେରେସ୍‌ରେ, ଆଉ ନୂଆପିଢ଼ିକି କହିଛନ୍ତି ଧାଁ ଧାଁ କିନ୍ତୁ ସିଏ ଥକି ନାହାନ୍ତି । ଏତେ ସପନ ଦେଖୁଥିବା ଲୋକ କ'ଣ ସହଜେ ଥକିଥାଏ । ବୋଧହୁଏ କିଏ ପୁଣି ବ୍ରାଣ୍ଡି ପିଆଇ ଦେଲା! - ସାହିତ୍ୟର ବ୍ରାଣ୍ଡି (ଚର୍ଚ୍ଚା ପୃଷ୍ଠା ୧୩୩ ଦୃଷ୍ଟବ୍ୟ)

ହିମାଳୟ ପରି ଅଚଳରୁ ଅମାନିଆ, ଚଳଚଞ୍ଚଳା ଗଙ୍ଗା ଝରି ଆସିବା ପରି ମିଷ୍ଟର ଲକ୍ଷ୍ନୌ (ଚର୍ଚ୍ଚା ପୃଷ୍ଠା ୧୩୫ ଦ୍ରଷ୍ଟବ୍ୟ) ହୋଇଥିବା ସେଇ ମସ୍ତ, ଲୋକଟିର ଚଉଡା ଛାତିର ହୃଦୟ କନ୍ଦରରୁ ଝରି ଆସିଛି ଲାସ୍ୟମୟୀ, କମନୀୟା, ଆବେଗମୟୀ, ଭାବୋନ୍ମାଦଭରାଭାଷାର ତଟିନୀ; ଯାହାର ଅନ୍ୟନାମ ରମ୍ୟ ରଚନା ବା ଲଳିତ ନିବନ୍ଧ । ମୁଁ ସତ୍ୟଧର୍ମ କହୁଛି ସେ ପବିତ୍ର ଧାରାର ଆଞ୍ଜୁଳାଏ ବାରି । ଯେଉଁଥିରେ ରହିଛି ମଣିଷ ପ୍ରାଣର, ହୃଦୟ ଅନ୍ତରର ଓ ଆତ୍ମାର ସ୍ୱର୍ଶ, ଖୋଲି ଯାଇଛି ଶଠତାର ରୁଦ୍ଧ କୋଠରୀ ପୁଣି ଖୋଲି ଯାଇଛି ପ୍ରୀତିର ଗବାକ୍ଷ ।

ଏଥିରେ ରହିଛି କବିତାର ଲାଳିତ୍ୟ, ନାଟକର ଉତ୍କଣ୍ଠା, ପ୍ରବନ୍ଧର ପାଣ୍ଡିତ୍ୟ ପୂର୍ଣ୍ଣ ବିଶ୍ଳେଷଣ, ଉପାଖ୍ୟାନର ମାଧୁରୀ, ଗଳ୍ପର ପରିଣତି ଆଉ କାବ୍ୟର ରସ ପ୍ଲାବନ, ସୌନ୍ଦର୍ଯ୍ୟ ଚେତନା ଓ ଆବେଗ ଧର୍ମୀ । (ରଥ ଚନ୍ଦ୍ର ଶେଖର ଦୃଷ୍ଟି ଓ ଦର୍ଶନର ପୂର୍ବାଭାସ, ଦ୍ରଷ୍ଟବ୍ୟ) । ମନ୍ଥୟ ଗୁଣରେ ହୃଦୟକୁ ଯେତିକି ପ୍ରସନ୍ନ କରିପାରେ ଗୁରୁ ଗମ୍ଭୀର ଗୁଣରେ ସେତିକି ବୌଦ୍ଧିକତା ଆଣିଦେଇପାରେ ସଂକଳିତ ପ୍ରବନ୍ଧ ଗୁଡିକ ।

ମୁଁ ସତ୍ୟଧର୍ମୀ କହୁଛି ନିବନ୍ଧ ମାଳାର ସମସ୍ତ ପୁଷ୍ପ ଯେମିତି ବିଭିନ୍ନ ରଙ୍ଗ ଓ ରୂପରେ ନୟନମନ ଲୋଭା, ସେମିତି ସୌରଭରେ ଅମୃତୃଷ୍ଣା ଭରା । ଲୁଚକାଳି, କଥାସରେନା, ଆଷାଢ, ପ୍ରତିପକ୍ଷ, ମୌନ ଓ ମୁଁ କ୍ଷେତ୍ର ଯିବି ଆଦି ପ୍ରବନ୍ଧର ଲାଳିତ୍ୟ

Digitized by srujanika@gmail.com

ହୃଦୟରେ କବିତାର ଝଂକାର ତୋଳେ । କଥା ସରେନାରେ କହନ୍ତି ସଂସାର ଗୋଟାଏ ଆବର୍ତ୍ତନ, ଗୋଟାଏ ସୁଦର୍ଶନ ଚକ୍ର କେବଳ ଘୂର୍ଣ୍ଣନ ଅଛି କିନ୍ତୁ ସମାପ୍ତି ନାହିଁ, ଅନ୍ତ ନାହିଁ । ପ୍ରାବନ୍ଧିକଙ୍କ ଭଷାରେ ଆଦୌ ସରେନା, ସରିପାରେନା, ଢେଉ ହୁଏତ ଗଡିଯାଏ କିନ୍ତୁ ସ୍ରୋତ ସରେନା, ରୂପ ବଦଳିଯାଏ, ରଙ୍ଗ ମଉଳିଯାଏ କିନ୍ତୁ କାଳ ବଦଳେନା । ଆଷାଢର ବର୍ଷାପାତରେ ଦେଖୁଛନ୍ତି ଆକାଶରେ ନନ୍ଦିଘୋଷ, କାନ୍ତା କାନ୍ତର ମିଳନ ଓ ବନ୍ୟାର ବିଭିଷିକା 'ଲୁଚକାଳି'ରେ ଲୁଚି ରହିଛି କବିତାର ଛନ୍ଦ, ଗଦ୍ୟ ମଧ୍ୟରେ ଅପୂର୍ବ ଯତିପାତ, ଯେମିତି ସାମୁକା ଭିତରେ ମୁକ୍ତା । ମଣିଷର ଛଳନା ଓ ଛଦ୍ମ ରୂପକୁ 'ଲୁଚକାଳି'ରେ ଆଂକି କହନ୍ତି ଏଠି ସମସ୍ତେ ଧୃତରାଷ୍ଟ୍ର, ଆମେ ସୁବଳ, ସୁଦାମ ସହିତ ଖେଳିବି ଆତ୍ମୀୟତାର ଫାଶରେ ବାନ୍ଧି ପାରୁନା - ବିଦ୍ୟା ଲୁଚିଯାଏ ଛାପା କାଗଜର କାଳି ଓ ଅକ୍ଷର ଭିତରେ, ଦେବତା ଲୁଚିଯାଏ ପଥରରେ, ଉଦ୍ଭିଦ ଲୁଚିଯାଏ ଦାରୁରେ । ମୌନର ଆବରଣ ତଳେ ରହିଛି ବିଦ୍ରୋହର ବହ୍ନି, ପାଉଁଶ ଭିତରେ ଝୁଲ ନିଆଁପରି । ଅପୂର୍ବ କବିତ୍ୱ ମାଧ୍ୟମରେ ଉପସ୍ଥାପିତ ଏ ପ୍ରବନ୍ଧ । ଏଠି ସମସ୍ତେ ବରଫ ଭିତରେ ରକ୍ତହୀନ ମଲାମାଛ । ଅଙ୍ଗଅଛି ଆତ୍ମା ନାହିଁ । ବିଦ୍ରୋହ କରିବାର ଶକ୍ତିନାହିଁ କି ଅନୁକୂଳ ପରିବେଶବି ନାହିଁ । ପ୍ରାବନ୍ଧିକ କହନ୍ତି ଏ ଦେଶର ଆକାଶ ନଂପୁସକ ପୃଥିବୀ ଧର୍ଷିତା, ରକ୍ତକ୍ଷରା, ସବୁ ସାଧୁଜନେ କ୍ଷତବିକ୍ଷତ, ଉଦ୍ଭିଦ ପରି ବିକଳାଂଗ । 'ମୁଁ କ୍ଷେତ୍ରଯିବି' ରେ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଶାର ପ୍ରାନ୍ତୀୟ ଲୋକ ସଂସ୍କୃତି, ସଂଗୀତ ଓ ଛନ୍ଦ ଯେପରି ଏକିଭୂତ ହୋଇ ଯାଇଛି ।

ପ୍ରବନ୍ଧ ଗୁଡିକର ପ୍ରାରମ୍ଭରେ ରହିଛି ଆବେଗ ଓ ଅନ୍ତିମରେ ରହିଛି ଉତ୍କଣ୍ଠା । ଚିତ୍ର ମଧ୍ୟରେ ଘୋଟକର ଦ୍ୱୈତନା, ପ୍ରବନ୍ଧ ମଧ୍ୟରେ ଗଜର ଆଭାସ । ମୁଁ ସତ୍ୟଧର୍ମା କହୁଛି, ଦେବକୀ, ଯିଶୁ, ନିଜକୁ ବାମାମିତ୍ର ମନେକରି ଆଦି ପ୍ରବନ୍ଧ ପାଠକ ହୃଦୟରେ ପରିସମାପ୍ତି ଲାଭ କରି ପାରେନା ଠିକ୍ ଅଧାଗଢା ଦିଅଂପରି ଆଉ ଆଧାଦେଖା ସ୍ୱପ୍ନପରି । 'ମୁଁ ସତ୍ୟଧର୍ମା କହୁଛି'ର ପରିବେଶ ବିଚାରାଳୟ ମଧ୍ୟରେ ସୀମାବଦ୍ଧ, ମାତ୍ର ବାର୍ତ୍ତା ଓ ବକ୍ତବ୍ୟ ବିଶ୍ୱବ୍ୟାପୀ । ସକ୍ରେଟିସ୍‌ଙ୍କ ମୁଖରେ ତାଂକ ବିରୋଧରେ ଆଗତ ପ୍ରତ୍ୟେକଟି ଅଭିଯୋଗକୁ ଖଣ୍ଡନ କରି ଅନ୍ତିମରେ ପ୍ରାବନ୍ଧିକ କହନ୍ତି - ମୁଁ ଯିବି ମରିବାକୁ ଆଉ ଆପଣମାନେ ଯିବେ ବଞ୍ଚିବାକୁ, ଏଥିରୁ କେଉଁଟା ଶ୍ରେୟସ୍କର ହୁଏତ କେହି କହିପାରିବେ ନାହିଁ । ଏପରି ଉପସଂହାର ପାଠକକୁ ଉତ୍କଣ୍ଠିତ ଓ ଆବେଗମୟ କରିଦିଏ । ଦେବକୀ ପ୍ରବନ୍ଧରେ ମାତୃଜାତିର ହୃଦୟବେଦନା ଫୁଟି ଉଠିଛି । କଥୋପକଥନ ଶୈଳୀରେ ପ୍ରବନ୍ଧଟି ମନୋରମ । ଅକଥନୀୟ କଷଣକୁ ଆପଣେର ନେଇ ଶେଷରେ ଦେବକୀ ହୁଅନ୍ତି ବନ୍ଧମୁକ୍ତା । କିନ୍ତୁ ଅଭିଳଷିତ ସନ୍ତାନକୁ ଦେଖିବାକୁ ସମର୍ଥା ହୁଅନ୍ତି ନାହିଁ । କାରଣ ଆଖିରେ ଲୋତକର ବନ୍ୟା । ଯିଶୁ ପ୍ରବନ୍ଧରେ ରହିଛି କ୍ଷୁଦ୍ର ମଣିଷର ଆଖିର କ୍ଷୁଧା, ନରହତ୍ୟା ଜନିତ ବୀଭତ୍ସ ଦୃଶ୍ୟଦର୍ଶନର କ୍ଷୁଧା । କଣ୍ଠାରେ ତୃଷା,

Digitized by srujanika@gmail.com

ଆତ୍ମାରକ୍ଷାପାଇଁ ବିକଳ ଚିତ୍କାର ଶ୍ରବଣର ତୃଷ୍ଣା । ଅପଲକ ନୟନରେ ଦେଖିବ କୃଶବିଦ୍ଧ ଯିଶୁଙ୍କର କେମିତି ବିଦୀର୍ଣ୍ଣ ହୋଇଯାଉଛି ଶିରା, ଗ୍ରନ୍ଥି ଓ ମାଂସ, କରୁଛନ୍ତି ବିକଳ ଚିତ୍କାର । ହିଂସ୍ର ଦର୍ଶକ ସମାଜ ଶେଷରେ ନିରାଶ ହୋଇଫେରୁଛି ନିରୀହ ନୟନର ଦୟାର୍ଦ୍ର ଶବ୍ଦରେ - 'ହେ ପିତା ଏମାନଙ୍କୁ କ୍ଷମାକର । ଏମାନେ ଜାଣନ୍ତି ନାହିଁ କ'ଣ କରୁଛନ୍ତି । ନିଜକୁ ବାମାମିତ୍ର ମନେକରି ପ୍ରବନ୍ଧରେ ଅବହେଳିତ ଚରିତ୍ରର ଆତ୍ମକଥନ ହୃଦୟରେ ସୀମାହୀନ ସମ୍ଭାବନାର ରେଖାପାତ କରେ । ବକ୍ତବ୍ୟ ଦୃଷ୍ଟିରୁ ବିନ୍ଦୁ ମଧ୍ୟରେ ସିନ୍ଧୁର ସନ୍ଧାନ ମିଳେ ଏବଂ ପ୍ରବନ୍ଧ ଭିତରେ ଧରାଦିଏ ଅନ୍ତଃ ସଲୀଳା ଗଙ୍ଗର ଧାରା'

ନାଟକୀୟ ଛଟା, ଶାଣିତ ସଂଳାପ, ଉତ୍କଣ୍ଠା, ଆବେଗ, ଦ୍ୱନ୍ଦ୍ୱ ଆଦିରେ କେତୋଟି ପ୍ରବନ୍ଧ ବେଶ୍ ସୁଖ ପାଠ୍ୟ ଓ ହୃଦୟସ୍ପର୍ଶୀ । ମୁଁ ସତ୍ୟଧର୍ମା କହୁଛି, ଦେବକୀ, ମୁଁ ଏକ ପାଦପ, ମୌନ, ମୁଁ ସେଇ ଲଘିଷ୍ଠ, ମୁଁ କ୍ଷେତ୍ର ଯିବି ଅଦି ପ୍ରବନ୍ଧରେ ନାଟକର ସ୍ପର୍ଶ ବେଶ୍ ରମ୍ୟତା ଆଣିଛି । ଦ୍ୱନ୍ଦ୍ୱରୁ ପ୍ରବନ୍ଧ ଆରମ୍ଭ ଓ ଦ୍ୱନ୍ଦ୍ୱରେ ପରିସମାପ୍ତି । ଉତ୍କଣ୍ଠା ବଳବତ୍ତର ରହିଚି ପରିଣତିପର୍ଯ୍ୟନ୍ତ । ସଂଳାପ ଶାଣିତ, ମାର୍ଜିତ ଓ ପାତ୍ରୋନ୍ମୁଖୀ । ମୁଁ ସତ୍ୟଧର୍ମା କହୁଛିରେ ପ୍ରତ୍ୟେକଟି ଅଭିଯୋଗକୁ ଖଣ୍ଡନ କରାଯାଇଛି ଯୁକ୍ତିନିଷ୍ଠ ତାତ୍ତ୍ୱିକ ସଂଳାପ ମାଧ୍ୟମରେ । ନିଜର ମୃତ୍ୟୁଦଣ୍ଡ ସଂପର୍କରେ ଅବଗତ ସକ୍ରେଟିସ୍‌ଙ୍କ ମୁଖରେ ପ୍ରାବନ୍ଧିକ ନାଟକୀୟଶୈଳୀରେ କହନ୍ତି - ହେ ମୋର ସମାଜର ପଞ୍ଚପୁରୋଧା ଗଣ, ମୁଁ ତଥାପି କହିବିଯେ ଆପଣମାନେ ଏଥିରୁ ନିବୃତ୍ତ ହଅନ୍ତୁ, ମିଥ୍ୟା ଅସ୍ୱୟାର ବଶମର୍ତ୍ତୀ ହୋଇ ଆପଣମାନେ ମୋତେ ହତ୍ୟା କରନ୍ତୁ ନାହିଁ ; କାରଣ ମୁଁ ମରିଗଲେ ମୋଭଳି ଆଉ ଜଣକୁ ଆପଣ ଆଉ ପାଇବେ ନହିଁ । ଦେବକୀ ପ୍ରବନ୍ଧରେ ବସୁଦେବ ଓ ଦେବକୀଙ୍କ ପାରସ୍ପରିକ ଉକ୍ତିପ୍ରତ୍ୟୁକ୍ତି ମାଧ୍ୟମରେ ବକ୍ତବ୍ୟଟି ପ୍ରକାଶିତ । ଉତ୍କଣ୍ଠା ଯେପରି ଶୀର୍ଷ ବିନ୍ଦୁକୁ ସ୍ପର୍ଶକରି କ୍ରମେ ଅବତରଣ କରିଥାସେ । ଚରିତ୍ରର ଅନ୍ତଃ ଦ୍ୱନ୍ଦ୍ୱକୁ ରୂପଦେଇ ପ୍ରାବନ୍ଧିକ ଦେବକୀ ମୁଖରେ ସଂଳାପ ଦିଅନ୍ତି ରାତି ଆଉ କେତେ ବସୁଦେବ, ରାତି କଣ କେବେ ପାହିବ ନାହିଁ ? ଏତେ ବର୍ଷ ଧରି କଣ ସେଇ ଗୋଟିଏ ଶ୍ରାବଣ ବର୍ଷି ଚାଲିଥିବ । ଆକାଶରେ ସେମିତି ନୀରବ ମେଘ ସେମିତି ଅନ୍ଧାର ?'' ଯିଶୁ ପ୍ରବନ୍ଧର ନାଟକୀୟ ପରିବେଶ ବେଶ୍ ଆକର୍ଷଣୀୟ । ଆବେଗ ଓ ଉତ୍କଣ୍ଠା ଏପ୍ରବନ୍ଧର ଅନ୍ୟ ଏକ ବୈଶିଷ୍ଟ୍ୟ । ଗ୍ରନ୍ଥି ମୋଚନରେ ପ୍ରବନ୍ଧର ସମାପ୍ତି । ମୁଁ କ୍ଷେତ୍ର ଯିବିରେ ଓଡ଼ିଆ ପୁଅର ଜଗନ୍ନାଥ ଦର୍ଶନର ବ୍ୟାକୁଳତା ଭକ୍ତି ସୁଲଭ କାତର କଣ୍ଠର ରୂପ ନେଇଛି - 'ମୁଁ କ୍ଷେତ୍ର ଯିବି ସାଧୁଜନେ ମୋତେ ବାଟକାଢ଼ି ନେଇଯାଅ । ସଂସାର ହୁଗୁଳି ଯାଅ ମୋ ପାଦରୁ ! ମୋତେ ମୁକ୍ତ କର । କେବଳ ସେତିକି ନୁହେଁ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର ଲୋକ ମୁଖର ଭାଷା ପ୍ରୟୋଗ ମଧ୍ୟ ପାତ୍ରୋନ୍ମୁଖୀ କରିପାରିଛି କରୁଣ ଆବେଗକୁ । ଯେପରି ଚରିତ୍ରଟି କରିଛି ସ୍ୱଗତୋକ୍ତି ଅନୁରୂପ ଭାବରେ ମୁଁ ଏକ ପାଦପ, ମୌନ, ମୁଁ ସେଇ ଲଘିଷ୍ଠ ଆଦି ପ୍ରବନ୍ଧରେ ଆତ୍ମକଥନ ନାଟକୀୟ ଢ଼ଂଗରେ ପ୍ରକାଶ ଲାଭ କରିଛି । ନାଟକୀୟତା ପ୍ରବନ୍ଧଗୁଡିକୁ ବେଶ୍ ସୁଖପାଠ୍ୟ କରିଛି ।

Digitized by srujanika@gmail.com

କବିତ୍ୱ ପ୍ରତ୍ୟେକଟି ପ୍ରବନ୍ଧରେ ପ୍ରତିଫଳିତ । ଭାଷା, ଭାବ, ଉପମା, ବର୍ଣ୍ଣନା ଚାତୁରୀ, ପ୍ରତୀକ, କଳ୍ପନା ବିଳାସ ଓ ମିଥର ମନୋରମ ପ୍ରୟୋଗ ପାଠକକୁ ମନ୍ତ୍ରମୁଗ୍ଧ କରିପକାଏ । ଆଷାଢ, ମୌନ, ଦେବକୀ, ଲୁଚକାଳି, କଥା ସରେନା, ମିଛ ଅତି ଆପଣାର ଆଦି ପ୍ରବନ୍ଧରେ ପ୍ରାବନ୍ଧିକ ଜଣେ କବି । ଆଷାଢ ପ୍ରବନ୍ଧରେ ପ୍ରକୃତିର ଶୋଭାଠାରୁ ଆରମ୍ଭ କରି ଆକାଶ ଓ ଧରିତ୍ରୀର ପ୍ରୀତି ମଧ୍ୟ ସ୍ଥାନ ପାଇଛି । ପ୍ରାବନ୍ଧିକ ଆଷାଢ ଆକାଶରେ ଦେଖନ୍ତି ବାରିଦର ନନ୍ଦିଘୋଷ, ବାରିପାତରେ ଦେଖନ୍ତି ଯୁଦ୍ଧରତ ସୈନିକ, ବନ୍ୟାପ୍ଲାବନରେ ଦେଖନ୍ତି ଘୃତଲୋଭି ବ୍ରାହ୍ମଣକୁ । ଆଉ ଘନ ଭିତରେ ଦେଖନ୍ତି ଦୂରାଗତ ପ୍ରବାସୀର ଉଚ୍ଛ୍ୱାସକୁ । ଧରିତ୍ରୀ ଉଦ୍ଦେଶ୍ୟରେ ମୁଗ୍ଧ ଘନ ତୁଣ୍ଡରେ ପ୍ରାବନ୍ଧିକ କବିର ଭାଷାରେ କହନ୍ତି ହେ ମଳିନ ବସନା ଶିର୍ଣ୍ଣା ବଧୂ, ମୁଁ ଆସିଗଲି ଏଣିକି ଶୋକ ପରିହାର କର । 'ଲୁଚକାଳି'ରେ ଅତ୍ୟନ୍ତ କାବ୍ୟିକ ଢଙ୍ଗରେ ସତ୍ୟର ସନ୍ଧାନ କରିଛନ୍ତି, ଯେପରି - ମୁଁ ପରା ତୋ ପାଦର ଛାଇ, ତୋ ଜଠରର ଅନ୍ଧାର, ତୋ ଭୋକ, ଶୋଷ, ଭୟ ପଛରେ ସବୁବେଳେ ଲୁଚି ରହିଛି । ତୋ ଆଖିମିଟିକା ଆଢୁଆଳରେ, ତୋ ନିଃଶ୍ୱାସ ଫାଙ୍କ ଭିତରେ ମୁଁ ଛପିଛି । କଥା ସରେନାରେ ବୈଦିକ ଦର୍ଶନ ଓ ଭୂମାର ସନ୍ଧାନ ମିଳିଥାଏ । ସୃଷ୍ଟି ଓ ସ୍ଥିତିର ଆବର୍ତ୍ତନକୁ ରୂପଦେଇ ପ୍ରାବନ୍ଧିକ କହନ୍ତି ଜୀବନରୁ ଆଶା ସରେ ନାହିଁ । ନିରାଶା ମଧ୍ୟ ସରେ ନାହିଁ, ସ୍ୱପ୍ନ ସରେ ନାହିଁ, ରାତିବି ସରେ ନାହିଁ, ଦର୍ଶନରେ ସ୍ୱର୍ଗକୁ ନିଶୁଣି ପରି ଏଠି କିଛି ସରେନା । ଏପରି ଆଳଂକାରିକ ବର୍ଣ୍ଣନା ବିରଳ । ଦେବକୀ ପ୍ରବନ୍ଧରେ ଦେବକୀ ଅବହେଳିତ ଅସହାୟ, ନାରୀସମାଜର ପ୍ରତୀକ, ପାଦପରେ ବୃକ୍ଷରାଜି ନିଷ୍ପେଷିତ ନିର୍ଯ୍ୟାତିତ, ସର୍ବହରା, ଶୋଷିତ, ନିରୀହ ବର୍ଗର ପ୍ରତୀକ । ଯିଶୁ, ସକ୍ରେଟିସ ଏମାନେ ଯେପରି ଶୋଷଣର ଓ ନିର୍ଯ୍ୟାତନାର ମିଥ୍, ସକ୍ରେଟିସ୍‌ଙ୍କ ମୁଖରେ ପ୍ରାବନ୍ଧିକ କହନ୍ତି - ଯୁଗେ ଯୁଗେ ସତ୍ୟପାଇଁ ହତ୍ୟା କରାଯାଇଛି, ମୋ ପରେ ମଧ୍ୟ ଅନନ୍ତ କାଳ ପାଇଁ ହତ୍ୟା କରାଯିବ ।'ମୁଁ ଏକ ପାଦପ'ରେ ମଧ୍ୟ କହନ୍ତି - ଏଠି ଯେ ଦିବ୍ୟ ପ୍ରେମ ଦାନକରେ ତାକୁ କାଠଛକି ଉପରେ କଣ୍ଟାମାରି ଦିଆଯାଏ, ଯେ ଜ୍ଞାନ ଦାନକରେ ତାକୁ ବିଷ ପିଆଇ ଦିଆଯାଏ । ଏଠି ପ୍ରତିଦାନ ଆଶା କରିବା ମୂର୍ଖତା । ପ୍ରବନ୍ଧ ଗୁଡିକରେ ଗୀତା, ଉପନିଷଦ, ବେଦ, ବିଭିନ୍ନ ପୁରାଣ, କାବ୍ୟ କବିତା ଓ କିମ୍ବଦନ୍ତିର ପ୍ରଭାବ ସ୍ପଷ୍ଟ । ଏହିପରି କେତୋଟି ପ୍ରବନ୍ଧରେ ରଚୟିତା ଯେପରି ପ୍ରଥମେ କବି ଓ ପରେ ପ୍ରାବନ୍ଧିକ ।

ଏଥିରେ ଥିବା ଉପନ୍ୟାସର ମାଧୁରୀ, ବର୍ଣ୍ଣନା କୁଶଳତା ଓ ଚରିତ୍ର ଚିତ୍ରଣ କଳା ପାଠକକୁ ମୁଗ୍‌ଧ କରେ । ଲୁଚକାଳି, କଥାସରେନା, ଆଷାଢ଼, ନୀଡାୟତନ, ଅତିମୁହୂର୍ତ୍ତ, ମୁଁ ଏକ ପାଦପ, ମୌନ, ମିଛ ଅତି ଆପଣାର, ମୁଁ ସେଇ ଲଘିଷ୍ଟ ଆଦି ପ୍ରବନ୍ଧର ବିଶ୍ଳେଷଣାତ୍ମକ ଗୁଣ ଅତି ଉଚ୍ଚକୋଟୀର ଓ ରସସିକ୍ତ । ସରଳ ଭାଷାର ସ୍ପର୍ଶରେ ଗୁଢଭାବ ଓ ବକ୍ତବ୍ୟ ସୂକ୍ଷ୍ମରୂପଧରି ଉଦ୍‌ଭାସିତ ହୁଅନ୍ତି ପାଠକ ସମ୍ମୁଖରେ । ପ୍ରାବନ୍ଧିକ

Digitized by srujanika@gmail.com

କେତେବେଳେ ଇତିହାସ, କେତେବେଳେ ପୁରାଣ, କେତେବେଳେ ଦର୍ଶନ କେତେବେଳେ ବା ସମାଜର ଚରିତ୍ରଟିର ସାହାଯ୍ୟ ନେଇ ତାଙ୍କ ବକ୍ତବ୍ୟକୁ ତୀକ୍ଷଣ ଓ ପ୍ରତ୍ୟକ୍ଷ କରିଛନ୍ତି ।

ଏଇ ବକ୍ତବ୍ୟ ହେଉଛି ଆତ୍ମା । ପିଲାଦିନୁ ନୃସିଂହ ପୁରାଣ, ରାମାୟଣ ଓ ଭାଗବତ ପାଠ କରିଥିବା ବ୍ୟକ୍ତିସଭା ପରଂପରା, ପାରଂପରିକ ବିଶ୍ୱାସ ଓ ଆଧିଭୌତିକ ଚେତନାକୁ ସୂକ୍ଷ୍ମଭାବରେ ରୂପଦେଇ, ବେଶ୍ ସିଦ୍ଧହସ୍ତର ପରିଚୟ ପ୍ରଦାନ କରିଛନ୍ତି । (ଚର୍ଚ୍ଚା-ପୃଷ୍ଠା୧୨୯ ଦ୍ରଷ୍ଟବ୍ୟ) । ଲୁଚକାଳି ପ୍ରବନ୍ଧରେ ସତ୍ୟର ଅନୁସନ୍ଧାନ କରାଯାଇଛି । ଛଳନା ପ୍ରତାରଣଶା ଓ ଛଦ୍ମରୂପକୁ ପରିହାର କରିବାକୁ ପରାମର୍ଶ ଦେଇ ପ୍ରାବନ୍ଧିକ କହନ୍ତି - 'ସତ୍ୟରେ ହାବୁଡିଲେ ଆଉ ବିକଳ୍ପ ସମୁଦ୍ର ନଥାଏ ପହଁରିବାକୁ ।' କଥା ସରେନା ପ୍ରବନ୍ଧରେ ପାରଂପରିକ ବିଶ୍ୱାସ - ଇଶ୍ୱର ଯେ ଉର୍ଣନାଭ, ସକଳ ସୃଷ୍ଟି ଓ ସଂହାରର ମୂଳ ସେ - ଏହାକୁ ସ୍ୱୀକାର କରିବା ସହିତ, ଶ୍ରୀମଦଭାଗବତ ଗୀତା ସହିତ ସମସ୍ୱରରେ କହନ୍ତି - ଧର୍ମର ସଂସ୍ଥାପନ ସରେନା, ସରେନା ଦୃଷ୍କୃତର ବିନାଶ ଓ ସାଧୁର ପରିତ୍ରାଣ ।

ପ୍ରବନ୍ଧ ଗୁଡିକରେ ମଧ୍ୟ ଅଛି ମାନବବାଦର ପୂଜା, ସାମାଜିକ କୁସଂସ୍କାର ବିରୋଧରେ ସ୍ୱର, ମୂଲ୍ୟବୋଧ ପ୍ରତିଷ୍ଠାର ବାର୍ତ୍ତା, ସତ୍ୟର ସନ୍ଧାନ, ଅବହେଳିତ ନିର୍ଯାତିତ ପ୍ରତି ସମବେଦନା, ସାମାଜିକ ବଡପଣ୍ଡା ମାନଙ୍କ ସ୍ୱରୂପ, ମାନବ ଅନ୍ତରର ଅକୁହା ଗୋପନ ରହସ୍ୟ, ନିରାଶା ଭିତରେ ଆଶାର ସ୍ୱପ୍ନ ଓ ପାରଂପରିକ ଶଗଡ ଗୁଳାର ମୋହରୁ ମୁକ୍ତି ଓ ନବୀନର ସନ୍ଧାନ ।

'ମୁଁ ସତ୍ୟଧର୍ମୀ କହୁଛି'ରେ ଧର୍ମାନ୍ଧ ବଡପଣ୍ଡାଙ୍କ କ୍ରୁର ଓ ନଗ୍ନରୂପର ପ୍ରଦର୍ଶନ ସହିତ ସତ୍ୟର କରାଯାଇଛି ଜୟଗାନ । ଯେଉଁଠି ଦେବତା ଓ ମନ୍ଦିରର ପରିସର ହୋଇଯାଏ ବିସ୍ତୃତ । ଏ ଦିଗନ୍ତ ହୋଇଯାଏ ତା'ର ସୀମା, ଆକାଶ ହୋଇଯାଏ ତା'ର ଶୀର୍ଷ । ତଥା କଥିତ ଜ୍ଞାନୀ, ପଣ୍ଡିତ, ବିଜ୍ଞ ବ୍ୟକ୍ତିଙ୍କ ଆବରଣ ତଳର ଖର୍ବ ଓ ଦୁର୍ବଳ ରୂପଟି ସ୍ୱତଃ ପ୍ରକାଶିତ ହୋଇଯାଏ । ଦେବକୀ ପ୍ରବନ୍ଧରେ ଦେବକୀ ଭଗବାନ ଶ୍ରୀକୃଷ୍ଣଙ୍କ ମାତା, ପ୍ରବଳ ପ୍ରତାପୀ, ଦୁର୍ଦ୍ଦମନୀୟ ବଳଶାଳୀ, ଦିଗ୍‌ବିଜୟୀ କଂସର ଭଗ୍ନୀ ଅଥବା ରାଜପୁତ୍ର ବସୁଦେବଙ୍କ ପତ୍ନୀ ନୁହନ୍ତି, ସେ ସମଗ୍ର ନିଃସହାୟ, ନିର୍ଯ୍ୟାତିତ, ଅବହେଳିତ ନାରୀ ସମାଜର ପ୍ରତୀକ । ଯାହାଙ୍କ ଆଖିର ଲୋତକ କେବେବି ଶୁଖେନି । ପ୍ରାବନ୍ଧିକ କହନ୍ତି - ସର୍ବସଂହା ଦେବକୀ ଗୋ, ତୋର ଦୁରନ୍ତ କଷଣପାଇଁ ଅପରାଧୀ ଆମେ ସମସ୍ତେ କେବଳ ଅସୁର । ମୁଁ ଏକ ପାଦପ, ମୌନ, ଅନ୍ୟ ଏକ ପ୍ରେମକଥା, ମୁଁ ସେଇ ଇଘିଷ୍ଟ ଅଦି ପ୍ରବନ୍ଧରେ ନିର୍ଯ୍ୟାତିତ ଶୋଷିତ ମଣିଷର ଅକୁହା ବେଦନା ସ୍ଥାନ ପାଇଛି । ମାର୍କସ ଚେତନା ଏଠାରେ ସ୍ପଷ୍ଟ । ପାଦପ ଶୋଷିତ ବର୍ଗର ପ୍ରତୀକ । ତା'ର ପ୍ରତିବାଦ

Digitized by srujanika@gmail.com

କରିବାର ଅଧିକାର ନାହିଁ । ତେଣୁ ତା'ର ମୁଣ୍ଡ ମାଟି ଭିତରେ । ଫୁଲ ଭିତରେ ସୌରଭ, ଫଳ ଭିତରେ ସ୍ୱାଦୁ ଭରିଦେଲେ ଏଠି ହାଣ ଖାଇବାକୁ ହୁଏ । ପ୍ରାବନ୍ଧିକଙ୍କ ଭାଷାରେ "ଉପରେ ଆଘାତ ପଡିଲେ ଯେ ଲେଉଟି ଘାଁ କରିପାରେ ନାହିଁ, ଧାର ଧାର କ୍ଷୀର ବୁହାଇଲା ପରି ଯେ କେବଳ ଲହୁ ଲୁହ ଝରାଏ ସେ ପାଦପ । ନଖଦାନ୍ତ ନଥିଲେ ସମସ୍ତେ ପାଦପ । କଅଁଳା ବାଛୁରୀ, ଛନଛନିଆ ଛେଳିଛୁଆ, ଅସନା, ଲଙ୍ଗଳା-ଭୋକିଲା ମଣିଷ, ଶ୍ରମିକ, କୃଷକ, କ୍ରୀତଦାସ, ଶିକ୍ଷକ,ଅଧ୍ୟାପକ ସମସ୍ତେ ପାଦପ । ଏମାନଙ୍କ ପ୍ରତି ପ୍ରବନ୍ଧରେ ରହିଛି ସମବେଦନା ।

ମୁଁ ସେଇ ଲଘିଷ୍ଟ ପ୍ରବନ୍ଧ ନିଷ୍ପେଷିତ ମଣିଷର ଗାଥା ବହନ କରେ । ଗରିବ, ଖଟିଖିଆ,ଶ୍ରମିକ, କୃଷକ ସର୍ବହରା ପାଇଁ କ୍ଷୁଧା ହିଁ ଜୀବନର ପ୍ରଗାଢ଼ତମ ସତ୍ୟ । ତା ପାଇଁ ବଞ୍ଚିବା ଅନ୍ୟତମ କ୍ଷୁଧା । ଧର୍ମ,ଦେବତା, ସାହିତ୍ୟ, ସଂଗୀତ, କଳା ଭାସ୍କର୍ଯ୍ୟ ଭିତରେ ସେ କରେ ଅନ୍ନର ସନ୍ଧାନ । ତା ପାଇଁ ମାଟି, ଗୋଡି,ପଥର, ଗଛ, ମଣିଷ,ସାପ କଇଁଚ ସବୁ ଅନ୍ନମୟ । ଧର୍ମ ଓ ଈଶ୍ୱର ତାପାଇଁ ପାଚିଲା ତରଭୁଜ । ପ୍ରାବନ୍ଧିକ ସେଇ ବର୍ଗର ଲୋକଙ୍କ ମୁଖେକହନ୍ତି - 'ମୋ ଚରାମୁଣି ଭିତରେ ଡାଳପତ୍ର ଗୁଡାକ ପଶି ତରକ ନିଆଁରେ ନ ସିଝିବା ପର୍ଯ୍ୟନ୍ତ ମୁଁ ବଞ୍ଚିଛି ବୋଲି ପ୍ରମାଣ ନାହିଁ ।' ଏଠି କିନ୍ତୁ ପରିତ୍ରାଣ ନାହିଁ କାରଣ ମହାପୁରୁଷମାନେ ବାରବାର ଆସନ୍ତି ଓ ବାରବାର ନିଧନ ହୁଅନ୍ତି ଏଠି ।

ସାଂପ୍ରତିକ ମଣିଷ ହୋଇଯାଇଛି ନିଃସଙ୍ଗ, ନିଃସହାୟ । ମାନବିକତା, ମୂଲ୍ୟବୋଧ, ସତ୍ୟ ଓ ନ୍ୟାୟକୁ ଏଠି କବର ଦିଆଯାଇଛି । ଏଠି ଅଜସ୍ର କୋଳାହଳ ଆନେକ ବର୍ଣ୍ୟ ଉପଦ୍ରବ । ମୌନ ପ୍ରବନ୍ଧରେ ସତ୍ୟ ଓ ମୂଲ୍ୟବୋଧ ଯେପରି ଆହତ ସୈନିକ । ଏଠି ନିର୍ବାକ ମୌନତାହିଁ ସତ୍ୟର ଭାଷା, ସଂଗ୍ରାମର ଅନ୍ୟନାମ ବରଫଦିଆ ମଲା ମାଛ । ଦ୍ରୌପଦୀ ବିର୍ ବଜାରରେ ବଳାତ୍କାରର ଶିକାର ହେଲେବି ଅର୍ଜୁନ ଗାଣ୍ଡିବ ଧାରଣ କରିପାରେନା କାରଣ ତା ଶଂଖର ସମସ୍ୱରରେ ଶଂଖ ଫୁଙ୍କିବାକୁ ଆଉ କେହି ଆଗେଇ ଆସିବେନି । ଜହ୍ନ ରାଗିପାରେ କିନ୍ତୁ ନିଃସହାୟ ସାଂପ୍ରତିକ ମଣିଷ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିପାରେନା, ତେଣୁ ପ୍ରାବନ୍ଧିକ କହନ୍ତି - କୌଣସି ପ୍ରକାରେ ତାରା ଗୋଟେଇ ବଞ୍ଚି ରହିବା ମୋର ଦାୟିତ୍ୱ, ବଞ୍ଚି ନ ପାରିବା ମୋର ଅଯୋଗ୍ୟତା ।

ମଣିଷର ଅନ୍ୟ ଏକ ଜାନ୍ତବ ପ୍ରବୃତ୍ତି ହୋଉଛି ରକ୍ତସ୍ନାନ । ସେ ଦୁର୍ଯ୍ୟୋଧନ, ରକ୍ତନଦୀରେ ପହଂରି ଆରପାରିରେ ନ ପହଞ୍ଚିବା ପର୍ଯ୍ୟନ୍ତ ସଂହାର କରିଚାଲେ । ସଭ୍ୟ ମଣିଷର ଏଇ ପାଶବିକ ପ୍ରବୃତ୍ତିର ବୀଭତ୍ସରୂପ ରହିଛି 'ଯେ କୌଣସି ଯୁଦ୍ଧ ପରେ' ପ୍ରବନ୍ଧ ମଧ୍ୟରେ । ସୃଷ୍ଟି ହୋଇ ଯାଇଛି ଦୁଇଟି ପ୍ରଳୟଙ୍କରୀ ବିଶ୍ୱଯୁଦ୍ଧ, ଘଡାଏ ପାଉଁଶରେ

Digitized by srujanika@gmail.com

ପରିଣତ ହୋଇଛି ମାନବ ସମାଜ । ମଣିଷର ଏଇ ପଶୁ ପ୍ରବୃତ୍ତିର ଚିତ୍ର ଆଂକି ପ୍ରାବନ୍ଧିକ କହନ୍ତି - ନଗରରେ ରହି ନାଗର ନ ସାଜିବା ଯେପରି ଦୋଷାବହ ଏବଂ ଲଜ୍ଜାଜନକ ସେପରି ସଭ୍ୟ ଜଗତରେ ରହି ଯୁଦ୍ଧରେ ଯୋଗନଦେବା ଅସ୍ୱାଭାବିକ ।

ସମାଜର ପ୍ରବୃତ୍ତି ଓ ପ୍ରକୃତିର ବାସ୍ତବ ଓ ଅତି ବାସ୍ତବ ଚିତ୍ର ଉପସ୍ଥାପନ କରିବା ସହିତ ତାକୁ ସ୍ୱଚ୍ଛତି ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିଛନ୍ତି ପ୍ରାବନ୍ଧିକ । ଜୀବନ ଯନ୍ତ୍ରଣା ଓ ଅବଚେତନ ମନରେ ଗୁଢ଼ ରହସ୍ୟ ମଧ୍ୟ ଆବିଷ୍କୃତ ହୋଇଛି କେତୋଟି ପ୍ରବନ୍ଧରେ । ନିତାୟତନ ପ୍ରବନ୍ଧରେ ପାରିବାରିକ ଜୀବନ ଯନ୍ତ୍ରଣା ମଧ୍ୟରେ ଲୁଚିରହିଥିବା ପରମ ଆନନ୍ଦର ସନ୍ଧାନ ମିଳିଥାଏ । ଏଠି ବଞ୍ଚିବା ଯେମିତି ମମତା ସ୍ନିଗ୍ଧ ଏବଂ ଲୋଭନୀୟ, ମରିବା ମଧ୍ୟ ସେହିପରି ଲୋତକ ସିକ୍ତ ଓ କରୁଣା ର୍ଦ୍ର । ଏଠି ସଂକଟ, ଦୈନ୍ୟ, ଦ୍ୱେଷ, ଘୃଣା, ବିଦ୍ରୋହ, ଶୋକ, ସନ୍ତାପ ଓ ରୋଷ ଅଛି ପୁନଶ୍ଚ ଅଛି ପ୍ରେମ, ବାତ୍ସଲ୍ୟ, ଭକ୍ତି ଓ ଶ୍ରଦ୍ଧା । ସୁଖ ଦୁଃଖ ସବୁପ୍ରିୟ ସବୁ ଅପଣାର, ତାରି ଭିତରେ ମିଳେ ଚତୁର୍ଦ୍ଦିଗର ଫଳ । ମୋର ବୋଲି କହିବାରେ ଥାଏ ଅସୀମ ଗର୍ବ ।

ପ୍ରତିପକ୍ଷ ପ୍ରବନ୍ଧରେ ସ୍ୱପକ୍ଷ ଓ ପ୍ରତିପକ୍ଷ ମଧ୍ୟରେ ଅଭେଦର ପରିକଳ୍ପନା କରାଯାଇଛି । ମଣିଷ ପ୍ରତିପକ୍ଷ ସହିତ ଅହରହ ଯୁଦ୍ଧରେ ରତ ହେବାକୁ ଯେମିତି ବଞ୍ଛେ ସେମିତ ବଞ୍ଛେ ସ୍ୱପକ୍ଷଠାରୁ ପାଇବାକୁ ସ୍ନେହ,ପ୍ରୀତି, ମମତା ଓ ଆଶ୍ଳେଷ । ପ୍ରତିପକ୍ଷ ପ୍ରେରଣାର ଉତ୍ସ, ସେମାନେ ଅର୍ଜୁନକୁ ପରୋକ୍ଷରେ ଗଢ଼ିତୋଳନ୍ତି ବୁର୍ଦ୍ଦମନୀୟ ଧନୁର୍ଦ୍ଧାରୀ ରୂପେ । ପ୍ରାବନ୍ଧିକଂକ ଭାଷାରେ - ଦୀର୍ଘାୟୁ ହୁଅନ୍ତୁ ମୋର ପ୍ରତିପକ୍ଷ, ମୋର କୌରବ ଶହେଭାଇ ଅନ୍ତତଃ ମୁଁ କହିଥିବାଯାକେ ଉଭାରି ରହିଥାନ୍ତୁ । ପ୍ରତିପକ୍ଷର ତାଡନା ବିନା ଜୀବନ ଜଣାପଡେ ଯେପରି ଗୋଟିଏ ସରଳ ରୈଖିକ ବ୍ୟର୍ଥତା ।

'ମିଛଅତି ଆପଣାର' ପ୍ରବନ୍ଧରେ ମଣିଷ ମନର ଗଭୀର ମନସ୍ତତ୍ତ୍ୱକୁ ପ୍ରାବନ୍ଧିକ ବିଶ୍ଳେଷଣ କିରିଛନ୍ତି । ମିଥ୍ୟା ମଣିଷର ଅତି ଆପଣାର, ସତ୍ୟକୁ ଭୟ କରେ ବୋଲି ନୁହେଁ ମିଥ୍ୟାରେ ଆନନ୍ଦ ପାଏ ବୋଲି । ଚିତ୍ରର ଫୁଲ ଓ ପାଷାଣର ଘୋଡା ବେଶି ଆଦର ଲାଭକରେ ବାସ୍ତବ ଫୁଲ ଓ ଜୀବନ୍ତ ଘୋଡାଠାରୁ । ସାହିତ୍ୟରେ ଥାଏ ଅତି କଳ୍ପନା, ଇତିହାସରେ ଅସ୍ପଷ୍ଟ ପାଦଚିହ୍ନ, ଦର୍ଶନରେ ଅସ୍ପଷ୍ଟ ଦିଗନ୍ତ ଆଉ ବିଜ୍ଞାନରେ ମେଘର ମାୟା ସବୁଠି ଖାଲି ମିଛର ରାଜୁତି । ମଣିଷ ସ୍ୱୟଂ ଗୋଟିଏ ମିଛ କଣ୍ଢେଇ । ତାଙ୍କ ଭାଷାରେ ମିଛଠାରୁ ବଳି ରମଣୀୟ ଏବଂ ମଧୁର ପଦାର୍ଥ ଆଉ ନାହିଁ । ସେଥିରେ ପ୍ରଚୁର ଆନନ୍ଦ ମିଳେ - ରମଣର ଆନନ୍ଦ, ସୃଷ୍ଟିର ଆନନ୍ଦ ।

ମଣିଷ ମନ ଗହନର ତଳେ ଥିବା ସ୍ତରୀଭୂତ ଅତିବାସ୍ତବ ଚେତନାର ଆବିଷ୍କାର କରାଯାଇଛି 'ମୁକ୍ତିପାଇଁ ନୁହେଁ' ପ୍ରବନ୍ଧରେ । ମଣିଷ ମୁକ୍ତି ଚାହେନା, ଜନ୍ମଜନ୍ମାନ୍ତରରୁ ମୁକ୍ତି । ସେ ଚାହେଁ ବନ୍ଧନ, ସ୍ନେହ, ପ୍ରେମ, ମମତା, ମୈତ୍ରୀ ଓ ପ୍ରଣୟନ ବନ୍ଧନ । ଏ

Digitized by srujanika@gmail.com

ବନ୍ଧନରେ ବାନ୍ଧି ହୋଇଗଲେ ରୋଗ, ଦାରିଦ୍ର୍ୟ, ଅପଯଶ, ଲଜ୍ଜା, ଅପମାନ, ସଂକୋଚ, ସଂଶୟ ଓ ଅବିଦ୍ୟାରୁ ଆପେ ମୁକ୍ତି ମିଳିଯାଏ । ନିରାଳମ୍ବ ସଂପୂର୍ଣ୍ଣ ମୁକ୍ତି ମଣିଷ କଦାପି ଚାହେନା । 'ଫାଶ ଫିଟିଗଲା' ପ୍ରବନ୍ଧରେ ମୂଲ୍ୟବୋଧ ପ୍ରତିଷ୍ଠା, 'ନିନ୍ଦୁକ ପରିଚୟ'ରେ ଖର୍ବ ମଣିଷର ବାମନ-ବ୍ୟକ୍ତିତ୍ୱର ହୀନମନ୍ୟତା ଏବଂ ଅତି ମୁହର୍ତ୍ତ ପ୍ରବନ୍ଧରେ ସ୍ତମ୍ଭୀଭୂତ-କ୍ଷଣ ଉପରେ ଆଲୋଚନା ବେଶ୍ ତାତ୍ତ୍ୱିକ ଓ ଯୁକ୍ତିନିଷ୍ଠ ।

ପ୍ରବନ୍ଧଗୁଡିକର ଭାଷା ସରଳ, ଲଳିତ, ଭାବ ହୃଦୟସ୍ପର୍ଶୀ ଓ ସ୍ୱତଃସ୍ଫୂର୍ତ୍ତ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ, ଦର୍ଶନ ଓ ସମାଜ ତତ୍ତ୍ୱ ପ୍ରବନ୍ଧଗୁଡିକୁ କାଳଜୟୀ କରିପାରିଛି । ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ତଥା ପ୍ରାନ୍ତୀୟ ଶବ୍ଦ ସଂଯୋଜନାରେ ଭାବ ଯେପରି ଗୁରୁଗମ୍ଭୀର ହୋଇ ପାରିଛି ସେପରି ଲଳିତ ଓ ମଧୁର ବି । ବେଦ, ଉପନିଷଦ, ଗୀତା, ଭାଗବତର ଦର୍ଶନ ସହିତ ପାଶ୍ଚାତ୍ୟ ଧର୍ମ, ସମାଜ, ସଂସ୍କୃତ ଓ ସଂସ୍କାରଗତ ଦର୍ଶନର ମିଳନରେ ପ୍ରବନ୍ଧଗୁଡିକ ବହନ କରିଛି ନୂତନ ଚେତନା । କାବ୍ୟ, କବିତା, ନାଟକ, ଗଳ୍ପ ଓ ଉପନ୍ୟାସ ଆଦିର ଉପାଦାନ ପ୍ରାବନ୍ଧିକଙ୍କ ଚିନ୍ତାଚେତନାକୁ ରୂପ ଦେବାରେ ଯେତିକି ବଳିଷ୍ଠ ମାଧ୍ୟମ ହୋଇପାରିଛି, ପ୍ରବନ୍ଧ ଗୁଡିକୁ ମଧ୍ୟ ସେତିକି ରମଣୀୟ କରି ଗଢ଼ି ତୋଳିଛି । ସାଂପ୍ରତିକ ଓଡ଼ିଆ ରମ୍ୟରଚନା ସାହିତ୍ୟ ଆକାଶରେ ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ଜାଜ୍ୱଲ୍ୟମାନ ଧ୍ରୁବତାରା । ପଥ ପ୍ରଦର୍ଶନ କରୁଥିବେ ନୂତନ ପିଢ଼ିକୁ ଅନନ୍ତ କାଳ ପାଇଁ ।

ସହାୟକ ଗ୍ରନ୍ଥ -

ରଥ ଚନ୍ଦ୍ରଶେଖର - ମୁଁ ସତ୍ୟଧର୍ମୀ କହୁଛି ପ୍ର-ଗ୍ରନ୍ଥମନ୍ଦିର, କଟକ.
ପ୍ରକାଶ କାଳ - ୧୯୮୩ (ଦ୍ୱିତୀୟ ମୁଦ୍ରଣ)
ରଥ ଶଶିଭୂଷଣ (ସଂପାଦନା) ଚର୍ଚ୍ଚା (ଚନ୍ଦ୍ରଶେଖର ରଥଙ୍କ ଷଷ୍ଠିପୂର୍ତ୍ତି ଅଭିନନ୍ଦନ ଗ୍ରନ୍ଥ)
ପ୍ର- ସଂଦୀପନୀ, ଭୁବନେଶ୍ୱର-୧୨, ପ୍ରକାଶକାଳ - ୧୯୯୦
କବି ଅଧ୍ୟାପକ ଅସିତ-ଓଡିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ପ୍ର- ଗ୍ରନ୍ଥମନ୍ଦିର, କଟକ
ପ୍ରକାଶ କାଳ - ୧୯୯୪ (ତୃତୀୟ ସଂସ୍କରଣ)
ରଥ ଚନ୍ଦ୍ରଶେଖର - ଦୃଷ୍ଟି ଓ ଦର୍ଶନ - ପ୍ର- ଗ୍ରନ୍ଥମନ୍ଦିର, ପ୍ରକାଶ କାଳ - ୧୯୭୧.
ମିଶ୍ର ଶ୍ରୀନିବାସ - ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ - ପ୍ର-ବିଦ୍ୟାପୁରୀ. କଟକ
ପ୍ରକାଶ କାଳ ୧୯୯୫ (ଦ୍ୱିତୀୟ ମୁଦ୍ରଣ)
ସାମନ୍ତରାୟ ଡଃ ନଟବର - ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)
ପ୍ରକାଶକ ଡଃ ନଟବର ସାମନ୍ତରାୟ
ପ୍ରାକାଶକ ୧୯୮୩, (ଦ୍ୱିତୀୟ ସଂସ୍କରଣ,) ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବ୍ରହ୍ମପର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ।
କର ଡକ୍ଟର ବାଉରୀବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ, ପ୍ର-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ,
ପ୍ରକାଶକ ୧୯୯୮ (ଦ୍ୱିତୀୟ ସଂସ୍କରଣ)

Digitized by srujanika@gmail.com

ପୌରୁଷ ଓ ପ୍ରତିଭା

ପ୍ରଫେସର ଖଗେଶ୍ୱର ମହାପାତ୍ର

(ଅଧ୍ୟାପକ ଚନ୍ଦ୍ରଶେଖର ରଥଙ୍କ ପ୍ରତି ସତ୍ୟ ଉକ୍ତିରେ ସମର୍ପିତ)

୧୯୬୦ ଦଶକର କୋରାପୁଟ ଅଞ୍ଚଳ । ଏବେ ନୂଆ ଯିଏ ସିଆଡ଼େ ଯାଉଥିବେ, ତାଙ୍କର କଳ୍ପନାତୀତ ସେ ଦିନର ସ୍ଥାନ-କାଳ-ପାତ୍ର । ଗମନାଗମନର ସୁବିଧା ଥିଲା ଟ୍ରେନରେ । ବିଜୟ ନଗର ଯାଇ ସେଠୁ ଧାଁ ଧପଡ଼ କରି ଗୋଟିଏ ବସ୍‌ରେ ସ୍ଥାନ ପାଇବା କଷ୍ଟ । ବାଟରେ ସାଲୁରଠାରେ ମିଳେଇବ୍ରି ରାଗ ଓ ଆମ୍ବିଳ ଭୋଜନ । ସଦର ମହକୁମା ହେଲେ ବି କୋରାପୁଟ ସହର ନଥିଲା । ସେ ଅଞ୍ଚଳର ବଡ଼ ସହର ହେଲା ଜୟପୁର । ସେଇଠି ଥିଲା ସବୁ ରକମ ଦୋକାନ, ରହିବା ପାଇଁ ଲଜିଂ, ଖାଇବା ପାଇଁ ଆମିଷ ହୋଟେଲ ଏବଂ ଟାଳ ଛପର ତଳେ ସିନେମା ଘର । ସବୁଠୁ ବଳି ପଡିଥିଲା ବାର୍ତ୍ତାଳାପ କଷ୍ଟ । ଧୋବଧଉଳିଆଙ୍କର ନାଗରିକ ଭାଷା ତେଲେଗୁ, ମଳି ମୁଣ୍ଡିଆଙ୍କ ଭାଷା ଦେଶିଆ କିମ୍ବା କୌଣସି ଜନଜାତୀୟ ଭାଷା "କାହାରେ କିସ ଭଣି ମଇ ଜିବ ପିରିଛା ।" ଏହା ଥିଲା ସବୁ ଆଗନ୍ତୁକଙ୍କ ସମସ୍ୟା ।

ଏମିତିକା ଦେଶ-କାଳ-ପାତ୍ର ବିଧୃତ କୋରାପୁଟ ଅଞ୍ଚଳଥିଲା ମୋର ଗବେଷଣା କ୍ଷେତ୍ର । ଦିନେ କୁଆଡୁ ଆସି ସଂଜ ସଂଜୁଆ ଜୟପୁରରେ ପହଞ୍ଚିଲି । ସକାଳୁ ମୋର କୋଉ ଜାଗାକୁ ଯିବାକୁ ବସ ମିଳିବ, କୋଉଠି ରହିବି ? ଜଣେ ଅଧ୍ୟାପକର ବ୍ୟକ୍ତିତ୍ୱ ଓ ବିଶ୍ୱାସ ନେଇ ଚାଲିଲି ବସ୍ ଷ୍ଟାଣ୍ଡ ପାଖରେ ଥିବା କଲେଜ ହଷ୍ଟେଲକୁ । ଗ୍ରୀଷ୍ମ ଛୁଟି । ତେବେ ତତ୍ତ୍ୱାବଧାରକ ଅଛନ୍ତି ବୋଲି ଜାଣିଲି । ଦେଖିଲାବେଳକୁ ସିଏ ଅଧ୍ୟାପକ ଚନ୍ଦ୍ରଶେଖର ରଥ । ଆମର ଆକସ୍ମିକ ଭେଟ ଘାଟ ଉଭୟଙ୍କୁ ଶିହରିତ କଲା । କିଛି ଗପସପ । ତାପରେ ସେଠି ଶୟନର ସୁବ୍ୟବସ୍ଥା । କଥା ରହିଲା ସକାଳେ ପୁଣି କଥାବାର୍ତ୍ତା ।

ସକାଳେ ସାକ୍ଷାତ କଥାବାର୍ତ୍ତାର ଅସଲ କାର୍ଯ୍ୟକ୍ରମ ଥିଲା ପ୍ରାତଃ ଭୋଜନ । ତାଙ୍କ ବସାକୁ ଗଲି । ଭୋଜନ ସାମଗ୍ରୀ ଆସିଲା ମୋ ପାଇଁ । ସେଠିକାର ଦ୍ରବ୍ୟ ଇଡିଲି, ଉପମା ଇତ୍ୟାଦି । ତାଙ୍କର ଆସୁନଥାଏ । ମୁଁ ଅପେକ୍ଷାରତ । ତାଙ୍କର ତାଗିଦା - ଆରମ୍ଭ ହେଉ । ମୋର ପ୍ରଶ୍ନ ତାଙ୍କର ଆଉ । ଯାହା ତାଙ୍କ ପାଇଁ ଆସିଲା - ବଡ଼ ବେଲାରେ

Digitized by srujanika@gmail.com

ଚୂଡ଼ା ଇତ୍ୟାଦି ପରିପୂର୍ଣ୍ଣ ଚକଟା । ମୋର କୌତୂହଳ ସେ ବୋଧେ ଅନୁଭବ କରି କହିଲେ ଆପଣଙ୍କ ସୂକ୍ଷ୍ମ ଜଳପାନ ମୋ ଦେହକୁ ସୁହାଇବ ନାହିଁ । "ପଚିଶ,ପଚାଶ ଇଡ଼ିଲି ମୋତେ କିଏ କରି ଦେବ ? ଅଧ୍ୟାପକ ଚାକିରିରେ ଏକା ନିଜର ଖାଇବାରେ କେତେ ଖର୍ଚ୍ଚ କରିହେବ ? " କଥାର ମର୍ମ ବୁଝିଲି । ମନରେ ବିଶ୍ୱାସ ଜନ୍ମିଥିଲା ଯେ ସିଏ ଯାହା ଖାଆନ୍ତୁ ଯେପରି ରହନ୍ତୁ, ତାଙ୍କ ଶରୀରର ସାମର୍ଥ୍ୟ ଓ ସୌଷ୍ଠବ ସୁରକ୍ଷିତ ରହିବ । ଆଜି ନବେ ଦଶକର ଶେଷରେ ମଧ୍ୟ ମୋର ସେଦିନର ବିଶ୍ୱାସ ଦୋହଲି ଯାଇନାହିଁ । ତାଙ୍କର ସେ ଦେହରେ ନିରନ୍ତର ପୌରୁଷର ପ୍ରତିଷ୍ଠା ।

ମୋ ଦେଶରେ ଅଧ୍ୟାପକ ରଥଙ୍କ ବ୍ୟକ୍ତିତ୍ୱର ଆଉ ଏକ ବିଶେଷତା - ପୌରୁଷ ସହ ପ୍ରତିଭାର ସମଯୋଗ । ସତରେ ଶହେକୁ ଶହେ ଏପରି ସମନ୍ୱୟ ଦେଖାଯାଏନା । ଏହା ମୁଁ ପ୍ରଥମେ ଅନୁଭବ କରିଥିଲି ଯେତେବେଳେ ବାରିପଦାରେ ଆମର ସାମ୍ନା ସାମ୍ନି ହୋଇଥିଲା । ସେତେବେଳେ ସେ ଓଡ଼ିଆ ସାହିତ୍ୟ ଲେଖାରେ ହାତ ଖଡ଼ି ଅଭ୍ୟାସକରୁଥାନ୍ତି । ଅନୁପ୍ରେରକ ମହାପାତ୍ର ନୀଳମଣି ସାହୁ । ଏ ଗୋଟିଏ ବ୍ୟାପାରରେ ନୀଳମଣିବାବୁ ଅନନ୍ୟ । ସାହିତ୍ୟ କ୍ଷେତ୍ରରେ ଲୋକଙ୍କୁ ମତାଇଦେଇ ସାହିତ୍ୟକାର ଭାବରେ ଖାଡ଼ା କରିବା ତାଙ୍କ ସାହିତ୍ୟ ପ୍ରାଣତାର ଏକ ପ୍ରମାଣିତ ଦୃଷ୍ଟାନ୍ତ । ଚନ୍ଦ୍ରଶେଖର ବାବୁ ବାରିପଦାରେ ତାଙ୍କ ହାବୁଡ଼ରେ ପଡ଼ିବା ଏପରି ଏକ ଯୋଗାଯୋଗ ହେଲା ଯେ ତାଙ୍କର ଇଂରେଜୀ ଅଧ୍ୟାପନାର ଉପରେ ଓ ଭିତରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମ୍ମୋହ ଅଗ୍ରାଧିକାର ଗ୍ରହଣ କଲା । ଅଧ୍ୟାପକ ଚନ୍ଦ୍ରଶେଖର ରଥ କ୍ରମଶଃ ବରଣୀୟ ଓଡ଼ିଆ ସାହିତ୍ୟକାର ଭାବରେ ଅଭ୍ୟୁଦିତ ହେଲେ ଏବଂ ସାଂପ୍ରତିକ ପରିସ୍ଥିତିରେ ସେ ସେହି ସଂଗୋଷ୍ଠୀର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ।

ବିଗତ ଚାଳିଶ ପଇଁଚାଳିଶ ବର୍ଷ ମଧ୍ୟରେ ମୁଁ ବହୁ କ୍ଷେତ୍ରରେ ଓଡ଼ିଶାରେ ଶାନ୍ତିନିକେତନରେ ତଥା ଦିଲ୍ଲୀରେ (ସ୍ୱର୍ଗତଃ ବନ୍ଧୁ ଜୀବନ ପାଣିଙ୍କ ଗହଣରେ) ଚନ୍ଦ୍ରଶେଖର ବାବୁଙ୍କ ସଂସ୍ପର୍ଶରେ ଆସିଛି । ଆମ ଭିତରେ ସଂପର୍କର ଭିତ୍ତି ପାରସ୍ପରିକ ସଂଭ୍ରମବୋଧ । ଏପରି ଭଦ୍ର ଅଥଚ ଦୃଢ଼ମନା ବନ୍ଧୁ ମୋର କ୍ୱଚିତ୍ ଅଛନ୍ତି । ଥିଲେ କୃଷ୍ଣପ୍ରସାଦ ମିଶ୍ର ଏବଂ ଅଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ । ସେମାନେ ସଭିଏଁ ଗୋଟିଏ ଚକ୍ରରେ ଅନ୍ତର୍ଭୁକ୍ତ ହେଲେ ହେଁ ଚନ୍ଦ୍ରଶେଖର ତାଙ୍କ ଭିତରେ ସ୍ୱତନ୍ତ୍ର । କାରଣ ତାଙ୍କଠାରେ କେବଳ ମୁଁ ଦେଖିବାକୁ ପାଏ ପୌରୁଷ ଓ ପ୍ରତିଭାର ସୁସ୍ଥ ସମନ୍ୱୟ ।

◆ ◆ ◆

Digitized by srujanika@gmail.com

ଉତ୍ତୀର୍ଣ୍ଣ ସଂଧିକାଳ

ଚନ୍ଦ୍ରଶେଖର ଭାଇ, ତାରାକାନ୍ତ ନାୟକ

ମୋର ଅନ୍ତର ଭିତରର ଶ୍ରଦ୍ଧା । ତମକୁ ଭାଇ କଲି କାରଣ ଆଉ କଣ ବୋଲି ସମ୍ବୋଧନ କରିଥିଲେ ତମର ଏତେ ଘନିଷ୍ଠ କାଳେ ନ ହୋଇ ପାରିବି, ଖାସ ସେଇଥି ପାଇଁ । 'କଥା'ର ପୂଜା ବିଶେଷାଙ୍କରେ ତମର 'ସଂଧିକାଳ' ମୋତେ ବହୁତ ଭଲ ଲାଗିଲା । ପ୍ରଥମେ ଶୋଇ ରହି ପଢୁଥିଲି, ଠିକ୍ ପଢ଼ା ଅଧାହେଲା ବେଳକୁ ବିବେକ ବାଧା ଦେଲା । 'ବଂନ୍ଦେ ମାତରମ' ଶୋଇ ରହି ଉଚ୍ଚାରଣ କରିପାରିଲିନି । ଉଠି ବସି ପଡ଼ିଲି । ସତରେ କଣ କାଳୁ ପ୍ରହରାଜ ଏଇ ଭାରତ ମାଟିରେ ଏବେବି ବଂଚିଛି ? ସତରେ କଣ ମୁଁ ତାକୁ ଦେଖିପାରିବି ? ତମର ମାନସ ସନ୍ତାନ କାଳୁ ପ୍ରହରାଜ କଣ ସତରେ ମୋ ଜୀବନରେ ଆସିବ ? ପ୍ରକୃତରେ ପଞ୍ଚଦଶକର ଏଇ ସ୍ୱାଧିନତାର ଧୂମ୍ରାଭ ଦିଗବଳୟରୁ ଜଣେ ଭାରତୀୟ ତା'ର ହୃଦୟ ଖୋଲି 'ବଂଦେ ମାତରମ୍' ଗାଇବାର ସତ୍‌ସାହସ କରି ବଂଚିଛି । ନାଁ ଏ କେବଳ ତୁମ ଗଳ୍ପ ଲିଖନର ଚାତୁରୀ । ଶେଷ ଆଡ଼କୁ ମୋ ଆଖିରେ ଲୁହ ଆସିଗଲା, ଅକ୍ଷର ଗୁଡା ଆସ୍ତେ ଆସ୍ତେ ଅସ୍ପଷ୍ଟ ହୋଇ ଗଲେ । କୋହଗୁଡା କ୍ଷଣକ ପାଇଁ ସୃଷ୍ଟି ହୋଇ ପୁଣି ମିଳାଇ ଯାଉଥିଲା ପଂଜରାତଳେ ।

'ସଂଧିକାଳ'ର 'ବଂଦେ ମାତରମ୍' ମୋତେ ସେଇ ପୁରୁଣା (୫୦ ବର୍ଷତଳର) ବଂଦେ ମାତରମ୍ ଭଳି ଲାଗୁଛି । ଏ ବଂଦେ ମାତରମ୍ ରେ କାହିଁ ଅଲଗା କିଛି ଅସାଧାରଣତା ରହିଥିବାର ଅନୁଭବ କରିପାରୁଚି ମୁଁ । ସତରେ କଣ ନିଜର ପ୍ରତାରିତା ମା'ପ୍ରତି ତୁମ ହୃଦୟରେ ଏତେ ଦରଦ, ଯଦି ଏହା ସତ ହୋଇଥାଏ ତା ହେଲେ ତମେ ମୋ ଜୀବନର ମାଇଲଖୁଣ୍ଟ ହୋଇଗଲ । ତମର ସାନ୍ନିଧ୍ୟ ହିଁ ମୋ ଜୀବନର ମୋଡ ବଦଳେଇବ । ତମକୁ ମୁଁ ଏତେ ଭଲପାଇଗଲି । କିନ୍ତୁ ତମେ ଠିକ୍ ସେଇଆକର ବା ନକର ମୋର କିଛି ଯାଏଆସ ନାହିଁ କାରଣ ସେଇଟା ତୁମର ସଂପୂର୍ଣ୍ଣ ବ୍ୟକ୍ତିଗତ । ଜଣେ ଲେଖକଙ୍କ ର ଅନେକ ପ୍ରଥମ ଶ୍ରେଣୀ ପ୍ରଶଂସକ ଥାଇପାରନ୍ତି ମାତ୍ର ଜଣେ ପାଠକର, ଗୋଟାଏ ଦରଦୀ ହୃଦୟର ମାତ୍ର ଜଣେ ପ୍ରିୟ ଲେଖକ ଥାଆନ୍ତି ।

ମୁଁ ତାରାକାନ୍ତ ସାଲେପୁର କଲେଜରେ +3 Science Math(H) ରେ ପଢୁଛି । ସତରେ କଣ ଏବେ ସେମିତିଆ ଆଖି ଅଛି ଯାହା ତରାଟି ଚାହିଁଦେଲେ ନିଆଁ ଲାଗିଯିବ ଏ ସ୍ୱାର୍ଥାନ୍ୱେଷୀ ସମାଜରେ - ଏଇ ସ୍ୱାର୍ଥ ସର୍ବସ୍ୱ ସମାଜରେ ?

Digitized by srujanika@gmail.com

ପ୍ରକୃତରେ ଗପଟିଏ 'ସଂଧିକାଳ' । ଗପଟି ନୁହେଁତ କ୍ରାନ୍ତିର ତରଙ୍ଗଟାଏ । ବିପ୍ଳବର ଝଲକଟାଏ ପରିବର୍ତ୍ତନର ପୂର୍ବାଭାସଟିଏ । ଗପ ହବତ ଏମିତି, ଯୁଗୋପଯୋଗୀ, ଭୋକିଲାପେଟର ବ୍ୟଥା ବୁଝିବ । ତୃଷାର୍ତ୍ତ ର ଶୋଷ ମେଣ୍ଟିବ, ସ୍ଥିର ଚେତନାକୁ ଚହଲାଇଦେବ । ବହୁଦିନରୁ ଏମିତିଆ ଗୋଟାଏ ଗପ ଲେଖିବାର ଆଭିପ୍ରାୟ ଥିଲା, ଭଗବାନ ମୋ ସ୍ୱପ୍ନକୁ ତୁମହାତରେ ସାକାର କଲେ, ତମେ ଚିନ୍ତାକର କେତେ ଆନନ୍ଦ ମୋତେ ଲାଗୁଥିବ । ମୁଁ ଶୁଣିଚି କାଳେ ଲେଖକମାନେ ଲେଖନ୍ତି ଗୋଟିଏ ପ୍ରକାରର ଏବଂ ସେମାନେ ପ୍ରକୃତରେ ଗୋଟିଏ ପ୍ରକାରର । ତୁମେ କଣ ସେଇ ଗୋଷ୍ଠୀର ? ନାଁ ତମେ କେବେ ହୋଇନପାର । ଭାଇ ମୋର ଅନୁରୋଧ ତୁମେ ସେମିତି ହୁଅନା । ସେମିତି ହେଲେ ମୋ ଭାରତ ପ୍ରତି ପ୍ରତାରଣାର ନୂଆ ଇତିହାସ ପୁଣି ତିଆରି ହୋଇଯିବ । ସିଏ ଯାହା ତ ଠକି ହେଲା ହେଲା ପୁଣି ଆଶ୍ୱାସନା ଦେବାର ଆଳରେ ଯଦିତାକୁ ପ୍ରତାରିତ କରାଯାଏ, ଠିକ୍ ହବନି । ଭଗବାନ କରନ୍ତୁ ତୁମେ ତମର ମାନସ ସନ୍ତାନର ଠିକ୍ ଗୋଟିଏ ଯୋଗ୍ୟ ବାପା ହୁଅ, ଏତିକି ମୋର ପ୍ରାର୍ଥନା । ଖରାପ ଭାବିବନି କଣସବୁ ବକିଯାଉଚି । ଏ ଚିଠି ଲେଖା ତ ସରିବନି । ଏମିତି ଚାଲିଥିବ, ଛାଡ଼ ବାସ୍ତବତା ତ ପୁଣି ଅଛି । ତୁମେ ଏବେ କଣ କରୁଚ । ତମ ଘରେ ସବୁ କିଏ କିଏ ଅଛନ୍ତି । ତମ ଡାକନାଁ କଣ ? ତମର ସେଇ ବେଦନା ସିକ୍ତ ଅନ୍ତପୁରୁଷର ଆବେଗ, ସବୁ ଉଚ୍ଛ୍ୱାସ ଯେମିତି ଚିଠିରେ ଦେବାକୁ ନ ଭୁଲ । ଭଗବାନଙ୍କ ଇଛା । ତମର ଓ ମୋର ଦେଖା ହେବ କେବେ କେଜାଣି । ଭଗବାନ ଜାଣନ୍ତି ।

ସତରେ କଣ ଅତୀତ ପୁଣି ଜୀଇଁ ଉଠିବ ? ପୁଣି କଣ ବିପ୍ଳବର ଧାରାରେ ରାସ୍ତାଘାଟ ପାଚେରୀ, ମାଟି, ଆକାଶ, ପବନ ପ୍ଲାବିତ ହେବ । ପୁଣିକଣ ସଂଗ୍ରାମ ହେବ ? ମୋ ଭାରତ ଆଖିରୁ ସତରେ କଣ ଲୁହ ଦୂରେଇ ଯିବ । ପୁଣି କଣ ସେ ହସିଉଠିବ, ସେଇ ଆନନ୍ଦର କଣ ପୁନରାବୃତ୍ତି ହେବ ?

ଏତିକିରେ ରହୁଚି ।

◆ ◆ ◆

Digitized by srujanika@gmail.com

ସାରଙ୍କ ସହିତ ମୋର ପରିଚୟ

ବିଜୟ ମହାପାତ୍ର, ପୁରୀ

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ମୋର ସାର୍ । ସାରଙ୍କ ସଙ୍ଗେ ମୋର ପ୍ରଥମ ପରିଚୟ ଆଜକୁ ତିରିଶ ବର୍ଷ ତଳର । ମୁଁ ସେତେବେଳେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଫିଲୋସୋଫି ଅନର୍ସର ଛାତ୍ର । ୧୯୬୯ ମସିହା କଥା, ସାର୍ ସେତେବେଳେ ଇଂରାଜୀ ସାହିତ୍ୟର ଅଧ୍ୟାପକ ଥାଆନ୍ତି ଆମ କଲେଜରେ । ଶ୍ରେଣୀ ଗୃହରୁ ମୁଁ ଓ ମୋର ସହପାଠୀ ବଂଧୁମାନେ ସାର୍‌ଙ୍କ ପ୍ରତି ଆକୃଷ୍ଟ ହେଲୁ । ଆମର ସେତେବେଳକୁ ବି.ଏ.ପ୍ରଥମ ବର୍ଷ । କଲେଜରେ ଇଂରାଜୀ ସାହିତ୍ୟ କ୍ଲାସ୍ ଏକ (Boring Class) ବୋଲି ଆମ୍ଭମାନଙ୍କ ମନଭିତରେ ମଧ୍ୟ ଜମାଟ ବାଂଧି ସାରିଥିଲା । କାରଣ ଇଂରାଜୀ ଅଧ୍ୟାପକମାନେ କ୍ଲାସରେ ଯାହା କହନ୍ତି ସେକଥା କେବଳ ସେହିମାନେ ବୁଝନ୍ତି । ଆମ୍ଭେମାନେ କେବଳ Attendance ପାଇଁ ବୁଝିଲାଭଳି ମୁହଁ କରି ସାରଙ୍କୁ ଚାହିଁ କ୍ଲାସ୍‌ରେ ବସିଥାଉ । 'ମାନେ' ବହି ପଢ଼ି ଯେତିକି ବୁଝୁ ସେତିକିରେ ପରୀକ୍ଷା କାର୍ଯ୍ୟ ଚଳିଯାଏ । ମୋର ଏବେବି ଧାରଣା ଯେ, ଯଦି ସଂସାରରୁ ଇଂରାଜୀର 'ମାନେ' ବହି (The Key Book) ସବୁ ଲୋପ ପାଇଯିବ ତେବେ ଯେଉଁ ଥୋକାକ ଇଂରାଜୀରେ ପାସକରି ଯାଇଛନ୍ତି ସେତେକ ବି ଫେଲ୍ ହୋଇଯିବେ । କିଂତୁ ସାର୍‌ଙ୍କର ପ୍ରଥମ କ୍ଲାସ୍‌ରେ ହିଁ ଏ ପ୍ରକାର ଧାରଣା ମୋଡ଼ ଧରିଲା । ଖାଲି ମୋର ନୁହେଁ, ମୋର ସହପାଠୀ ବଂଧୁମାନଙ୍କର ମଧ୍ୟ । ଆମ୍ଭମାନଙ୍କର ପ୍ରଥମ ପ୍ରତ୍ୟୟ ହେଲାଯେ କ୍ଲାସ୍‌ରେ ମଧ୍ୟ ଇଂରାଜୀ ସାହିତ୍ୟ ବୁଝିହୁଏ ଓ ଜାଣିହୁଏ । ଫଳହେଲା ସାର୍‌ଙ୍କ କ୍ଲାସରେ ବସିବାପାଇଁ ଯାଗାର ଅଭାବ ହେଲା । କାରଣ ଆମ Section ପିଲାଙ୍କ ବାଦେ ଅନ୍ୟ Section ରୁ ଥୋକାଏ Proxy ବ୍ୟବସ୍ଥା କରିଦେଇ ଆମ କ୍ଲାସ୍‌ରେ ପଶିଥାନ୍ତି । ସାର୍‌ହୁଏତ ଜାଣିପାରନ୍ତି ଯେ, ଉପସ୍ଥାନ ଅପେକ୍ଷା ଉପସ୍ଥିତି ଅଧିକା ହୋଇଛି । ହେଲେ ସାର୍ କିଛି କୁହନ୍ତି ନାହିଁ ।

ସାର୍ ଆମକୁ ବି.ଏ. କ୍ଲାସ୍‌ରେ Shakespearian drama ପଢ଼ାଉଥିଲେ । ଯେଉଁ ଦିନ "Kinglear Drama' ବହିଟି ସଂପୂର୍ଣ୍ଣ ସରିଲା ସାର୍ ସେଦିନ ଗୋଟିଏ Extra କ୍ଲାସ୍‌ନେଇ ସଂପୂର୍ଣ୍ଣ ଡ୍ରାମାଟିକୁ Assesment କରିବେ ବୋଲି କହିଲେ । ଏହି Extra କ୍ଲାସ୍‌ରେ ଅନ୍ୟ Section ପିଲାମାନେ ମଧ୍ୟ ଆସିବେ ବୋଲି ସାର୍‌ଙ୍କୁ ଲଗାଇଲେ । ପାଖ ଶ୍ରେଣୀ ଗୃହରୁ ଆଉକିଛି ବେଞ୍ଚ୍ ଆଣି ସେମାନଙ୍କ ପାଇଁ ବ୍ୟବସ୍ଥା

Digitized by srujanika@gmail.com

କରାଗଲା । ସେଦିନର ସେ କ୍ଲାସ୍‌ଟିକୁ ମୁଁ କେବେ ଭୁଲିପାରିବି ନାହିଁ । କ୍ଲାସ୍ ଆରମ୍ଭ ହେଲା - ପ୍ରାୟ ଦୁଇଶହ ପିଲା ବସିଥାଉ - ସାର୍ ଆରମ୍ଭ କଲେ "Kinglear Drama'. ଦେଢ଼ ଘଣ୍ଟା କେତେବେଳେ ଅତିବାହିତ ହୋଇଗଲା ଆମେ କେହି ଜାଣିପାରିଲୁ ନାହିଁ । ଶ୍ରେଣୀ ଗୃହ ସଂପୂର୍ଣ୍ଣ ନିସ୍ତବ୍ଧ । ମଝିରେ ମଝିରେ ଗୋଟିଏ ଗୋଟିଏ ଦୀର୍ଘଶ୍ୱାସ ହିଁ କେବଳ ବାରି ହେଉଥାଏ । ସାର୍ Dias ଉପରେ ଠିଆହୋଇ କହିଚାଲିଥାନ୍ତି । ଆମକୁ ଲାଗୁଥାଏ ଆମେ Kinglear ଡ୍ରାମାଟି ଦେଖୁଛୁ । ଆମକୁ ଶ୍ରେଣୀଗୃହର ଉପଲବ୍ଧି ହେଉନଥାଏ । କ୍ଲାସ୍ ସରିବା ବେଳର ମୁହୂର୍ତ୍ତଟି ଯେ ଦେଖିଚି ସେ ଜାଣିଚି । ଭାଷାରେ ସେ ଭବ୍ୟ ମୁହୂର୍ତ୍ତକୁ ବ୍ୟକ୍ତ କରିବା କଷ୍ଟ । ସାର୍ Dias ଉପରୁ ଓହ୍ଲାଇ ଆସିଲେ ସାରଙ୍କ ଆଖି ଛଳଛଳ । ପିଲାମାନେ (ସେ ପୁଣି ପୁରୀ ପିଲାଏ) ସମସ୍ତେ ମଧ ଛଳ ଛଳ ଆଖିରେ ନିସ୍ତବ୍ଧରେ ବାହାରି ଆସିଲେ । କେହି ଜଣେ ମଧ ପାଟି ଖୋଲି ପଦେ କଥା ହେବାର ଶକ୍ତି ସଞ୍ଚୟ କରି ପାରୁ ନଥିଲେ । I am yet to see a teacher in English of his stature.

ମୁଁ ଦର୍ଶନ ବିଭାଗର ସଂପାଦକ ଥାଏ । ମୋର ପୂଜ୍ୟ ଗୁରୁ ଶ୍ରୀଯୁକ୍ତ ଦୃଦାନନ୍ଦ ରାୟଙ୍କର ପରମ ବଂଧୁ ଅଟନ୍ତି ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ । ଦର୍ଶନ ବିଭାଗର ଯେକୌଣସି (Seminar Function) ଇତ୍ୟାଦିରେ ଶ୍ରୀଯୁକ୍ତ ରଥଙ୍କୁ ମୁଁ ନିମନ୍ତ୍ରଣ କରିଥାଏ । ଏବଂ ସେ ମଧ ସାଦରେ ଆମ୍ଭର ନିମନ୍ତ୍ରଣକୁ ରକ୍ଷା କରନ୍ତି । କ୍ରମଶଃ ସେ ଦର୍ଶନ ବିଭାଗର ଜଣେ ସଦସ୍ୟ ରୂପେ ବିବେଚିତ ହେଉଥିଲେ ! ଅବଶ୍ୟ ଏ ସବୁ ସମ୍ଭବ ହେଉଥିଲା ସାର୍‌ଙ୍କର ପରମ ବଂଧୁ ଶ୍ରୀଯୁକ୍ତ ରାୟଙ୍କ ସକାଶେ । ଏହି କ୍ରମରେ ମୁଁ ତାଙ୍କର ଅଧିକ ନିକଟତର ହୋଇ ପାରିଥିଲି । କିନ୍ତୁ ମୁଁ ମୋର ସହପାଠୀମାନେ ସାର୍‌କୁ ବେଶ୍ ଡରୁ ଥିଲୁ । ପାଖ ପଶିବାକୁ ଯଥେଷ୍ଟ ସାହାସ ଦରକାର ହେଉଥିଲା । କିନ୍ତୁ ସାର୍‌କେବେ ରାଗିବା ବା ବିରକ୍ତ ହେବା ଆମେ କେହି ଦେଖି ନାହୁଁ । ତଥାପି ଭୟ କରୁଥିଲୁ । ଅନ୍ତତଃ ସେତେବେଳେ ମୁଁ ଜାଣିପାରୁ ନଥିଲି ଆମେ କାହିଁକି ଭୟ କରୁଥିଲୁ - ଏବେ ଜାଣୁଚି ।

ସାର୍‌ଙ୍କ ସଙ୍ଗେ ମୋର ଦ୍ୱିତୀୟ ପରିଚୟ ହେଲା ୧୯୭୩ ରେ । ମୁଁ ସେତେବେଳେ କେନ୍ଦ୍ରପଡା ମହାବିଦ୍ୟାଳୟରେ ଦର୍ଶନ ଅଧାପକ ଥାଏ । ହଠାତ୍ ସାର୍‌ଙ୍କର ଗୋଟିଏ ଲେଖା ''ବଡ଼ମୁହାଁ'' ଗୋଟିଏ ମାଗାଜିନ୍‌ରେ ପଢ଼ିଲି । ସେତେବେଳେ ଯାଏଁ ସାର୍‌ଙ୍କର କୌଣସି ଲେଖା ମୁଁ ପଢ଼ିନଥିଲି । ବଡ଼ ମୁହାଁଟିକୁ ମୁଁ ଓ ମୋର ଅଧାପକ ବଂଧୁ - ପାଣିବାବୁ - ଏକାଠି ବସି ପଢ଼ିଥିଲୁ । ''ବଡ଼ମୁହାଁ'' ମୋତେ ଆଭିଭୂତ କରିଥିଲା । ମୋତେ ଲାଗିଲା, ଏହା ମୋର ସାମଗ୍ରିକ ଚେତନାର ଅଭିବ୍ୟକ୍ତି । ସେ ଦିନଠାରୁ ଗୋଟାଏ ନିଶା ଲାଗିଲା ପରି ଆମେ ଦୁଇବଂଧୁ ଲାଇବ୍ରେରୀ ସବୁଦିନ ଯାଇ ପୁରୁଣା ମାଗାଜିନ୍ ମାନ ଖୋଜି ସାର୍‌ଙ୍କ ଲେଖାଟି ପଢ଼ି ଫେରୁ - ଏହିଭଳି କିଛି କାଳ ଚାଲିଲା ।

Digitized by srujanika@gmail.com

କାଳକ୍ରମେ ଆଉ କାହାର ଲେଖା ପଢ଼ିଲି ନାହିଁ । ଅବଶ୍ୟ ମୁଁ ବହୁତ କମ୍ ପଢ଼ାପଢ଼ି କରେ । ତେଣୁ ମୋତେ ଏକ ପ୍ରକାର ସୁବିଧା ହେଲା । କାରଣ ସେତିକି ପଢ଼ିଦେଲେ ମୁଁ ଏକ ପ୍ରକାର ଚରମ ସନ୍ତୋଷ ଲାଭ କରେ । ପ୍ରକୃତରେ ଏ ଯାବତ୍ ଓଡ଼ିଆ ସହିତ୍ୟରେ ଏଭଳି ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ହୋଇପାରିନାହିଁ । "ରଥ ସପ୍ତକ" ଭଳି ସୃଷ୍ଟି ସମଗ୍ର ବିଶ୍ୱ ସାହିତ୍ୟରେ ବିରଳ । ଏଭଳି ମାର୍ମିକ ଲେଖା ବିଶ୍ୱର କୌଣସି ଭାଷାରେ ବୋଧହୁଏ ସମ୍ଭବ ନୁହେଁ । ମୁଁ ସାର୍‌ଙ୍କର ସମସ୍ତ ଲଳିତ ନିବନ୍ଧ, ଗଳ୍ପ, ଉପନ୍ୟାସ ପଢ଼ିଛି । ସେ ସବୁର ସମାଲୋଚନା କରିବା ଏଠାରେ ମୋର ଉଦ୍ଦେଶ୍ୟ ନୁହେଁ । ତାହା ଅନ୍ୟଏକ ସ୍ୱତନ୍ତ୍ର ସନ୍ଦର୍ଭର ବିଷୟବସ୍ତୁ । ଏଠାରେ ମୋର ଉଦ୍ଦେଶ୍ୟ କେବଳ ସାର୍‌ଙ୍କ ସହିତ ମୋର ପରିଚୟ ସଂପର୍କରେ ସୂଚେଇ ଦେବା । ଏହି ଲେଖାଗୁଡ଼ିକ ମାଧ୍ୟମରେ ସାର୍ କିଭଳି ମୋର ଚେତନାର କେନ୍ଦ୍ରବିନ୍ଦୁକୁ ମଡ଼େଇ ହୋଇ ରହିଛନ୍ତି ତାହା ମୋର ପରିବାରବର୍ଗ କେବଳ ଜାଣନ୍ତି । ମୁଁ ସେଥିରୁ ଏ ଜୀବଦ୍ଦଶାରେ ମୁକୁଳି ପାରିବି ନାହିଁ - ମୁକୁଳିବାର ଇଚ୍ଛାବି ନାହିଁ ।

୧୯୭୭ ମସିହା ବେଳକୁ ମୁଁ ବାରିପଦାରୁ ଆସି ଭୁବନେଶ୍ୱରରେ ଥାଏ । ସାର୍ ସେତେବେଳକୁ ଭୁବନେଶ୍ୱରରେ ରହୁଥାନ୍ତି । ଅନେକ ଦିନରୁ ମନଭିତରେ ଥିବା ଲାଳସାକୁ ଚରିତାର୍ଥ କରିବାର ଇଚ୍ଛା ପ୍ରବଳ ହେଲା । "କଳିଜା କେଡ଼େ ମିଠା ନ ହୋଇଥିବ" ନ୍ୟାୟରେ ସାର୍‌ଙ୍କ ସାମ୍ନାରେ ବସି ସାରଙ୍କ ମୁହଁରୁ କଥା ଶୁଣିବାର ପ୍ରବଳ ଲାଳସା ଥିଲା । କିନ୍ତୁ ସେଥିପାଇଁ ମୋର ସାହାସ କୁଳାଉ ନଥିଲା । କାରଣ ନା ମୁଁ ସାହିତ୍ୟିକ ଥିଲି - ନା' ଲେଖକ ଥିଲି - ନା'ବକ୍ତାଥିଲି-ନା'ଆଉ ଛାତ୍ର ଅଛି - ନା' ଇଂରାଜୀ ସାହିତ୍ୟର ଅଧ୍ୟାପକ ହୋଇଛି । ତଥାପି ବହୁ ସନ୍ତର୍ପଣରେ ଦିନେ ଯାଇ ସାର୍ ରହୁଥିବା 'ସତ୍ୟନଗର' ଘରେ ପହଁଚିଲି । ସାର୍ ଘରେ ଥିଲେ । ସାର୍ ଆସି ଦୁଆର ଖୋଲି ସାମ୍ନାରେ ଉଭା ହୋଇଗଲେ । ଅନ୍ତତଃ ମୁଁ କିଛି ଭୁଲଭଟକା ନ କରି ପ୍ରଣାମ କଲି । ତା'ପରେ ସାର୍ ଡ୍ରଇଂ ରୁମ୍ ସୋଫାରେ ବସିବାକୁ କହିଲେ ଓ ମୁଁ ଯଥାଶୀଘ୍ର ବସିପଡ଼ିଲି । କାରଣ ମୋର ଭୟହେଉଥାଏ ଯେ, କାଳେ ସାର୍ ପଚାରିଦେବେ - କୁଆଡ଼େ ଆସିଥିଲ ? ଏ ପ୍ରଶ୍ନର ତ କୌଣସି ଉତ୍ତର ମୁଁ ଦେଇପାରି ନ ଥାନ୍ତି । କିନ୍ତୁ ସୌଭାଗ୍ୟବଶତଃ ସାର୍ ସେପରି କିଛି ନ ପଚାରି ଅନ୍ୟକଥାବାର୍ତ୍ତା ହେଲେ । ମୋତେ ହଠାତ୍ ଆଶ୍ଚର୍ଯ୍ୟ ଲାଗିଲା ସାର୍‌ଙ୍କ କଥାଶୁଣି । ଲାଗିବା ବି ସ୍ୱାଭାବିକ୍ । କାରଣ ସାଧାରଣ ଲୋକେ ଯେଉଁ ଭାଷାରେ କଥାବାର୍ତ୍ତା ହୁଅନ୍ତି ତାହା ଅନ୍ତତଃ ବହିରେ ଲେଖା ଭାଷାଠାରୁ ଭିନ୍ନ । କିନ୍ତୁ ସାର୍ କଥା ହେଉଥିଲା ବେଳେ ସେ ତାଙ୍କର ଲେଖାଗୁଡ଼ିକ ଯେଉଁ ଭାଷାରେ ଯେଉଁ ଶୈଳୀରେ ଲେଖିଥା'ନ୍ତି ଠିକ୍ ସେହି ଭାଷା ଓ ସେହି ଶୈଳୀରେ କହିଥାନ୍ତି । ଏଇଟା ମୋ' ପାଇଁ ଗୋଟିଏ ନୂଆ ଆବିଷ୍କାର ଥିଲା । ମୁଁ ଜାଣିଲି ଯେ

Digitized by srujanika@gmail.com

ସାର୍ ଯେଉଁ ଭାଷା ଓ ଶୈଳୀରେ ଲେଖନ୍ତି ସେଇ ଭାଷା ଓ ଶୈଳୀକଥା ବୁଝନ୍ତି - ବା ଯେଉଁ ଭାଷା ଓ ଶୈଳୀରେ କଥା ହୁଅନ୍ତି ଠିକ୍ ସେହିପରି ଲେଖନ୍ତି । ତେଣୁ ମୋର ଲାଳସାର ଯଥାର୍ଥ୍ୟ ଥିଲା । କଲିଜା ବେଶ୍‌ମିଠା ଥିଲା । ତା'ପରେ ବହୁବାର ସାର୍‌ଙ୍କ ଘରକୁ ଯାଇଛି । ବେଳେବେଳେ ସାର୍ ଖଣ୍ଡିଏ ପାଣ୍ଡୁଲିପି ମୋ'ହାତକୁ ବଢ଼ାଇ ଦେଇ କହନ୍ତି - ବିଜୟ ! ଏଇଟିକୁ ବଡ଼ପାଟିରେ ପଢ଼; ମୁଁ ଶୁଣିବି । ବହୁବାର ମୁଁ ଏ ପରି ପଢ଼ିଥାଏ ଓ ସାର୍ ଶୁଣିଥାନ୍ତି । ବେଳେବେଳେ ତାହା ବେଶ୍ ସମୟୋପଯୋଗୀ ହୋଇଥାଏ । ଥରେ ମୁଁ ଗୋଟିଏ ଭୟଙ୍କର ମାନସିକ ଦୂରବସ୍ଥା ଭିତରେ ଥାଏ - ଘୋର ହତାଶା - ସାର୍ ସେତେବେଳେ ରିଜିଓନାଲ୍ କଲେଜ୍ ପାଖ କ୍ୱାଟର୍ସରେ ରହୁଥାନ୍ତି । ମୁଁ ଯାଇ ପହଁଚିଲି । ସାର୍ ମୋତେ ଦେଖିଦେଇ ମୋର ବ୍ୟସ୍ତତାଟା କେତେକାଂଶରେ ଠଉରେଇ ପାରିଥିଲେ । ମୁଁ ମଧ ସାର୍‌ଙ୍କୁ କିଛିଟା ଜଣାଇଲି । ଇତ୍ୟବସରରେ ସାର୍ ଖଣ୍ଡିଏ ଲେଖା ବାହାର କରି ପଢ଼ିବାକୁ କହିଲେ । ଲେଖାଟି ଥିଲା 'ଯୋଗ୍ୟତରେଷୁ'' । ଲେଖାଟି ପଢ଼ିସାରି ସଂପୂର୍ଣ୍ଣ ହାଲୁକା ମନରେ ଚାଲିଆସିଥିଲି । ଇତିମଧ୍ୟରେ ବାଇଶି ବର୍ଷ ଅତିବାହିତ ହୋଇଗଲାଣି । ସାରଙ୍କ ସହିତ ସଂପର୍କଟା ଆଉ ବ୍ୟକ୍ତିଗତ ହୋଇ ନାହିଁ । ସଂପୂର୍ଣ୍ଣ ପାରିବାରିକ ହୋଇ ଯାଇଛି । ଅବଶେଷରେ ମୋର ଦୁଇ ପୁଅ ଓ ପତ୍ନୀ ସାର୍‌ଙ୍କର ସଂପୂର୍ଣ୍ଣ Devoted Descipie ହୋଇ ଯାଇଛନ୍ତି । ସେମାନେ ଅଧିକ ମନେ ରଖିପାରିଛନ୍ତି ତାଙ୍କର ଲେଖାଗୁଡ଼ିକୁ । ଏଭିକି ଦିନ ପ୍ରାୟ ନାହିଁ ଯେଉଁ ଦିନ ସେମାନେ ସମୟ ସୁଯୋଗ ଦେଖି ମନ୍ତ୍ର ପଢ଼ିଲାପରି ମୋତେ ଦୁଇ ଚାରିଟା ଲେଖାଏଁ ବାକ୍ୟ ଶୁଣାଇ ନ ଦେଇଛନ୍ତି । ସାର୍ ଏହିପରି ଭାବେ କେତେ ଯେ ପରିବ୍ୟାପ୍ତ ତାହା ଆକଳନ କରିବା କଷ୍ଟ । ତାଙ୍କୁ ମୋର ଓ ମୋ'ପରିବାରର ଶତକୋଟି ପ୍ରଣାମ । ....।

(ରିଡ଼ର, ଦର୍ଶନ ବିଭାଗ)

◆ ◆ ◆

Digitized by srujanika@gmail.com

ଚନ୍ଦ୍ରଶେଖର ରଥ ଏକ ଅନନ୍ୟ ପ୍ରତିଭା

ଡଃ ଗୌରାଙ୍ଗ ଚରଣ ନାୟକ

ମୋ ପାଇଁ ଆଜି ପୂଜ୍ୟ-ପୂଜାର ଏକ ଅପୂର୍ବ ସୁଯୋଗ । ସୁନାମଧନ୍ୟ ଚନ୍ଦ୍ରଶେଖରଙ୍କୁ କିଏ କେତେ ଭାବେ ଦେଖିଥିବେ, ଦେଖୁଛନ୍ତି ମଧ- ଯଶସ୍ୱୀ ସାହିତ୍ୟିକ, ବହୁସମ୍ମାନର ଅଧିକାରୀ ଏକ ଅନନ୍ୟ ପ୍ରତିଭାଧର ଲେଖକ, ବାଗ୍ମୀ, ଜ୍ଞାନୀ, ଗୁଣୀ, ଏଇଭଳି କେତେ ଭାବରେ । ମୁଁ ତାଙ୍କର ଏ ସକଳ ପ୍ରତିଭା ସଂପର୍କରେ କେବଳ ସଚେତନ ନୁହେଁ, ଅତ୍ୟନ୍ତ ବିନୟର ସହିତ ସ୍ୱୀକାର କରେଁ ମଧ । ମାତ୍ର ଏ ସବୁକୁ ଅତିକ୍ରମ କରି ସେ ମୋ ଲାଗି ଜଣେ ବିରଳ, ଆଦର୍ଶ ପୁରୁଷ, ଗୁରୁ ସ୍ଥାନୀୟ, ଯାହାଙ୍କ ସଂସ୍ପର୍ଶରେ କ୍ଷଣକ ପାଇଁ ଆସିଲେ ମଧ ମୁଁ ବହୁତ କିଛି ଶିଖିବାକୁ ପାଏଁ ଏବଂ ତତ୍ କ୍ଷଣାତ୍ ''କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭାବାର୍ଣ୍ଣବ ତରଣେ ନୌକା'', ଏହି ଉକ୍ତିର ସାର୍ଥକତା ଉପଲବ୍ଧି କରେଁ । ଅବଶ୍ୟ ସେ ସ୍ୱୟଂ ମତେ 'ଦାର୍ଶନିକ ବନ୍ଧୁ'ର ଆଖ୍ୟା ଦେଇ ଯେଉଁ ଦିନ ତାଙ୍କର ରଥ ସପ୍ତକ ପୁସ୍ତକ ଟିକୁ ମୋ ହାତକୁ ବଢ଼ାଇ ଦେଇଥିଲେ, ସେହିଦିନ ମହାପ୍ରଭୁଙ୍କର ମୋଠି ବିଶେଷ କୃପା ହେଲା ବୋଲି ମୁଁ ଜାଣିଲି । ଏ କୃପାକୁ ମୁଁ ଭାଜନ ବୋଲି କହିବି ବା କିପରି ? ଏ ଅହେତୁକୀ କୃପା ଟିକକ ପାଇ ମୁଁ ନିଜକୁ ଧନ୍ୟ ମନେ କରିବା ସଙ୍ଗେ ସଙ୍ଗେ ଅଜସ୍ର କୃତଜ୍ଞତା ସହ ନତମସ୍ତକ ହୋଇ ତାକୁ ଗ୍ରହଣ ମଧ କରିନେଇଛି- ସେ କୃପାକୁ ଆତ୍ମସାତ୍ କରିବାର ସାମର୍ଥ୍ୟ ନ ଥାଇ ମଧ । କୃପା ହେଲେ ନିଜର ଅସମର୍ଥତା କଥା ଭାବିବାକୁ ବେଳ ନାହିଁ, ସେ କଥା ଉଠୁଛି ବା କେଉଁଠୁ ?

ରଥ ସପ୍ତକ ବିଶ୍ୱ ସାହିତ୍ୟରେ ଏକ ଅନବଦ୍ୟ ସୃଷ୍ଟି, ଏକ ଅନନ୍ୟ ପ୍ରତିଭାର ସ୍ୱାକ୍ଷର ବହନ କରେ । ମାତ୍ର ଏତିକି କହିଦେଲେ ତ ସବୁକିଛି ଶେଷ ହୋଇଗଲା ବୋଲି ମନେ ହେଉନି; ବରଂ ଆହୁରି ବହୁତ କିଛି ଅକୁହା ରହିଗଲା ବୋଲି ମନେ ହୁଏ । ''ତୁମି କେମନ୍ କରେ ଗାନ୍ କର ଯେ ଗୁଣୀ, ଆମି ଅବାକ୍ ହୟେ ଶୁନି କେବଲ ଶୁନି'' । ଯାହାର ସଙ୍ଗୀତ ଶୁଣି ଅବାକ୍ ହୋଇଯିବା କଥା ସ୍ୱୟଂ ବିଶ୍ୱକବି ଏଠି କହିଛନ୍ତି, ସେ ସଙ୍ଗୀତ ଶୁଣିଲେ ମୋ ଭଳି ଲୋକ ଅବାକ୍ ହୋଇଯିବା କିଛି ବିଚିତ୍ର ନୁହେଁ ଅବଶ୍ୟ । ମାତ୍ର ସେ ସଙ୍ଗୀତ ଶୁଣିବାକୁ ମୋର

Digitized by srujanika@gmail.com

କାନ ନାହିଁ । ସେଇଥିପାଇଁ ରଥସପ୍ତକ ମାଧ୍ୟମରେ ଯେଉଁ ଅନବଦ୍ୟ, ଅପୂର୍ବ ସଙ୍ଗୀତ ମୋ କାନକୁ ଶୁଭିଗଲା ପରି ଲାଗୁଛି, ତାହା ମୋ ମନକୁ ନାନାଭାବେ ଆନ୍ଦୋଳିତ, ଆକୁଳିତ କରୁଛି ସତ, କିନ୍ତୁ ମୁଁ ଯେ ଠିକ୍ ଠିକ୍ ଶୁଣିପାରିଛି, ତା ମଧ୍ୟ କହିହେଉନାହିଁ । କାରଣ ମୋ କାନ ତ ସେଭଳି ଟ୍ରେନିଂ ପାଇଥିବାର, ସେ ଭଳି ସୁଶିକ୍ଷିତ ହୋଇଥିବାର ମୋ ମନେ ପଡୁନାହିଁ । ଅସଲ ଗୀତଟି ସତେ ଯେମିତି ମୋ ଲାଗି କେଉଁଠି ଅସ୍ପଷ୍ଟ, ଏପରିକି ଅଶୁଣା ରହିଯାଉଛି, ନିଜର ସୀମିତ ଜ୍ଞାନଆଉ ନିମ୍ନ ମାନର ରୁଚି ଯୋଗୁଁ ହୁଏତ । ତଥାପି ଏ ଅବସରରେ, ଭୁଲ୍ ହେଉ ବା ଠିକ୍ ହେଉ, ମୁଁ କିଛି କହିବା ଲାଗି ଅଣ୍ଟା ଭିଡ଼ିଛି- 'ସ୍ୱାନ୍ତଃ ସୁଖାୟ' ହୋଇପାରେ । ମୋର କହିବା କଥା ହେଲା- ରଥସପ୍ତକର ସଙ୍ଗୀତ ବାସ୍ତବରେ ଅପୂର୍ବ ତଥା ଅନବଦ୍ୟ, ଯାହା ମୁଁ ଆଗରୁ କେବେ ଶୁଣିନାହିଁ ।

ଏଠି ବନ୍ଧୁଭାବେ ସମ୍ବୋଧନ କରି ବିପଦ କହିବାର ଲୋଭ ସମ୍ବରଣ କରିପାରୁ ନାହିଁ; ଧୃଷ୍ଟତା ମାର୍ଜନୀୟ । ''ଏ ଅନବଦ୍ୟ ସଙ୍ଗୀତର ମୂଳସ୍ରୋତଟିକୁ ଆବିଷ୍କାର କଲ କିପରି, ବନ୍ଧୁ ! ଦୟାକରି ମତେ ଟିକେ ବତାଇଦେବ କି ? ଅବଶ୍ୟ ତୁମେ କହିଲେ ଯେ ମୁଁ ଠିକ୍ ଠିକ୍ ବୁଝିନେବି, ଏ ଭରସା ମୋର ନାହିଁ । ଏହା ମୋର କେବଳ ଏକ ବୃଥା କୌତୂହଳ ହୁଏତ ହୋଇପାରେ । କେଉଁଠୁ ପାଇଲ ଏତେ ଦରଦ, ବନ୍ଧୁ ? ବିଶ୍ୱବ୍ୟାପୀ ତୁମର ଏ ଦରଦ, ଭକ୍ତ-ଅଭକ୍ତ, ଜ୍ଞାନୀ-ଅଜ୍ଞାନୀ, ପଣ୍ଡିତ-ମୂର୍ଖ, ଧନୀ-ଦରିଦ୍ର, ରାଜା-ପ୍ରଜା, ଆସ୍ତିକ-ନାସ୍ତିକ ଏପରିକି ସଂଶୟାତ୍ମା ନିର୍ବିଶେଷରେ । ଏ ସମସ୍ତଙ୍କୁ କେବେ କିପରି ନିଜର କରିନେଇ ପାରିଲ, ବନ୍ଧୁ ! ରଥସପ୍ତକର ପ୍ରତିଛତ୍ରେ ଛତ୍ରେ ତୁମର ଏଇ ଭାବାବେଗ ଫୁଟି ବାହାରିବା ସଙ୍ଗେ ସଙ୍ଗେ ଏକ ଅପୂର୍ବ ସଙ୍ଗୀତର ମୂର୍ଚ୍ଛନାରେ ଆମ ସଭିଙ୍କି ଭସାଇ ନେଉଛି ସତେ ଯେପରି । ଆହୁରି ବିଚିତ୍ର କଥା-ଅଗଣିତ 'ଜୀବ ଯାତନା'ରେ ବ୍ୟଥିତ ହେବା ସଙ୍ଗେ ସଙ୍ଗେ ପୁଣି 'ତାଙ୍କ' ଦୁଃଖ, 'ମହାକାଶ ଘଟାକାଶ ହେବାର ଦୁଃଖ' ତୁମକୁ କିପରି ଲାଗିଲା, ବନ୍ଧୁ ! ମଣିଷ ତାଙ୍କୁ 'ଯାତରା କଣ୍ଢେଇ' କରି ରଖିବାରେ ତାଙ୍କର ଯେଉଁ ବ୍ୟଥା ହେଉଥିବ, ତାକୁ ତୁମ ଭଳି ଆଉ କିଏ ଯଦି ଅବା ବୁଝୁଥିବ, ସେ ତାଙ୍କର ଅତି ନିଜର, ଅତି ଆପଣାର ଲୋକ ହୋଇଥିବ ସିନା ! କାହିଁ, ଆମେ ତ କେବେ ସ୍ୱପ୍ନରେ ବି ଏକଥା ଭାବି ପାରି ନାହୁଁ । ଉତ୍କଳର ସ୍ୱନାମଧନ୍ୟ ସାଧକ-ଭକ୍ତ ପ୍ରଣବାନନ୍ଦ ଯଥାର୍ଥରେ କହିଛନ୍ତି -''କାଳିଆ ଏକ ଦର୍ପଣ ପରି - ତମେ ତମର ଚିତ୍ର ତା ଭିତରେ ଦେଖୁଛ । ସାଧାରଣ ଦର୍ପଣରେ ବାହାର ଚିତ୍ର ଦେଖାଯାଏ । ଜଗନ୍ନାଥ ଦର୍ପଣରେ ଅନ୍ତରର ଚିତ୍ର ଦିଶେ ।'' (ଜଗନ୍ନାଥ ସହସ୍ର, ସମ୍ବଲାଇ ପ୍ରକାଶନ, ସମ୍ବଲପୁର, ୧୯୮୧, ଟିକିଏ ଶୁଣିବା ହେଉ'।) ଆମେ ସେଇଥିପାଇଁ ବୁଝିପାରୁ

Digitized by srujanika@gmail.com

ନାଁ, ବୁଝିବା ସଂଭବ ମଧ ନୁହେଁ, ବିଶେଷତଃ ମୋ ଭଳି ଦରଶିକ୍ଷା ବ୍ୟକ୍ତିତ୍ୱଟିଏ ଯାହାର, ତାପକ୍ଷରେ, ଯେଉଁ ମଣିଷଟି କେଉଁକାଳୁ ହୁଏତ କଇଁଛିଆ ହୋଇ ରହିଯାଇଛି - କେତେବେଳେ ପ୍ରଶାସନର ହାଓ୍ୱା ଲାଗି ହେଉ, କେତେବେଳେ ଅବା ପଣ୍ଡିତମନ୍ୟ, ଉଚ୍ଚମନ୍ୟ, ଆହୁରି ଏମିତି କେତେ କ'ଣ ହେବା ଫଳରେ ହୁଏତ । ଅଥଚ ତୁମେ ଆମ ସମସ୍ତଙ୍କର- ଜୀବର, ପୁଣି ଜୀବକୁ ଘେନି ପରମର ବି - ଦୁଃଖକୁ କେମିତି ଆପଣେଇ ନେଇ ପାରିଲ ସତେ ! ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ମଥାନତ ହେଇଯାଏ ।

ରଥସପ୍ତକ ପାଠ କରି ମନେ ହେଲା, ସତେ ଯେପରି ମହାଭାବର ଲହରୀମାଳରେ ମୁଁ ଉବେଇ ଚୁବେଇ ହେଉଛି । ଏହି ଅନବଦ୍ୟ କୃତିର ସକଳ ଭାଷାବିଭବ ଭାଷା ଓ ଭାବ କୁ ଅତିକ୍ରମ କରି ସେଇ ଅବାଙ୍ ମନସଗୋଚର କୁ ହିଁ ନାନା ରୂପରେ ନାନା ଭାବରେ ସୂଚାଇ ଦେଉଛି ମାତ୍ର । ଆଉ ସେଇଥି ଲାଗି ରଥସପ୍ତକର ରଚୟିତା କେବଳ ଜଣେ ଯଶସ୍ୱୀ ତଥା କୃତୀ ଲେଖକ ବୋଲି କହିଲେ ବହୁତ କିଛି ଅକୁହା ରହିଯାଉଛି । ମହାଭାଗବତ ସେ; ତାଙ୍କର ଅସଲ ପରିଚୟ ହେଲା, ସେ ଶ୍ରୀଜୀଉଙ୍କର ଜଣେ ଅନନ୍ୟ ପ୍ରେମୀ ଭକ୍ତ - ମୋ କ୍ଷୁଦ୍ର ବୁଦ୍ଧିରେ ଅନ୍ତତଃ ମୁଁ ଏହାହିଁ ବୁଝେଁ । ରଥ ସପ୍ତକ ଏଇ ଅନନ୍ୟ ପ୍ରେମୀ ଭକ୍ତଙ୍କ ଭାବୋଚ୍ଛ୍ୱାସର ଅଭିବ୍ୟକ୍ତି ମାତ୍ର, ଯାହାର ମୂଳ ପ୍ରେରଣା ଆସିଛି ସେଇ ଅକଳନୀୟ ମାଧୁର୍ଯ୍ୟ ସିନ୍ଧୁରୁ । ସେଇଥିପାଇଁ ଏହାର ରଚୟିତା ସ୍ୱୟଂ ତାଙ୍କ 'ପ୍ରାକ୍ ଭାଷ'ରେ ହିଁ ସୂଚାଇ ଦେଇଛନ୍ତି - ''ସାଧାରଣ ଅର୍ଥରେ ମୁଁ ନିଜକୁ ଏ ଲେଖାଗୁଡ଼ିକର ସ୍ରଷ୍ଟା ବୋଲି କହିବାକୁ ଦ୍ୱିଧା ବୋଧ କରୁଛି । ସେଥିପାଇଁ ମୋର ହୁଏ ତ' କିଛି ପ୍ରସ୍ତୁତି ଥାଇପାରେ କିନ୍ତୁ ଏଭଳି ରଚନା ତ ମୋର ଆଉ ନାହିଁ ।''

ପ୍ରଥିତଯଶା ସେ, ହେଲେ କୌଣସି ଅମରତ୍ୱର ଲାଳସା ମୁଁ ତାଙ୍କ ଠିଁ ଲକ୍ଷ୍ୟକରି ନାହିଁ । ''ସମସ୍ତଙ୍କ ଆଖିରେ ମୋ ପାଇଁ ତୁମର ହିଁ ପ୍ରତୀକ୍ଷା'' ଏ ନିବିଡ଼ ଅନୁଭବ ହେବା ସଙ୍ଗେ ସଙ୍ଗେ ଏହି ପ୍ରେମୀ ଭକ୍ତଙ୍କ ହୃଦୟର ଏକାନ୍ତ ଆକାଂକ୍ଷା, ସବୁ ବ୍ୟଗ୍ରତା, ସମସ୍ତ ବ୍ୟାକୁଳତା ଉଦ୍‌ବେଳିତ ହୋଇ ଉଠିଛି କେବଳ ଏଇଥିଲାଗି- ଠାକୁରଙ୍କ ପହୁଡ଼ ବେଳେ ''କର ଯୋଡ଼ି ଶ୍ରୀଛାମୁରେ ଠିଆ ରହିଲେ କାଳେ ଦୃଷ୍ଟିରେ'' ପଡ଼ିଯିବେ ପରା, ଆଉ ସେଇ 'ଅନ୍ତର୍ଯ୍ୟାମୀ ପୁରୁଷ', ସେଇ ମାଧୁର୍ଯ୍ୟ ସିନ୍ଧୁ ତାଙ୍କୁ କେମିତି ''ବାହୁପ୍ରସାରି କୋଳାଗ୍ରତ କରିନେବେ ଯାହାକୁ ସେ ଅନନ୍ତକାଳ ଅପେକ୍ଷା କରିଛନ୍ତି ।''

ଏ ପୁଣ୍ୟ ଅବସରରେ ଅନନ୍ୟ ପ୍ରତିଭାଧର, ଶ୍ରୀଜିଉଙ୍କର ଏକାନ୍ତ ପ୍ରେମୀ ଭକ୍ତ, ଅଭିନନ୍ଦନୀୟ ତଥା ବନ୍ଦନୀୟ ଏହି ପରମ ଭାଗବତଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଜଣାଉଛି ।

◆ ◆ ◆

(ପ୍ରଫେସର, ଏମେରିଟସ୍)

Digitized by srujanika@gmail.com

ଅମରତ୍ୱର ଅଭିଶାପ

ଅଶ୍ୱିନୀ କୁମାର ମିଶ୍ର

ମୁଁ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ରଥଂକ ଦ୍ୱିତୀୟ ସଂକଳନ 'ଦୃଷ୍ଟି ଓ ଦର୍ଶନ' କଥା କହୁଚ୍ଛି । ଏହା ପ୍ରକାଶ ପାଇଥିଲା ଏକସ୍ତରୀରେ । ଆଜକୁ ପ୍ରାୟ ଅଠେଇଶ ବର୍ଷ ତଳେ । ସେତେବେଳେ ତାଙ୍କରି ବୟସ ବୟାଳିଶ । ଏଇ ବୟସରେ ମଣିଷ ପ୍ରାୟତଃ ମସ୍‌ଗୁଲ୍ ଥାଏ ସ୍ୱପ୍ନ ଆଂକିବାରେ । ସେ କିନ୍ତୁ 'ମାନସ' ରାଜ୍ୟରେ ଥୋଇଦେଲେ ଗ୍ରୀକ୍ କିମ୍ବଦଂତୀ ପ୍ରସୂତ 'ଟିଥୋନସ୍'କୁ । 'ଅମରତ୍ୱର ଅଭିଶାପ' ପ୍ରବଂଧଟିର ଅନ୍ତଃସ୍ୱର ଯାହା ମଣିଷକୁ ଏହା ଶିହରିତ କରିଦେବ । ଜୀଇଁଥିବା ଜଣେ ବ୍ୟକ୍ତିର ମୃତ୍ୟୋପଲବ୍‌ଧି । ଯେମିତି 'ଜୀବନର ସମସ୍ତ ମାଦକତା ଓ ସ୍ପୃହଣୀୟତା ବୋଧହୁଏ କେବଳ ମରଣର ନିଶ୍ଚିତତା ଉପରେହିଁ ନିର୍ଭର କରେ । ମରଣ-ବିରହିତ ଜୀବନ ସଂଘର୍ଷଶୂନ୍ୟ ଏଣୁ ସ୍ୱାଦହୀନ । ମରଣହିଁ ଜୀବନର ପରିପୂର୍ଣ୍ଣତା, ତାର ଚରମ ବିକାଶ । ମରଣହୀନ ଜୀବନ ପରି ଚିରଯୌବନ ମଧ ଅର୍ଥହୀନ । ଇଂଦ୍ରଧନୁର ସ୍ଥିର ରଂଗ କ'ଣ ସତେ ଉପଭୋଗ୍ୟ ? ଏଇ ପ୍ରବଂଧଟିକୁ ଲେଖିଲାବେଳେ ଚନ୍ଦ୍ରଶେଖଙ୍କୁ ହେଇଥିଲା ମାତ୍ର ବତିଶ ବର୍ଷ । ୧୯୬୧ରେ ଏହା 'ଝଂକାର'ର ପୃଷ୍ଠା ମଂଡ଼ନ କରିଥିଲା । ଏମିତି ଏକ ଦାର୍ଶନିକ ତତ୍ତ୍ୱର ଅବତାରଣା, ପୁଣି ଯୌବନଦୀପ୍ତ ଔଜଲ୍ୟଭରା ମାନସିକତା ଭିତରେ ଗୁରୁଗାମ୍ଭୀର୍ଯ୍ୟର ସ୍ୱର ମତେ ଆଚ୍ଛନ୍ନିତ କରିଥିଲା ଅନେକ ଦିନ ଧରି । ଚନ୍ଦ୍ରଶେଖର କେମିତି ଅନୁଭବିଲେ ଏଭଳି ରହସ୍ୟମୟତାକୁ । କେମିତି ଉଚ୍ଚାରିଲେ "ଜୀବନ ଯାହାପାଇଁ ଆକର୍ଷଣମୟ ସେ ସହସ୍ରବାର ମରିବାକୁ ଚାହେଁ । ମୃତ୍ୟୁର ଅଧିକାର ତା ପାଇଁ ସର୍ବଶ୍ରେଷ୍ଠ ଅଧିକାର । ଏଥିଲା ମସୀଯୁଦ୍ଧର ଅୟମାରଂଭ । ବିଜ୍ଞାନ, ସର୍ବୋପରି ଆୟୁର୍ବିଜ୍ଞାନର କଂପନରେ ଦୋହୁଲ୍ୟମାନ ଏ ଧରା, ଯେଉଁଠି ପ୍ରୋଢ଼ତ୍ୱର ଲୁଣ୍ଠନ ପାଇଁ ଆରୋପିତ ହେଉଛି 'ଟିସ୍ୟୁ ସଂସ୍କୃତି' ଭାଏଗ୍ରା ଛଦାୟିତ କରୁଛି ଜରାଗ୍ରସ୍ତ ମଣିଷର ଶାରୀରିକ ବଳିଷ୍ଠତାକୁ, ମନିଷୀ ଭଳି ଏଇ ନିବଂଧକାର ଅନଂତ ପରିପକ୍ୱତାର ଅନୁଗାମୀ ହୋଇ ଆମକୁ

Digitized by srujanika@gmail.com

ଦେଉଛଂତି ଜୀବନର ଗୂଢ଼ତମ ତଥ୍ୟକୁ । ବଡ଼ ଆଶ୍ଚର୍ଯ୍ୟ । ମାତ୍ର ବତିଶଟି ବସନ୍ତ ଅତିକ୍ରମ କରିଥିବା ଯୁବ ଶିକ୍ଷାଟିର ଆଖିକୁ ଇନ୍ଦ୍ରଧନୁର ସପ୍ତରଂଗ ବିଭୂଷିତ କରୁନାହିଁ, କଳ୍ପନାର ମାୟାଜାଲ ଛଂଦି ଦେଉନି ଭାବାବେଗକୁ ଅଥଚ... ଅମକୁ ଟାଣି ନେଉଛି ଗୂଢ଼ତମ ମୃତ୍ୟୁର ରହସ୍ୟମୟତାକୁ ।

ଚନ୍ଦ୍ରଶେଖରଙ୍କ ଅତୀତର ଉତ୍ତରଣ ପର୍ବର ମୁଂଡ଼ି ମରା ହେଇଛି 'ରଥ ସପ୍ତକ'ରେ । ସତ କହିବାକୁ ଗଲେ ମୁଁ ଉତ୍ତରଙ୍କ ପ୍ରେମ ନିର୍ଯ୍ୟାସର ସେଇ ଫଲ୍‌ଗୁରେ ସ୍ନାନ କରିବାକୁ ଇଚ୍ଛୁକ ପୁଣି ଅନିଚ୍ଛୁକ । ''ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତି ନ୍ୟାୟରେ ମୁଁ ପ୍ରପନ୍ନ ଗୀତା ଛପନ ଅଧ୍ୟାୟର ସାରମର୍ମ ଭଳି କହିବାକୁ ଚାହେଁ ହେ ପ୍ରଭୁ । ଧର୍ମ କ'ଣ ଜାଣିଥିଲେ ସୁଦ୍ଧା ମୋ ପ୍ରବୃତ୍ତି ନାହିଁ ତହିଁରେ ହଜି ଯିବାକୁ; ମୁଁ ପୁଣି ଅଧର୍ମ କ'ଣ ଜାଣି ମଧ୍ୟ ଶକ୍ତି ନାହିଁ ତହିଁରୁ ନିଜକୁ ନିବର୍ତ୍ତେଇବାକୁ । ତେବେ ହୃଷିକେଶ ଯେମିତି ମୋ ହୃଦୟରେ ଥାଇ ନିର୍ଦ୍ଦେଶ ଦେଉଛଂନ୍ତି ଏଇ ତଲ୍ଲୀନତା, ଭାବାବେଗ ପଣକୁ ଆହୁରି ବିଜ୍ଞାନୀଟିଏ ଭଳି ବୁଝି ବୁଝେଇବାକୁ ।

ତେଣୁ ଚଂନ୍ଦ୍ରଶେଖରଂକ ବଳିଷ୍ଠ ସହାୟତା ପାଖିରେ ମୁଁ ଏକ ସାମାନ୍ୟ ଅସହାୟତା । ତାଙ୍କର ଭାବ ଗଦ୍ ଗଦ୍ ସ୍ରୋତସ୍ୱତୀ ଆଗରେ ମୁଁ ଯେମିତି ସାମାନ୍ୟ ପତ୍ରଟିଏ । ହୁଏତ ସେଇ ସତୁରୀ ବର୍ଷ ବୟସରେ ମୋ ଭିତରେ ଯେ ଆଉ ଜଣେ ସେଇ ମାନସିକତା ନେଇ ଗଜୁରି ଉଠୁ ନ ଥିବା, ଏ କଥା ଏବେଠୁ କେମିତି କହିହେବ ?

ମୁଁ ତାଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛି ।

(ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ)

◆ ◆ ◆

Digitized by srujanika@gmail.com

ଦୁଃଖୀଧନ ବନାମ ସତ୍ୟକାମ

ପୂଜ୍ୟ କବି, ବିଶ୍ୱରଂଜନ

ପ୍ରଣାମ

ମୁଁ କି ଜାଣିଥିଲି, ସତୁରି ବର୍ଷର ସୀମା ଛୁଇଁଥିବା ଜଣେ ପ୍ରବୁଦ୍ଧ ତରୁଣ ଭିତରେ ତାରୁଣ୍ୟର ରଂଗ ଏତେ ଗାଢ଼ ଓ ଗଭୀର ଭାବରେ ଲେଖା ହୋଇ ରହିଛି ବୋଲି ! ମୁଁ କି ଜାଣିଥିଲି, ଦାର୍ଶନିକର ଗୁରୁ-ଗମ୍ଭୀର ଚେହେରା ଓ ଚରିତ୍ର ଭିତରେ ସୁଦୂର ଅତୀତରେ, ସ୍ନେହାର୍ଦ୍ର,ସୁକୁମାର ସ୍ମୃତିର ସୁରଭି ତଥାପି ଖେଳି ବୁଲୁଛି ବୋଲି ! ଜଣେ ଧ୍ୟାନସ୍ଥ ସାଧକର ଧ୍ୟାନ ଓ ଧାରଣା ଭିତରେ, ଅପୂର୍ବ ପ୍ରଣୟର ତରଂଗରେ ତରଂଗାୟିତ, ହୋଲିର ରଂଗରେ ଚିତ୍ରିତ ଚେତନାର ଚମତ୍କାର କାରୁକଳା ଛପି ରହିଛି ବୋଲି !

ହଁ, ଏହାର ଉଜ୍ଜ୍ୱଳ, ଅନୁପମ ସ୍ୱାକ୍ଷର ଆପଣଙ୍କ 'ନବଲିପି'ର ଗଳ୍ପ 'ପୁନର୍ନବା'ରେ । ଆପଣଙ୍କର ଅନ୍ୟ କୌଣସି ଶାରଦୀୟ ସୃଷ୍ଟିକୁ ଏ ପର୍ଯ୍ୟନ୍ତ ପଢ଼ିନାହିଁ । ଅନବଦ୍ୟ ଭାବସଭାର କବିତା । ତା ଭିତରେ କେତେ କଣ, କେତେ ବ୍ୟଥା, ଭାବର, ଅଭାବର, ଆନନ୍ଦର, ଅବସାଦର, ଅନ୍ତରଙ୍ଗ ଅନୁଭବର ।

'ରୁକୁଣା ଭାଉଜ'ଙ୍କ ଦୁଃଖୀଧନ ଅବା ବନମାଳୀ ସାର୍‌ଙ୍କ'ସତ୍ୟକାମ' ଯେତେବେଳେ ଆସି ପହଞ୍ଚିଗଲା ଆପଣଙ୍କ ବସାଘରେ, ଆପଣଙ୍କ ଆଖିର ଢବଢବ ଲୁହ ମୋ ଆଖିକୁ କାହିଁକି ସଂକ୍ରମିତ ହୋଇ ଆସିଲା ? ଏହି ସଂକ୍ରମଣ ତଥା ଗୋଟିଏ ପ୍ରାଣର ମର୍ମାନୁଭୂତି ଅନ୍ୟ ପ୍ରାଣରେ - ଏହା ହିଁ ବୋଧହୁଏ ଏ ଗଳ୍ପ-କଥନର ସଫଳତା ।କଳାର ସାର୍ଥକତା ।

ବାସ୍ତବରେ 'କୁଆଁରି ପୁନେଇ'ର 'ଗୋରାଚାନ୍ଦ' ଆପଣ । ଓଡ଼ିଆ ସାହିତ୍ୟକୁ ବହୁକାଳଯାଏ ଶୀତଳ, ସ୍ନିଗ୍ଧ ଆଲୋକରେ ଆଲୋକିତ କରୁଥାନ୍ତୁ । ଏହା ହିଁ ମୋର ପ୍ରାର୍ଥନା ।

ଆପଣଙ୍କ ପ୍ରଣୟକୁ ପ୍ରଣାମ । ପ୍ରତିଭାକୁ ପ୍ରଣାମ।
ଗଭୀର ସମ୍ମାନ ଓ ଶାରଦୀୟ ଶୁଭେଚ୍ଛା ସହ..

◆ ◆ ◆

Digitized by srujanika@gmail.com

ଭାବକୁ ଭଣତି

ଶ୍ରୀନୀବାସ ବେହେରା

ହେ ପୂଜ୍ୟପାଦ ଶ୍ରୀଯୁକ୍ତ ରଥ !
ଘେନ ଭକ୍ତିଭରା ପ୍ରଣତି,
କବି ନ ହେଲେ ବି କବିତାରେ କରେ
ମନର ଭାବକୁ ଭଣତି ।
କରାଇଲା ମୋତେ ମୋ ମନ ଭିତରେ
ମଣିଷ ଏକଥା ସୂଚିତ,
ସାହିତ୍ୟ ସମ୍ରାଟେ ସାହିତ୍ୟ ସମ୍ଭାରେ
ଅର୍ଚ୍ଚନା କରିବା ଉଚିତ ।
ତବ କେତେ କ୍ଷୁଦ୍ରଗଳ୍ପ ପାଠକରି
ହୋଇଛି ବିସ୍ମିତ ହରଷ,
ଧରି ରଖେ ସେତ ମନକୁ ସହଜେ
ହୃଦୟକୁ କରେ ପରଶ ।
'ଅନ୍ତିମା', 'କୁବୁଜା', 'ଜାଇ କୁମ୍ଭାରୁଣୀ'
ବାହା ବାହା ବାହା ବାହାରେ,
'ଏ ବସନ୍ତ ଋତୁ ନୁହେଁ' 'ପୁନର୍ବବା'
କି ଉପମା ଦେବା ତାହାରେ !
ଗଳପ ତୁମର ପଢ଼ି ଅଳପକେ
ଆତ୍ମହରା ହୁଏ ପାଠକ,
ଧନ୍ୟହେ ସ୍ରଷ୍ଟା ! ଧନ୍ୟ ତୁମ୍ଭ ସୃଷ୍ଟି !!
ସେ ସୃଷ୍ଟି ତୁମ୍ଭର ସାର୍ଥକ ।
ତନ୍ମୟ ମନର ତରଳ ଉଚ୍ଛ୍ୱାସୁ
କରି ଯତ୍‌ସାମାନ୍ୟ ପ୍ରକାଶ,
ଭକ୍ତି ଓ ସମ୍ମାନ ଜଣାଇ ରହୁଛି
ତୁମ୍ଭ ସ୍ନେହର ଶ୍ରୀନିବାସ ।

◆ ◆ ◆

Digitized by srujanika@gmail.com

ମୁଁ ହଜିଯାଇଛି

କ୍ଷୀରୋଦ ଦାସ

ପୂଜ୍ୟ ମହାଶୟ,

ଭୂମିଷ୍ଠ ପ୍ରଣାମ ନେବେ ।

ଦୀର୍ଘ ପନ୍ଦର ବର୍ଷ ଧରି ଆପଣଙ୍କ ଗଳ୍ପ ଉପନ୍ୟାସ ଭିତରେ ହଜିଯାଉଥିଲି ସିନା, ଚିଠି ଖଣ୍ଡିଏ ଲେଖିବାକୁ ସାହାସ ସଂଚୟ କରିପାରିନଥିଲି । ଆଜି ଲେଖୁଛି । ସୁଚରିତାର ଲେଖକ ବିଶେଷଙ୍କର 'ଲଂଘନ' ଶୀର୍ଷକ ଗଳ୍ପଟି ପଢ଼ି । ଚିଠିଟି ନ ଲେଖିଥିଲେ ହୁଏତ ରହିପାରି ନଥାନ୍ତି । ଛାତି ଫାଟି ଯିବା ପରି ଲାଗିଥା'ନ୍ତା । ଗଳ୍ପଟି ପଢ଼ି ମୁଁ ଯେ କ'ଣ ଅନୁଭବ କରୁଛି ସେ କଥା ଅକ୍ଷରରେ ପ୍ରକାଶ କରିବାକୁ ମୁଁ ଅକ୍ଷମ । ମୁଁ ହଜିଯାଇଛି, ଲୀନ ହୋଇ ଯାଇଛି ତା ଭିତରେ

◆ ◆ ◆

Digitized by srujanika@gmail.com

ପ୍ରଶସ୍ତି

National Academy of Letters Award 1997

Essayist, short story writer and novelist, Chandrasekhar Rath was born in Bolangir, Orissa in 1929. A post-graduate in English, he began his professional career in Orissa Education Service in 1952 serving in different faculty positions in various colleges of the state before retiring from government service in 1987 He has four books of essays, four short story collections and three novels to his credit and has won several honours and awards including Odisha Sahitya Akademi Award, Sarala Award and Bharat Naik Memorial Award.

Sabutharu Dirgharati, the award-winning collection of short stories, provides interesting absorbing glimpses of rural Orissa. For its freshness, imagery, symbols and metaphors, its sensitive identification with the human suffering and its apt use of local idiom and nuances, the work is regarded as a genuine contribution to the Indian short story in Oriya.

Sabutharu Dirgharati - The longest Night ever

Digitized by srujanika@gmail.com

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର

୧୯୭୫ ଠାରୁ ୧୯୭୭ ମସିହା ମଧ୍ୟରେ ପ୍ରକାଶିତ 'ପ୍ରବନ୍ଧ, ଜୀବନୀ, ଭ୍ରମଣ ବୃତ୍ତାନ୍ତ, ବୈଜ୍ଞାନିକ ସାହିତ୍ୟ ଓ ସାହିତ୍ୟ ସମାଲୋଚନା' ବିଭାଗର ପୁସ୍ତକମାନଙ୍କ ମଧ୍ୟରେ ପ୍ରବନ୍ଧ ସଂକଳନ "ଅଶ୍ରୁତ ସ୍ୱର" ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଏହାର ଲେଖକ ଶ୍ରୀ ଚନ୍ଦ୍ରଶେଖର ରଥଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ପ୍ରମାଣପତ୍ର ସହ ଏକ ସହସ୍ର ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରାଗଲା ।

ସ୍ୱା/- ରାଇଚରଣ ଦାସ — ସ୍ୱା/- ସଚି ରାଉତରାୟ

ସଂପାଦକ — ୧୦।୫।୧୯୮୧ — ସଭାପତି

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର

୧୯୭୫ ଠାରୁ ୧୯୭୭ ମସିହା ମଧ୍ୟରେ ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରୁ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ବିଭାଗରେ 'ଅସୂର୍ଯ୍ୟ ଉପନିବେଶ' ଉପନ୍ୟାସ ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ଉକ୍ତ ପୁସ୍ତକର ଲେଖକ ଶ୍ରୀ ଚନ୍ଦ୍ରଶେଖର ରଥଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏହି ପ୍ରମାଣପତ୍ର ସହ ଏକ ସହସ୍ର ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରାଗଲା।

ଧୀରେନ୍ଦ୍ରନାଥ ପଟ୍ଟନାୟକ — ସଚି ରାଉତରାୟ

ସଂପାଦକ — ୮।୮।୨।୧୯ — ସଭାପତି

Digitized by srujanika@gmail.com

ବିଷୁବ ମିଳନ
୧୯୭୩

ଶ୍ରୀ ଚନ୍ଦ୍ରଶେଖର ରଥ

ମୌଳିକ, ଗବେଷଣାମୂଳକ ପ୍ରବନ୍ଧ ରଚନା କ୍ଷେତ୍ରରେ ଶ୍ରୀ ଚନ୍ଦ୍ରଶେଖର ରଥ ନିଜର ଉଜ୍ଜ୍ୱଳ ପ୍ରତିଭାର ପରିଚୟ ଦେଇଛନ୍ତି । ଏତଦ୍ୱାରା ଚତୁର୍ଦ୍ଦଶ ବିଷୁବ ମିଳନର ଶୁଭ ଅବସରରେ ଆମେ ତାଙ୍କୁ ସମ୍ମାନିତ କରୁଛୁ ।

ହୁମାୟୁନ କବିର
ପ୍ରଧାନ ଅତିଥି
ବିଷୁବ ମିଳନ

ହରେକୃଷ୍ଣ ମହତାବ
ଚେୟାରମ୍ୟାନ
ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରଶଂସା ପତ୍ର
ପ୍ରଜାତନ୍ତ୍ର ରଜତ ଜୟନ୍ତୀ, ବଲାଙ୍ଗିର

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ

ଆପଣଙ୍କର ନିରଳସ ସାଧନା ଓ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟିପାଇଁ ପ୍ରଜାତନ୍ତ୍ର ପ୍ରଚାର ସମିତି ଆପଣଙ୍କୁ ଅତୀତରେ ପୁରସ୍କୃତ କରିଛି । ଆପଣଙ୍କର ଏହି ଗୌରବ ହିଁ ବଲାଙ୍ଗିର ବାସୀଙ୍କ ପାଇଁ ଗର୍ବର ବିଷୟ । ଆଜି ଏହି ଶୁଭ ଅବସରରେ ଆପଣଙ୍କ ଯଶସ୍ୱୀ ପ୍ରତିଭାକୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ଏହି ପ୍ରଶଂସା ପତ୍ର ପ୍ରଦାନ କରୁଛୁଁ ।

ହରେକୃଷ୍ଣ ମହତାବ
ମୁଖ୍ୟଅତିଥି

ନୃସିଂହ ପ୍ରସାଦ ନନ୍ଦ
ସଭାପତି

Digitized by srujanika@gmail.com

୧୯୮୧ ଶାରଳା ପୁରସ୍କାର ଉତ୍ସବ ଉପଲକ୍ଷେ

ବରେଣ୍ୟ ସାହିତ୍ୟିକଙ୍କୁ ପୁରସ୍କାର

ଶ୍ରୀ ଚନ୍ଦ୍ରଶେଖର ରଥ

ସମ୍ମାନୀୟ ମହାଶୟ,

ଉଣର ଷାଠିଏରୁ ଅଦ୍ୟାବଧି ଆପଣ କି ଏକ ବିପୁଳ ଆବେଗ ଓ ପ୍ରାଣବନ୍ତ ନିଷ୍ଠାରେ ଓଡ଼ିଆ ସାହିତ୍ୟକୁ ତିନୋଟି ଉପନ୍ୟାସ, ଆଠୋଟି ଲଳିତ ନିବନ୍ଧ ସଂକଳନ ଓ ଚାରୋଟି ଗଳ୍ପ ପୁସ୍ତକ ସାରସ୍ୱତ ଆର୍ଘ୍ୟରୂପେ ପ୍ରଦାନ କରି ଏ ସାହିତ୍ୟକୁ ମହିମାମଣ୍ଡିତ କରିଅଛନ୍ତି । ଆପଣଙ୍କ ଲଳିତ ନିବନ୍ଧ ଓ ରଚନାମାଳାରେ ସ୍ୱକୀୟ କାବ୍ୟଧର୍ମୀ ଗଦ୍ୟଶୈଳୀ, ତୀକ୍ଷ୍ଣ ସମାଜ-ରାଜନୈତିକ ସଚେତନତା, ଗଭୀର ମନନଶୀଳତା ଓ ଶାଣିତ ଶାବଲୀଳ ବ୍ୟଙ୍ଗ ପରିଲକ୍ଷିତ ହେଲେବି କଥା ସାହିତ୍ୟରେ ଆପଣ ଜଣେ ମାନବପ୍ରେମୀ ଦରଦୀ ହୃଦୟବାନ ଶିଳ୍ପୀଭାବେ ସାଂପ୍ରତିକ ମଣିଷର ଉଦ୍ଭଟ ସ୍ଥିତି, ସହରୀ ଜୀବନର ନଗ୍ନତା, ଗ୍ରାମ୍ୟ ଜୀବନର କରୁଣ ପରିବେଶ ଓ ସମାଜର ରୁଗ୍ଣ ବ୍ୟାଧିଟ ବାସ୍ତବତା ପ୍ରତି ଦୃଷ୍ଟିପାତ କରି ଏକ ସଂପ୍ରୀତିପୂର୍ଣ୍ଣ, ଶାନ୍ତ ଓ ସୁନ୍ଦର ସମାଜ ପ୍ରତିଷ୍ଠା ପାଇଁ ହୃଦୟର ବ୍ୟାକୁଳତା ପ୍ରକାଶ କରିଛନ୍ତି । 'ଯନ୍ତାରୂଢ଼' (୧୯୬୭)ରୁ 'ଅସୂର୍ଯ୍ୟ ଉପନିବେଶ' (୧୯୭୪) ଦେଇ 'ନବଜାତକ' (୧୯୮୧) କୁ ଯାତ୍ରା ଯଥାର୍ଥରେ ଏକ ତିମିରିତ ଅସଭ୍ୟ ଉପନିବେଶର ଆଧାତ୍ମିକ ଉତ୍ତରଣ ପ୍ରତି ଆପଣଙ୍କ ଚେତନାର ଉଲ୍ଲଂଘନ ସୂଚାଇ ଦିଏ । 'ଅନେକ ବନ୍ୟାପରେ' (୧୯୭୮), 'ଅଶ୍ୱାରୋହୀର ଗଳ୍ପ' (୧୯୭୯), 'ସମ୍ରାଟ ଓ ଅନ୍ୟମାନେ' (୧୯୮୦), 'ଅନ୍ୟ ଏକ ସକାଳ' (୧୯୮୧)ରେ ଆପଣ ଯେପରି ମଣିଷ ଜୀବନର ଅସହାୟତାକୁ ଉଖାରି ଦେଇ ବଂଚିବାପାଇଁ ଗଭୀର ଆଶାବାଦ ସଂଚାର କରିଛନ୍ତି 'ମନଅରଣ୍ୟ' (୧୯୭୧), 'ଦୃଷ୍ଟି ଓ ଦର୍ଶନ' (୧୯୭୧), 'ଏଯେଉଁ ପୃଥିବୀ' (୧୯୭୧), 'ଅଶ୍ରୁତ ସ୍ୱର' (୧୯୭୩), 'ମୁଁ ସତ୍ୟଧର୍ମା କହୁଛି' (୧୯୭୪), 'ମଧୁସଂଧାନ'

Digitized by srujanika@gmail.com

(୧୯୭୪), 'ଉଭର ଅରଣ୍ୟ' (୧୯୮୦), 'କ୍ରୀତଦାସର କାବ୍ୟ' (୧୯୮୧) ପ୍ରଭୃତି ରଚନା ସଂକଳନ ଗୁଡ଼ିକରେ ଭାବଧର୍ମ, ଆବେଗ, ଦୃଷ୍ଟି, ବିନ୍ୟାସ ଲକ୍ଷ୍ୟ ଓ ଶୈଳୀରେ ଅନନ୍ୟ ସ୍ୱକୀୟତା ପ୍ରଦର୍ଶନ କରି ଓଡ଼ିଆ ସାହିତ୍ୟରେ ଅଗ୍ରଗାମୀ ଭୂମିକା ନେଇଛନ୍ତି । ବୈଦିକ ପୃଷ୍ଠଭୂମି ଓ ସନାତନ ଆଦର୍ଶରେ ପରିପୁଷ୍ଟ ଆପଣଙ୍କ କ୍ରାନ୍ତଦର୍ଶୀ ସ୍ରଷ୍ଟାମାନସ କେଉଁଏକ ଉଚ୍ଚତମ ଶିଖରରୁ ଏ ଜାତିର ମାନସିକ ଦୁର୍ଗତି ଓ ଦ୍ରୁତ ଅବମୂଲ୍ୟାୟନକୁ ଲକ୍ଷ୍ୟକରି ବାରମ୍ବାର ଶୋକାତୁର ହୋଇଥିଲେ ବି ତଥାପି ମଣିଷଠାରୁ ବିଶ୍ୱାସ ହରେଇ ନାହିଁ । ଆପଣଙ୍କ ରଙ୍ଗ ଓ ତୂଳିର ଚିତ୍ରାଙ୍କନ, ସୌଖୀନ ମୃତ୍‌ଶିଳ୍ପ କେବଳ ଆପଣଙ୍କ ପାଇଁ ଅବସର ବିନୋଦନ ନୁହେଁ, ବରଂ ଆପଣଙ୍କ ସୃଷ୍ଟିପ୍ରବଣ ଜୀବନଧାରାର ଏକ ଆବେଗନିଷ୍ଠ ଆତ୍ମପ୍ରକାଶ ଭାବେ ଆପଣଙ୍କ ସୁକୁମାର ଶିଳ୍ପୀ ପ୍ରାଣକୁ ସମାନ ଯତି ଓ ଆବେଗରେ ସ୍ପନ୍ଦିତ କରୁଅଛି । ଜଣେ ବିଦ୍ୱାନ ବାଗ୍ମୀ ବକ୍ତାଭାବେ ଆପଣ ଆଜି ସମଗ୍ର ଓଡ଼ିଶାରେ ସୁପରିଚିତ । ଆପଣଙ୍କ ରଚିତ 'ସମ୍ରାଟ ଓ ଅନ୍ୟମାନେ ' (୧୯୮୦) ଶ୍ରେଷ୍ଠ ବିବେଚିତ ହୋଇ ସଂପ୍ରତି ଓଡ଼ିଶାରୁ ସର୍ବଶ୍ରେଷ୍ଠ ସାରସ୍ୱତ ସମ୍ମାନ 'ଶାରଳା ପୁରସ୍କାର ପ୍ରାପ୍ତି ମୁହୂର୍ତ୍ତରେ ଆପଣଙ୍କର ଶିଳ୍ପୀସୁଲଭ ଅନମନୀୟ ଆତ୍ମପ୍ରତ୍ୟୟ, ନିୟତ ସାହିତ୍ୟ ସାଧନା, ଗଭୀର ଅଧ୍ୟୟନ, ବିପୁଳ ଅଭିଜ୍ଞତା, ଭାବୁକତା ଏବଂ ଉଚ୍ଚତମ ମାନବିକ ମୂଲ୍ୟବୋଧ ପ୍ରତି ଏକାନ୍ତ ଅନୁରକ୍ତି ଏ ଯୁଗର ତରୁଣ ସାହିତ୍ୟିକ ମାନଙ୍କ ପାଇଁ ଅନୁକରଣୀୟ ହୋଇ ରହିବ, ଏହା ଆଶା କରାଯାଇପାରେ ।

ଆଜି ୧୯୮୧ ମସିହା ପାଇଁ ଆୟୋଜିତ 'ଶାରଳା ପୁରସ୍କାର' ପ୍ରଦାନର ତୃତୀୟ ବାର୍ଷିକ ସାରସ୍ୱତ ଉତ୍ସବ ମଂଚରେ ଆପଣଙ୍କ ବିପୁଳ ସୃଷ୍ଟିର ସ୍ୱୀକୃତି ସ୍ୱରୂପ ଆପଣଙ୍କୁ ଦଶସହସ୍ର ମୁଦ୍ରା ପ୍ରଦାନ କରି ଆମେ ନିଜକୁ ଗୌରବାନ୍ୱିତ ମନେ କରୁଛୁ ।

ହରିହର ମହାପାତ୍ର	ଶିବରାମ କରନ୍ତ	ବଂଶୀଧର ପଣ୍ଡା
ଉଦ୍‌ଘାଟକ	*ମୁଖ୍ୟ ଅତିଥି*	*ସଭାପତି*

Digitized by srujanika@gmail.com

ସମ୍ବଲପୁର ବିଶ୍ୱବିଦ୍ୟାଳୟ
ମାନପତ୍ର

ଗଦ୍ୟକାର ଶ୍ରୀ ଚନ୍ଦ୍ରଶେଖର ରଥ ମାନନୀୟେଷୁ,

ଆପଣ ଜଣେ ଯଶସ୍ୱୀ ଗଦ୍ୟକାର ଭାବେ ଆଜି ଓଡ଼ିଶାର ବହୁ ପାଠକ ଓ ବୁଦ୍ଧୀଜୀବିଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି ।

ଆପଣଙ୍କ ରଚିତ ଉପନ୍ୟାସ 'ଯନ୍ତ୍ରରୂଢ', 'ଅସୂର୍ଯ୍ୟ ଉପନିବେଶ', 'ନବଜାତକ', ତଥା 'ଅନେକ ବନ୍ୟାପରେ', ଅଶ୍ୱାରୋହୀର ଗଳ୍ପ', 'ସମ୍ରାଟ ଓ ଅନ୍ୟମାନେ', 'ଅନ୍ୟ ଏକ ସକାଳ', 'ସବୁଯାକ ସ୍ୱପ୍ନ', 'ଏତେ ପାଖରେ ସମୁଦ୍ର', ଆଦି ଗଳ୍ପ ଗ୍ରନ୍ଥ ତଥା ଲଳିତ ନିବନ୍ଧ ଗ୍ରନ୍ଥ ଭାବେ 'ଦୃଷ୍ଟି ଓ ଦର୍ଶନ', 'ଏ ଯେଉଁ ପୃଥିବୀ', 'ମୁଁ ସତ୍ୟଧର୍ମା କହୁଛି', 'ମଧୁ ସନ୍ଧାନ', 'ଉତ୍ତର ଅରଣ୍ୟ', 'ଅଶ୍ରୁତ ସ୍ୱର', 'କ୍ରୀତଦାସର ସ୍ୱପ୍ନ'ର ପ୍ରକାଶନ ପାଠକର ଚିତ୍ତବୃତ୍ତିକୁ କ୍ରମଶଃ ତା'ର ନିକଟତମ ଲୋକାଳୟରୁ ମହାଦିଗନ୍ତ ଆଡେ ନେଇ ଯାଇଛି ।

ଏକ ବୃହତ୍ତର ସାଂସ୍କୃତିକ ଜିଜ୍ଞାସା ଆପଣଙ୍କ ରଚନାକୁ ବସ୍ତୁତଃ କ୍ଲାସିକ ଧର୍ମୀ କରିଛି ଯାହା ସାମଗ୍ରିକ ଭାବେ ଜ୍ଞାନପୀଠିକ ହେଲେ ବି ଏକ ମହାଜୀବନର ଉପଲବ୍ଧି ଓ ମାନବାତ୍ମାର ବୌଦ୍ଧିକ ମୁକ୍ତି ସେଥିରେ ପ୍ରତୀକିତ ହୋଇଛି ।

ସମକାଳୀନ ରାଜନୀତିକ ଚିତ୍ର, ସମାଜବାଦୀ ବାସ୍ତବତା, ଭୂମିସଂଲଗ୍ନ, ବିକ୍ଷତ ବିପୁଳ ଜୀବନର ଚିତ୍ର, ସାଂପ୍ରତିକ ଜଟିଳ ଜୀବନ ଜିଜ୍ଞାସା ଓ ତତ୍‌ଜନିତ ବହୁ ପ୍ରଶ୍ନଯୁକ୍ତ ମୂଲ୍ୟବୋଧ ସାମଗ୍ରିକ ଭାବେ ଆପଣଙ୍କ ଗଳ୍ପ ଓ ଅନ୍ୟାନ୍ୟ ଗଦ୍ୟ ରଚନାରେ ଏକ ଚମତ୍କାର କଳାଦୃଷ୍ଟି ଭିତରେ ଅଭିବ୍ୟକ୍ତି ଲାଭ କରିଛି ।

ଆଶା ଓ ଆନନ୍ଦବାଦୀ ଜୀବନ ଦର୍ଶନ ଆପଣଙ୍କ କଳା ଦୃଷ୍ଟିକୁ ନାନାଭାବେ ପ୍ରଭାବିତ କରିଛି ।

Digitized by srujanika@gmail.com

ଆପଣଙ୍କ ରଚନାବଳୀ ଏକ ଉଚ୍ଚତର ସଂସ୍କୃତି ସଂପନ୍ନତା ଏକ ହେତୁବାଦୀ ବିଚାରଧାରା ତଥା ଦାର୍ଶନିକତା ଦ୍ୱାରା ପୁଷ୍ଟ ଓ ପ୍ରସାରିତ । ଆପଣଙ୍କ ରୁଚି ଓ ବ୍ୟକ୍ତିତ୍ୱବୋଧ ଆପଣଙ୍କ ସାହିତ୍ୟାଦର୍ଶରେ ପ୍ରତିଫଳିତ ହୋଇଛି ।

ପ୍ରାଦେଶିକ ଓ ଜାତୀୟ ସ୍ତରର କ୍ଷୁଦ୍ର, ବୃହତ୍ତର ବହୁ ଅନୁଷ୍ଠାନ ଓ ସାରସ୍ୱତ ସଂଗଠନ ସହିତ ଆପଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ।

ଆପଣ ଆପଣଙ୍କ ସାହିତ୍ୟ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ତଥା ସମ୍ମାନଜନକ ସାରଳା ପୁରସ୍କାର ଲାଭ କରିଛନ୍ତି । ଏତଦ୍ ବ୍ୟତୀତ ଆପଣ ଚିତ୍ରକଳା ଓ ସ୍ଥାପତ୍ୟ କ୍ଷେତ୍ରରେ ମଧ୍ୟ ଆପଣଙ୍କ ଅନୁରାଗମୟ ସାଧନାର ପରିଚୟ ଦେଇଛନ୍ତି ।

ଜାତୀୟ ଓ ପ୍ରାଦେଶିକ ସ୍ତରରେ ଆୟୋଜିତ ଅଭିଜାତ ବହୁ ସାହିତ୍ୟ ଓ ସଂସ୍କୃତିକ ସଂସ୍ଥାନ ମାନଙ୍କରେ ଆପଣଙ୍କ ପାଣ୍ଡିତ୍ୟପୂର୍ଣ୍ଣ ବିଶ୍ଳେଷଣ ଆପଣଙ୍କୁ ସର୍ବୋପରି ଜଣେ ଚିନ୍ତାଶିଳ ବୁଦ୍ଧିଜୀବି ଭାବେ ପରିଚିତ କରାଇଛି ।

ଏ ଅବସରରେ ଆମେ ଆପଣଙ୍କ ବହୁବିଧ ସାରସ୍ୱତ ସାଧନାରେ ସିଦ୍ଧି ଓ ସଫଳତାକୁ ଶ୍ରଦ୍ଧାର ସହିତ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଆପଣଙ୍କୁ ଭାରତ ଚନ୍ଦ୍ର ନାୟକ ସ୍ମୃତି ପୁରସ୍କାର ପ୍ରଦାନ କରି ଆପଣଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ ।

ଆପଣଙ୍କ କ୍ରାନ୍ତିକାରୀ ପ୍ରତିଭା ଏ ଜାତିର କୋଟି ତରୁଣ ଓ ପ୍ରବୀଣଙ୍କ ପ୍ରାଣରେ ସାରସ୍ୱତ ଓ ସଂସ୍କୃତିକ ପ୍ରୀତି ଉଜ୍ଜାଗ୍ରତ କରୁ ଏହାହିଁ କାମନା

ଶିବଶଙ୍କର ପ୍ରସାଦ ପଣ୍ଡା
କୁଳପତି
ତଥା
'ସପ୍ତର୍ଷି'ର ମୁଖ୍ୟ ସଂପାଦକ
ସମ୍ବଲପୁର ବିଶ୍ୱ ବିଦ୍ୟାଳୟ

ତା ୧୭ । ୮ । ୮୯
ଜ୍ୟୋତିବିହାର

Digitized by srujanika@gmail.com

ରାଜଧାନୀ ନୀଳଶୈଳ

ଭୁବନେଶ୍ୱର

ମାନପତ୍ର

ଖ୍ରୀ: ୧୯୬୭-୭୦ ମଧ୍ୟରେ ଓଡ଼ିଆ ଭାଷାରେ ପ୍ରକାଶିତ ମୌଳିକ ଉପନ୍ୟାସ ସୃଷ୍ଟି ପାଇଁ ସମ୍ମାନ ପ୍ରଦର୍ଶନର ମହନୀୟ ନିଷ୍ପତ୍ତି 'ରାଜଧାନୀ ନୀଳଶୈଳ' ପକ୍ଷରେ ଗୋଟିଏ ଗୌରବୋଜ୍ଜ୍ୱଳ ସିଦ୍ଧାନ୍ତ ।

ମାନବ ଚରିତ୍ରର ଯଥାର୍ଥ ଜୀବନ୍ତଚିତ୍ର, ମନୋବିଜ୍ଞାନର ପ୍ରାଞ୍ଜଳ ବିଶ୍ଳେଷଣ, ଆଦର୍ଶ ତଥା ଆଧ୍ୟାତ୍ମିକବାଦର ମଧୁର ସମନ୍ୱୟ ଏବଂ ପ୍ରକୃତିର ମନୋଜ୍ଞ ବର୍ଣ୍ଣାଢ୍ୟ ଚିତ୍ରାବଳୀରେ ଊର୍ଜସ୍ୱଳ, ଚିନ୍ତାଶୀଳ ଔପନ୍ୟାସିକ ତଥା ସୁସାହିତ୍ୟିକ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ରଥଙ୍କ 'ଯନ୍ତ୍ରାରୂଢ଼' ଉପନ୍ୟାସ ଗ୍ରାମୀଣ ଜନସାଧାରଣର ଅନାବିଳ-ଆଦର୍ଶ ଗାର୍ହସ୍ଥ୍ୟ ଜୀବନ, ସୁଗଭୀର ଭକ୍ତିଭାବନା ତଥା ସୁଦୃଢ଼ ଆଧ୍ୟାତ୍ମିକ ଚେତନାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । କୌଣସି ପ୍ରକାରର ବାହ୍ୟ ଆଡ଼ମ୍ବର, ଆନ୍ଦୋଳନ କିଂବା ସଂଘର୍ଷର ସ୍ପର୍ଶ ନ ଥାଇ, ପାରଂପରିକ ରୁଚି ବୋଧରେ ବାଧା ସୃଷ୍ଟି ନ କରି, ଉଚିତବ୍ୟତାର ସୁସ୍ଥିର ସିଦ୍ଧାନ୍ତ ମଧ୍ୟରେ ଚରମ ଆତ୍ମଶାନ୍ତି ପ୍ରାପ୍ତିର ପନ୍ଥା ଦିଗ୍‌ଦର୍ଶନ କରାଇବାରେ ଶ୍ରୀଯୁକ୍ତ ରଥ ନିଶ୍ଚିତ ଭାବରେ ସୁଚତୁର କଳାକାର । ଅଭାବ ଅନାଟନ ତଥା ବାଧାବିଘ୍ନର କଷାଘାତରେ ରୁଧିରାପ୍ଲୁତ ସତ୍ତ୍ୱେ ଜୀବନର ଚରମଶାନ୍ତି ତଥା ପରମ ନିର୍ବାଣ ପଥରେ ମନୁଷ୍ୟ ଜିଗମିଷାର ବାସ୍ତବ ଆଲେଖ୍ୟ ଅଙ୍କନରେ ସେ ଅପ୍ରତିଦ୍ୱନ୍ଦ୍ୱୀ । ସମାଜିକ ଚେତନାବଳୀକୁ ଆଧ୍ୟାତ୍ମିକତାର ରୂପଦେବାରେ ଶ୍ରୀଯୁକ୍ତ ରଥଙ୍କ ଲେଖନୀ ସୁପ୍ରସିଦ୍ଧ । ତାଙ୍କ ଶୈଳୀ କାବ୍ୟଧର୍ମୀ, ଭାଷା ପ୍ରବହଣଶୀଳା, ସରଳା, ମଧୁରା ରସାଭିବ୍ୟଞ୍ଜିକା, ଚରିତ୍ରାନୁସାରିଣୀ ତଥା ପ୍ରବଚନ ସମଳଙ୍କୃତା । କୃତୀ ସାହିତ୍ୟିକଙ୍କ ପରବର୍ତ୍ତୀ ବହୁ ପ୍ରବଂଧ, ଗଳ୍ପ ଏବଂ ଉପନ୍ୟାସ ନବନବଭାବ, ରସ ତଥା ଶୈଳୀରେ ନିଶ୍ଚିତ ଭାବରେ କ୍ରମଭାସ୍ୱର ।

ପରମ କରୁଣାମୟ ଶ୍ରୀ ନୀଳ ଶୈଳାଧୀଶଙ୍କ କୃପାବଳରେ ଶ୍ରୀରଥଙ୍କ ଲେଖନୀ ଅଧିକରୁ ଅଧିକତର ସଫଳତା ଅର୍ଜନ କରୁ ତଥା ସେ ସୁସ୍ଥ-ସୁଦୀର୍ଘ-ସଫଳ ଜୀବନ ଲାଭ କରନ୍ତୁ ।

ରାଜଧାନୀ ନୀଳଶୈଳ
ଭୁବନେଶ୍ୱର
୧ । ୪ । ୧୯୮୦ ଉପଦେଷ୍ଟା ସଭାପତି ସାଧାରଣ ସମ୍ପାଦକ

Digitized by srujanika@gmail.com

ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ

ଭୁବନେଶ୍ୱର, ଓଡ଼ିଶା

୧୫.୧୨.୧୯୯୭

ମାନନୀୟ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ମହୋଦୟ

ମହାଶୟ !

ଆପଣ ଓଡ଼ିଆ ସାରସ୍ୱତ ଜଗତର ଜଣେ ଶାଶ୍ୱତ ସ୍ରଷ୍ଟା; ଭାରତୀୟ ସାଂସ୍କୃତିକ ଚେତନା, ସୌନ୍ଦର୍ଯ୍ୟବୋଧ, ଜୀବନ ଜିଜ୍ଞାସା, ସତ୍ୟଧର୍ମ, ତଥ୍ୟନିଷ୍ଠା ଓ ତତ୍ତ୍ୱ-ଦର୍ଶନର ଜଣେ ମନନ ଧର୍ମୀ ପ୍ରବକ୍ତା, ଚିନ୍ତା, ଅଭିବ୍ୟକ୍ତି ଓ ଉପଲବ୍ଧିର ପବିତ୍ର ତ୍ରିବେଣୀ ସଂଗମ । ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟ ରଚନା ଓ ଅନୁବାଦ କ୍ଷେତ୍ରରେ ଅନନ୍ୟ ସାଧାରଣ ସିଦ୍ଧିର ଅଧିକାରୀ ଆପଣ ଜନ୍ମ ମାଟିର ମହତ୍ତ୍ୱ ଓ ଆଧାତ୍ମ୍ୟବୋଧକୁ ନେଇ ପରଂପରା ସହିତ ପୁରୋଦୃଷ୍ଟିର ମଧୁର ସମନ୍ୱୟ ସଂପାଦନ ପୂର୍ବକ ଏ ଜାତିକୁ ଯେଉଁ ଅଭିନବ ଅନବଦ୍ୟ ସମ୍ପଦ ସମର୍ପି ଦେଇଛନ୍ତି ତାହା ଏ ଜାତିର ନୈତିକ ଅବବୋଧକୁ ବୃଦ୍ଧି, ଶୁଦ୍ଧି ଓ ଋଦ୍ଧିରେ ଉଦ୍ଭାସିତ କରିଛି । ଆପଣଙ୍କ ସ୍ୱାଭିମାନ - ନିଷ୍ଣାତ ବ୍ୟକ୍ତି ସତ୍ତା ତାରୁଣ୍ୟର କର୍ତ୍ତବ୍ୟୋଚ୍ଛ୍ୱଳତା, କରିଦେଇଛି । ଯୌବନର ଉଦ୍ୟମ-ଉଦ୍ଦାମତା ଓ ପ୍ରବୁଦ୍ଧ ଦିଗ୍‌ଦର୍ଶନରେ ଅନିର୍ବଚନୀୟ ଊର୍ଜସ୍ୱଳ । ଆପଣଙ୍କ ସାଂଗଠନିକ ବ୍ୟକ୍ତିତ୍ୱ ଆମମାନଙ୍କ ପାଇଁ ଚିର ଅନୁକରଣୀୟ ହୋଇ ରହିବ । କେବଳ ପ୍ରାଦେଶିକ ସ୍ତରରେ ନୁହେଁ ରାଷ୍ଟ୍ରୀୟ ଓ ଆନ୍ତର୍ଜାତିକ ସ୍ତରରେ ଆପଣ ସ୍ୱୀୟ ପ୍ରତିଭାରେ ପ୍ରତିଭାସିତ ଓ ପ୍ରଭାବଶାଳୀ ।

ଆଜି ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନରେ ଷୋଡ଼ଶ ବାର୍ଷିକ ମହୋତ୍ସବରେ ଆପଣଙ୍କର ଅଶେଷ ଗୁଣାବଳୀ ସ୍ମରଣ ପୂର୍ବକ ୧୯୯୬ ଶ୍ରୀଜଗନ୍ନାଥ ପୁରସ୍କାର ଅର୍ପଣ କରି ପ୍ରତିଷ୍ଠାନ ନିଜକୁ ଗୌରବାନ୍ୱିତ କରୁଛି ।

Digitized by srujanika@gmail.com

ଧରିତ୍ରୀ

ବି-୧୫, ଶିକ୍ଷାଞ୍ଚଳ, ଭୁବନେଶ୍ୱର-୭୫୧୦୧୦

ଷଷ୍ଠ ଜନ୍ମବାର୍ଷିକୀ ସମାରୋହ : ତା୨୪।୧୧।୭୯

ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ରଥ

ସୁଚରିତେଷୁ

ମହାଶୟ !

ଆଧୁନିକ ଓଡ଼ିଆ ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ରମ୍ୟରଚନା କ୍ଷେତ୍ରରେ ଆପଣ ନିଜର ପ୍ରତିଭା, ଦକ୍ଷତା ଓ ନିଷ୍ଠାପର ସାଧନାର ସୁମହତ ପରିଚୟ ଦେଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଯଥେଷ୍ଟ ଅବଦାନ ଦେଇଛନ୍ତି । ବିଶେଷ କରି ରମ୍ୟରଚନା ଓ ଲଳିତ ନିବନ୍ଧ କ୍ଷେତ୍ରରେ ଆପଣଙ୍କର ନୂତନତର ଶୈଳୀ ଓ ଚମତ୍‌କାର ଭାବବ୍ୟଞ୍ଜନାର ସ୍ୱାକ୍ଷାର ସୁସ୍ୱୀକୃତ

ସେଥିଲାଗି 'ଧରିତ୍ରୀ' ପରିବାର ଆପଣଙ୍କୁ ସକୃତଜ୍ଞ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଆପଣଙ୍କର ସାରସ୍ୱତ ସାଧନା ଓ ବ୍ୟକ୍ତିତ୍ୱ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜଣାଉଛି ଏବଂ ଏହି ଅବସରରେ ଆପଣଙ୍କର ଦୀର୍ଘ ଜୀବନ ତଥା ନିରଳସ ସାହିତ୍ୟ ସାଧନା ନିମିତ୍ତ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି

କାଳିନ୍ଦୀ ଚରଣ ପାଣିଗ୍ରାହୀ	**ରାମନାଥ ପଣ୍ଡା**	**ଏମ୍ ଏସ୍ ଡୁଗ୍ଲାଇ**
ସଭାପତି	ସମ୍ପାଦକ	ମୁଖ୍ୟ ଅତିଥି
ସମାଜବାଦୀ ସୋସାଇଟି	'ଧରିତ୍ରୀ'	ଷଷ୍ଠ ଜନ୍ମବାର୍ଷିକୀ ସମାରୋହ

Digitized by srujanika@gmail.com